# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଅଗଷ୍ଟ ୬/୨୦୧୯ (୨୦ ପୃଷ୍ଠା) Sambalpur, Tuesday, August 6 / 2019 ★★

୧୫ଶ ଭାଗ ୨୩୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




**ଲିୟନଙ୍କୁ ୬ ଉଇକେଟ ସଫଳତା**

ଅଫ୍ ସ୍ପିନର ନାଥାନ ଲିୟନଙ୍କ ୬ ଉଇକେଟ ସଫଳତା ବଳରେ ଅଷ୍ଟ୍ରେଲିଆ ପ୍ରଥମ ଆଶେସ ଟେଷ୍ଟରେ ଇଂଲଣ୍ଡକୁ ୨୫୧ ରନରେ ପରାସ୍ତ କରିଛି।

୧୯

୧୫

**'ପଲ୍ ପଲ୍ ଦିଲ୍ କେ ପାସ୍'ର ଟିଜର ରିଲିଜ**

ଅଭିନେତା ସନି ଦେଓଲଙ୍କ ପୁତ୍ର କରନ ଦେଓଲଙ୍କ ଅଭିନୀତ ଫିଲ୍ମ 'ପଲ୍ ପଲ୍ ଦିଲ୍ କେ ପାସ୍'ର ଟିଜର ରିଲିଜ୍ ହୋଇଛି।



# ଅନୁଚ୍ଛେଦ ୩୭୦ ଉଚ୍ଛେଦ

## ଦେଶବ୍ୟାପୀ ବିପୁଳ ସମର୍ଥନ




- ଜମ୍ମୁ-କଶ୍ମୀର ଓ ଲଦାଖ ହେବ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ
- ଉଭୟ କେନ୍ଦ୍ରଶାସିତ ଅଞ୍ଚଳରେ ରହିବେ ଜଣେ ଲେଖାଏ ଉପରାଜ୍ୟପାଳ
- ପୁନର୍ଗଠନ ବିଲ୍ ରାଜ୍ୟ ସଭାରେ ଗୃହୀତ
- ସପକ୍ଷରେ ୧୨୫, ବିପକ୍ଷରେ ୬୧ ଭୋଟ
- ବିଲ୍‌କୁ ବିଜେଡି, ଏଆଇଏଡିଏମ୍‌କେ, ୱାଇଏସ୍‌ଆର୍‌ସିପିର ସମର୍ଥନ
- କକ୍ଷତ୍ୟାଗ କଲା ଜେଡିୟୁ
- କଂଗ୍ରେସ କହିଲା କଳାଦିନ

ଆଇନଶୃଙ୍ଖଳା ନିୟନ୍ତ୍ରଣ ପାଇଁ ଜମ୍ମୁରେ ମୁତୟନ ସୁରକ୍ଷା ବଳ।

**ନୂଆଦିଲ୍ଲୀ,୫।୮ (ପି.ଟି./ଆଇଏଏନ୍ଏସ୍)**

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପ୍ରଦାନ କରୁଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦କୁ କେନ୍ଦ୍ର ସରକାର ସୋମବାର ଉଚ୍ଛେଦ କରିଛନ୍ତି। ଏହାସହ ଜମ୍ମୁ-କଶ୍ମୀର ପାଇଁ ଥିବା ସ୍ୱତନ୍ତ୍ର ସମ୍ବିଧାନ ଏବଂ ଅନୁଚ୍ଛେଦ ୩୫ଏ ସମେତ ଅନ୍ୟ ସମସ୍ତ ନିୟମ ସ୍ୱତଃ ଉଚ୍ଛେଦ ହୋଇଯାଇଛି। ସେହିପରି ଜମ୍ମୁ-କଶ୍ମୀରଠାରୁ ଲଦାଖ୍‌କୁ ଅଲଗା କରି ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳ ପ୍ରତିଷ୍ଠା କରାଯିବାକୁ ପ୍ରସ୍ତାବ ରହିଛି। ତଦନୁଯାୟୀ ଜମ୍ମୁ-କଶ୍ମୀର ଓ ଲଦାଖ ପାଇଁ ଜଣେ ଲେଖାଏ ଉପରାଜ୍ୟପାଳ (ଲ୍ୟୁଟ୍‌ନାଣ୍ଟ ଜେନେରାଲ) ରହିବେ। ଏନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ରାଜ୍ୟ ସଭାରେ ଆଗତ କରିଥିବା ପ୍ରସ୍ତାବ ବହୁମତରେ ଗୃହୀତ ହୋଇଛି। ବିଲ୍ ସପକ୍ଷରେ ୧୨୫ ଭୋଟ ପଡ଼ିଥିବାବେଳେ ବିପକ୍ଷରେ ଯାଇଛି ମାତ୍ର ୬୧ ଖଣ୍ଡ। ଏହାସହ ଭାରତର ଆତ୍ମାକୁ ଥରାଇଦେଇଥିବା ଦୀର୍ଘ ୭୨ ବର୍ଷ ପୁରୁଣା ସମସ୍ୟାର ସମାଧାନ ହୋଇଛି। ଏହି ଐତିହାସିକ ପଦକ୍ଷେପକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ ଦ୍ୱିତୀୟ ପାଳି ଶାସନରେ ସବୁଠୁ ଦୁଃସାହସିକ ବୋଲି କୁହାଯାଉଛି। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏର ଅଂଶୀଦାର ଦଳଗୁଡ଼ିକ ଏହାକୁ ସ୍ୱାଗତ କରି ଉତ୍ସବ ମନାଉଥିବାବେଳେ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ନିନ୍ଦା କରିଛନ୍ତି।

ଜମ୍ମୁ-କଶ୍ମୀରକୁ ସପ୍ତାହେ ମଧ୍ୟରେ ୩୮ ହଜାର ଯବାନଙ୍କୁ ପଠାଯିବା ପରେ କ'ଣ ହେବ। ନିଶ୍ଚିତ ଭାବେ କିଛି ଗୋଟିଏ ବଡ଼ ନିଷ୍ପତ୍ତି ନିଆଯିବ ବୋଲି ସାରା ଦେଶରେ କଳ୍ପନାଜଳ୍ପନା ପ୍ରକାଶ ପାଇଥିବାବେଳେ ଉପତ୍ୟକାବାସୀ ଆଶଙ୍କା ଓ ଅନିଶ୍ଚିତତା ମଧ୍ୟରେ ରହିଥିଲେ। ସମୟ ଯେତିକି ଗଡ଼ିବାରେ ଲାଗିଥିଲା ଉତ୍କଣ୍ଠା ସେତିକି ବଢ଼ିଚାଲିଥାଏ। ଅନୁଚ୍ଛେଦ ୩୭୦ ଏବଂ ୩୫ଏ ଉଚ୍ଛେଦ କରାଯିବା ଆଶଙ୍କାରେ ରବିବାର ବିଳମ୍ବିତ ରାତିରେ ଶ୍ରୀନଗରରେ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ନେତା ଓମାର ଅବ୍ଦୁଲ୍ଲା ଓ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ଅଧ୍ୟକ୍ଷା ମେହବୁବା ମୁଫ୍‌ତି ସର୍ବଦଳୀୟ ବୈଠକରେ ଏହାକୁ ବିରୋଧ କରିଥିଲେ। କିଛି ସମୟ ପରେ ଉଭୟଙ୍କ ସହ କେତେଜଣ ନେତାଙ୍କୁ ଗୃହବନ୍ଦୀ କରାଯାଇଥିଲା। ଏହାସହ ରାଜଭବନରେ ରାଜ୍ୟପାଳ ସତ୍ୟପାଲ ମଲିକ୍ ଏକ ଜରୁରୀ ବୈଠକ ଡାକିଥିଲେ, ଯାହାକି ଦୀର୍ଘ ସମୟ ଧରି ଚାଲିଥିଲା। ସୋମବାର ପୂର୍ବାହ୍ନ ୯ଟା ୩୦ରେ ନୂଆଦିଲ୍ଲୀର ୭ ଲୋକ କଲ୍ୟାଣ ମାର୍ଗସ୍ଥିତ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ କମିଟି (ସିସିଏସ୍) ବସିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ଉପସ୍ଥିତ ରହି ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ପରେ ଶାହ ରାଜ୍ୟ ସଭାରେ ଏ ସମ୍ପର୍କିତ ସଂକଳ୍ପନାମା ଆଗତ କରିଥିଲେ। ସେ କହିଥିଲେ, ପାର୍ଲାମେଣ୍ଟର ସୁପାରିସ ଅନୁସାରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରିଛନ୍ତି। ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶନାମା ଅନୁସାରେ ୩୭୦ର ସମସ୍ତ ଧାରା ଅକାମୀ ବା ଉଚ୍ଛେଦ ହୋଇଛି। ସେହିପରି ଶାହ ଜମ୍ମୁ-କଶ୍ମୀର ଓ ଲଦାଖକୁ ଦୁଇଭାଗ କରିବା ପାଇଁ ଅନ୍ୟ ଏକ ବିଲ୍ ଆଗତ କରିଥିଲେ। ଜମ୍ମୁ ଓ କଶ୍ମୀର ପୁନର୍ଗଠନ ବିଲ୍, ୨୦୧୯ ଆଗତ ☞ ପୃଷ୍ଠା-୪

## ରାଷ୍ଟ୍ରପତିଙ୍କ ଅଧିସୂଚନା

## ଲାଗୁ ହେଲା ଭାରତର ସମ୍ବିଧାନ

ନୂଆଦିଲ୍ଲୀ,୫।୮ (ପି.ଟି./ଆଇଏଏନ୍ଏସ୍): ରାଷ୍ଟ୍ରପତି ରାମନାଥ କୋବିନ୍ଦ ସୋମବାର ଜମ୍ମୁ-କଶ୍ମୀର ସରକାର ସମ୍ପର୍କିତ ସମ୍ବିଧାନ (ଜମ୍ମୁ-କଶ୍ମୀରରେ ଲାଗୁ) ନିର୍ଦ୍ଦେଶନାମା, ୨୦୧୯ ଜାରି କରିଛନ୍ତି। ଭାରତୀୟ ସମ୍ବିଧାନ ଏହି ରାଜ୍ୟରେ ଲାଗୁ ହେବ ବୋଲି ଏଥିରେ ଉଲ୍ଲେଖ ରହିଛି। ସଦ୍ୟ ଅଧିସୂଚନା ତତ୍କାଳ ରାଜ୍ୟର ସମ୍ବିଧାନ (ଜମ୍ମୁ-କଶ୍ମୀରରେ ଲାଗୁ) ନିର୍ଦ୍ଦେଶନାମା, ୧୯୫୪ର ସ୍ଥାନ ନେବ। ଭାରତୀୟ ସମ୍ବିଧାନର ସମସ୍ତ ନିୟମ ଜମ୍ମୁ-କଶ୍ମୀର ପାଇଁ ପ୍ରଯୁଜ୍ୟ ହେବ। ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ, ରାଷ୍ଟ୍ରପତି ସମ୍ବିଧାନ ଅନୁଚ୍ଛେଦ ୩୬୭ରେ ଧାରା ୪ ଯୋଡ଼ିଛନ୍ତି, ଯେଉଁଥିରେ ୪ଟି ପରିବର୍ତ୍ତନ କରାଯାଇଛି। ଏଥିରେ କୁହାଯାଇଛି ଯେ, ସମ୍ବିଧାନ କିମ୍ବା ଏହାର ନିୟମଗୁଡ଼ିକର ନିର୍ଦ୍ଦେଶକୁ ଉକ୍ତ ରାଜ୍ୟ ସମ୍ପର୍କିତ ସମ୍ବିଧାନ ଓ ତା'ର ନିୟମଗୁଡ଼ିକୁ ଲାଗୁ କରିବାର ନିର୍ଦ୍ଦେଶ ଭାବେ ବିବେଚନା କରାଯିବ। ଯେଉଁ ବ୍ୟକ୍ତିଙ୍କୁ ରାଜ୍ୟ ବିଧାନସଭାର ସୁପାରିସ ଉପରେ ରାଷ୍ଟ୍ରପତିଙ୍କ ଦ୍ୱାରା ଜମ୍ମୁ ଓ କଶ୍ମୀରର ସଦର-ଇ-ରିୟାସତ (ଯିଏକି କ୍ଷମତାସୀନ ରାଜ୍ୟ ମନ୍ତ୍ରୀ ପରିଷଦର ପରାମର୍ଶରେ କାର୍ଯ୍ୟ କରୁଛନ୍ତି) ରୂପେ ମାନ୍ୟତା ଦିଆଯାଇଛି, ତାଙ୍କ ପାଇଁ ନିର୍ଦ୍ଦେଶଗୁଡ଼ିକୁ ଜମ୍ମୁ-କଶ୍ମୀରର ରାଜ୍ୟପାଳଙ୍କ ପାଇଁ ନିର୍ଦ୍ଦେଶନାମା ଭାବେ ପରିଗଣିତ ହେବ। ରାଜ୍ୟପାଳଙ୍କ ନିର୍ଦ୍ଦେଶଗୁଡ଼ିକ ମନ୍ତ୍ରୀ ପରିଷଦର ପରାମର୍ଶ ଅନୁସାରେ ଦିଆଯାଇଥିବା ବିବେଚନା କରାଯିବ। ସମ୍ବିଧାନ ଅନୁଚ୍ଛେଦ ୩୭୦ର ଧାରା (୩) ଅନୁସାରେ ରାଜ୍ୟର 'ସମ୍ବିଧାନ ପ୍ରଣୟନ ସଭା'କୁ ଧାରା (୨) ଅନୁଯାୟୀ ରାଜ୍ୟ ବିଧାନସଭା ଭାବେ ବିବେଚନା କରାଯିବ।

### ଆଜିର ସମ୍ପାଦକୀୟ

**୩୭୦ ଉଚ୍ଛେଦ ସ୍ୱାଗତଯୋଗ୍ୟ**

### ଆଜିର ମନ୍ତବ୍ୟ

" ଜମ୍ମୁ-କଶ୍ମୀର ଏକ ବିବାଦୀୟ ଭୂଖଣ୍ଡ ବୋଲି ଅନ୍ତର୍ଜାତୀୟ ସ୍ୱୀକୃତି ପାଇଥିବାରୁ ଭାରତର ବେଆଇନ ପଦକ୍ଷେପକୁ ବିରୋଧ କରିବ ପାକିସ୍ତାନ।

**-ଶାହ ମେହମୁଦ୍ କ୍ୟୁରେଶୀ, ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ**

### କିଛି ତଥ୍ୟ

ଦେଶର ବାଣିଜ୍ୟ କାର୍ଯ୍ୟକଳାପ ସୂଚୀ ଜୁନ୍‌ରେ ୪୯.୬% ଥିବା ବେଳେ ଏହା ଜୁଲାଇରେ ୫୩.୮%କୁ ବୃଦ୍ଧି ଘଟିଛି।

**- ଆଇଏଚ୍‌ଏସ୍ ମାର୍କିଟ୍**






NECC NATIONAL EGG CO-ORDINATION COMMITTEE 05.08.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 65 | 113 | 123 |
| CTC | 65 | 113 | 123 |
| DKL | 62 | 109 | 119 |
| BDK | 65 | 113 | 123 |
| BLS | 66 | 114 | 124 |
| ANG | 64 | 111 | 121 |
| BHM | 62 | 109 | 119 |

*Conditions Apply

Eggs Retail Price- 42/-Dozen

Issued in the Interest of Consumers

## ରାଜ୍ୟରେ ଶିଳ୍ପ ବନ୍ଦର ପ୍ରଭାବ

# ୮ ବର୍ଷରେ ୯୩୯୦ଜଣ ଚାକିରି ହରାଇଛନ୍ତି

**ଭୁବନେଶ୍ୱର,୫।୮ (ବ୍ୟୁରୋ)**

ରାଜ୍ୟର ଅନ୍ୟୂନ ୧୭ ଶିଳ୍ପ ୨୦୧୦ରୁ ୨୦୧୮ ମଧ୍ୟରେ ବନ୍ଦ ହୋଇଯିବା କାରଣରୁ ପ୍ରାୟ ୯,୩୯୦ ଲୋକ ଚାକିରି ହରାଇଥିବା ଜଣାପଡ଼ିଛି। ରାଜ୍ୟ ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ବିଧାନସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତର ଜରିଆରେ ଏହା ଦର୍ଶାଇଛନ୍ତି। ସେ ସୂଚନା ଦେଇଛନ୍ତି ଯେ, ଲାଞ୍ଜିଗଡ଼ ଅଞ୍ଚଳରେ ଥିବା ବେଦାନ୍ତ ୟୁନିଟ୍ ବନ୍ଦହେବା କାରଣରୁ ସବୁଠାରୁ ଅଧିକ ୩,୩୫୦ କର୍ମଚାରୀ ପ୍ରଭାବିତ ହୋଇଛନ୍ତି। ଏହି ୟୁନିଟ୍ ୨୦୧୩ ଜୁନ୍‌ରେ ବନ୍ଦ ହୋଇଥିଲା। ସେହିପରି ଓଡ଼ିଶା ସ୍ପଞ୍ଜ ଆଇରନ ଲିମିଟେଡ୍ ୨୦୧୨ରେ କଞ୍ଚାମାଲ ଅଭାବ ଏବଂ ସର୍ବନିମ୍ନ ବଜାର ଦର କାରଣରୁ ବନ୍ଦ ହୋଇଥିଲା। ଏଥିରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ମଧ୍ୟରୁ ୯୬୪ ଜଣ ଚାକିରି ହରାଇଥିଲେ। ରଘୁନାଥ ପେପର ମିଲ୍ ବନ୍ଦ ହେବାପରେ ୯୬୪ ଜଣ, ମାହେଶ୍ୱରୀ ଇସ୍ପାତ ଲିମିଟେଡ୍ ବନ୍ଦ ହେବାରୁ ୮୦୦ ଲୋକ ଏବଂ ଜର୍ଜ ଡିଷ୍ଟ୍ରିବ୍ୟୁଟର ବନ୍ଦ ହେବା ଫଳରେ ୫୦୦ କର୍ମଚାରୀ ଚାକିରି ହରାଇଛନ୍ତି। ଅନୁରୂପଭାବେ ଆଉ କେତୋଟି ବଡ଼ ଶିଳ୍ପ ଗତ ୧୮ ବର୍ଷ ମଧ୍ୟରେ ବନ୍ଦ ହୋଇଯାଇଛି। ଆଇଆରସି ଟ୍ୟୁବ୍ସ ବନ୍ଦ ହେବାରୁ ୪୨୭ କର୍ମଚାରୀ, ଜେନ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ ବନ୍ଦ ଯୋଗୁ ୨୮୬, ଡୀପକ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ ବନ୍ଦ ହେବାରୁ ୪୬୯, ଶିବଶକ୍ତି ସ୍ପଞ୍ଜ ଆଇରନ ଲିମିଟେଡ ବନ୍ଦ ପରେ ୧୧୦ କର୍ମଚାରୀ, ପୱନଜୟ ସ୍ପଞ୍ଜ ଆଇରନ ଲିମିଟେଡ ବନ୍ଦ ଫଳରେ ୧୧୯ ଏବଂ ଗଣେଶ ସ୍ପଞ୍ଜ ଆଇରନ ଲିମିଟେଡ ବନ୍ଦ ହେବାପରେ ୧୧୦ କର୍ମଚାରୀ ଚାକିରି ହରାଇଥିବା ମନ୍ତ୍ରୀ ମିଶ୍ର ସୂଚନା ଦେଇଛନ୍ତି।

# ତିନିଦିନ ଯାଏ ବର୍ଷା

**ଭୁବନେଶ୍ୱର, ୫।୮ (ବ୍ୟୁରୋ)**

ରାଜ୍ୟରେ ଆସନ୍ତା ୬ରୁ ୮ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ଜିଲାରେ ବର୍ଷା ଲାଗି ରହିବ। ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଆଶଙ୍କା କରିଛି। ୬ ଓ ୭ ତାରିଖରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କନ୍ଧମାଳ, କଳାହାଣ୍ଡି, ରାୟଗଡ଼ା, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ଯାଜପୁର, ଗଜପତି ଓ ଗଞ୍ଜାମ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ୮ତାରିଖ ପର୍ଯ୍ୟନ୍ତ ପଶ୍ଚିମ ଓଡ଼ିଶାରେ ବର୍ଷା ଲାଗି ରହିବ। ତେବେ ଏହାପରେ ପାଗରେ ସାମାନ୍ୟ ପରିବର୍ତ୍ତନ ଆସିବ। ବର୍ଷା କମିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।




ଧରିତ୍ରୀ
DHARITRI
ମଙ୍ଗଳବାର ୬ ଅଗଷ୍ଟ ,୨୦୧୯



ଯଦି ୩୭୦ ଧାରା ଉଚ୍ଛେଦ ଜମ୍ମୁ-କଶ୍ମୀରରେ ଶାନ୍ତି ଆଣିପାରିବ, ତେବେ କେନ୍ଦ୍ରର ନିଷ୍ପତ୍ତି ଠିକ୍। ଏହି ସମସ୍ୟାର ସ୍ଥାୟୀ ସମାଧାନ କରାଯିବା ଜରୁରୀ।

-ଏଚ୍.ଡି. କୁମାରସ୍ୱାମୀ, ଜେଡିଏସ୍ ନେତା





ଜମ୍ମୁରେ ସୋମବାର ବର୍ଷା ହେଉଥିବାବେଳେ ନିଜ ପିଲାକୁ ଧରି ସୁରକ୍ଷା କର୍ମୀଙ୍କୁ ଅତିକ୍ରମ କରିଯାଉଛନ୍ତି ଜଣେ ମହିଳା।



ଜମ୍ମୁରେ ରାତ୍ରକାଳୀନ କର୍ଫ୍ୟୁ ବେଳେ ରଘୁନାଥ ବଜାରରେ ଜଣେ ସିଆର୍‌ପିଏଫ୍ ଯବାନ ଜଗି ରହିଛନ୍ତି।

## ଆଉ ୮ ହଜାର ଯବାନ ଗଲେ

ନୂଆଦିଲ୍ଲୀ,୫।୮

ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ଘୋଷଣା ହେବା ପରେ ସେଠାକୁ ପୁଣି ୮ ହଜାର ଅର୍ଦ୍ଧସାମରିକ ଯବାନ ପ୍ରେରଣ କରାଯାଇଛି। ଦେଶର ବିଭିନ୍ନ ସ୍ଥାନରୁ ସେମାନଙ୍କୁ ବିମାନ ଯୋଗେ ଉପତ୍ୟକାକୁ ପଠାଇ ଦିଆଯାଇଛି। ବାୟୁସେନାର ସି-୧୭ ପରିବହନ ବିମାନକୁ ଏଥିପାଇଁ ନିୟୋଜିତ କରାଯାଇଛି। ଏମାନଙ୍କୁ ମିଶାଇ ସପ୍ତାହକ ମଧ୍ୟରେ ଜମ୍ମୁ-କଶ୍ମୀରକୁ ୪୬ ହଜାର ଅତିରିକ୍ତ ସେନା ପ୍ରେରଣ କରାଗଲାଣି। ସେଠାରେ ମହଜୁଦ୍ ଥିବା ସବୁ ବାହିନୀର ଯବାନମାନଙ୍କୁ ହାଇ ଆଲର୍ଟରେ ରଖାଯାଇଛି ଏବଂ ଆବଶ୍ୟକ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି। ଅମରନାଥ ଯାତ୍ରା ବାତିଲ ହେବା ପରେ ହଜାର ହଜାର ତୀର୍ଥଯାତ୍ରୀ ଓ ପର୍ଯ୍ୟଟକ ଫେରିବାରେ ଲାଗିଛନ୍ତି। ଆତଙ୍କବାଦୀ ଆକ୍ରମଣ ସମ୍ଭାବନା ଥିବାରୁ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଥିଲା।

## ଜମ୍ମୁ-କଶ୍ମୀର ହେବ ସର୍ବବୃହତ୍ କେନ୍ଦ୍ରଶାସିତ ଅଞ୍ଚଳ

ନୂଆଦିଲ୍ଲୀ,୫।୮(ପି.ଟି.)

କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରକୁ ଦୁଇ ଭାଗ କରିବା ସହ ୩୭୦ ଧାରା ଉଚ୍ଛେଦ କରିଛନ୍ତି। ଜମ୍ମୁ-କଶ୍ମୀର ଓ ଲଦାଖ୍‌କୁ ଅଲଗା କରାଯାଇ ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳରେ ପରିଣତ କରାଯାଇଛି। ଏଥିସହ ଜମ୍ମୁ-କଶ୍ମୀର ଭାରତର ସବୁଠାରୁ ବଡ଼ କେନ୍ଦ୍ରଶାସିତ ଅଞ୍ଚଳ ହୋଇଛି। ଭୂଖଣ୍ଡ ଦୃଷ୍ଟିରୁ ଜମ୍ମୁ-କଶ୍ମୀର ଦେଶର ବୃହତ୍ କେନ୍ଦ୍ର ଶାସିତ ଅଞ୍ଚଳ ହେବାର ମାନ୍ୟତା ପାଇଛି। ଲଦାଖ୍ ଦେଶର ଦ୍ୱିତୀୟ ବୃହତମ କେନ୍ଦ୍ର ଶାସିତ ଅଞ୍ଚଳର ମାନ୍ୟତା ହାସଲ କରିଛି। ବହୁଦିନ ଧରି ଲଦାଖ୍‌ବାସୀ କେନ୍ଦ୍ରଶାସିତ ଅଞ୍ଚଳର ମାନ୍ୟତା ଲାଗି ଦାବିକରି ଆସୁଥିଲେ। ଏବେ ଏହି ଦୁଇ କେନ୍ଦ୍ର ଶାସିତ ଅଞ୍ଚଳକୁ ମିଶାଇ ଭାରତର ମୋଟ କେନ୍ଦ୍ର ଶାସିତ ଅଞ୍ଚଳ ସଂଖ୍ୟା ୯କୁ ବୃଦ୍ଧିପାଇଛି। ଦିଲ୍ଲୀ, ପୁଡୁଚେରି, ଡିଉ ଓ ଡାମନ୍, ଦାଦ୍ରା ଓ ନଗର ହାବେଳି, ଚଣ୍ଡିଗଡ଼, ଲାକ୍ଷାଦ୍ୱୀପ, ଆଣ୍ଡାମାନ ଓ ନିକୋବର ଦୀପପୁଞ୍ଜ। ସମ୍ପ୍ରତି ଦିଲ୍ଲୀ ଓ ପୁଡୁଚେରୀରେ ବିଧାନସଭା ରହିଥିବାବେଳେ ଜମ୍ମୁ-କଶ୍ମୀରର ବିଧାନସଭା ରହିବ।

■ ୩୭୦ ଉଚ୍ଛେଦ, ଜମ୍ମୁ-କଶ୍ମୀରରୁ ଲଦାଖ ପୃଥକ୍

# ମୋଦିଙ୍କ ମିଶନ ସଫଳ କରାଇଲେ ଶାହ

ନୂଆଦିଲ୍ଲୀ,୫।୮

ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ହଟାଇବା ସହ ଏହାକୁ ଦୁଇଭାଗ କରିବା ଲାଗି ଜୁନ୍ ତୃତୀୟ ସପ୍ତାହରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅବଗଣନା ଆରମ୍ଭ କରିଥିଲେ। ଏଥିପାଇଁ ସେ ପିଏମ୍‌ଓରେ ଯୁଗ୍ମ ସଚିବ ଥିବା ୧୯୮୭ ବ୍ୟାଚ୍‌ର ଛତିଶଗଡ କ୍ୟାଡର ଆଇଏଏସ୍ ଅଫିସର ବି.ଭି.ଆର୍. ସୁବ୍ରମଣ୍ୟମଙ୍କୁ ଜମ୍ମୁ-କଶ୍ମୀରର ନୂଆ ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତି ଦେଇଥିଲେ। ସମ୍ପୂର୍ଣ୍ଣ କଶ୍ମୀର ମିଶନର ଦାୟିତ୍ୱ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କୁ ଦିଆଯାଇଥିବାବେଳେ ଏହାର ଆଇନଗତ କାର୍ଯ୍ୟକାରିତା ଦିଗ ଉପରେ ସମୀକ୍ଷା ଦାୟିତ୍ୱ ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦ ଓ ତାଙ୍କର ଏକ କୋର୍ ଟିମ୍‌କୁ ଦିଆଯାଇଥିଲା।

ପାର୍ଲାମେଣ୍ଟର ବଜେଟ ଅଧିବେଶନ ଆରମ୍ଭ ପୂର୍ବରୁ ଶାହ ଅନୁଚ୍ଛେଦ ୩୭୦ ଉଚ୍ଛେଦ ଓ ଜମ୍ମୁ-କଶ୍ମୀରକୁ ଦୁଇଭାଗ କରିବା ନେଇ କେନ୍ଦ୍ରର ସଂକଳ୍ପ ସମ୍ପର୍କରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ) ମୁଖ୍ୟ ମୋହନ ଭାଗବତଙ୍କୁ ଅବଗତ କରାଇଥିଲେ। ଆଇନଗତ ପରାମର୍ଶ ପରେ ଶାହ ଉପତ୍ୟକାରେ ଆଇନ ଶୃଙ୍ଖଳା ପରିସ୍ଥିତି ଦାୟିତ୍ୱ ନେଇ ଜାତୀୟ ସୁରକ୍ଷା ପରାମର୍ଶଦାତା(ଏନ୍‌ଏସ୍‌ଏ) ଅଜିତ ଡୋଭାଲଙ୍କ ସହ ଦୁଇଥର ବୈଠକ କରିଥିଲେ। ଡୋଭାଲଙ୍କୁ ଶ୍ରୀନଗରରେ ୩ ଦିନ ରହି ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଥିଲେ। ଶେଷରେ ଜୁଲାଇ ୨୬ରେ ଅମରନାଥ ଯାତ୍ରା ବାତିଲ କରିବାକୁ ନିଷ୍ପତ୍ତି ନିଆଗଲା ଏବଂ ଉପତ୍ୟକାରୁ ତୀର୍ଥଯାତ୍ରୀ ଓ ପର୍ଯ୍ୟଟକମାନଙ୍କୁ ତୁରନ୍ତ ଫେରିଯିବା ପାଇଁ ଆଡଭାଇଜରି ଜାରି କରାଗଲା। ଏଥିସହିତ ସମ୍ଭାବ୍ୟ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଅତିରିକ୍ତ ୧୦୦ କମ୍ପାନୀ ଯବାନ ଜମ୍ମୁ-କଶ୍ମୀର ପଠାଗଲା।

ଗ୍ରାଉଣ୍ଡ ଜିରୋରେ ବିଭିନ୍ନ ସୁରକ୍ଷା ପଦକ୍ଷେପ ସମ୍ପର୍କିତ ବ୍ଲୁ-ପ୍ରିଣ୍ଟ ଜମ୍ମୁ-କଶ୍ମୀର ମୁଖ୍ୟ ଶାସନ ସଚିବଙ୍କୁ ଦିଆଯାଇଥିଲା। ସେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସହ ବରାବର ସମ୍ପର୍କରେ ରହିଥିଲେ। ୧୧ ଦିନ ପୂର୍ବରୁ ଜମ୍ମୁ-କଶ୍ମୀରର ଅଧିକାରୀମାନଙ୍କୁ ଅଗଷ୍ଟ ୫ ଡେଡ୍‌ଲାଇନ୍ ଦିଆଯାଇଥିଲା। ସେହି ଅନୁଯାୟୀ ରବିବାର ସନ୍ଧ୍ୟା ସୁଦ୍ଧା ୪୩ ହଜାର ଅର୍ଦ୍ଧସାମରିକ ବାହିନୀ ରାଜ୍ୟର ବିଭିନ୍ନ ସ୍ଥାନରେ ମୁତୟନ ହୋଇଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କାରେ ଅତିରିକ୍ତ ୬୦ ଜଣ ଅତିରିକ୍ତ ସ୍ୱତନ୍ତ୍ର ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟଙ୍କୁ ନିୟୋଜିତ କରାଯାଇଥିଲା ଏବଂ ରବିବାର ରାତିରୁ ମୋବାଇଲ ଓ ବ୍ରଡ୍‌ବ୍ୟାଣ୍ଡ୍ ସେବା ବନ୍ଦ କରିଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ଗିରଫ ବ୍ୟକ୍ତିମାନଙ୍କୁ ରଖିବା ପାଇଁ ୬ଟି ଅସ୍ଥାୟୀ ଜେଲ୍‌ର ବ୍ୟବସ୍ଥା କରାଯାଇଥିଲା।

ସେପଟେ ରାଜ୍ୟ ସଭାରେ ସମର୍ଥନ ଯୋଗାଡ଼ କରିବା ଦାୟିତ୍ୱ ଶାହ ଏମ୍‌ପି ଅନିଲ୍ ବାଲୁନି ଓ ଭୂପେନ୍ଦ୍ର ଯାଦବଙ୍କୁ ଦେଇଥିଲେ। ଏହି ଟିମ୍ ଟିଡିପି ସଦସ୍ୟଙ୍କ ମଧ୍ୟରେ ଦଳବଦଳ କରାଇବା ସହ ସମାଜବାଦୀ ପାର୍ଟି ଏମ୍‌ପି ନୀରଜ ଶେଖର, ସୁରେନ୍ଦ୍ର ନାଗର, ସଞ୍ଜୟ ସେଠ୍ ଏବଂ କଂଗ୍ରେସ ଏମ୍‌ପି ସଞ୍ଜୟ ସିଂଙ୍କୁ ରାଜ୍ୟ ସଭାରୁ ଇସ୍ତଫା ଦେବାର ବ୍ୟବସ୍ଥା କରାଇଥିଲେ। ଏଥିସହିତ ଅନୁଚ୍ଛେଦ ୩୭୦ ଉଚ୍ଛେଦ ଓ ରାଜ୍ୟ ବିଭାଜନ ପ୍ରସ୍ତାବକୁ ସମର୍ଥନ ଜଣାଇବା ପାଇଁ ବିଏସ୍‌ପି ନେତା ସତୀଶ ମିଶ୍ରଙ୍କୁ ଉକ୍ତ ଟିମ୍ ରାଜି କରାଇଥିଲା।



- ■ ଲୋକ ସଭା ଅଧିବେଶନ ପୂର୍ବରୁ କେନ୍ଦ୍ରର ନିଷ୍ପତ୍ତି ଆର୍‌ଏସ୍‌ଏସକୁ ଜଣାଇଥିଲେ ଶାହ
- ■ ଗ୍ରାଉଣ୍ଡ ଜିରୋରେ ସୁରକ୍ଷା ପଦକ୍ଷେପ ସମ୍ପର୍କିତ ବ୍ଲୁ-ପ୍ରିଣ୍ଟ ଜମ୍ମୁ-କଶ୍ମୀର ମୁଖ୍ୟ ଶାସନ ସଚିବଙ୍କୁ ଦିଆଯାଇଥିଲା
- ■ ରାଜ୍ୟ ସଭାରେ ସଂଖ୍ୟା ଯୋଗାଡ଼ ଦାୟିତ୍ୱ ନେଇଥିଲେ ଏମ୍‌ପି ଅନିଲ୍ ବାଲୁନି ଓ ଭୂପେନ୍ଦ୍ର ଯାଦବ
- ■ ଅସ୍ଥାୟୀ ଜେଲ୍ ଓ ମୋବାଇଲ କୋର୍ଟ ବ୍ୟବସ୍ଥା କରାଯାଇଥିଲା।

## ସୁରକ୍ଷା ବଳକୁ ଆଲର୍ଟ ରଖିବାକୁ ରାଜ୍ୟଗୁଡ଼ିକୁ ପରାମର୍ଶ

ନୂଆଦିଲ୍ଲୀ,୫।୮(ପି.ଟି.): ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ପରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ଥିବାରୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡିକୁ ସେମାନଙ୍କ ସୁରକ୍ଷା ବଳକୁ ସର୍ବାଧିକ ଆଲର୍ଟରେ ରଖିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି। ବିଭିନ୍ନ ରାଜ୍ୟରେ ରହୁଥିବା ଜମ୍ମୁ-କଶ୍ମୀର ବାସିନ୍ଦା ତଥା ଛାତ୍ରୀଛାତ୍ରମାନଙ୍କ ସୁରକ୍ଷା ପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ରାଜ୍ୟ ସରକାରମାନଙ୍କୁ କେନ୍ଦ୍ର ପରାମର୍ଶ ଦେଇଛି। ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ାଇବା ପାଇଁ ରାଜ୍ୟ ସରକାର ନେଉଥିବା ପଦକ୍ଷେପ ସମ୍ପର୍କରେ ପର୍ଯ୍ୟାପ୍ତ ପ୍ରଚାର କରିବା ଏବଂ ଶାନ୍ତି ଯେପରି ଭଙ୍ଗ ନ ହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ କୁହାଯାଇଛି। ସୋସିଆଲ ମିଡିଆରେ ଯେପରି ମିଥ୍ୟା ଖବର ଓ ଗୁଜବ ପ୍ରଚାର ନ ହୁଏ ସେଥିପ୍ରତି ଆଇନଶୃଙ୍ଖଳା ପ୍ରବର୍ତ୍ତନକାରୀ ସଂସ୍ଥାଗୁଡିକ ସତର୍କ ରହିବା ଲାଗି କୁହାଯାଇଛି।

## ବୁଧବାର ରାଷ୍ଟ୍ରକୁ ସମ୍ବୋଧିତ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୫।୮: ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ନେଇ କେନ୍ଦ୍ର ସରକାର ନେଇଥିବା ଐତିହାସିକ ନିଷ୍ପତ୍ତି ସମ୍ପର୍କରେ ପ୍ରଧାନମନ୍ତ୍ରୀ ଆସନ୍ତା ବୁଧବାର ରାଷ୍ଟ୍ରକୁ ସମ୍ବୋଧିତ କରିପାରନ୍ତି। ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିବା ଏହି ବିବାଦୀୟ ଅନୁଚ୍ଛେଦ ଉଚ୍ଛେଦ ଲାଗି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ସୋମବାର ରାଜ୍ୟ ସଭାରେ ସଂକଳ୍ପନାକମା ଏବଂ ରାଜ୍ୟ ପୁନର୍ଗଠନ ବିଧେୟକ ଆଗତ କରିଥିଲେ। ଅନୁଚ୍ଛେଦ ୩୭୦ ଏବଂ ୩୫ଏ ଉଚ୍ଛେଦ ସମ୍ପର୍କିତ ଗେଜେଟ ବିଜ୍ଞପ୍ତିରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସ୍ୱାକ୍ଷର କରିଛନ୍ତି। ସୂଚନାଯୋଗ୍ୟ, ଅନୁଚ୍ଛେଦ ୩୭୦ ଉଚ୍ଛେଦ ଭାଜପାର ନିର୍ବାଚନୀ ପ୍ରତିଶ୍ରୁତି ଥିଲା।

## ରାଜନେତାଙ୍କ ପ୍ରତିକ୍ରିୟା



"ଭାରତ ସରକାରଙ୍କ ନିଷ୍ପତ୍ତି ଜମ୍ମୁ-କଶ୍ମୀରବାସୀଙ୍କ ବିଶ୍ୱାସ ଉପରେ କୁଠାରାଘାତ କରିଛି। ନିଆଯାଇଥିବା ନିଷ୍ପତ୍ତି ସମ୍ପୂର୍ଣ୍ଣ ଏକପାଖିଆ ଓ ଆଘାତପୂର୍ଣ୍ଣ । ରାଜ୍ୟରୁ ୩୭୦ ଧାରା ହଟାଯିବାର ପରିଣାମ ଅତ୍ୟନ୍ତ ଭୟଙ୍କର ହେବ। ଏନେଇ ସର୍ବଦଳୀୟ ବୈଠକରେ ଚେତାବନୀ ଦିଆଯାଇଥିଲା।

–ଓମାର ଅବ୍‌ଦୁଲ୍ଲା, ଏନ୍‌ସି ଉପାଧ୍ୟକ୍ଷ



"ଭାରତ ସରକାରଙ୍କ ଉଦ୍ଦେଶ୍ୟ ସ୍ପଷ୍ଟ ଓ ଭୟଙ୍କର। ଭାରତର ଏକମାତ୍ର ମୁସଲମାନ ବହୁଳ ରାଜ୍ୟରେ ଗଣତନ୍ତ୍ରକୁ ପରିବର୍ତ୍ତନ କରିବାକୁ ଚେଷ୍ଟା କରାଯାଉଛି। ମୁସଲମାନଙ୍କୁ ଶକ୍ତିହୀନ କରି ଦ୍ୱିତୀୟ ନାଗରିକ ଭାବେ ନିଜ ରାଜ୍ୟରେ ରଖିବା ଉଦ୍ଦେଶ୍ୟ। ଏହା ବେଆଇନ ଓ ଅସାମ୍ବିଧାନିକ। ଭାରତୀୟ ଗଣତନ୍ତ୍ର ଲାଗି ଆଜି ସବୁଠାରୁ କଳାଦିବସ।

–ମେହବୁବା ମୁଫ୍‌ତି, ପିଡିପି ନେତ୍ରୀ



"ଜମ୍ମୁ-କଶ୍ମୀରକୁ ନେଇ କେନ୍ଦ୍ର ସରକାର ନେଇଥିବା ନିଷ୍ପତ୍ତିକୁ ଆମେ ସ୍ୱାଗତ କରୁଛୁ। ଏହା ରାଜ୍ୟରେ ଶାନ୍ତି ଓ ବିକାଶ ଆଣିବାରେ ସହାୟକ ହୋଇପାରିବ।

–ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ



"କେନ୍ଦ୍ରର ପଦକ୍ଷେପ ସମ୍ପୂର୍ଣ୍ଣ ଭୁଲ। ସାମୟିକ ଭାବେ ଏହାକୁ ବିଜୟ ବୋଲି ଅନୁଭବ କରାଗଲେ ବି ଇତିହାସ ଏହା ଭୁଲ ବୋଲି ପ୍ରମାଣ କରିବ। ଭବିଷ୍ୟତ ବଂଶଧର ଅନୁଭବ କରିବେ ଯେ, ରାଜ୍ୟ ସଭାରେ ଆଜି କେତେବଡ଼ ଭୁଲ ହୋଇଥିଲା।

–ପି. ଚିଦାମ୍ବରମ୍, ବରିଷ୍ଠ କଂଗ୍ରେସ ନେତା



"କେନ୍ଦ୍ରସରକାର ସମ୍ବିଧାନକୁ ଉପହାସ କରି ହତ୍ୟା କରିଛି। ଭୋଟ ହାତେଇବା ଲାଗି ଭାଜପା ସରକାର ଏଭଳି ପଦକ୍ଷେପ ନେଇଛି। ରାଜନୈତିକ ଦଳଗୁଡ଼ିକ ଜମ୍ମୁ-କଶ୍ମୀର ଲାଗି ଏକାଠି ସ୍ୱର ଉତ୍ତୋଳନ କରିବା ଉଚିତ। ଅସାମ୍ବିଧାନିକ କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ।

–ଗୁଲାମନବୀ ଆଜାଦ୍, ବରିଷ୍ଠ କଂଗ୍ରେସ ନେତା



"ଜମ୍ମୁ-କଶ୍ମୀରବାସୀଙ୍କ ସହ ଆଲୋଚନା କରା ନ ଯାଇ ୩୭୦ ଧାରା ରାଜ୍ୟରୁ ହଟାଯିବା ଠିକ୍ ନୁହେଁ। ସରକାରଙ୍କୁ ଏଆଇଏଡିଏମ୍‌କେ ସମର୍ଥନ ଦେବା ନିନ୍ଦାର ବିଷୟ।

–ଏମ୍.କେ. ଷ୍ଟାଲିନ୍, ଡିଏମ୍‌କେ ମୁଖ୍ୟ



"ଏଭଳି ଐତିହାସିକ ପଦକ୍ଷେପ ଲାଗି ପ୍ରଧାନମନ୍ତ୍ରୀ ମୋଦି ଓ ଗୃହ ମନ୍ତ୍ରୀ ଅମିତ ଶାହଙ୍କୁ ଧନ୍ୟବାଦ ଜଣାଉଛି। ଜମ୍ମୁ-କଶ୍ମୀର ଓ ଲଦାଖରେ ଶାନ୍ତି ଓ ଉତ୍ସାହ ସହ ବିକାଶ କାର୍ଯ୍ୟ କରାଯିବା ଉଚିତ।

–ଏଲ୍.କେ. ଆଡଭାନୀ, ବରିଷ୍ଠ ଭାଜପା ନେତା



"ଜମ୍ମୁ-କଶ୍ମୀରରୁ ୩୭୦ ଧାରା ଉଠାଯିବା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ। ଗଣତାନ୍ତ୍ରିକ ଉପାୟରେ ସମସ୍ତଙ୍କୁ ନେଇ ଏଭଳି ପଦକ୍ଷେପ ଗ୍ରହଣ କରାଯିବାର ଆବଶ୍ୟକତା ଥିଲା।

–ସୀତାରାମ ୟେଚୁରୀ, ସିପିଏମ୍ ସାଧାରଣ ସମ୍ପାଦକ



"ଆଇନଗତ ବ୍ୟବସ୍ଥାକୁ ଜଳାଞ୍ଜଳି ଦେଇ ପ୍ରଧାନମନ୍ତ୍ରୀ ମୋଦି ଭାରତର ନୂଆ ସମ୍ବିଧାନ ଲେଖିବାକୁ ଚାହୁଁଛନ୍ତି। ଏଭଳି ଐତିହାସିକ ନିଷ୍ପତ୍ତି ଏକପାଖିଆ ଭାବେ ନିଆଯିବା ଠିକ୍ ନୁହେଁ।

–କ୍ୟାପ୍‌ଟେନ ଅମରିନ୍ଦର ସିଂ, ପଞ୍ଜାବ ମୁଖ୍ୟମନ୍ତ୍ରୀ



"ଜମ୍ମୁ-କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ କରାଯିବା ନେଇ କେନ୍ଦ୍ର ସରକାରଙ୍କ ପଦକ୍ଷେପକୁ ଆମେ ସମର୍ଥନ କରୁଛୁ। ରାଜ୍ୟବାସୀଙ୍କ ଶାନ୍ତି ଓ ଉତ୍ସାହ ଲାଗି ମୁଁ ଭଗବାନଙ୍କ ପାଖରେ ପ୍ରାର୍ଥନା କରୁଛି।

–ଏନ୍. ଚନ୍ଦ୍ରାବାବୁ ନାଇଡୁ, ଟିଡିପି ମୁଖ୍ୟ



ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଜମ୍ମୁରେ ଖୁସିର ମାହୋଲ।

## କେଉଁମାନେ ସମର୍ଥନ ଦେଲେ

ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଏବଂ ୩୫ଏ ଉଚ୍ଛେଦ ହୋଇଛି। ଏଥିସହିତ ଉକ୍ତ ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଯାଇଛି। ସରକାରଙ୍କ ଏହି ନିଷ୍ପତ୍ତିକୁ ବିଭିନ୍ନ ଦଳ ପକ୍ଷରୁ ସମର୍ଥନ ମିଳିଛି। ତେବେ ଭାଜପାର ଏକମାତ୍ର ସହଯୋଗୀ ନୀତୀଶ କୁମାରଙ୍କ ଜେଡିୟୁ ସରକାରଙ୍କ ପ୍ରସ୍ତାବର ବିରୋଧ କରିଥିଲା। ସରକାରଙ୍କ ନିଷ୍ପତ୍ତିକୁ ବିଜୁ ଜନତା ଦଳ (ବିଜେଡି), ବିଏସ୍‌ପି, ଆମ୍ ଆଦ୍‌ମୀ ପାର୍ଟି, ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି, ଏଆଇଏଡିଏମ୍‌କେ, ଶିବସେନା, ଆଇଏନ୍‌ଏଲ୍‌ଡି ସମର୍ଥନ ଜଣାଇଥିବାବେଳେ କଂଗ୍ରେସ, ଡିଏମ୍‌କେ, ସମାଜବାଦୀ ପାର୍ଟି, ନ୍ୟାଶନାଲ୍ କନ୍‌ଫରେନ୍ସ (ଏନ୍‌ସି) ଏବଂ ପିଡିପି ଆଦି ଦଳ ବିରୋଧ କରିଥିଲେ।

ଆଜି ବାସ୍ତବ ଅର୍ଥରେ ଜମ୍ମୁ-କଶ୍ମୀର ଭାରତର ଅଂଶବିଶେଷ ହେଲା ବୋଲି ବିଜେଡି ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ। ବିଜେଡି ସରକାରଙ୍କ ପ୍ରସ୍ତାବକୁ ସମର୍ଥନ କରୁଛି। ଏହା ଏକ ଆଞ୍ଚଳିକ ଦଳ ହେଲେ ମଧ୍ୟ ଆମ ପାଇଁ ରାଷ୍ଟ୍ର ପ୍ରଥମ ବୋଲି ରାଜ୍ୟ ସଭାରେ ଆଚାର୍ଯ୍ୟ କହିଥିଲେ।

ବିଏସ୍‌ପି ଅନୁଚ୍ଛେଦ ୩୭୦ ଓ ଅନ୍ୟାନ୍ୟ ବିଲ୍‌କୁ ପୂର୍ଣ୍ଣ ସମର୍ଥନ କରୁଛି ବୋଲି ଏହାର ଏମ୍‌ପି ସତୀଶ ଚନ୍ଦ୍ର ମିଶ୍ର କହିଥିଲେ। ଏହା ସରକାରଙ୍କର ଏକ ଐତିହାସିକ ନିଷ୍ପତ୍ତି ବୋଲି ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ପକ୍ଷରୁ କୁହାଯାଇଛି। ଏହି ଐତିହାସିକ ପରିବର୍ତ୍ତନ ଆଣିଥିବାରୁ ତାଙ୍କ ଦଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅମିତ୍ ଶାହଙ୍କୁ ଖୋଲା ହୃଦୟରେ ପ୍ରଶଂସା କରୁଛି ବୋଲି ଏମ୍‌ପି ବିଜୟସାଇ ରେଡ୍ଡୀ କହିଥିଲେ। ତେବେ ଜେଡିୟୁ ଅଧ୍ୟକ୍ଷ ନୀତୀଶ କୁମାର ଜୟପ୍ରକାଶ ନାରାୟଣ, ରାମ ମନୋହର ଲୋହିଆ ଏବଂ ଜର୍ଜ ଫର୍ଣାଣ୍ଡିଜ୍‌ଙ୍କ ପରମ୍ପରାରେ ଚାଲୁଥିବାରୁ ଆମ ଦଳ ବିଲ୍‌କୁ ସମର୍ଥନ ଦେବ ନାହିଁ । ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ଜେଡିୟୁ ଚାହେଁ ନାହିଁ ବୋଲି ଦଳର ବରିଷ୍ଠ ନେତା କେ.ସି. ତ୍ୟାଗୀ କହିଥିଲେ।

## କିପରି କାର୍ଯ୍ୟ କରିବ ନୂଆ କେନ୍ଦ୍ରଶାସିତ ଅଞ୍ଚଳ

ନୂଆଦିଲ୍ଲୀ,୫।୮(ଆଇଏଏନ୍‌ଏସ୍)

ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ପାଇଁ କେନ୍ଦ୍ର ସରକାର ଆଣିଥିବା ବିଲ୍ ସୋମବାର ରାଜ୍ୟ ସଭାରେ ଗୃହୀତ ହୋଇଛି। ଏହା ଆଇନରେ ପରିଣତ ହେଲେ ଜମ୍ମୁ-କଶ୍ମୀର ଏବଂ ଲଦାଖ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ହେବ। ଜମ୍ମୁ-କଶ୍ମୀର ପାଇଁ ବିଧାନସଭା ରହିବାକୁ ଥିବାବେଳେ ଲଦାଖରେ ବିଧାନସଭା ରହିବ ନାହିଁ। ଜମ୍ମୁ ଓ କଶ୍ମୀର ଅନ୍ତର୍ଗତ ଅଞ୍ଚଳ ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ ଅଧୀନରେ ରହିବ ଏବଂ ବର୍ତ୍ତମାନର ରାଜ୍ୟପାଳ ଦୁଇ କେନ୍ଦ୍ରଶାସିତ ଅଞ୍ଚଳର ଉପରାଜ୍ୟପାଳ ହେବେ। ଜମ୍ମୁ-କଶ୍ମୀର ବିଧାନସଭାର କାର୍ଯ୍ୟକାଳ ୫ ବର୍ଷ ରହିବ। ଏହାର ବିଧାୟକ ସଂଖ୍ୟା ୧୦୭ ରହିବାକୁ ଥିବାବେଳେ ସେଥିରୁ ୨୪ଟି ଆସନ ପାକ୍ ଅଧିକୃତ କଶ୍ମୀର(ପିଓକେ) ଅଞ୍ଚଳ ପାଇଁ ଖାଲି ରହିବ। ଜମ୍ମୁ-କଶ୍ମୀର ରାଜ୍ୟ ବିଧାନସଭାରେ ୧୧୧ ବିଧାୟକ ଥିବାବେଳେ ସେଥିରୁ ୮୭ ଜଣ ନିର୍ବାଚିତ ଓ ୨ ଜଣ ମନୋନୀତ ହେଉଥିଲେ। ବାକି ୨୪ ଆସନ ପିଓକେ ପାଇଁ ଖାଲି ରହୁଥିଲା। ଜମ୍ମୁ-କଶ୍ମୀରରୁ ରାଜ୍ୟ ସଭାକୁ ୪ ଜଣ ଏମ୍‌ପି ନିର୍ବାଚିତ ହେଉଥିବାବେଳେ ତାହା ଅପରିବର୍ତ୍ତିତ ରହିବ। ଲୋକ ସଭାକୁ ନିର୍ବାଚିତ ହେଉଥିବା ୬ ଏମ୍‌ପିଙ୍କ ମଧ୍ୟରୁ ଜମ୍ମୁ-କଶ୍ମୀରରୁ ୫ ଓ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳରୁ ଜଣେ ଏମ୍‌ପି ନିର୍ବାଚିତ ହେବେ। ବିଧାନସଭାରେ ଗୃହୀତ ବିଲ୍ ଉପରାଜ୍ୟପାଳଙ୍କ ଅନୁମୋଦନ ପରେ ଆଇନରେ ପରିଣତ ହେବ। ତେବେ ଉପରାଜ୍ୟପାଳ ଚାହିଁଲେ ଏହାକୁ ସ୍ୱୀକୃତି ଦେବେ, ଅଟକାଇ ରଖିବେ କିମ୍ବା ରାଷ୍ଟ୍ରପତିଙ୍କ ବିଚାର ପାଇଁ ପଠାଇବେ।




## କଶ୍ମୀର ଗଲେ ଡୋଭାଲ

୩୭୦ ଉଚ୍ଛେଦ ପରେ ସୁରକ୍ଷା ସ୍ଥିତି ଅନୁଧ୍ୟାନ ପାଇଁ ଏନ୍‌ଏସ୍‌ଏ ଅଜିତ ଡୋଭାଲ ଶ୍ରୀନଗର ଗସ୍ତ କରିଛନ୍ତି। ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀର ଓ ଲଦାଖରେ ବିଭକ୍ତ କରାଯାଇଛି। କଶ୍ମୀର ଯିବା ପୂର୍ବରୁ ଡୋଭାଲ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଅନୁଷ୍ଠିତ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ କମିଟି ବୈଠକରେ ଯୋଗଦେଇଥିଲେ। ଏଥିରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ମଧ୍ୟ ଉପସ୍ଥିତ ଥିଲେ। ଅମରନାଥ ଯାତ୍ରା ପୂର୍ବରୁ ଜୁନ୍‌ରେ ଡୋଭାଲଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ ବସି କଶ୍ମୀରର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା।





ଅଶେଷ ଦୁର୍ଗତି ଓ ଦୁଃସମୟରେ ମଧ ଯେଉଁମାନେ ଶାନ୍ତ ଓ ସ୍ଥିର ରହିପାରନ୍ତି, ସେମାନେ ଦୃଢ଼ମନା ଏବଂ ସ୍ଥିର ଚିତ୍ତ ଅଟନ୍ତି।
- ସାରଳା ଦାସ






## ଆଜି କ'ଣ କେଉଁଠି

**କଣ୍ଟାବାଞ୍ଜି**
- ଓକିଲ ସଂଘର ତହସିଲ କାର୍ଯ୍ୟାଳୟରେ ତାଲା ବନ୍ଦ ଆନ୍ଦୋଳନ, ତହସିଲ ଅଫିସ ସମ୍ମୁଖ, ପୂର୍ବାହ୍ନ ୯।୩୦।

**ସିନାପାଲି**
- ଗଙ୍ଗାଧର ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ, ଜଗନ୍ନାଥ ମନ୍ଦିର ମଣ୍ଡପ, ସନ୍ଧ୍ୟା ୫ଟା।
- ଗଣ୍ଡାବାହାଲି ସାର୍ବଜନୀନ ଗଣେଶ ପୂଜା ପ୍ରସ୍ତୁତି ବୈଠକ, ଗଣ୍ଡାବାହାଲ ଶିବ ମନ୍ଦିର ପ୍ରାଙ୍ଗଣ, ସନ୍ଧ୍ୟା ୬ଟା।

**ସମ୍ବଲପୁର**
- ସ୍କୁଲସ୍ତରୀୟ ଚିତ୍ରାଙ୍କନ ଓ କବିତା ଆବୃତ୍ତି ପ୍ରତିଯୋଗିତା, ବ୍ରୁକ୍ସହିଲ ନୋଡାଲ ୟୁପି ସ୍କୁଲ, ପୂର୍ବାହ୍ନ ୧୧ଟା।
- ସ୍କୁଲସ୍ତରୀୟ ଓଡିଆ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା, ବୁଢ଼ାରଜା ନୋଡାଲ ସ୍କୁଲ, ପୂର୍ବାହ୍ନ ୧୧ଟା।
- ଯୁକ୍ତ ଦୁଇ କଲେଜସ୍ତରୀୟ ଓଡିଆ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା, ରାମକଲି ଦେବୀ ଟ୍ରଷ୍ଟ ଜୁନିୟର କଲେଜ, ପୂର୍ବାହ୍ନ ୧୦ଟା।
- ଯୁକ୍ତ ତିନି ଓଡିଆ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା, ସରକାରୀ ମହିଳା କଲେଜ ସଭା କକ୍ଷ, ପୂର୍ବାହ୍ନ ୧୧ଟା।
- ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମାରୋହ, ଜ୍ୟୋତିବିହାର ସ୍ଥିତ ବିଜୁ ପଟ୍ଟନାୟକ ଅଡିଟୋରିୟମ, ପୂର୍ବାହ୍ନ ସାଢ଼େ ୧୦ଟା।

**ନୂଆପଡା**
- ବିଶ୍ୱ ସ୍ତନ୍ୟପାନ ଦିବସ, ଜିଲା ମୁଖ୍ୟ ଚିକିତ୍ସାଳୟ ବୈଠକ ଗୃହ, ପୂର୍ବାହ୍ନ ୧୧ଟା ।

# ଆସିକା, କୁଜଙ୍ଗରେ ଏନ୍‌କାଉଣ୍ଟର

## ବଟି ଆଦାୟ ପୂର୍ବରୁ ଗୁରୁପ୍ରସାଦ ଆହତ


ଗୁରୁପ୍ରସାଦ ସ୍ୱାଇଁ

- ସହଯୋଗୀ ଫେରାର୍, ୨ ପୋଲିସ ଆହତ
- ବନ୍ଧୁକ, ଗୁଳି ଓ ବାଇକ୍ ଜବତ
- ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି

ଆସିକା,୫।୮ (ଡି.ଏନ୍.ଏ.)

ଆସିକା-ବାଲିପଦର ମୁଖ୍ୟରାସ୍ତାର ଚାରିମଇଲି ନିକଟରେ ସୋମବାର ଭୋର ସମୟରେ ପୋଲିସର ଏନ୍‌କାଉଣ୍ଟରରେ ଗୁରୁପ୍ରସାଦ ସ୍ୱାଇଁ ନାମକ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି । ତାଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି । ଜଣେ ସହଯୋଗୀଙ୍କ ସହ ଗୁରୁପ୍ରସାଦ ବଟି ଆଦାୟ ପାଇଁ ବାଇକ୍‌ରେ ଯାଉଥିବା ବେଳେ ପୋଲିସ ହାବୁଡ଼ରେ ପଡ଼ିଥିଲେ। ପୋଲିସକୁ ଦେଖି ସେମାନେ ପ୍ରଥମେ ୨ ରାଉଣ୍ଡ ଗୁଳି ଚଳାଇଥିଲେ। ତାହା ଲକ୍ଷ୍ୟଭ୍ରଷ୍ଟ ହୋଇଥିଲା । ପରେ ଗୁରୁପ୍ରସାଦ ଓ ତାଙ୍କ ସହଯୋଗୀ ବୋମାମାଡ଼ କରି ଖସିଯିବାକୁ ଚେଷ୍ଟା କରିଥିଲେ। ପୋଲିସ ପାଲଟା ଗୁଳି ଚଳାଇବାରୁ ଗୁରୁପ୍ରସାଦଙ୍କ ବାମ ଗୋଡ଼ରେ ବାଜିଥିଲା। ସେ ସେଠାରେ ଖସି ପଡିବାରୁ ପୋଲିସ ତାଙ୍କୁ ଗିରଫ କରିଛି । ଏହି ସୁଯୋଗରେ ତାଙ୍କ ସହଯୋଗୀ ଫେରାର ହୋଇଯାଇଛନ୍ତି । ଗୁରୁତର ଅବସ୍ଥାରେ ଗୁରୁପ୍ରସାଦଙ୍କୁ ପ୍ରଥମେ ଆସିକା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ପରେ ଅଧିକ ଚିକିତ୍ସା ଲାଗି ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅଭିଯୁକ୍ତଙ୍କ ବୋମା ମାଡ଼ରେ କୋଟିନଡ଼ା ଫାଣ୍ଡି ଏଏସ୍‌ଆଇ ଯୁଧିଷ୍ଠିର ମାଝି ଓ କନଷ୍ଟେବଳ ହରେକୃଷ୍ଣ ସବର ଆହତ ହୋଇଛନ୍ତି। ଉଭୟଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଛି । ପୋଲିସ ଘଟଣାସ୍ଥଳରୁ ଗୋଟିଏ ୯ ଏମଏମ ବନ୍ଧୁକ, ୨ ରାଉଣ୍ଡ ଗୁଳି, ଦୁଇଟି ଖୋକା, ନମ୍ବରବିହୀନ ବାଇକ୍, ଗୁରୁପ୍ରସାଦଙ୍କ ପକେଟରୁ ୫,୫୦୦ ଟଙ୍କା ଜବତ କରିଛି। ଫରେନସିକ ଟିମ୍ ପରିସ୍ଥିତି ଅନୁଧ୍ୟାନ କରିଥିବା ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ବଡଗଡ ଥାନା ଅନ୍ତର୍ଗତ ଗାଙ୍ଗପୁର ଗ୍ରାମର ଗୁରୁପ୍ରସାଦଙ୍କ ନାମରେ ଆସିକା, ଭଞ୍ଜନଗର, ଗାଙ୍ଗପୁର, ଜଗନ୍ନାଥପ୍ରସାଦ, ବଡ଼ଗଡ ଆଦି ଥାନାରେ ଏକାଧିକ ଆପରାଧିକ ମାମଲା ରହିଛି। ଡକାୟତି, ହତ୍ୟା, ବଟି ଆଦାୟ ଭଳି ୧୩ ସଙ୍ଗୀନ ମାମଲାର ସେ ଅଭିଯୁକ୍ତ। ଗାଙ୍ଗପୁର ଗ୍ରାମରେ ଘଟିଥିବା ସନିଆ ବିଷୋୟୀ ହତ୍ୟା ମାମଲା ଓ ସୋରଡା-କଣ୍ଟେଇପଲ୍ଲୀ ରାସ୍ତାରେ ଗୋରୁ ବେପାରୀଙ୍କୁ ବନ୍ଧୁକ ଦେଖାଇ ଲକ୍ଷାଧିକ ଟଙ୍କା ଲୁଟ ମାମଲାରେ ମଧ ଗୁରୁପ୍ରସାଦ ମୁଖ୍ୟ ଅଭିଯୁକ୍ତ ଥିଲେ। ଏପରିକି କନ୍ଧମାଳ ଜିଲା ରାଇକିଆ ଅଞ୍ଚଳରେ ନିଜକୁ ମାଓବାଦୀ ପରିଚୟ ଦେଇ ଠିକାଦାରମାନଙ୍କଠାରୁ ରୀତିମତ ସେ ଲକ୍ଷାଧିକ ଟଙ୍କା ବଟି ଆଦାୟ କରି ଆସୁଥିଲେ। ଗୁରୁପ୍ରସାଦ ଓ ଫେରାର ଥିବା ତାଙ୍କ ସହଯୋଗୀ ଆସିକା କଲେଜ ଛକର ଦାମୋଦର ସାହୁ ଓ ବରଗାଁ ଗ୍ରାମର ନାର୍ସୁ ବିଶ୍ୱାଳଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏ ବଟି ମାଗିଥିଲେ । ସୋମବାର ସକାଳେ ସେମାନେ ଚାରିମଇଲି ନିକଟରେ ଟଙ୍କା ଦେବାର ଥିଲା । ୨ ଅଭିଯୁକ୍ତ ଟଙ୍କା ଆଦାୟ ପାଇଁ ବାଇକରେ ଯାଉଥିବା ପୋଲିସକୁ ଖବର ମିଳିଥିଲା। ଆସିକା ଥାନା ଅଧିକାରୀ ପୀତବାସ ଧାରୁଆଙ୍କ ନେତୃତ୍ୱରେ ଧରାକୋଟ ଥାନା ଅଧିକାରୀ ସନ୍ତୋଷ କୁମାର ବେହେରା, ସୋରଡା ଥାନା ଅଧିକାରୀ ପ୍ରଭାତ କୁମାର ସାହୁ, କୋଟିନଡା ଫାଣ୍ଡି ଅଧିକାରୀ ଯୁଧିଷ୍ଠିର ମାଝି ସଶସ୍ତ୍ର ପୋଲିସ ସହ ସେମାନଙ୍କ ପିଛା କରିଥିଲେ ବୋଲି ଏସ୍‌ଡିପିଓ ପ୍ରଧାନ ସୂଚନା ଦେଇଛନ୍ତି। ପୋଲିସ ଉପରକୁ ଗୁଳି ଚଳାଇବା ଓ ବୋମା ମାଡ କରିଥିବା ନେଇ ଅଭିଯୁକ୍ତଙ୍କ ବିରୋଧରେ ଆସିକା ଥାନାରେ ଏକ ମାମଲା(ନଂ.୨୫୩/୧୯) ରୁଜୁ କରାଯାଇଥିବା ଥାନା ଅଧିକାରୀ ଧାରୁଆ କହିଛନ୍ତି ।

## ଡନ୍ ଗୁରୁତର

- ବିଭିନ୍ନ ଥାନାରେ ରହିଛି ୩୬ରୁ ଊର୍ଦ୍ଧ୍ୱ ମାମଲା
- ବାଇକ୍, ବନ୍ଧୁକ ଜବତ



କୁଜଙ୍ଗ,୫।୮ (ସ୍ୱ.ପ୍ର)

ଜଗତ୍‌ସିଂହପୁର ଜିଲାର ବିଭିନ୍ନ ଥାନାରେ ୩୬ରୁ ଊର୍ଦ୍ଧ୍ୱ ଡକାୟତି ଓ ରାହାଜାନି ମାମଲାରେ ସମ୍ପୃକ୍ତ ଡନ୍ ରବିବାର ବିଳମ୍ବିତ ରାତିରେ ପୋଲିସ ଏନ୍‌କାଉଣ୍ଟରରେ ଗୁରୁତର ଆହତ ହୋଇଛନ୍ତି। ଡନଙ୍କ ଦୁଇ ଗୋଡ଼ରେ ୩ଟି ଗୁଳି ବାଜିଛି। ରାତି ୪ଟାରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତାଙ୍କ ଅବସ୍ଥା ଗୁରୁତର ଥିବା ପୋଲିସ କହିଛି।

ଦୀର୍ଘଦିନ ଧରି କୁଜଙ୍ଗ ଅଞ୍ଚଳରେ ଆତଙ୍କରାଜ ଚଳାଇଥିବା ଡନ୍‌ଙ୍କୁ ପୋଲିସ ଏନ୍‌କାଉଣ୍ଟର କରିଥିବା ସୋମବାର ସକାଳେ ଜଣାପଡିଥିଲା। ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀରେ ପୋଲିସ ପକ୍ଷରୁ ଏନେଇ ସ୍ପଷ୍ଟ କରାଯାଇଥିଲା । ଡନ୍ ଓରଫ ବିକ୍ରମ ପାଲ(୩୬)ଙ୍କ ଘର କୁଜଙ୍ଗ ଥାନା ଅନ୍ତର୍ଗତ ପାନପୁଲି ଗ୍ରାମରେ। ରବିବାର କୁଜଙ୍ଗ ଅଞ୍ଚଳରେ ସେ ୨ଟି ରାହାଜାନି ଘଟାଇଥିଲେ। ଦିନ ତମାମ ପୋଲିସ ତାଙ୍କୁ ଖୋଜୁଥିବାବେଳେ ରାତି ୨ଟାରେ ସେ ପୁଣି ଡକାୟତି ଯୋଜନା କରୁଥିବା ଜଣାପଡିଥିଲା। କୁଜଙ୍ଗ ଥାନାଠାରୁ ୧୫ କିମି ଦୂର ବାଲିତୁଠ କଣ୍ଟେଇନାଳୀ ଗାଁ ମୁଣ୍ଡ ଜଙ୍ଗଲ ପାଖରେ ଡନ୍ ଓ ତାଙ୍କର ଜଣେ ସହଯୋଗୀ ଡକାୟତି ଯୋଜନା କରି ବାଇକ ଯୋଗେ କୌଣସି ଏକ ସ୍ଥାନକୁ ଯାଉଥିଲେ। ଏହି ସମୟରେ ପୋଲିସ ତାଙ୍କୁ ପିଛା କରିଥିଲା। ପୋଲିସକୁ ଦେଖି ତାଙ୍କ ସହଯୋଗୀ ବାଇକ୍ ଫୋପାଡି ନଦୀ ପାର୍ଶ୍ୱରେ ଫେରାର ହୋଇଯାଇଥିବା ବେଳେ ଡନଙ୍କୁ ପୋଲିସ ଚତୁଃପାର୍ଶ୍ୱରୁ ଘେରାଉ କରିଥିଲା। ଡନ କଣ୍ଟେଇନାଳୀ ଜଙ୍ଗଲ ଭିତରେ ଲୁଚିରହି ପ୍ରଥମେ ପୋଲିସ ଉପରକୁ ଗୁଳି ଚଳାଇଥିଲା । ଏଥିରେ ପୋଲିସ ଭ୍ୟାନ୍‌ର କାଚ ଭାଙ୍ଗିଯାଇଛି। କୁଜଙ୍ଗ ଥାନା ଆଇଆଇସି ଦିଲୀପ କୁମାର ସାହୁ, ସବ୍‌ଇନ୍ସପେକ୍ଟର ଶୁଭ୍ରଜିତ ଦାସ, ପୋଲିସ କର୍ମଚାରୀ ନିର୍ବାଚନ କଅଁର, ଦିଲୀପ ମଳିକ, ବିଶ୍ୱାମିତ୍ର ସୂତାର ଓ କନ୍‌ଷ୍ଟେବଳ ଶରତ ରାଉତଙ୍କ ସହଯୋଗରେ ଡନ୍‌ଙ୍କୁ କାବୁ କରିବାକୁ ଯାଇ ତାଙ୍କ ଗୋଡକୁ ଗୁଳି ଚଳାଇଥିଲେ। ଫଳରେ ଡନ୍ ପଡିଯିବା ପରେ ତାଙ୍କୁ କାବୁ କରାଯାଇଥିଲା। ତାଙ୍କଠାରୁ ଏକ ଦେଶୀ ବନ୍ଧୁକ ଓ ବାଇକ ଜବତ ହୋଇଛି। ସକାଳେ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ସେଠାରୁ ଖୋକା ଓ ଅନ୍ୟ ବ୍ୟବହୃତ ଜିନିଷ ମିଳିଛି। ଏନେଇ ଦଫା ୩୫୩, ୩୮୫, ୩୦୭, ଆର୍ମ୍ସ ଆକ୍ଟ ୨୫, ୨୭ ଆଇପିସିରେ ମାମଲା ନଂ.୧୭୩/୧୯ ରୁଜୁ ହୋଇଛି।

# ଯୁକ୍ତ୩ ଦ୍ୱିତୀୟ ପର୍ଯ୍ୟାୟ ମେରିଟ୍ ଲିଷ୍ଟ ପ୍ରକାଶ

- ୬ରୁ ୧୦ ତାରିଖରେ ଏହି ପର୍ଯ୍ୟାୟ ନାମଲେଖା
- ୧୪ ତାରିଖରେ ସ୍ପଟ୍ ନାମଲେଖା

ଭୁବନେଶ୍ୱର, ୫।୮ (ବ୍ୟୁରୋ)

ରାଜ୍ୟର ୧୦୪୭ ଡିଗ୍ରୀ କଲେଜରେ ଯୁକ୍ତ୩ ପ୍ରଥମ ବର୍ଷ ନାମଲେଖା ନିମନ୍ତେ ସୋମବାର ଦ୍ୱିତୀୟ ପର୍ଯ୍ୟାୟ କଟ୍ ଅଫ୍ ମାର୍କ ବା ମେରିଟ୍ ଲିଷ୍ଟ ପ୍ରକାଶ ପାଇଛି। ଏହି ପର୍ଯ୍ୟାୟରେ ମୋଟ ୨୨ହଜାର ୨୦୭ ଛାତ୍ରୀଛାତ୍ର ମନୋନୀତ ହୋଇଛନ୍ତି। ଏଥିରେ କଳା ବିଭାଗରେ ୧୨ହଜାର ୫୪୫ଜଣ, ବାଣିଜ୍ୟରେ ୧ହଜାର ୪୧୨ଜଣ, ଫିଜିକାଲ ସାଇନ୍ସରେ ୪ହଜାର ୧୫୨ଜଣ, ବାୟୋଲୋଜିକାଲ ସାଇନ୍ସରେ ୩ହଜାର ୫୭୭ଜଣ, ସେଲ୍ଫ ଫାଇନାସିଂରେ ୪୪୪ ଓ ଶାସ୍ତ୍ରୀ ବିଭାଗରେ ୭୭ଜଣ ଛାତ୍ରୀଛାତ୍ର ରହିଛନ୍ତି।

କଳା ବିଭାଗର ଇଂଲିଶ ବିଷୟରେ ସର୍ବାଧିକ କଟ୍‌ଅଫ୍ ମାର୍କ ବିଜେବି କଲେଜର ୭୮.୧୭% ରହିଥିବାବେଳେ ଓଡ଼ିଆରେ ବଲାଙ୍ଗୀର ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ୭୭.୩୩%, ରାଜନୀତି ବିଜ୍ଞାନରେ ବିଜେବି କଲେଜ ୭୬.୮୩%, ଅର୍ଥନୀତିରେ ବିଜେବି କଲେଜ ୭୬.୬%, ଏଜୁକେଶନରେ ବିଜେବି କଲେଜ ୭୫.୬୭%, ସୋସିଓଲୋଜିରେ ବିଜେବି କଲେଜ ୭୫.୩୩%, ସାଇକୋଲୋଜିରେ ବିଜେବି କଲେଜର ୭୨.୩୩% କଟ୍ ଅଫ୍ ଯାଇଛି। ଫିଜିକାଲ ସାଇନ୍ସର ଗଣିତରେ ବିଜେବି କଲେଜ ୯୧.୨%, ପଦାର୍ଥ ବିଜ୍ଞାନରେ ବିଜେବି କଲେଜ ୮୭.୬୭% ଓ ରସାୟନ ବିଜ୍ଞାନରେ ବିଜେବି କଲେଜର କଟ୍ ଅଫ୍ ମାର୍କ ୮୫.୬% ରହିଛି। ସେହିପରି ବାୟୋଲୋଜିକାଲ ସାଇନ୍ସର ଜୀବ ବିଜ୍ଞାନରେ ବିଜେବି କଲେଜ ୮୬.୫%, ଉଦ୍ଭିଦ ବିଜ୍ଞାନରେ ବିଜେବି କଲେଜ ୮୩.୨% ଏବଂ ବାଣିଜ୍ୟରେ ସାଇ ଇଣ୍ଟରନ୍ୟାଶନାଲ କଲେଜ ଅଫ୍ କମର୍ସ ଆଣ୍ଡ୍ ଇକୋନୋମିକ୍ସ ୮୩.୧୭% କଟ୍ ଅଫ୍ ମାର୍କ ସହ ଆଗରେ ରହିଛି।

ଦ୍ୱିତୀୟ ପର୍ଯ୍ୟାୟରେ ମନୋନୀତ ଛାତ୍ରୀଛାତ୍ରମାନେ ୬ ରୁ ୧୦ ତାରିଖ ଅପରାହ୍ନ ୫ଟା ମଧ୍ୟରେ ଅନ୍‌ଲାଇନ୍‌ରେ ନାମ ଲେଖାଇପାରିବେ। ୬ରୁ ୧୧ତାରିଖ ମଧ୍ୟରେ ଛାତ୍ରୀଛାତ୍ରମାନେ ଅନ୍‌ଲାଇନରେ ଆନେକ୍ସର-୭ ଦାଖଲ କରିବେ। ୧୨ତାରିଖ ଦିନ ଅପରାହ୍ନ ୫ଟାରେ ଦ୍ୱିତୀୟ ପର୍ଯ୍ୟାୟରେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ତାଲିକା ପ୍ରକାଶ ପାଇବ। ୧୪ ତାରିଖ ପୂର୍ବାହ୍ନ ୧ ଟାରେ ସ୍ପଟ୍ ନାମଲେଖା ପାଇଁ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ। ସ୍ପଟ୍ ନାମ ଲେଖା ପାଇଁ ମନୋନୀତ ଛାତ୍ରୀଛାତ୍ରମାନେ ୧୬ରୁ ୧୭ତାରିଖ ଅପରାହ୍ନ ୫ଟା ମଧ୍ୟରେ କଲେଜରେ ନାମ ପଞ୍ଜିକୃତ କରିବେ। ୧୯ରୁ ୨୧ତାରିଖ ମଧ୍ୟରେ ଫି' ଦାଖଲ କରିବେ। ୨୩ ତାରିଖ ଅପରାହ୍ନ ୫ଟାରେ ସ୍ପଟ୍ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ତାଲିକା ପ୍ରକାଶ ପାଇବ। ୨୪ରେ ଯୁକ୍ତ୩ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ।

# ବ୍ରାହ୍ମଣୀ ନଦୀରୁ ଯୁବତୀଙ୍କ ମୃତଦେହ ଉଦ୍ଧାର

- ହତ୍ୟା ସନ୍ଦେହ, ପୋଲିସର ତଦନ୍ତ ଜାରି

ବଣାଇଁ,୫।୮ (ସ୍ୱ.ପ୍ର.):

ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡ ଚାନ୍ଦିପୋଷ ଥାନା ଅଧୀନ ବାଙ୍କି ଗ୍ରାମ ବ୍ରାହ୍ମଣୀ ନଦୀରୁ ସୋମବାର ଜଣେ ଯୁବତୀଙ୍କ ଗଳିତ ମୃତଦେହ ପୋଲିସ ଉଦ୍ଧାର କରିଛି। ହେଲେ ଯୁବତୀଙ୍କ ପରିଚୟ ଜଣାପଡିଛି।

ମିଳିଥିବା ସୂଚନା ମୁତାବକ, ରବିବାର ରାତିରେ ବ୍ରାହ୍ମଣୀନଦୀର ଉପରମୁଣ୍ଡରୁ ଏକ ମୃତଦେହ ଭାସି ଆସି ବାଙ୍କି ଗ୍ରାମ ନିକଟରେ ଅଟକି ଥିଲା। ଗ୍ରାମବାସୀ ମୃତଦେହ ଦେଖି ଚାନ୍ଦିପୋଷ ଥାନାକୁ ଜଣାଇଥିଲେ। ସୋମବାର ମାଜିଷ୍ଟ୍ରେଟ ଭାବେ ବଣାଇଁ ସହକାରୀ ଜିଲାପାଳ ରବୀନ୍ଦ୍ର କୁମାର ସେଠୀ ଏବଂ ଥାନା ଅଧିକାରୀ ସୁଶିଲ କୁମାର ନାୟକଙ୍କ ଉପସ୍ଥିତିରେ ମୃତଦେହ ଉଦ୍ଧାର କରିଥିଲେ। ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇଛି। ଯୁବତୀ ଜଣକ ନାଲି ରଙ୍ଗର ଏକ ଟପ୍ସ ପିନ୍ଧିଛନ୍ତି। ଅନ୍ୟପକ୍ଷେ ଯୁବତୀଙ୍କୁ ହତ୍ୟା କରି ଫିଙ୍ଗି ଦିଆଯାଇଥିବା ସ୍ଥାନୀୟ ଲୋକେ ସନ୍ଦେହ ପ୍ରକଟ କରିଛନ୍ତି। ଯୁବତୀଙ୍କ ଗୋଟିଏ ହାତରେ କଟା ଦାଗ ରହିଥିବା ଜଣାପଡିଛି। ଏନେଇ ଚାନ୍ଦିପୋଷ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (୪/୨୦୧୯)ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

## ଶ୍ରୀମନ୍ଦିରରେ ଖସାପଡ଼ା ନୀତି
# ୩ ଘଣ୍ଟା ବନ୍ଦ ରହିଲା ଦର୍ଶନ

ପୁରୀ ଅଫିସ, ୫।୮

ଶ୍ରୀମନ୍ଦିରରେ ସୋମବାର ମହାପ୍ରଭୁଙ୍କ ଖସାପଡ଼ା ନୀତି ସମ୍ପନ୍ନ ହୋଇଛି। ଏହି ନୀତି ଅପରାହ୍ନ ୪ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ୧୦ଟା ପର୍ଯ୍ୟନ୍ତ ଚାଲିଥିଲା। ଏଥିଯୋଗୁ ପ୍ରାୟ ୩ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ଖସାପଡ଼ା ନୀତି ସମ୍ପନ୍ନ ହେବା ପରେ ମହାପ୍ରଭୁଙ୍କ ମହାସ୍ନାନ ହୋଇ ସନ୍ଧ୍ୟା ପ୍ରାୟ ୭ଟା ବେଳକୁ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ଖସାପଡ଼ା ହେଉଛି ଏକ ଗୁପ୍ତ ନୀତି। ଏହି ନୀତି ପାଇଁ ପୂର୍ବଦିନରୁ ଦେଉଳକରଣ ଧଳାକନା ଧୋଇ ଶୁଖାଇ ଗାରଦରେ ଜମା ଦେଇଥାନ୍ତି। ଶୁଦ୍ଧସୁଆର ଖଳି, କଇଁଥ ଅଠା ଯୋଗାଇଥାନ୍ତି। ମଧ୍ୟାହ୍ନ ଧୂପ ପରେ ଜୟବିଜୟ ଦ୍ୱାର ବନ୍ଦ ହୁଏ । ବେହେରଣ ଦ୍ୱାର ଦେଇ ଦଇତାପତିମାନେ ଗର୍ଭଗୃହକୁ ଯାଇ ରତ୍ନସିଂହାସନ ଉପରେ ମହାପ୍ରଭୁଙ୍କ ଏହି ଗୁପ୍ତ ନୀତି ସମ୍ପନ୍ନ କରିଥାନ୍ତି। ଧଳାକନା, ଖଳି ଓ କଇଁଥ ଅଠାକୁ ବ୍ୟବହାର କରି ମହାପ୍ରଭୁଙ୍କ ଶ୍ରୀଅଙ୍ଗକୁ ସଜାଇଥାନ୍ତି।

- ଗ୍ୟାସ୍ ସିଲିଣ୍ଡର ଫାଟି ୧୧ ବଖରା ଜଳିଗଲା

# ଶାଶୁ, ବୋହୂ, ପୁଅ ଗୁରୁତର

ଢେଙ୍କାନାଳ ଅଫିସ,୫।୮

ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ହିନ୍ଦୋଳରୋଡ ଫାଣ୍ଡି ବାଙ୍ଗୁରସିଂହ ଗ୍ରାମ ସଅରସାହିରେ ସୋମବାର ମଧ୍ୟାହ୍ନ ୧୨ଟାରେ ରନ୍ଧନ ଗ୍ୟାସ ସିଲିଣ୍ଡର ଫାଟି ଅଗ୍ନିକାଣ୍ଡ ଘଟିଛି। ଏଥିରେ ୧୧ ବଖରା ଭସ୍ମୀଭୂତ ହେବା ସହ ୩ ଜଣ ଗୁରୁତର ହୋଇଛନ୍ତି।ମିଳିଥିବା ସୂଚନା ଅନୁଯାୟୀ, ହେମା ପ୍ରଧାନ(୫୮)ଙ୍କ ଘରେ ରୋଷେଇ ଚାଲୁଥିବା ବେଳେ ହଠାତ୍ ଗ୍ୟାସ ସିଲିଣ୍ଡର ଫାଟି ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ହେମାଙ୍କ ସମେତ ତାଙ୍କ ବୋହୂ ମୀନା ପ୍ରଧାନ(୨୦) ପୋଡିହୋଇ ଯାଇଥିଲେ। ଉଭୟଙ୍କୁ ବଞ୍ଚାଇବାକୁ ଯାଇ ପୁଅ ବିନୋଦ ପ୍ରଧାନ(୨୨) ମଧ ଗୁରୁତର ହୋଇଥିଲେ। ସେମାନଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଏହି ଅଗ୍ନିକାଣ୍ଡରେ ଉକ୍ତ ଅଞ୍ଚଳରେ ୧୧ ବଖରା ଘର ପୋଡି ଛାରଖାର ହୋଇଯାଇଛି। ଖବରପାଇ ସ୍ଥାନୀୟ ଅଗ୍ନିଶମ ସେବାସଂସ୍ଥା ଘଟଣାସ୍ଥଳରେ ପହଞ୍ଚି ଅଞ୍ଚଳବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।






"ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ


## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................


ବାବୁନ୍
ପରିବାରବର୍ଗ


ଯାଜ୍ଞସେନୀ
ପରିବାରବର୍ଗ


କ୍ରିଷ୍ଣା
ପରିବାରବର୍ଗ


ରାଧାକୃଷ୍ଣ
ପରିବାରବର୍ଗ


ପ୍ରଜ୍ଞା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


### ସ୍କୁଲ ବ୍ୟାଗ୍ ଓଜନ ସମ୍ପର୍କିତ ଜନସ୍ୱାର୍ଥ ମାମଲା

# ୪ ସପ୍ତାହରେ ନିୟମ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ

**କଟକ ଅଫିସ,୫।୮**

ରାଜ୍ୟରେ ସ୍କୁଲ ଛାତ୍ରୀଛାତ୍ରଙ୍କ ବ୍ୟାଗ ଓଜନକୁ ନେଇ ହୋଇଥିବା ଜନସ୍ୱାର୍ଥ ମାମଲାର ଶୁଣାଣି କରି ହାଇକୋର୍ଟ ୪ମାସ ମଧ୍ୟରେ ଉକ୍ତ ନିୟମ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଡ. କହ୍ନେୟାଲାଲ ଶର୍ମା ଏ ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିବାବେଳେ ସୋମବାର ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍. ଝାବେରୀ ଓ ଜଷ୍ଟିସ୍ କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରିଥିଲେ। ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆଗାମୀ ୪ ସପ୍ତାହ ମଧ୍ୟରେ ଏହି ନିୟମ କଡ଼ାକଡ଼ି ଲାଗୁ କରିବାକୁ ପ୍ରତ୍ୟେକ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ଲାଗି ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ନିୟମ ଉଲ୍ଲଂଘନ କରାଗଲେ କୋର୍ଟ ଅବମାନନା ବୋଲି ଗ୍ରହଣ କରାଯିବ ଓ ଆବେଦନକାରୀ ସମ୍ପୃକ୍ତ ବିଦ୍ୟାଳୟର ପରିଚାଳନା କମିଟି ବିରୋଧରେ ମାମଲା ରୁଜୁ କରିବା ଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ବିଭାଗ ପକ୍ଷରୁ କେତେଜଣ ଜିଲା ଶିକ୍ଷାଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରାଯାଇଥିଲେ ମଧ୍ୟ କୋର୍ଟ ସେଥିରେ ସନ୍ତୁଷ୍ଟ ହୋଇ ନ ଥିଲେ। ସେହିପରି ବିଭାଗ ପକ୍ଷରୁ ଗତ ମାର୍ଚ୍ଚ ୮ରେ ସ୍କୁଲ ବ୍ୟାଗ ଓଜନ ସମ୍ପର୍କିତ ଗାଇଡ୍ ଲାଇନ ପ୍ରକାଶ କରାଯାଇଥିବା ଦର୍ଶାଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ସେପ୍ଟେମ୍ବର ୨୩ରେ ହେବ।

ମିଳିଥିବା ସୂଚନା ଅନୁଯାୟୀ, ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ବ୍ୟାଗ୍‌ର ଓଜନ ବୃଦ୍ଧିକୁ ନେଇ କହ୍ନେୟାଲାଲ ସରକାରଙ୍କ ବିରୋଧରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ପରେ ରାଜ୍ୟ ସରକାର ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ବ୍ୟାଗ୍‌ର ଓଜନ ୧.୫ କିଗ୍ରା, ତୃତୀୟରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ବ୍ୟାଗ୍‌ର ଓଜନ ୩ କିଗ୍ରା, ଷଷ୍ଠ ଏବଂ ସପ୍ତମ ଶ୍ରେଣୀ ବିଦ୍ୟାର୍ଥୀଙ୍କ ବ୍ୟାଗ୍‌ର ଓଜନ ୪କିଗ୍ରାରୁ କମ୍, ଅଷ୍ଟମ ଏବଂ ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ବ୍ୟାଗର ଓଜନ ୪.୫ କିଗ୍ରା ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ବ୍ୟାଗର ଓଜନ ୫ କିଲୋରୁ ଅଧିକ ନ ହେବା ଲାଗି ବିଜ୍ଞପ୍ତି ପ୍ରକାଶ କରିଥିଲେ। ମାତ୍ର ଏହି ନିୟମ ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବା ହାଇକୋର୍ଟ ହୃଦୟଙ୍ଗମ କରି ସୋମବାର ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

## ବିଧାନସଭାରେ ବନ୍ୟଜନ୍ତୁ ଉପଦ୍ରବ ପ୍ରସଙ୍ଗ ଉଠାଇଲେ ରୋହିତ

**ସମ୍ବଲପୁର,୫।୮(ବ୍ୟୁରୋ)**

ରେଢାଖୋଲ ବିଧାୟକ ରୋହିତ ପୂଜାରୀ ବିଧାନସଭାରେ ବନ୍ୟଜନ୍ତୁଙ୍କ ଦ୍ୱାରା ଲୋକେ କିଭଳି କ୍ଷତିଗ୍ରସ୍ତ ହେଉଛନ୍ତି ସେ ପ୍ରସଙ୍ଗ ଉଠାଇଛନ୍ତି। ସମଗ୍ର ରାଜ୍ୟରେ ବନ୍ୟପ୍ରାଣୀଙ୍କ ଦ୍ୱାରା ସାଧାରଣ ଲୋକ କ୍ଷତିଗ୍ରସ୍ତ ହେଉଛନ୍ତି । ସମ୍ବଲପୁର ଜିଲାର ରେଢାଖୋଲ ନିର୍ବାଚନ ମଣ୍ଡଳୀ ଜଙ୍ଗଲ ଘେରରେ ରହିଛି। ଏଣୁ ପ୍ରତିବର୍ଷ ଚାଷୀ ଓ ଗ୍ରାମବାସୀ କ୍ଷତିଗ୍ରସ୍ତ ହେଉଛନ୍ତି । ବିଶେଷ କରି ହାତୀ ଓ ବାର୍‌ହା ପଲ ଫସଲ ନଷ୍ଟ କରୁଛନ୍ତି। ଆକ୍ରମଣରେ ଲୋକଙ୍କ ମୃତ୍ୟୁ ଘଟୁଛି। ହାତୀପଲ ଲୋକଙ୍କ ଘର ଭାଙ୍ଗୁଛନ୍ତି। ହେଲେ ବନ ବିଭାଗ କ୍ଷତିପୂରଣ ଦେବାରେ ଅବହେଳା କରୁଛି। କ୍ଷତିଗ୍ରସ୍ତ ଲୋକଙ୍କୁ ବର୍ଷ ବର୍ଷ ଧରି କ୍ଷତିପୂରଣ ରାଶି ମିଳୁନାହିଁ। ଲୋକେ ବାରମ୍ବାର ବଭାଗୀୟ ଅଫିସକୁ ଧାଇଁ ଧାଇଁ ନୟାନ୍ତ ହେଉଛନ୍ତି। କ୍ଷତିପୂରଣ ଦେବାର ବ୍ୟବସ୍ଥା ରହିଛି। ହେଲେ ତାହା ବାସ୍ତବ କ୍ଷତିକୁ ଦେଖିଲେ କମ ପରିମାଣର ହେଉଛି। ତେଣୁ କ୍ଷତିପୂରଣ ରାଶି ବୃଦ୍ଧି କରାଯାଉ । ହାତୀ ଆକ୍ରମଣରେ ଘର ଭାଙ୍ଗିବା ଫଳରେ ଲୋକେ ବାସହରା ହୋଇଯାଇଛନ୍ତି । ଏଣୁ ସେମାନଙ୍କୁ ଘର ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯାଉ । ବନ୍ୟ ପ୍ରାଣୀଙ୍କଠାରୁ ଗ୍ରାମବାସୀ ଓ ଫସଲର ସୁରକ୍ଷା ପାଇଁ ସ୍ଥାୟୀ ପ୍ରତିକାର କରାଯାଉ ବୋଲି ସେ ଗୃହରେ ଦାବି କରିଥିଲେ। ବିଗତ ବର୍ଷ ଗୁଡିକରେ ହୋଇଥିବା କ୍ଷତିପୂରଣ ରାଶି ଶୀଘ୍ର ପ୍ରଦାନ କରିବାର ବ୍ୟବସ୍ଥା କରାଯାଉ ବୋଲି ରୋହିତ ଦାବି କରିଛନ୍ତି।

## ଛତ୍ରପୁର, ଆସ୍କା, ଭଞ୍ଜନଗର ଏନ୍‌ଏସିକୁ ମ୍ୟୁନିସିପାଲିଟି ଘୋଷଣା କର: ହାଇକୋର୍ଟ

**କଟକ ଅଫିସ, ୫।୮**

ଛତ୍ରପୁର, ଆସ୍କା ଓ ଭଞ୍ଜନଗର ଏନ୍‌ଏସିକୁ ୩ ମାସ ମଧ୍ୟରେ ମ୍ୟୁନିସିପାଲିଟି ଭାବେ ଘୋଷଣା କରିବାକୁ ହାଇକୋର୍ଟ ସୋମବାର ରାଜ୍ୟ ଗୃହ ଏବଂ ନଗର ଉନ୍ନୟନ ବିଭାଗ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭାରତୀୟ ବିକାଶ ପରିଷଦ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀଙ୍କ ପକ୍ଷରୁ ରୁଜୁ ହୋଇଥିବା ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ଜଷ୍ଟିସ କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଜାରି କରିଛନ୍ତି। ଆବେଦନକାରୀ ପିଟିଶନରେ ଦର୍ଶାଇଥିଲେ, ଉପରୋକ୍ତ ଅଞ୍ଚଳବାସୀ ସର୍ବନିମ୍ନ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ପାନୀୟଜଳ, ଶିକ୍ଷା, ଗମନାଗମନ, ସ୍ୱାସ୍ଥ୍ୟସେବା ଭଳି ମୌଳିକ ସୁବିଧା ଏଠାରେ ଉପଲବ୍ଧ ହୋଇପାରିନାହିଁ। ୨୦୧୧ ଜନଗଣନା ଅନୁଯାୟୀ, ଉକ୍ତ ଅଞ୍ଚଳର ଜନସଂଖ୍ୟା ମ୍ୟୁନିସିପାଲିଟି ଜନସଂଖ୍ୟାଠାରୁ ଅଧିକ ରହିଛି। ଆସ୍କା ସହର ଓଡ଼ିଶାର ଏକ ପ୍ରମୁଖ ବାଣିଜ୍ୟ କେନ୍ଦ୍ର। ଜନଗଣନା ଅନୁଯାୟୀ, ଏହି ଏନ୍‌ଏସି ଅଧୀନରେ ୨୧,୪୨୮ ବ୍ୟକ୍ତି ବାସ କରୁଛନ୍ତି। ସେହିପରି ଏହାର ଆଖପାଖ ୬ଟି ସହରର ଜନସଂଖ୍ୟାକୁ ମିଶାଇଲେ ମୋଟ ୩୭, ୧୮୬ ଜଣ ବସବାସ କରୁଛନ୍ତି। ସେହିପରି ଭଞ୍ଜନଗର ଏନ୍‌ଏସିର ଜନସଂଖ୍ୟା ୨୦,୪୮୨ ରହିଥିବାବେଳେ ଏହାର ଆଖପାଖ ୯ଟି ସହରର ଜନସଂଖ୍ୟାକୁ ମିଶାଇଲେ ମୋଟ୍ ୪୫,୪୫୦ ହେବ। ଛତ୍ରପୁର ଏନ୍‌ଏସି ଅଧୀନରେ ୨୨ହଜାର ୨୭ ଜଣ ବାସ କରୁଥିବାବେଳେ ଏହା ସଂଲଗ୍ନ ୪ଟି ସହରର ଜନସଂଖ୍ୟା ମିଶାଇଲେ ୨୭, ୩୪୦ ହେବ। ଓଡ଼ିଶା ମ୍ୟୁନିସିପାଲ କର୍ପୋରେଶନ ଆକ୍ଟ ଅନୁଯାୟୀ, ମ୍ୟୁନିସିପାଲିଟି ଘୋଷଣା ପାଇଁ ୨୫ହଜାର ବା ତାଠାରୁ ଅଧିକ ହେବା ଉଚିତ। ଏଣୁ ଏହି ଅଞ୍ଚଳ ଜନସଂଖ୍ୟା ସର୍ତ୍ତ ପୂରଣ କରୁଥିବାରୁ ଏଗୁଡ଼ିକୁ ମ୍ୟୁନିସିପାଲିଟି ଭାବେ ଘୋଷଣା କରିବାକୁ ପାଣିଗ୍ରାହୀ ପିଟିଶନରେ ଦର୍ଶାଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ବାସୁଦେବ ବାରିକ ମାମଲା ପରିଚାଳନା କରୁଛନ୍ତି।

### ପ୍ରଥମ ପୃଷ୍ଠାରୁ...

## ଅନୁଚ୍ଛେଦ...

କରି ସେ କହିଥିଲେ, କେନ୍ଦ୍ରଶାସିତ ଅଞ୍ଚଳ ଲଦାଖର ଚଣ୍ଡିଗଡ଼ ଭଳି କୌଣସି ବ୍ୟବସ୍ଥାପିକା ରହିବ ନାହିଁ। ଅନ୍ୟପକ୍ଷରେ କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀରରେ ଦିଲ୍ଲୀ ଓ ପଣ୍ଡିଚେରୀ ଭଳି ଏକ ବିଧାନସଭା ରହିବ। ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଏହି ଘୋଷଣା ସହ ଗୃହରେ ହୋହଲ୍ଲା ଓ ହଟ୍ଟଗୋଳ ହୋଇଥିଲା। ଗୃହରେ ବିରୋଧୀ ଦଳ ନେତା ଗୁଲାମନବୀ ଆଜାଦ ବିଲ୍‌କୁ ବିରୋଧ କରି କହିଥିଲେ, ସେ ତାଙ୍କ ରାଜନୈତିକ ଜୀବନରେ ଏପରି ହେବ ବୋଲି କେବେ ଚିନ୍ତା କରି ନ ଥିଲେ। ଦିନେ ଭାରତର ମୁକୁଟକୁ ଛେଦି ଦିଆଯିବ ଏହା ତାଙ୍କ କଳ୍ପନା ବାହାରେ ଥିଲା। ଏହି ବିଲ୍ ଗୃହୀତ ହେଲେ ଭାରତୀୟ ଇତିହାସ ପାଇଁ କଳାଦିନ ହେବ। ରାଜ୍ୟର ମାନଚିତ୍ରକୁ ହଟାଇ ଦୁଇଫାଳ କରିବା ଦୁର୍ଭାଗ୍ୟଜନକ ବୋଲି ସେ ସମାଲୋଚନା କରିଥିଲେ। ବିଜେଡି, ଏଆଇଏଡିଏମ୍‌କେ, ୱାଇଏସ୍‌ଆର୍ କଂଗ୍ରେସ, ଆଇଏନ୍‌ଏଲ୍‌ଡି, ବିଏସ୍‌ପି, ଏଏପି, ଶିବସେନା ଏହାକୁ ପୂର୍ଣ୍ଣ ସମର୍ଥନ କରିଥିବାବେଳେ ଏନ୍‌ସି, ପିଡିପି ସମେତ କଂଗ୍ରେସ, ଟିଏମ୍‌ସି, ଡିଏମ୍‌କେ, ଏସ୍‌ପି ଏବଂ ଆର୍‌ଜେଡି ଭଳି ଦଳ ବିରୋଧ କରିଥିଲେ।ଏନ୍‌ଡିଏ ସହଯୋଗୀ ଜେଡିୟୁ ଏହାକୁ ବିରୋଧ କରି କକ୍ଷତ୍ୟାଗ କରିଥିଲା। ଶେଷରେ ବିଲ୍ ବହୁମତରେ ଗୃହୀତ ହୋଇଛି। ମଙ୍ଗଳବାର ଏହା ଲୋକ ସଭାରେ ଆଗତ ହୋଇପାରେ।

ଇତିମଧ୍ୟରେ କଶ୍ମୀରର ସୁରକ୍ଷା ସ୍ଥିତି ସମୀକ୍ଷା କରିବା ପାଇଁ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ଶ୍ରୀନଗର ଗସ୍ତ କରିଛନ୍ତି। ଉପତ୍ୟକାକୁ ଅତିରିକ୍ତ ୮ ହଜାର ଯବାନଙ୍କୁ ପଠାଯାଇଛି।

ପ୍ରଧାନମନ୍ତ୍ରୀ ମୋଦି ବୁଧବାର ଜାତି ଉଦ୍ଦେଶ୍ୟରେ ସମ୍ବୋଧିତ କରିପାରନ୍ତି। ଅନ୍ୟପକ୍ଷରେ ଏହି ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମ ପରେ ଜାତୀୟ ରାଜନୀତିରେ ଉଷ୍ମତା ବୃଦ୍ଧି ପାଇବା ସହ ନୂଆ ସାମ୍ବିଧାନିକ ବିତର୍କ ଆରମ୍ଭ ହୋଇଛି। ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତି କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପକୁ ନିନ୍ଦା କରିଛନ୍ତି। ସେ କହିଛନ୍ତି, ଭାରତ ତା'ର ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ହୋଇଛି। ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରିବା ନେଇ କେନ୍ଦ୍ରର ଏକତରଫା ନିଷ୍ପତ୍ତି ବେଆଇନ ଓ ଅସାମ୍ବିଧାନିକ। ଏହା ଜମ୍ମୁ-କଶ୍ମୀରରେ ଭାରତକୁ ଏକ ଜବରଦସ୍ତ ଦଖଲକାରୀ ବଳ ଭାବେ ପରିଣତ କରିବ ବୋଲି ମେହବୁବା ଟୁଇଟ୍ କରିଛନ୍ତି। ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବ୍‌ଦୁଲ୍ଲା ନିଜ ଅସନ୍ତୋଷ ବ୍ୟକ୍ତ କରି ସରକାରଙ୍କ ପଦକ୍ଷେପକୁ ଏକତରଫା ବୋଲି ଅଭିହିତ କରିଛନ୍ତି। ଭାରତ ସରକାରଙ୍କ ନିଷ୍ପତ୍ତି ଜମ୍ମୁ-କଶ୍ମୀରବାସୀଙ୍କ ପ୍ରତି ବିଶ୍ୱାସଘାତ। ଏହି ନିଷ୍ପତ୍ତିର ପରିଣାମ ଭୟଙ୍କର ହେବ ବୋଲି ସେ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ଚନ୍ଦ୍ର ବଳହୀନ ମଙ୍ଗଳ ନକ୍ଷତ୍ରସ୍ଥ ଯୋଗୁ କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡିକ ବିଶୃଙ୍ଖଳିତ ହେବା ସହ କର୍ମକ୍ଷେତ୍ରରେ ଝଗଡ଼ା ଲାଗିପାରେ। ପାରିବାରିକ ଅସହଯୋଗରୁ କାର୍ଯ୍ୟ ହାସଲ ନ ହେବା ହେତୁ ଚିନ୍ତିତ ରହିବେ। ପାରିପାର୍ଶ୍ୱିକ ସମସ୍ୟାକୁ ସରଳଭାବେ ସମାଧାନ କରି ପ୍ରଶଂସିତ ହୋଇପାରନ୍ତି।

**ବୃଷ**
ସ୍ୱସ୍ଥାନହନ୍ତା ବୃହସ୍ପତି ଯୋଗୁ ଆଜିର ଯାତ୍ରା ସମସ୍ୟାବହୁଳ ହୋଇପାରେ । କାଶ ଓ କଫଜନିତ ପୀଡାରୁ କଷ୍ଟ ଅନୁଭବ କରିପାରନ୍ତି। ତତ୍ ସଙ୍ଗେ ସଙ୍ଗେ ଆତ୍ମୀୟସ୍ୱଜନଙ୍କ ପାଇଁ ଚିନ୍ତା ବଢିଯିବ। ଆନୁଷ୍ଠାନିକ କ୍ଷେତ୍ରରେ, ମିତ୍ର ବନ୍ଧୁରେ,ଲେଖାପଢାରେ ସମ୍ମାନିତ ହୋଇପାରନ୍ତି। ବାଣିଜ୍ୟ ଓ ପରିବହନାଦି ବିଭିନ୍ନ ଦିଗରୁ ଲାଭବାନ ହେବେ।

**ମିଥୁନ**
ରାଶ୍ୟାଧିପ ବୁଧ ଗୁରୁନକ୍ଷତ୍ରସ୍ଥ ଯୋଗୁ କର୍ମାରମ୍ଭରେ ସଙ୍କଟର ସମ୍ମୁଖୀନ ହୋଇପାରନ୍ତି। ଧାର କରଜ କରି ମଧ୍ୟ ଆବଶ୍ୟକତାକୁ ପୂରଣ କରିବାରେ ସଫଳ ନ ହୋଇପାରନ୍ତି। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବା ସହ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ଅବଶ୍ୟ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି।

**କର୍କଟ**
ଚନ୍ଦ୍ରଙ୍କ ଭାଗ୍ୟସ୍ଥାନକୁ ପୂର୍ଣ୍ଣଦୃଷ୍ଟି ଯୋଗୁ ଆପଣଙ୍କର ଦକ୍ଷତା ବୃଦ୍ଧି ଓ ଆଶା ପୂରଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ। ପ୍ରତ୍ୟେକ କ୍ଷେତ୍ରରେ ଯେକୌଣସି ପରିସ୍ଥିତିର ମୁକାବିଲା କରିବାରେ ସମର୍ଥ ହେବେ। କିନ୍ତୁ ବନ୍ଧୁଙ୍କ ପ୍ରହେଳିକାପୂର୍ଣ୍ଣ କଥା ଶୁଣି ମରୀଚିକା ପଛରେ ଦୌଡିପାରନ୍ତି। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବ।

**ସିଂହ**
ରବି ମୁଣ୍ଡବିହୀନ ଗ୍ରହ କେତୁ ନକ୍ଷତ୍ରସ୍ଥ ଯୋଗୁ ଆପଣଙ୍କ ଦୂରଦର୍ଶିତାବିହୀନ କାର୍ଯ୍ୟ ସମସ୍ୟା ସୃଷ୍ଟି କରିପାରେ। କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରି ସଫଳତା ପାଇବା କାଠିକର ପାଠ ହୋଇପାରେ। ଏପରି କି ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ପରିବହନରେ ସମସ୍ୟାକୁ ସମାଧାନ କରିବାରେ ସଫଳତା ମିଳିବ।

**କନ୍ୟା**
କର୍ମଭାବସ୍ଥ ରାହୁ ପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ମନୋଭାବ ପୋଷଣ କରିବେ। ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ସାହିତ୍ୟ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ର, ଆଇନ ଅଦାଲତ କ୍ଷେତ୍ରରେ ଆଶାନୁଯାୟୀ ଫଳ ପାଇବେ। ପ୍ରିୟଜନଙ୍କ ସହିତ ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ।

**ତୁଳା**
ଏକାଧିକଗ୍ରହ କର୍ମସ୍ଥାନକୁ ପ୍ରଭାବିତ କରୁଥିବାରୁ ଗତକାଲିର ଆଲୋଚନା ଅନୁଯାୟୀ ଆଜିର କାମ ସବୁ ଠିକ୍ ଠିକ୍ ହୋଇଯିବ। ତଥାପି କେତେକ କ୍ଷେତ୍ରରେ ଇଚ୍ଛା ବିରୋଧରେ କାମ କରି ଅନୁତାପ କରିବାକୁ ପଡ଼ିପାରେ। ଈର୍ଷାପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି କଟୁମନ୍ତବ୍ୟ ଦେଇପାରନ୍ତି।

**ବିଛା**
ଶନିଙ୍କ ସ୍ୱଗୃହଦୃଷ୍ଟି ଆଧ୍ୟାତ୍ମିକ, ପାରିବାରିକ, ଟେକ୍ନିକାଲ୍ କାର୍ଯ୍ୟ, ଆଇନ ଅଦାଲତ ପ୍ରଭୃତି କ୍ଷେତ୍ରରେ ସୁଫଳ ଦେବାରେ ସମର୍ଥ ହେବ। ଆନୁଷ୍ଠାନିକ, ରାଜନୈତିକ ତଥା ଶିଳ୍ପ,ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ ସଫଳତା ପାଇପାରିବେ। ପରିବହନ ଓ ନିର୍ମାଣ, ଆଲୋଚନା, ସଭା ସମିତି ଓ ଚୁକ୍ତିପତ୍ର ପାଇଁ ଦିନଟି ଭଲ।

**ଧନୁ**
କର୍ମଭାବସ୍ଥ ଚନ୍ଦ୍ର ଚିତ୍ରା ନକ୍ଷତ୍ରସ୍ଥ ଯୋଗୁ ଆକସ୍ମିକ ଭାବେ ଉଚ୍ଚବର୍ଗଙ୍କ ସାହାଯ୍ୟ ପ୍ରାପ୍ତିରୁ ବଞ୍ଚିତ ହୋଇପାରନ୍ତି। ପ୍ରକାଶନ କିମ୍ବା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବା ବଦଳରେ ବୃଦ୍ଧି ପାଇପାରେ। ପାରିବାରିକ, ପାଖପଡ଼ୋଶୀ, ଶିକ୍ଷା ପରୀକ୍ଷାଦି କ୍ଷେତ୍ରରେ ସଫଳତା ପାଇବାରେ ଅସୁବିଧା ହେବନାହିଁ।

**ମକର**
ଭାଗ୍ୟସ୍ଥାନସ୍ଥ ଚନ୍ଦ୍ର ଆପଣଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିଦେବ। ଆଜି ଅଫିସରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହେବାକୁ ପଡିପାରେ। ନୂତନ କର୍ମାରମ୍ଭ, ଯାନବାହନ, ସଭାସମିତି ଓ ପାରିବାରିକ ସମସ୍ୟା ସମାଧାନ ଦିଗରେ ଯତ୍ନବାନ୍ ହୋଇପାରନ୍ତି। ଶିଳ୍ପ, ବ୍ୟବସାୟରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ।

**କୁମ୍ଭ**
ଶୁକ୍ର ଗ୍ରହଯୁଦ୍ଧରେ ଦୁର୍ବଳଜନିତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ। ମନେ ମନେ ଭାବୁଥିବା କଥାଟିକୁ ବନ୍ଧୁଙ୍କ ମୁହଁ ସାମ୍ନାରେ କହିପାରିବେ ନାହିଁ। ଏକାଧିକ ଗ୍ରହ ପ୍ରଭାବରେ ବାଦବିବାଦରେ ସଫଳତା ପାଇବେ ଓ ଅର୍ଥାଭାବ ଦୂରେଇଯିବ। ଆକସ୍ମିକ ଭାବରେ ସମ୍ପର୍କୀୟ ଜଣେ ସାହାଯ୍ୟ କରିବେ।

**ମୀନ**
ଅଧିକାଂଶ ଅପୂରଣୀୟ ଅଭିଳାଷ ନେଇ ନୈରାଶ୍ୟଜନିତ ଦୁଃଖ ଅନୁଭବ କରିପାରନ୍ତି। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରେ ଆସି କେତେକାଂଶରେ ସାନ୍ତ୍ୱନାମୂଳକ ପରାମର୍ଶ ପାଇପାରନ୍ତି। ଆଜି ଯେକୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ ଅପ୍ରିୟ ସତକଥା କହିଲେ ଶତ୍ରୁତା ବୃଦ୍ଧି ବ୍ୟତୀତ କିଛି ଲାଭ ହେବନି।

ଆଜି ଶ୍ରାବଣ ଶୁକ୍ଳ ଷଷ୍ଠୀ ଯୁକ୍ତ ସପ୍ତମୀ ମଙ୍ଗଳବାର, ଅଗଷ୍ଟ ୬ ତାରିଖ, ହିରୋଶିମା ଦିବସ, ରାଶି ନକ୍ଷତ୍ର-ଚିତ୍ରା/କନ୍ୟା, ଦିବା ଘ୧୧ ।୫୮ମି. ଗତେ, ତୁଳା ଚନ୍ଦ୍ର, ମକର ରାଶିର ଘାତବାର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ଏବଂ ସପ୍ତମୀର ମଧ୍ୟ ପାର୍ବଣ ଶ୍ରାଦ୍ଧ, ଦିବା ଘ୮ ।୨୮ମି. ଗତେ ଘ୧୦ ।୦୭ମି. ମଧ୍ୟେ, ଘ୧୧ ।୪୬ମି. ଗତେ ଘ୧ ।୨୫ମି. ମଧ୍ୟେ ଅମୃତ ବେଳା। ଦିବା ଘ୧୦ ।୦୭ମି. ଗତେ ଘ୧୧ ।୪୬ମି ମଧ୍ୟେ. ମାହେନ୍ଦ୍ର ବେଳା। ଦିବା ଘ୩ ।୦୫ମି. ଗତେ ଘ୪ ।୪୧ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302



**SALE**

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-13351

**ଭୁବନେଶ୍ୱର ବାଳକାଟିବଜାରରୁ 2km. boundary ଘରବାରି plot ଇଲେକ୍ଟ୍ରିସିଟି ସୁବିଧାଥାଇ sqft.-550/- (Spot possession then registration). 9348020724, 7978939440.** D-66744

Gharabari, boundary, Electricity plot at Bhingarpur, Hanspal. Call: 9937816565, 9937568585. D-13653

SUM Hospital ନିକଟରେ ଏବଂ ତମାଣ୍ଡୋ ବଜାର ପଛପଟେ ଘରବାରି plot ମିଳୁଅଛି। 9439864322. D-66752

**ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ। 9114955347, 8658962508.** D-66753

Residential 3100 sqft. corner plot sale Gouri Nagar, Ravi Talkies. 3600/- per sqft. . Call byuer only, No brokers. 7978474487. D-13787

**Ready to construction BDA yellowzone boundary, Electricity plot near VSS Nagar, Chakeisihani. 7978666923, 7326065426.** D-66751

**ଭୁବନେଶ୍ୱର ଜଟଣୀ ଗେଟ୍ NH5 ରୁ ଅଳ୍ପଦୂରତାରେ 1200sqft, 2,16,000/, IIT Argul ରେଲୱେ ଷ୍ଟେସନଠାରେ 1200sqft 2,00,000/- ରେ outright ରେ ମିଳୁଅଛି । 9776974912, 8144706560.** D-66750

C.V. Raman College ପାଖରେ 4000 sqft plot ବିକ୍ରିହେବ। Contact: 9778928492. D-65674

**ନଖରା ତ୍ରିନାଥବଜାରଠାରେ SC plot ଘରବାରି ପାଚେରି ସହ 1500କୁ 5,25,000/, general plot sqft-400/- outrightରେ ମିଳୁଅଛି। 9348847649, 8249243709.** D-66749

**Ready to move 4BHK flat near Hotel Mayfair, Jaydev Vihar, price Rs. 5500/- per sqft & triplex and duplex at Rangabazar near BJEM English Medium School-II. Price start Rs. 45lakhs. Call: 9040046767, 9040007267.** D-67340

**ORERA registered 1BHK studio flats @ Narendrakona, Puri, construction in full-swing. Mobile: 9238356740, 9437030740.** D-67339

Investment plot for sale near AIIMS Hospital, Bhubaneswar. 7749092225, 7327097208. D-67344

**Residential plot at Bramhan Jharilo gharabari with compound wall 6k.m from Nakhara, Cuttack. 7809525452/ 8249851363.** D-66937



**Construct your dream home with pillar beam and interior design from the experts. Contact: 7008550473.** D-13651



Three bedroom, two bath, kitchen, drawing cum dining, big balcony at Sahid Nagar. Contact: 9937444411. D-66275

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-, ରଙ୍ଗୀନ ଟ୪୨୦/- (ଫଟୋ ସହ) ।
ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



Shivam logistic packers movers. Household/ car relocation countrywide. 9777044177, 9338461133. D-13610



Fully refreshed / relaxed body massage by expert therapist, Shastri Nagar. 7377984773. D-67333

Rejuvenate and ayurvedic full body massage by smart therapist. 9114402304. D-67334

Kajal ayurvedic massage club fully relaxed by smart lady, home service available. 9937637219. D-66934

Ayurvedic full body massage ladies & gents smart therapist. 9040900385. D-66935

Full body herbal massage with refreshment expert therapist. 7381239385, 06742540855. D-67337

Experience full body massage with us (expert). Call: 7377048581, 06742597822. D-67338

Herbal full body massage by smart / expert therapist. Contact: 8338067247. D-67335

Summer special mesmerizing offer expert therapeutic refreshing massage appointment. 9668374480. D-67336

Thailand unisex massage experience luxurious hospitality home services. 7077335555. thailandunisexspa9853999966@gmail.com. D-59937

Physiotherapy full body massage by trained ladies / gents therapist: 7008773793. D-67030

Newly opening Ayurvedic body massage smart therapist, Shree herbal, 775 0020754. D-67343



ଫିସ୍ ନୁହେଁ, ପୁରସ୍କାର ନେବି, ସମସ୍ୟା ନୁହେଁ ସମାଧାନ ଦେବି। Gold Medalist, ପ୍ରେମବିବାହ, ସଉତୁଣୀ-ଶତ୍ରୁମୁକ୍ତି, ସମାଧାନ ଗୋଟିଏ ଫୋନ୍‌ରେ। 09521603776 096106-09485. D-13718

ଆଚାର୍ଯ୍ୟଜୀ ଗୋଲ୍ଡ ମେଡ଼ାଲିଷ୍ଟ। ସମସ୍ୟାର ତୁରନ୍ତ ସମାଧାନ। ବଶୀକରଣ, ପ୍ରେମବିବାହ, ପ୍ରେମରେ ପ୍ରତାରଣା, ସଉତୁଣୀ ଶତ୍ରୁମୁକ୍ତି, ପ୍ରେମିକ, ସ୍ୱାମୀ, ସନ୍ତାନ, ମନୋମାଳିନ୍ୟ। ସମସ୍ୟା ଯାହା ବି ହେଉ- 8054019023, 9779158760. D-13793

## AFFIDAVIT

By virtue of an affidavit before the Notary Public, Nayagarh on dt. 03.08.2019, I, Dr. Saraswati Kissan have changed my surname from Kissan to Kata. I will be known as Dr. Saraswati Kata, wife of Dr. Lochan Kumar Kata for all purposes. D-13785

By virtue of an affidavit before the Notary, Bhubaneswar on 27.03.2006, I Susant Khodei of Balipatna, hereby declare that my late father's name has been mentioned as Suna Khodei in his death Certificate, Voter ID Card and in my mother's Aadhar Card, whereas his name is Surendra Khodei in my Aadhar Card. So for all future purposes Suna Khodei and Surendra Khodei will be one and the same person. D-13786

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯଦି ନିଜର ଶରୀରକୁ ଶାନ୍ତ ରଖିପାରିବ,
ତେବେ ସାରା ବିଶ୍ୱକୁ ଜୟ କରିପାରିବ।
- ଗୁରୁ ନାନକ






ବଲାଙ୍ଗୀର ପୋଲିସ ମାଇକ୍ରୋ ଫାଇନାନ୍ସ ଟଙ୍କା ଲୁଟ୍ ର୍ୟାକେଟ୍ ଧରାପଡିବା ପରେ ତାଙ୍କଠାରୁ ଜବତ କରିଥିବା ୩ ବାଇକ୍, ୭ ମୋବାଇଲ ଫୋନ୍ ଓ ୩ ହଜାର ୫୦ ଟଙ୍କା।

# ମାଇକ୍ରୋ ଫାଇନାନ୍ସ ଟଙ୍କା ଲୁଟ୍ ର୍ୟାକେଟ୍‌ର ୫ ଗିରଫ

**ବଲାଙ୍ଗୀର ଅଫିସ, ୫।୮**

- ଲୁଟ୍‌ରେ ବ୍ୟବହୃତ ୩ ବାଇକ୍ ଜବତ
- ଦେଓଗାଁ ଡକାୟତ ଦଳର ଜଣେ ଅଭିଯୁକ୍ତ ଗିରଫ
- ନଗଦ ଟଙ୍କା, ମୋବାଇଲ ସହ ଖେଳଣା ବନ୍ଧୁକ ଜବତ



ଗିରଫ ୫ ଲୁଟେରା।

କିଛିବର୍ଷ ହେଲା ବଲାଙ୍ଗୀର ଜିଲାରେ ମାତିଥିବା ମାଇକ୍ରୋ ଫାଇନାନ୍ସ ଟଙ୍କା ଲୁଟ୍ ର୍ୟାକେଟ୍‌ର ୫ ସଦସ୍ୟଙ୍କୁ ବଲାଙ୍ଗୀର ପୋଲିସ ଗିରଫ କରିଛି। ସେମାନଙ୍କଠାରୁ ୩ ବାଇକ୍, ୭ ମୋବାଇଲ ଫୋନ୍ ଓ ୩ ହଜାର ୫୦ ଟଙ୍କା ପୋଲିସ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ବଲାଙ୍ଗୀର ଓ ଆଖପାଖ ଅଞ୍ଚଳରେ ମାଇକ୍ରୋ ଫାଇନାନ୍ସ ଅଧିକାରୀଙ୍କୁ ଟାର୍ଗେଟ କରି ସେମାନଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟ୍ କରୁଥିବା ଜଣାପଡିଛି। ଗତ ୧ତାରିଖ ଦିନ ସ୍ପନ୍ଦନ ସ୍ଫୁର୍ତି ଫାଇନାନ୍ସ ଲିମିଟେଡ୍‌ର କ୍ରେଡିଟ୍ ଆସିଷ୍ଟାଣ୍ଟ ଜିତେନ୍ଦ୍ର ସେଠୀ ଫଟାମୁଣ୍ଡା ଗାଁର ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍ଏଚ୍‌ଜି)ଠାରୁ ଟଙ୍କା ସଂଗ୍ରହ କରି ବଲାଙ୍ଗୀର ଫେରୁଥିଲେ। ସଦର ଥାନା ଅନ୍ତର୍ଗତ ସିନ୍‌ଖମନ୍-ଜଲିଆ ଗାଁ ମଝିରେ ବନ୍ଧୁକ ଦେଖାଇ ଲୁଟେରାମାନେ ତାଙ୍କଠାରୁ ୨୦ହଜାର ୫୦ଟଙ୍କା ଲୁଟିନେଇ ଫେରାର ହୋଇଯାଇଥିଲେ। ଏହା ସହିତ ଲୁଟେରାମାନେ ଜିତେନ୍ଦ୍ରଙ୍କ ସ୍ମାର୍ଟ ଫୋନ୍, ୫ ଶହ ଟଙ୍କା ଥିବା ମନିପର୍ସ, ଦୁଇଟି ଏଟିଏମ୍ କ୍ରେଡିଟ୍ କାର୍ଡ ଲୁଟି ନେଇଥିଲେ। ଏ ନେଇ ଜିତେନ୍ଦ୍ର ସଦର ଥାନାରେ ରିପୋର୍ଟ କରିଥିଲେ। ଅଭିଯୋଗ ପରେ ସଦର ଥାନା ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଉକ୍ତ ଘଟଣାର ମାଷ୍ଟରମାଇଣ୍ଡ କୁହାଯାଉଥିବା ପୁଇଁନ୍ତଲା ବ୍ଲକ୍ ଖରକୁରା ଗାଁର ଜିତେନ୍ଦ୍ର ନାଗ ଓରଫ୍ ବାବୁଲା (୨୨) ଓ ଫଟକରା ଗ୍ରାମର ଶିବ ଓରଫ୍ ଶିବ ପ୍ରସାଦ ଜାଲ (୨୬)ଙ୍କୁ ପୋଲିସ ଗିରଫ କରିଥିଲା। ଉଭୟ ଅଭିଯୁକ୍ତ ମାଇକ୍ରୋ ଫାଇନାନ୍ସ କର୍ମଚାରୀଙ୍କଠାରୁ କିଭଳି ଟଙ୍କା ଲୁଟ୍ ଯୋଜନା ପ୍ରସ୍ତୁତ କରୁଥିଲେ ତାର ସବିଶେଷ ତଥ୍ୟ ଦେଇଥିଲେ। ଏଥିସହିତ ଏହି ର୍ୟାକେଟ୍‌ରେ କେଉଁମାନେ ସମ୍ପୃକ୍ତ ଥିଲେ ତାହା ଜଣାଇଥିଲେ। ସେହି ସୂଚନା ଆଧାରରେ ଜଲିଆ ଗାଁର ଅଶୋକ ହରପାଲ (୨୫), ସୁର୍ଡା ଗାଁର ମାୟାଧର ସୁନା ଓରଫ୍ କୁନାଲ (୨୭) ଓ ଜାମସର ଗ୍ରାମର ଚୁଡାମଣି ଶିକା ଓରଫ୍ ଜିତୁ (୧୮)ଙ୍କୁ ପୋଲିସ ବିଭିନ୍ନ ସ୍ଥାନରୁ ଗିରଫ କରିଛି। ସମସ୍ତ ୫ ଅଭିଯୁକ୍ତଙ୍କୁ ପୋଲିସ ଖବରଦାତା ସମ୍ମିଳନୀରେ ହାଜର କରିବା ପରେ କୋର୍ଟ ଚାଲାଣ କରିଛି। ଏହି ଅଭିଯୁକ୍ତମାନେ ପୁଇଁନ୍ତଲା, ସଦର ଓ ଦେଓଗାଁ ଥାନା ଅଞ୍ଚଳରେ କ୍ରମାଗତ ଭାବେ ମାଇକ୍ରୋଫାଇନାନ୍ସ କର୍ମଚାରୀଙ୍କୁ ଟାର୍ଗେଟ କରି ଟଙ୍କା ଲୁଟୁଥିଲେ। ଗିରଫ ୫ଜଣଙ୍କ ଭିତରେ ଦେଓଗାଁରେ ଘଟିଥିବା ୧୯ଲକ୍ଷ ଟଙ୍କା ଲୁଟ୍ ଘଟଣାର ମୁଖ୍ୟ ଅଭିଯୁକ୍ତ ଶିବ ଓରଫ୍ ଶିବ ପ୍ରସାଦ ଜାଲ ଅଛନ୍ତି। ଅଭିଯୁକ୍ତମାନଙ୍କ ବିରୋଧରେ ପୁଇଁନ୍ତଲା ଓ ସଦର ଥାନାରେ ଏକାଧିକ ମାମଲା ରହିଛି। ଏହି ଘଟଣାରେ ଅଧିକ ତଦନ୍ତ ଜାରି ରହିଥିବା ସଦର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ ସୋମବାର ସଦର ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ସଦର ଥାନା ଆଇଆଇସି ଯୋଗେଶ୍ୱର ପଣ୍ଡାଙ୍କ ନେତୃତ୍ୱରେ ପୋଲିସ ଟିମ୍ ଏହି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।



## ଜିଲା ଚିଠି ଅନୁଗୋଳ

## ଜାତୀୟ ରାଜପଥରେ ବିପଦ

ଅନୁଗୋଳ ଜିଲା ଦେଇ ଯାଇଥିବା କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥ ମରଣଯନ୍ତା ପାଲଟିଛି। ବିଶେଷକରି ୪ ଲେନ୍ ବା ପ୍ରଶସ୍ତୀକରଣ କାର୍ଯ୍ୟ ଆରମ୍ଭ ହେବା ଦିନଠାରୁ ଦୁର୍ଘଟଣା ଓ ମୃତାହତ ସଂଖ୍ୟା ବଢ଼ି ଚାଲିଛି। ୨୦୧୧ରୁ ରାସ୍ତା ଦୋହରୀକରଣ ପାଇଁ ଜମି ଅଧିଗ୍ରହଣ କାମ ଆରମ୍ଭ ହୋଇଥିଲା। ହେଲେ ବିଭିନ୍ନ କାରଣରୁ ସେହି କାମ ମନ୍ଥର ଗତିରେ ଚାଲିଛି। ଠିକା ସଂସ୍ଥାର ଏହି ମନ୍ଥରତା ଓ ଅନେକ ସ୍ଥାନରେ ବନ୍ଦ ପଡ଼ିଥିବା କାମ ଯୋଗୁ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଅନୁଗୋଳଠାରୁ ଢେଙ୍କାନାଳ ୬୧ କିଲୋମିଟର ଓ ଅନୁଗୋଳରୁ ସମ୍ବଲପୁର ୧୨୩ କିଲୋମିଟର ରାସ୍ତା ଯାତାୟାତକାରୀଙ୍କ ପାଇଁ ବିପଦପୂର୍ଣ୍ଣ ହୋଇଛି। ଅନେକ ସ୍ଥାନରେ ଦୋହରୀକରଣ କାର୍ଯ୍ୟ ହୋଇ ନ ଥିଲେ ବି ଖାଲି ସ୍ଥାନକୁ ମରାମତି କରାଯାଉ ନାହିଁ। କେବଳ ଠିକା ସଂସ୍ଥା ନୁହେଁ, ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ମଧ୍ୟ ଏ ନେଇ କିଛି କମ୍ ଅବହେଳା ଦେଖାଉନାହାନ୍ତି। ଶିଳ୍ପାଞ୍ଚଳର କେନ୍ଦ୍ରସ୍ଥଳ କୁହାଯାଉଥିବା ବାଁରପାଳଠାରୁ ଆରମ୍ଭ କରି ରନ୍ତଲେଇ ପର୍ଯ୍ୟନ୍ତ ରାସ୍ତା ଅଧିକାଂଶ ସମୟରେ ବିପଦପୂର୍ଣ୍ଣ ହୋଇପଡୁଛି। ଏପରି କି ବିଭିନ୍ନ ସ୍ଥାନରେ ନିର୍ମାଣ ହୋଇଥିବା ସ୍ପିଡ୍ ବ୍ରେକରରେ ରଙ୍ଗ ଦିଆଯାଉ ନ ଥିବାରୁ ସେଠାରେ ଦୁର୍ଘଟଣା ଘଟୁଛି। ରାସ୍ତା ପାର୍ଶ୍ୱରେ ଗାଡ଼ି ଚାଳକଙ୍କ ପାଇଁ ବିଭିନ୍ନ ପ୍ରକାରର ସୂଚନା ଫଳକ ଲଗାଯିବା କଥା। କିନ୍ତୁ ଦୋହରୀକରଣକୁ ବାହାନା କରି ଏପରି ଫଳକ ଲଗାଯାଉ ନାହିଁ। ସଡ଼କ ସୁରକ୍ଷା ସମ୍ପର୍କିତ ଜିଲା ପ୍ରଶାସନ ନିର୍ଦ୍ଦେଶକୁ ଉକ୍ତ ଠିକାସଂସ୍ଥା ଓ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ମଧ୍ୟ ଠିକ୍ ଭାବେ ପାଳନ କରୁ ନ ଥିବା ଅଭିଯୋଗ ହୋଇଛି। ଗତ ଜୁନ ୨୫ ଜିଲାସ୍ତରୀୟ ସଡ଼କ ସୁରକ୍ଷା ବୈଠକରେ ଜିଲା ପ୍ରଶାସନ ପକ୍ଷରୁ ଏ ନେଇ ଅସନ୍ତୋଷ ପ୍ରକାଶ କରାଯାଇଥିଲା। ରାସ୍ତା ମରାମତି ନେଇ ପୂର୍ବ ବୈଠକରେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ପାଳନ କରି ନ ଥିବାରୁ ଅନୁଗୋଳ ଜିଲାପାଳ ବିରକ୍ତ ହୋଇଥିଲେ। ରାସ୍ତାର ଏପରି ଦୁରାବସ୍ଥା ଯୋଗୁ ଦୁର୍ଘଟଣାରେ ମୃତାହତ ସଂଖ୍ୟା ବଢୁଛି, ଏ ନେଇ ବାରମ୍ବାର ସତର୍କ କରାଯାଉଥିଲେ ବି ବିଭାଗୀୟ ଅଧିକାରୀମାନେ ଚେତୁ ନାହାନ୍ତି। ଫଳରେ ଗତ ଦେଢ଼ବର୍ଷରେ ଜିଲା ଦେଇ ଯାଇଥିବା ଏହି ରାଜପଥରେ ୪୬୦ଟି ଦୁର୍ଘଟଣାରେ ୨୧୫ ଜଣଙ୍କ ଜୀବନ ଯାଇଛି। ୪୪୨ ଜଣ ଆହତ ହୋଇଛନ୍ତି। ଗତ ଜାନୁୟାରୀ ୧ରୁ ଫେବୃୟାରୀ ୨୮ ମଧ୍ୟରେ ୭୩ଟି ଦୁର୍ଘଟଣାରେ ୩୬ ଜଣଙ୍କ ପ୍ରାଣହାନି ଘଟିଥିବା ବେଳେ ୭୩ ଜଣ ଆହତ ହୋଇଛନ୍ତି। ଏହାପର ୫ ମାସରେ କେତେ ଦୁର୍ଘଟଣା ଘଟିଛି ଓ କେତେ ଜୀବନ ଯାଇଛି ସେ ନେଇ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ତଥ୍ୟ ଦେଇ ନ ଥିଲେ ବି ସଂଖ୍ୟା ଯେ ଆହୁରି ଅଧିକ ହେବ ତାହା ସହଜରେ ଅନୁମେୟ।

– ଅମିତ କୁମାର ସାମଲ

- ଭୁବନେଶ୍ୱର ସିଡବ୍ଲ୍ୟୁସିକୁ ପାଟଣା କ୍ଷେତ୍ରରେ ମିଶାଇବା ପ୍ରସଙ୍ଗ

# ପାଶ୍ୱାନଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର, ୫।୮ (ବ୍ୟୁରୋ)**



ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ପଣ୍ୟାଗାର ନିଗମ(ସିଡବ୍ଲୁସି)କୁ ଉଚ୍ଛେଦ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଏହାକୁ ପାଟଣାକ୍ଷେତ୍ର ସିଡବ୍ଲୁସି ସହିତ ମିଶାଇବା ପାଇଁ ନିଷ୍ପତ୍ତି ନେବାପରେ ଏହି ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ହସ୍ତକ୍ଷେପ କରିଛନ୍ତି। ଏନେଇ ଧର୍ମେନ୍ଦ୍ର କେନ୍ଦ୍ର ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରୀ ରାମବିଳାସ ପାଶ୍ୱାନଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ଭୁବନେଶ୍ୱର ସିଡବ୍ଲୁସି ସହିତ ପାଟଣା କାର୍ଯ୍ୟାଳୟକୁ ମିଶାଇଲେ ଅଯଥା ଭୌଗୋଳିକ ଏବଂ ପ୍ରଶାସନିକ ଚାପ ବୃଦ୍ଧି ପାଇବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ତେଣୁ ଓଡ଼ିଶାବାସୀଙ୍କ ବୃହତ୍ ସ୍ୱାର୍ଥ ଦୃଷ୍ଟିରୁ ଏହି ପ୍ରସ୍ତାବକୁ ପ୍ରତ୍ୟାହାର କରିବା ଲାଗି ମନ୍ତ୍ରଣାଳୟର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ପାଇଁ ପାଶ୍ୱାନଙ୍କୁ ଚିଠି ଜରିଆରେ ସେ ସୋମବାର ଅନୁରୋଧ କରିଛନ୍ତି।

ଧର୍ମେନ୍ଦ୍ର ଚିଠିରେ ଉଲ୍ଲେଖ କରିଛନ୍ତି, ଭୌଗୋଳିକ ଆହ୍ୱାନର ମୁକାବିଲା, ପ୍ରଶାସନିକ ଦକ୍ଷତା ବୃଦ୍ଧି ଏବଂ ଭଣ୍ଡାରଣକାରୀଙ୍କ ସହିତ ସମ୍ପର୍କ ରଖିବା ତଥା ବିବାଦର ସମାଧାନ ଲାଗି ଭୁବନେଶ୍ୱରଠାରେ ସିଡବ୍ଲୁସିର ଆଞ୍ଚଳିକ କାର୍ଯ୍ୟାଳୟ ୧୯୯୦ରେ ପ୍ରତିଷ୍ଠା କରାଯାଇଥିଲା। ସେହି ସମୟରେ ପାଟଣା କ୍ଷେତ୍ରଠାରୁ ଭିନ୍ନଭାବେ ଏହି କାର୍ଯ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ବର୍ତ୍ତମାନ ରାଜ୍ୟର ୨୧ ପଣ୍ୟାଗାର ଭୁବନେଶ୍ୱରସ୍ଥିତ ସିଡବ୍ଲ୍ୟୁସି କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟ କରୁଛି। ଏହାର ପରିଚାଳନା କ୍ଷମତା ୩.୪୮ ମେଟ୍ରିକ ଟନ୍ ଥିବାବେଳେ ୯୦ ପ୍ରତିଶତ ଦଖଲ ସହିତ ନିୟମିତ ଭାବେ ଲାଭରେ ଚାଲିଛି। ଏଠାରେ ୯୦ ପ୍ରତିଶତ ଓଡ଼ିଆ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ) ତଥା ଓଡ଼ିଶା ରାଜ୍ୟ ସାଧାରଣ ବଣ୍ଟନ ନିଗମ(ଓଏସ୍ଏସ୍‌ସି)ର ଖାଦ୍ୟ ଶସ୍ୟ ଓ ବିଜ୍ଞପିତ ଖାଦ୍ୟ ସାମଗ୍ରୀ ସମେତ ବିଭିନ୍ନ ଜରୁରୀ ଖାଦ୍ୟ ସାମଗ୍ରୀ ଭଣ୍ଡାରଣ ଓ ସଂଗ୍ରହ କରି ରଖିବା ଦିଗରେ ଭୁବନେଶ୍ୱର ସିଡବ୍ଲ୍ୟୁସି କାର୍ଯ୍ୟାଳୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଛି। ବାତ୍ୟା ଫନୀ ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରିଲିଫ୍ ସହାୟତା ଯୋଗାଇବା ଦିଗରେ ମଧ୍ୟ ମହତ୍ତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଥିଲା। ସେହିପରି ବାତ୍ୟା ଓ ବନ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ସମୟରେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ ରାଜ୍ୟକୁ ଗୁରୁତ୍ୱପୂର୍ଣ୍ଣ ସହାୟତା ଯୋଗାଇ ଦେଇଛି। ତେଣୁ ଓଡ଼ିଶାବାସୀଙ୍କ ବୃହତ୍ ସ୍ୱାର୍ଥ ଦୃଷ୍ଟିରୁ ଏହି ମାମଲାରେ ବ୍ୟକ୍ତିଗତ ହସ୍ତକ୍ଷେପ କରି ଏହି ପ୍ରସ୍ତାବକୁ ପ୍ରତ୍ୟାହାର କରିବା ଲାଗି ମନ୍ତ୍ରଣାଳୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାକୁ ଧର୍ମେନ୍ଦ୍ର ଚିଠି ମାଧ୍ୟମରେ ଅନୁରୋଧ କରିଛନ୍ତି।

### ରଣେନ୍ଦ୍ରଙ୍କ ଚିଠି ପରେ ଆନ୍ଦୋଳନକୁ ଓହ୍ଲାଇଲା ବିଜେଡି

ସୂଚନାଯୋଗ୍ୟ, ଗତ ଶନିବାର ଏହି ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ପାଶ୍ୱାନଙ୍କୁ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଚିଠି ଲେଖି ଭୁବନେଶ୍ୱରସ୍ଥିତ ସିଡବ୍ଲୁସି କାର୍ଯ୍ୟାଳୟ ପାଟଣାକୁ ସ୍ଥାନାନ୍ତରିତ ନ କରିବା ଲାଗି ଅନୁରୋଧ କରିଥିଲେ। ଗୋଟିଏ ପଟେ ରାଜ୍ୟ ମନ୍ତ୍ରୀ ଚିଠି ଲେଖି କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କରିଥିବା ବେଳେ ଅନ୍ୟପଟେ ରାସ୍ତାକୁ ଓହ୍ଲାଇଛି ବିଜେଡି। ଭୁବନେଶ୍ୱର ଭିତରେ ଆସୁଥିବା ୩ ବିଧାନସଭା କ୍ଷେତ୍ରର ବିଧାୟକ ସୁଶାନ୍ତ ରାଉତ, ଅଶୋକ ଚନ୍ଦ୍ର ପଣ୍ଡା ଏବଂ ଅନନ୍ତ ନାରାୟଣ ଜେନାଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ ଭୁବନେଶ୍ୱରସ୍ଥିତ ପଣ୍ୟାଗାର ନିଗମ ସମ୍ମୁଖରେ ସୋମବାର ଆନ୍ଦୋଳନ କରିଛନ୍ତି। ଏହାସହ ଏଭଳି ନିଷ୍ପତ୍ତି ଉପରେ ପୁନର୍ବିଚାର କରିବା ପାଇଁ କର୍ମୀମାନେ ପାଣ୍ୟାଗାର ଅଧୀକ୍ଷକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କେନ୍ଦ୍ର ଯଦି ଏହା ଉପରେ ପୁନର୍ବିଚାର ନ କରେ ତେବେ ଦଳପକ୍ଷରୁ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଚେତାବନୀ ଦିଆଯାଇଛି।


GAYATRI GROUP OF INSTITUTION
Gayatri Vihar, Jamadarpali, Sambalpur
ADMISSION OPEN
GAYATRI COLLEGE OF PHYSIOTHERAPY
BPT
(Bachelor of Physiotherapy) Recognised by Govt. of Odisha, H&FW Dept & (Affilited to Sambalpur University) Eligibility: +2 Science Pass
GAYATRI COLLEGE OF PARAMEDICAL SCIENCE
DMLT
(Diploma in Medical Laboratory Technology, Only Govt. Recognized Institute in Sambalpur)
Eligibility: +2 Science with PCB
GAYATRI COLLEGE OF PHARMACY
D.Pharm B.Pharm M.Pharm Ph.D
Eligibility: +2 Science Pass/ (PCB/PCM/ PCIT with 45% and a valid rank of OJEE/JEE (Main)/ NEET for B. Pharm)
CONTACT ADMISSION CELL
7978497929, 9861249377 (PHARMACY)
8249598936- (DMLT),7982724451, 7381578301 (PHYSIOTHERAPY)



16th Birthday Wish



16th Birthday ceremony of our son which will be held on 6th Aug 2019, Tuesday.
Best compliments:
Sukhalata Ojha (Mother), Basanta Kumar Ojha (Father), Santi, Madhu, Jhilli, Babu, Tubuli, Satyabrata, Kumar, Happy, Rakesh, Ashish, Rohini, Nilakantha Ojha and Ojha family & relatives.
D-13788




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜୀବ ଅଛି ବୋଲି କରୁ ଜୁହାର**
**ଜୀବ ଛାଡ଼ିଗଲେ କିଏ କାହାର।**

ମଣିଷ ବଞ୍ଚିଥିବା ପର୍ଯ୍ୟନ୍ତ ଆଦର ସମ୍ମାନ ପାଇଥାଏ। ପ୍ରତିଷ୍ଠା ଗୌରବ ପାଇଁ ସଭିଙ୍କ ପ୍ରିୟଭାଜନ ହୋଇପାରି ଥାଏ। ପରନ୍ତୁ ଆଜି ମଲେ କାଲିକି ଦି'ଦିନ ହେବା ପରି ମରିଗଲା ପରେ ମନରୁ ଭୁଲି ହୋଇଯାଇଥାଏ। ଏ ସଂସାର ମାୟା ରୂପକ। ଏଠାରେ କେହି କାହାର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଜ୍ୟେଷ୍ଠେ କଦଳୀ ଆଷାଢ଼େ କିଆ**
**ପୋତ ନ ପୋତ ହୁଅଇ ଠିଆ।**

ଜ୍ୟେଷ୍ଠ ମାସରେ କଦଳୀ ପୁଆ ଓ ଆଷାଢ଼ ମାସରେ କିଆ ଗଛ ଲଗାଯିବାର ପ୍ରକୃଷ୍ଟ ସମୟ ହୋଇଥାଏ। କାରଣ ଉକ୍ତ ସମୟରେ କଦଳୀ ଓ କିଆ ଗଛ ଲଗାଇଲେ ତା'ପାଇଁ ଉପଯୁକ୍ତ ଯତ୍ନ ନ ନେଇ ପାରିଲେ ମଧ୍ୟ ସେସବୁ ଭଲଭାବେ ବଢ଼ିପାରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
– ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ଭରତପୁର ଖଣି ଦୁର୍ଘଟଣା ଅଚିହ୍ନା ମୃତଦେହ ଉଦ୍ଧାର

**ତାଳଚେର, ୫।୮ (ନି.ପ୍ର.)**

ତାଳଚେର ଭରତପୁର କୋଇଲା ଖଣିରେ ଚାଲିଥିବା ଉଦ୍ଧାର କାର୍ଯ୍ୟ ବେଳେ ସୋମବାର ଏକ ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ମୃତକଙ୍କ ପରିଚୟ ଜଣାପଡିନାହିଁ। ବଲଣ୍ଡା ପୋଲିସ ମୃତଦେହକୁ ତାଳଚେର ଉପଖଣ୍ଡ ଡାକ୍ତରଖାନାର ଶବାଗାରରେ ରଖିଛି। ମୃତଦେହ ଚିହ୍ନଟ ହେବା ପରେ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ପୂର୍ବରୁ ୩ ଜଣ ଶ୍ରମିକଙ୍କ ମୃତଦେହ ସହ ଗୋଟିଏ ଗୋଡ, ହାତ ଉଦ୍ଧାର କରାଯାଇଥିଲା। ଅନ୍ୟଜଣେ ନିଖୋଜ ଥିବା ନେଇ ଉଦ୍ଧାର କାର୍ଯ୍ୟ ଜାରି ରହିଥିଲା।


ଜନ୍ମଦିନ ଶୁଭେଚ୍ଛା



ସମ୍ବିତ କୁମାର ସାହୁ (କ୍ରିଷ୍ଣା)
ନୂଆବନ୍ତ, କଲ୍ୟାଣପୁର
ତୋର ଶୁଭ ୫ମ ଜନ୍ମଦିନ ଅବସରରେ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା ତୋର ଚଲାପଥ କୁସୁମିତ ହେଉ। ତୁ ଦୀର୍ଘାୟୁ ହୋଇଥାଅ।
ତୋର ମଙ୍ଗଳାକାଂକ୍ଷୀ:
ଜେଜେ ମା', ଜେଜେ, ଅଜା, ଆଈ, ମାମୁ, ମାଇଁ, ବାପା, ମାମା, ଦାଦା, ଖୁଡ଼ୀ।
ଧ-୧୩୭୯୦

୮ମ ଜନ୍ମଦିନ ଶୁଭେଚ୍ଛା



ପ୍ରଜ୍ଞା ପରିମୀତା ବନ୍ଛୁର
ଜନ୍ମ ତାରିଖ: ୦୬।୦୮।୨୦୧୧
ମହାପ୍ରଭୁ ଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ
ମାଆ: ଦୀପିକା ସୁନାନୀ, ବାପା: କୃଷ୍ଣଚନ୍ଦ୍ର ବନଛୁର, ମାଆ, ବାପା, ଦାଦା, ଦାଦୀ, ମାମୁ, ମାଇଁ, କାକା, କାକୀ, ସମୀର, ଅମୀର, ନୀହାରିକା, ଲେଖିକା, ଉମାକାନ୍ତ, ରୋହନ, ପାୟଲ, ପୁନମ, ପ୍ରୟାସ ଓ ବନଛୁର ପରିବାରବର୍ଗ।
ଧ-୧୩୭୯୨

୨ୟ ଜନ୍ମଦିନ ଶୁଭେଚ୍ଛା



Jagyaseni Biswal
ଜନ୍ମ ତା. ୧୦।୦୮।୨୦୧୭
ଆଜି ତୋର ୨ୟ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅସୀମ କୃପାରୁ ତୋର ଚଲାପଥ ପୁଷ୍ପିତ, କୁସୁମିତ ହେବା ସଙ୍ଗେ ସଙ୍ଗେ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ଏବଂ ଦୀର୍ଘାୟୁ ହେଉ।
ଶୁଭେଚ୍ଛାସହ:
ବାପା, ମାମା, ଜେଜେବାପା, ଜେଜେମା, ପିଉସା, ପିଉସୀ, କକା, ମାମୁ, ମାଉସୀ, ଅଜା, ଆଈ ଏବଂ ପରିବାରବର୍ଗ।
ଧ-୧୩୭୯୧

ଜନ୍ମଦିନ ଶୁଭେଚ୍ଛା



Radhakrishna Dash (Berhampur)
ଶୁଭ ଜନ୍ମଦିନ ଅବସରରେ ଏତିକି କାମନା ଏବଂ ପ୍ରାର୍ଥନା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ଆମ ପୁଜ୍ୟ ବାବା ଦୀର୍ଘାୟୁ, ନିରୋଗୀ ଏବଂ ସୁସର୍ବଦା ଖୁସି ରୁହନ୍ତୁ।
Happy Birthday Baba
ଧ-୧୩୭୮୩


# ୫.୯ଗ୍ରାମ ବ୍ରାଉନସୁଗାର ଜବତ, ୬ ଗିରଫ

**ରଣପୁର, ୫।୮ (ସ୍ୱ.ପ୍ର.)**

### ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ କାର୍ଯ୍ୟାନୁଷ୍ଠାନ



ଗିରଫ ୬ ଅଭିଯୁକ୍ତ।

ନୟାଗଡ ଜିଲା ରଣପୁର ଥାନା ପୋଲିସ ରବିବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୫.୯ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏଥିରେ ସମ୍ପୃକ୍ତ ୬ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ନୟାଗଡ଼ ଜେଲକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ହେଲେ ରଣପୁର ସୁଆଁସିଆସାହିର ଦୀନବନ୍ଧୁ ଖଟେଇ ଓରଫ ବାପି (୩୪) ଓ ରଞ୍ଜନ ବିଶ୍ୱାଳ (୩୧), କଦମ୍ବସାହିର ଅନିଲ କୁମାର ପ୍ରଧାନ ଓରଫ କୁନୁ(୩୮), ରାଜବାଟିସାହିର ନିରଞ୍ଜନ ସାହୁ(୨୭), ହରଚଣ୍ଡୀସାହିର ବଳରାମ ପ୍ରଧାନ(୨୭)ଓ ମଙ୍ଗଳ ଚଣ୍ଡିଆସାହିର ରଞ୍ଜନ କୁମାର ଦାସ(୨୭)।

ସୂଚନାଯୋଗ୍ୟ,ରଣପୁର ବ୍ଲକର ରାଜସୁନାଖଳା, ରଣପୁର, ଚାନ୍ଦପୁର ଅଞ୍ଚଳରେ ବ୍ରାଉନସୁଗାର କାରବାର ବଢ଼ି ଚାଲିଥିଲା। ଏ ସଂକ୍ରାନ୍ତରେ ପୋଲିସରେ ଅଭିଯୋଗ ହେଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ବ୍ରାଉନସୁଗାର ଖାଇ ରଣପୁର ବ୍ଲକ ସୁନାଖଳା ଅଞ୍ଚଳରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ହେଲେ କେଉଁ କାରଣରୁ ଉପରୋକ୍ତ ବ୍ୟକ୍ତିଦ୍ୱୟଙ୍କ ମୃତ୍ୟୁ ଘଟିଲା ତାର ତଦନ୍ତ ଆରମ୍ଭ କରାଯାଇ ନ ଥିଲା। ଏହାର କିଛିଦିନ ପରେ ରଣପୁର ଥାନା ପୋଲିସ ଜଣେ ଯୁବକଙ୍କଠାରୁ ବ୍ରାଉନସୁଗାର ଜବତ କରି ଛାଡି ଦେବା ଘଟଣା ଜଣାପଡିବା ପରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ଗତ ୩୧ ତାରିଖ ଧରିତ୍ରୀରେ ବ୍ରାଉନସୁଗାର କବଳରେ ରଣପୁର ଶୀର୍ଷକ ଖବର ପ୍ରକାଶିତ ହୋଇଥିଲା। ଏହାପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା। ଅତିରିକ୍ତ ଆଇଆଇସି ରଶ୍ମିରଞ୍ଜନ ଦାଶ ଓ ସବ୍‌ଇନ୍ସପେକ୍ଟର ପୃଥୀରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ରଣପୁରର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ଗିରଫ ଯୁବକମାନଙ୍କଠାରୁ ପୋଲିସ ୫.୯ ଗ୍ରାମ ବ୍ରାଉନସୁଗାର, ୩ ହଜାର ୫୦୦ ଟଙ୍କା, ୬ ମୋବାଇଲ ଜବତ ହୋଇଛି। ଏନେଇ ରଣପୁର ଥାନାରେ ଏକ ମାମଲା(୧୫୯/୧୯) ରୁଜୁ କରାଯାଇଛି। ପୋଲିସର ଚଢ଼ାଉ ଦେଖି ବ୍ରାଉନସୁଗାର ବିକ୍ରେତା ବ୍ୟବସାୟ ବନ୍ଦ କରି ଅନ୍ୟ କୌଣସି ସ୍ଥାନରେ ଲୁଚି ରହିଥିବା ଖବର ମିଳିଛି।


CLASSIFIED DISPLAY

LEARN CCTV ପ୍ରଶିକ୍ଷଣ କେନ୍ଦ୍ର
Become a CCTV Engineer
Start your own Business in Low Investment
INSTALLATION & NETWORKING
CCTV Training Centre. Become a CCTV Engineer in Just 25 days
- CCTV, Biometric & EPABX Marketing, Installation & Technical Training.
- Onsite Practice
- Internship
- 100% Job Placement
- Class Detailing
- 100% Practical Training
- Hostel Facility available
ଅଳ୍ପ ପାଠୁଆ ବି ଯୋଗ୍ୟ ଇଞ୍ଜିନିୟର ହୋଇପାରିବେ।
SECURE TECHNICAL INSTITUTE Patia Square Bhubaneswar
7064320000, 9583171111

ଶ୍ରବଣ ସମସ୍ୟା?
Free Hearing Check-up Camp (Going on at all Audizone Centres)
Exchange Offer ■ EMI Facility ■ Attractive Discount
ଶ୍ରବଣ ଯନ୍ତ୍ର DIGITAL HEARING AID
signia Life sounds brilliant. SIEMENS
Signia GmbH is a Trademark Licensee of Siemens AG
Audizone Speech & Hearing Clinic
BHUBANESWAR: Baramunda 9777806331 | Saheed Nagar 6371045707 | Jaydev Vihar 6372287878
CUTTACK: Link Road 7381770531
KORAPUT: In front of S.L.N Medical 6372307123

MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
5% GST Applicable

ADMISSION NOTICE FOR BA.LLB COURSE
MAHAMAYA INSTITUTE OF LEGAL SCIENCE, NUAPADA
Approved by Bar Council of India, New Delhi
Recognised by Dept. Higher Education Govt. of Odisha
Affiliated by Sambalpur University, Jyoti Vihar, Burla
BUILD YOUR CAREER IN LAW
Course:- BA.LLB (Semester System)
Duration:- 5 years
Eligibility:- 12th or +2 Arts/ Science/ Commerce or equivalent degree recognized by CHSE, Odisha (40% for SC/ST, 42% for OBC & 45% for General)
Scholarship for ST/SC/ Minority Students.
Hostel facilities for Girls & Boys.
CONTACT- 7077415312

ଯଦି ତୁମେ ସତକୁ ସତ କିଛି ଭଲ କାମ କରିବାକୁ ଚାହଁ– ତା' ହେଲେ ସବୁଠାରୁ ବଡ କାମ ହେବ–ଯଦି ତୁମେ ତୁମ ଚରିତ୍ରରେ ନିଷ୍ଠାପର ଭାବେ ଛୋଟ ଛୋଟ ବିଜୟଗୁଡିଏ ହାସଲ କରିପାରିବ। ତୁମ ଚରିତ୍ରରେ ଗୋଟିକ ପରେ ଗୋଟିଏ ବିଜୟ ଲାଭ କରିବା ଦ୍ୱାରା ହିଁ ତୁମେ ପୃଥିବୀର ସବୁଠାରୁ ବଡ ଉପକାର କରିପାରିବ।
–ଶ୍ରୀମା



# ୩୭୦ ଉଚ୍ଛେଦ ସ୍ୱାଗତଯୋଗ୍ୟ

କୁହାଯାଉଛି ଭାରତୀୟ ଇତିହାସ ଫର୍ଦ୍ଦରେ ୫ ଅଗଷ୍ଟ ୨୦୧୯ ଯୋଡ଼ି ହୋଇଯାଇଛି। ଜମ୍ମୁ ଓ କଶ୍ମୀରକୁ ଦିଆଯାଇଥିବା ଏହାର ସ୍ୱତନ୍ତ୍ର ମର୍ଯ୍ୟାଦା ଅନୁଚ୍ଛେଦ ୩୭୦କୁ ଏହି ଦିନ ହଟାଇ ଦିଆଯାଇଛି। ରାଷ୍ଟ୍ରପତିଙ୍କ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଏଣିକି ଜମ୍ମୁ ଓ କଶ୍ମୀର ଦୀର୍ଘବର୍ଷ ଧରି ପାଇ ଆସୁଥିବା ସୁବିଧାରୁ ବଞ୍ଚିତ ହେବ। କେବଳ ସେତିକି ନୁହେଁ, ଉକ୍ତ ରାଜ୍ୟକୁ ବିଭାଜନ କରାଯାଇ ଜମ୍ମୁ ଓ କଶ୍ମୀର ଏବଂ ଲଦାଖ ନାମରେ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ କରାଯିବା ଲାଗି ରାଜ୍ୟ ସଭାରେ ଜମ୍ମୁ ଓ କଶ୍ମୀର ପୁନର୍ଗଠନ ବିଲ୍ ଗୃହୀତ ହୋଇଛି। ଫଳରେ ଜମ୍ମୁ ଓ କଶ୍ମୀରରେ ଦିଲ୍ଲୀ ଓ ପୁଡୁଚେରୀ ଭଳି ବିଧାନସଭା ରହିବାକୁ ଥିବା ବେଳେ ଚଣ୍ଡିଗଡ଼ ପରି ଲଦାଖରେ ବିଧାନସଭା ରହିବ ନାହିଁ ବୋଲି ଉକ୍ତ ବିଲ୍‌ରେ ଦର୍ଶାଯାଇଛି।

ଗତ ସପ୍ତାହରେ ଉପତ୍ୟକାକୁ ଅଧିକ ୩୮ ହଜାର କେନ୍ଦ୍ରୀୟ ବଳ ପ୍ରେରଣ କରାଯିବା ଏବଂ ୪ ଅଗଷ୍ଟରେ ପିଡିପି ନେତ୍ରୀ ମେହବୁବା ମୁଫ୍‌ତି ଓ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ନେତା ଓମାର ଅବଦୁଲ୍ଲାଙ୍କୁ ଗୃହବନ୍ଦୀ ରଖାଯିବା ପରେ କଶ୍ମୀରରେ ଏକ ବଡ଼ ଧରଣର ପରିବର୍ତ୍ତନ ହେବାକୁ ଯାଉଛି ବୋଲି ଆଶଙ୍କା ସୃଷ୍ଟି ହୋଇଥିଲା। ୫ ଅଗଷ୍ଟରେ ତାହା ବାସ୍ତବରେ ପରିଣତ ହୋଇଥିବାରୁ ଦେଶବ୍ୟାପୀ ଏହା ଆଲୋଡ଼ନ ଖେଳାଇ ଦେଇଛି। ବିଶେଷକରି ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ସୁନାମି ସୃଷ୍ଟି ହୋଇଛି। ସରକାରଙ୍କୁ ବିଜେଡି, ଏଏପି, ଏଆଇଏଡିଏମ୍‌କେ, ୱାଇଏସ୍‌ଆର୍ କଂଗ୍ରେସ, ବିଏସ୍‌ପି, ଆଇଏନ୍‌ଏଲ୍‌ଡି, ଶିବସେନା ସମର୍ଥନ କରିଥିବା ବେଳେ କଂଗ୍ରେସ, ଟିଏମ୍‌ସି, ପିଡିପି, ଏନ୍‌ସି, ଏସ୍‌ପି ଆଦି ଦଳ ବିରୋଧ କରିଛନ୍ତି। ଏନ୍‌ଡିଏର ସହଯୋଗୀ ଜେଡିୟୁ ମଧ୍ୟ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରି କକ୍ଷତ୍ୟାଗ କରିଥିବା ଦେଖିବାକୁ ମିଳିଛି। କୌତୂହଳର ବିଷୟ ହେଉଛ, ସମ୍ବିଧାନ ସମ୍ପର୍କରେ ଏଭଳି ଏକ ରାଜନୈତିକ ନିଷ୍ପତ୍ତିକୁ ବଡ଼ ସହଜରେ ଦୁଇଭାଗରେ ଦର୍ଶାଯାଉଛି। ସମର୍ଥନକାରୀ ହୋଇଗଲେ ଦେଶପ୍ରେମୀ ଏବଂ ବିରୋଧୀ ହେଲେ ଦେଶଦ୍ରୋହୀ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସ୍ୱାଧୀନତା ପରେ ଭାରତର ଶିଳ୍ପ ଓ ଯୋଗାଣ ମନ୍ତ୍ରୀଭାବେ କାର୍ଯ୍ୟ କରି ଆସୁଥିବା ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କର ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ସହିତ କଶ୍ମୀର ପ୍ରସଙ୍ଗରେ ମତଭେଦ ସୃଷ୍ଟି ହୋଇଥିଲା। ଅନୁଚ୍ଛେଦ ୩୭୦କୁ ବିରୋଧ କରୁଥିବା ମୁଖାର୍ଜୀ କଂଗ୍ରେସ ଦଳ ଓ ସରକାରରୁ ଇସ୍ତଫା ଦେଇ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସ୍‌ଏସ୍) ସାହାଯ୍ୟରେ ଭାରତୀୟ ଜନସଂଘ ନାମରେ ରାଜନୈତିକ ଦଳ ଗଠନ କଲେ। ଜନ୍ମରୁ ୩୭୦କୁ ବିରୋଧ କରିଆସୁଥିବା ସେବକାର ଜନସଂଘ ଯାହା ଏବେ ଭାଜପାରେ ପରିଣତ ହୋଇଛି, ୫ ଅଗଷ୍ଟ ୨୦୧୯ରେ ତାହାର ପ୍ରତିଷ୍ଠାତା ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କର ମୂଳ ସ୍ୱପ୍ନକୁ ସାକାର କରିପାରିଛି। ଏହି ପଦକ୍ଷେପକୁ ସମର୍ଥନ କରିବା ବ୍ୟତୀତ ଅନ୍ୟ କୌଣସି ଚିନ୍ତା ପୋଷଣ କରିବା ଅନୁଚିତ ହେବ। କିନ୍ତୁ ଏହି ଅନୁଚ୍ଛେଦ ୩୭୦ ସହିତ ୩୭୧କୁ ମଧ୍ୟ ହଟାଯିବା ଦରକାର। ଉଲ୍ଲେଖଯୋଗ୍ୟ, ୩୭୧ରେ ବିଦର୍ଭଠାରୁ ଆରମ୍ଭକରି ସୌରାଷ୍ଟ୍ର ପର୍ଯ୍ୟନ୍ତ ମହାରାଷ୍ଟ୍ର ଓ ଗୁଜରାଟର ଅନେକ ଅଞ୍ଚଳକୁ ସାମ୍ବିଧାନିକ ସ୍ତରରେ ବିଭିନ୍ନ ସୁରକ୍ଷା ଦିଆଯାଇଛି। ସେହି ଦୁଇ ରାଜ୍ୟକୁ ବିଶେଷ ସୁବିଧା ଦିଆଯିବା କେତେଦୂର ଯୁକ୍ତିଯୁକ୍ତ ତାହା ଆଲୋଚ୍ୟ ବିଷୟ ହୋଇପାରେ। ବିଶେଷକରି ଓଡ଼ିଶାର ଉତ୍ତର, ପଶ୍ଚିମ ଓ ଦକ୍ଷିଣରେ ଅନେକ ଅନୁନ୍ନତ ଅଞ୍ଚଳ ରହିଥିବା ସତ୍ତ୍ୱେ ସେଗୁଡ଼ିକୁ ଗୁଜରାଟର ସୌରାଷ୍ଟ୍ର କିମ୍ବା କଚ୍ ଭଳି ସାମ୍ବିଧାନିକ ସ୍ତରରେ ସ୍ୱତନ୍ତ୍ର ସ୍ଥାନ ଦିଆଯାଇ ନାହିଁ।

ଭାରତର ଅନ୍ୟ ପ୍ରାନ୍ତରୁ ଯାଇ ନାଗାଲାଣ୍ଡ, ମିଜୋରାମ, ସିକ୍କିମ, ଆସାମ ଭଳି ଉତ୍ତର ପୂର୍ବାଞ୍ଚଳର ଅନେକ ରାଜ୍ୟରେ ଭାରତୀୟମାନେ ନିଜ ନାମରେ ଜମି କିଣିପାରିବେ ନାହିଁ ବୋଲି ସମ୍ବିଧାନରେ ଉଲ୍ଲେଖ ରହିଛି। ସେହିଭଳି ଉତ୍ତରାଖଣ୍ଡ ଓ ଗୁଜରାଟର କେତେକ ଅଞ୍ଚଳରେ ବାହାରୁ ଯାଇଥିବା ଲୋକ ଜାଗା ଓ ଘର କିଣିବା ଉପରେ ପ୍ରତିବନ୍ଧକ ରହିଛି। ଏହି ପ୍ରସଙ୍ଗ ସମ୍ପର୍କରେ ସାଧାରଣ ନାଗରିକ ସମ୍ପୂର୍ଣ୍ଣ ଭାବେ ଅଜ୍ଞ। ଏହା ବ୍ୟତୀତ ଗୋଟିଏ ରାଜ୍ୟକୁ ବିଭାଜନ କରିବା ପାଇଁ ହେଲେ ଯଥାକ୍ରମେ ସମ୍ପୃକ୍ତ ରାଜ୍ୟର ବିଧାନସଭାରେ ସେ ସଂକ୍ରାନ୍ତ ବିଲ୍ ତିନି ଚତୁର୍ଥାଂଶ ସଭ୍ୟଙ୍କ ଦ୍ୱାରା ଗୃହୀତ ହେବା ଆବଶ୍ୟକ। ତା'ପରେ ପାର୍ଲାମେଣ୍ଟର ଉଭୟ ଗୃହରେ ଏହି ନିଷ୍ପତ୍ତି ଗୃହୀତ ହେଲେ ରାଷ୍ଟ୍ରପତିଙ୍କ ଅନୁମୋଦନ ମିଳିପାରିବ। ଏହାପରେ ସେହି ରାଜ୍ୟର ବିଭାଜନ ସମ୍ଭବପର ହୋଇଥାଏ। କିନ୍ତୁ ଜମ୍ମୁ ଓ କଶ୍ମୀରରେ ଏବେ ରାଷ୍ଟ୍ରପତି ଶାସନ ଚାଲିଛି । କୌଣସି ନିର୍ବାଚିତ ପ୍ରତିନିଧିଙ୍କ ବିଧିବଦ୍ଧ ମତ ଲୋଡ଼ା ଯାଇନାହିଁ । ସେଭଳି ପରିସ୍ଥିତିରେ କେବଳ ରାଜ୍ୟପାଳଙ୍କ ମତକୁ ନେଇ ଏଭଳି ବିରାଟକାୟ ପଦକ୍ଷେପ ନିଆଯାଇଛି। ଅବଶ୍ୟ ସମଗ୍ର ଦେଶରେ ଜୁଆର ଭଳି ଉଠୁଥିବା ସମର୍ଥନ ଏବେ ଭାରତର ସମ୍ବିଧାନକୁ ଅକାମୀ କରିଦେଇଛି।

ଏହି ପଦକ୍ଷେପକୁ ସ୍ୱାଗତ କରୁଥିବା ବେଳେ ଅନ୍ୟ କେତେକ ଚିନ୍ତା ମନକୁ ଆସୁଛି। ଉଦାହରଣ ସ୍ୱରୂପ ଗତ ଶତାବ୍ଦୀର ନବେ ଦଶନ୍ଧିରେ ନିଜ ଜମି ଓ ଘରୁ ଉଚ୍ଛେଦ ହୋଇଥିବା କଶ୍ମୀର ପଣ୍ଡିତମାନେ ବାସସ୍ଥାନକୁ ଅକ୍ତିଆରରେ ଆଣିପାରିବେ କି ନାହିଁ, ତାହା ଦେଖିବାକୁ ଅଛି। ଯେଉଁ ପର୍ଯ୍ୟନ୍ତ କଶ୍ମୀର ହିନ୍ଦୁମାନେ ଦିଲ୍ଲୀ ଓ ଅନ୍ୟ ଅଞ୍ଚଳରୁ ନିଜ ବାସଗୃହକୁ ଫେରିନାହାନ୍ତି, ସେପର୍ଯ୍ୟନ୍ତ ଅନୁଚ୍ଛେଦ ୩୭୦ର ଉଚ୍ଛେଦ କୌଣସି ମାନେ ରଖୁନାହିଁ। ଶୁଣାଯାଉଛି ଯେ, ଅତିଶୀଘ୍ର ଶ୍ରୀନଗରରେ ଶିଳ୍ପପତିମାନଙ୍କର ଏକ ବିରାଟ ସମାଗମ ଆୟୋଜନ ହୋଇପାରେ। କଶ୍ମୀରରେ ଅର୍ଥ ବିନିଯୋଗ କରିବାକୁ ଇଚ୍ଛୁକ ଭାଜପା ସମର୍ଥକ ବ୍ୟବସାୟୀ ଓ ଶିଳ୍ପପତି କେଉଁଭଳି ବିପଦକୁ ସମ୍ମୁଖୀନ ହୋଇ ସେଠାରେ କାର୍ଯ୍ୟ କରିବେ, ତାହା ମଧ୍ୟ ଏକ ସଫଳତାର ମାପକାଠି ପାଲଟିବ। କାରଣ ସ୍ଥାନୀୟ ଯୁବତୀଯୁବକଙ୍କ ଅର୍ଥନୈତିକ ଦୁଃସ୍ଥିତି ଦୂର ନ ହେବା ପର୍ଯ୍ୟନ୍ତ ସବୁ ଅସ୍ଥିରତା ଲାଗି ରହିବାର ଆଶଙ୍କା ରହିଛି। କଶ୍ମୀରରେ ମୁସଲମାନ ସମ୍ପ୍ରଦାୟ ସଂଖ୍ୟାଗରିଷ୍ଠ ଥିବାରୁ, କେନ୍ଦ୍ର ସରକାର ଯେଉଁଭଳି ଭାବେ ସେଠାକାର ଜନସଂଖ୍ୟାରେ ମୁସଲମାନ–ହିନ୍ଦୁରେ ଭାରସାମ୍ୟ ଆଣିବେ, ତାହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଦିଗକୁ ସୂଚାଉଛି। ଯେତେ ଅଧିକ ପୋଲିସ ଓ କେନ୍ଦ୍ରୀୟ ବଳ କଶ୍ମୀରରେ ମୁତୟନ କରାଯିବ, ସେତେ ଅଧିକ ନକାରାତ୍ମକ ପ୍ରତିକ୍ରିୟା ସ୍ଥାନୀୟ ଯୁବପିଢ଼ିଠାରୁ ମିଳିପାରେ। ସେଥିପାଇଁ ସ୍ଥାନୀୟ ମୁସଲମାନଙ୍କ କ୍ରୋଧକୁ କେଉଁଭଳି ଥଣ୍ଡା କରାଯିବ, ତାହା ମଧ୍ୟ ଚିନ୍ତାର ବିଷୟ। ଅବଶ୍ୟ ଏଠି କୁହାଯାଇପାରେ ଯେ, ଧୈର୍ଯ୍ୟ ଏବଂ ଅପେକ୍ଷା କଲେ ଆଜିର ନେତୃତ୍ୱ ସଫଳତାର ସହିତ ସବୁ ସମସ୍ୟାର ସମାଧାନ କରିପାରିବେ। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ପୁନର୍ବାର ସମର୍ଥନ ଜଣାଉଥିବା ସହିତ ଅନେକ ଚିନ୍ତା ଦେଶବାସୀଙ୍କୁ ଘାରିବା ଆବଶ୍ୟକ। କଶ୍ମୀରରେ ଠୁଳ ହୋଇ ରହିଥିବା ଭାରତୀୟ ସଶସ୍ତ୍ର ବାହିନୀର ଶକ୍ତି ଏହି ଦେଶର ଆର୍ଥିକ ରକ୍ତ ଶୋଷିନେଉଛି। ନିକଟରେ ୩୮ ହଜାର କେନ୍ଦ୍ରୀୟ ବଳ ମୁତୟନ ହେବା ଫଳରେ ଖର୍ଚ୍ଚ ଆହୁରି ବଢ଼ିଚାଲିବ। ତତ୍‌ସହିତ ଟିକସ ବଢ଼ିବ, ବିଭିନ୍ନ ସେସ୍ ବସିବ ଏବଂ ସାଧାରଣ ଉନ୍ନତି ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି। ସେଥିପାଇଁ ସରକାରଙ୍କୁ ଏଭଳି ଶକ୍ତିଶାଳୀ ନିଷ୍ପତ୍ତି ପାଇଁ ଶୁଭେଚ୍ଛା ଜଣାଇବା ସହିତ ଦେଶର ଦୁର୍ବଳ ଆର୍ଥିକ ସ୍ଥିତି ପ୍ରତି ଦୃଷ୍ଟି ଆକର୍ଷଣ କରାଯାଇପାରେ।

# ଅହିଂସା – ବୀରର ଭାଷା

ଅରୁଣ କୁମାର ପଣ୍ଡା

ଦୁଇ ବିରୋଧୀ ବିଷୟକୁ ଆମେ ଦ୍ୱନ୍ଦ୍ୱ କହିଥାଉ। ଯେପରି ଥଣ୍ଡା ଓ ଗରମ, ଦିନ ଓ ରାତି। ସେହିପରି ଭୀରୁ ଓ ବୀର। ଭୀରୁ କିଛି କରିବା ପାଇଁ ସମର୍ଥ ନ ଥାଏ, ସବୁବେଳେ ଡରୁଥାଏ। ବୀର ଓ ପରାକ୍ରମୀ ବ୍ୟକ୍ତି କେବେ ବି ଡରେ ନାହିଁ। ତାକୁ ଯାହା କରିବାର ଥାଏ ନିର୍ଭୟରେ କରେ। ସେ କାହାକୁ ପରବାୟ କରେ ନାହିଁ।

ଅହିଂସା ହେଉଛି ପ୍ରଶସ୍ତ ରାସ୍ତା– ରାଜପଥ। ବଡ଼ ନଗରୀରେ ପାଦଚଲାଳିଙ୍କ ପାଇଁ ଫୁଟପାଥ୍, ସାଇକେଲ୍ ଏବଂ ବାଇକ୍ ଚାଳକଙ୍କ ପାଇଁ ଅଲଗା ମାର୍ଗ ଏବଂ ଭାରିଯାନ ପାଇଁ ସ୍ୱତନ୍ତ୍ର ସଡ଼କ ରାଜପଥ ଥାଏ। ସେହିଭଳି ଅହିଂସାକୁ ପ୍ରଶସ୍ତ ରାଜପଥ କୁହାଯାଇପାରେ। ଏହି ମାର୍ଗରେ ଭୀରୁ ବ୍ୟକ୍ତି ଚାଲିପାରେ ନାହିଁ। ଯାହା ପାଖରେ ପ୍ରେରଣା, ଗତି ଓ ଶକ୍ତି ଥାଏ, ସେ ହିଁ ବୀର ଏବଂ ବୀର ହିଁ ଅହିଂସା ମାର୍ଗରେ ଚାଲି ସଭିଙ୍କୁ ଶାନ୍ତି ଓ ଶକ୍ତି ପ୍ରଦାନ କରିଥାଏ।

ଗାନ୍ଧୀଙ୍କ ସ୍ୱାଧୀନତା ଆନ୍ଦୋଳନ ବେଳେ ଅନେକଙ୍କୁ ଗୋଟିଏ କଥା ଆନ୍ଦୋଳିତ କରୁଥିଲା ଯେ ଅହିଂସା ହେଉଛି ଭୀରୁଙ୍କ ଶବ୍ଦ। ଭାରତ ପରାଧୀନ ହେଲା କେବଳ ଅହିଂସା ଆଚରଣ ପାଇଁ। ବାସ୍ତବରେ ଏହା ଏକ ଅସତ୍ୟ ଧାରଣା। ବିନା ବିଚାରରେ, ତଥ୍ୟର ଯାଞ୍ଚ ନ କରି ଯାହା ମୁହଁରୁ ବାହାରିଲା ଆମେ କହିଦେଇଥାଉ। କୁହାଯାଏ କୌଣସି ମିଛ କଥାକୁ ଶହେଥର କହିଲେ ତାହା ସତ୍ୟରେ ପରିଣତ ହୁଏ। 'ତିନି ତୁଣ୍ଡରେ ଛେଳି କୁକୁର'। ଅହିଂସା ପାଇଁ ଆମେ ପରାଧୀନ ହେଲୁ ଏଭଳି ଏକ ମିଥ୍ୟାକୁ ବର୍ଷ ବର୍ଷ ଧରି ହଜାର ଥର କୁହାଯାଇଛି।

ମହାନ୍ ବିଦ୍ୱାନ ମାଘ ପ୍ରତିଦିନ ଗୋଟିଏ ଲୋଟା ଧରି ନଦୀକୁ ସ୍ନାନ କରିବା ପାଇଁ ଯାଉଥିଲେ। ଦିନେ ସେ ଭାବିଲେ– ପ୍ରତିଦିନ ସାଙ୍ଗରେ ଲୋଟା ଆଣିବାର କ'ଣ ଆବଶ୍ୟକତା ଅଛି? ଏହା ଭାବି ସେ ଲୋଟାଟିକୁ ନଦୀକୂଳ ବାଲିରେ ପୋତିଦେଲେ। ଲୋକମାନେ ଦେଖିଲେ ମାଘଙ୍କ ପରି ବିଦ୍ୱାନ ବ୍ୟକ୍ତି ଲୋଟାଟିକୁ ନଈବାଲିରେ ପୋତିଛନ୍ତି। ତେଣୁ ସେମାନେ ଏହାକୁ ଏକ ମହାନ୍ କାର୍ଯ୍ୟ ଭାବି ନିଜ ନିଜ ଲୋଟାକୁ ନଈ ବାଲିରେ ପୋତିଦେଲେ। ଜଣେ ଚତୁର ବ୍ୟକ୍ତି ଲୋକଙ୍କର ଏସବୁ କାର୍ଯ୍ୟ ଦେଖୁଥିଲା। ରାତି ହେଲା ପରେ ସେ ନଦୀକୂଳକୁ ଆସି ବାଲିରେ ପୋତା ଯାଇଥିବା ଲୋଟାଗୁଡିକୁ ଏକ ବସ୍ତାରେ ଭର୍ତ୍ତିକରି ନେଇଗଲା। ସକାଳୁ ଲୋକେ ଆସି ଦେଖିଲେ ସେମାନଙ୍କ ଲୋଟାଗୁଡିକ କିଏ ନେଇଯାଇଛି। ମହାନ୍ ବିଦ୍ୱାନ ମାଘଙ୍କ ଲୋଟାଟି ମଧ୍ୟ ଚୋରି ହୋଇଯାଇଥିଲା। ସ୍ୱାଭାବିକ ଭାବରେ ମହାକବି ମାଘଙ୍କ ମୁହଁରୁ ଉଚ୍ଚାରିତ ହେଲା– 'ଗତାନୁଗତିକୋ ଲୋକଃ, ଗତେ ମେ ତାମ୍ରଭାଜନମ୍।' ଲୋକେ ଗତାନୁଗତିକ ହୋଇଥା'ନ୍ତି। ଏହିଭଳି ଲୋକଙ୍କ ସହିତ ମୋ ତାମ୍ରପାତ୍ର (ଲୋଟା) ମଧ୍ୟ ଚୋରି ହୋଇଗଲା।

ଦେଖାଯାଏ, ଯଦି ଗୋଟିଏ ମେଣ୍ଢା ଭୁଲ୍‌ରେ କୂଅରେ ପଡିଯାଏ ତେବେ ନିକଟରେ ଥିବା ଅନ୍ୟ ମେଣ୍ଢାମାନେ ଦଳବଦ୍ଧ ହୋଇ କୂଅକୁ ଲମ୍ଫ ପ୍ରଦାନ କରନ୍ତି। ଗୋଟିଏ ମେଣ୍ଢା ମେଁ ମେଁ ଚିତ୍କାର କରିବା ପରେ ଅନ୍ୟମାନେ ତା' ସହିତ ତାଳ ମିଳାଇ ମେଁ ମେଁ ଚିତ୍କାର କରନ୍ତି। ମନୁଷ୍ୟମାନଙ୍କ ଭିତରେ ମଧ୍ୟ ମେଣ୍ଢା ପ୍ରବୃତ୍ତି ରହିଛି। ସମାଜରେ ଅନେକ ପ୍ରକାରର ରଢ଼ିବାଦ, ଅନ୍ଧବିଶ୍ୱାସ ପରମ୍ପରା ନାଁରେ ପ୍ରଚଳିତ ରହିଛି। ଏହା ପଛରେ ସେଭଳି କୌଣସି ଠିକ୍ ଆଧାର ନାହିଁ। ଏସବୁ ଗତାନୁଗତିକ ଭାବେ ଚାଲିଆସିଛି।

ବାସ୍ତବରେ ଅହିଂସା ସହିତ ଭୀରୁତାର କୌଣସି ସମ୍ପର୍କ ନାହିଁ। ଅହିଂସା ହେଉଛି ବୀରର ଭାଷା। ଯେଉଁଠାରେ ଭୀରୁତା ସେଠାରେ ଅହିଂସାର ପ୍ରଶ୍ନ ନାହିଁ। ଆମର ସ୍ୱାଧୀନତା ଆନ୍ଦୋଳନ ବେଳେ ଅନେକ କ୍ରାନ୍ତିକାରୀ ହସି ହସି ନିର୍ଭୟରେ ଫାଶୀଖୁଣ୍ଟିକୁ ଚଢ଼ିଯାଇଛନ୍ତି। ବିନା ଦ୍ୱେଷ, ପ୍ରତିଶୋଧ ଏବଂ ଆରୋପରେ ସେମାନେ ଦଣ୍ଡ ସ୍ୱୀକାର କରିଛନ୍ତି, ହସି ହସି ମୃତ୍ୟୁକୁ ସାମନା କରିଛନ୍ତି। ଖୁଦିରାମ ବସୁ ପରି ବାରବର୍ଷର କ୍ରାନ୍ତିକାରୀ ବାଳକ ଫାଶୀଖୁଣ୍ଟିକୁ ଯିବାବେଳେ ତାଙ୍କର ସହାସ୍ୟ ଓ ଗ୍ଲାନିମୁକ୍ତ ବଦନ ଦେଖି ମେଦିନୀପୁର ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ପଚାରିଲେ– 'ହେ ବାଳକ! ତୁମେ କ'ଣ ମରିବାକୁ ଡର ନାହିଁ?' ଉତ୍ତର ଥିଲା ସ୍ପଷ୍ଟ, 'ମୁଁ ଆତ୍ମା ଅଜର, ଅମର, ଅବିନାଶୀ। ଦେଶ ପାଇଁ ମୁଁ ଶରୀରକୁ ନଷ୍ଟ କରୁଛି। ମୃତ୍ୟୁପରେ ପୁଣି ଥରେ ଜନ୍ମ ହେବି ଏବଂ ଦେଶମାତୃକାର ସେବା ପାଇଁ ମୋତେ ପ୍ରାଣବଳି ଦେବାର ସୁଯୋଗ ମିଳିଲେ ମୁଁ ଗୌରବାନ୍ୱିତ ହେବି।' ଜଣେ ବାଳକର ଏହି ନିର୍ଭୟତାର କାରଣ ତା'ର ଆତ୍ମିକ ଜ୍ଞାନ ବୋଲି କୁହାଯାଇପାରେ। ମୁଁ ଦେହ ନୁହେଁ, ଦେହୀ (ଆତ୍ମା), ପରମପିତା ପରମାତ୍ମାଙ୍କ ସନ୍ତାନ; ମୁଁ ନିରାକାର, ନିର୍ବିକାର ଓ ନିରହଂକାର– ଏହି ପାଠ ଯିଏ ଠିକ୍‌ଭାବେ ପଢ଼ିଛି ତାକୁ ମୃତ୍ୟୁଭୟ କେବେ ପ୍ରଭାବିତ କରିପାରିବ ନାହିଁ। ବାସ୍ତବରେ ଦେଶ ପାଇଁ ଲଢ଼ିଥିବା କିମ୍ବା ଲଢୁଥିବା ବ୍ୟକ୍ତି ଅନ୍ୟର ଅନିଷ୍ଟ ଚିନ୍ତା ନ କରି ନିଜର କର୍ତ୍ତବ୍ୟ ପାଳନ ପାଇଁ ଦେହାତୀତ ଅବସ୍ଥାକୁ ଯାଇ ସଂଗ୍ରାମ କରେ।

ଅହିଂସାର ମହାନ ପୂଜାରୀ ଜୈନଧର୍ମର ପ୍ରସିଦ୍ଧ ତୀର୍ଥଙ୍କର ବର୍ଦ୍ଧମାନଙ୍କୁ ମହାବୀର କୁହାଯାଏ। 'ମହାବୀର' ତାଙ୍କ ପରିବାରର ଉପାଧି ନୁହେଁ। ଅପ୍ରତିମ ସାହସ ଓ ସଂକଳ୍ପ ବଳରେ କଠିନରୁ କଠିନ ସ୍ଥିତିର ସମ୍ମୁଖୀନ ହୋଇ ଏବଂ ପରିସ୍ଥିତି ଓ ମାୟା ଉପରେ ବିଜୟ ପ୍ରାପ୍ତ କରି ସେ 'ମହାବୀର'ରେ ପରିଣତ ହେଲେ। ରାମ, କୃଷ୍ଣ, ବୁଦ୍ଧ, ମହମ୍ମଦ, ଯିଶୁଖ୍ରୀଷ୍ଟ ଆଦି ସବୁ ମହାତ୍ମାଙ୍କ ଜୀବନରେ ଅନେକ ସଂଘର୍ଷ ଓ ସଂଘାତର ପରିସ୍ଥିତି ଆସିଛି। ସେମାନେ ଅନେକ ଯାତନା ସହିଛନ୍ତି। ଏସବୁକୁ ସାହସର ସହ ମୁକାବିଲା କରି ସେମାନେ ପ୍ରାଣୀଙ୍କ କଲ୍ୟାଣ ପାଇଁ ରଖିଥିବା ଲକ୍ଷ୍ୟପଥରେ ଅବିଚଳିତ ଭାବରେ ଅଗ୍ରଗତି କରିଛନ୍ତି। ତେଣୁ ସେମାନେ ଆଜି ସ୍ମରଣୀୟ ଏବଂ ଆମର ପ୍ରେରଣାର ସ୍ରୋତ।

ଅହିଂସା ମାର୍ଗର ଅନ୍ତିମ ସ୍ଥଳ ହେଉଛି 'ଶାନ୍ତି'। ଧୈର୍ଯ୍ୟ, ସହିଷ୍ଣୁତା, ନିଷ୍ଠା, ଦୃଢ଼ମନୋବଳ ଦ୍ୱାରା, ଅହିଂସାର କଠିନତମ ରାସ୍ତାରେ ଚାଲି ମାନବ ତା'ର ଲକ୍ଷ୍ୟସ୍ଥଳରେ ପହଞ୍ଚିପାରେ। ପରିଶେଷରେ ସେ ମଣିଷରୁ ଦେବତାରେ ପରିଣତ ହେବାରେ ସମର୍ଥ ହୁଏ। ଅହିଂସାର ଅର୍ଥ ଅନ୍ୟାୟକୁ ସହିବା ନୁହେଁ। ଅନୀତି, ଅନ୍ୟାୟ ଏବଂ ଆସୁରିକ ଶକ୍ତିର ସାମନା କରି ତାକୁ ମୁହଁତୋଡ ଜବାବ ଦେବା ହିଂସା ନୁହେଁ, ବରଂ ଅହିଂସାର ପରାକାଷ୍ଠା। ଅହିଂସକ ଭୀରୁ, କାପୁରୁଷ ନୁହେଁ, ବରଂ ନିର୍ଭୀକ, ସାହସୀ ଏବଂ ଚରିତ୍ରବାନ ହୋଇଥାଏ। ସେ ହିଁ ବାସ୍ତବରେ ମହାବୀର।

ବିଶ୍ୱବିଜେତା ଆଲେକ୍‌ଜାଣ୍ଡର (ସିକନ୍ଦର) ନିଜର ଦେଶ ୟୁନାନ୍ ଫେରିବା ପୂର୍ବରୁ ସାଙ୍ଗରେ ଜଣେ ବିଶିଷ୍ଟ ସନ୍ଥଙ୍କୁ ନେଇଯିବାକୁ ଚାହିଁଲେ। ତାଙ୍କୁ ଖବର ମିଳିଲା ଯେ ଏଭଳି ଜଣେ ସାଧୁ ଏକାନ୍ତରେ ବସି ତପସ୍ୟା କରୁଛନ୍ତି ଯିଏ ସମ୍ପୂର୍ଣ୍ଣ ଭାବରେ ନିଃସ୍ପୃହ, ନିର୍ବିକାରୀ। ସେ କେବେ କାହାକୁ କିଛି ମାଗନ୍ତି ନାହିଁ। ସବୁବେଳେ ଏକାନ୍ତରେ ପରମାତ୍ମାଙ୍କ ଧ୍ୟାନରେ ଲୀନ ରହିଥାନ୍ତି। ଆତ୍ମା ସହ ପରମାତ୍ମାଙ୍କ ସଂଯୋଗ ହିଁ ତାଙ୍କ ଯୋଗ ସାଧନାର ବିଶେଷତା।

ବିଶ୍ୱବିଜୟୀ ଆଲେକ୍‌ଜାଣ୍ଡର ଏହି ସନ୍ଥଙ୍କ ନିକଟରେ ପହଞ୍ଚି ତାଙ୍କୁ ୟୁନାନ୍ ଯିବା ପାଇଁ କହିଲେ। ପରନ୍ତୁ ସାଧୁ ଜଣକ ତାଙ୍କ ସାଙ୍ଗରେ ଯିବେ ନାହିଁ ବୋଲି ସିଧା ମନା କରିଦେଲେ। ଆଲେକ୍‌ଜାଣ୍ଡାର କହିଲେ– 'ହେ ସାଧୁ! ତୁମେ ଜାଣ ମୁଁ ବିଶ୍ୱବିଜେତା ସମ୍ରାଟ୍। ତେଣୁ ତୁମକୁ ମୋ ଆଦେଶ ମାନିବାକୁ ପଡିବ।' ସାଧୁଜଣକ ବିନମ୍ରତାର ସହ କହିଲେ– 'ତୁମେ ବିଶ୍ୱଜୟ କରିଥାଇପାର। ସେଥିରେ ମୋର କିଛି ମତଲବ ନାହିଁ, ସମ୍ରାଟ୍ ହୋଇପାର ନିଜ ମହଲରେ, ସେଥିରେ ମୋର କ'ଣ ଅଛି? ସିକନ୍ଦର କ୍ରୋଧରେ ଅନ୍ଧ ହୋଇ ତରବାରି ବାହାର କରି ସାଧୁଙ୍କ ମୁଣ୍ଡ କାଟିବା ପାଇଁ ଧମକ ଦେଲେ। ସାଧୁଜଣକ ନିର୍ବିକାର ଭାବରେ ହସି ହସି କହିଲେ– 'ତୁମର ଯାହା ଇଚ୍ଛା ତାହା କର, କାରଣ ମୁଁ ଶରୀର ନୁହେଁ, ଆତ୍ମା। ତୁମେ ଆତ୍ମାର କିଛି ବି କରିପାରିବ ନାହିଁ। ମନେରଖ ଆତ୍ମଜ୍ଞାନର ଅଧିକାରୀ ହିଁ ହେଉଛି ସଚ୍ଚା ବିଶ୍ୱବିଜେତା।'

୧୩୪୮/୪– ସି, ସେକ୍ଟର–୬, ମର୍କତନଗର,
କଟକ–୧୪

# ନାଳନ୍ଦା ଓ ଭାରତର ବିଶ୍ୱବିଦ୍ୟାଳୟ

ଗିରିଜାଶଙ୍କର ତରାସିଆ

ସମଗ୍ର ବିଶ୍ୱକୁ ଜ୍ଞାନର ଦୀପ୍ତିରେ ଆଲୋକିତ କରିଥିବା ବିହାରର ପ୍ରାଚୀନତମ ଶ୍ରେଷ୍ଠ ନାଳନ୍ଦା ବିଶ୍ୱବିଦ୍ୟାଳୟର ସାତଶହ ବର୍ଷ ପରେ ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟ ଗଢ଼ିଉଠିଥିଲା। ଐତିହାସିକମାନଙ୍କ ମତରେ, ଏହି ବିଶ୍ୱବିଦ୍ୟାଳୟ ୧୦୯୬ ଖ୍ରୀଷ୍ଟାବ୍ଦରୁ ଆରମ୍ଭ ହୋଇଥିଲେ ମଧ୍ୟ ଏହା ୧୧୬୭ ଖ୍ରୀଷ୍ଟାବ୍ଦରୁ ଅଧିକ ପ୍ରସାର ଲାଭ କରିଥିଲା। ବିଶ୍ୱର ଅନ୍ୟତମ ଖ୍ୟାତିସମ୍ପନ୍ନ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ ୧୬୩୬ ଖ୍ରୀଷ୍ଟାବ୍ଦରେ ପ୍ରତିଷ୍ଠିତ ହୋଇଥିଲା। ବିଡ଼ମ୍ବନା ଯେ, ନାଳନ୍ଦା ବିଶ୍ୱବିଦ୍ୟାଳୟ ବିସ୍ମୃତିର ଅତଳ ଗର୍ଭରେ ଲୀନ ହୋଇଗଲା। ଭାରତ ବିକାଶ ପଥରେ ଅଗ୍ରସର ହେଉଥିବା କଥା କହି ନେତାମାନେ ଆତ୍ମସନ୍ତୋଷ ଲାଭ କରୁଥିବା ବେଳେ ବାସ୍ତବ କ୍ଷେତ୍ରରେ ଶିକ୍ଷାଦାନ ଦିଗରେ ବିଶେଷତଃ ଉଚ୍ଚଶିକ୍ଷା କ୍ଷେତ୍ରରେ ବିଶ୍ୱର ବିଭିନ୍ନ ରାଷ୍ଟ୍ରଗୁଡ଼ିକ ତୁଳନାରେ ଭାରତ ବହୁ ପଛରେ ପଡ଼ିରହିଛି।

୨୦୦୪ ମସିହାରେ କରାଯାଇଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଥିଲା ଯେ ପୃଥିବୀର ୧୦୦ଟି ଉଚ୍ଚମାନର ବିଶ୍ୱବିଦ୍ୟାଳୟ ମଧ୍ୟରେ ଭାରତର ଆଦୌ ସ୍ଥାନ ନ ଥିଲା। ଜନସଂଖ୍ୟା ତୁଳନାରେ ଆବଶ୍ୟକ ବିଶ୍ୱବିଦ୍ୟାଳୟ ସଂଖ୍ୟାକୁ ଦେଖିଲେ ଆମେରିକା ଓ ଜାପାନର ବହୁ ପଛରେ ଭାରତ ରହିଛି। ଉତ୍କୃଷ୍ଟ ଗବେଷଣା ନିବନ୍ଧ ପ୍ରକାଶ ଦିଗରେ ଭାରତର ସ୍ଥାନ ବି ସନ୍ତୋଷଜନକ ନୁହେଁ। ଭାରତବର୍ଷରେ ପ୍ରତି ହଜାରେ ଜନସଂଖ୍ୟାରେ ବୈଷୟିକ ଶିକ୍ଷା ପ୍ରଦାନ କରୁଥିବା ଶିକ୍ଷକଙ୍କ ସଂଖ୍ୟା ମଧ୍ୟ ଆମେରିକା, ଜାପାନ ଓ ଇସ୍ରାଏଲ ଭଳି ଉନ୍ନତ ଦେଶମାନଙ୍କଠାରୁ ବହୁତ କମ୍। ବିଜ୍ଞାନ ଓ ବୈଷୟିକ ଶିକ୍ଷାରେ ପିଏଚ୍‌ଡି ଡିଗ୍ରୀ ଲାଭ କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା ପ୍ରତି ଦଶଲକ୍ଷ ଜନସଂଖ୍ୟାରେ ଭାରତରେ ମାତ୍ର ୪, ଆମେରିକାରେ ୮୯ ଏବଂ ଜାପାନରେ ୫୨ ଥିବା ଜଣାଯାଏ।

ବ୍ରିଟିଶ ଶାସନର ପ୍ରଧାନ ଲକ୍ଷ୍ୟ ଥିଲା, ସେମାନେ ଏଭଳି ଏକ ଶିକ୍ଷା ପ୍ରଣାଳୀ ପ୍ରଚଳିତ କରି ଏପରି ଏକ ଶିକ୍ଷିତ ଭାରତୀୟ ଗୋଷ୍ଠୀ ସୃଷ୍ଟି କରିବେ ଯେଉଁମାନେ କି ଲକ୍ଷ ଲକ୍ଷ ଭାରତୀୟ ଏବଂ ବ୍ରିଟିଶ ଶାସନକଳ ଭିତରେ ଯୋଗସୂତ୍ର ରକ୍ଷା କରିବେ। ଏହି ଶିକ୍ଷିତ ଭାରତୀୟ ଆଚାର, ବ୍ୟବହାର, ବୁଦ୍ଧି, ମତାମତ ତଥା ରୁଚିରେ ଇଂରେଜଙ୍କ ଭଳି ରହିବେ। ଏହି ପୃଷ୍ଠଭୂମିରେ ଲଣ୍ଡନ ବିଶ୍ୱବିଦ୍ୟାଳୟ ଢାଞ୍ଚାରେ ୧୮୫୭ ମସିହାରେ କଲିକତା, ବମ୍ବେ ଓ ମାଡ୍ରାସ୍‌ରେ ୩ଟି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହୋଇଥିଲା। ବ୍ରିଟିଶ ସରକାରଙ୍କ ଅଧୀନରେ ଚାକିରି ପାଇବାକୁ ହେଲେ ବିଶ୍ୱବିଦ୍ୟାଳୟର ଡିଗ୍ରୀ ଆବଶ୍ୟକ ହେଉଥିବାରୁ ଧନାଢ଼୍ୟ ବ୍ୟକ୍ତି ତଥା ସମ୍ଭ୍ରାନ୍ତ ଶ୍ରେଣୀର ଭାରତୀୟମାନେ ଏହି ଡିଗ୍ରୀ ପାଇବା ପାଇଁ ଆକର୍ଷିତ ହେଉଥିଲେ।

୧୮୫୫ ମସିହା ବେଳକୁ ଦେଶରେ ୨୮୧ଟି ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଓ ୨୮ଟି ମହାବିଦ୍ୟାଳୟ ପ୍ରତିଷ୍ଠାଲାଭ କରିଥିଲା। ଇସ୍‌ଲାମିକ ଶିକ୍ଷା ପ୍ରଦାନ ନିମନ୍ତେ କଲିକତାରେ ୧୭୮୧ ମସିହାରେ ଗୋଟିଏ ମଦ୍ରାସା ତିଆରି ହୋଇଥିଲା। ୧୮୧୭ରେ କଲିକତାରେ ପ୍ରତିଷ୍ଠିତ ହିନ୍ଦୁ କଲେଜ ପରବର୍ତ୍ତୀ କାଳରେ ପ୍ରେସିଡେନ୍‌ସି କଲେଜ ନାମରେ ରୂପାନ୍ତରିତ ହେଲା। ଆମ ଦେଶର କେତେକ ପ୍ରସିଦ୍ଧ କଲେଜ ମଧ୍ୟରେ କଲିକତା ଓ ମାଡ୍ରାସ୍‌ରେ ଅବସ୍ଥିତ ପ୍ରେସିଡେନ୍‌ସି କଲେଜ, ବମ୍ବେ ଓ କଲିକତାରେ ଥିବା ଜାଭିୟର କଲେଜ, ବମ୍ବେସ୍ଥିତ ଏଲଫିନ୍‌ଷ୍ଟୋନ୍ କଲେଜ, ମାଡ୍ରାସର ଖ୍ରୀଷ୍ଟିଆନ କଲେଜ, ବାଙ୍ଗାଲୋରସ୍ଥିତ ସେଣ୍ଟ ଯୋଶେଫ୍ କଲେଜ, କଲିକତାର ବେଥୁନ ଏବଂ ସ୍କଟିଶ୍ ଚର୍ଚ୍ଚ କଲେଜ, ପୁଣେର ଫୁର୍ଗସନ କଲେଜ, ଦିଲ୍ଲୀର ସେଣ୍ଟ ଷ୍ଟିଫେନ୍‌ସ କଲେଜ, ହାଇଦ୍ରାବାଦର ନିଜାମ କଲେଜ ଆଦି ଅନ୍ୟତମ। ୧୯୪୭ ମସିହା ବେଳକୁ ଆମ ଦେଶରେ ମାତ୍ର ୧୯ଟି ବିଶ୍ୱବିଦ୍ୟାଳୟ ମୁଣ୍ଡ ଟେକିଥିଲା ବେଳେ ଏହିସବୁ ବିଶ୍ୱବିଦ୍ୟାଳୟ ଅଧୀନରେ ୪୯୬ଟି କଲେଜ ପ୍ରତିଷ୍ଠା ଲାଭକରିଥିଲା।

୧୯୧୮ ମସିହାରେ ପାଟଣା ବିଶ୍ୱବିଦ୍ୟାଳୟର ଉଦ୍‌ଘାଟନ ସମାରୋହରେ ଯୋଗଦାନ କରି ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ବିହାର–ଓଡ଼ିଶା ପ୍ରଦେଶର ଲ୍ୟୁଟନାଣ୍ଟ ଗଭର୍ନର ସାର୍ ଏଡ୍‌ୱାର୍ଡ ଗେଟ୍ କହିଥିଲେ ଯେ "ବିହାର ଓ ଓଡ଼ିଶା ପ୍ରଦେଶର ଲୋକମାନଙ୍କ ପାଇଁ ଅଚିରେ ଏକ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ସ୍ଥାପିତ ହେବ।" ଏହାପରେ ୧୯୪୩ ମସିହା ନଭେମ୍ବର ୨୭ ତାରିଖରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ପ୍ରଥମ ବିଶ୍ୱବିଦ୍ୟାଳୟ ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ଆତ୍ମପ୍ରକାଶ କଲା।

ନାଳନ୍ଦା ବିଶ୍ୱବିଦ୍ୟାଳୟ ବିଲୁପ୍ତ ହେବା ପରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ବିଶ୍ୱପ୍ରସିଦ୍ଧି ଲାଭ କରିଛି। ସେଠାରେ ଛାତ୍ର–ଅଧ୍ୟାପକଙ୍କ ମଧ୍ୟରେ ସମ୍ପର୍କ ଅତ୍ୟନ୍ତ ମଧୁର। ଅଧ୍ୟାପକମାନେ ଛାତ୍ରମାନଙ୍କ ମଧ୍ୟରେ ରହନ୍ତି। ପ୍ରତ୍ୟେକ ଛାତ୍ର ଜଣେ ଟ୍ୟୁଟରଙ୍କ ଶିଷ୍ୟତ୍ୱ ଗ୍ରହଣ କରେ। ଜଣେ ଟ୍ୟୁଟରଙ୍କ ଅଧୀନରେ ୩୦/୪୦ ଜଣ ଛାତ୍ର ରହନ୍ତି। ଶିକ୍ଷାଦାନ କେବଳ ଶ୍ରେଣୀ କକ୍ଷ ମଧ୍ୟରେ ଆବଦ୍ଧ ନ ରହି ନଦୀକୂଳ, ଖେଳପଡ଼ିଆ, ପୁସ୍ତକାଗାର, ପାଠାଗାର ଏପରି କି କ୍ୟାଣ୍ଟିନ୍ ମଧ୍ୟରେ ମଧ୍ୟ ବିଦ୍ୟାଚର୍ଚ୍ଚା ହୋଇଥାଏ।

ଆମ ଦେଶରେ କାଁ ଭାଁ କେତେଗୋଟି ବିଶ୍ୱବିଦ୍ୟାଳୟକୁ ଛାଡ଼ିଦେଲେ ପ୍ରାୟ ଅଧିକାଂଶ ବିଶ୍ୱବିଦ୍ୟାଳୟରେ ଛାତ୍ର ଅଶାନ୍ତି ସୃଷ୍ଟିହେବା ଲକ୍ଷ୍ୟକରାଯାଉଛି। ପ୍ରତ୍ୟେକ ବିଶ୍ୱବିଦ୍ୟାଳୟ ଅଶାନ୍ତି ଓ ବିଶୃଙ୍ଖଳାର ସ୍ଥଳୀ ନ ହୋଇ ବିଦ୍ୟାର୍ଥୀମାନଙ୍କର ଅଧ୍ୟୟନ ଓ ଗବେଷଣାର ତପୋଭୂମି ହୋଇପାରିଲେ ଉଚ୍ଚଶିକ୍ଷାର ମହତ୍ ଉଦ୍ଦେଶ୍ୟ ସଫଳ ହୋଇପାରନ୍ତା। ଏହି ପବିତ୍ର ବିଦ୍ୟାମନ୍ଦିରଗୁଡ଼ିକରୁ ଉତ୍ତମ ନାଗରିକ, ନିଃସ୍ୱାର୍ଥପର ଦେଶସେବକ, ଦାୟିତ୍ୱସମ୍ପନ୍ନ ପ୍ରଶାସକ, ଜନମଙ୍ଗଳକାରୀ ରାଷ୍ଟ୍ରନେତା, ବୈଜ୍ଞାନିକ, ଦାର୍ଶନିକ, ଶିକ୍ଷକ, ସାହିତ୍ୟିକମାନେ ସୃଷ୍ଟି ହୋଇ ବିଶ୍ୱବିଦ୍ୟାଳୟ ଶିକ୍ଷାଦାନ ପ୍ରତି ସମସ୍ତଙ୍କର ବିଶ୍ୱାସ ଅତୁଟ ରହନ୍ତା।

ଖଣ୍ଡପଡ଼ା, ନୟାଗଡ଼,
ମୋ–୯୯୩୭୩୩୪୮୦୦

## ଏଇ ଭାରତରେ

ଅଙ୍ଗଦାନ ମହାପୁଣ୍ୟ। ବେଙ୍ଗାଲୁରୁରେ ଜଣେ କୃଷକ ମୃତ୍ୟୁପରେ ତାଙ୍କ ଶରୀର ଦାନକରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ତୁମାକୁରୁର ଶ୍ରୀଦେବୀ ହସ୍ପିଟାଲ୍‌କୁ ଛାତ୍ରୀଛାତ୍ରଙ୍କ ଗବେଷଣା ପାଇଁ କୃଷକ ଜଣକ ତାଙ୍କ ଶରୀର ଦାନ କରିଛନ୍ତି। ଏହି କୃଷକ ହେଉଛନ୍ତି ହନମନ୍ତ ସିଦ୍ଧାପ୍ପା ବିରାଦରା ପାଟିଲ(୭୬)। ସେ ବେଲଗାଭି ଜିଲାର ରୟବଗ ତାଲୁକର ବାସିନ୍ଦା। ମୃତ୍ୟୁ ପରେ ତାଙ୍କ ଶରୀର ମେଡିକାଲ କଲେଜକୁ ଦାନ କରାଯିବା ଉଚିତ, ଏହାଦ୍ୱାରା ଅଧ୍ୟୟନରତ ଛାତ୍ରୀଛାତ୍ର ଚିକିତ୍ସା ବିଜ୍ଞାନରେ ଗବେଷଣା କରିବାର ସୁଯୋଗ ପାଇବେ ବୋଲି କୃଷକ ତାଙ୍କ ପରିବାର ସଦସ୍ୟଙ୍କୁ କହିଥିଲେ। ତାଙ୍କ ପ୍ରତିଶ୍ରୁତି ରକ୍ଷା କରିବାକୁ ଯାଇ ବି.ଏମ୍. କଙ୍କନୱାଡି ଆୟୁର୍ବେଦ ମହାବିଦ୍ୟାଳୟର ଆନାଟୋମି ପ୍ରଫେସର ତଥା କୃଷକଙ୍କ ପୁତ୍ର ଡା. ମହନ୍ତେଶ ରାମନବର ପିତାଙ୍କ ମୃତ ଶରୀରକୁ ଶ୍ରୀଦେବୀ ମେଡିକାଲ ଇନ୍‌ଷ୍ଟିଚ୍ୟୁଟ୍‌କୁ ହସ୍ତାନ୍ତର କରିଥିଲେ। ଏହାପରେ ମେଡିକାଲ ଛାତ୍ରମାନେ ଏକ ସ୍ୱତନ୍ତ୍ର ପ୍ରାର୍ଥନା କାର୍ଯ୍ୟକ୍ରମ କରିବା ସହିତ ମୃତଦେହ ଉପରେ ପୁଷ୍ପମାଲ୍ୟ ଅର୍ପଣ କରି ବ୍ୟବଚ୍ଛେଦ ଗୃହକୁ ନେଇଥିଲେ। ଆଉ ଏକ ମଜାର ବିଷୟ ହେଉଛି ହନମନ୍ତଙ୍କ ସ୍ତ୍ରୀଙ୍କର ମର ଶରୀରକୁ ତୁମାକୁରୁ କଲେଜକୁ ଦୁଇବର୍ଷ ତଳେ ଦାନ କରାଯାଇଥିଲା। ମେଡିକାଲ କାଉନସିଲ୍‌ର ମାର୍ଗଦର୍ଶିକା ଅନୁଯାୟୀ ପ୍ରତି ୨୦ ଛାତ୍ରଙ୍କ ଗବେଷଣାମୂଳକ ଅଧ୍ୟୟନ ପାଇଁ ଗୋଟିଏ ମାନବ କଙ୍କାଳ ଆବଶ୍ୟକ ହେଉଥିବାବେଳେ ଚାହିଦା ଅନୁରୂପ ଏହା ମିଳିପାରୁ ନାହିଁ।

### ଚିରନ୍ତନୀ

ମରଣ ପରେ ଅମର ହେବ
ସେ ଆଶା ନାହିଁ ପୋଷି,
ସେ ଖାଲି ମନଭୁଲାଣି ମିଛ କଥା,
ଅଳ୍ପ ଏହି ଜୀବନ–କାଳ
ନ ପାରେ ମନ ତୋଷି
କଳ୍ପନାର ସେ ଲାଗି ବାଚାଳତା!
(ଅମର ଆଶା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୬ ଅଗଷ୍ଟ ୧୯୯୪

- ସାଇବେରିଆରେ ଏକ ରୁଷ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୪୭ ଜଣଙ୍କ ମୃତ୍ୟୁ।
- ଗୋଆର ନୂତନ ରାଜ୍ୟପାଳ ଭାବେ ଗୋପାଲା ରାମାନୁଜମଙ୍କ ଦାୟିତ୍ୱ ଗ୍ରହଣ।

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | | 7 | | | | | | 1 | 6 | | | | | |
| | 1 | | | | | E | | | 8 | 7 | | 3 | | |
| 6 | | | | | | | B | 2 | | D | | | | C |
| | | 5 | | 0 | B | D | | | | | C | 1 | | |
| | | E | | A | | | 7 | 5 | | | | | | |
| | | | 6 | | | | | | 9 | | | 5 | | 3 |
| | D | | | | 7 | | | | 5 | | A | | | |
| | 3 | 8 | | 5 | A | | 2 | 9 | 7 | | | D | | E |
| | 9 | | | | E | | 8 | | 4 | | 0 | | B | 2 |
| | | | 0 | | C | 6 | | B | | 3 | | | | |
| | 2 | | | 6 | | | | | E | | 7 | 4 | | |
| | | | 3 | | 5 | | A | D | | 2 | | E | | |
| | | D | B | | | 7 | 0 | | | 4 | 3 | | | 5 |
| | 5 | | 8 | | | 9 | | C | | | | 0 | | |
| | | 4 | | | | | | E | 0 | | B | | | D |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 8 | D | 2 | C | 0 | E | A | 5 | 4 | 7 | 9 | 1 | 6 | B |
| 7 | B | 6 | 9 | 4 | 1 | D | 3 | 2 | 8 | A | 5 | C | E | 0 |
| 1 | 9 | 5 | D | 8 | E | 7 | C | 4 | 6 | B | 0 | A | 2 | 3 |
| E | A | 0 | 3 | 6 | 5 | 8 | 1 | B | 2 | D | C | 4 | 7 | 9 |
| 4 | C | 2 | 7 | B | A | 6 | 0 | 9 | 1 | 3 | E | 8 | D | 5 |
| D | 1 | 8 | 0 | E | 2 | C | 4 | A | B | 5 | 6 | 3 | 9 | 7 |
| A | 4 | 7 | 5 | 3 | 6 | B | E | 1 | 9 | 0 | 8 | D | C | 2 |
| 0 | 3 | E | 4 | 7 | 9 | 5 | 8 | 6 | C | 2 | D | B | 1 | A |
| C | 2 | B | 1 | A | 8 | 0 | 9 | D | 7 | 4 | 3 | E | 5 | 6 |
| 5 | 6 | 9 | B | D | C | 3 | 2 | 7 | E | 1 | A | 0 | 4 | 8 |
| 8 | D | 4 | A | 9 | 7 | 2 | 5 | 0 | 3 | E | 1 | 6 | B | C |
| 9 | 7 | C | E | 1 | B | 4 | 6 | 3 | A | 8 | 2 | 5 | 0 | D |
| B | E | A | 8 | 5 | 4 | 9 | D | C | 0 | 6 | 7 | 2 | 3 | 1 |
| 2 | 5 | 1 | 6 | 0 | 3 | A | 7 | E | D | C | B | 9 | 8 | 4 |
| 6 | 0 | 3 | C | 2 | D | 1 | B | 8 | 5 | 9 | 4 | 7 | A | E |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଠକ କମ୍ପାନୀ ପ୍ରତି ସାବଧାନ

ମହାଶୟ,

କେତେକ ଠକ କମ୍ପାନୀ ଛାତ ଉପରେ ଟାୱାର ବସାଇବା ପାଇଁ ଲକ୍ଷାଧିକ ଟଙ୍କା ଠକି ନେଇ ପଇସା ଫେରାଉନାହାନ୍ତି କିମ୍ବା ଟାୱାର ନିର୍ମାଣ କରୁନାହାନ୍ତି। ଏପରି ଠକ କମ୍ପାନୀମାନଙ୍କଠାରୁ ଦୂରେଇ ରହିବା ପାଇଁ ଅନୁରୋଧ। ମିଛ ବିଜ୍ଞାପନରେ ଭଳନ୍ତୁ ନାହିଁ। ଧରିତ୍ରୀରେ ବିଜ୍ଞାପନର ସତ୍ୟାସତ୍ୟ ନ ପରଖି କାହାକୁ ଟଙ୍କା ନ ଦେବା ପାଇଁ ଯେଉଁ ପରାମର୍ଶ ଦିଆଯାଇଛି, ତାହା ମାନନ୍ତୁ। ମୁଁ ନିଜେ ଥରେ ଭୁଲ୍ କରି ଏବେ ପସ୍ତାଉଛି।

ଅଶୋକ ଦାସ, ବାଲୁଗାଁ, ଖୋର୍ଦ୍ଧା

### ଚାଇନା ଭଳି କଠୋର ଆଇନ ଦରକାର

ସ୍ୱାଧୀନତାର ୭୨ ବର୍ଷ ପରେ ମଧ୍ୟ ଆମ ରାଜ୍ୟର ବିକାଶ ହୋଇପାରିଲା ନାହିଁ; କାରଣ ରାଜ୍ୟର ଦୁର୍ନୀତିଗ୍ରସ୍ତ ନେତା–ଅମଲା ସମସ୍ତ ଯୋଜନା ଅର୍ଥର ସିଂହଭାଗ ଲୁଟୁଛନ୍ତି। ଚାଇନାରେ ଦୁର୍ନୀତିଗ୍ରସ୍ତ ନେତା–ମନ୍ତ୍ରୀ–ଅମଲାଙ୍କୁ ଯେପରି କଠୋର ଦଣ୍ଡ ପ୍ରଦାନ କରାଯାଉଛି, ଯଦି ସେଭଳି ଆଇନ ଆମ ଦେଶରେ କାର୍ଯ୍ୟକାରୀ ହୁଅନ୍ତା; ତେବେ କ୍ଷମତାସୀନ ବ୍ୟକ୍ତି ଦୁର୍ନୀତି କରିବାକୁ ସାହସ କରନ୍ତେ ନାହିଁ । ବର୍ତ୍ତମାନ ସରପଞ୍ଚ ଓ ସମିତି ସଭ୍ୟଙ୍କ ପରି ଗାଁ–ଗହଳିର ଅସାଧୁ କୁଜି ନେତା ଓ ନେତ୍ରୀମାନଙ୍କର ସ୍ଥାବରଅସ୍ଥାବର ସମ୍ପତ୍ତି ଦେଖିଲେ ଯେ କେହି ବି ଆଶ୍ଚର୍ଯ୍ୟ ହୋଇଯିବ । ଏମାନେ ରାଜନୀତିକୁ ଲାଭଜନକ ବ୍ୟବସାୟ ରୂପେ ଗ୍ରହଣ କରି କୋଟି କୋଟି ଟଙ୍କା ବାଟମାରଣା କରି ଚାଲିଛନ୍ତି । ଏଥିପାଇଁ ଆମ ଦେଶରେ ଚାଇନା ଭଳି କଠୋର ଦଣ୍ଡ ବ୍ୟବସ୍ଥା ଦରକାର।

ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ତିହିଡି, ଭଦ୍ରକ

### ରାଜ୍ୟ ପେନ୍‌ସନରଙ୍କୁ ଚିକିତ୍ସା ଭତ୍ତା ମିଳୁ

ରାଜ୍ୟର ଦୁଇଲକ୍ଷରୁ ଉର୍ଦ୍ଧ୍ୱ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଚିକିତ୍ସା ଭତ୍ତା ପ୍ରଦାନ ନିମନ୍ତେ ଦୀର୍ଘ ଦିନରୁ ଦାବି ହେଉଥିଲେ ବି ରାଜ୍ୟ ସରକାର ଏପର୍ଯ୍ୟନ୍ତ ଏହା ମଞ୍ଜୁର କରିନାହାନ୍ତି। କେନ୍ଦ୍ର ସରକାର ପେନସନଭୋଗୀଙ୍କୁ ୨୦୧୭ରୁ ଚିକିତ୍ସା ଭତ୍ତା ବର୍ଦ୍ଧିତ ହାରରେ ଦେଉଛନ୍ତି। ବିଳମ୍ବରେ ହେଲେ ମଧ୍ୟ ରାଜ୍ୟ ସରକାର ଏହା ମଞ୍ଜୁର କରିବାକୁ ଅନୁରୋଧ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କଲେଜ ଛାତ୍ରୀଙ୍କ ଆତ୍ମହତ୍ୟା

ଭବାନୀପାଟଣା,୫।୮(ଡି.ଏନ.ଏ.)

ଭବାନୀପାଟଣା ରେଳୱେ ଷ୍ଟେଶନ ନିକଟ ବିକାଶ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଟ୍ କଲେଜର ଯୁକ୍ତ ୨ ଦ୍ୱିତୀୟ ବର୍ଷ ଛାତ୍ରୀ ହଷ୍ଟେଲ ରୁମ୍ ସିଲିଂ ଫ୍ୟାନରେ ଓଢ଼ଣି ଲଗାଇ ସୋମବାର ଆତ୍ମହତ୍ୟା କରିଛନ୍ତି। ମୃତ ଛାତ୍ରୀ ହେଲେ ରାୟଗଡା ଜିଲା ଅମ୍ବାଦୋଳା ଗ୍ରାମର ଶିବାନୀ ଦଳେଇ (୧୮)। ଶିବାନୀ କେଉଁ କାରଣରୁ ଏପରି ପଦକ୍ଷେପ ନେଲେ ତାହା ଜଣାପଡିନାହିଁ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ମଙ୍ଗଳବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି । ଶିବାନୀ ଗତ ୩୧ରେ ନିଜ ଗ୍ରାମ ଅମ୍ବାଦୋଳାକୁ ଯାଇ ୨ ତାରିଖରେ କଲେଜକୁ ଫେରିଥିଲେ। ଶାରୀରିକ ଅସୁସ୍ଥ କାରଣରୁ ସେ ଗତ କିଛି ଦିନ ହେଲା ଚିନ୍ତାରେ ଥିବା ସାଙ୍ଗମାନଙ୍କୁ କହିଥିଲେ। ଏହି ଘଟଣା ପରେ ତାଙ୍କ ପରିବାର ଲୋକଙ୍କ ସହ ସାଙ୍ଗମାନେ ଭାଙ୍ଗି ପଡିଛନ୍ତି।

# ବିଜେଡି ନେତା ସିଦ୍ଧାର୍ଥ ଦାସଙ୍କୁ ମାଡ଼

ସମ୍ବଲପୁର,୫।୮(ବ୍ୟୁରୋ)

ସମ୍ବଲପୁର ଅଇଁଠାପାଲି ଥାନା ରେମେଡ ଛକରେ ବିଜେଡି ନେତା ସିଦ୍ଧାର୍ଥ ଦାସଙ୍କୁ କେତେଜଣ ଦୁର୍ବୃତ୍ତ ମାଡପିଟ କରିଥିବା ଅଭିଯୋଗ ହୋଇଛି। ଏ ନେଇ ସିଦ୍ଧାର୍ଥ ଅଇଁଠପାଲି ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଅଭିଯୋଗ କ୍ରମେ ସିଦ୍ଧାର୍ଥ କାରରେ ବୁର୍ଲାରୁ ସମ୍ବଲପୁର ଆସୁଥିଲେ। ରେମେଡ ଛକରେ ଗୋଟିଏ କାର ସହିତ ଗୋଟିଏ ବାଇକ ଧକ୍କା ହୋଇଥିଲା । ଏହି ସମୟରେ ସିଦ୍ଧାର୍ଥ କାର ଅଟକାଇ ଆହତ ବାଇକ ଆରୋହୀଙ୍କୁ ଉଦ୍ଧାର କରିବାକୁ ଯାଇଥିଲେ। ସିଦ୍ଧାର୍ଥଙ୍କ କାର ପଛରେ ଆଉ ଏକ କାର ଆସୁଥିଲା। ସଦ୍ଧାର୍ଥଙ୍କ କାର ପଛରେ ଉକ୍ତ କାର ହଠାତ୍ ଅଟକିବାରୁ ସାମାନ୍ୟ ପିଟି ହୋଇ ଯାଇଥିଲା। ସେହି କାରରୁ ଜଣେ ବ୍ୟକ୍ତି ଓହ୍ଲାଇ ସଦ୍ଧାର୍ଥଙ୍କୁ ଗାଳିଗୁଲଜ କରିଥିଲେ। ଫୋନ୍‌ରେ ସେ ତାଙ୍କର କିଛି ସହଯୋଗୀଙ୍କୁ ଡାକିଥିଲେ। ସେମାନେ ପହଞ୍ଚି ସିଦ୍ଧାର୍ଥଙ୍କୁ ମାଡ ମାରିଥିଲେ ବୋଲି ସିଦ୍ଧାର୍ଥ ଥାନାରେ ଅଭିଯୋଗ କରିଛନ୍ତି।

# ମୋବାଇଲ ଦୋକାନରୁ ଚୋରି: ଧରାପଡିଲେ ନାବାଳକ, ଗୁପ୍‌ଚୁପ୍ ବ୍ୟବସାୟୀ ଗିରଫ

ରେଢାଖୋଲ୫।୮(ଡି.ଏନ.ଏ.)

ରେଢାଖୋଲ ଡାକ୍ତରଖାନା ଛକରେ ଥିବା ଏସ୍‌ଏନ୍ ୱାଚ୍ ନାମକ ଏକ ଦୋକାନରୁ ଗତ ରଥଯାତ୍ରା ପୂର୍ବ ରାତିରେ ମୋବାଇଲ ଓ ଘଣ୍ଟା ଚୋରି ହୋଇଥିଲା। ଏ ନେଇ ଦୋକାନ ମାଲିକ ରେଢାଖୋଲ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏହି ଘଟଣା ଉପରେ ତଦନ୍ତ ଚଳାଇଥିଲା। ଶେଷରେ ଏହି ଘଟଣାରେ ଜଡିତ ଜଣେ ନାବାଳକଙ୍କୁ ପୋଲିସ ଧରିଛି। ଅନ୍ୟ ଅଭିଯୁକ୍ତଙ୍କୁ ମଧ ଏହି ଘଟଣାରେ ଗିରଫ କରିଛି। ସେ ହେଲେ ରେଢାଖୋଲ ସହରର ରଥସାହିର ଗୁପଚୁପ ବ୍ୟବସାୟୀ ବିନୋଦ ଚୌଧୁରୀ (୩୨) । ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ କହିଛନ୍ତି ଯେ, ନାବାଳକଙ୍କଠାରୁ ଗୋଟିଏ ଓ ବିନୋଦଠାରୁ ଗୋଟିଏ ମୋବାଇଲ ମିଳିଛି।

# କୋଡ଼ିବାହାଲ ଗାଁରେ କିଡ୍‌ନୀ ରୋଗ୍ ଆତଙ୍କ୍ | ବାପର ଚିକିତ୍ସା ଲାଗି ଦାଦନ ଯାଇଛେ ପୁଓ

ଘଣ୍ଟାପଡା, ୫।୮ (ଡି.ଏନ୍.ଏ.)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ପଁଚେତ୍ ଅଧୀନ କୋଡ଼ିବାହାଲ ଗାଁରେ ଏହେଦେ କିଡ୍‌ନୀ ଆତଁକ୍ ଦେଖା ଦେଇଛେ। ୨ ବଛର ଭିତରେ କିଡ୍‌ନୀ ରୋଗ୍‌ରେ ଗାଁର ୬ ଝନ୍‌କର ଜୀବନ୍ ଯାଇଥିଲାବେଲେ ଅନେକ ଲୋକ୍ ଆକ୍ରାଁତ ଥିବାର ଜନାଯାଇଛେ।

ସୂଚନା ଅନ୍‌ସାରେ ପାଖାପାଖି ୨ ବଛର ହେଲା କୋଡ଼ିବାହାଲ ଗାଁରେ କିଡ୍‌ନୀ ରୋଗ୍ ବହପୁଛେ। ୨ ବଛର ଭିତରେ ଗାଁର ସୁଦର୍ଶନ ନାଏକ, ଅହଲ୍ୟା ପ୍ରଧାନ, ଲକ୍ଷ୍ମୀ ଭୋଇ, ମାଢ଼େ ପ୍ରଧାନ, ଦ୍ରୋପଦୀ ପୃଷ୍ଟି, ଅଲେଖ ମେଣ୍ଡିଲିକଁର ମୁରତୁ ହେଇଛେ। ଗାଁର ଅନେକ ଲୋକ୍ ରୋଗ୍‌ରେ ଆକ୍ରାଁତ ହେଇ ଭିନେ ଭିନେ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍। ଯେନ୍‌ଥିରଲାଗି ଗାଁରେ ଗୁଟେ ଭଏର ବାତାବରନ ଦେଖିବାକେ ମିଲୁଛେ। ଇଆଡ଼େ ଅନେକ ଆକ୍ରାଁତ୍ ଲୋକ୍ ଟଁକା ପଏସା ଅଭାବୁ ଚିକିଛା ଲାଗି ଟଁକା ଠୁଲାବାକେ ଦାଦନ ଖଟି ଯାଇଛନ୍। ଗାଁର ଚୈତନ୍ୟ ଖମାରୀ(୫୦)। ବଛରେ ତଲେ ସେ କାମ୍ କଲାବେଲେ ତାହାକୁ ବହୁତ୍ ଅଥାବିଥା ଲାଗିଥିଲା। ସେ ଥାନୀୟ ଘଣ୍ଟାପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିଛା କରେଇଥିଲେ। ହେଲେ ଭଲ ନାଇଁ ଲାଗ୍‌ଲାରୁ ବଲାଙ୍ଗୀର ଆର ସେଠାନୁ ବିଶମକଟକ ଡାକ୍ତରଖାନାକେ ଯାଇଥିଲେ। ସେଠାନେ ପରୀକ୍ଷା ନିରୀକ୍ଷାରୁ ଜନାପଡ଼ଲା ଯେ ଚୈତନ୍ୟ କିଡ୍‌ନୀ ରୋଗ୍‌ରେ ଆକ୍ରାଁତ ଅଛନ୍। ଏହେଦେ ସେ ଭୁବନେଶ୍ୱର କଳିଙ୍ଗ ହସ୍ପିଟାଲରେ ଚିକିତ୍ସିତ ହେବାର ସଂଗେ ଫିଦିନ ଉଷୋକଷା ଖାଉଛନ୍। ହେଲେ ଉଷୋକଷାର ଲାଗି ବହୁତ ଟଁକା ପଏସା ସରୁଛେ। ଇଆଡ଼େ ଅଭାବ ଅନାଟନ ଲାଗି ତାକର ଗୁଟେବଲି ପୁଓ ବାମଦେବ ଖମାରୀ(୨୨) ବାହାର ରାଏଜ୍‌କେ ଦାଦନ୍ ଖଟିଯାଇଛେ। ସେ ସେଠାନୁ ପଏସା ପଠାଲେ ଚୈତନ୍ୟ ଇଠାନେ ଉଷୋକଷା ଘିନି ଖାଉଥିବାର କହିଛନ୍। ସେନ୍‌ତା ଗାଁର ହେମସାଗର ପ୍ରଧାନ(୩୫), ମହିଧର କର୍ଣ୍ଣ(୪୦) କିଡ୍‌ନୀ ରୋଗ୍‌ରେ ଆକାଁରାତ ଅଛନ୍। ସେମାନେ ଚିକିତ୍ସା ଲାଗି ଟଁକା ପଏସା ଠୁଲାବାର ଲାଗି ଦାଦନ ଖଟି ଯାଇଥିବାର ଜନାଯାଇଛେ। ଗାଁର ବନମାଳୀ ମେଣ୍ଡଲି(୪୮), ଚମ୍ପେ ଚାଉଳିଆ(୩୮) ବି କିଡ୍‌ନୀ ରୋଗ୍‌ରେ ଆକ୍ରାଁତ ହେଇ ବିଶମକଟକ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍। ଇ ଘଟନାଟା ଗଲା ବଛର ଭିନେ ଭିନେ ଖବର କାଗଜରେ ବାହାରିଥିଲା। ସ୍ୱାସ୍ଥ୍ୟ ବିଭାଗ ତରଫୁ ଗାଁର ଭିନେ ଭିନେ ଜାଗାରୁ ପାଏନ୍ ନମୁନା ଠୁଲେଇ ପରୀକ୍ଷା ଲାଗି ପଠେଇଥିଲା। ହେଲେ ଦୁଖର କଥା ଇ ଘଟନାକେ ବଛ୍‌ରେ ବିତିଯାଇଥିଲେ ବି ପରୀକ୍ଷା ରିପୋର୍ଟ ନୁହେ ଆସେ ବଲି ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରୀ ମହେନ୍ଦ୍ର ସୋଏ କହିଛନ୍। ସେନ୍‌ତା ଘଟନା ବାବ୍‌ଦେ ଜିଲା ମୁଖିଆ ଚିକିତ୍ସା ଅଧିକାରୀକୁ ପଚରାଲାରୁ ଲୁକ୍‌କୁ କହ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ଚିକିତ୍ସା ସାହାଯ୍ ପାଏବାର ଲାଗି ଅରଜି ଦେବେ ବଲି ସେ କହିଥିଲେ।



କିଡ୍‌ନୀ ରୋଗ୍‌ରେ ପୀଡିତ୍ ଚୈତନ୍ୟ ଖମାରୀ ।


## PENSION ADALAT BY INCOME TAX DEPARTMENT, ODISHA

It has been decided to hold Pension Adalat in respect of pensioners/ family pensioners of **Income Tax Department, Odisha Region on 23.08.2019 at 11 AM** in the Kalinga Conference Hall, 4th Floor, Aayakar Bhawan, Rajaswa Vihar, Bhubaneswar to ventilate their grievances relating to pension/ family pension. The Pensioners/ family pensioners who are having grievance in the matter of pension may forward their grievances in the following format to their respective Heads of Offices from where they have been paid pension / family pension with a copy to the office of the Pr. Chief Commissioner of Income Tax, Aayakar Bhawan, Bhubaneswar for facilitation.

1. Name of the employee with address:
2. Name of the Pension / family pension holder:
3. PPO No. If any:
4. Mobile No. for communication:
5. Office from which retired/ expired:
6. Details of grievance in brief:

It may kindly be noted that the following types of cases are excluded from the ambit of the Pension Adalat.

a. Cases involving purely legal points e.g. succession, etc.
b. Grievances involving policy matters.

**Sd./- Administrative Officer Gr. II (HoO)**
**O/o the Pr. CCIT, भुबनेश्वर/Bhubaneswar**



## SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ଷ୍ଟ୍ରେସଡ୍ ଆସେଟ୍‌ସ୍ ରିକଭରି ଶାଖା(SARB), କଟକ
ମଧୁପାଟଣା, କଟକ

## ଡ଼ିମାଣ୍ଡ ନୋଟିସ

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩ (୨)ଅନୁଯାୟୀ ଡିମାଣ୍ଡ ନୋଟିସ

ଏତଦ୍‌ଦ୍ୱାରା ଋଣଗ୍ରହୀତା : **ମେସର୍ସ ରୁଦ୍ରତମ୍ ଫର୍ମାସ୍ୟୁଟିକାଲ୍ସଙ୍କୁ** ଏହି ନୋଟିସ ମାଧ୍ୟମରେ ଜଣାଇ ଦିଆଯାଉଛି କି ସେ ବ୍ୟାଙ୍କରୁ ନେଇଥିବା ଋଣର ବକେୟା ମୂଳ ଏବଂ ସୁଧ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ସେମାନଙ୍କର ଋଣକୁ ଅଣ କାର୍ଯ୍ୟକାରୀ ସମ୍ପତ୍ତି (ଏନ୍‌ପିଏ) ଶ୍ରେଣୀଭୁକ୍ତ କରାଯାଇଛି । ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କୁ ସେମାନଙ୍କର ଶେଷ ଜ୍ଞାତ ଠିକଣାରେ ରେଜେଷ୍ଟ୍ରି ଡାକ ସହିତ ଏଡି ଯୋଗେ ନୋଟିସ୍ ଜାରି କରାଯାଇଥିଲା ଯାହାକି ପ୍ରଦାନ କରାଯାଇନପାରି ଫେରସ୍ତ ଆସିଅଛି ତେଣୁ ଏହି କାରଣରୁ ଉକ୍ତ ବିଷୟରେ ଏହି ସର୍ବସାଧାରଣ ନୋଟିସ ମାଧ୍ୟମରେ ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କୁ ଅବଗତ କରାଗଲା ।

| ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ.: | ସମ୍ପତ୍ତିର ବିବରଣୀ / କାର୍ଯ୍ୟାନୁଷ୍ଠାନ ନିଆଯିବାକୁଥିବା ସୁରକ୍ଷିତ ସମ୍ପତ୍ତିର ଠିକଣା | ଡିମାଣ୍ଡ ନୋଟିସ୍ ତାରିଖ | ଏନ୍‌ପିଏ ତାରିଖ | ସର୍ବମୋଟ ବକେୟା ଦେୟ |
|---|---|---|---|---|
| **ଋଣଗ୍ରହୀତା: ମେସର୍ସ ରୁଦ୍ରତମ୍ ଫର୍ମାସ୍ୟୁଟିକାଲ୍ସ ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଦୁର୍ଗା ପ୍ରସାଦ ମିଶ୍ର, ସା: ଉଚ୍ଚା ସାହି, ପ୍ଲଟ** ନଂ.: ୩୬, ହୋଲ୍ଡିଂ ନଂ.୨୧୦, ଲାଲା ଗ୍ୟାରେଜ ସମ୍ମୁଖ, ପୋ: ବକ୍ସି ବଜାର, କଟକ: ୭୫୩୦୦୧ (ଓଡ଼ିଶା)/ **ଜାମିନଦାର: ଶ୍ରୀମତୀ ସାଗରବାଳା ମିଶ୍ର**, ସ୍ୱାମୀ: ଶ୍ରୀ ପ୍ରଫୁଲ୍ଲ କୁମାର ମିଶ୍ର, ସା: ଡି-୯୩୧, ସେକ୍ଟର-୬, ପୋ: ମର୍କତନଗର, ଜିଲ୍ଲା: କଟକ, ପିନ୍: ୭୫୩୦୧୪, ଓଡ଼ିଶା / **ଆକାଉଣ୍ଟ ନଂ.: ୩୦୭୬୮୮୦୪୯୩୭ ।** | **(୧) ଶ୍ରୀମତୀ ସାଗରବାଳା ମିଶ୍ରଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର :ଖାତା ନଂ.: ୬୦୩/୮୧-ଡି-୧, ପ୍ଲଟ ନଂ.: ୮୫, କ୍ଷେତ୍ର: ଏକର ୦.୦୨୯ ଡିସିମିଲ୍, କିସମ: ଘରବାଡ଼ି, ମୌଜା: କଟକ ସହର, ୟୁନିଟ: ୧୮, ବକ୍ସିବଜାର, ତହସିଲ/ ଜିଲ୍ଲା: କଟକ, **(୨) ଶ୍ରୀମତୀ ସାଗରବାଳା ମିଶ୍ରଙ୍କ** ନାମରେ ଥିବା ଜମି ଯାହାର ଖାତା ନଂ.: ୭୬୭/୨୦୩, ପ୍ଲଟ ନଂ.: ୨୪୯୪, କ୍ଷେତ୍ର: ଏକର ୦.୦୬୦ ଡିସିମିଲ୍, ପ୍ଲଟ ନଂ.-୨୪୮୯, କ୍ଷେତ୍ର: ଏକର୦.୨୩୦ ଡିସିମିଲ୍, ପ୍ଲଟ ନଂ.୨୪୯୩, କ୍ଷେତ୍ର: ଏକର୦.୦୬୦ ଡିସିମିଲ୍, ପ୍ଲଟ ନଂ.: ୨୪୮୮, କ୍ଷେତ୍ର ଏକର ୦.୧୭୦ ଡିସିମିଲ୍, ସମୁଦାୟ କ୍ଷେତ୍ର: ଏକର୦.୫୨୦ ଡିସିମିଲ୍,କିସମ: ଘରବାଡ଼ି, ମୌଜା: ଶ୍ରୀବନ୍ତପୁର, ତହସିଲ: ବାରଙ୍ଗ, ଜିଲ୍ଲା: କଟକ । | **୨୦.୦୭.୨୦୧୯** | **୨୬.୧୨.୨୦୧୮** | **୧୮.୦୭.୨୦୧୯ ସୁଦ୍ଧା ଟ.୫୫,୭୮,୫୪୧.୦୦** |

ନୋଟିସ୍‌ର ବିକଳ୍ପ ସେବା ଭାବେ ପଦକ୍ଷେପମାନ ଗ୍ରହଣ କରାଯାଉଛି । ଉପରୋକ୍ତ ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କୁ ଜଣାଇଦିଆଯାଉଛି କି ସେମାନେ ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ସେମାନଙ୍କର ସମସ୍ତ ବକେୟା ଦେୟ ପରିଶୋଧ କରନ୍ତୁ ଅନ୍ୟଥା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ଅନ୍ତର୍ଗତ ଧାରା ୧୩ର ଉପଧାରା (୪) ଅନୁସାରେ ଉକ୍ତ ନୋଟିସ୍‌ର **୬୦ ଦିନ** ଅତିକ୍ରାନ୍ତ ପରେ ବ୍ୟାଙ୍କ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ । ଏତଦ୍‌ଦ୍ୱାର ଋଣଗ୍ରହୀତା ଏବଂ ଜାମିନଦାରଙ୍କୁ ଜଣାଇଦିଆଯାଉଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା ୧୩ ଅନୁଯାୟୀ ବ୍ୟାଙ୍କର ଲିଖିତ ଅନୁମତି ବିନା ଏହି ନୋଟିସ୍‌ରେ ଦର୍ଶିତ ବନ୍ଧକ ସମ୍ପତ୍ତିକୁ ବିକ୍ରି, ଲିଜ୍ କିମ୍ବା ଅନ୍ୟାମାଧ୍ୟମ ଦ୍ୱାରା ସେମାନେ ହସ୍ତାନ୍ତରିତ କରିପାରିବେ ନାହିଁ । ଏହି ନୋଟିସ୍‌ଟି ବ୍ୟାଙ୍କ ଦ୍ୱାରା କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଯାହା ଆଇନ ଅନୁସାରେ ପ୍ରଯୁଜ୍ୟ ବୋଲି ମନେହେବ ତାହା ଆରମ୍ଭ କରିବାର ଅଧିକାରକୁ କୌଣସି ପ୍ରକାର ପ୍ରତିହତ କରିବ ନାହିଁ ।

ତାରିଖ : ୦୩.୦୮.୨୦୧୯
ସ୍ଥାନ : କଟକ

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି

ଓଡ଼ିଶା ଶାସନ

No. 37-L

# କାଳିଆ

## ପଞ୍ଚାୟତ ସ୍ତରରେ କାଳିଆ ହିତାଧିକାରୀ ତାଲିକା ଯାଞ୍ଚ କାର୍ଯ୍ୟକ୍ରମ

**୬ ଅଗଷ୍ଟ ଠାରୁ ୧୪ ଅଗଷ୍ଟ, ୨୦୧୯ ପର୍ଯ୍ୟନ୍ତ**

- ବର୍ତ୍ତମାନ ସୁଦ୍ଧା କାଳିଆ ଯୋଜନାରେ ସହାୟତା ରାଶି ପାଇଥିବା ସମସ୍ତ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଭୂମିହୀନ କୃଷି ଶ୍ରମିକ ହିତାଧିକାରୀଙ୍କର ଏକ ତାଲିକା ପ୍ରତି ପଞ୍ଚାୟତର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଓ ପ୍ରାଥମିକ ସେବା ସମବାୟ ସମିତି କାର୍ଯ୍ୟାଳୟରେ ୬ ଅଗଷ୍ଟ ୨୦୧୯ ଠାରୁ ୧୪ ଅଗଷ୍ଟ ୨୦୧୯ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରଦର୍ଶିତ କରାଯାଉଛି । ଏହି ତାଲିକା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ୱେବ୍‌ସାଇଟ୍ kalia.co.in ରେ ମଧ ଉପଲବ୍ଧ ହେଉଅଛି ।
- ଏହି ତାଲିକାରେ ଥିବା କୌଣସି ହିତାଧିକାରୀ ଯଦି ଅଯୋଗ୍ୟ ବୋଲି କେହି ଅନୁଭବ କରନ୍ତି ତେବେ ସେମାନଙ୍କର ତଥ୍ୟ ପଞ୍ଚାୟତ ସ୍ତରରେ କାର୍ଯ୍ୟରତ ପଞ୍ଚାୟତ ସ୍ତରୀୟ ନୋଡାଲ ଅଧିକାରୀଙ୍କୁ ଦରଖାସ୍ତ ଆକାରରେ ଜଣାଇ ପାରିବେ । ଏଥିରେ ସୂଚନାଦାତା / ଦରଖାସ୍ତକାରୀଙ୍କର ସମସ୍ତ ତଥ୍ୟ ଗୋପନ ରଖାଯିବ । ଯଦି କୌଣସି ହିତାଧିକାରୀ ନିଜକୁ ଏହି ଯୋଜନାରେ ଅଯୋଗ୍ୟ ଅନୁଭବ କରନ୍ତି ସେ ମଧ ଏ ସମ୍ବନ୍ଧରେ ନିଜ ନାମ ବାଦ୍ ଦେବା ନିମନ୍ତେ ଦରଖାସ୍ତ କରି ପାରିବେ । ଏଥିପାଇଁ ଦରକାର ହେଉଥିବା ଦରଖାସ୍ତ ଫର୍ମ ୱେବ୍‌ସାଇଟ୍ www.kalia.co.in ରେ ମଧ୍ୟ ଉପଲବ୍ଧ ହେଉଅଛି ।
- ଯେଉଁ ପଞ୍ଚାୟତର ଚାଷୀ ପରିବାର ସଂଖ୍ୟା ତୁଳନାରେ ଅଧିକ କମ୍ ସଂଖ୍ୟକ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଓ ଭୂମିହୀନ କୃଷି ଶ୍ରମିକ ହିତାଧିକାରୀ ଚୟନ ହୋଇଛନ୍ତି ତାହାର ଏକ ପଞ୍ଚାୟତୱାରୀ ତାଲିକା ସମ୍ପୃକ୍ତ ପଞ୍ଚାୟତ ସ୍ତରୀୟ କାଳିଆ କମିଟିକୁ ପ୍ରଦାନ କରାଯାଇଅଛି । ସେହି ଗ୍ରାମର ଯେଉଁମାନେ ଯୋଗ୍ୟ ଚାଷୀ ସେମାନଙ୍କ ଠାରୁ ପଞ୍ଚାୟତ ସ୍ତରୀୟ ଅଧିକାରୀଙ୍କ ଦ୍ୱାରା ନୂତନ ଦରଖାସ୍ତ ଫର୍ମ ଗ୍ରହଣ କରାଯିବ ।
- ରାଜ୍ୟର ଅନ୍ୟ ସମସ୍ତ ଅଞ୍ଚଳର ଯୋଗ୍ୟ ଚାଷୀଭାଇମାନେ କିମ୍ବା ତାଙ୍କ ପରିବାରର ଅନ୍ୟ କୌଣସି ସଦସ୍ୟ ବର୍ତ୍ତମାନ ସୁଦ୍ଧା ଦରଖାସ୍ତ କରିନାହାନ୍ତି କିମ୍ବା ଚୟନ ହୋଇନାହାନ୍ତି ସେ ତାଙ୍କ ଅଞ୍ଚଳରେ ଥିବା ସାଧାରଣ ସେବା କେନ୍ଦ୍ରମାନଙ୍କ ସହାୟତାରେ ଅନଲାଇନ kalia.co.inରେ ୬ ଅଗଷ୍ଟ ୨୦୧୯ ଠାରୁ ୧୪ ଅଗଷ୍ଟ ୨୦୧୯ ପର୍ଯ୍ୟନ୍ତ ଦରଖାସ୍ତ କରିବାର ବ୍ୟବସ୍ଥା ମଧ୍ୟ ରହିଛି ।
- ଯଦି କୌଣସି ହିତାଧିକାରୀ ନିଜକୁ ଅଯୋଗ୍ୟ ବିବେଚିତ ମନେ କରି ସେ ପାଇଥିବା କାଳିଆ ସହାୟତା ରାଶି ଫେରସ୍ତ କରିବା ପାଇଁ ଇଚ୍ଛା ପ୍ରକାଶ କରନ୍ତି ତେବେ ସେ ତାଙ୍କ ଅଞ୍ଚଳର କାର୍ଯ୍ୟରତ ପଞ୍ଚାୟତ ନୋଡାଲ ଅଧିକାରୀଙ୍କ ନିକଟରୁ ନିଜକୁ ବାଦ ଦେବା ପାଇଁ ଆବେଦନ ପତ୍ର ଓ ସମ୍ପୃକ୍ତ ବ୍ୟାଙ୍କ ମ୍ୟାନେଜରଙ୍କୁ ସହାୟତା ରାଶି ଫେରସ୍ତ ପାଇଁ ଆବେଦନ କରିପାରିବେ । ଫେରସ୍ତ ନିର୍ଦ୍ଧାରଣ କରାଯାଇଥିବା ବ୍ୟାଙ୍କ ଆକାଉଣ୍ଟ ନମ୍ବର ନିମ୍ନରେ ପ୍ରଦାନ କରାଗଲା । ଏତଦ୍ ବ୍ୟତୀତ ଏହି ଫର୍ମ କୃଷି ବିଭାଗର ୱେବସାଇଟ kalia.co.inରେ ମଧ୍ୟ ଉପଲବ୍ଧ ହେଉଅଛି ।

| ସହାୟତା ରାଶି ଫେରସ୍ତ ପାଇଁ ବ୍ୟାଙ୍କ ଆକାଉଣ୍ଟ ତଥ୍ୟ:- | ନିର୍ଦ୍ଦେଶକ କୃଷି ଓ ଖାଦ୍ୟ ଉତ୍ପାଦନ, ଓଡ଼ିଶା<br>ବ୍ୟାଙ୍କ ଖାତା ନମ୍ବର - 38474500762 | ଭାରତୀୟ ଷ୍ଟେଟ ବ୍ୟାଙ୍କ, ସଚିବାଳୟ ଶାଖା<br>IFSC Code- SBIN0010236 |
|---|---|---|

**ଏ ସମ୍ବନ୍ଧୀୟ କୌଣସି ପ୍ରକାର ପ୍ରଶ୍ନର ଉତ୍ତର ପାଇବା ପାଇଁ ଚାଷୀ ଭାଇମାନେ ନିମ୍ନୋକ୍ତ ସଂଯୋଗ ହେଲ୍ପ ଲାଇନ ଟୋଲ ଫ୍ରି ନମ୍ବର ବ୍ୟବହାର କରନ୍ତୁ ।**

01034/11/0010/1920

ଜୀବିକା ଓ ଆୟ ବୃଦ୍ଧି ନିମିତ୍ତ କୃଷକଙ୍କୁ ସହାୟତା
କୃଷକ ସଶକ୍ତିକରଣ ଦିଗରେ ଏକ ଅଭିନବ ପଦକ୍ଷେପ

**www.kalia.co.in** କାଳିଆ ହେଲ୍ପ ଲାଇନ ୧୮୦୦ ୩୪୫୬ ୭୭୦ / ୧୫୫୩୩୫ (ସମୟ ସକାଳ ୬ ଘଣ୍ଟାରୁ ରାତ୍ର ୧୦ ଘଣ୍ଟା ପର୍ଯ୍ୟନ୍ତ)

## ହେଲୋ କର୍ଣ୍ଣର



@ ଆଶିଷ



@ ବିନାୟକ



@ ମୁନା



@ ସୁଶାନ୍ତ



@ ହେମଲାଲ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

# ଶିକ୍ଷୟିତ୍ରୀଙ୍କ ଘରୁ ଡକାୟତି

■ ୪ ଲକ୍ଷ ଟଙ୍କାର ଅଳଙ୍କାର ଓ ଅନ୍ୟ ସାମଗ୍ରୀ ଲୁଟ୍

■ ଫରେନ୍‌ସିକ ଟିମ୍ ପକ୍ଷରୁ ତଦନ୍ତ

ତିହିଡ଼ି, ୫।୮ (ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ମଙ୍ଗଳପୁର ଗ୍ରାମର ସସ୍ମିତା ମଣ୍ଡଳ ନାମ୍ନୀ ଜଣେ ଶିକ୍ଷୟିତ୍ରୀଙ୍କ ଘରୁ ରବିବାର ରାତିରେ ଡକାୟତି ହୋଇଛି। ୨ ଜଣ ଡକାୟତ ଶିକ୍ଷୟିତ୍ରୀଙ୍କ ଗୋଡ଼ ବାନ୍ଧି ଟଙ୍କା ଓ ସୁନା ଅଳଙ୍କାର ନେଇଯାଇଛନ୍ତି। ଏ ସମ୍ପର୍କରେ ଶିକ୍ଷୟିତ୍ରୀଙ୍କ ସ୍ୱାମୀ ଅଶୋକ କୁମାର ମାଇତି ତିହିଡ଼ି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୫୩/୧୯) ରୁଜୁ କରିଛି। ପୋଲିସ ଓ ଫରେନ୍‌ସିକ ଟିମ୍ ସୋମବାର ଘଟଣାସ୍ଥଳକୁ ଯାଇ ଏହାର ତଦନ୍ତ କରିଛନ୍ତି। ସନ୍ଧାନୀ କୁକୁର ସହାୟତାରେ ଘଟଣାର ତଦନ୍ତ କରାଯାଉ ବୋଲି ଶିକ୍ଷୟିତ୍ରୀ ମଣ୍ଡଳ ଦାବି କରିଛନ୍ତି।

ଶିକ୍ଷୟିତ୍ରୀଙ୍କ ସ୍ୱାମୀ ଅଶୋକ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ରବିବାର ବିଳମ୍ବିତ ରାତିରେ ୨ଜଣ ଡକାୟତ ତାଙ୍କ ଘରେ ପଶିଥିଲେ। ସେ ଶୋଇଥିବା ଘର ବାହାରପଟୁ ସେମାନେ କବାଟ ବନ୍ଦ କରିଦେଇଥିଲେ। ପରେ ଅନ୍ୟ ଏକ ଘରେ ଶୋଇଥିବା ତାଙ୍କ ସ୍ତ୍ରୀଙ୍କ ଗୋଡ଼କୁ ପଲଙ୍କ ବାଡ଼ାରେ ବାନ୍ଧି ଦେଇଥିଲେ। ପାଖରେ ଶୋଇଥିବା ଝିଅପୁଅ ଉଠିପଡ଼ି ପାଟି କରିବାରୁ ୨ ଡକାୟତ ସେମାନଙ୍କ ବେକରେ ଭୁଜାଲି ଲଗାଇ ମାରିଦେବେ ବୋଲି କହି ଲକର୍‌ର ଚାବି ଦେବାକୁ ଧମକାଇଥିଲେ। ଶିକ୍ଷୟିତ୍ରୀ ଭୟଭୀତ ହୋଇ ସେମାନଙ୍କୁ ଚାବି ଦେଇଥିଲେ। ଡକାୟତମାନେ ନଗଦ ୨୦ ହଜାର ଟଙ୍କା ସହ ୪ ଲକ୍ଷ ଟଙ୍କାର ସୁନା ଅଳଙ୍କାର, ମୋବାଇଲ ଓ ଅନ୍ୟାନ୍ୟ ସାମଗ୍ରୀ ନେଇ ପଳାଇଯାଇଥିଲେ। ଏଥିସହିତ ସେମାନେ ଶିକ୍ଷୟିତ୍ରୀଙ୍କର କେତେକ ସରକାରୀ କାଗଜପତ୍ର ନେଇଯାଇଛନ୍ତି। ତିହିଡ଼ି ଅଞ୍ଚଳରେ ଗତ କିଛିଦିନ ହେଲା ଲୁଟ୍ ଓ ଡକାୟତି ଘଟଣା ବୃଦ୍ଧି ପାଇଥିବାରୁ ଲୋକେ ଭୟଭୀତ ହୋଇପଡ଼ିଛନ୍ତି।

# ବଜ୍ରପାତରେ ୩ ଚାଷୀ ମୃତ

ଭୋଗରାଇ/ବସ୍ତା/ଜଳେଶ୍ୱର, ୫।୮ (ଡି.ଏନ.ଏ./ସ୍ୱ.ପ୍ର.)

ସୋମବାର ଅପରାହ୍ନରେ ବାଲେଶ୍ୱର ଜିଲାର ପୃଥକ ସ୍ଥାନରେ ବଜ୍ରପାତ ହୋଇ ୩ ଚାଷୀଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ମହିଳା ଅଛନ୍ତି। ଭୋଗରାଇ ବ୍ଲକ କଲ୍ୟାଣପୁର ଗ୍ରାମର ସୁଜୟ ଦାସ (୩୫) ବିଲରେ କାମ କରୁଥିବା ବେଳେ ବଜ୍ରପାତ ହୋଇଥିଲା। ତାଙ୍କୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଭୋଗରାଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ବସ୍ତା ଥାନା ଦୁଧହଂସା ପଞ୍ଚାୟତର ଦୁଲାରବାଟି ଗ୍ରାମର କାଳୀଚରଣ ରାଉଳ(୨୬) ବିଲରୁ ଫେରୁଥିବା ବେଳେ ବଜ୍ରପାତ ହୋଇଥିଲା। ସେ ଚେତାଶୂନ୍ୟ ହୋଇଯାଇଥିଲେ। ତାଙ୍କୁ ତୁରନ୍ତ ସ୍ଥାନୀୟ ଲୋକେ ଉଦ୍ଧାର କରି ବସ୍ତା ଡାକ୍ତରଖାନାକୁ ନେଇ ଆସିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଗୋକୁଣ୍ଡି ଗ୍ରାମର ସନିତା ହାଁସଦା (୨୩) ବିଲରୁ କାମ ସାରି ଫେରୁଥିବା ବେଳେ ବଜ୍ରପାତ ହୋଇଥିଲା। ସ୍ଥାନୀୟ ଲୋକମାନେ ତାଙ୍କୁ ସ୍ଥାନୀୟ ହାତୀଗଡ଼ ହସପିଟାଲକୁ ନେଇ ଆସିଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ୩ ବର୍ଷର ଏକ ଝିଅ ଅଛି।

## ନାଳରେ ବୁଡ଼ି ଯୁବକ ମୃତ

**ପାଟଣା, ୫।୮(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ଭୁଲୁଦା ଗ୍ରାମ ନିକଟ କୁଣ୍ଡିଆ ନାଳରେ ରବିବାର ରାତିରେ ପ୍ରିୟବ୍ରତ ନାୟକ (୩୨) ପାଣିରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେ ନାଳକୁ ଗାଧୋଇବାକୁ ଯାଇ ବୁଡ଼ି ଯାଇଥିବା ପୋଲିସ ଅନୁମାନ କରୁଛି। ପାଟଣା ଅଗ୍ନିଶମ ବାହିନୀର ସହାୟତାରେ ତୁରୁମୁଙ୍ଗା ପୋଲିସ ମୃତଦେହ ଉଦ୍ଧାର କରି ତଦନ୍ତ ଜାରି ରଖିଛି। ଏନେଇ ତୁରୁମୁଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ୧୫/୧୯) ରୁଜୁ ହୋଇଛି।

# ଅର୍ଥାଭାବରୁ ଆତ୍ମହତ୍ୟା

ରସାଲପୁର, ୫।୮(ଡି.ଏନ.ଏ.)

ପରିବାରର ଆର୍ଥିକ ଦୁଃସ୍ଥିତି ଓ ଋଣ ପରିଶୋଧ ନ ହେବା ଘଟଣାକୁ ନେଇ ବାଲେଶ୍ୱର ଜିଲା ସଦର ଥାନା ଅନ୍ତର୍ଗତ ଶାସଙ୍ଗ ଗ୍ରାମର ମାନସ ମଲ୍ଲିକ (୪୫)ନାମକ ଜଣେ ଯୁବକ ସୋମବାର ବେକରେ ଦଉଡି ଲଗାଇ ଆତ୍ମହତ୍ୟା କରିଛନ୍ତି। ସଦର ଥାନା ପୋଲିସ ମୃତଦେହକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ପୋଲିସ ସୂଚନା ଅନୁଯାୟୀ ସଦର ଥାନାଠାରୁ ୧୦ କି.ମି. ଦୂର ଶାସଙ୍ଗ ଗ୍ରାମର ଏହି ଯୁବକ ଦିନ ମଜୁରିଆ ଭାବେ କାମ କରି ପରିବାର ଚଳାଇ ଆସୁଥିଲେ। ଅଭାବ ଦୂର କରିବା ଲାଗି ତାଙ୍କ ସ୍ତ୍ରୀ ଗାଁରେ ଥିବା ଏକ ଏସ୍‌ଏଚ୍‌ଜିରେ ସଦସ୍ୟା ହୋଇ କିଛି ଟଙ୍କା ଋଣ ଆଣିଥିଲେ। ପ୍ରତି ସପ୍ତାହରେ ଋଣ ଟଙ୍କାର କିସ୍ତି ପରିଶୋଧ କରିବାକୁ ପଡୁଥିଲା। ସୋମବାର କିସ୍ତି ବାରି ଥିବାରୁ ଟଙ୍କା କେମିତି ଦିଆଯିବ ଏ ନେଇ ପରିବାର ଲୋକେ ଚିନ୍ତାରେ ପଡିଥିଲେ। ପରେ ମାନସଙ୍କ ସ୍ତ୍ରୀ ଗାଁରୁ ୧ହଜାର ଟଙ୍କା ଧାର ଆଣି ଋଣ କିସ୍ତି ପରିଶୋଧ କରିଥିଲେ। ଏଭଳି ଅର୍ଥାଭାବ ଜନିତ ଘଟଣା ନେଇ ମାନସ ମାନସିକ ଭାରସାମ୍ୟ ହରାଇ ଘରଠାରୁ ଅଧା କି.ମି. ଦୂରରେ ଥିବା ଏକ ବସ୍ତି ନିକଟକୁ ଯାଇ ଏକ ନିମ୍ବଗଛରେ ବେକରେ ଦଉଡ଼ି ଲଗାଇ ଝୁଲିପଡିଥିଲେ। ପରେ ଗାଁ ଲୋକେ ଗଛରେ ମୃତଦେହ ଝୁଲୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ।

# ୩୨ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ଜଣେ ଗିରଫ

ନୀଳଗିରି, ୫।୮(ଡି.ଏନ.ଏ.)

କଟକ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ତଥା ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ସ୍ଥାନୀୟ ସହରର ଘାଟଘରସାହି ଗାଁର ମୁନା ନାଥ(୩୨)ଙ୍କ ଘରେ ଚଢ଼ାଉ କରାଯାଇ ୩୨ଗ୍ରାମ ଓଜନର ବ୍ରାଉନ୍‌ସୁଗାର ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୩ଲକ୍ଷରୁ ଉର୍ଦ୍ଧ୍ୱ ହେବ। ମୁନା ନାଥଙ୍କୁ ଗିରଫ କରାଯାଇଛି। ଏନେଇ ବିଭାଗରେ ପିଆର (ନଂ. ୮୬/୧୯)ରୁଜୁ ହୋଇଛି। ନୀଳଗିରି ସହରରେ ଚୋରା ଦେଶୀ, ବିଦେଶୀ ମଦ ସହିତ ଅବାଧରେ ବ୍ରାଉନସୁଗାର ବିକ୍ରି ହେଉଥିବା ନେଇ ଅବକାରୀ ଗୋଇନ୍ଦା ବିଭାଗରେ ଅଭିଯୋଗ ହୋଇଥିଲା। ଗୋଇନ୍ଦା ବିଭାଗ ଏନେଇ ଚୋରା ବେପାରୀଙ୍କ ଉପରେ କଡ଼ା ନଜର ରଖି ସୁରାକ ପାଇଥିଲା। କେନ୍ଦ୍ରୀୟ ଅବକାରୀ ଗୋଇନ୍ଦା ବିଭାଗ ଏସ୍‌ପିଙ୍କ ନିର୍ଦ୍ଦେଶରେ ଗାଲୁରାମ ସରେନ, ସ୍ଥାନୀୟ ଉପନିରୀକ୍ଷକ ଲକ୍ଷେସାଧବ ପ୍ରଧାନଙ୍କ ସମେତ ଅବକାରୀ ଟିମ୍ ଚଢାଉ କରିଥିଲେ।

# ଆଖୁ କିଆରିରେ ନିଆଁ ଲାଗି ବୃଦ୍ଧ ଜୀବନ୍ତ ଦଗ୍ଧ

**ବସ୍ତା, ୫।୮(ସ୍ୱ.ପ୍ର.):** ବସ୍ତା ବ୍ଲକ ସିଂଲା ଥାନା ରଘୁନାଥପୁର ପଞ୍ଚାୟତ ଗିଲାଯୋଡ଼ି ଗ୍ରାମରେ ଆଖୁ କିଆରିରେ ନିଆଁ ଲାଗି ଜଣେ ବୃଦ୍ଧ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ସୋମବାର ସକାଳେ ଏହି ଗ୍ରାମର କାଳୀଚରଣ ଜେନା (୬୭) ଆଖୁ କିଆରିରେ ଆଖୁ ଅମଳ ପରେ ଶୁଖି ଯାଇଥିବା ପତ୍ରସବୁ ନିଆଁ ଲଗାଇବାକୁ ଯାଇଥିଲେ। ଚାରିପାଖରେ ନିଆଁ ଲଗାଇ ସାରିବା ପରେ ପବନ ବହିବାରୁ କାଳୀଚରଣ ସେହି ନିଆଁ ମଧ୍ୟରେ ଫସି ରହିଯାଇଥିଲେ। ଦମକଳ ବାହିନୀ ପହଞ୍ଚି ତାଙ୍କୁ ମୃତ ଅବସ୍ଥାରେ ଉଦ୍ଧାର କରି ଆଖ ପାଖରେ ଥିବା ଆଖୁ କିଆରିରେ ଲାଗିଥିବା ନିଆଁକୁ ଆୟତ୍ତ କରିଥିଲେ। ସେ ନିଆଁରେ ପୋଡ଼ିଯାଇଥିବା ଦେଖିବାକୁ ମିଳିଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଇ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ–1% ।
Help LINE
7683949359
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 50,00,000 ପର୍ଯ୍ୟନ୍ତ ଋଣ
ସତ୍ୟମ୍ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍‌ଚର ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7291060977
7291046520
B-36/7, A-Block, Vijay Enclave, Burari, New Delhi-74

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହରୁଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍ + 30,000ର ଅନ୍ୟାନ ସୁବିଧା ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348274623
8227843135

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

ASTROLOGY ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଯାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ପ୍ରାଇଭେଟ୍ କମ୍ପାନୀ ପ୍ରତି ସାବଧାନ
GRAMIN FINANCE
ଦ୍ୱାରା ସବୁ ପ୍ରକାର ଋଣ ନିଅନ୍ତୁ କମ୍ ସୁଧ + Subsidy, No File Charge, No Guarantor, Only Bank fees -
ଏ ସବୁକିଛି ଋଣ ମଞ୍ଜୁର ହେବା ପରେ
Miss Call Alert:
09610759333
S/O Durvijay Singh, 549/328, Shanti Nagar, Vakola, Santacruz, Mumbai- 400055

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

BUSINESS BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE
ବାଲାଜୀ ଋଣ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
3% ସୁଧ 25% ଛାଡ ୧୦ ବର୍ଷର ଏଗ୍ରୀମେଣ୍ଟ ସହିତ
କେବଳ ଆସାମ, ଓଡିଶା, ବିହାର, ଝାରଖଣ୍ଡ, ଗୁଜୁରାଟ ହାଇଦ୍ରାବାଦ, ହିମାଚଳ, ବେଙ୍ଗଲୁରୁ, ମଧ୍ୟପ୍ରଦେଶ ରେ
balajifinancegroupchd@yahoo.com
Plot No 4542, Shahnajaf Rd, Chandigarh 226001
09517415755
09598246628

DHARITRI Career appointment Every Wednesday and Saturday

See Color Display Classified on every Tuesday & Friday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ପିତା ପରମ ଆରାଧ୍ୟ, ପିତାଙ୍କୁ ସନ୍ତୁଷ୍ଟ କରିପାରିଲେ ସବୁ ଦେବତାମାନେ ମଧ୍ୟ ସନ୍ତୋଷ ଲାଭ କରନ୍ତି।
- କଠୋପନିଷଦ



## ସଂକ୍ଷେପରେ

### ବାଇକ୍ ଡିକିରୁ ଚିତାବାଘ ଚମଡ଼ା ଜବତ, ଜଣେ ଗିରଫ

ରେଢାଖୋଲ, ୫।୮ (ଡି.ଏନ.ଏ.)
ରେଢାଖୋଲ ବନଖଣ୍ଡର ଗିରିଶଚନ୍ଦ୍ରପୁର ରେଞ୍ଜ ଅଧୀନ ରାମପୁର-ଗିରିଶ୍ଚନ୍ଦ୍ରପୁର ପୂର୍ତ୍ତବିଭାଗ ରାସ୍ତାର ଫୁଲକୁସୁମଠାରୁ ସୋମବାର ସନ୍ଧ୍ୟାରେ ବନ ବିଭାଗ କର୍ମଚାରୀ ଚଢାଉ କରି ଏକ ଚିତାବାଘ ଚମଡା ଜବତ କରିଛନ୍ତି। କିସିଣ୍ଡା ଅଞ୍ଚଳରୁ ୩ ଜଣ ବ୍ୟକ୍ତି ବାଇକ ଡିକିରେ ଏହାକୁ ଚୋରା ଚାଲାଣ ଉଦ୍ଦେଶ୍ୟରେ ନେଉଥିଲେ। ହେଲେ ବନ ବିଭାଗ ଜଣକୁ ଗିରଫ କରିଥିଲା। ଅନ୍ୟ ୨ ଜଣ ବାଇକରୁ ଡେଇଁ ଜଙ୍ଗଲ ଭିତରକୁ ଡିଆ ମାରିଥିଲେ। ଗିରଫ ଅଭିଯୁକ୍ତ ଜଣକ ହେଲେ ରେଢାଖୋଲ ଥାନା ଅଧୀନ ବୋବୁଆ ପଞ୍ଚାୟତ ମଙ୍ଗଳପୁର ଗାଁର ମଧୁସୂଦନ ସାହୁ (୩୫)। ତାଙ୍କୁ ଗିରିଶଚନ୍ଦ୍ରପୁର ରେଞ୍ଜ ଅଫିସରେ ବନ ବିଭାଗ ପକ୍ଷରୁ ଅଟକ ରଖାଯାଇ ଅଧିକ ପଚରା ଉଚରା କରାଯାଉଛି। ଖବର ପାଇ ରେଢାଖୋଲରୁ ଡିଏଫଓ ସଂଗ୍ରାମ କେଶରୀ ବେହେରା ଗିରିଶ୍ଚନ୍ଦ୍ରପୁର ରେଞ୍ଜ ଅଫିସରେ ପହଞ୍ଚିଛନ୍ତି। ସୂଚନାଯୋଗ୍ୟ,କ୍ରାଇମବ୍ରାଞ୍ଚ କୌଣସି ସୂତ୍ରରେ ଏହି ବାଘ ଚମଡ଼ା ଚୋରା ଚାଲାଣ ହେଉଥିବା ନେଇ ବନ ବିଭାଗକୁ ଅବଗତ କରିଥିଲା। ସେହି ସୂଚନା ଆଧାରରେ ବନ ବିଭାଗ ଅଧିକାରୀ ଓ କର୍ମଚାରୀ ଏହାକୁ ଧରିବାରେ ସକ୍ଷମ ହୋଇଛନ୍ତି। ଏଠାରେ ପ୍ରକାଶଯୋଗ୍ୟ, ଗତବର୍ଷ ମେ ୨୮ ତାରିଖରେ ମଧ କ୍ରାଇମବ୍ରାଞ୍ଚର ଏକ ଟିମ୍ ପହଞ୍ଚି କିସିଣ୍ଡା ଅଞ୍ଚଳରୁ ଏକ ବାଘ ଛାଲ ଜବତ କରି ୨ ଜଣଙ୍କୁ ଗିରଫ କରିଥିଲା।

### ଆଜି ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ସମ୍ବଲପୁର ଗସ୍ତ

ସମ୍ବଲପୁର, ୫।୮ (ବ୍ୟୁରୋ)
ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ ଅରୁଣ କୁମାର ସାହୁ ମଙ୍ଗଳବାର ସମ୍ବଲପୁର ଗସ୍ତରେ ଆସିବେ । ଭୋର ୪ଟାରେ ସେ ସମ୍ବଲପୁର ରେଳ ଷ୍ଟେଶନରେ ପହଞ୍ଚି ଏମସିଏଲ ଗେଷ୍ଟ ହାଉସ ଅଭିମୁଖେ ଯାତ୍ରା କରିବେ । ପୂର୍ବାହ୍ନ ସାଢ଼େ ୯ଟାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ କୃଷି, ମତ୍ସ୍ୟ ବିଭାଗର ସମୀକ୍ଷା ବୈଠକରେ ଯୋଗ ଦେବେ । ଏହାପରେ ପୂର୍ବାହ୍ନ ସାଢ଼େ ୧୧ଟାରେ ଜ୍ୟୋତିବିହାର ପରିସରସ୍ଥ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ଆୟୋଜିତ ସ୍ୱାଗତ ସମାରୋହରେ ଯୋଗଦେବା କାର୍ଯ୍ୟକ୍ରମ ରହିଥିବା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚିତ କରାଯାଇଛି ।

### ପ୍ରାଦେଶିକ ଖେଳକୁଦ ପ୍ରତିଯୋଗିତା
### ସିଦ୍ଧେଶ୍ୱର ବେର୍ଣ୍ଣା ଶିଶୁ ମନ୍ଦିର କବାଡିରେ ଚାମ୍ପିୟନ

ସମ୍ବଲପୁର, ୫।୮ (ବ୍ୟୁରୋ)
ପ୍ରାଦେଶିକ ଖେଳକୁଦ ପ୍ରତିଯୋଗିତା-୨୦୧୯ରେ ସମ୍ବଲପୁର ସିଦ୍ଧେଶ୍ୱର ବେର୍ଣ୍ଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୬ଷ୍ଠରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ର ଭାଗ ନେଇ ସଫଳତା ହାସଲ କରିଛନ୍ତି । ଏମାନେ କବାଡି ବର୍ଗରେ ଚାମ୍ପିୟନ ହୋଇଛନ୍ତି । ଅଗଷ୍ଟ ୩ ଓ ୪ ତାରିଖ ଦୁଇ ଦିନ ଧରି ଅନୁଗୋଳଠାରେ ପ୍ରତିଯୋଗିତା ହୋଇଥିଲା। ଅଶ୍ୱତଥାମା ସ୍ୱାଇଁ ଓ ମମତା ଚାଟାର୍ଜୀଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଭାଗ ନେଇଥିଲେ । ସୋମବାର ସ୍କୁଲ ପ୍ରଧାନଶିକ୍ଷକ ଦିଲୀପ କୁମାର ପାଢ଼ୀ ଓ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଚାମ୍ପିୟନ ଦଳକୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ଐତିହାସିକ ପଦକ୍ଷେପରେ ସମସ୍ତେ ଖୁସି



ରେଙ୍ଗାଲିରେ ବିଭିନ୍ନ ବ୍ୟକ୍ତି ଏକାଠି ହୋଇ ଖୁସି ମନାଉଛନ୍ତି।


ସୋମବାର ସମ୍ବଲପୁର ଭାଜପା କାର୍ଯ୍ୟାଳୟ ସମ୍ମୁଖରେ ଧାରା ୩୭୦ ଉଚ୍ଛେଦ ପରେ ନେତା ଓ କର୍ମୀମାନେ ଖୁସି ମନାଉଛନ୍ତି ।

ସମ୍ବଲପୁର, ୫।୮ (ବ୍ୟୁରୋ)


ଗୋଲବଜାର ଛକରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମିଷ୍ଟାନ୍ନ ବଣ୍ଟନ କରାଯାଉଛି ।


ସମ୍ବଲପୁର ଗୋଲବଜାର ଛକରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୋଭାଯାତ୍ରାରେ ବାହାରିଛି।

ଜମ୍ମୁକାଶ୍ମୀରରୁ ଭାରତ ସରକାରଙ୍କ ଦ୍ୱାରା ଧାରା ୩୭୦ ଏବଂ ଧାରା ୩୫ (ଏ) ଉଚ୍ଛେଦ କରାଯାଇଛି। ଏଥିରେ ଖୁସି ହୋଇ ଗଙ୍ଗାଧର ମେହେର (ଜିଏମୟୁ) ଏବିଭିପି ଶାଖା ପକ୍ଷରୁ ସୋମବାର ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଧାରା ୩୭୦ ଉଚ୍ଛେଦ ଏକ ଐତିହାସିକ ପଦକ୍ଷେପ। ଏହାଦ୍ୱାରା ଦେଶରେ ଐକ୍ୟ ଓ ଅଖଣ୍ଡତା ବଜାୟ ରହିବ ବୋଲି ସ୍ଲୋଗାନ ଦେଇ ଏବିଭିପି ସଭ୍ୟମାନେ ଯାତ୍ରା ଶୁଭାରମ୍ଭ କରିଥିଲେ । ମାନସ କୁମାର ସାହୁ, ଲଳିତ ଦାସ, ଛନ୍ଦାଚରଣ ଦଳପତ, ଚନ୍ଦ୍ରଶେଖର ପାତ୍ର, ଅର୍ଚ୍ଚନା ପ୍ରିୟଦର୍ଶିନୀ ବାଗ, ରାଜନ ବିଶ୍ୱାଳ, ଜିତୁ ଚାନ୍ଦ, ଜତିନ ଦୁଆରି, ସୌମ୍ୟରଞ୍ଜନ ବଡପଣ୍ଡା, ସମୀର ସୁନା, ରାଜଗୋପାଳ ଚୌଧୁରୀ, ଅମୂଲ୍ୟ ତାଣ୍ଡି, ସାଶ୍ୱତ ପଣ୍ଡା, ଶ୍ରବଣ ବାଗ, ଅଭିଳାଷ ମେହେର, ଆଶିଷ ସାହୁ, ଜଗ ମୋହନ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ । ତେବେ ଜମ୍ମୁ-କାଶ୍ମୀରରେ ଧାରା ୩୭୦ ଓ ୩୫ (ଏ) ଉଚ୍ଛେଦ ହେବା ପରେ ସମ୍ବଲପୁରବାସୀ ସୋମବାର ଖୁସି ମନାଇଛନ୍ତି। ଅପରାହ୍ନରେ ଭାଜପା କାର୍ଯ୍ୟାଳୟ ପରିସରରେ କର୍ମକର୍ତ୍ତାମାନେ ମିଠା ବାଣ୍ଟି, ବାଣ ଫୁଟାଇ ଖୁସି ମନାଇଥିଲେ । ଏହି ସମୟରେ ପୂର୍ବତନ ନଗରପାଳ ଗିରୀଶ ପଟେଲ, ସମୀର ରଞ୍ଜନ ବାବୁ, ମିଡିଆ ପ୍ରଭାରୀ ମାନସ ରଞ୍ଜନ ବକ୍ସି, ଶିବ କୁମାର ଅଗ୍ରୱାଲ, ବିପିନ ଭାଟିଆ, ସୌମିତ୍ର ଜତି, ସୂର୍ଯ୍ୟ ପାଣିଗ୍ରାହୀ, ଅଶ୍ୱିନୀ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଗୋଲବଜାର ଛକରେ ଖୁସି ମନାଇବାକୁ ତ୍ରିରଙ୍ଗା ତଳେ ବିଭିନ୍ନ ଅନୁଷ୍ଠାନ କମକର୍ତ୍ତା ଉପସ୍ଥିତ ହୋଇଥିଲେ । ଆତସବାଜିରେ ଗୋଲବଜାର ଛକ କମ୍ପି ଉଠିଥିଲା । ଲୋକାମାନଙ୍କୁ ଲଡୁ ବଣ୍ଟା ଯାଇଥିଲା। ବିଶ୍ୱ ହିନ୍ଦୁ ପରିଷଦ, ଶ୍ର 1ଶ୍ରୀ ବ୍ରହ୍ମ ପଣ୍ଡିତ ମହାସଭା, ରାଷ୍ଟ୍ରୀୟ ସଂଘ ସେବକ ସଂଘ, ହନୁମାନ ଜୟନ୍ତୀ ସମନ୍ୱୟ ସମିତି, ଭାଜପାର ବିଭିନ୍ନ ମଣ୍ଡଳର କର୍ମକର୍ତ୍ତା ଉପସ୍ଥିତ ଥିଲେ । ପ୍ରଦୀପ କୁମାର ବହିଦାର, ବିପିନ ବିହାରୀ ନନ୍ଦ, ପଣ୍ଡିତ ଅମରନାଥ ମିଶ୍ର, ସୁଧିର ରଞ୍ଜନ ବହିଦାର, ରାଜିବ ଶତପଥୀ, ସଞ୍ଜୟ ଶଡଙ୍ଗୀ, କାହ୍ନୁରାମ ଶର୍ମା, ବଳରାମ ଛାବରିଆ ପ୍ରମୁଖ ଉପସ୍ଥିତ ଥିଲେ।

**ରେଙ୍ଗାଲି,(ଡି.ଏନ.ଏ)**
ରେଙ୍ଗାଲି ବରିଷ୍ଠ ନାଗରିକ ପରିଷଦ ମଧ୍ୟ ସ୍ୱାଗତ ଉତ୍ସବ ପାଳନ କରିଛି। ସୋମବାର ସନ୍ଧ୍ୟାରେ ରେଙ୍ଗାଲି ବସଷ୍ଟାଣ୍ଡଠାରେ ପରିଷଦର କର୍ମକର୍ତ୍ତା ବାଣ ଫୁଟାଇ, ମିଠା ବାଣ୍ଟି ଉତ୍ସବ ପାଳନ କରିଥିଲେ । ଏଥିରେ ପରିଷଦର ସଭାପତି ବସନ୍ତ କୁମାର ନାଏକ, ସମ୍ପାଦକ ଅନ୍ତର୍ଯ୍ୟାମୀ ପାଣି, ବିଶିକେଶନ ପଣ୍ଡା, ସାଲେଗ୍ରାମ ସାହୁ, ଦିବ୍ୟ ବେହେରା, ମୁରାରୀ ସିଂ, ଗାନ୍ଧୀ ବେହେରା, ଚମ୍ପେଶ୍ୱର ଅଗ୍ରୱାଲ, ରାଜାରାମ ମାହାଣା ପ୍ରମୁଖ ଉପସ୍ଥିତ ଥିଲେ ।

■ ଲାୟନ୍ସ କ୍ଲବ ଗୋଡଭଗା ରୟାଲର ସଂସ୍ଥାପନ ସମାରୋହ

## ବାଳକୃଷ୍ଣ ସାହୁ ସଭାପତି, ଶିବାନନ୍ଦ ବହିଦାର ସମ୍ପାଦକ



ଲାଇନ୍ସ କ୍ଲବ ଗୋଡଭଗା ରୟାଲ ପକ୍ଷରୁ ଆ.କଟାପାଲି ନିକଟସ୍ଥ ଏକ ହୋଟେଲରେ ସଂସ୍ଥାପନ ସମାରୋହରେ ଅତିଥି ଓ ସଦସ୍ୟ।

ଟିପିଲିମା, ୫।୮ (ଡି.ଏନ.ଏ.)
ଲାୟନ୍ସ କ୍ଲବ ଗୋଡଭଗା ରୟାଲ ପକ୍ଷରୁ ଆ.କଟାପାଲି ନିକଟସ୍ଥ ଏକ ହୋଟେଲରେ ସଂସ୍ଥାପନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମନୋଜ ଶର୍ମା ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବରେ ଅଶୋକ ଜଲାନ, ଦେବେନ୍ଦ୍ର କୁମାର ଲାଠ, ଅରୁଣ କୁମାର ଶର୍ମା, ବସନ୍ତ କୁମାର ମେକାପ୍, ଜେ.ଏମ. ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ନୂତନ ସଭାପତି ଭାବରେ ବାଳକୃଷ୍ଣ ସାହୁ, ସମ୍ପାଦକ ଭାବରେ ଶିବାନନ୍ଦ ବହିଦାର, କୋଷାଧ୍ୟକ୍ଷ ଭାବରେ ଚିତ୍ତରଞ୍ଜନ ସାହୁ ଓ ପ୍ରେମାନନ୍ଦ ପ୍ରଧାନ, ଉପସଭାପତି ଭାବରେ ବେଦବ୍ୟାସ ସେଠ ଓ ରଞ୍ଜନ କୁମାର ବାରିକ ମନୋନୀତ ହୋଇଥିଲେ। ବୋର୍ଡ ଅଫ୍ ଡାଇରେକ୍ଟର ଭାବରେ ଦିବାକର ପ୍ରଧାନ, ରାକେଶ ସାହୁ, ବୀରେନ୍ଦ୍ର ସାହୁ, ଦୀପକ ମିଶ୍ର, ଅଜୟ ବାଙ୍କା, ଦେବବ୍ରତ ରଥ, ଆଶିଷ ଶର୍ମା, ମନିଷ ଶର୍ମା ପ୍ରମୁଖ ମନୋନୀତ ହୋଇଛନ୍ତି।

ହିଣ୍ଡାଲ୍କୋର ଫ୍ଲୋରାଇଡ ଗ୍ୟାସ ଦ୍ୱାରା ଫସଲ ନଷ୍ଟ

## ସତ୍ୟାସତ୍ୟ ଅନୁସନ୍ଧାନ ପାଇଁ ଡେଙ୍ଗିମଚା ଗାଁରେ କୃଷି ବିଭାଗ

ହୀରାକୁଦ, ୫।୮ (ଡି.ଏନ.ଏ.)
ହିଣ୍ଡାଲକୋର ଫ୍ଲୋରାଇଡ ଗ୍ୟାସ କାରଖାନା ଆଖ ପାଖ ଅଞ୍ଚଳର ବ୍ୟାପକ ଚାଷ ଜମିରେ ଧାନ ପହ୍ଲା କ୍ଷୟକ୍ଷତି ହୋଇଥିବା ଅଭିଯୋଗ ହୋଇଛି। ଗୁଣ୍ଡୁରୁପଡା, ମହମ୍ମଦପୁର, ଡେଙ୍ଗିମଚା ଅଞ୍ଚଳ ହିଣ୍ଡାଲକୋ ଆଖ ପାଖରେ ଥିବାରୁ ଫ୍ଲୋରାଇଡ ଗ୍ୟାସର ଶିକାର ହେଉଛି। ଏ ବର୍ଷ ଚାଷ କାମ ବର୍ଷା ଅଭାବରୁ ବିଳମ୍ବରେ ହୋଇଥିଲା । ଗତ ୩୦ ତାରିଖରେ ଲଗାତାର ବର୍ଷା ଲାଗି ରହିଥିବା ବେଳେ ହିଣ୍ଡାଲକୋ ରାତିରେ ଫ୍ଲୋରାଇଡ ଗ୍ୟାସ ଛାଡି ଦେଇଥିଲା। ଏଥିଯୋଗୁଁ ବ୍ୟାପକ ଧାନ ପହ୍ଲା ନଷ୍ଟ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ପ୍ରାୟ ୮୦ ଏକର ଜମି ଏଥିରେ କ୍ଷତିଗ୍ରସ୍ତ ହୋଇଥିବା କୁହାଯାଇଛି । ଏହାର ସତ୍ୟାସତ୍ୟ ଅନୁସନ୍ଧାନ କରିବା ପାଇଁ ଜିଲା କୃଷି ବିଭାଗ ତରଫରୁ ସହକାରୀ କୃଷି ଅଧିକାରୀ ମଳୟ ପରିଛା, ବସନ୍ତ ମଞ୍ଜରୀ ପଣ୍ଡା ପ୍ରମୁଖ ସୋମବାର ଡେଙ୍ଗିମଚା ଗ୍ରାମରେ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଥିଲେ । ଚାଷୀ ନେତା ତଥା ପୂର୍ବତନ ସରପଞ୍ଚ ଏତୁଆ ଖଡିଆ, ଚାଷୀନେତା ନାଟୁ ବିଶ୍ୱାଳ, ଲବ ପ୍ରଧାନ, ଗିରିଧାରୀ ପ୍ରଧାନ, ରଣଜିତ ଖଡିଆ, ସୁରୁ ଖଡିଆ, କୃଷି ଖଡିଆ, ଦିଲୀପ ଖଡିଆ, ଦଲ ଖଡିଆ, ଘାସି ଖଡିଆ, ସନିଚର ଖଡିଆ, ଗୁଜୁରା ଖଡିଆ, କ୍ରିଷ୍ଣା ଖଡିଆ, କୁଷ ଖଡିଆ, ରାମଲାଲ ଖଡିଆ, ବୁଦ୍ଧୁଲୁ ଖଡିଆ, ଜତି ଖଡିଆ, କିଶୋର ଖଡିଆ, କୈଳାଶ ଖଡିଆ, ସନ୍ତୋଷ ଖଡିଆ, ଶାନ୍ତନୁ ଖଡିଆ, ଗଣେଷ ଖଡିଆ, ଲେପା ଖଡିଆ, ଅଜୟ ଖଡିଆ ପ୍ରମୁଖ ଉପସ୍ଥିତ ଥିଲେ । ତେବେ କ୍ଷୟକ୍ଷତି ଏବଂ ଗ୍ୟାସ ପ୍ରଦୂଷଣ ଉପରେ ହିଣ୍ଡାଲକୋର ସିଏସଆର ପକ୍ଷରୁ ପାଲଟା ଅଭିଯୋଗ କରାଯାଇଛି। ଚାଷୀମାନଙ୍କ ଏହା ନିତି ଦିନିଆ ବ୍ୟବସାୟ ହାଇଗଲାଣି। ଚାଷୀମାନେ ପ୍ରତିବର୍ଷ ହିଣ୍ଡାଲକୋକୁ ଗଣମାଧ୍ୟମ ଜରିଆରେ ଡରାଇ କ୍ଷତିପୂରଣ ନେଉଛନ୍ତି । ପ୍ରଶାସନ ସେମାନଙ୍କୁ ସହଯୋଗ କରୁଛି। କମ୍ପାନୀ ଯୋଗୁ ଚାଷ ନଷ୍ଟ ହେଉନାହିଁ ବୋଲି କମ୍ପାନୀ ସିଏସଆର୍ ପକ୍ଷରୁ ଦୃଢୋକ୍ତି ପ୍ରକାଶ କରାଯାଇଛି।

## ବିଦ୍ୟୁତ କାଟ ଯୋଗୁ ଚାଷ କାର୍ଯ୍ୟରେ ସମସ୍ୟା

ସମ୍ବଲପୁର,୫।୮(ବ୍ୟୁରୋ)
ସମ୍ବଲପୁର ମହାନଗର ନିଗମ ଅଧୀନ ୧ ନମ୍ବର ୱାର୍ଡରେ ଉଠା ଜଳସେଚନ ପ୍ରକଳ୍ପ ରହିଛି । ହେଲେ ବିଦ୍ୟୁତ ବିଭାଗ ପକ୍ଷରୁ ସଂଯୋଗ କଟା ଯାଇଛି । ବିଦ୍ୟୁତ ସଂଯୋଗ ପାଇଁ ବକେୟା ଥିବା ଟଙ୍କାରୁ ୨୦ ହଜାର ଟଙ୍କା ଜମା କଲେ ବିଦ୍ୟୁତ ସଂଯୋଗ କରାଯିବ ବୋଲି ବିଦ୍ୟୁତ ବିଭାଗ ଅଧିକାରୀମାନେ କହୁଛନ୍ତି । ଏହି ୩ ନମ୍ବର ପକଳ୍ପରେ ୩୦ ଏକର ଜମିରେ ଚାଷ ହୋଇଥାଏ । ହେଲେ ପାଣି ଅଭାବରୁ ଏବେ ଚାଷ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି । ତେଣୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ସୋମବାର ବୁଚା ମୁଣ୍ଡା, ନବଘନ ରୋହିଦାସ, ପିତାନନ୍ଦ ସିଂ, ଟୁନୁ ମୁଣ୍ଡା, ନନ୍ଦଲାଲ ମୁଣ୍ଡା ପ୍ରମୁଖ ପହଞ୍ଚି ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି।

**ପ୍ରଶାସନ ନିକଟରେ ଅଭିଯୋଗ**


ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ପୋତାପାଲି ଗ୍ରାମର ଚାଷୀ ।

## ୧୭୫ ଭୂମିହୀନଙ୍କୁ ପଟ୍ଟା ପ୍ରଦାନ

ରେଙ୍ଗାଲି,୫।୮(ଡି.ଏନ.ଏ.)
ରେଙ୍ଗାଲି ତହସିଲ କାର୍ଯ୍ୟାଳୟଠାରେ ଭୂମିହୀନ ହିତାଧିକାରୀଙ୍କୁ ବସୁନ୍ଧରା ଯୋଜନାରେ ପଟ୍ଟା ପ୍ରଦାନ କରାଯାଇଛି। ସୋମବାର ରେଙ୍ଗାଲି ତହସିଲ କାର୍ଯ୍ୟାଳୟରେ ରେଙ୍ଗାଲି ସର୍କଲର କୁର୍ଲା, ଲଇଡା ସର୍କଲର ଘଣ୍ଟମାଲ, ଲପଙ୍ଗା ସର୍କଲର ବଂଶୀମାଲ ଏବଂ କତରବଗା ସର୍କଲର ବ୍ରାହ୍ମଣୀପାଲିର ମୋଟ ୧୭୫ ଜଣ ଭୂମିହୀନ ହିତାଧିକାରୀଙ୍କୁ ବସୁନ୍ଧରା ଯୋଜନାରେ ପଟ୍ଟା ପ୍ରଦାନ କରାଯାଇଥିଲା । ପଟ୍ଟା ପ୍ରଦାନ ବେଳେ ରେଙ୍ଗାଲି ତହସିଲଦାର ଭିକ୍ଟୋରିଆ ଏକ୍କା, ଅତିରିକ୍ତ ତହସିଲଦାର ପ୍ରଫୁଲ୍ଲ ବେହେରା, ମୁଖ୍ୟକିରାଣୀ ଚିତ୍ତରଞ୍ଜନ ସାହୁ, ଆରଆଇ ଅକ୍ରୂର ନାଏକ ଉପସ୍ଥିତ ଥିଲେ ।


ବିଭାଗୀୟ ଅଧିକାରୀଙ୍କ ସହ ପଟ୍ଟା ପାଇଥିବା ଭୂମିହୀନମାନେ।

## ସଂକ୍ଷେପରେ

### ଟ୍ରକ୍‌ରେ ପିଟିହୋଇ ବାଇକ୍ ଆରୋହୀ ଗୁରୁତର

ଲହୁଣୀପଡ଼ା,୫।୮(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅଧୀନ ଲହୁଣୀପଡ଼ା- କଲେଇପୋଷ ରାସ୍ତା କେନ୍ଦୁଡିହିଠାରେ ସୋମବାର ସନ୍ଧ୍ୟା ପ୍ରାୟ ୭ଟା ବେଳେ ଏକ ଟ୍ରକ୍ ପଛପଟେ ପିଟି ହୋଇ ଜଣେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେ କୁମୁଣ୍ଡି ଗ୍ରାମର ତପନ କୁମାର ନାଏକ (୩୨)। ମିଳିଥିବା ସୂଚନା ମୁତାବକ, ତପନ ଲହୁଣୀପଡ଼ାରୁ ଏକ ବାଇକ୍ ଯୋଗ ଗାଁକୁ ଯାଉଥିବା ବେଳେ କେନ୍ଦୁଡିହିଠାରେ ଛିଡା ହୋଇଥିବା ଏକ ଟ୍ରକ (ନଂ.ସିଜି ୧୪ ଏଲ୍‌କେ- ୭୦୬୫) ପଛପଟେ ପିଟି ହୋଇଯାଇଥିଲେ। ଫଳରେ ତପନଙ୍କ ମୁଣ୍ଡ ଓ ଗୋଡରେ ଗଭୀର ଆଘାତ ଲାଗିଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ପୋଲିସ ତାଙ୍କୁ ଉଦ୍ଧାର କରି ଲହୁଣୀପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ଏନେଇ ପୋଲିସ ବାଇକ୍ ଜତବ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

### ଓ୍ବେ ବ୍ରିଜ୍‌ରୁ ପଡ଼ି ଯୁବକଙ୍କ ମୃତ୍ୟୁ

ବେଦବ୍ୟାସ, ୫।୮(ଡି.ଏନ.ଏ.): ବ୍ରାହ୍ମଣୀତରଙ୍ଗ ଥାନା ଅଧୀନ ଗୋପପାଲିସ୍ଥିତ ଓ୍ବେ ବ୍ରିଜରୁ ପଡି ସୋମବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରାଉରକେଲାରେ ରହୁଥିବା ଅଶୋକ ସାହୁ (୩୫)। ପୋଲିସ ସୂଚନା ମୁତାବକ, ସୋମବାର ଅପରାହ୍ନ ସାଢ଼େ ୪ଟା ବେଳେ ଅଶୋକ ପ୍ରତ୍ୟେକ ଦିନ ଭଳି ସୋମବାର ଏକ ଘରୋଇ କାରଖାନାକୁ କାମ କରିବାକୁ ଯାଇଥିଲେ । କାମ ସାରି ଫେରୁଥିବା ବେଳେ ଓ୍ବେ ବିଜ୍ରରୁ ପଡି ଯାଇଥିଲେ। ଖବର ପାଇ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଆର୍‌ଜିଏଚ୍‌ରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣ କରିଥିଲେ। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି ।

## କେନାଲ ମରାମତି ଦାବି
# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଚାଷୀ

ବାରକୋଟ,୫।୮(ଡି.ଏନ.ଏ.)

ଦେବଗଡ଼ ଜିଲା ବାରକୋଟ ବ୍ଲକ ବଳମ କଳାବୀରା କେନାଲରେ ସୃଷ୍ଟି ହୋଇଥିବା ଘାଇ ମରାମତି ଦାବିରେ ଚାଷୀମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ ।

ମିଳିଥିବା ସୂଚନା ଅନୁସାରେ ବଳମଠାରୁ ଅସନନାଳୀ ଗ୍ରାମ ପର୍ଯ୍ୟନ୍ତ ଯାଇଥିବା କଳାବୀରା ଏମ୍‌ଆଇପି କେନାଲରେ ୨୦୧୮ ଜୁଲାଇ ୨୮ତାରିଖରେ ବର୍ଷା ପାଣିରେ ଘାଇ ସୃଷ୍ଟି ହୋଇଥିଲା । ଏନେଇ ଚାଷୀମାନେ କେଲାନ ଘାଇ ମରାମତି ନେଇ ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ସହ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ । ଚଳିତ ବର୍ଷ ଜୁନ ମାସରେ ବିଭାଗ ପକ୍ଷରୁ ମାଟି ପକାଇ କେନାଲ ମରାମତି କରାଯାଇଥିଲା । ହେଲେ ଗତ ୩୦ ତାରିଖରେ ପୁଣି କେନାଲରେ ଘାଇ ସୃଷ୍ଟି ହୋଇଥିଲା । ସୋମବାର ଦେବଗଡ଼ଠାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ବସାଲଇ ସମିତି ସଭ୍ୟ ଭୁବନେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ଚାଷୀମାନେ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କୁ ଭେଟି ଘାଇ ମରାମତି କରିବାକୁ ଗୁହାରି କରିଥିଲେ । ଜିଲାପାଳ ତୁରନ୍ତ ଘାଇ ମରାମତି କରିବାକୁ ଏମ୍‌ଆଇପି ନିର୍ବାହୀ ଅଧିକାରୀ ଭି. ପାତ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସୂଚନାଯୋଗ୍ୟ ୨୦୧୬-୧୭ ଆର୍ଥିକ ବର୍ଷରେ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ କଂକ୍ରିଟ କେନାଲ ନିର୍ମାଣ ହୋଇଥିଲା । ହେଲେ ନିମ୍ନମାନର କାମ ଯୋଗୁ ୨ବର୍ଷ ହେଲା କେନାଲରେ ଘାଇ ସୃଷ୍ଟି ହେଉଛି । ଫଳରେ ଚାଷୀମାନେ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି ।



ବାରକୋଟ ବ୍ଲକ ବଳମ କଳାବୀରା କେନାଲରେ ସୃଷ୍ଟି ହୋଇଥିବା ଘାଇ ।

## ଟ୍ରକ୍ ପଛରେ ପିଟିହୋଇ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ

ବଡଗାଁ, ୫।୮(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବଡଗାଁ ଥାନା ଅଧୀନ ଗରିଆମାଲ ଏକ ଢ଼ାବା ସମ୍ମୁଖରେ ସୋମବାର ସନ୍ଧ୍ୟା ପ୍ରାୟ ସାଢ଼େ ୭ଟା ବେଳେ ଏକ ଟ୍ରକ ପଛପଟେ ପିଟି ହୋଇ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି । ସେମାନେ ହେଲେ କୁତ୍ରା ଥାନା ପଞ୍ଚରା ଗ୍ରାମର ରିଙ୍କୁ ରଣା(୨୯) ଓ ସିପ୍ ରଣା (୩୫) ।

ମିଳିଥିବା ସୂଚନା ମୁତାବକ, ରିଙ୍କୁ ଏବଂ ସିପ୍ ଏକ ବାଇକ୍(ନଂ. ଓଡି ୧୪ କ୍ୟୁ- ୬୯୭୨) ଯୋଗେ ବେଲସରା ଶିବ ମନ୍ଦିର ଦର୍ଶନ କରିବାକୁ ଯାଇଥିଲେ । ଦର୍ଶନ ସାରି ସେମାନେ ଫେରୁଥିବା ବେଳେ ବାଇକ୍‌ଟି ଭାରସାମ୍ୟ ହରାଇ ଗରିଆମାଲ ଏକ ଢ଼ାବା ସମ୍ମୁଖରେ ଅଟକି ରହିଥିବା ଟ୍ରକ(ନଂ.ଓଆର୍ ୧୬ ଏ- ୮୭୭୭) ପଛପଟେ ପିଟି ହୋଇଯାଇଥିଲା । ଘଟଣାସ୍ଥଳରେ ରିଙ୍କୁଙ୍କ ମୃତ୍ୟୁ ଘଟିଥିବା ବେଳେ ସିପଙ୍କୁ ବଡଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ବଡଗାଁ ଥାନା ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି ।

## ରେଲଓ୍ୱେ କାମରେ ବଳି ପଡ଼ିଲା ରାସ୍ତା



କିର୍ମିରା ବ୍ଲକ ବନ୍ଧପାଲି ପଞ୍ଚାୟତ ଠାକୁରପଡାରୁ ଗୌଡପାନପାଲି ପଞ୍ଚାୟତକୁ ଯାଇଥିବା ରାସ୍ତା ଖାଲଖମାରେ ଭର୍ତ୍ତି କର୍ଦ୍ଦମାକ୍ତ ହୋଇଛି ।

କିର୍ମିରା,୫।୮(ଡି.ଏନ.ଏ.)

କିର୍ମିରା ବ୍ଲକ ବନ୍ଧପାଲି ପଞ୍ଚାୟତ ଠାକୁରପଡାରୁ ଗୌଡପାନପାଲି ପଞ୍ଚାୟତକୁ ଯାଇଥିବା ରାସ୍ତା ରେଳବାଇ ବ୍ୟବହାର ଯୋଗୁ ଅତ୍ୟନ୍ତ ଶୋଚନୀୟ ହୋଇପଡିଛି । ରାଉରକେଲା-ଝାରସୁଗୁଡାକୁ ତୃତୀୟ ରେଳ ଧାରଣା ବିଛାଇବା କାର୍ଯ୍ୟ ଯୋରସୋରରେ ଚାଲିଛି । ଏଥିପାଇଁ ରେଳ ବିଭାଗ ତରଫରୁ ବିଭିନ୍ନ ଠିକା ସଂସ୍ଥା ମାଧ୍ୟମରେ କାର୍ଯ୍ୟ କରାଯାଉଛି । ମାଲ୍ ପରିବହନ ପାଇଁ ରାସ୍ତା ବ୍ୟବହାର କରାଯାଉଛି । ୧୦ଟନ ମାଲ୍ ପରିବହନ କ୍ଷମତା ଥିବା ରାସ୍ତାରେ ୪୦ରୁ ୫୦ ଟନର ମାଲ୍ ଟ୍ରକ୍ ଯୋଗେ ନିଆଯାଉଛି । ଏଣୁ ରାସ୍ତାରେ ଗାତ ସୃଷ୍ଟି ହୋଇ ଗମନାଗମନରେ ବାଧା ସୃଷ୍ଟି ହେଉଛି । ଏଣୁ ରେଳ ବିଭାଗ ଏହି ରାସ୍ତା ନିର୍ମାଣ କରୁ ବୋଲି ଗ୍ରାମବାସୀ ଦାବି କରିଛନ୍ତି ।

## ଦେବଗଡ଼ ଭାଜପା ପକ୍ଷରୁ ଆନନ୍ଦ ଉତ୍ସବ

ଦେବଗଡ଼,୫।୮(ଡି.ଏନ.ଏ)

ଜମ୍ମୁ ଓ କାଶ୍ମୀରରୁ ଧାର ୩୭୦ ଉଚ୍ଛେଦ ଏକ ଐତିହାସିକ ପଦକ୍ଷେପ ନେଇ ଦେବଗଡ଼ ଜିଲା ଭାଜପା ପକ୍ଷରୁ ଆନନ୍ଦ ଉତ୍ସବ ପାଳନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଭାଜପା କର୍ମକର୍ତ୍ତାମାନେ ଏକାଠି ହୋଇ ଏକ ଶୋଭାଯାତ୍ରାରେ

**ଧାରା ୩୭୦ ଉଚ୍ଛେଦ**

ବାହାରି ସହର ପରିକ୍ରମା କରି ଟ୍ରାଫିକ ଛକରେ ପହଞ୍ଚିଥିଲେ । ସେଠାରେ କର୍ମକର୍ତ୍ତାମାନେ ବାଣ ଫୁଟାଇ, ମିଠା ବଣ୍ଟନ କରିଥିଲେ । କାର୍ଯ୍ୟକ୍ରମରେ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ସନ୍ତୋଷ ଭୂତିଅ, ରାଜୁ ଆଚାର୍ଯ୍ୟ, ନିଲୁ ବ୍ରହ୍ମା, ଦୟା ଶଙ୍କର ଦ୍ୱିବେଦୀ, ସୁବାସିଷ ଦେବତା, ସତ୍ୟ ନାରାୟଣ ପାଣି, ମୁନା ଶର୍ମା, ସରୋଜ ପାଢ଼ୀ, ସୁଧୀର ପାତ୍ର, ଆଲୋକ ମିଶ୍ର, ଚନ୍ଦ୍ର ଶେଖର ମହାପାତ୍ର, ଅକାଲୁ ପ୍ରଧାନ, ଶତ୍ରୁଘନ ପାତ୍ର, ସମୀର ପ୍ରଧାନଙ୍କ ସମେତ ବହୁ ଭାଜପା କର୍ମୀ ଓ ଜନସାଧାରଣ ଉପସ୍ଥିତ ଥିଲେ ।



ଆନନ୍ଦ ଉତ୍ସବରେ ସାମିଲ ହୋଇଥିବା ଦେବଗଡ଼ ଭାଜପା କର୍ମକର୍ତ୍ତା ।

## ସଙ୍କୁଳସ୍ତରୀୟ ପ୍ରଶିକ୍ଷଣ ଶିବିର

ଦେବଗଡ଼,୫।୮(ଡି.ଏନ.ଏ.)

ସ୍ଥାନୀୟ ପୁରୁଣାଗଡ଼ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସଙ୍କୁଳସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ବିଭାଗ ପ୍ରମୁଖ ତ୍ରିବିକ୍ରମ ଶତପଥୀ, ସଂକୁଳ ପ୍ରମୁଖ ବିଜୟ କୁମାର ପ୍ରଧାନ ଯୋଗଦେଇଥିଲେ । ଶିବିରରେ ୩୪ ଗୁରୁମା ଓ ୨୬ଜଣ ଗୁରୁଜୀ ଅଂଶଗ୍ରହଣ କରିଥିଲେ । ସଂକୁଳ ସଂଯୋଜକ ରଞ୍ଜନ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶିବିରରେ ଶିଶୁମାନେ କିପରି ପ୍ରତ୍ୟେକ ବିଷୟରେ ଆଗ୍ରହ କରି ପଢିବେ ସେନେଇ ମୁଖ୍ୟ ୭ଟି ବିଷୟରେ ଆଲୋଚନା କରାଯାଇଥିଲା ।

## ଚାରାରୋପଣ କାର୍ଯ୍ୟକ୍ରମ



ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ମହିଳାମାନେ ।

ଦେବଗଡ଼,୫।୮(ଡି.ଏନ.ଏ.)

ବନ୍ଧୁତ୍ୱ ଦିବସ ସହ ଶ୍ରାବଣ ସୋମବାର ଅବସରରେ ଜିଲାର ପ୍ରତିଷ୍ଠିତ ଶିବାଳୟ ଝାଡେଶ୍ୱର ମନ୍ଦିର ପରିସରରେ ବିଭିନ୍ନ ଫଳ ଏବଂ ଔଷଧୀୟ ଚାରା ଗଛ ରୋପଣ କରାଯାଇଥିଲା । ନେଚର ଲଭର୍ସ ମହିଳା କ୍ଲବର ସଭାପତି କିରଣ ଅଗ୍ରୱାଲା, ସମ୍ପାଦକ ଜସ୍ମିତା ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି କାର୍ଯ୍ୟକ୍ରମରେ ରାଜଶ୍ରୀ ସାହୁ, ଅପରାଜିତା ମହାପାତ୍ର, ବନଜା ନନ୍ଦ, ପିଙ୍କି ଦାଶ, ସଙ୍ଗିତା ମୋଦି, ପ୍ରଭାତି ସାହୁ, ଖୁସି ଅଗ୍ରୱାଲା, ତନିଶା ମୋଦି, ପ୍ରାଯୁକ୍ତା ଦାଶ, ସାଇକିଷ୍ମାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ମହିଳାମାନଙ୍କ ଏଭଳି କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।

## ମାଛଚାଷ ପ୍ରଶିକ୍ଷଣ ଶିବିର

ବାରକୋଟ, ୫।୮(ଡି.ଏନ.ଏ.)

ଦେବଗଡ଼ ଜିଲା ବାରକୋଟ ମତ୍ସ୍ୟ ଯାଆଁଳ କେନ୍ଦ୍ରଠାରେ ୨ ଦିନ ଧରି ଚାଲିଥିବା ମାଛ ଚାଷ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଜିଲା ମତ୍ସ୍ୟ ଅଧିକାରୀ ନରୋତ୍ତମ ନାୟକ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବାରକୋଟ ସିଡିପିଓ ପ୍ରମିଳା ମିଶ୍ର, କ୍ଷେତ୍ର ପରିଦର୍ଶିକା ରେଶମା ନାୟକ, ପଞ୍ଚାୟତ ଅଧିକାରୀ କିଶୋର ଚନ୍ଦ୍ର ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ । ବ୍ଲକର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀରୁ ଅଗ୍ରଣୀ ୩୦ଜଣ ସଦସ୍ୟଙ୍କୁ ଶିବିରରେ ତାଲିମ ପ୍ରଦାନ କରାଯାଇଥିଲା । ଉପସ୍ଥିତ ପ୍ରଶିକ୍ଷକମାନେ ଗ୍ରାମାଞ୍ଚଳରେ ମହିଳାମାନଙ୍କୁ ଉନ୍ନତମାନର ମାଛଚାଷ କରି ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ ଦେଇଥିଲେ । ବିଭାଗ ପକ୍ଷରୁ ପ୍ରଶିକ୍ଷାର୍ଥୀମାନଙ୍କୁ ମାଗଣା ପରୀକ୍ଷଣ କିଟ୍ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ସହକାରୀ ମତ୍ସ୍ୟ ଅଧିକାରୀ ଅରୁଣ କୁମାର ସାହୁ ପରିଚାଳନା କରିଥିଲେ । ଅବସରପ୍ରାପ୍ତ ସହକାରୀ ମତ୍ସ୍ୟ ଅଧିକାରୀ ପଞ୍ଚାନନ ସାହୁ, ରଙ୍ଗୀନ ମାଛ ସମବାୟ ସମିତି ସଭାପତି, ସଂଯୋଜକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଦେବଗଡ଼ ରାଣୀ ଅରୁନ୍ଧତୀଙ୍କୁ ଆଦର୍ଶ ମହିଳା ସମ୍ମାନ

ଦେବଗଡ଼,୫।୮(ଡି.ଏନ.ଏ.)

ଦେବଗଡ଼ ରାଣୀ ଅରୁନ୍ଧତୀ କୁମାରୀ ଦେବୀଙ୍କୁ ଭାରତ ସରକାରଙ୍କ ପକ୍ଷରୁ ଭାରତୀୟ ଲିଗାଲ୍ ରାଇଟ୍‌ସ କାଉନ୍‌ସିଲ ଦିଲ୍ଲୀସ୍ଥିତ ସିପିଡିଏଚ୍‌ଇ ୟୁନିଭରସିଟିଠାରେ ଆଦର୍ଶ ମହିଳା ସମ୍ମାନରେ ସମ୍ମାନିତ କରାଯାଇଛି । କାର୍ଯ୍ୟକ୍ରମରେ ଲିଗାଲ୍ ରାଇଟ୍‌ସ କାଉନ୍‌ସିଲ ସଭାପତି ଟି.ଭି. ମଦନ କୁମାର, ସମ୍ପାଦକ ରାଜଲକ୍ଷ୍ମୀ ମନ୍ଦ, ଏଡଭୋକେଟ ଜେନେରାଲ ଅରୁଣ କୁମାର, ସିପିଡିଏଚ୍‌ଇ ନିର୍ଦ୍ଦେଶକ ଗୀତା ସିଂ ପ୍ରମୁଖ ଉପସ୍ଥିତ ରହି ସମ୍ମାନିତ କରିଥିଲେ । ସମ୍ବଲପୁର ଏମ୍‌ପି ରାଜା ନୀତେଶ ଗଙ୍ଗଦେବଙ୍କ ସ୍ତ୍ରୀ ରାଣୀ ଅରୁନ୍ଧତୀଙ୍କ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି । ଏନେଇ ଜିଲାର ବିଭିନ୍ନ ଅନୁଷ୍ଠାନ ଏବଂ ବୁଦ୍ଧିଜୀବୀ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।




ଅତିଥିମାନେ ରାଣୀ ଅରୁନ୍ଧତୀ କୁମାରୀ ଦେବୀଙ୍କୁ ଆଦର୍ଶ ମହିଳା ସମ୍ମାନରେ ସମ୍ମାନିତ କରୁଛନ୍ତି ।

## ମରୁଡ଼ି ଘୋଷଣା ଦାବିରେ ଦାବିପତ୍ର



ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ ।

ଦେବଗଡ଼,୫।୮(ଡି.ଏନ.ଏ.)

ଦେବଗଡ଼ ଜିଲାରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ମରୁଡି ପରିସ୍ଥିତି ଦେଖାଦେଇଛି । ଫଳରେ ଚାଷୀ ଆତଙ୍କିତ ହୋଇପଡିଛନ୍ତି । ମୌସୁମୀ ବର୍ଷାକୁ ଦେଖି ଚାଷୀମାନେ ଧାନ ବୁଣିବା ସହ ତଳି ପକାଇଥିଲେ । ବର୍ତ୍ତମାନ ବର୍ଷା ଅଭାବରୁ ଧାନ ଗଛଗୁଡିକ ମରିବାରେ ଲାଗିଛି । ଏ ନେଇ ସୋମବାର ତିଲେଇବଣି ବ୍ଲକ ଅଧୀନ ଗୋଗୁଆ, ନୂଆଁଭୂଇଁ ଅଞ୍ଚଳର ଚାଷୀମାନେ ଏକାଠି ହୋଇ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ । ଏପରି କି ଚାଷୀମାନେ ତୁରନ୍ତ ଗୋଗୁଆ ଏବଂ ନୂଆଁଭୂଇଁ ଅଞ୍ଚଳକୁ ମରୁଡି ଘୋଷଣା କରି କ୍ଷତିପୂରଣ ଯୋଗାଇଦେବାକୁ ଦାବି କରିଥିଲେ । ଏନେଇ ଗ୍ରାମବାସୀ ଜିଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରିଥିଲେ ।

## ରାଜ୍ୟସ୍ତରୀୟ ସୁବ୍ରତ ମୁଖାର୍ଜୀ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ

ବଣାଇଁ,୫।୮(ସ୍ୱ.ପ୍ର.)

ସ୍ଥାନୀୟ ରାଜାଧରଣୀଧର ବହୁମୁଖୀ ଖେଳ ପଡ଼ିଆ ସୋମବାର ଅପରାହ୍ନରେ ରାଜ୍ୟସ୍ତରୀୟ ସୁବ୍ରତ ମୁଖାର୍ଜୀ ଫୁଟବଲ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ସ୍କୁଲ ଏବଂ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ସୁନ୍ଦରଗଡ଼ ଶିକ୍ଷା ମଣ୍ଡଳ ପକ୍ଷରୁ ପ୍ରତିଯୋଗିତା ଆୟୋଜନ କରାଯାଇଛି ।

ଉଦ୍‌ଘାଟନୀ ଉତ୍ସବରେ ରାଜା ଧରଣୀଧର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଜୟ କୁମାର ସେଏ ଅଧ୍ୟକ୍ଷତା କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ବଣାଇଁ ରାଜା ବୀରକେଶରୀ ଇନ୍ଦ୍ର ଦେଓଦେବ ଯୋଗଦେଇ ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ । ପରେ ପ୍ରତିଯୋଗିତାରେ ଭାଗନେଇଥିବା ନୟାଗଡ଼, ଭଦ୍ରକ, କଳାହାଣ୍ଡି, କନ୍ଧମାଳ, ବାଲେଶ୍ୱର, ବଲାଙ୍ଗୀର ଏବଂ ସମ୍ବଲପୁର ଦଳକୁ ପଡ଼ିଆରେ ପହଞ୍ଚି ମାର୍ଚ୍ଚପାଷ୍ଟ ପ୍ରଦର୍ଶନ କରିଥିଲେ ।

ସୁନ୍ଦରଗଡ଼ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ବିଦ୍ୟାଧର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ । ଗୋଗୁଆ ଉଚ୍ଚବିଦ୍ୟାଳୟ ଶାରୀରିକ ଶିକ୍ଷକ ପ୍ରଫୁଲ କୁମାର ସାହୁ ସଂଯୋଜନା କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ରାଜ୍ୟ ସ୍କୁଲ ଓ ଗଣ ଶିକ୍ଷା ଶାରୀରିକ ଶିକ୍ଷା ବିଭାଗର ସହକାରୀ ନିର୍ଦ୍ଦେଶକ ଲକ୍ଷ୍ମୀପ୍ରିୟା ଦେଇ, ଜିଲା ସ୍କୁଲ ସମୂହ କ୍ରୀଡ଼ା ସଂସଦ ଉପସଭାପତି ଶୁଭେନ୍ଦ୍ର ନାଥ ମଲ୍ଲିକ, ବଣାଇଁ ତହସିଲଦାର ସମ୍ପଦ ଦଲେଇ, ବଣାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିନୟ ପ୍ରକାଶ ସେଏ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଏହା ଦର୍ଶକଙ୍କ ମନମୋହିଥିଲା । ଶେଷରେ ଗୋଗୁଆ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଝସକେତନ ପ୍ରଧାନ ଧନ୍ୟବାଦ ଜ୍ଞାପନ କରିଥିଲେ । ଏହି ଅବସରରେ ଆୟୋଜକ ସୁନ୍ଦରଗଡ଼ ଏବଂ ବଲାଙ୍ଗୀର ଦଳ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହୋଇଥିଲା ।




ରାଜ୍ୟସ୍ତରୀୟ ସୁବ୍ରତ ମୁଖାର୍ଜୀ ଫୁଟବଲ ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।



ଗତକାଲି ଏକ ଅଚଳ ଚେକ୍। ଆସନ୍ତାକାଲି ପ୍ରୋମିସରି ନୋଟ୍। ଆଜି ହିଁ ନଗଦ ଧନ, ଏହାକୁ ବ୍ୟବହାର କର।
- ହିଟ୍‌ଲର



## ସଂକ୍ଷେପରେ

### ଅଜଣା ମୃତଦେହ ଉଦ୍ଧାର

ସମ୍ବଲପୁର,୫।୮(ବ୍ୟୁରୋ)- ସମ୍ବଲପୁର ଧନୁପାଲି ପୋଲିସ ସୁନାପାଲି ଅଞ୍ଚଳରୁ ଏକ ଅଜଣା ମୃତଦେହ ଉଦ୍ଧାର କରିଛି । ମୃତକଙ୍କ ପରିଚୟ ମିଳି ପାରିନାହିଁ। ପୋଲିସ କହିବା ଅନୁସାରେ ମୃତକ ଜଣକ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ। ତାଙ୍କ ବୟସ ପ୍ରାୟ ୭୦ ବର୍ଷ ହେବ। ଏ ନେଇ ୧୮/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ପ୍ରତିଶ୍ରୁତି ପରେ ଭିସୁଟ୍ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ପ୍ରତ୍ୟାହୃତ

ସମ୍ବଲପୁର,୫।୮(ବ୍ୟୁରୋ)- ସମ୍ବଲପୁର ବୁର୍ଲା ଭିସୁଟରେ ସୋମବାର ଛାତ୍ରୀଛାତ୍ର ଶୀଘ୍ର ପରୀକ୍ଷା ଫଳ ପ୍ରକାଶ କରିବା ନେଇ ଆନ୍ଦୋଳନ କରିଥିଲେ । କୁଳପତି ପ୍ରଫେସର ଅଟଳ ଚୌଧୁରୀ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରି ଖୁବ ଶୀଘ୍ର ପରୀକ୍ଷା ଫଳ ପ୍ରକାଶ ପାଇବ ଓ ଅନ୍ୟାନ୍ୟ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।

### ସରସ୍ୱତୀ ଶିଶୁ ମନ୍ଦିରରେ ଅଭିଭାବକ ବୈଠକ

ସମ୍ବଲପୁର, ୫।୮ (ବ୍ୟୁରୋ)- ସିଦ୍ଧେଶ୍ୱରବେର୍ଣ୍ଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ସୋମବାର ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅଭିଭାବିକା ସୁନିତା ସିଂ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଦିଲୀପ କୁମାର ପାଢ଼ୀ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସ୍କୁଲ ପରିଚାଳନା କମିଟି ସଭାପତି ଡ. ଉତ୍ତମ କୁମାର ପ୍ରଧାନ ଶିଶୁମାନଙ୍କୁ ସ୍ୱାଧ୍ୟାୟ ପାଇଁ ପ୍ରେରଣା ଦେଇଥିଲେ । ଯୁଗ୍ମ ସମ୍ପାଦକ ଭୀଷ୍ମ କୁମାର ମେହେର, କୋଷାଧ୍ୟକ୍ଷ ଶଙ୍କର ନାୟକ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

### ସ୍ୱାଧୀନତା ଦିବସ ପାଇଁ ପ୍ରସ୍ତୁତି ବୈଠକ

ଜମନକିରା, ୫।୮( ଡି.ଏନ୍.ଏ.)- ଜମନକିରା ବ୍ଲକ୍ ସମ୍ମିଳନୀ କକ୍ଷରେ ସୋମବାର ସ୍ୱାଧୀନତା ଦିବସ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ ନାଏକ ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଡ଼ିଓ ଅଜୟ ତିୱାରୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକକୁ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଉଦିତଶେଖର ସାହୁ ପରିଚାଳନା କରିଥିଲେ। ବୈଠକରେ ମୁଖ୍ୟତଃ ଅଗଷ୍ଟ ୧୫ ତାରିଖ ସ୍ୱାଧୀନତା ଦିବସ ପାଳନ ଅବସରରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା। ବିଭିନ୍ନ ବର୍ଗରୁ ଆସିଥିବା ସଭ୍ୟ ସଭ୍ୟାମାନେ ନିଜର ମତାମତ ଦେଇଥିଲେ। ଏବିଡ଼ିଓ ପ୍ରଦୀପ ଛୁରଆ, ଆଦିପ୍ରସାଦ ମହାକୁଳ, ସରପଞ୍ଚ ଭାସ୍କରଚନ୍ଦ୍ର ଭୋଇ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଷମା ନାୟକ, ସହକାରୀ ଶିକ୍ଷାଧିକାରୀ ସୁଦୀପ୍ତ ନାୟକ, ସତ୍ୟପ୍ରିୟ ମହାପାତ୍ର, ପଞ୍ଚାୟତ ହାଇସ୍କୁଲ ପ୍ରଧାନ ଶିକ୍ଷକ ବିରେନ୍ଦ୍ର ପଟେଲ, ଦିଲୀପ ବହିଦାର, କାନ୍ତିଲତା ପଟେଲ, ସୁରଲି ମିଶ୍ର, ଟିକେଶ୍ୱର ନାଏକ, ନନ୍ଦଲାଲ ସାହୁ, ଲକ୍ଷ୍ମୀଧର ସ୍ୱାଇଁ, ଆନନ୍ଦ ସାହୁ, ଅବଦୁଲ ହାମଜା, ଗୋପାଲ ଦେବନାଥଙ୍କ ସମେତ ବିଭିନ୍ନ ସ୍କୁଲର ଶିକ୍ଷକ, କନିଷ୍ଠ ଯନ୍ତ୍ରୀ, ଜିପିଟିଏ, ବ୍ଲକ୍‌ର ବିଭିନ୍ନ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ବିବାଦରେ ଶ୍ୟାମ୍ ମେଟାଲିକ୍ସ
# 'ଆମ ଘରଡିହ ଉପରେ କମ୍ପାନୀ ଆଖି'

ସମ୍ବଲପୁର,୫।୮(ବ୍ୟୁରୋ)

ସମ୍ବଲପୁର ରେଙ୍ଗାଲି ପଣ୍ଡଲୋଇଠାରେ ଥିବା ଶ୍ୟାମ ମେଟାଲିକ୍ସ କମ୍ପାନୀ ଦିନକୁ ଦିନ ବିବାଦରେ ଛନ୍ଦି ହେଉଛି । ପୂର୍ବରୁ ବେଆଇନ ଭାବେ ଜଙ୍ଗଲ ଜମିକୁ ନିଜ ଅକ୍ତିଆରକୁ ଆଣିବା, ପ୍ରଦୂଷଣ ନିୟମ ପାଳନ ନ କରି ଜଙ୍ଗଲ ଜମିରେ ପାଉଁଶ ଗଦା କରିବା, ଜଙ୍ଗଲରୁ ମନଇଚ୍ଛା ଗଛ କାଟି ପଦା କରିବା ଅଭିଯୋଗରେ ଏହି କମ୍ପାନୀ ଗ୍ରୀନ ଟ୍ରିବ୍ୟୁନାଲ ଜାଲରେ ଛନ୍ଦି ହୋଇଛି। ଟ୍ରିବ୍ୟୁନାଲରେ ଅଭିଯୋଗ କରିଥିବା ସ୍ଥାନୀୟ ଅଞ୍ଚଳର ଅଭିଯୋଗକାରିଣୀଙ୍କୁ ଧମକଚମକ ଦେବାରୁ ରେଙ୍ଗାଲି ଥାନାରେ ରବିବାର ଏକ ମାମଲା ମଧ୍ୟ ରୁଜୁ ହୋଇଛି। ଏବେ ଗରିବ ଲୋକେ ରହୁଥିବା ଜମି ଉପରେ ନଜର ପକାଇ ପୁଣି ବିବାଦରେ ଫସିଛି। ଜଲଦି ଜମିରୁ ନ ଉଠିଲେ ପୋଲିସ ଲଗାଇ ପିଟି ପିଟି ତଡ଼ି ଦିଆଯିବ ବୋଲି କମ୍ପାନୀ ଧମକାଉଛି। ପଣ୍ଡଲୋଇ ଗାଙ୍ଗପୁରିଆପଡାବାସୀ ଜିଲାପାଳ ଶୁଭମ ସକସେନାଙ୍କ ନିକଟରେ ସୋମବାର କମ୍ପାନୀ ବିରୋଧରେ ଏଭଳି ସାଙ୍ଘାତିକ ଅଭିଯୋଗ କରିଛନ୍ତି। ହେଲେ ଜିଲାପାଳ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା ଭଳି ମନେ ହେଉନି। କାରଣ ପୂରା ଜିଲା ପ୍ରଶାସନର ତଳଠୁ ଉପର ପର୍ଯ୍ୟନ୍ତ ଗୋଟି ଗୋଟି କରି ସବୁ ସରକାରୀ ଅଫିସରମାନଙ୍କୁ ଏହି କମ୍ପାନୀ ନିଜ ପକେଟରେ ରଖିଛି। ସମସ୍ତଙ୍କୁ ସନ୍ତୁଷ୍ଟ କରିବାକୁ ବିଭିନ୍ନ ସୁବିଧାସୁଯୋଗ ଦେଉଛି। ଏଣୁ ଏଠି ଗରିବ ଲୋକେ ନ୍ୟାୟ ପାଇଲା ଭଳି ଦେଖା ଯାଉନି।

ତେବେ ଜିଲାପାଳଙ୍କୁ ଏହି ଲୋକମାନେ ଅଭିଯୋଗ କରିଛନ୍ତି ପ୍ରାୟ ୩୫ ବର୍ଷ ହେଲା ସେମାନେ ସରକାରୀ ଜମି ଉପରେ ଘର କରି ରହି ଆସୁଛନ୍ତି। ହେଲେ ଏବେ କମ୍ପାନୀର ଜଣେ ଅଧିକାରୀ ଜାଗା ଛାଡି ଚାଲି ଯିବାକୁ ଧମକ ଦେଇଛନ୍ତି। 'ଯଦି ନ ଯିବ ତେବେ ବୁଲଡୋଜର ଲଗାଇ ଘର ଭାଙ୍ଗି ଦେବୁ' ବୋଲି ଧମକ ଦେଇଛନ୍ତି । ସମ୍ପୃକ୍ତ ଅଧିକାରୀଙ୍କ ଧମକ ଚମକ ଯୋଗୁ ଏମାନେ ଭୟଭୀତ ହୋଇ ରହୁଛନ୍ତି ବୋଲି ଅଭିଯୋଗ କରିଛନ୍ତି।



ସମ୍ବଲପୁର ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ପଣ୍ଡଲୋଇ ଗାଙ୍ଗପୁରିଆପଡ଼ାବାସୀ।

- ଜିଲାପାଳଙ୍କୁ ଭେଟିଲେ ପଣ୍ଡଲୋଇ ଗାଙ୍ଗପୁରିଆପଡାବାସୀ
- ସରକାରୀ ଜମିରୁ ଉଠିଯିବାକୁ ପୋଲିସ, ବୁଲଡୋଜର ଧମକ

# ଶ୍ରମିକଙ୍କୁ ବକେୟା ପାଉଣା, ପୁନଃ ନିଯୁକ୍ତି ଦାବି

ସମ୍ବଲପୁର,୫।୮ (ବ୍ୟୁରୋ)

ସମ୍ବଲପୁରଠାର ଥିବା ରାଠି ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ ଏବେ ପୁଣି ଥରେ କାର୍ଯ୍ୟକ୍ଷମ ହୋଇଛି । ତେଣୁ ପୂର୍ବରୁ କାମ କରୁଥିବା ଶ୍ରମିକମାନଙ୍କୁ ଉଚିତ ଦରମା ସହ ପୁନଃ ନିଯୁକ୍ତି ବ୍ୟବସ୍ଥା କରାଯାଉ। ସେମାନଙ୍କୁ ବକେୟା ଦରମା ପ୍ରଦାନ କରାଯାଉ ବୋଲି ଉଦ୍ୟୋଗ ଶ୍ରମିକ ସଂଘ ଦାବି କରିଛି। ସେମାନଙ୍କ ଅଭିଯୋଗ କ୍ରମେ ବର୍ଷ ବର୍ଷ ଧରି କାମ କଲାପରେ କମ୍ପାନୀ ବନ୍ଦ ହୋଇ ଯାଇଥିଲା । ସେ ସମୟରେ ବକେୟା ଦରମା ସହ କମ୍ପାନୀରୁ ସୁବିଧା ପାଇ ପାରି ନ ଥିଲେ । ହେଲେ କିଛି ଦିନ ହେଲା କମ୍ପାନୀ ପୁଣି ଚାଲୁ ହୋଇଛି । ତେଣୁ ପୂର୍ବରୁ କାମ କରୁଥିବା ଶ୍ରମିକମାନଙ୍କୁ ସୁବିଧା ସୁଯୋଗ ଦିଆଯାଉ ବୋଲି ଜିଲାପାଳ ଶୁଭମ ସମସେନାଙ୍କ ପାଖରେ ଦାବି କରାଯାଇଛି।



ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଉଦ୍ୟୋଗ ଶ୍ରମିକ ସଂଘ।

# ଗୁରୁ ନାନକ ସ୍କୁଲରେ ସମ୍ବଲପୁରୀ ଉତ୍ସବ

ସମ୍ବଲପୁର, ୫।୮ (ବ୍ୟୁରୋ)

ଗୁରୁନାନକ ପବ୍ଲିକ ସ୍କୁଲଠାରେ ସମ୍ବଲପୁରୀ ଦିନ ଉତ୍ସବ ପାଳିତ ହୋଇଯାଇଛି । ସ୍କୁଲ ଅଧ୍ୟକ୍ଷ ଡ. ରବିନ୍ଦ୍ରନାଥ ଦାଶଙ୍କ ପରିଚାଳନାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା । ସମ୍ବଲପୁରର ମାଟି ପାନି ଝରସି ହୀରା ନୀଳା...ଗୀତରେ ଝୁମି ଉଠିଥିଲା ଉତ୍ସବ। ସଂସ୍କୃତି ଗବେଷକ ଡ.ଶ୍ୟାମସୁନ୍ଦର ଧର ମୁଖ୍ୟ ଅତିଥି ଓ ବିଶିଷ୍ଟ କଣ୍ଠଶିଳ୍ପୀ ବିଭୂତିଭୂଷଣ ପଟ୍ଟନାୟକ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ସମ୍ବଲପୁରୀ ସଂସ୍କୃତି ଓ ପରମ୍ପରା ବିଷୟରେ ଆଲୋକପାତ କରିଥିଲେ । ଶାଶ୍ୱତ ପଣ୍ଡା ଓ ସ୍ୱସ୍ତିକା ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ଅବସରରେ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ସମ୍ବଲପୁରୀ ପୋଷାକ ପରିଧାନ କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଉତ୍ସବ ପ୍ରାରମ୍ଭରେ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଫଟୋ ଚିତ୍ରରେ ଅତିଥିମାନେ ପୂଜାର୍ଚ୍ଚନା କରିଥିଲେ ।





ସମ୍ବଲପୁର ଗୁରୁନାନକ ସ୍କୁଲରେ ଡ. ଶ୍ୟାମସୁନ୍ଦର ଧରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

## କୁଦଗୁଣ୍ଡେରପୁରର ସମସ୍ୟା ସମାଧାନ କରାଯାଉ

ସମ୍ବଲପୁର,୫।୮(ବ୍ୟୁରୋ)

ଧନକଉଡା ବ୍ଲକ୍ କୁଦଗୁଣ୍ଡେରପୁରର ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ସୋମବାର ଦାବି ହୋଇଛି । ସ୍ଥାନୀୟ ସଂଗ୍ରାମ ସମିତି ସଭାପତି ସୁମେତ୍ର ପାଢୀ ଏ ନେଇ ଅଭିଯୋଗ କରିଛନ୍ତି। ବହୁ ପୁରାତନ ଜଳ ସେଚନ ପ୍ରକଳ୍ପ ଗୁଡିକ ପୁନରୁଦ୍ଧାର କରାଯାଉ । ପଞ୍ଚାୟତରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲାଯାଉ। ୪୫ ବର୍ଷ ତଳୁ ବିଦ୍ୟୁତ୍ ତାର ଲାଗିଛି, ଯାହା ଏବେ ନଷ୍ଟ ହେବାକୁ ବସିଛି । ତାର ଛିଣ୍ଡି ଯାଇ ପ୍ରାୟ ସମୟ ବିଦ୍ୟୁତ୍ ସରାବରହ ବନ୍ଦ ରହୁଛି । ତେଣୁ ତାର ବଦଳା ଯାଉ । ଏହି ପଞ୍ଚାୟତରେ ଏକ ହାଇସ୍କୁଲର ଶିକ୍ଷକ ଓ ଅନ୍ୟ କର୍ମଚାରୀ ପଦ ପୂରଣ କରାଯାଉ ବୋଲି ସେ ଦାବି କରିଛନ୍ତି।

# ବର୍ଷା ପାଇଁ ଟିକିଲିପଡ଼ାରେ ଇନ୍ଦ୍ରପୂଜା

ଜମନକିରା,୫।୮ (ଡି.ଏନ୍.ଏ.)

ଜମନକିରା ବ୍ଲକ୍ ଟିକିଲିପଡ଼ା ପଞ୍ଚାୟତ ଗୌଡ଼ପଡ଼ା ଗ୍ରାମବାସୀ ବର୍ଷା ପାଇଁ ସ୍ଥାନୀୟ ଭାଲୁଠଡୁଙ୍ଗରୀ ଠାରେ ଇନ୍ଦ୍ରଦେବଙ୍କ ପୂଜାର୍ଚ୍ଚନା କରିଛନ୍ତି। ଚଳିତ ବର୍ଷ ବର୍ଷା ଅଭାବରୁ ଚାଷ ଜମି ସବୁ ପଡ଼ିଆ ପଡ଼ିଛି। ବହୁ ଜମିରେ ଚାଷ କାର୍ଯ୍ୟ କରାଯାଇଥିବା ସତ୍ତ୍ୱେ ରୁଆ ବିହୁଡ଼ା କାର୍ଯ୍ୟ ଆରମ୍ଭ ହୋଇ ପାରିନାହିଁ। କେତେକ ସ୍ଥାନରେ ଜମି ଶୁଖି ଗଲାଣି। ଏଭଳି ସ୍ଥିତିରେ ଚାଷୀମାନେ ହାତାଶ ହୋଇ ବସିଛନ୍ତି। କାହାକୁ ଅବା କହିବେ, ଶେଷରେ ଇନ୍ଦ୍ରଦେବଙ୍କ ଛଡ଼ା ଅନ୍ୟ କେହି ସହାୟ ହୋଇପାରିବେ ନାହିଁ ବୋଲି ଚିନ୍ତା କରି ପୂଜାର୍ଚ୍ଚନା କରିଛନ୍ତି। କୃଷ୍ଣଗୁରୁ, ମହିଳା କୀର୍ତ୍ତନ ମଣ୍ଡଳୀ, ସଂପ୍ରଦା ଆଦି ପରିବେଷିତ ହୋଇଥିଲା। ପୂଜକ ଭାବେ ଲଳିତମୋହନ ନନ୍ଦ ପୂଜାର୍ଚ୍ଚନା କରିଥିବା ବେଳେ କର୍ତ୍ତାଭାବେ ତନୁ ସାହୁ ଏବଂ ତାଙ୍କ ସହଧର୍ମିଣୀ ଦୁଲାରୀ ସାହୁ କାର୍ଯ୍ୟ ତୁଲାଇଥିଲେ। ଏଥିରେ ଗ୍ରାମର କୃଷ୍ଣଚନ୍ଦ୍ର ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ଗୁରୁଚରଣ ପେଣ୍ଡେଇ, ଲକ୍ଷ୍ମିଧର ବିନ୍ଧାଣୀ, ପ୍ରଦୀପ ପ୍ରଧାନଙ୍କ ସମେତ ବହୁ ଲୋକ ସହଯୋଗ କରିଥିଲେ।



ବର୍ଷା ପାଇଁ ଟିକିଲିପଡ଼ାରେ ଇନ୍ଦ୍ର ପୂଜା ଚାଲିଛି।

## ପିଡିଏସ୍ ସାମାନ ଲାଗି ଦିବ୍ୟାଙ୍ଗ ହଟହଟା

ସମ୍ବଲପୁର,୫।୮(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ହୀରାକୁଦ ତାରାସିଂପଡ଼ାର ଦିବ୍ୟାଙ୍ଗ ବିପିନ ହରିପାଲ। ସେ ଖାଦ୍ୟ ସୁରକ୍ଷା ଆଇନରେ ସାମିଲ ହେଇ କ୍ର.ନଂ ୨୮୧୪୧୨୨୦୫୬୮ରେ କାର୍ଡ ପାଇଛନ୍। ହେଲେ ୩ ବଛର ହେଲା କାର୍ଡ ଥିଲେ ବି ସେ ପିଡିଏସ୍ ସାମାନ ପାଏବାରୁ ବଁଚିତ୍ ଥିବାର ଅଭିଯୋଗ କରିଛନ୍। ଡିଲର ପାସକେ ଗଲେ ସେ ତମର କାର୍ଡ ଅଚଲ ହେଇଯାଇଛେ ବଲି କହି ତାହାକୁ ଫିରେଇ ଦେଉଛନ୍। ଇ ବାବ୍‌ଦେ ସେ ମହାନଗର ନିଗମ ଆର ଯୋଗାଣ ବିଭାଗରେ ଅଭିଯୋଗ କରିଥିଲେ ବି କେହି ପଦକ୍ଷେପ ନାଇଁ ନେଲେ। ଶେଷେ ଉପେ ଶୂଇନ ଦିବ୍ୟାଙ୍ଗ ବିପିନ ସୋମବାର ଜିଲାପାଲକୁଁ ଇ ବାବ୍‌ଦେ ଅଭିଯୋଗ କରି ସମସିଆର ସମାଧାନ କରବାକେ ଗୁହାରି କରିଛନ୍।



ଜିଲାପାଲକଁର ଅଫିସ ଆଘେ ଦିବ୍ୟାଙ୍ଗ ବିପିନ।

# ବୁଧବାର ବ୍ଲକ୍ ଅଫିସ ଘେରିବେ ଚାଷୀ

ବାମରା, ୫।୮ (ସ୍ୱ.ପ୍ର.)

ବାମରା ବ୍ଲକର ପ୍ରାୟ ସମସ୍ତ ପଞ୍ଚାୟତରେ ଗତ ବର୍ଷ ଖରିଫ ଋତୁରେ ସ୍ୱଳ୍ପ ବୃଷ୍ଟି ଯୋଗୁ ମରୁଡି ପରିସ୍ଥିତି ହୋଇଛି। ଅନେକ ଚାଷୀଙ୍କ ଫସଲ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି । ହେଲେ ବର୍ଷେ ବିତିଯାଇଥିଲେ ମଧ୍ୟ ଚାଷୀଙ୍କୁ ପ୍ରକୃତ ଇନପୁଟ ସବସିଡି ସହାୟତା ଓ ଫସଲ ବୀମା ପ୍ରଦାନରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଏହା ବିରୋଧରେ ଜରାବଗା ପଞ୍ଚାୟତ ମୁଖ୍ୟାଳୟ କଲ୍ୟାଣ ମଣ୍ଡପଠାରେ ଜୟ କିସାନ ଆଦିମ କୃଷକ ସୁରକ୍ଷା ସଂଗଠନ ତରଫରୁ ଏକ ବୈଠକ ବସିଥିଲା। ଏଥିରେ ୧୭ଟି ଯାକ ପଞ୍ଚାୟତର ଚାଷୀମାନେ ଯୋଗଦେଇ ସରକାରଙ୍କ ଚାଷୀ ବିରୋଧୀ ନୀତି ବିରୋଧରେ ଗର୍ଜିଥିଲେ ।

୨୦୧୮-୧୯ ଖରିଫ ଚାଷ ସମୟରେ ସରକାରଙ୍କ ଦ୍ୱାରା ସ୍ୱୀକୃତ ଓ ଘୋଷିତ ଇନପୁଟ ସବ୍‌ସିଡି ପ୍ରଦାନରେ ଅହେତୁକ ବିଳମ୍ବ, ଫସଲ କ୍ଷତି ଜନିତ ବୀମା ରାଶି ପ୍ରଦାନରେ ବିଳମ୍ବ ଓ ଚଳିତ କୃଷି ବର୍ଷରେ ସ୍ୱଳ୍ପ ବୃଷ୍ଟି ଜନୀତ ସମସ୍ୟା ଓ ଏହାର ପ୍ରତିକାରରେ ସରକାରଙ୍କ କୋହଳ ମନୋଭାବ ବିରୋଧରେ ବୁଧବାର ବାମରା ବ୍ଲକ୍ କାର୍ଯ୍ୟାଠାରେ ବିରୋଧ ପ୍ରଦର୍ଶନ କରାଯିବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି । ଉକ୍ତ ସଭାରେ ହେଲେ ସରକାର କର୍ଣ୍ଣପାତ କରୁନାହାନ୍ତି। ଚାଷୀ ସଂଗଠନର ଆବାହକ ଯୋଗବିହାରୀ ପରିଡା, ଚାଷୀନେତା ଶାରଦା ପଟେଲ ଚାଷୀ ନେତା ସୁଦିପ୍ତ ପଟେଲ, ସପନ ପଟେଲ, ଲବଣୀ ଭଇସା, ଶ୍ରୀକାନ୍ତ ରାଣା, ମନୋଜ ଭଇସା, ପିତବାସ ପଟେଲ, ଅରୁଣ ପଟେଲ, ବସନ୍ତ ଡୁଡୁମ, ସୁରେନ୍ଦ୍ର ସେନାପତି, ପ୍ରସନ୍ନ ସାହୁ, ପଦ୍ମଲୋଚନ ବାଗ, ଯଶୋଦା ସା, ଫକୀର ମାଝୀଙ୍କ ସହ ଅନ୍ୟ ଚାଷୀମାନେ ଉପସ୍ଥିତ ରହି ନିଜ ନିଜ ମତ ପ୍ରକାଶ କରିଥିଲେ । ଗତ ଖରିଫ ଋତୁରେ ମରୁଡି ଯୋଗୁ ସଂପୂର୍ଣ୍ଣ ଫସଲ ନଷ୍ଟ ହୋଇଛି। ଚଳିତ ବର୍ଷ ମଧ୍ୟ ବର୍ଷା ଅଭାବରୁ ଗଜା ମରୁଡି ପରିସ୍ଥିତି ଉପଜିଛି । ହେଲେ ସରକାର ଗତ ବର୍ଷର ଇନପୁଟ ସବସିଡି ଓ ଫସଲ ବୀମା ଏ ପର୍ଯ୍ୟନ୍ତ ପ୍ରଦାନ କରିନାହାନ୍ତି। ଏଣୁ ଚାଷୀ ଋଣ ନବୀକରଣ କରି ପାରିନାହାନ୍ତି । ଫସଲ ବୀମା ନାଁରେ ପ୍ରାଇଭେଟ କମ୍ପାନୀ ଗୁଡିକ ଟଙ୍କା ନେଉଛନ୍ତି। ହେଲେ ମରୁଡି ହେଲେ କ୍ଷତିପୂରଣ ଦେବାକୁ ସେମାନେ ଅରାଜି। ବୀମା କମ୍ପାନୀ ଓ ସରକାରଙ୍କ ମଧୁ ଚନ୍ଦ୍ରିକା ଯୋଗୁ ବୀମା କମ୍ପାନୀମାନେ ଚାଷୀଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରୁ ନାହାନ୍ତି। ଏ ନେଇ ନେଇ ଅନେକ ଥର ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ହେଲେ କିଛି ଲାଭ ହୋଇନି ବୋଲି ଏଥିରେ ଅଭିଯୋଗ କରାଯାଇଛି।

## ଫଟୋରେ ଖବର







ସୋମବାର ସମ୍ବଲପୁର ଜେଲ ଛକସ୍ଥିତ ସିଆରପିଏଫ ପରିସରରେ ଚାରା ରୋପଣ କରାଯାଉଛି (ବାମ)। ସୋମବାର ଜିଲାପାଳ ଶୁଭମ ସକସେନାଙ୍କ ସହ ସମ୍ବଲପୁର ଟ୍ରାଇବାଲ ଆଣ୍ଡ ଫୋକ୍ ଆର୍ଟ ସେଣ୍ଟର କଳାକାରମାନେ ଅନ୍ତର୍ଜାତୀୟ ନୃତ୍ୟ ମହୋତ୍ସବ ବିଷୟରେ ଆଲୋଚନା କରିବା ଅବସରରେ।



ଅତୀତ ମନୁଷ୍ୟ ବିଷୟରେ ବହୁ କଥା ଜାଣିଲେ,
ଭବିଷ୍ୟତ ମନୁଷ୍ୟ ଗଢ଼ିବା ଦିଗରେ ସହାୟତା ମିଳେ।
- ବିନୋଦ କାନୁନ୍‌ଗୋ

## ସଂକ୍ଷେପରେ



### ସମ୍ପତ୍ତି ଜବରଦଖଲ ପ୍ରତିବାଦରେ ଅନଶନ

ବରଗଡ଼ ଅଫିସ୍,୫।୮ : ବରଗଡ଼ ଜିଲା ଭେଡ଼େନ ଥାନା ଅନ୍ତର୍ଗତ ବସେକେଲାରେ ରହିଥିବା ପୈତୃକ ସମ୍ପତ୍ତିକୁ ଗ୍ରାମର କିଛି ଲୋକେ ଜବରଦଖଲ କରିଥିବା ପ୍ରତିବାଦରେ ସୋମବାର ଜଣେ ବୃଦ୍ଧା ସୌକି ମେଲ୍ଲି ଜିଲାପାଳ ଅଫିସ ଆଗରେ ଅନଶନରେ ବସିଥିଲେ । ତାଙ୍କ ସମ୍ପର୍କୀୟ ଲୋକନାଥ ବାଗ ଓ ବଳରାମ ବେହେରା ଅନଶନକୁ ସମର୍ଥନ ଜଣାଇ ସେଥିରେ ସାମିଲ ହୋଇଥିଲେ । ପ୍ରକାଶ ଯେ, ସୌକିଙ୍କ ପୈତୃକ ଘର ବସେକେଲା ଗ୍ରାମରେ ଏବଂ ସେ ହିରୋମୁଣ୍ଡା ଗ୍ରାମରେ ବିବାହ କରିଛନ୍ତି । ସେମାନେ ୩ ଭଉଣୀ ଏବଂ ସେମାନଙ୍କ ମଧ୍ୟରୁ ଜଣେ ଭଉଣୀଙ୍କ ମୃତ୍ୟୁ ହୋଇଛି । ବସେକେଲା ଗ୍ରାମରେ ମା, ବାପାଙ୍କ ୨ ବଖରା ଘର ଏବଂ ୧ଏକର ୧୧ଡେସିମିଲ ଜମି ରହିଛି । ତାଙ୍କ ମୃତ୍ୟୁ ପରେ ସୌକି ଉତ୍ତରାଧିକାରୀ ଥିବାବେଳେ ଗ୍ରାମର କିଛି ଲୋକ ସେହି ପୈତୃକ ସମ୍ପତ୍ତିକୁ ଜବରଦଖଲ କରିଥିବା ସେ ଅଭିଯୋଗ କରିଛନ୍ତି । ଏ ନେଇ ସେ ସ୍ଥାନୀୟ ତହସିଲଦାରଙ୍କଠାରୁ ଜିଲାପାଳଙ୍କ ପର୍ଯ୍ୟନ୍ତ ବାରମ୍ବାର ଅଭିଯୋଗ କରିଛନ୍ତି। ମାତ୍ର ବର୍ତ୍ତମାନ ସୁଦ୍ଧା ସେ ଦିଗରେ କିଛି ପଦକ୍ଷେପ ନିଆଯାଇନାହିଁ ବୋଲି ସୌକି ଅଭିଯୋଗ କରିଛନ୍ତି । ଫଳରେ ସେ ଜିଲାପାଳ ଅଫିସ ଆଗରେ ଅନଶନ କରିବାକୁ ବାଧ୍ୟ ହେଲେ ଏବଂ ତାଙ୍କ ଅଭିଯୋଗ ଉପରେ ଠୋସ୍ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ସେ ଅନଶନରୁ ଉଠିବେ ନାହିଁ ବୋଲି ସୌକି କହିଛନ୍ତି ।



ବରଗଡ଼ ସହରର ଡ୍ରେନେଜ ବ୍ୟବସ୍ଥା ନେଇ ଜିଲାପାଳଙ୍କୁ ଫେରାଦ ହୋଇଥିବା ୱାର୍ଡ଼ ନଂ-୧୮ର ବାସିନ୍ଦା ।



ଜିଲାପାଳଙ୍କୁ ଫେରାଦ ହୋଇଥିବା ୱାର୍ଡ଼ ନଂ-୧୦ର ବାସିନ୍ଦା ।

■ ବରଗଡ଼ ସହରରେ ଡ୍ରେନେଜ ବ୍ୟବସ୍ଥା ଫେଲ୍

# ଆରମ୍ଭରୁ ଅସମ୍ଭାଳ, ଜିଲାପାଳଙ୍କୁ ଫେରାଦ

ବରଗଡ଼ ଅଫିସ୍,୫।୮

ବରଗଡ଼ ସହରରେ ପରିମଳ ବ୍ୟବସ୍ଥା ଭୁଷୁଡ଼ି ପଡ଼ିଛି। ବର୍ଷା ଆରମ୍ଭରୁ ଏହା ଅସମ୍ଭାଳ ହୋଇ ପଡ଼ିଛି । ସହରର ଅନେକ ଗଳିରାସ୍ତାରେ ଏପର୍ଯ୍ୟନ୍ତ ଡ୍ରେନେଜ ବ୍ୟବସ୍ଥା ହୋଇ ପାରିନାହିଁ । ସେହିପରି ଯେଉଁଠି ଡ୍ରେନ ରହିଛି, ତାହା ମଇଳା, ଆବର୍ଜନାରେ ପୂରି ରହିଥିବାରୁ ନର୍ଦ୍ଦମା ପାଣି ନିଷ୍କାସିତ ହୋଇ ପାରୁନାହିଁ। ନର୍ଦ୍ଦମା ପାଣି ରାସ୍ତା ଉପରେ ବହୁଥିବାବେଳେ ଅନେକ ଘରକୁ ପଶୁଥିବା ଅଭିଯୋଗ ହୋଇଛି। ଏହାଦ୍ୱାରା ଅଞ୍ଚଳର ପାରିପାର୍ଶ୍ୱିକ ସ୍ଥିତି ପ୍ରଦୂଷିତ ହେଉଛି । ନାନା ରୋଗ ଜୀବାଣୁ ଯୋଗୁ ସଂକ୍ରାମକ ବ୍ୟାଧି ବ୍ୟାପିବାରେ ଲାଗିଛି । ଏ ନେଇ ପୌର କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଯିବା ସତ୍ତ୍ୱେ କୌଣସି ପ୍ରତିକାର ବ୍ୟବସ୍ଥା ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ଫଳରେ ପୌର କର୍ତ୍ତୃପକ୍ଷ ପ୍ରତି ଆସ୍ଥା ହରାଇ ସହରବାସୀ ଜିଲାପାଳଙ୍କୁ ଫେରାଦ ହେଉଥିବା ଦେଖିବାକୁ ମିଳିଛି ।

ଏଭଳି ଅଭିଯୋଗ ନେଇ ସୋମବାର ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୧୮ ବାନ୍ଧୁଟିକ୍ରା ପ୍ରଧାନଗଳି ଏବଂ ୱାର୍ଡ଼ ନଂ-୧୦ ଗୁଜୁରାତି ମନ୍ଦିର ରାସ୍ତା ପଡ଼ାବାସୀ ବରଗଡ଼ ଜିଲାପାଳ ଅଭିଯୋଗ ପ୍ରକୋଷ୍ଠର ଦ୍ୱାରସ୍ଥ ହୋଇଥିଲେ । ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅନୁପସ୍ଥିତିରେ ସେମାନେ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ତଥା ଭାରପ୍ରାପ୍ତ ଅତିରିକ୍ତ ଜିଲାପାଳ କୃତ୍ତିବାସ ରାଉତଙ୍କୁ ପୃଥକ ଭାବେ ସ୍ମାରକପତ୍ର ପ୍ରଦାନ କରି ସେମାନଙ୍କ ପଡ଼ାର ପରିମଳ ବ୍ୟବସ୍ଥାର ପ୍ରତିକାର ପାଇଁ ନିବେଦନ କରିଥିଲେ ।

ୱାର୍ଡ଼ ନଂ-୧୮ ବାନ୍ଧୁଟିକ୍ରା ପ୍ରଧାନଗଳି ପଡ଼ାବାସୀ ଦେଇଥିବା ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି, ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ଉକ୍ତ ଗଳିର ସୀମାଞ୍ଚଳ ରଥଙ୍କ ଘରଠାରୁ ଦେବେନ୍ଦ୍ର ନାଏକଙ୍କ ଘର ପର୍ଯ୍ୟନ୍ତ ପ୍ରାୟ ୨୦୦ ମିଟର ରାସ୍ତାରେ ପାଣି ଜମି ରହୁଛି । ରାସ୍ତା ମଧ୍ୟ ଶୋଚନୀୟ ହୋଇ ପଡ଼ିଛି। ସ୍କୁଲକୁ ଯାଆସ କରିବାବେଳେ ଛାତ୍ରୀଛାତ୍ର ରାସ୍ତା ଉପରେ ପଡ଼ି ଖଣ୍ଡିଆଖାବରା ହେଉଥିବାବେଳେ ଦୀର୍ଘଦିନ ଧରି ପାଣି ଜମି ରହୁଥିବାରୁ ନାନା ସଂକ୍ରାମକ ରୋଗ ବ୍ୟାପିବାରେ ଲାଗିଛି । ଫଳରେ ରାସ୍ତା ମରାମତି ସହିତ ଡ୍ରେନ ନିର୍ମାଣ ଏବଂ ଉକ୍ତ ପଡ଼ାକୁ ତୁରନ୍ତ ଏକ ଡାକ୍ତରୀ ଦଳ ପଠାଇ ସ୍ଥାନୀୟ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ଦିଗରେ ବିହିତ ପଦକ୍ଷେପ ନେବାକୁ ସବିତା ସ୍ୱାଇଁ, ଦମୟନ୍ତୀ ମହାକୁର, ପଙ୍କଜିନୀ ଜାଲ, ରୋଶନୀ ମହାକୁର, ରୀତା ସାହୁ, ସସ୍ମିତା ଗୁରୁ, ସୁଜାତା ପ୍ରଧାନ ପ୍ରମୁଖ ପଡ଼ାବାସୀ ନିବେଦନ କରିଛନ୍ତି।

ୱାର୍ଡ଼ ନଂ-୧୦ ଗୁଜରାତି ମନ୍ଦିର ରାସ୍ତା ପଡ଼ାବାସୀ ଅନୁରୂପ ଅଭିଯୋଗ କରିଛନ୍ତି । ଉକ୍ତ ପଡ଼ାର ଡ୍ରେନ ସରକାରୀ ହସ୍‌ପିଟାଲ ଡ୍ରେନ ସହିତ ସଂଯୋଗ ହୋଇଥିବାରୁ ଡାକ୍ତରଖାନାରୁ ନିଷ୍କାସିତ ବର୍ଜ୍ୟବସ୍ତୁ, ଦୂଷିତ ପାଣି ଆସି ପଡ଼ାବାସୀଙ୍କ ଘର ପାଖେ ପୋଖରୀ ଭଳି ଜମି ରହୁଛି । ସେହିପରି ଡ୍ରେନ ଉପରେ କୌଣସି କଭର ଦିଆଯାଇନାହିଁ। ଫଳରେ ଡେଙ୍ଗୁ, ମ୍ୟାଲେରିଆ ଭଳି ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ରହିଛି । ଡ୍ରେନର ଦୁର୍ଗନ୍ଧ ପଡ଼ାବାସୀଙ୍କୁ ଅତିଷ୍ଠ କରି ପକାଇଛି। ପଡ଼ାରେ ଥିବା ୯ଟି ବିଦ୍ୟୁତ ଖୁଣ୍ଟରେ ଆଲୋକ ବ୍ୟବସ୍ଥା ନାହିଁ। ଏଥିପାଇଁ ଚୋରି, ଡକାୟତି ଆଦି ଅସାମାଜିକ କାର୍ଯ୍ୟକଳାପର ଆଶଙ୍କା ରହିଛି । ଏ ନେଇ ପୌର ପ୍ରଶାସନକୁ ଜଣାଇବା ସତ୍ତ୍ୱେ କିଛି ପଦକ୍ଷେପ ନିଆଯାଉ ନ ଥିବା ପ୍ରଶାନ୍ତ କୁମାର ସାହୁ, ଦୁର୍ବାଦଳ ମେହେର, ସନ୍ୟାସୀ ପଣ୍ଡା ପ୍ରମୁଖ ପଡ଼ାବାସୀ ଅଭିଯୋଗ କରିଛନ୍ତି।

## ମିଳୁନି କାଳିଆ ସହାୟତା, ଜିଲାପାଳଙ୍କୁ ଅଭିଯୋଗ

ବରଗଡ଼ ଅଫିସ୍,୫।୮

ବରଗଡ଼ ଜିଲା ବିଜେପୁର ବ୍ଲକର ଅନେକ ହିତାଧିକାରୀଙ୍କ ପାଖକୁ ଏପର୍ଯ୍ୟନ୍ତ କାଳିଆ ଯୋଜନାର ପ୍ରାପ୍ୟରାଶି ପହଞ୍ଚି ପାରି ନ ଥିବା ଅଭିଯୋଗ ହୋଇଛି । ଏ ନେଇ ଅଞ୍ଚଳର ଲୋକେ ସୋମବାର ବରଗଡ଼ ଜିଲାପାଳଙ୍କୁ ଆସି ଅଭିଯୋଗ କରିଛନ୍ତି । ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅନୁପସ୍ଥିତିରେ ସେମାନେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ତଥା ଭାରପ୍ରାପ୍ତ ଅତିରିକ୍ତ ଜିଲାପାଳ କୃତ୍ତିବାସ ରାଉତଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ରାଜ୍ୟ ସରକାର ଗ୍ରାମାଞ୍ଚଳ ଲୋକଙ୍କ ପାଇଁ କାଳିଆ ଯୋଜନା ଘୋଷଣା କରିଛନ୍ତି । ମାତ୍ର ଏପର୍ଯ୍ୟନ୍ତ ସେମାନଙ୍କୁ ସେହି ଯୋଜନାର ସୁଫଳ ନ ମିଳିବା ବିଡ଼ମ୍ବନାର ବିଷୟ ବୋଲି ସେମାନେ କହିଛନ୍ତି । ଗ୍ରାମର ମହେନ୍ଦ୍ର ଲୁହାଙ୍କ ସମେତ ଅନେକ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳ ଅଫିସ ଆସିଥିଲେ ।

# ବୟସ ୧୭ ଟପିଲାଣି, ଶିଶୁ ଭଳି ଦିଶୁଛନ୍ତି



ଅସୁସ୍ଥ ଝିଅକୁ ଧରି ମା' ଜିଲାପାଳଙ୍କ ଅଫିସକୁ ଗୁହାରି କରିବାକୁ ଆସିଛନ୍ତି ।

ବରଗଡ଼ ଅଫିସ୍,୫।୮

ବୟସ ୧୭ ବର୍ଷ ଟପିଲାଣି । ହେଲେ ପିଲାବେଳୁ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯିବାରୁ ବରଗଡ଼ ଜିଲା ବିଜେପୁର ବ୍ଲକ ଭାଲୁବାହାଲ ଗ୍ରାମର ପରମାନନ୍ଦ ମେହେର ଓ ଲକ୍ଷ୍ମୀ ମେହେରଙ୍କ ଝିଅ ମାୟାବତୀ ଏବେ ମଧ୍ୟ ଜଣେ ଶିଶୁ ଭଳି ଦିଶୁଛନ୍ତି । ଝିଅର ଏଭଳି ଅବସ୍ଥା ଦେଖି ପରିବାର ଲୋକେ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଛନ୍ତି। ବୁର୍ଲା, ବରଗଡ଼, ବରପାଲି, ବିଜେପୁର ଆଦି ଡାକ୍ତରଖାନାରେ ଚିକିତ୍ସା କରିଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ । ତାଙ୍କର ଉଚ୍ଚତର ଚିକିତ୍ସାର ଆବଶ୍ୟକତା ପଡୁଛି। ମାତ୍ର ଭୂମିହୀନ ପରିବାର ହୋଇଥିବାରୁ ତାଙ୍କ ଚିକିତ୍ସାରେ ଅର୍ଥ ବାଧକ ସାଜିଛି। ଫଳରେ ଝିଅ ମାୟାବତୀଙ୍କୁ ଧରି ପରିବାର ଲୋକେ ସୋମବାର ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ ଏବଂ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅନୁପସ୍ଥିତିରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ତଥା ଭାରପ୍ରାପ୍ତ ଅତିରିକ୍ତ ଜିଲାପାଳ କୃତ୍ତିବାସ ରାଉତଙ୍କୁ ଭେଟି ସେମାନେ ଚିକିତ୍ସା ସହାୟତା ପ୍ରଦାନ ପାଇଁ ନିବେଦନ କରିଛନ୍ତି ।

ପରମାନନ୍ଦଙ୍କ ୨ ପୁଅ ଏବଂ ଜଣେ ଝିଅ । ବଡ଼ପୁଅ ଅନିରୁଦ୍ଧ(୨୩) ସପ୍ତମ ପଢ଼ି ସାରିବା ପରେ ଘରେ ରହି ମା, ବାପାଙ୍କ ସହିତ କପଡ଼ା ବୁଣାବୁଣି କାମ କରୁଛି । ସେହିପରି ସାନପୁଅ ଅନାଦି(୧୩) ମଧ୍ୟ ସେଥିରେ ସାହାଯ୍ୟ କରୁଛି । କିନ୍ତୁ ଝିଅ ମାୟାବତୀ ପିଲାବେଳୁ ଅସୁସ୍ଥ ହୋଇ ପଡ଼ିଛି । ତାଙ୍କୁ ୨/୩ବର୍ଷ ହୋଇଥିବା ବେଳେ ସେ ଠିକ୍ ଥିଲେ ଏବଂ ଚଲାବୁଲା କରି ଅଙ୍ଗନୱାଡ଼ି ମଧ୍ୟ ଯାଇ ପାରୁଥିଲେ ବୋଲି ମା ଲକ୍ଷ୍ମୀ କହିଛନ୍ତି। କିନ୍ତୁ ୩ ବର୍ଷ ପୂରିଲା ବେଳକୁ ସେ ଗୁରୁତର ଅସୁସ୍ଥ ହୋଇ ପଡ଼ିଥିଲେ ଏବଂ ସେହିଦିନଠାରୁ ମାୟାବତୀଙ୍କ ଶରୀରର ବୃଦ୍ଧି ଘଟୁନାହିଁ ଏବଂ ସେହିଦିନଠାରୁ ଏପର୍ଯ୍ୟନ୍ତ ସେ ଚଲାବୁଲା କରି ନ ପାରି ଘରେ ଶଯ୍ୟାଶାୟୀ ଅବସ୍ଥାରେ ପଡ଼ି ରହିଛନ୍ତି ବୋଲି ଲକ୍ଷ୍ମୀ କହିଛନ୍ତି ।

ଝିଅ ଭଲ ହେବ ଭାବି ପରିବାର ଲୋକେ ବିଭିନ୍ନ ଡାକ୍ତରଖାନାକୁ ନେଇ ଖର୍ଚ୍ଚାନ୍ତ ହୋଇଥିଲେ । ମାତ୍ର ସ୍ୱାସ୍ଥ୍ୟାବସ୍ଥାରେ କିଛି ଉନ୍ନତି ଘଟି ନ ଥିଲା । ଅନ୍ୟପଟେ ପୂର୍ବାପେକ୍ଷା ମାୟାବତୀଙ୍କ ସ୍ୱାସ୍ଥ୍ୟାବସ୍ଥା ଦିନକୁ ଦିନ ଅଧିକ ବିଗିଡ଼ିବାରେ ଲାଗିଛି ଏବଂ ଏହା ପରିବାର ପାଇଁ ଚିନ୍ତାର ବିଷୟ ପାଲଟିଛି। ମାୟାବତୀଙ୍କୁ ଭତ୍ତା ବାବଦକୁ ମାସିକ ୭ଶହ ଟଙ୍କା ଛଡ଼ା ପରିବାର ଲୋକଙ୍କୁ ଅନ୍ୟ କୌଣସି ସହାୟତା ମିଳୁନାହିଁ ବୋଲି ଲକ୍ଷ୍ମୀ କହିଛନ୍ତି । ତାଙ୍କର ଜମିବାଡ଼ି କିଛି ନାହିଁ ଏବଂ କପଡ଼ା ବୁଣାବୁଣି କରି ପରିବାର ଗୁଜୁରାଣ ମେଣ୍ଟାଉଥିବା ସେ କହିଛନ୍ତି । ଝିଅର ଚିକିତ୍ସା ପାଇଁ କୌଣସି ସହୃଦୟ ବ୍ୟକ୍ତି କିମ୍ବା ପ୍ରଶାସନ ସହାୟତା କଲେ, ସେ ଭଲ ହେବ ବୋଲି ପରିବାର ଲୋକେ ଆଶା ବାନ୍ଧିଛନ୍ତି । ଏ ନେଇ ସେମାନେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

# ପଲିଥିନ ବର୍ଜନ କର୍କଟ ନିରାକରଣର ବାଟ

ବରଗଡ଼ ଅଫିସ୍,୫।୮

ପଲିଥିନ ଏକ ମାରମ୍ଭକ ବିଷମୟ ପଦାର୍ଥ। ଯାହା କମ୍ ଖର୍ଚ୍ଚରେ ଦୈନନ୍ଦିନ ଜୀବନରେ ବହୁଳ ବ୍ୟବହାର ଯୋଗୁ ବହୁ ଉତ୍କଟ ରୋଗ ତଥା ଜଳବାୟୁ, ମୃତ୍ତିକା ପ୍ରଦୂଷଣର ମୁଖ୍ୟ କାରଣ ଭାବେ ଉଭା ହୋଇଛି । ବରଗଡ଼ ଜିଲାରେ ପଲିଥିନ ବ୍ୟବହାର ପ୍ରତି ସଚେତନ ନ ହେବାରୁ କ୍ୟାନସର ଭଳି ମହାମାରୀ ରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଛି । ସଚେତନତା ମାଧ୍ୟମରେ ଏହି ଉତ୍କଟ ପଦାର୍ଥ ରୋକିବା ସମ୍ଭବ । ଏଣୁ ପାକ୍ଷିକ ପତ୍ରିକା କୋଶଲ ଟାଇମ ପକ୍ଷରୁ ବିଦ୍ୟାଳୟସ୍ତରୀୟ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଗ୍ରାମାଞ୍ଚଳ ସହରାଞ୍ଚଳ ପ୍ରଦୂଷଣ ବର୍ଜନ ଶୀର୍ଷକରେ ଛାତ୍ରୀଛାତ୍ରଙ୍କୁ ନେଇ ଶୋଭାଯାତ୍ରା ମାଧ୍ୟମରେ ଏହା କରାଯାଉଛି । ସୋମବାର ବରଗଡ଼ ଜର୍ଜ ହାଇସ୍କୁଲରେ ଏଭଳି କାର୍ଯ୍ୟକ୍ରମ ହୋଇଥିଲା । ଛାତ୍ରୀଛାତ୍ର ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା ସହିତ ସଚେତନତା ସୃଷ୍ଟି କରିଥିଲେ । ପରେ ସ୍କୁଲରେ ଏକ ସଭା ହୋଇଥିଲା । କୋଶଲ ଟାଇମର ସମ୍ପାଦକ ସଞ୍ଜୀବ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମହିମା ସାଧୁ ବିଶୁଦ୍ଧାନନ୍ଦ ବୈରାଗୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାମଚରଣ ଦାଶ, ପରିବେଶବିତ୍ ଇଂ ସୁଶ୍ରୀ ମୀନାକ୍ଷୀ, ବାଲାଜୀ ଚୌରାସିଆ, ସମାଜସେବୀ ବେଣୁଧର ମହାପାତ୍ର ଯୋଗଦେଇ ପଲିଥିନ ବର୍ଜନ ଉପରେ ବିଭିନ୍ନ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ଅମୃତା ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ଡଃ ଡୋଲାମଣି ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ । କୃତୀ ପ୍ରତିଯୋଗୀମାନଙ୍କୁ ଭୁବନେଶ୍ୱରରେ ହେବାକୁ ଥିବା ଏକ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ ବୋଲି କୋଶଲ ଟାଇମର ସମ୍ପାଦକ ମହାପାତ୍ର ସୂଚନା ଦେଇଛନ୍ତି ।




ପଲିଥିନ ବର୍ଜନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

# ସ୍ତ୍ରୀର ଚିକିତ୍ସା ପାଇଁ ଗୁହାରି



ଜିଲାପାଳଙ୍କୁ ଫେରାଦ ହୋଇଥିବା ବଳରାମ, ସ୍ତ୍ରୀ ଜୟନ୍ତୀ ଓ ଶ୍ୱଶୁର ।

ବରଗଡ଼ ଅଫିସ୍,୫।୮

ବରଗଡ଼ ବ୍ଲକ କଟାପାଲି ଗ୍ରାମର ମୂଳ ବାସିନ୍ଦା ତଥା ବର୍ତ୍ତମାନ ଭଟଲି ବ୍ଲକ କମଗାଁରେ ରହୁଥିବା ବଳରାମ ସେଠ ସୋମବାର ହୃଦରୋଗରେ ଅସୁସ୍ଥ ସ୍ତ୍ରୀ ଜୟନ୍ତୀଙ୍କ ଚିକିତ୍ସା ସହାୟତା ପାଇଁ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ କୃତ୍ତିବାସ ରାଉତଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ ।

ବଳରାମ କହିଛନ୍ତି, ଦୀର୍ଘ ୧୦ବର୍ଷ ହେଲା ତାଙ୍କ ସ୍ତ୍ରୀ ଜୟନ୍ତୀ ହୃଦରୋଗରେ ଅସୁସ୍ଥ ହୋଇଛନ୍ତି । ସେ ହେମାଲୀ କାମ କରି ପରିବାର ଗୁଜୁରାଣ ମେଣ୍ଟାଉଛନ୍ତି ଏବଂ ପ୍ରଶାନ୍ତି, ଏମ୍ସ ହସପିଟାଲକୁ ନେଇ ଜୟନ୍ତୀଙ୍କ ଚିକିତ୍ସା କରାଇଥିଲେ । ତାଙ୍କ ସ୍ତ୍ରୀଙ୍କ ହୃଦ୍ ଅସ୍ତ୍ରୋପଚାର କରାଯାଇଛି । ତଥାପି ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରି ପାରି ନାହାନ୍ତି । ଚିକିତ୍ସାରେ ସେ ବହୁ ଖର୍ଚ୍ଚାନ୍ତ ହେଲେଣି ଏବଂ ଆହୁରି ଚିକିତ୍ସା ଲାଗିବ । ମାତ୍ର ଚିକିତ୍ସା ପାଇଁ ଅର୍ଥ ଯୋଗାଡ଼ କରିବା ତାଙ୍କ ପକ୍ଷେ ସମ୍ଭବ ହେଉ ନ ଥିବା ବଳରାମ କହିଛନ୍ତି । ଏଥିରେ ସହଯୋଗ କରିବାକୁ ସେ ଜୟନ୍ତୀଙ୍କୁ ସାଙ୍ଗରେ ଧରି ଜିଲାପାଳ ଅଫିସକୁ ଆସିଥିଲେ ।

# କୋସଲ ମୁକ୍ତି ଆନ୍ଦୋଳନରେ ସାମିଲ ଆହ୍ୱାନ

ବରଗଡ଼ ଅଫିସ୍,୫।୮

କୋସଲ ଆନ୍ଦୋଳନ ରାଜନୈତିକ ଆନ୍ଦୋଳନ ନୁହେଁ । ମାନବ ଅଧିକାର ଉଲ୍ଲଂଘନର ବିରୋଧ ତଥା ମାତୃଭୂମିର ମୁକ୍ତି ପାଇଁ ଏହା ଏକ ଲଢ଼େଇ । ଏହି ଲଢ଼େଇ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି। ଏଭଳି ସ୍ଥଳେ ସମସ୍ତେ ଏକଜୁଟ୍ ହୋଇ ଉଗ୍ର ଆଞ୍ଚଳିକ ଜାତୀୟବାଦର ଜାଗରଣ କରିବାକୁ ପଡ଼ିବ । ବରଗଡ଼ ପୁରୋହିତ ଭବନରେ ସୋମବାର ପୂର୍ବାହ୍ନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କୋସଲ ରାଜ୍ୟ ସମନ୍ୱୟ ସମିତିର କେନ୍ଦ୍ରୀୟ ଅଧ୍ୟକ୍ଷ ପ୍ରମୋଦ ମିଶ୍ର ଏଭଳି ଆହ୍ୱାନ ଦେଇଛନ୍ତି । ସେ ଆହୁରି କହିଥିଲେ, ଦେଶର ବିଭିନ୍ନ ସ୍ଥାନରେ ବସବାସ କରୁଥିବା କୋସଲ ସପକ୍ଷବାଦୀ ଲୋକେ କୋସଲ ଆନ୍ଦୋଳନକୁ ପୂର୍ଣ୍ଣପ୍ରାଣରେ ସମର୍ଥନ କରୁଛନ୍ତି । କିନ୍ତୁ କିଛି ଛୋଟ ବିଷୟବସ୍ତୁରେ ଥିବା ମତପାର୍ଥକ୍ୟ ଆଳରେ ବିଶାଳ କୋସଲ ଅଞ୍ଚଳର ଏକତା, ଅଖଣ୍ଡତାକୁ କ୍ଷୁର୍ଣ୍ଣ କରିବାର ଅପପ୍ରୟାସ ଚାଲିଛି । ଏଭଳି ଅପପ୍ରୟାସରେ ଯେଉଁମାନେ ସମ୍ପୃକ୍ତ ଅଛନ୍ତି, ସେମାନେ କୋସଲାଞ୍ଚଳର ୨ କୋଟି ଜନତା ତଥା ଛାତ୍ର, ଯୁବକ, ଚାଷୀ, ମଜଦୁର ସମସ୍ତଙ୍କ କ୍ଷତି କରୁଛନ୍ତି । କୋସଲ ମୁକ୍ତି ଆନ୍ଦୋଳନକୁ ତୃଣମୂଳସ୍ତରରେ ବ୍ୟାପକ ଭାବେ ସମ୍ପ୍ରସାରଣ କରିବାକୁ ମିଶ୍ର ଆହ୍ୱାନ କରିଛନ୍ତି ।

ହାଇକୋର୍ଟ ବେଞ୍ଚ ଓ ଭାଷାର ନାମକରଣ ପ୍ରସଙ୍ଗଗତ ପାର୍ଥକ୍ୟ ସହିତ କୋସଲ ରାଜ୍ୟ ସମନ୍ୱୟ ସମିତିର କିଛି ସମ୍ପର୍କ ନାହିଁ । ଏହି ସମିତି ୨୦୧୩ ମସିହାରେ ଗଠିତ ହୋଇଛି ଏବଂ ଗଠନ ହେଲା ପରେ ସଙ୍ଗଠନ ତରଫରୁ ଏଭଳି ବିତର୍କିତ ପ୍ରସଙ୍ଗରେ କିଛି ସମ୍ପର୍କ ରଖାଯାଇନାହିଁ । ଅନ୍ୟପଟେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚର ଦାବିକୁ ସଙ୍ଗଠନ ସମର୍ଥନ କରି ଆସୁଛି । ସେହିଭଳି ଭାଷାର ନାମକରଣ ପ୍ରସଙ୍ଗରେ କୋସଲାଞ୍ଚଳର ଭାଷାବିତ୍‌ମାନେ ଏକତ୍ରିତ ହୋଇ ସମାଧାନର ସୂତ୍ର ନିରୂପଣ କରନ୍ତୁ ବୋଲି ସମନ୍ୱୟ ସମିତି ବାରମ୍ବାର ଅନୁରୋଧ କରି ଆସିଛି । ଏହାସତ୍ତ୍ୱେ କେହି ମଧ୍ୟ ସାମ୍ନାକୁ ଆସିବା ବଦଳରେ ଏହି ବିଭାଜନକୁ ଅଧିକ ଗୁରୁତର କରିବାରେ ଲାଗି ପଡ଼ିଛନ୍ତି ବୋଲି ମିଶ୍ର କହିଥିଲେ ।

ସେହିପରି କିଛି ପଥଭ୍ରଷ୍ଟ ଯୁବକ ସୋସିଆଲ ମିଡ଼ିଆକୁ ଏ ଅଞ୍ଚଳର ବିକାଶ ଓ ପ୍ରଗତି ପାଇଁ ବ୍ୟବହାର କରିବା ବଦଳରେ କୋସଲ ମୁକ୍ତି ଆନ୍ଦୋଳନରେ କ୍ଷତି କରିବାକୁ ଲାଗିଛନ୍ତି ବୋଲି ସେ କହିଛନ୍ତି । ଫଳରେ ସେଭଳି ରୁଗ୍‌ଣ ମାନସିକତାରୁ ଦୂରେଇ ଯାଇ କୋସଲ ମୁକ୍ତି ଆନ୍ଦୋଳନରେ ସାମିଲ ହେବାକୁ ମିଶ୍ର ଆହ୍ୱାନ କରିଛନ୍ତି । ସେ ଆହୁରି ସୂଚନା ଦେଇ କହିଥିଲେ, ଭାଜପାର ଏଜେଣ୍ଡାରେ ଛୋଟ ରାଜ୍ୟ ରହିଛି । ଗତ ସାଧାରଣ ନିର୍ବାଚନରେ ଭାଜପାକୁ କୋସଲବାସୀ ଯଥେଷ୍ଟ ସମର୍ଥନ ଦେଇଛନ୍ତି । ଏଭଳିସ୍ଥଳେ ପ୍ରାସଙ୍ଗିକ ଭିନ୍ନତାକୁ ଭୁଲି କୋସଲର ମୁକ୍ତି ଓ କୋସଲାଞ୍ଚଳର ବିକାଶ ପାଇଁ ସମସ୍ତେ ଆଗେଇ ଆସିବାକୁ ଆହ୍ୱାନ କରାଯାଇଛି । ଖବରଦାତା ସମ୍ମିଳନୀରେ ସମିତିର କେନ୍ଦ୍ରୀୟ ସାଧାରଣ ସମ୍ପାଦକ ସୁନୀଲ କୁମାର ପୁରୋହିତ, ମନବୋଧ ପତି, ବିଭୁଦତ୍ତ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ ।




ଖବରଦାତା ସମ୍ମିଳନୀରେ ମଞ୍ଚାସୀନ କୋସଲ ରାଜ୍ୟ ସମନ୍ୱୟ ସମିତିର କର୍ମକର୍ତ୍ତାବୃନ୍ଦ ।

# ଗୋଟିଏ ଦେଶ, ଗୋଟିଏ ସମ୍ବିଧାନ

## କଶ୍ମୀରବାସୀ ମୁଖ୍ୟସ୍ରୋତକୁ ଆସିବେ



ଜମ୍ମୁ-କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ହେବା ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହା ପରେ ଖୁବ୍‌ଶୀଘ୍ର ନିର୍ବାଚନୀ ସଂସ୍କାର ଏବଂ ବିକାଶ ହେବ। ଦୀର୍ଘଦିନ ଧରି କଶ୍ମୀରବାସୀ ବିଚ୍ଛିନ୍ନତାବାଦୀ ଏବଂ ରାଜନେତାଙ୍କ କାରଣରୁ ମୁଖ୍ୟସ୍ରୋତକୁ ଆସିପାରୁ ନ ଥିଲେ। ହେଲେ ଏବେ ତାହା ସମ୍ଭବ ହେବ।

**- ଅମର ପଟ୍ଟନାୟକ, ରାଜ୍ୟ ସଭା ସଦସ୍ୟ (ବିଜେଡି)**

## ଗଣତନ୍ତ୍ରରେ ଶୋଭା ପାଏନି



ଦେଶ ସ୍ୱାଧୀନତା ସମୟରେ ଅନେକ ଗଡ଼ଜାତ ଭାରତ ସହ ମିଶି ନ ଥିଲେ। ମୋଟ ଉପରେ କହିବାକୁ ଗଲେ ସାର୍ବଭୌମତ୍ୱ ନ ଥିଲା। ହେଲେ ପରବର୍ତ୍ତୀ ସମୟରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଗଡଜାତ ମିଶ୍ରଣ କରାଇଥିଲେ। ସେ ସମୟରେ କଶ୍ମୀରକୁ ଶାସନ କରୁଥିବା ରାଜା ହରି ସିଂ କେତେକ ସର୍ତ୍ତ ସହ ଭାରତରେ ମିଶିଥିଲେ। ଏହି କାରଣରୁ ସେମାନଙ୍କ ପାଇଁ ଧାରା ୩୭୦ ଏବଂ ୩୫(ଏ) ବ୍ୟବସ୍ଥା ରହିଥିଲା। ଏହା ଉଚ୍ଛେଦ ହେଲେ କି ପରିସ୍ଥିତି ଉପୁଜିବ, ତାହାକୁ ଅନୁଧ୍ୟାନ କରାଗଲା ନାହିଁ। ବିରୋଧୀ ଦଳ ଏବଂ ସ୍ଥାନୀୟ ଜନସାଧାରଣଙ୍କୁ ବିଶ୍ୱାସକୁ ନିଆଗଲା ନାହିଁ। ସେଠାକାର ପ୍ରମୁଖ ରାଜନେତାଙ୍କୁ ଏକ ପ୍ରକାର ବନ୍ଦୀ କରାଗଲା। ଏପରି ହେବା ଗଣତନ୍ତ୍ରରେ ଶୋଭା ପାଏନାହିଁ।

**- ନରସିଂହ ମିଶ୍ର, କଂଗ୍ରେସ ବିଧାୟକ ଦଳ ନେତା, ଓଡ଼ିଶା ବିଧାନସଭା**

## ସ୍ୱାଗତଯୋଗ୍ୟ, ଆଲୋଚନା ଦରକାର ଥିଲା



ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ହେଲେ ଆଲୋଚନା କରାଯାଇ ଉଚ୍ଛେଦ କରାଯାଇପାରିଥାଆନ୍ତା। ସେହିପରି କଶ୍ମୀରବାସୀଙ୍କୁ ନେଇ ଭାରତ ସରକାର ନିଜ ଆଭିମୁଖ୍ୟ ସ୍ପଷ୍ଟ କରିବାର ଆବଶ୍ୟକତା ରହିଛି। ଧାରା ୩୭୦ ଉଚ୍ଛେଦ ପରେ ସ୍ଥାନୀୟ ଲୋକଙ୍କ ବିଶ୍ୱାସକୁ ନେବା ପାଇଁ କି ପଦକ୍ଷେପ ନିଆଯିବ, ସେ ସମ୍ପର୍କରେ ସରକାର ଜଣାଇବା ଉଚିତ। ସ୍ଥାନୀୟ ପ୍ରଶାସନ ଏବଂ ସେଠାକାର ବିଧାନସଭାକୁ ନିର୍ବାଚିତ ହୋଇଥିବା ପ୍ରତିନିଧିଙ୍କ କଥା କେନ୍ଦ୍ର ସରକାର ଶୁଣିଥିଲେ ଭଲ ହୋଇଥାଆନ୍ତା। କେତେକ କ୍ଷେତ୍ରରେ ବଳପୂର୍ବକ ଜାତୀୟତାବାଦକୁ ଅସ୍ତ୍ର କରାଯାଉଥିବା ମନେହେଉଛି। ସେହିପରି ପାକ୍ ଅଧିକୃତ କଶ୍ମୀର(ପିଓକେ) ଏବଂ ଚାଇନା ଅଧିକୃତ କଶ୍ମୀର(ସିଓକେ)କୁ ଭାରତରେ ମିଶ୍ରଣ ପାଇଁ ଚେଷ୍ଟା କରାଯାଉ। ସ୍ଥାନୀୟ ଅଞ୍ଚଳରେ ବିକାଶ, ଯୁବତୀଯୁବକଙ୍କୁ ରୋଜଗାର ପ୍ରଦାନ କରାଯାଉ।

**- ଦିନେଶ ସେଠୀ, ଆଇନ ଛାତ୍ର, ନୂଆଦିଲ୍ଲୀ**

## ଅସାମ୍ବିଧାନିକ ଓ ଅଗଣତାନ୍ତ୍ରିକ



ସମ୍ପୂର୍ଣ୍ଣ ଅସାମ୍ବିଧାନିକ ଓ ଅଗଣତାନ୍ତ୍ରିକ। ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶ ବଳରେ ୩୭୦ ଧାରା ଉଚ୍ଛେଦ କରାଗଲା। ଏହା ଅତିଶୀଘ୍ର ସୁପ୍ରିମକୋର୍ଟର ସାମ୍ବିଧାନିକ ବେଞ୍ଚ ଦ୍ୱାରା ବିଚାର ହୋଇ ରଦ୍ଦ ହେବ। ଯେଉଁ ରାଜନୈତିକ ଦଳଗୁଡ଼ିକ ଏହାକୁ ସମର୍ଥନ କଲେ, ସେମାନେ ସମସ୍ତେ ଜମ୍ମୁ-କଶ୍ମୀରବାସୀଙ୍କୁ ପଛରୁ ଛୁରି ମାରିଛନ୍ତି। ସବୁ ଦଳର ସମର୍ଥନ ମଧ୍ୟରେ ଆମ୍ ଆଦ୍‌ମୀ ପାର୍ଟି(ଏଏପି)ର ସମର୍ଥନ ମୋତେ ଆଶ୍ଚର୍ଯ୍ୟ କରିଛି।

**- ବିଜୟ ସାହୁ, ବୁଦ୍ଧିଜୀବୀ, ଚଣ୍ଡିଖୋଲ**

## ଗଣତନ୍ତ୍ରର ହତ୍ୟା



ଜମ୍ମୁ-କଶ୍ମୀରରେ ଗଣତନ୍ତ୍ରର ହତ୍ୟା କରାଯାଇଛି। ଆଗାମୀ ଦିନରେ କେନ୍ଦ୍ର ସରକାର ଦେଶର ବହୁ ରାଜ୍ୟକୁ ଏପରି ଭାଗ କରିବାକୁ ଚେଷ୍ଟା କରିବେ। ଏପରି ଏକ ସମ୍ବେଦନଶୀଳ ନିଷ୍ପତ୍ତି ନେବା ପୂର୍ବରୁ କେନ୍ଦ୍ର ସରକାର ବିଶେଷଭାବେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସ୍ଥାନୀୟ ଅଧିବାସୀ ଏବଂ ବିରୋଧୀଙ୍କ କଥା ଶୁଣିବାର ଥିଲା। ଏହି ନିଷ୍ପତ୍ତି ଭବିଷ୍ୟତରେ ଦେଶପାଇଁ ମହଙ୍ଗା ସାବ୍ୟସ୍ତ ହୋଇପାରେ।

**- ରବି ବେହେରା, ସମାଜବାଦୀ ପାର୍ଟି ଅଧ୍ୟକ୍ଷ, ଓଡ଼ିଶା**

## ମହାଭାରତୀୟ ସଂସ୍କୃତିକୁ ନୂତନ ଶକ୍ତି ମିଳିଲା



ଭାରତୀୟ ଗଣତନ୍ତ୍ର ପାଇଁ ଏହା ଏକ ଐତିହାସିକ ମୁହୂର୍ତ୍ତ। ଏହି ପଦକ୍ଷେପ ଭାରତର ଗଣତନ୍ତ୍ର, ଗଣତାନ୍ତ୍ରିକ ପରମ୍ପରା ଏବଂ ମହାଭାରତୀୟ ସଂସ୍କୃତିକୁ ନୂତନ ଶକ୍ତି ପ୍ରଦାନ କରିବ। ଅନୁଚ୍ଛେଦ ୩୭୦କୁ ବିଲୋପ କରିବା ଭଳି ଯୁଗାନ୍ତକାରୀ ପଦକ୍ଷେପ ନେବାକୁ ଅତୀତରେ ଅନ୍ୟ କୌଣସି ସରକାର ସାହସ କରି ନ ଥିଲେ। ଏକ ଅସ୍ଥାୟୀ ରୂପେ ଗୃହୀତ ହୋଇଥିବା ଏହି ଅନୁଚ୍ଛେଦ ବିଲୋପ ଫଳରେ ଆଇନଗତ, ସାମ୍ବିଧାନିକ ଏବଂ ଭାବଗତ ଦୃଷ୍ଟିରୁ ଜମ୍ମୁ-କଶ୍ମୀର ପ୍ରକୃତ ଅର୍ଥରେ ଭାରତ ସହ ଯୋଡ଼ିହୋଇପାରିବ। ଆତଙ୍କବାଦକୁ ଲୋପ କରିବା ଏବଂ ଶାନ୍ତି ପ୍ରତିଷ୍ଠା ଦିଗରେ ଯଥେଷ୍ଟ ସହାୟକ ହେବ। ଜମ୍ମୁ-କଶ୍ମୀର ଲୋକମାନଙ୍କର ବହୁବିଧ, ସାମଗ୍ରିକ ବିକାଶ ହେବ।

**- ଡ. ନେତାଜୀ ଅଭିନନ୍ଦନ, ପ୍ରାଧ୍ୟାପକ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ**

## ଏକ ରାଷ୍ଟ୍ର, ଏକ ସମ୍ବିଧାନ



ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଭାରତୀୟ ଭାବେ କୌଣସି ବି ବ୍ୟକ୍ତି ଏହି ପଦକ୍ଷେପକୁ ବିରୋଧ କରିପାରିବେ ନାହିଁ। ପୂର୍ବରୁ ସେଠାରେ ରହିଥିବା ଆତଙ୍କବାଦ କାର୍ଯ୍ୟକଳାପ ଉପରେ ରୋକ ଲଗାଯାଇ ପାରୁ ନ ଥିଲା। ଏବେ ଏହା ସହଜ ହେବ। ଅଖଣ୍ଡ ଭାରତର ପରିଚୟ ପାଇଁ ଏହା ଜରୁରୀ ଥିଲା। ସଂଖ୍ୟାଲଘୁମାନେ ମଧ୍ୟ ଏବେ ଅନେକ ସୁବିଧା ସୁଯୋଗ ପାଇବେ।

**- ବିସ୍ମୟ ଷ୍ଟାଲିନ, ଆଇନଜୀବୀ, କଟକ**





କେନ୍ଦ୍ର ସରକାର ଏକ ଐତିହାସିକ ପଦକ୍ଷେପ ସ୍ୱରୂପ ସୋମବାର ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିଛନ୍ତି। ଫଳରେ ଏହି ରାଜ୍ୟର ସ୍ୱତନ୍ତ୍ର ସମ୍ବିଧାନ ଓ ଅନୁଚ୍ଛେଦ ୩୫ଏ ସ୍ୱତଃ ଅକାମୀ ହୋଇଯାଇଛି। ଏଣିକି ସେଠାରେ ଭାରତର ଅନ୍ୟ ରାଜ୍ୟର ଲୋକେ ନିଯୁକ୍ତି ତଥା ସମ୍ପତ୍ତି କ୍ରୟ ନେଇ କୌଣସି କଟକଣାର ସମ୍ମୁଖୀନ ହେବେ ନାହିଁ। ସ୍ଥାନୀୟ ଅଧିବାସୀ ମଧ୍ୟ ଅନେକ କ୍ଷେତ୍ରରେ ଉପକୃତ ହେବେ ବୋଲି କୁହାଯାଉଛି। ଏହାଛଡ଼ା ଜମ୍ମୁ-କଶ୍ମୀରଠାରୁ ଲଦାଖ ଅଞ୍ଚଳକୁ ଅଲଗା କରି ୨ଟି କେନ୍ଦ୍ରଶାସିତ ଅଞ୍ଚଳ ସୃଷ୍ଟି ପାଇଁ ସରକାର ପଦକ୍ଷେପ ନେଇଛନ୍ତି। ଏନେଇ ଆଗତ ବିଲ୍ ରାଜ୍ୟ ସଭାରେ ଗୃହୀତ ହୋଇଛି। ଲୋକ ସଭାରେ ତାହା ପାସ୍ ହୋଇ ରାଷ୍ଟ୍ରପତିଙ୍କ ମୋହର ଲାଗିଲେ ଜମ୍ମୁ-କଶ୍ମୀର ଆଉ ରାଜ୍ୟ ହୋଇରହିବ ନାହିଁ। ଏନେଇ ବିଭିନ୍ନ ବର୍ଗର ଲୋକ ସେମାନଙ୍କ ମତ ଦେଇଛନ୍ତି।

## ସମାନତା ରହୁ ନ ଥିଲା



୩୭୦ ଅନୁଚ୍ଛେଦ ବଳରେ ସ୍ୱତନ୍ତ୍ର ପାହ୍ୟା ଜମ୍ମୁ-କଶ୍ମୀରକୁ ଦିଆଯାଉଥିଲା। ଏଥିଯୋଗୁ ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ଏହା ଗଣାଯାଉଥିଲେ ମଧ ସମାନତା ରହୁ ନ ଥିଲା। କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପ ଯୁଗାନ୍ତକାରୀ। କେନ୍ଦ୍ର ଶାସିତ ଅଞ୍ଚଳ ଭାବେ ଘୋଷଣା ହେବା ପରେ ଜମ୍ମୁ-କଶ୍ମୀରରେ ବିଧାନସଭା ରହିବ। ମୋଟାମୋଟି ଭାବେ ସାମ୍ବିଧାନିକ ଦୃଷ୍ଟିରୁ ଦେଖିବାକୁ ଗଲେ ଜମ୍ମୁ-କଶ୍ମୀରବାସୀ ଅଧିକ ଉପକୃତ ହେବେ।

**- ବଂଶୀଧର ଶତପଥୀ, ଆଇନଜୀବୀ, କଟକ**

## ବିଳମ୍ବରେ ହେଉ ପଛେ ଭଲ କାର୍ଯ୍ୟ ହୋଇଛି



୩୭୦ ଉଚ୍ଛେଦ ବହୁ ପୂର୍ବରୁ ହେବାର ଥିଲା। ଏକତା, ଅଖଣ୍ଡତା ରଖିବା ପାଇଁ ଏହି ପଦକ୍ଷେପ ଅତ୍ୟନ୍ତ ଆବଶ୍ୟକ ଥିଲା। ବିଳମ୍ବରେ ହେଉ ପଛେ ଭାରତ ପାଇଁ କିଛି ଭଲ କାର୍ଯ୍ୟ ହୋଇଛି। ଏହି ଶୁଭଦିନକୁ ସମସ୍ତ ଭାରତବାସୀ ଅପେକ୍ଷା କରିଥିଲେ। ତେବେ ଗୋଟିଏ ଘରେ ଦୁଇଜଣ ମୁରବି ରହିବା ଓ ଗୋଟିଏ ଦେଶରେ ଦୁଇ ପ୍ରକାର ଶାସନ ହେବା ସହଜ ନୁହେଁ। ଏଣୁ କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପ ସ୍ୱାଗତଯୋଗ୍ୟ।

**- ପ୍ରଦୀପ ପଟ୍ଟନାୟକ, ଆଇନଜୀବୀ, କଟକ**

## ନୂତନ ଭାରତର ଆରମ୍ଭ



ଏକ ନୂତନ ଭାରତର ଏହା ଆରମ୍ଭ। ସମସ୍ତ ଦିଗରୁ ଦୃଷ୍ଟି ଦେଲେ ଜମ୍ମୁ-କଶ୍ମୀର ବିକାଶ ହିଁ ନଜରକୁ ଆସୁଛି। କେନ୍ଦ୍ର ସରକାରଙ୍କ ସମେତ ଯେଉଁ ରାଜନୈତିକ ଦଳ ଏହି ନିଷ୍ପତ୍ତିକୁ ସଫଳ କରିବାରେ ସହଯୋଗ କରିଛନ୍ତି ସେମାନେ ପ୍ରଶଂସାର ପାତ୍ର। ବିକାଶ ଧାରା ଓ ଅଖଣ୍ଡତାରେ ବାଧା ଉପୁଜାଉଥିବା ଅନୁଚ୍ଛେଦ ୩୭୦, ୩୫(ଏ)କୁ ଉଚ୍ଛେଦ କରିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ।

**- ଡ. ବିଶ୍ୱମୋହନ ଜେନା, ପ୍ରାଧ୍ୟାପକ, କଟକ**

## ଏହା ଏକ କୂଟନୈତିକ ବିଜୟ



ସମ୍ବିଧାନ ଅନୁଚ୍ଛେଦ ୩୭୦ ଓ ୩୫(ଏ)ର ଉଚ୍ଛେଦ ଯୋଗୁ ଜମ୍ମୁ-କଶ୍ମୀରରେ ପାକିସ୍ତାନର ସନ୍ତ୍ରାସବାଦୀ କାର୍ଯ୍ୟକଳାପ ଉପରେ ପୂର୍ଣ୍ଣଚ୍ଛେଦ ପଡ଼ିବ। ଏହାକୁ ଆଧାର କରି ପାକିସ୍ତାନ ଜମ୍ମୁ-କଶ୍ମୀରରେ ଦୀର୍ଘ ୭୦ ବର୍ଷ ହେବ ଅରାଜକତା ସୃଷ୍ଟି କରି ଆସୁଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏହି କ୍ରାନ୍ତିକାରୀ ନିଷ୍ପତ୍ତି ଭାରତର ପାକିସ୍ତାନ ଉପରେ ଏକ କୂଟନୈତିକ ବିଜୟ। ସମଗ୍ର କଶ୍ମୀରବାସୀଙ୍କ ପାଇଁ ଏହା ଆଉ ଏକ ସ୍ୱାଧୀନତା ଦିବସ ବୋଲି କୁହାଯାଇପାରେ। ଆଜିର ଦିନ ସମଗ୍ର ଭାରତବାସୀଙ୍କ ପାଇଁ ଏକ ଐତିହାସିକ ଓ ସ୍ମରଣୀୟ ଦିନ ହୋଇ ରହିବ।

**- ତାପସ କୁମାର ଦ୍ୱିବେଦୀ, ନ୍ୟାଶନାଲିଷ୍ଟ ଲୟର୍ସ ଫୋରମ, ଓଡ଼ିଶା ଯୁଗ୍ମ ସମ୍ପାଦକ**

## ଏକପାଖିଆ ନିଷ୍ପତ୍ତି



କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଆଯାଇଥିବା ଏପରି ପଦକ୍ଷେପକୁ ବାମଦଳମାନେ ବିରୋଧ କରୁଛନ୍ତି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆରଏସ୍‌ଏସ୍)ର ପ୍ରରୋଚନାରେ ଭାଜପା ଏସବୁ କରୁଛି। ଆଗାମୀ ୭ ତାରିଖରେ ବାମଦଳ ପକ୍ଷରୁ ବିରୋଧ ପ୍ରଦର୍ଶନ କରାଯିବ। କ୍ଷମତା ପାଇଥିବା ଭାଜପା ଦେଶର ମାତ୍ର ୩୬ ପ୍ରତିଶତ ଭୋଟ ପାଇଛି, ସାମୂହିକଭାବେ ଦେଖିଲେ ଭାଜପା ବିରୋଧରେ ମଧ ଜନମତ ରହିଛି। ଭାଜପାକୁ ଛାଡିଦେଲେ, ଅନ୍ୟ କାହାରି ନିର୍ବାଚନ ଇସ୍ତାହାରରେ ଏନେଇ ଘୋଷଣା ନ ଥିଲା। ତେଣୁ ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରିବା ପୂର୍ବରୁ ସରକାର ସବୁସ୍ତରରେ ଦେଶର ବିଶ୍ୱାସ ଜିଣିବା ଉଚିତ ଥିଲା। ଏହିପରି ଏକପାଖିଆ ନିଷ୍ପତ୍ତି ଆଗକୁ ଅନେକ ବିବାଦ ସୃଷ୍ଟି କରିବ।

**- ଜନାର୍ଦ୍ଦନ ପତି, ସିପିଏମ୍ ନେତା**

## ଆତଙ୍କବାଦର ମୂଳୋତ୍ପାଟନ କରିବ



ଜମ୍ମୁ-କଶ୍ମୀର ପୁନର୍ଗଠନ ଓ ସଂରକ୍ଷଣ ବିଲ୍ ସୋମବାର ରାଜ୍ୟସଭାରେ ୧୨୫ ସପକ୍ଷ ଓ ୬୧ ବିପକ୍ଷ ଭୋଟ ପାଇ ଗୃହୀତ ହୋଇଛି। ୧୯୪୯ ମସିହାରେ ଜମ୍ମୁ-କଶ୍ମୀରର ସର୍ବାଙ୍ଗ ଉନ୍ନତି ପାଇଁ ୩୭୦ ଧାରା ପ୍ରଣୟନ କରାଯାଇଥିଲା। ଅତୀତରେ ଏହା ଅନେକ ଥର ସଂଶୋଧନ ମଧ ହୋଇଛି। କେତେକ ମୁଷ୍ଟିମେୟ ରାଜ୍ୟନୈତିକ ଦଳ ଏହାର ଫାଇଦା ନେଇ ଦେଶ ବିଭାଜନ କରିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ଭାରତୀୟ ଜନସଂଘ ୧୯୫୧ରୁ ଏହାକୁ ବିରୋଧ କରି ଆସୁଥିଲା। ଏହା ଏକ ଦୃଢ଼ ସାହସୀ ପଦକ୍ଷେପ, ଯାହା ଜମ୍ମୁ-କଶ୍ମୀରରେ ଶାନ୍ତି ବଜାୟ ରଖିବାରେ ସାହାଯ୍ୟ କରିବା ସହିତ ଭ୍ରଷ୍ଟାଚାର ଓ ଆତଙ୍କବାଦର ମୂଳୋତ୍ପାଟନ କରିବ।

**- ଶରତ କୁମାର କର, ଶିକ୍ଷାବିତ୍, ଭୁବନେଶ୍ୱର**

## ଏବେ ଗୋଟିଏ ଦେଶ, ଗୋଟିଏ ଆଇନ



ଜମ୍ମୁ-କଶ୍ମୀର ପାଇଁ ଅନୁଚ୍ଛେଦ ୩୭୦ ସେତେବେଳର ପରିସ୍ଥିତିକୁ ନେଇ ହୁଏତ ପ୍ରାସଙ୍ଗିକତା ଥାଇପାରେ, ଯାହାଫଳରେ ଏହା ଏକ ସଂକ୍ଷିପ୍ତ ସମୟ ପାଇଁ ଲାଗୁ କରାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ସେଠାକାର ରାଜନୈତିକ ଦଳ ଏବଂ ନେତା ଭୋଟବ୍ୟାଙ୍କ ପାଇଁ ଯେପରି ଏହାର ଅପବ୍ୟବହାର କଲେ ଏହା ନିଶ୍ଚିତ ଭାବେ ଦେଶବାସୀଙ୍କ ଭିତରେ ପ୍ରଭେଦ ସୃଷ୍ଟି କରିବା ସହିତ ଦେଶର ଏକତା ଓ ଅଖଣ୍ଡତା ପାଇଁ ବିପଦ ସୃଷ୍ଟି କରୁଥିଲା। ତେଣୁ ବର୍ତ୍ତମାନର ସରକାର ଏହି ୩୭୦ ଅନୁଚ୍ଛେଦକୁ ଉଚ୍ଛେଦ କରି ଦେଶବାସୀଙ୍କୁ ଗୋଟିଏ ଦେଶ ଏବଂ ଗୋଟିଏ ଆଇନର ପରିଧିକୁ ଆଣିବାକୁ ସକ୍ଷମ ହୋଇପାରିଛନ୍ତି। ଅତଏବ ମୁଁ ଏହି ପଦକ୍ଷେପକୁ ଆନ୍ତରିକତାର ସହିତ ସ୍ୱାଗତ କରୁଛି।

**- ପ୍ରଭାସ ଚନ୍ଦ୍ର ମାନସିଂହ, ଅବସରପ୍ରାପ୍ତ ସୈନିକ, ପୁରୀ**

## କେନ୍ଦ୍ର ସରକାରଙ୍କ ଦୁଃସାହସିକ ପଦକ୍ଷେପ



ଜମ୍ମୁ-କଶ୍ମୀରରୁ ୩୭୦ ଅନୁଚ୍ଛେଦ ଉଚ୍ଛେଦ କେନ୍ଦ୍ର ସରକାରଙ୍କ ଏକ ଦୁଃସାହସିକ ପଦକ୍ଷେପ। ଭାରତ ସ୍ୱାଧୀନତା ହେବା ପରଠୁ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ତୁଷ୍ଟୀକରଣ ନୀତି ଫଳରେ ଆମ ଦେଶ ପାଇଁ ଏହି ଧାରା କ୍ୟାନ୍‌ସର ବ୍ୟାଧି ରୂପେ ଆଜି ପର୍ଯ୍ୟନ୍ତ ରହିଥିଲା। ଭାଜପାର ଦୀର୍ଘଦିନର ଉଦ୍ୟମ ଫଳରେ ଆଜି ଏହି ଧାରା ଉଚ୍ଛେଦ ହୋଇଛି। ଏହାଦ୍ୱାରା ଦେଶରେ ଗୋଟିଏ ପ୍ରକାର ଶାସନ ବ୍ୟବସ୍ଥା, ସମ୍ବିଧାନ, ଆଇନ ପ୍ରଚଳନ ହୋଇପାରିବ। ତତ୍କାଳୀନ କଶ୍ମୀର ରାଜା ହରି ସିଂ ଜମ୍ମୁ-କଶ୍ମୀରକୁ ଭାରତ ସହିତ ସମ୍ପୂର୍ଣ୍ଣ ଭାବେ ମିଶିଯିବା ଲାଗି ଚୁକ୍ତି କରିଥିଲେ। କିନ୍ତୁ ନେହେରୁଙ୍କ ଚକ୍ରାନ୍ତ ଯୋଗୁ ଏହା ଏପର୍ଯ୍ୟନ୍ତ ସମ୍ଭବ ହୋଇ ନ ଥିଲା। କିନ୍ତୁ ଆଜି ଏହାର ଅନ୍ତ ଘଟିଛି। ଏଥିପାଇଁ ମୋଦି ସରକାରଙ୍କୁ ଧନ୍ୟବାଦ।

**- ବିଶ୍ୱଜିତ ସେନାପତି, ଆଡଭୋକେଟ, ପୁରୀ ବାର୍ ଆସୋସିଏଶନ**

## ଜମ୍ମୁ-କଶ୍ମୀରବାସୀଙ୍କ ପ୍ରତି ଏହା ବିଶ୍ୱାସଘାତକତା



ଅନୁଚ୍ଛେଦ ୩୭୦ ଉଚ୍ଛେଦ ସପକ୍ଷରେ ସମଗ୍ର ଦେଶ ଏକମତ ନୁହେଁ। କେବଳ ଜମ୍ମୁ-କଶ୍ମୀର ପାଇଁ ଆମ ସମ୍ବିଧାନରେ ଏଭଳି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇନାହିଁ। ଆମ ଦେଶର ଏକାଧିକ ସୀମାନ୍ତ ନିକଟବର୍ତ୍ତୀ ନାଗାଲାଣ୍ଡ, ମଣିପୁର, ଅରୁଣାଚଳ ପ୍ରଦେଶ, ମିଜୋରାମ ପାଇଁ ଭିନ୍ନ ଭିନ୍ନ ଢଙ୍ଗରେ ସମ୍ବିଧାନରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏସବୁ ରାଜ୍ୟମାନଙ୍କର ସାମାଜିକ, ସାଂସ୍କୃତିକ ସ୍ଥିତି ଓ ବିବିଧତା ଭାରତର ଅନ୍ୟ ଅଞ୍ଚଳଠାରୁ ସ୍ୱତନ୍ତ୍ର। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଆଦର୍ଶରେ ଗଢ଼ା ହିନ୍ଦୁତ୍ୱବାଦୀ ଭାଜପାର ରାଜନୈତିକ ଲକ୍ଷ୍ୟ ହିନ୍ଦୁରାଷ୍ଟ୍ର ଗଠନରେ ଏସବୁ ଗୋଟିଏ ଗୋଟିଏ କଣ୍ଟା। ଏଣିକି କେନ୍ଦ୍ର ସରକାର ଅଧୀନରେ ଦୁଇ କେନ୍ଦ୍ରଶାସିତ ଅଞ୍ଚଳ ନିୟନ୍ତ୍ରିତ ହେବ। ଜମ୍ମୁ-କଶ୍ମୀର ଜନଗଣଙ୍କ ପ୍ରତି ଏହା ବିଶ୍ୱାସଘାତକତା।

**- ସୁରେନ୍ଦ୍ର କୁମାର ଜେନା, ରାଜନୀତି ବିଜ୍ଞାନ ଅଧ୍ୟାପକ, ପୁରୀ**

## ଦୃଢ଼ ପଦକ୍ଷେପକୁ ସ୍ୱାଗତ



କେନ୍ଦ୍ର ସରକାରଙ୍କ ଏହି ଐତିହାସିକ ପଦକ୍ଷେପ ଫଳରେ ଜମ୍ମୁ-କଶ୍ମୀରବାସୀ ଆଉ ଆମ ପଡ଼ୋଶୀ ନୁହେଁ, ସେମାନେ ଆମ ପରିବାର ସଦସ୍ୟ ହୋଇଗଲେ। ଆଜିଠାରୁ ଏକାନ୍ନବର୍ତ୍ତୀ ପରିବାରରେ ପକ୍ଷଭୁକ୍ତ ହୋଇଗଲେ। ସମସ୍ତେ ଏବେ ଖୁସି। ଡାଲ୍ ହ୍ରଦରେ ସାରା ଜଗତର ପକ୍ଷୀମାନେ ଯାଇ ପହଞ୍ଚିବେ, ତାହା ପୁଣି ନିର୍ଭୟରେ। କଶ୍ମୀରରୁ ଖଣ୍ଡେ ମାଡ଼ିବସି ରହିଥିବା ଅବନ୍ଧୁମାନେ ଛାନିଆ ହେବା ସ୍ୱାଭାବିକ। ମୁଁ ଏଭଳି ପଦକ୍ଷେପକୁ ଦୃଢ଼ ଭାବେ ସ୍ୱାଗତ କରୁଛି।

**- ପ୍ରଭାତ ରଥ, ସାହିତ୍ୟିକ, ପୁରୀ**

## ବହୁ ଆଗରୁ ହେବାର ଥିଲା



ଯାହା ବହୁ ଆଗରୁ ହେବାର ଥିଲା, ତାହା ଏବେ ସମ୍ଭବ ହେଲା। ଗୋଳିଆ ପାଣିରୁ ଫାଇଦା ନେବା ଅନ୍ତତଃ ବନ୍ଦ ହୋଇଗଲା। ସନାତନୀୟ ପରମ୍ପରାର ଏକ କେନ୍ଦ୍ର ଭାରତୀୟତା ସହିତ ଯୋଡ଼ି ହେବା ପରେ ଆମର ସାଂସ୍କୃତିକ ଐତିହ୍ୟରୁ ପ୍ରାଚୀନତା ପ୍ରମାଣିତ ହେବ, ଯାହା କିଛିବର୍ଷ ଧରି ବରାଦୀ ଇତିହାସକାରମାନେ ଗୋଳମାଳିଆ କରୁଥିଲେ।

**- ଡ. ସୁରେନ୍ଦ୍ର କୁମାର ମିଶ୍ର, ଐତିହ୍ୟ ବିଶାରଦ, ପୁରୀ**

## ଆଉ ଏକ ସର୍ଜିକାଲ ଷ୍ଟ୍ରାଇକ୍



କେନ୍ଦ୍ର ସରକାର ଯେଉଁ ଐତିହାସିକ ପଦକ୍ଷେପ ନେଲେ ତାହା ବିରଳ ଏବଂ ଭାରତବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ଏହାଦ୍ୱାରା ନିଜ ଦେଶରେ ଶରଣାର୍ଥୀ ସାଜିଥିବା ଲକ୍ଷାଧିକ କଶ୍ମୀର ପଣ୍ଡିତ ପରିବାର ତାଙ୍କ ପୂର୍ବ ମର୍ଯ୍ୟାଦା ଫେରିପାଇବେ। ଜମ୍ମୁ-କଶ୍ମୀର ଓ ଲଦାଖକୁ କେନ୍ଦ୍ରଶାସିତ ଅଞ୍ଚଳ ଘୋଷଣା କରିବା ଦ୍ୱାରା ସେଠାରେ ପ୍ରଶାସନିକ ସମସ୍ୟା ଲାଘବ ହୋଇପାରିବ। ସରକାର ଯେଉଁଭଳି ଭାବେ ଦକ୍ଷତାର ସହ ସପ୍ତାହେ ବ୍ୟାପୀ କଳ୍ପନାଜଳ୍ପନାର ଅବସାନ ଘଟାଇ ଏହି ପଦକ୍ଷେପ ନେଲେ ତାହାକୁ ଆଉ ଏକ ସର୍ଜିକାଲ ଷ୍ଟ୍ରାଇକ୍ କୁହାଯାଇପାରିବ। ଭାରତ ମାତାର ଅଖଣ୍ଡ ଅବତାର ଦେଖିବା ପାଇଁ ସେଇ ଦିନଟି ପାଖେଇ ଆସୁଛି ଅବା!

**- ଦେବୀ ପ୍ରସନ୍ନ ନନ୍ଦ, ସମ୍ପାଦକ, ଓଡ଼ିଶା ଐତିହ୍ୟ ଓ ସଂରକ୍ଷଣ ପରିଷଦ, ପୁରୀ**

## କଶ୍ମୀର ପଣ୍ଡିତମାନଙ୍କୁ ନ୍ୟାୟ ମିଳିଛି



ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ପୂର୍ବରୁ କୌଣସି ସରକାର ଏହା କାର୍ଯ୍ୟକାରୀ ଲାଗି ସାହସ କରୁ ନ ଥିଲେ। ଏବେ ଦେଶର ଭବିଷ୍ୟତ ଯୁବପିଢ଼ି କଶ୍ମୀରକୁ ନିକଟରୁ ଦେଖିବାର ସୁଯୋଗ ପାଇବେ। ଦେଶରେ ସଂସ୍କୃତି, ଭାବର ଆଦାନ ପ୍ରଦାନ ହେବ। ଏକ ସମ୍ବିଧାନ, ଏକ ରାଷ୍ଟ୍ର ଗଠନ ହୋଇପାରିବ। ଆଜି କଶ୍ମୀର ପଣ୍ଡିତମାନଙ୍କୁ ନ୍ୟାୟ ମିଳିଛି। କଶ୍ମୀରରୁ ବିଦା ହୋଇଥିବା ପଣ୍ଡିତମାନେ ଏବେ ପୁଣି କଶ୍ମୀର ଫେରିବାର ସୁଯୋଗ ପାଇବେ।

**- ପ୍ରଫେସର ଅଭିମନ୍ୟୁ ଭୂୟାଁ, ନୀଳଚକ୍ରନଗର, ପୁରୀ**

## ଏହାଦ୍ୱାରା ଦେଶର ଏକତା ବଜାୟ ରହିବ



୩୭୦ ଅନୁଚ୍ଛେଦ ଉଚ୍ଛେଦ ଗୌରବର କଥା। ଏହାଦ୍ୱାରା ଏକ ସଶକ୍ତ ବିକଶିତ ରାଷ୍ଟ୍ର ଗଠନ ହୋଇପାରିବ। ଦେଶର ଏକତା ବଜାୟ ରହିବ। କଶ୍ମୀରବାସୀ ଭାରତୀୟଙ୍କ ନିକଟତର ହେବେ। ଏ ନେଇ ଭାରତୀୟଙ୍କ ମନରେ ରହିଥିବା ଦ୍ୱନ୍ଦ୍ୱ ଆଜି ଦୂର ହୋଇଛି। ପ୍ରତ୍ୟେକ ଭାରତୀୟଙ୍କ ଲାଗି ଏହି ଦିବସ ସ୍ମରଣୀୟ ହୋଇ ରହିବ। ମୁଁ ଜଣେ ଭାରତୀୟ ଭାବେ ଏହାକୁ ସ୍ୱାଗତ କରୁଛି।

**- ପ୍ରଭାତ ମହାପାତ୍ର, ଯୁବ ସଙ୍ଗଠକ, ପିପିଲି, ପୁରୀ**

## ଇଂରେଜ ଅମଳର କୂଟନୀତି ଉପରେ ଶକ୍ତ ପ୍ରହାର

**ପୁରୀ ଅଫିସ, ୫।୮**



ଦୀର୍ଘବର୍ଷ ଧରି ଅନୁଚ୍ଛେଦ ୩୭୦କୁ ନେଇ ଯେଉଁ କଳ୍ପନାଜଳ୍ପନା ଲାଗି ରହିଥିଲା ସେଥିରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଜମ୍ମୁ-କଶ୍ମୀରରୁ ଉଚ୍ଛେଦ ହୋଇଛି ଅନୁଚ୍ଛେଦ ୩୭୦। ଏହାକୁ ନେଇ ଦେଶବ୍ୟାପୀ ଖୁସିର ଲହରି ଖେଳି ଯାଇଥିବାବେଳେ ଏ ପ୍ରସଙ୍ଗରେ ମତ ରଖିଛନ୍ତି ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ସୋମବାର ପୀଠ ପରିସରରେ ଗଣମାଧ୍ୟମକୁ ସୂଚନା ଦେଇ ଶଙ୍କରାଚାର୍ଯ୍ୟ କହିଛନ୍ତି, ଏହାଦ୍ୱାରା ଇଂରେଜ ଅମଳର କୂଟନୀତି ଆଇନ ଉପରେ ଶକ୍ତ ପ୍ରହାର ହୋଇଛି। ଇଂରେଜମାନଙ୍କ କୁଟନୀତି ଯୋଗୁ ପ୍ରଥମେ ଭାରତରୁ ଆଫଗାନିସ୍ତାନକୁ ଓ ପରେ ବର୍ମା ଏବଂ ଶ୍ରୀଲଙ୍କାକୁ ଅଲଗା କରାଗଲା। ଏହାପରେ ପାକିସ୍ତାନ ଗଠନ କରାଯାଇ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ବିଭାଜନ କରିଥିଲେ ଇଂରେଜ। ତେଣୁ ଅଖଣ୍ଡ ଭାରତ ଗଠନ ପାଇଁ ଏଭଳି ଧାରା ଉଚ୍ଛେଦର ଯଥେଷ୍ଟ ଆବଶ୍ୟକତା ଥିଲା। କୌଣସି ପାର୍ଟି ବା ଦଳକୁ ପଛରେ ରଖି ଭାରତ ପାଇଁ କାମ କରିବା ଦରକାର ବୋଲି ଆହ୍ୱାନ ଦେଇଛନ୍ତି ଶଙ୍କରାଚାର୍ଯ୍ୟ।

୩୭୦ ଅନୁଚ୍ଛେଦ ଉଚ୍ଛେଦ ଉପରେ ଅଧିକ ଟିପ୍ପଣୀ ରଖି ଶଙ୍କରାଚାର୍ଯ୍ୟ କହିଛନ୍ତି, ଭାରତର ପ୍ରଥମ ପ୍ରଧାନମନ୍ତ୍ରୀଙ୍କ ଶାସନକାଳରେ ୩୭୦ ଅନୁଚ୍ଛେଦକୁ କ୍ରିୟାନ୍ୱିତ କରାଯାଇଥିଲା। କିନ୍ତୁ ସ୍ଥାୟୀ ଭାବେ ଏହାକୁ ଗୁରୁତ୍ୱ ଦିଆଯାଇ ନ ଥିଲା। ପରେ ରାଜନେତାମାନେ ଏହି ଧାରାକୁ ଗୁରୁତ୍ୱ ଦେଇ ଷଡ଼ଯନ୍ତ୍ର ରଚିଥିଲେ। ସର୍ଦ୍ଦାର ବଲ୍ଲଭଭାଇ ପଟେଲ ହିନ୍ଦୁତ୍ୱ, ରାଷ୍ଟ୍ର ଓ ଅଖଣ୍ଡତା ପ୍ରତି ଭରସା ରଖିଥିଲେ। ଭଗବତ କୃପାରୁ ଇଂରେଜଙ୍କ କୁଟନୀତି ଉପରେ ଆଜି ଶକ୍ତ ପ୍ରହାର ହୋଇଛି। ଏଭଳି ପଦକ୍ଷେପକୁ ଦେଶବସୀ ବହୁ ପୂର୍ବରୁ ଅପେକ୍ଷା କରିଥିଲେ। ତେବେ ସର୍ବୋତ୍କୃଷ୍ଟ ଭାରତ ଗଠନ ହେଲେ ବିଶ୍ୱ ସମୁଦାୟକୁ ବୈଦିକ ଜ୍ଞାନ କ୍ଷେତ୍ରରେ ଭାରତ ପଥ ପ୍ରଦର୍ଶକ ସାଜିବ ବୋଲି ଶଙ୍କରାଚାର୍ଯ୍ୟ ମତବ୍ୟକ୍ତ କରିଛନ୍ତି।

## ଭାରତର ଗୌରବ ବୃଦ୍ଧି ପାଇବ



ତତ୍କାଳୀନ ପରିସ୍ଥିତି ପାଇଁ କଶ୍ମୀର ରାଜା ହରି ସିଂହ ଏବଂ ଭାରତ ସରକାରଙ୍କ ମଧ୍ୟରେ ଏକ ରାଜିନାମା ହୋଇଥିଲା। ୧୯୪୯ ମସିହାରେ କଶ୍ମୀର ପାଇଁ ଅନୁଚ୍ଛେଦ ୩୭୦ ଲାଗୁ ହୋଇଥିଲା। ଜମ୍ମୁ ଓ କଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ ହୋଇଥିବା ସତ୍ତ୍ୱେ ଭାରତୀୟମାନେ ଏହାକୁ ଅନୁଭବ କରିପାରୁ ନ ଥିଲେ। ଆଜି ଏହି ଅନୁଚ୍ଛେଦ ଉଚ୍ଛେଦ ସହ କଶ୍ମୀର ଓ ଲଦାଖ କେନ୍ଦ୍ରଶାସିତ ରାଜ୍ୟର ମାନ୍ୟତା ପାଇବାକୁ ଯାଉଥିବାରୁ ମୁଁ ଭାରତୀୟ ଭାବେ ଗୌରବ ଅନୁଭବ କରୁଛି। ଭାରତୀୟ ମାନଚିତ୍ରରେ କେବଳ କଶ୍ମୀରକୁ ଦେଖୁଥିଲି। ଏଥର ସମୟ ଆସିଛି ଭାରତୀୟମାନେ କଶ୍ମୀରର ସୌନ୍ଦର୍ଯ୍ୟ, ଏହାର ଐଶ୍ୱର୍ଯ୍ୟକୁ ନିକଟରୁ ଦେଖିବାର ସୁଯୋଗ ପାଇବେ। ଏହାଦ୍ୱାରା ଭାରତର ଗୌରବ ବୃଦ୍ଧି ପାଇବ।

**- ବିଶ୍ୱନାଥ ଦାଶ, ଯୁବନେତା, ପୁରୀ**

## ଆଜିର ଦିନ ଇତିହାସରେ ଲିପିବଦ୍ଧ ରହିବ



ଏହି ଅନୁଚ୍ଛେଦ ଉଚ୍ଛେଦ ବହୁ ପୂର୍ବରୁ ହେବାର ଥିଲା। ଆଜିର ଦିନ ଭାରତ ବର୍ଷର ସ୍ୱର୍ଣ୍ଣିମ ଇତିହାସରେ ଲିପିବଦ୍ଧ ହୋଇ ରହିବ। ଏଣିକି କଶ୍ମୀରରେ କେବଳ ଭାରତର ଜାତୀୟ ସଙ୍ଗୀତ ଗାନ ହେବ, ଜାତୀୟପତାକା ଉଡ଼ିବ। ଦେଶର ଅନ୍ୟ ରାଜ୍ୟର ଲୋକେ କଶ୍ମୀରରେ ନିଜ ବେପାର ବାଣିଜ୍ୟ କରିବାର ସୁଯୋଗ ପାଇବେ। ପର୍ଯ୍ୟଟନର ବିକାଶ ସାଙ୍ଗକୁ କଶ୍ମୀର ଆର୍ଥିକ ମାନଦଣ୍ଡ ବୃଦ୍ଧି ଘଟିବା ସହ ଭୌଗୋଳିକ ସ୍ଥିତିର ପରିବର୍ତ୍ତନ ଘଟିବ।

**- ରମେଶ ପ୍ରସାଦ ସିଂ, ବରିଷ୍ଠ ଆଇନଜୀବୀ, ପୁରୀ**

## ଆଜିର ଦିନ କଶ୍ମୀର ବିଜୟ ଦିବସ ଭାବେ ପାଳନ ହେଉ



ଛାତ୍ର ଜୀବନରୁ କଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଶୁଣିବାକୁ ପାଉଥିଲି। ଦୀର୍ଘ ୭୦ବର୍ଷ ପରେ ଆଜି ଅନୁଭବ କରୁଛି କଶ୍ମୀର କେବଳ ଭାରତର। ୩୭୦ ଅନୁଚ୍ଛେଦ ଉଚ୍ଛେଦ ଯୋଗୁ କଶ୍ମୀରରେ ଭାଇଚାରା ଭାବ ବୃଦ୍ଧି ପାଇବ। କଶ୍ମୀର ହସ୍ତଶିଳ୍ପ, ପର୍ଯ୍ୟଟନ ଶିଳ୍ପର ବିକାଶ ଦ୍ୱିଗୁଣିତ ହେବ। ଆଜିର ଦିନକୁ କଶ୍ମୀର ବିଜୟ ଦିବସ ଭାବେ ପାଳନ କରାଯାଉ।

**- ଜ୍ୟୋତିର୍ମୟୀ ପଣ୍ଡା, ସାମାଜିକ କର୍ମୀ, ପୁରୀ**

## ସ୍ୱାଗତଯୋଗ୍ୟ ପଦକ୍ଷେପ



ଅନୁଚ୍ଛେଦ ୩୭୦ ଉଚ୍ଛେଦ କେନ୍ଦ୍ର ସରକାରଙ୍କର ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ମାତ୍ର ପରବର୍ତ୍ତୀ ସ୍ଥିତିକୁ ସରକାର କିଭଳି ପରିଚାଳନା କରୁଛନ୍ତି, ତାହା ଦେଖିବାକୁ ବାକି ରହିଲା। ଏବେ ଏହି ରାଜ୍ୟର ଜନସାଧାରଣ ଆତଙ୍କବାଦ ବିରୋଧରେ ସ୍ୱର ଉତ୍ତୋଳନ କରିବା ଆରମ୍ଭ କରିବେ।

**- ଲକ୍ଷ୍ମଣ ରାଉତ, ବରିଷ୍ଠ କମ୍ୟୁନିଷ୍ଟ ନେତା**

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୬ ଅଗଷ୍ଟ, ୨୦୧୯



ପିତାମାତା ସାନ ହୋଇଛନ୍ତି ବୋଲି ଯେ ସନ୍ତାନଟି ବଡ଼ ହେବ ନାହିଁ, ଏଭଳି ଭାବିବାରେ କୌଣସି କାରଣ ନାହିଁ ।
- ହୋରେସ୍



## ସଂକ୍ଷେପରେ

### ବ୍ଲକସ୍ତରୀୟ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ

ଭଟଲି,୫।୮(ଡି.ଏନ.ଏ)
ବରଗଡ଼ ଜିଲା ଭଟଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ ପରିସରରେ ବ୍ଲକସ୍ତରୀୟ ବିଶ୍ୱ ସ୍ତନ୍ୟପାନ ସପ୍ତାହ ସୋମବାର ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୋଷ୍ଠୀ ମୁଖ୍ୟ ଚିକିତ୍ସାଧିକାରୀ ଡ. ସଞ୍ଜୀବ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥିଲା । ଏହି ସଭାରେ ପିଏଚ୍ଇଓ ଝସକେତନ ଧରାଇ, ବିପିଏମ୍ ମନୋରଞ୍ଜନ ପଧାନ, ଇନର୍ ହ୍ୱିଲ ଶାଖାର ସଭାପତି ପ୍ରଜ୍ଞା ଉତ୍କଳିକା ମିଶ୍ର, ପାଷ୍ଟ ସଭାପତି ଭାବନା ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ନବଜାତ ଶିଶୁ ମାନଙ୍କୁ କିଭଳି ଓ କାହିଁକି ସ୍ତନ୍ୟପାନ କରାଯିବା ଉଚିତ, ସ୍ତନ୍ୟପାନର ମହତ୍ତ୍ୱ ଏବଂ ପ୍ରସୂତୀ ମହିଳାମାନେ ସ୍ତନ୍ୟପାନ ସମୟରେ କିଭଳି ଖାଦ୍ୟ ଖାଇବେ ସେଥିପ୍ରତି ଗୁରୁତ୍ୱ ଆରୋପ କରାଯାଇଥିଲା । ଏଥିପାଇଁ ଉପସ୍ଥିତ ମହିଳାମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଏହି ଉତ୍ସବରେ ବ୍ଲକର ଅଙ୍ଗନୱାଡ଼ି ପରିଦର୍ଶିକା, କର୍ମୀ ଏବଂ ଆଶା କର୍ମୀଙ୍କ ସମେତ ପ୍ରସୂତୀ ମହିଳାମାନେ ଉପସ୍ଥିତ ଥିଲେ ।

### ମେହେର ଜୟନ୍ତୀ ପ୍ରସ୍ତୁତି ବୈଠକ

ଗାଇସିଲେଟ, ୫।୮(ଡି.ଏନ.ଏ)
ଗାଇସିଲେଟ ମେହେର ସାହିତ୍ୟ ସଂସଦର ଉପସଭାପତି ରବିନ୍ଦ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ସରସ୍ୱତୀ ବିଦ୍ୟା ମନ୍ଦିରଠାରେ ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଆଗାମୀ ମେହେର ଜୟନ୍ତୀ ୧୮ତାରିଖରେ ପାଳନ କରାଯିବାକୁ ସଭ୍ୟମାନେ ସ୍ଥିର କରିଥିଲେ। ଚଳିତବର୍ଷ ପ୍ରାପ୍ତ ପ୍ରାଧାପକ ଛାୟାକାନ୍ତ ଷଡଙ୍ଗୀ ମୁଖ୍ୟବକ୍ତା, ଅଧାପକ ଡା, ଜୟକେତନ ତ୍ରିପାଠୀ ସମ୍ମାନିତ ବକ୍ତା, ଉତ୍କଳ ସଂସ୍କୃତ ମହାବିଦ୍ୟାଳୟର ପୂର୍ବତନ କୁଳପତି ଡା. ସାଧୁଚରଣ ପଣ୍ଡା ମୁଖ୍ୟଅତିଥି ତଥା ରାଜାମଣି ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେବାକୁ ସହମତି ପ୍ରଦାନ କରିଛନ୍ତି। ଚଳିତବର୍ଷ ଅବସରପ୍ରାପ୍ତ ଶିକ୍ଷକ ଅଶ୍ୱିନୀ କୁମାର ପାଣିଗ୍ରାହୀଙ୍କୁ ଗଙ୍ଗାଧର ସାହିତ୍ୟ ସମ୍ମାନ ପ୍ରଦାନ କରାଯିବ । ପ୍ରଥମ ଅଧିବେଶନରେ ଛାତ୍ରୀଛାତ୍ର କୁଇଜ, ସଙ୍ଗୀତ ଓ ବକ୍ତୃତା ପ୍ରତିଯୋଗିତା ହୋଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ ଏବଂ ଶେଷରେ ଏକାଙ୍କିକା ପରିବେଷଣ କରାଯିବ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି ।

### ଭେଡେନରେ ନାମ ସଂକୀର୍ତ୍ତନ

ଭେଡ଼େନ,୫।୮(ଡ଼ି.ଏନ.ଏ)
ଭେଡ଼େନ ସ୍ଥିତ ସିଦ୍ଧେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ସ୍ୱର୍ଗତ ହରିଦାଶ ବାବା (ହାଡୁ ବାବା)ଙ୍କ ଏକାଦଶ ତିରୋଧାନ ଦିବସ ସୋମବାର ପାଳିତ ହୋଇଛି । ଏହି ଅବସରରେ ମନ୍ଦିର ସମ୍ମୁଖରେ ଥିବା ବାବାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସ୍ୱତନ୍ତ୍ର ପୂଜାର୍ଚ୍ଚନା, ନାମ ସଂକୀର୍ତ୍ତନ, ନଗର ପରିକ୍ରମା ହୋଇଥିଲା। ପବିତ୍ର ପୁରୋହିତ ପୂଜାର୍ଚ୍ଚନା କରିଥିଲେ । ଦଶରଥ ମେହେର, ଭାଲୁ ବାଗଙ୍କ ପରିଚାଳନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜୀରାକୂଳ ଆଶ୍ରମର ଉଦ୍ଧବ ପୂଜାରୀ, ବଲ୍ଲଭ ପୂଜାରୀ ଯୋଗ ଦେଇଥିଲେ । ଏଥିରେ କାଳୀଚରଣ ଦେହେରୀ, ଟେକଧର ଡ଼ନସନା, ଉପେନ୍ଦ୍ର ଡ଼ନସନା, ରଞ୍ଜନ ମେହେର, ଫଣୀନ୍ଦ୍ର ବାଗ, କେନାଲ ଛନ୍ଦଙ୍କ ସମେତ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

### ବିଜ୍ଞାନ ନାଟକ ପ୍ରତିଯୋଗିତାର କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଭେଡ଼େନ,୫।୮(ଡ଼ି.ଏନ.ଏ)
ଭେଡ଼େନ ବ୍ଲକ ରେମଣ୍ଡା ବାଳିକା ହାଇସ୍କୁଲର ଛାତ୍ରୀମାନେ ଜିଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି । ଏହି ସଫଳତା ଯୋଗୁ ଶନିବାର ବିଦ୍ୟାଳୟ ପରିସରରେ କୃତୀ ଅଭିନେତ୍ରୀ ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପ୍ରଧାନଶିକ୍ଷକ ପ୍ରଶାନ୍ତ ହୋତାଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଇଓ ମଛିନ୍ଦ୍ର ମଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ଝରାପାଲି ହାଇସ୍କୁଲର ବିଜ୍ଞାନ ଶିକ୍ଷକ ସଞ୍ଜୀବ କୁମାର ପ୍ରଧାନ, ଭେଡ଼େନ ହାଇସ୍କୁଲର ପ୍ରଧାନଶିକ୍ଷକ ରମଣି ରଞ୍ଜନ ରାଉତ, ସିଆରସିସି ସୁରେଶ୍ୱର ମାଝୀ, ଗଙ୍ଗା ମେହେର, ନାଟକର ଲେଖକ ଡ଼. ପ୍ରଶାନ୍ତ ପଣ୍ଡା ଏବଂ ନିର୍ଦ୍ଦେଶକ ଛବିଳ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ମଲ୍ଲି ଦେଇ ଧନ୍ୟବାଦ ଅର୍ପଣ କରିଥିଲେ ।

■ ସଙ୍କଟରେ ବୁଣାକାର

# ନା ମିଳୁଛି ପ୍ରୋତ୍ସାହନ, ନା ବଜାର ସୁବିଧା

ଜାମଟିକ୍ରା, ୫।୮ (ଡି.ଏନ.ଏ)

ବରଗଡ ଜିଲା ଅତାବିରା ବ୍ଲକରେ ଲୁଗାବୁଣା କାର୍ଯ୍ୟରେ ନିୟୋଜିତ ପ୍ରାୟ ୩୦ ଭାଗ ଲୋକଙ୍କ ଜୀବନ ଜୀବିକା ଏବେ ସଙ୍କଟରେ ପଡିଛି । ବର୍ତ୍ତମାନ ମହଙ୍ଗା ଯୁଗରେ ସ୍ୱଳ୍ପ ପାରିଶ୍ରମିକରେ ପରିବାର ପୋଷଣ କରି ନ ପାରୁ ନ ଥିବା ଏହି ବୁଣାକାରମାନେ ପ୍ରକାଶ କରିଛନ୍ତି । ଅତାବିରା ବ୍ଲକରେ ମୁଖ୍ୟତଃ ଟୋପ, ବନହର, ସିଂହପାଲି, ହିର୍ଲିପାଲି, ଲୁରୁପାଲି, ଝିଲିମିଣ୍ଡା, ସରଣ୍ଡା, ରଙ୍ଗିଆଟିକ୍ରା, କାଦୋବାହାଲ ଆଦି ଗ୍ରାମରେ ବହୁ ସଂଖ୍ୟକ ପରିବାର ହସ୍ତତନ୍ତ ଉପରେ ନିର୍ଭର କରି ଚଳିଥାନ୍ତି । ସେମାନେ ଲୁଗା ବୁଣି ବିଭିନ୍ନ ସମିତିକୁ ଦିଅନ୍ତି । ସେଥିପାଇଁ ସେମାନଙ୍କୁ ସୂତା ଓ ରଙ୍ଗ ଯୋଗାଇ ଦିଆଯାଇଥାଏ । ଗୋଟିଏ ଶାଢ଼ି ବୁଣିବାକୁ ଗୋଟିଏ ପରିବାରକୁ ମାତ୍ର ତିନି ଦିନ ସମୟ ଲାଗିଥାଏ । ହେଲେ ପାରିଶ୍ରମିକ ବାବଦକୁ ମିଳେ ମାତ୍ର ୮ରୁ ୯ ଶହ ଟଙ୍କା ମିଳେ । କିନ୍ତୁ ଏହାର ଆଦର ଦିନକୁ ଦିନ ହ୍ରାସ ପାଉଥିବାରୁ ବୁଣାକାରମାନେ ଅନେକ ଆର୍ଥିକ ସମସ୍ୟା ମଧ୍ୟରେ ଗତି କରୁଛନ୍ତି । ଏପରି ସ୍ଥଳେ କ୍ରମାଗତ ସୂତାଦର ବୃଦ୍ଧି ସେମାନଙ୍କ ପାଇଁ ବୋଝ ଉପରେ ନଳିତାବିଡା ସଦୃଶ ହୋଇଛି । ଏହି ଦର ବୃଦ୍ଧି ନେଇ ସମିତି ଗୁଡିକ ମଧ୍ୟ ଚିନ୍ତାରେ ପଡିଛନ୍ତି । ସମିତିଠାରୁ ସୂତା ନ ଆଣି କେତେକ ବୁଣାକାର ବ୍ୟକ୍ତିଗତ ଭାବେ ସୂତା କିଣି ଲୁଗା ବୁଣୁଛନ୍ତି । ଗତ ୫ ବର୍ଷ ମଧ୍ୟରେ ସୂତାଦର ପ୍ରାୟ ୫୦ ପ୍ରତିଶତ ବୃଦ୍ଧି ପାଇଛି । ଏବେ ୪୦ ନଂ ସୂତାର ଦାମ ପେଣ୍ଡି ପ୍ରତି ୨୪୦୦ ଟଙ୍କା ରହିଛି । ସେହିପରି ଶାଢ଼ି ପାଇଁ ଆବଶ୍ୟକ ୧୨୦ ନଂ. ସୂତାର ଦାମ ୩୦୦୦ ଟଙ୍କା, ୧୦୦ ନଂ ସୂତାର ଦାମ ୨୭୫୦ ଟଙ୍କା ରହିଛି । ଏହା ସହ ରଙ୍ଗ ମସଲା ଓ ଅନ୍ୟାନ୍ୟ ଉପକରଣ ଦାମ୍ ମଧ୍ୟ ବହୁଗୁଣ ବଢ଼ିଛି।

ଏକ ହିସାବରୁ ଜଣାଯାଇଛି, ଗୋଟିଏ ସାଧାରଣ ବସ୍ତ୍ର ପାଇଁ କଞ୍ଚାମାଲ ଅର୍ଥାତ ପାଞ୍ଚ ଶହରୁ ଛଅ ଶହ ଗ୍ରାମ ସୂତା, ୧୦୦ ଗ୍ରାମ ରଙ୍ଗ ଓ ୨୦ରୁ ୩୦ ଗ୍ରାମ ରାସାୟନିକ ପଦାର୍ଥର ଆବଶ୍ୟକତା ହୋଇଥାଏ । ଏତେ ବ୍ୟୟରେ ପ୍ରସ୍ତୁତ ଲୁଗା ବିକ୍ରି କରିବା ପରେ କମ୍ ଉପାର୍ଜନ ହୋଇଥାଏ । ତଥାପି ବୁଣାକାର ପରିବାର ଏହି କୌଳିକ ବୃତ୍ତିକୁ ଛାଡି ପାରୁନାହାନ୍ତି କି ପରିଶ୍ରମର ଉପଯୁକ୍ତ ପ୍ରାପ୍ୟ ପାଉନାହାନ୍ତି । ଫଳରେ ସେମାନଙ୍କ ଆର୍ଥିକ ଓ ସାମାଜିକ ଅବସ୍ଥା ସ୍ୱଚ୍ଛଳ ହୋଇପାରୁନାହିଁ ବୋଲି ବୁଣାକାର ସେବାରାମ ମେହେର କୁହନ୍ତି । କୃଷି କ୍ଷେତ୍ରର ଋଣବୋଝ ଓ ଅଭାବୀ ବିକ୍ରି ସମସ୍ୟା ପରି ସମ୍ପ୍ରତି ହସ୍ତତନ୍ତ କ୍ଷେତ୍ରରେ ସେମାନେ ଅନୁରୂପ ସଙ୍କଟର ସମ୍ମୁଖୀନ ହେଉଛନ୍ତି । ଅନେକ ବୁଣାକାର ଆର୍ଥିକ ଅନଟନ ଦୂର କରିବା ପାଇଁ ବିଶେଷ କରି ମାଇକ୍ରୋ ଫାଇନାନ୍ସ ଉପରେ ନିର୍ଭର କରୁଛନ୍ତି । ମାତ୍ର ଚଡ଼ା ସୁଧରେ ଋଣ କରି ସେମାନଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଋଣ ପରିଶୋଧ କରି ନ ପାରି ଦୁଶ୍ଚିନ୍ତାରେ ଦିନ ବିତାଉଥିବା ବୁଣାକାର ଶେଷରେ ଆତ୍ମହତ୍ୟା ପନ୍ଥା ବାଛି ନେବାକୁ ବାଧ୍ୟ ହେବେ ବୋଲି ସାମାଜିକ କର୍ମୀ ସୀତାରାମ ବନଛୁର କହିଛନ୍ତି ।

ଅତାବିରା ଅଞ୍ଚଳର କେତେକ କୁଶଳୀ ବୁଣାକାର ସେମାନଙ୍କ ଅଧୀନରେ ଅନ୍ୟ ବୁଣାକାରଙ୍କୁ କାମ ତଥା ଆର୍ଥିକ ସହଯୋଗ କରି ଲୁଗା ବୁଣାଉଛନ୍ତି । ମାତ୍ର ସେମାନେ ଦେଉଥିବା ପ୍ରାପ୍ୟ ପରିଶ୍ରମ ଅନୁଯାୟୀ ମିଳୁନାହିଁ । ବୁଣାକାରଙ୍କୁ ପ୍ରୋତ୍ସାହନ ପାଇଁ ଡେଭଲପମେଣ୍ଟ ଯୋଜନାରେ ଦକ୍ଷତା ବୃଦ୍ଧି, ପ୍ରଶିକ୍ଷଣ, ଉତ୍ପାଦିତ ଲୁଗାର ବଜାର ବ୍ୟବସ୍ଥା କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ବୟନ ଶିଳ୍ପ ସହ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଉଥିଲେ ମଧ୍ୟ ଏଠାରେ ବାସ୍ତବତା କିନ୍ତୁ ଭିନ୍ନ । ଏଣୁ ବୁଣାକାରଙ୍କ ଅବସ୍ଥାରେ ସୁଧାର ହେଉନାହିଁ । ତେବେ କୌଳିକ ବୃତ୍ତିରେ ଡୋରି ବନ୍ଧା ହେବା ପୂର୍ବରୁ ଜୀବନ୍ତ ରଖିବା ଉଦ୍ୟମର ଆବଶ୍ୟକତା ଅଛି ବୋଲି କହିଛନ୍ତି ବୁଣାକାର ସୁରେନ୍ଦ୍ର ମେହେର । ଭାରତ ସମେତ ବିଶ୍ୱ ବଜାରରେ ସୁନାମ ଅର୍ଜନ କରିଥିବା ଏହି ସମ୍ବଲପୁରୀ ଶାଢ଼ିର ସୁନାମ ଏବେ ହଜିବାକୁ ବସିଲାଣି। ରାଜ୍ୟ ସରକାର ଏହି ସୁନାମକୁ ବଞ୍ଚାଇ ରଖିବା ଦିଗରେ ପଦକ୍ଷେପ ଗ୍ରହଣ ନ କଲେ ଖୁବଶୀଘ୍ର ଏହି ହସ୍ତଶିଳ୍ପ ବନ୍ଦ ହୋଇଯିବା ଆଶଙ୍କା ଦେଖାଦେଇଛି ।



ଜଣେ ବୁଣାକାର ବସ୍ତ୍ର ବୁଣା କାମରେ ଲାଗିଛନ୍ତି ।

## ଜାତୀୟ କୃମି ନାଶକ ଦିବସ ପ୍ରସ୍ତୁତି

ଭଟଲି,୫।୮(ଡି.ଏନ.ଏ)

ବରଗଡ଼ ଜିଲା ଭଟଲି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ କୃମିନାଶକ ଦିବସ ପାଳନ ଉପଲକ୍ଷେ ସୋମବାର ଏକ ବ୍ଲକସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବିଇଓ ଛତ୍ରପତି ସାହୁ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଚିକିତ୍ସାଧିକାରୀ ଡ. ସଞ୍ଜୀବ କୁମାର ଦାଶ, ପିଏଚଇଓ ଝସକେତନ ଧରାଇ ଏବଂ ଏବିଇଓ ପ୍ରଫୁଲ୍ଲ କୁମାର ନନ୍ଦ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃମି ଦିବସର ଉପକାରିତା ବିଷୟରେ ଆଲୋଚନା କରିଥିଲେ । ବ୍ଲକର ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ନୋଡାଲ ଶିକ୍ଷକ ଏଥିରେ ଉପସ୍ଥିତ ଥିଲେ । ପରେ ପିଏଚଇଓ ଧରାଇ କୋମଳମତି ଛାତ୍ରୀଛାତ୍ରମାନଙ୍କୁ କିଭଳି ଭାବେ କୃମି ନାଶକ ଔଷଧ ଖୁଆଯିବ ସେ ନେଇ ପ୍ରକ୍ରିୟା ମାନ ଶିଖାଇଥିଲେ ।

## ଶିବ ପୁରାଣ ଉଦ୍ଯାପିତ

ଗାଇସିଲେଟ, ୫।୮(ଡି.ଏନ.ଏ)

ପବିତ୍ର ଶ୍ରାବଣ ମାସରେ ଭଗବାନ ମହାଦେବଙ୍କ ଶିବ ପୁରାଣ ପାରାୟଣ ରାଧାକୃଷ୍ଣ ମନ୍ଦିରରେ ଉଦ୍ଯାପିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଭାରତ ଦାଶ ତାଙ୍କ ସ୍ତ୍ରୀ ପୁଷ୍ପାଞ୍ଜଳି ଦାଶ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ବଲାଙ୍ଗୀରର ଇପ୍ସିତ ମିଶ୍ର ବ୍ୟାସ କାର୍ଯ୍ୟ ସମ୍ପାଦନ କରିଥିଲେ। ସତ୍ୟଭାମା ଦାଶଙ୍କ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

ଗାଇସିଲେଟ,୫।୮(ଡି.ଏନ.ଏ)

ଗାଇସିଲେଟ ରାଜୀବ ଗାନ୍ଧୀ ଭବନରେ ବରଗଡ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୮୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରେ ୩୦ଟି ସାମୂହିକ ଏବଂ ୫୭ଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ଗାଇସିଲେଟରେ ସମସ୍ତ ପ୍ରକାର ସୁବିଧା ଥାଇ ମଧ୍ୟ ପାନୀୟ ଜଳ ସମସ୍ୟା ଦେଖାଦେଇଛି । ସେହିପରି ନେଟ କନେକ୍ସନ ଅସୁବିଧା ଯୋଗୁ ଅଞ୍ଚଳର ଅନେକ ଚାଷୀ କୃଷିବୀମା କରିପାରିନାହାନ୍ତି । ତେଣୁ କୃଷିବୀମା ଅବଧି ବଢାଇବାକୁ ଚାଷୀମାନେ ଅଭିଯୋଗ କରିଥିଲେ । ଡାକ୍ତରଖାନାରେ ଡାକ୍ତର ଅଭାବ, ତାଲପାଲି ଉଚ୍ଚବିଦ୍ୟାଳୟରେ କୋଠରୀ ଅଭାବ ଆଦି ଅଭିଯୋଗମାନ ହୋଇଥିଲା। ଏହି ଶିବିରରେ ଏସ୍‌ପି ମୁକେଶ କୁମାର ଭାମୁ, ଉପଜିଲାପାଳ ତନ୍ମୟ ଦରୱାନ, ଡିଏସପି ପ୍ରଦୀପ କୁମାର ସାହୁ, ବିଡିଓ ଆଦିତ୍ୟ କୁମାର ପଣ୍ଡା, ତହସିଲଦାର ପୁଷ୍କର ପଧାନ ତଥା ଜିଲା ଓ ସବଡିଭିଜନ ସ୍ତରର ଅଧିକାରୀମାନେ ଯୋଗ ଦେଇଥିଲେ ।



ଜିଲାପାଳ ଅଭିଯୋଗଗୁଡିକର ଶୁଣାଣି କରୁଛନ୍ତି ।

## କୃମି ନାଶକ ଦିବସ ତାଲିମ କାର୍ଯ୍ୟକ୍ରମ

ଭେଡ଼େନ,୫।୮(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ସଭାଗୃହରେ ସୋମବାର ଅପରାହ୍ନରେ କୃମି ନାଶନ ଦିବସ ପାଳନ ପାଇଁ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଆସନ୍ତା ୮ ତାରିଖରେ ବ୍ଲକର ସମସ୍ତ ୧ରୁ ୧୬ ବର୍ଷର ଶିଶୁ ମାନଙ୍କୁ କୃମି ନାଶକ ବଟିକା ବିତରଣ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଭେଡ଼େନ ବିଇଓ ମଛିନ୍ଦ୍ର ମଲିକଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଡାକ୍ତରଖାନା ଇନଚାର୍ଜ ଡ଼. ଶୁଶାନ୍ତ କର, ଏବିଇଓ ହେମବତୀ ମେହେର, ପିଏଚଇଓ ବିହାରୀ ବାରିକ, ଡ଼. ମିଥୁନ ମେହେର, ଡ଼. ପ୍ରଶାନ୍ତ କୁମାର ପଣ୍ଡା, ଡ଼. ମୁକେଶ କୁମାର ଥଇତଙ୍କ ସମେତ ସମସ୍ତ ସିଆରସିସି ତଥା ପ୍ରଧାନ ଶିକ୍ଷକ ଯୋଗ ଦେଇଥିଲେ । ଶିକ୍ଷା, ସ୍ୱାସ୍ଥ୍ୟ ତଥା ମହିଳା ଶିଶୁ ବିକାଶ ବିଭାଗର ମିଳିତ ଆୟୋଜନରେ ଏହି କୃମି ବଟିକା ବିତରଣ କରାଯିବ।

## ଥାନା ପରିସରରୁ ମୟୂର ଉଦ୍ଧାର



ଥାନା ପରିସରରୁ ଉଦ୍ଧାର ହୋଇଥିବା ମୟୂର ।

ଭଟଲି,୫।୮(ଡି.ଏନ.ଏ)

ଭଟଲି ଥାନା ପରିସରରୁ ସୋମବାର ଏକ ମାଈ ମୟୂରକୁ ଉଦ୍ଧାର କରାଯାଇଛି। ଭଟଲି ପୋଲିସ ଠାରୁ ଖବର ପାଇବା ପରେ ରେଞ୍ଜର ଫରେଷ୍ଟର ଲେକୃ ପାଣ୍ଡେ ସଦଳବଳ ଥାନାକୁ ଯାଇ ଉକ୍ତ ମୟୂରକୁ ଉଦ୍ଧାର କରିଥିଲେ । ମୟୂରକୁ ଉଦ୍ଧାର ପରେ ବାରପାହାଡ଼ ଅନ୍ତର୍ଗତ ଦେବୁଆଁ ସଂରକ୍ଷିତ ଜଙ୍ଗଲରେ ଛାଡ଼ି ଦିଆଯାଇଥିବା ଜଙ୍ଗଲ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମୟୂର କେଉଁଠୁ ଥାନା ପରିସରକୁ ଆସିଲା ତାହା ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଉକ୍ତ ମୟୂରଟି ଦିନ ୧୨ଟାରେ ଥାନା ପରିସରରେ ବୁଲୁଥିବା ପୋଲିସ କର୍ମଚାରୀ ଦେଖିବାକୁପାଇଥିଲେ। ପରେ ଭଟଲି ବନ ବିଭାଗକୁ ଖବର ଦେଇଥିଲେ ।

## ନୂତନ ଗ୍ରାମପଞ୍ଚାୟତ ପାଇଁ ମନ୍ତ୍ରୀଙ୍କୁ ଭେଟିଲେ ଜନପ୍ରତିନିଧି

ଭେଡ଼େନ,୫।୮(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଅନ୍ତର୍ଗତ ଅର୍ଏଁଲାପାଲି ଗ୍ରାମପଞ୍ଚାୟତକୁ ବିଭାଜନ କରି ନୂତନ ଗ୍ରାମପଞ୍ଚାୟତ ଗଠନ କରିବା ପାଇଁ ଦାବି ଜୋର ଧରିଛି । ଏହି କ୍ରମରେ ସୋମବାର ଭେଡ଼େନ ବ୍ଲକ ବିଜେଡ଼ି ସଭାପତି ତଥା ପୂର୍ବତନ ଜିଲା ପରିଷଦ ସଭ୍ୟ ହରିଶଙ୍କର ବେହେରା, ପୂର୍ବତନ ସରପଞ୍ଚ ତୁଷବନ୍ତ ବେହେରା ପ୍ରମୁଖ ରାଜ୍ୟ ସଚିବାଳୟରେ ପଞ୍ଚାୟତି ରାଜ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଭେଟି ଦାବି ଜଣାଇବା ସହ ଶୀଘ୍ର ଏହି ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଛନ୍ତି । ଉଲ୍ଲେଖନୀୟ, ୬ଟି ରାଜସ୍ୱ ଗ୍ରାମ ତଥା ୨୦ଟି ପଡ଼ାଗ୍ରାମକୁ ନେଇ ଗଠିତ ଅର୍ଏଁଲାପାଲି ଗ୍ରାମପଞ୍ଚାୟତକୁ ବିଭାଜିତ କରି ନୂତନ ପଞ୍ଚାୟତ ଗଠନ କରିବାକୁ ବହୁଦିନରୁ ଦାବି ହୋଇଆସୁଛି। ଏ ନେଇ ଅଞ୍ଚଳବାସୀ ବିଡ଼ିଓଙ୍କ ଠାରୁ ଆରମ୍ଭ କରି ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ସ୍ଥାନୀୟ ବିଧାୟିକା ତଥା ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଏ ନେଇ ପଞ୍ଚାୟତିରାଜ ବିଭାଗକୁ ପତ୍ର ମାଧ୍ୟମରେ ଦାବି ଜଣାଇଛନ୍ତି ।

## ତାଲିମପ୍ରାପ୍ତ ମହିଳା କୃଷକଙ୍କୁ ପ୍ରମାଣପତ୍ର ବଣ୍ଟନ

ପାଇକମାଳ,୫।୮(ଡି.ଏନ.ଏ)

ପାଇକମାଳ ସ୍ଥିତ ନୃସିଂହନାଥ କଲ୍ୟାଣ ମଣ୍ଡପରେ ତାଲିମପ୍ରାପ୍ତ ମହିଳା କୃଷକଙ୍କୁ ସୋମବାର ପ୍ରମାଣପତ୍ର ବଣ୍ଟନ କରାଯାଇଛି । ଇନକ୍ଲୁସିଭ ଆକ୍ସନ ତରଫରୁ ଅନୁଷ୍ଠିତ ଏହି ଉତ୍ସବରେ ଡିପିଏମ ଶଙ୍କର ଚଲାଣ ସଭାପତିତ୍ୱ କରିଥିଲେ । ପାଇକମାଳ ବିଡିଓ ସଦାଶିବ ନାୟକ ମୁଖ୍ୟଅତିଥି, ଉଦ୍ୟାନ ବିଭାଗ ଅଧିକାରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ, ବିଭୁ ପ୍ରସାଦ ମିଶ୍ର, ସରୋଜ ସାମଲ, ବଡ ସତପଥୀ, ସୁରଥ ସାହୁ ପ୍ରମୁଖ ଯୋଗ ଚାଷୀଙ୍କ ବିକାଶ ଦିଗରେ ମହିଳାମାନେ ଆଗେଇ ଆସିବା ଦେଶ ପାଇଁ ଖୁସିର କଥା ବୋଲି କହିଥିଲେ । ସୁଧାଂଶୁ ଶେଖର ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସାମାଜିକ କର୍ମୀ ସୁମି ଭୋଇ ସଭା ପରିଚାଳନା କରିଥିଲେ। ଏଥିରେ ତାଲିମପ୍ରାପ୍ତ ୪୦୦ ମହିଳା ଯୋଗଦାନ କରିଥିଲେ । ଏମାନଙ୍କୁ ମୁଖ୍ୟ ଅତିଥି ନାୟକ ପ୍ରମାଣପତ୍ର ବଣ୍ଟନ କରିଥିଲେ । ଆଗମୀ ଦିନରେ ସମସ୍ତେ ନିଜ ନିଜ ଅଞ୍ଚଳରେ ଛତୁଚାଷ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଆନନ୍ଦ ସାହି, ସୋନୁ ସାହୁ ସହଯୋଗ କରିଥିଲେ । ସରୋଜ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଫାଟୁଆ ରୋଗର ମଳୋତ୍ପାଟନ ପାଇଁ ପ୍ରୟାସ ଜାରି ରହିଛି

ଅତାବିରା, ୫।୮ (ଡି.ଏନ.ଏ)

ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତ ଉଦେପୁର ଦୁଗ୍ଧ ଉତ୍ପାଦକ ସମିତି ପ୍ରାଙ୍ଗଣରେ ସୋମବାର ପ୍ରାଣୀ ସମ୍ପଦ ବିଭାଗ ତତ୍ତ୍ୱାବଧାନରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଣ୍ଡତୁରୁମ ପ୍ରାଣୀ ଅଧିକାରୀ (ଭିଏସ୍) ଟେକଧର ମେହେର, ଦେଶପର୍ଥଲା ପ୍ରାଣୀ ନିରୀକ୍ଷକ ଚିତ୍ତରଞ୍ଜନ ଦାଶ, ଗୋମିତ୍ର ବୃନ୍ଦାବନ ଜେନା, କୃତ୍ରିମ ପ୍ରଜନନକାରୀ ହୃଷିକେଶ ଖମାରୀ, ଦୁଗ୍ଧ ସମିତି ସମ୍ପାଦକ ମାନଭଞ୍ଜନ ଦନ୍ତା, କ୍ଷୀରୋଦ ପ୍ରଧାନ, ଦିଲୀପ ପ୍ରଧାନ, ସମିତି ସଭାପତି ଗିରିଧାରି ଭୋଇଙ୍କ ସମେତ ୪୦ରୁ ଉର୍ଦ୍ଧ୍ୱ ଗୋପାଳକ ଅଂଶଗ୍ରହଣ କରିଥିଲେ। ଭିଏସ ମେହେର ଉପସ୍ଥିତ ଦୁଗ୍ଧ ଚାଷୀଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, ଦେଶରେ ଯେପରି ପୋଲିଓ ରୋଗକୁ ମୂଳୋତ୍ପାଟନ କରାଯାଇଛି। ସେହିପରି ଗାଈ ଗୋରୁଙ୍କୁ ସଂକ୍ରମିତ ହୋଇ ଫାଟୁଆ ରୋଗ ବ୍ୟାପୁଛି । ଫାଟୁଆ ରୋଗର ମୂଳୋତ୍ପାଟନ କରିବାକୁ ପ୍ରାଣୀ ସମ୍ପଦ ବିଭାଗ ପ୍ରୟାସ ଜାରି ରଖିଛି । ଫାଟୁଆ, ଲହସା, ଆନ୍ଥ୍ରାକ୍ସ, ବଜବଜିଆ ଭଳି ସଂକ୍ରମିତ ହେଉଥିବା ରୋଗକୁ ମୂଳପ୍ରାଟନ କରିବା ପାଇଁ ଚାଷୀମାନେ ନିଜ ଗାଈ ଗୋରୁ, ମଇଁଷି, ବାଛୁରୀମାନଙ୍କୁ ପ୍ରତିଷେଧକ ଟିକା ଦେବାକୁ ସେ ପରାମର୍ଶ ଦେଇଥିଲେ। ମେହେର ଘାସ ଚାଷ ଉପରେ ଗୁରୁତ୍ୱ ଦେଇଥିଲେ । ଯେଉଁ ଚାଷୀ ଅଧ ଏକର ଘାସ ଚାଷ କରିବେ ୬ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରିବା ବ୍ୟବସ୍ଥା ରହିଛି । ପ୍ରତ୍ୟେକ ଗୋପାଳକ ଗାଈ ଗୋରୁଙ୍କୁ ପ୍ରତିଷେଧକ ଟିକା, ବୀମା, କୃମିନାଶକ, ମିନେରାଲ ମକ୍ସର ଦେବାକୁ ସେ ପରାମର୍ଶ ଦେଇଥିଲେ । ଶେଷରେ ଦେଶପର୍ଥଲା ପ୍ରାଣୀ ଚିକିତ୍ସା କେନ୍ଦ୍ରର ପ୍ରାଣୀ ନିରୀକ୍ଷକ ଚିତ୍ତରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

■ ସଫଳ ଚାଷୀ ଡୋଲାମଣି ରଣା

# ଛତୁଚାଷ ଦେଇଛି ରୋଜଗାର

ଗଣ୍ଡତୁରୁମ, ୫।୮ (ଡି.ଏନ.ଏ)

ନାଁ ତାଙ୍କର ଡୋଲାମଣି ରଣା । ବୟସ ୪୨ ବର୍ଷ । ଘର ବରଗଡ ଜିଲା ଭେଡେନ ବ୍ଲକ ମହୁଲପାଲି ପଞ୍ଚାୟତ ଭାଙ୍ଗକୁଦ ଗ୍ରାମରେ। ନିଜର ପୈତୃକ ୩ ଏକର ଜମି । ଏଥିରେ ୧ ଏକର ଜମି ପଡିଆ। ଅବଶିଷ୍ଟ ୨ ଏକର ଜମି ହୀରାକୁଦ ସେଚାଞ୍ଚଳ ହୋଇଥିବା ବେଳେ ତଳ ମୁଣ୍ଡରେ ଧାନ ଚାଷ କରୁଥିଲେ । ମାତ୍ର ଭଲ ଅମଳ ନ ହେବାରୁ ନିଜର ପୁଅ, ଝିଅ ଏବଂ ସ୍ତ୍ରୀଙ୍କୁ ନେଇ ଚାରି ପ୍ରାଣୀ କୁଟୁମ୍ବ ପରିପୋଷଣ କରିବା କଷ୍ଟ ସାଧ୍ୟ ହୋଇ ପଡୁଥିଲା । ଗୋଟିଏ ପଟରେ ଖାଇବା ପିଇବା ସହିତ ପିଲାଙ୍କ ପାଠ ପଢ଼ା ଖର୍ଚ୍ଚ ନିଅଣ୍ଟ ପଡୁଥିଲା । ସେ ସୋନପୁର ଜିଲା ବିନିକା ବ୍ଲକ ବାର୍କିଘିଡି ଗ୍ରାମକୁ ଯାଇ ତାଙ୍କ ସମ୍ପର୍କୀୟ ଛତୁ ଚାଷ କରି ବେଶ୍ ଦୁଇ ପଇସା ରୋଜଗାର କରୁଥିବା ଜାଣିବାକୁ ପାଇଲେ । ଏହାପରେ ସେ ଛତୁଚାଷ ବିଷୟରେ ସମସ୍ତ ତଥ୍ୟ ଜାଣି ନିଜେ ଛତୁ ଚାଷ ଆରମ୍ଭ କଲେ । ପ୍ରଥମରେ ନିଜର କଷ୍ଟୋପାର୍ଜିତ ଧାନ ବିକ୍ରି ଟଙ୍କାରେ ନଡା, ବେସନ, ଘର, ବାଉଁଶ, ପଲିଥିନ, ଗହମ କିଣିଥିଲେ। ପରେ ବିହନ, ଚୂନ, ବାଭେଷ୍ଟିନ, ଫର୍ମାଲିନ, ପଲିଥିନ କିଣି ଛତୁ ଚାଷ ଆରମ୍ଭ କରିଥିଲେ । କିନ୍ତୁ ପ୍ରଥମ ବର୍ଷ କୌଣସି କାରଣରୁ ଗୋଟିଏ ବି ଛତୁ ଫୁଟିଲା ନାହିଁ । କିନ୍ତୁ ସେ ହାର୍ ମାନିଲେ ନାହିଁ। ପର ବର୍ଷ ସେ ଉପଯୁକ୍ତ ପରାମର୍ଶରେ ପୁଣି ଛତୁ ଚାଷ ଆରମ୍ଭ କରି ରୋଜଗାରର ବାଟ ଫିଟାଇଥିଲେ। ସେ ତାଙ୍କର ପଡିଆ ଜମିରେ ଘର କରି ଦୈନିକ ୨୦ରୁ ୩୦ କେଜି ପର୍ଯ୍ୟନ୍ତ ଛତୁ ଉତ୍ପାଦନ କରୁଛନ୍ତି । ସେ ଏହାକୁ ଆଖପାଖ ବଜାରକୁ ନେଇ କେଜି ପ୍ରତି ୨୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରୁଛନ୍ତି । ଏହି କାମରେ ତାଙ୍କୁ ସ୍ତ୍ରୀ କୁନ୍ତି ଓ ଦୁଇ ଜଣ ଶ୍ରମିକ ସହଯୋଗ କରୁଛନ୍ତି। ଛତୁ ଚାଷକୁ ଆହୁରି ବ୍ୟାପକ କରିବା ପାଇଁ ଅଧିକ ଅର୍ଥ ଆବଶ୍ୟକ ଥିବାରୁ ସେ ବିଭିନ୍ନ ବ୍ୟାଙ୍କ, ଲ୍ୟାମ୍ପର ଦ୍ୱାରସ୍ଥ ହୋଇ ନିରାଶ ହୋଇଛନ୍ତି । କୃଷି ବିଭାଗ ତରଫରୁ କୌଣସି ସହାୟକ ମିଳିଲେ ଛତୁ ଚାଷକୁ ବ୍ୟାପକ କରି ଉଦାହରଣ ସୃଷ୍ଟି କରି ପାରନ୍ତେ ବୋଲି ଡୋଲାମଣି କହିଛନ୍ତି ।



ନିଜ ଛତୁ ଫାର୍ମରେ ଡୋଲାମଣି ।

# ୨୦୧୯ ଜୁଲାଇ ସର୍ବାଧିକ ଉତ୍ତପ୍ତ ମାସ



ପ୍ୟାରିସ,୫।୮: ୨୦୧୯ ଜୁଲାଇରେ ରେକର୍ଡ ମାତ୍ରାର ଗରମ ଅନୁଭୂତ ହୋଇଥିବା ୟୁରୋପୀୟ ୟୁନିୟନ୍‌ର ସାଟେଲାଇଟ୍ ଭିତ୍ତିକ ଆର୍ଥ ଅବଜରଭେସନ୍ ନେଟ୍‌ୱର୍କକୁ ସୂଚନା ମିଳିଛି। ଏହି ତାପମାତ୍ରା ଭବିଷ୍ୟତରେ ମଧ୍ୟ ଜାରି ରହିବ ବୋଲି କୁହାଯାଇଛି। ଆଲାସ୍କା, ଗ୍ରୀନ୍‌ଲାଣ୍ଡ, ସାଇବେରିଆ, ସେଣ୍ଟ୍ରାଲ ଏସିଆ, ଇରାନ ଏବଂ ଆଣ୍ଟାର୍କଟିକାର ବିସ୍ତୃତ ଅଞ୍ଚଳର ତାପମାତ୍ରାର ହାରାହାରି ପରିମାପକକୁ ହିସାବକୁ ନେଇ ଏହା ଜଣାପଡ଼ିଥିବା କୋପରନିକସ୍ ରିପୋର୍ଟରୁ ଜଣାପଡ଼ିଛି। ସାଇବେରିଆ ଓ ଆଲାସ୍କାର ଜଙ୍ଗଲରେ ନିଆଁ ଲାଗିବା ଯୋଗୁ ୧୦୦ ନିୟୁତ ଟନ୍ ଅଙ୍ଗାରକାମ୍ଳ ବାୟୁମଣ୍ଡଳରେ ମିଶିଛି। ଏଥିଯୋଗୁ ପ୍ରତିଦିନ ଗ୍ରୀନ୍‌ଲାଣ୍ଡର କୋଟି କୋଟି ଟନ୍ ବରଫ ତରଳି ସମୁଦ୍ରରେ ମିଶୁଛି ଆଫ୍ରିକା ଓ ଅଷ୍ଟ୍ରେଲିଆରେ ମଧ୍ୟ ହାରାହାରି ତାପମାତ୍ରା ବୃଦ୍ଧି ପାଉଛି। ୨୦୧୬ ଜୁଲାଇ ସବୁଠୁ ଉତ୍ତପ୍ତ ମାସ ରେକର୍ଡ କରାଯାଇଥିବାବେଳେ ୨୦୧୯ ଜୁଲାଇରେ ବିଶ୍ୱର ହାରାହାରି ତାପମାତ୍ରା ୦.୦୪ ଡିଗ୍ରୀ ସେଲସିୟସ୍ (୦.୦୭୨ ଫାରେନହାଇଟ୍) ବୃଦ୍ଧି ପାଇଛି।

# ମାନବ ସଭ୍ୟତାର କଳାଦିନ ହିରୋଶିମା ଦିବସ

ଟୋକିଓ,୫।୮

ପ୍ରତିବର୍ଷ ଅଗଷ୍ଟ ୬ରେ ହିରୋଶିମା ଦିବସ ପାଳନ କରାଯାଏ। ୧୯୪୫ ଅଗଷ୍ଟ ୬ରେ ଜାପାନର ହିରୋଶିମା ସହର ଉପରେ ଆମେରିକା ଆଣବିକ ବୋମା ନିକ୍ଷେପ କରିଥିଲା। ପ୍ରଥମ ଥର ପାଇଁ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଏହି ବୋମା ବ୍ୟବହାର କରାଯାଇଥିଲା। ଏହାର ଠିକ୍ ୩ ଦିନ ପରେ ଜାପାନର ଅନ୍ୟତମ ସହର ନାଗାସାକୀ ଉପରେ ଆଉ ଏକ ଆଣବିକ ବୋମା ପକାଯାଇଥିଲା। ଲାଗ୍ ଲାଗ୍ ଦୁଇଥର ପରମାଣୁ ବୋମା ଆକ୍ରମଣ ହିଁ ଦ୍ୱିତୀୟ ବିଶ୍ୱଯୁଦ୍ଧର ପରିସମାପ୍ତି ଘଟାଇଥିଲା। ଅଗଷ୍ଟ ୬କୁ ମାନବ ସଭ୍ୟତାର କଳାଦିବସ ଭାବେ ଅଭିହିତ କରାଯାଇଛି। ସେହି କରୁଣ ସ୍ମୃତିକୁ ଜାଗ୍ରତ



ରଖିବା ପାଇଁ ପ୍ରତିବର୍ଷ ଜାପାନର ଆଇଚେ ସ୍କୋୟାରରେ ଯୁଦ୍ଧ ବିରୋଧୀ ସଂଗଠନ ଗାଲଗ୍ରେ ଆଲିଆନ୍ସ ଦ୍ୱାରା ବାର୍ଷିକ ଉତ୍ସବ ଆୟୋଜିତ ହେଉଛି। ଏଥିସହିତ ଦେଶବିଦେଶ ମଧ୍ୟରେ ଶାନ୍ତିପୂର୍ଣ୍ଣ ରାଜନୀତି ବଜାୟ ରଖିବା ପାଇଁ ନୃତ୍ୟ ସଂଗୀତ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହେଉଛି। ଆମେରିକାର ବି-୨୯ ବୋମାବର୍ଷୀ ବିମାନରୁ 'ଲିଟିଲ ବଏ' ନାମକ ଯେଉଁ ପରମାଣୁ ବୋମା ହିରୋଶିମା ଉପରେ ନିକ୍ଷେପ ହୋଇଥିଲା, ଏହି ବିସ୍ଫୋରଣର ମାତ୍ରା ଏତେ ବ୍ୟାପକ ଥିଲା ଯେ, ସହରର ୯୦ ପ୍ରତିଶତ ଅଞ୍ଚଳ ଧ୍ୱଂସସ୍ତୂପରେ ପରିଣତ ହୋଇଥିଲା। ଘଟଣାସ୍ଥଳରେ ହିଁ ୮୦,୦୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ୩୫,୦୦୦ ଲୋକ ବିକଳାଙ୍ଗ ହୋଇଯାଇଥିଲେ। ଆହତ ବ୍ୟକ୍ତିଙ୍କ ଉପରେ ପଡ଼ିଥିବା ମାରାତ୍ମକ ବିକିରଣ ପ୍ରଭାବରୁ ଏବେ ମଧ୍ୟ ସେଠାରେ ଜନ୍ମ ହେଉଥିବା ଶିଶୁମାନେ ବିକଳାଙ୍ଗ ହୋଇ ଜନ୍ମ ହେଉଛନ୍ତି। ଅଗଷ୍ଟ ୯ରେ 'ଫ୍ୟାଟ ମ୍ୟାନ୍' ନାମକ ଆଉ ଏକ ପରମାଣୁ ବୋମା ଜାପାନର ନାଗାସାକୀ ସହର ଉପରେ ନିକ୍ଷେପ କରାଯାଇଥିଲା। ଫଳସ୍ୱରୂପ ଜାପାନ ସମ୍ରାଟ ହିରୋହିଟୋ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ନିଃସର୍ତ୍ତ ଆତ୍ମସମର୍ପଣ ଘୋଷଣା କରିଥିଲେ। ସେବେଠାରୁ ଆଣବିକ ବୋମା ଆଉ କୌଣସି ଜନବସତି ଅଞ୍ଚଳରେ ନିକ୍ଷେପ କରାଯାଇ ନାହିଁ। ଏଥିପାଇଁ ଜାପାନ ଲୋକେ ଯେଉଁ ଅପୂରଣୀୟ କ୍ଷତି ସହିଥିଲେ ତାହା ଭାଷାରେ ବର୍ଣ୍ଣନା କରାଯାଇପାରିବ ନାହିଁ।

# କରନ ଦେଓଲଙ୍କ ଫିଲ୍ମର ଟିଜର ରିଲିଜ

ମୁମ୍ବାଇ: ବଲିଉଡ୍ ଅଭିନେତାରୁ ରାଜନେତା ପାଲଟିଥିବା ସନି ଦେଓଲଙ୍କ ପୁତ୍ର କରନ ଦେଓଲଙ୍କ ଅଭିନୀତ ଫିଲ୍ମ 'ପଲ୍ ପଲ୍ ଦିଲ୍ କେ ପାସ୍'ର ଟିଜର ରିଲିଜ୍ ହୋଇଛି। ଏହା କରନଙ୍କର ଡେବ୍ୟୁ ଫିଲ୍ମ ହୋଇଥିବା ବେଳେ ଏଥିରେ କରନଙ୍କ ସହ ଅଭିନେତ୍ରୀ ସାହିର ବାମ୍ବା। ଉଭୟଙ୍କର ଏହା ଡେବ୍ୟୁ ଫିଲ୍ମ। ପୂର୍ବରୁ ଏହାର କିଛି ପୋଷ୍ଟର ସାମ୍ନାକୁ ଆସିଥିବା ବେଳେ ଏବେ ଏହାର ଟିଜର ଦେଖିବାକୁ ମିଳିଛି। ଏଥିରୁ ଅନୁମାନ କରାଯାଉଛି, କରନଙ୍କ ଅଭିନୟରେ ନିଶ୍ଚିତ ଭାବେ କିଛି ଯାଦୁ ଅଛି ଯାହା ଦର୍ଶକଙ୍କୁ ବାନ୍ଧି ରଖିବ। ସନିଙ୍କ ପରେ ଏବେ ଦର୍ଶକଙ୍କର ଭରସା ରହିଛି କରନଙ୍କ ଉପରେ। ସେ ନିଜ ପିତାଙ୍କ ଭଳି ଦର୍ଶକଙ୍କୁ ଖୁବ୍ ମନୋରଞ୍ଜନର ଖୋରାକ ଯୋଗାଇବେ ବୋଲି ଆଶା କରାଯାଉଛି। ତେବେ ଫିଲ୍ମ 'ପଲ୍ ପଲ୍ ଦିଲ୍ କେ ପାସ୍' ଆସନ୍ତା ସେପ୍ଟେମ୍ବର ୨୦ରେ ରିଲିଜ୍ ହେବାର ଅଛି।




## PARADIP PORT TRUST
### CORRIGENDUM-III

TO E-Tender Call Notice NO. EM/MM/PE/04/2019/1905TDR106 Dt. 30/05/2019 for Supply of Portable DG Set & Battery Charger. The due date of submission of Tender & opening of EMD Bid is hereby further extended as below. 1. Last Date of submission of tender up to 5.00 PM of Dt. 07/08/2019. 2. Opening of EMD Bid at 3.30 PM of Dt. 09/08/2019. All other terms and conditions in the original tender remained unaltered. For details, log on to our website https://eprocure.gov.in/eprocure/app or contact the office of the Undersigned.

Sd/- Sr. Dy. Material Manager

PPT/PR/247/19-20 Dt. 05.08.2019

## ODISHA HYDRO POWER CORPORATION LIMITED.
BALIMELA HYDRO ELECTRIC PROJECT:POST: BALIMELA: DIST: MALKANGIRI (ODISHA): PIN: 764 051.
Phones: 06861-232581(0) / 232641(R),FAX – 06861-232541. E mail- unit.head_balimela@yahoo.com

NOTICE INVITING TENDER NO:/BHEP/DE-III/ 22 /2019-20 DTD- 02.08.2019

Invites percentage rate bids in double cover system for below mentioned work through e-tender as detailed below. The bids shall be submitted online only at https://tendersodisha.gov.in by eligible class of contractors registered with the state government and contractors of equivalent grade / class registered with central Government/ Railways having valid registration number for execution of the following works. The bidders shall have necessary Portal Enrolment with his / her own digital signature certificate.

| Sl.No. | Name of Work | Estimated cost in Rs. | EMD in Rs. | Cost of bid documents in Rs. | Period of Completion |
|---|---|---|---|---|---|
| 1 | ANNUAL MAINTENANCE CONTRACT OF CIVIL WORKS OF RESIDENTIAL & NON RESIDENTIAL BUILDINGS OF BHEP, BALIMELA | 15,00,611/- | 15,100/- | 6000/- + GST @ 18% = 7080/- | 365 days |

Date & Time of availability of bid document in the portal: From 11.00 Hrs of 05.08.2019 To 19.08.2019 (up to 16.00 Hrs)
Last date& Time for submission of bid: 19.08.2019 (Up to 16.00 Hrs)
The date & Time of opening of the bid: 12.30P.M onwards of 21.08.2019 (Only Technical bid)

Further details can be seen from the e-procurement portal https://tendersodisha.gov.in

No. CAD-274

04019/11/0028/1920 Unit Head, BHEP, Balimela

## DISTRICT EDUCATION OFFICE, KORAPUT
Phone No.06852-250305
E.Mail: ciofschoolskpt@gmail.com

### NOTIFICATION

No.4125 Dated : 02.08.19

No.30-n :- The verification of documents and performance test of the candidates applied for the post of Contractual Jr. Clerk Cum Accountants in all Odisha Adarsha Vidyalayas of Koraput District in response to this office Advertisement No.2227/RMSA dtd.26.03.2016 is scheduled to be held on 19.08.2019 at District Project Office, Samagra Sikshya, Koraput near Collectorate at 09.00 A.M. The Provisional list of candidates shortlisted for the said purpose is published in the district website i.e. www.koraput.nic.in for information of all concerned.

Sd./-
District Education Officer
Koraput

27043/11/0003/1920

## idco ODISHA NEW OPPORTUNITIES
ODISHA INDUSTRIAL INFRASTRUCTURE DEVELOPMENT CORPORATION (A Government of Odisha Undertaking) IDCO Towers, Janpath, Bhubaneswar - 751022

OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR.
Tender Call Notice No. H.O./P&C/EST-E-944/04/2013-14/13328 Dated: 01.08.2019

### NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

Name of the Work : Supply, installation, testing and commissioning of Audio Video system for 1st floor (Conference hall) and 6th floor (Auditorium hall) of Aranya Bhawan, Bhubaneswar.

| Procurement Officer | Bid Identification No. | Availability of Tender on-Line for Bidding From | To |
|---|---|---|---|
| 1 | 2 | 3 | 4 |
| CGM (P&C), IDCO, IDCO Towers, Janpath, Bhubaneswar | Bid ID. No. P&C/ EST-E-09/2019-20 | 12.00 Hours of Dt. 09.08.2019 | 17.00 Hours of Dt.24.08.2019 |

Further details can be seen from the e-Procurement Portal. www.tendersodisha.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO Website.

Sd/-
Chief General Manager (P&C)
IDCO, Bhubaneswar

## ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ଶିକ୍ଷା ଅଧିକାର-ସମଗ୍ର ଶିକ୍ଷା, ନବରଙ୍ଗପୁର

ନଂ.୧୩୬୬/୧୯ ତା ୦୩।୦୮।୧୯୦୧୯

ଏତଦ୍ୱାରା ସମସ୍ତ ପିତାମାତା ଓ ଅଭିଭାବକମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସରକାରୀ ବିଦ୍ୟାଳୟରେ ଅଧ୍ୟୟନରତ ଥିବା ସମସ୍ତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ସମସ୍ତ ବାଳକ ବାଳିକାମାନଙ୍କୁ ଉଭୟ ଦୁଇ ହଳ ପୋଷାକ ଏବଂ ଗୋଟିଏ ହଳ ଜୋତା କିଣିବା ନିମନ୍ତେ ନୋଟ ପ୍ରତି ପିଲାପିଛା ଟ.୬୦୦/-... ବିଦ୍ୟାଳୟ ପରିଚାଳନା କମିଟିଙ୍କୁ ଦିଆଯିବ... ବିଦ୍ୟାଳୟ ସହଯୋଗ କରିବା ଏବଂ ଶିକ୍ଷା ବିଭାଗକୁ ସହଯୋଗ କରିବା ପାଇଁ ଏକାନ୍ତ କାମ୍ୟ।

ସ୍ୱା./- ଜିଲ୍ଲା ପ୍ରକଳ୍ପ ସଂଯୋଜକ
ଶିକ୍ଷା ଅଧିକାର-ସମଗ୍ର ଶିକ୍ଷା, ନବରଙ୍ଗପୁର

## TENDER CALL NOTICE

No.190-E :- Sealed tenders are invited from the reputed registered Manufacturers/Authorized Distributors / Dealers / for supply of Lab items to College of Nursing, SCB Medical College Hospital Cuttack. The detailed of tender papers alongwith terms and conditions can be obtained from Central Store Section, Office of the Superintendent SCB Medical College Hospital, Cuttack during office hours from 11 AM to 4 PM on all working days on payment of Rs.500/- (Rupees Five hundred ) only in the Accounts Section and also obtained from website i.e. http://www.scbmch.nic.in from Dt 07.08.19 to 28.08.19 .The tender paper should be reached in the office of the undersigned through Speed Post / Regd. Post only. The authority reserves the right to cancel or reject any or all the tenders without assigning any reason thereof.

Sd./- Superintendent
SCB Medical College Hospital
Cuttack

10011/11/0008/1920

## OFFICE OF THE NOTIFIED AREA COUNCIL, KHARIAR ROAD
e-mail nackhrd@rediffmail.com
Phone- 06678-221239

No.2551 Dt: 03.08.19

### NOTICE INVITING EXPRESSION OF INTEREST (EOI)

Expression of interest (EOI) invited from reputed firms / Technical Institution / Specified experts for field survey, suitable feasibility test, Soil bearing capacity, study of required data as per OPWD and related guideline governing stipulation for preparation of the Detailed Project Report(DPR) including plan, site map, detailed drawing, structural design, estimate in respect of construction of Model crematorium & smart park to be executed in Notified Area Council, Khariar Road. Dist.-Nuapada, Pin-766104, Odisha through Regd. Post / Speed Post only on or before dt.26.08.2019 by 4.00 P.M. The bid documents are to be downloaded from the official website of Nuapada District i.e. www.nuapada.nic.in from dt.05.08.2019 to 20.08.2019 up to 5.00 P.M.

The bid will be opened on dt.27.08.2019 at 3.30 P.M. in presence of the bidders or their authorized representative. The Undersigned reserves the right to accept or reject any or all tender without assigning any reason thereof.

Sd./- Executive Officer
NAC, Khariar Road

## DISTRICT EDUCATION OFFICE, KORAPUT
At- Paraja Street, Po/Dist.- Koraput
Phone No.06852-250305 E.Mail.ID- ciofschoolskpt@gmail.com

### TENDER CALL NOTICE

No.4099 /OAV Date : 01.08.2019

No.31-n :- Sealed tenders in plain paper are invited from the intending reputed registered Firms / Suppliers / EP & M Rate Contract Holders for supply of different items / articles for 14 number of Odisha Adarsha Vidyalayas of Koraput District. The interested bidders / EP & M Rate Contract Holders may submit their tender documents complete in all respect alongwith EMD, non-refundable tender paper cost and their requisite documents on or before 20. 08. 2019 up to 5 P.M. addressing to the District Education Officer, Koraput, At- Paraja Street, Po/Dist. Koraput, PIN-764020 by Registered post / Speed post only. The tender paper shall be opened on 21. 08. 2019 at 02.30 P.M. The other details like terms and conditions, general instruction for bidders etc. is available in the website www.koraput.nic.in

By Order of Collector, Koraput
Sd./- District Education Officer
Koraput

27043/11/0004/1920

## OFFICE OF THE ENGINEER-IN-CHIEF (CIVIL), ODISHA
NIRMAN SOUDHA, UNIT-V, BHUBANESWAR
INVITATIONS FOR BIDS (IFB)
E-mail ID: cebuildings_orissa@yahoo.co.in
cebuildings@rediffmail.com, Tel. -(0674)- 2391523

No.93-B Fax:- (0674)-2395245

File No-B-IV-H-ALMC- 03/2019, Lr. No.- 32917 /
Bhubaneswar, the 5th Aug. 2019

Invitation for Bids

Bid Identification No. CE (B) – 04 / 2019-20

| | | |
|---|---|---|
| 1. | The Chief Engineer (Buildings) Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for Construction of Building works as detailed below. | |
| 2. | Nature of work | Building works |
| 3. | No. of work | 01 No. |
| 4. | Bid Cost. | Rs.10,000/- (each) |
| 5. | Class of Contractor | Super Class/Special Class (As applicable) |
| 6. | Availability of Bid Documents in the website | From dt.09.08.2019 to 17.00 Hours of dt.27.08.2019 |
| 7. | Date of Opening of Bid | Dt. 30.08.2019 at 11:30 A.M. |
| 8. | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | |

Sd./- Chief Engineer (Buildings)
Odisha, Bhubaneswar

34117/11/0014/1920

See Career Appointment on every Wednesday & Saturday

## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ନୂଆଗାଁ
### ବିଜ୍ଞାପନ

ପତ୍ର ସଂଖ୍ୟା: ୧୬୯୩ ତାରିଖ: ୦୨।୦୮।୨୦୧୯

ଏତଦ୍ୱାରା ନୂଆଗାଁ ପଞ୍ଚାୟତ ସମିତିର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ୨୦୧୮-୧୯ ଆର୍ଥିକ ବର୍ଷରେ ପଞ୍ଚାୟତ ସମିତି, ଗ୍ରାମପଞ୍ଚାୟତ ଏବଂ ଅନ୍ୟାନ୍ୟ ବିଭାଗ ଦ୍ୱାରା ... ସାମାଜିକ ସମୀକ୍ଷା (Social Audit) ... ସାମାଜିକ ସମୀକ୍ଷାର କାର୍ଯ୍ୟସୂଚୀ

| କ୍ର.ନଂ. | ଗ୍ରାମପଞ୍ଚାୟତର ନାମ | ଦିନ ... | ସାମାଜିକ ସମୀକ୍ଷା ... | ... | ... | ... | ... |
|---|---|---|---|---|---|---|---|
| [illegible] | | | | | | | |

ଉକ୍ତ ତାରିଖରେ ସାମାଜିକ ସମୀକ୍ଷା ... ସହଯୋଗ କରିବାକୁ ଅନୁରୋଧ କରାଯାଉଛି।

ସ୍ୱା./- ମଣ୍ଡଳ ଉନ୍ନୟନ ଅଧିକାରୀ, ନୂଆଗାଁ

## OFFICE OF THE COLLECTOR & DISTRICT MAGISTRATE, KEONJHAR
(ST & SC DEVELOPMENT DEPARTMENT)

### TENDER CALL NOTICE (SCHOOL UNIFORM)

No.2090 / Wel. Dt. 05.08.2019

Sealed tenders in the prescribed tender paper are invited from the authorized dealer / Distributor / specific manufactures / Wholesale cooperative stores/ WSHG for supply of School Uniform (both for Boys (Blue full pant/ half sleeve white shirt) & Girls' (White Salwar/ Blue Kameez/ White Duppata)), Belt, Badge, Black School Shoes with Socks (Reputed Brand) for ST & SC students reading in Class- IX to XII in the ST & SC Development Department Schools of Keonjhar District. The Tender is to be receive through Registered Post / Speed post only with subscription of items to be supplied on the head of envelope on or before 26.08.2019 at 5.00 PM in the office of the District Welfare Officer, Keonjhar which will be opened on 27.8.2019 at 4.00 PM in the DRDA Conference Hall, Keonjhar. The rate should be inclusive of all taxes and transportation cost to the school point. The details of subject of Notice are available in the District Website, Keonjhar www.keonjhar.nic.in

| | | |
|---|---|---|
| Last date and time of sale of tender paper | - | 26.08.2019 1.00 P.M. |
| Last date and time of receipt | - | 26.08.2019 5.00 P.M. |
| Date and time of opening of tender paper | - | 27.08.2019 4.00 P.M. |

By Order of Collector, Keonjhar
Sd./- District Welfare Officer, Keonjhar

## ODISHA HYDRO POWER CORPORATION LIMITED.
BALIMELA HYDRO ELECTRIC PROJECT:POST: BALIMELA: DIST: MALKANGIRI (ODISHA): PIN: 764 051.
Phones: 06861-232581(0) / 232641(R),FAX – 06861-232541.
E mail- <unit.head_balimela@yahoo.com>

No.CAD-273

NOTICE INVITING TENDER NO:/BHEP/ DE-III/ 23 /2019-20,DTD- 03.08. 2019

Invites percentage rate bids in double cover system for below mentioned work through e-tender as detailed below. The bids shall be submitted online only at https://tendersodisha.gov.in by eligible class of contractors registered with the state government and contractors of equivalent grade / class registered with central Government/ Railways having valid registration number for execution of the following works. The bidders shall have necessary Portal Enrolment with his / her own digital signature certificate.

| Sl.No | Name of Work | Estimated cost in Rs. | EMD in Rs. | Cost of bid documents in Rs. | Period of Completion |
|---|---|---|---|---|---|
| 1 | Water proofing treatment of valve house roof, power house lower roof &switchyard control room building roof, BHEP, Balimela | 30,93,795.33 | 30,940/- | 6000/-+GST @18%=7080/- | 90days |

Date & Time of availability of bid document in the portal: From 11.00 Hrs of 05.08.2019 to 21.08.2019 (up to 16.00 Hrs)
Last date & time of submission of tender: 21.08.2019 (up to 16.00 Hrs)
The date & Time of opening of the bid: 11.30 Hrs onwards of 24.08.2019 (Only Technical bid)

Further details can be seen from the e-procurement portal https://tendersodisha.gov.in Sd./- Unit Head, BHEP, Balimela

04019/11/0027/1920

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KALAHANDI
INVITATIONS FOR BIDS (IFB)
Identification No.- 01/ 2019-2020 of CDM & PHO Kalahandi.

No. 187-E

The Chief District Medical and Public Health Officer, Kalahandi Bhawanipatna invites percentage rate bids for the construction of works detailed in the table from eligible Class of Contractors registered with the State Government and the Contractors of equivalent Grade/Class registered with the Central Government / MES / Railways for execution of civil works. The bidders may submit bids for any or all the following works.

| Sl. No. | Name of the works | Amount Put to tender (in Rs. approximately) | Bid Security (in Rs.) | Cost of documents (in Rs.) | Class of Contractor | Period of completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Maa gruha at CHC,Biswanathpur | 2165527.00 | 21655.00 | 6,000.00 | "C & B" | 06 (Six) calendar months |
| 2 | Construction of Maa gruha at Saisuni | 2157145.00 | 21571.00 | 6000.00 | "C & B" | 06 (Six) calendar months |
| 3 | Construction of Maa gruha at CHC,Parla | 2180435.00 | 21804.00 | 6,000.00 | "C & B" | 06 (Six) calendar months |
| 4 | Construction of Maa gruha at CHC,Chapuria | 2180319.00 | 21803.00 | 6,000.00 | "C & B" | 06 (Six) calendar months |
| 5 | Construction of boundary wall and Cow cather at SDH,Dharamagarh | 708018.00 | 7080.00 | 4000.00 | "D & C" | 01(one) calendar months |

1. The Tender Paper consisting specifications, the schedule of quantities and the set of Terms and Conditions of contract and other necessary documents will be available in the Website http://Kalahandi.nic.in from 04/08/2019 to 13/8/2019 at 1.00 PM and can be downloaded from the Website.

10076/11/0005/1920 Sd./- CDM & PHO Kalahandi.

## ପୌର ପରିଷଦ କାର୍ଯ୍ୟାଳୟ, ଗୁଣପୁର

ପତ୍ର ସଂଖ୍ୟା: ୧୧୩୯/ ୨୦୧୯ ତା୦୫।୦୮।୧୯

### ନିଲାମ ଇସ୍ତାହାର

ଏତଦ୍ୱାରା ସମସ୍ତ ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, ଗୁଣପୁର ପୌର ପରିଷଦ ଅଧୀନରେ ଥିବା ନିମ୍ନଲିଖିତ ପରିଷଦ ସମ୍ପତ୍ତି ପାନ୍ଥ ଆଦାୟ ନିମନ୍ତେ ନିଲାମ କରାଯିବ। ସମସ୍ତ ପାନ୍ଥରୁ ନିବିଦାପତ୍ର ତା୦୬।୦୮।୨୦୧୯ରୁ ୧୪।୦୮।୨୦୧୯ରିଖ ଦିନ ପର୍ଯ୍ୟନ୍ତ କାର୍ଯ୍ୟାଳୟରେ ବିକ୍ରି କରାଯିବ। ଯେଉଁ ବ୍ୟକ୍ତି ନିଲାମରେ ଅଂଶଗ୍ରହଣ କରିବା ପାଇଁ ଇଚ୍ଛୁକ ସେମାନେ ନିମ୍ନୋକ୍ତ ଡାକ ଓ ଅମାନତ ଟଙ୍କା (ଅଫିସ ରସିଦ କିମ୍ବା ପୌର ପରିଷଦର ନିର୍ବାହୀ ଅଧିକାରୀଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ, ଯାହା ଗୁଣପୁରରେ ପେଠ ହେଉଥିବ) ସହିତ ଉଭୟପ୍ଟ ଲଫାପାରେ ପୌର ପରିଷଦ କାର୍ଯ୍ୟାଳୟରେ ତା୧୬।୦୮।୨୦୧୯ରିଖ ଦିନ ୧.୦୦ ସମୟ ମଧ୍ୟରେ ପେଠ କରିବେ ଏବଂ ସେହିଦିନ ୪.୦୦ ଘଟିକା ସମୟରେ ପରିଷଦ କାର୍ଯ୍ୟାଳୟରେ ଖୋଲାଯିବ। ଯେଉଁ ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଥିବେ ତାଙ୍କ ନାମରେ ନିଲାମ ସ୍ଥିର ହେବ। ଅନ୍ୟମାନଙ୍କ ଅମାନତ ଟଙ୍କା ୧୫ ଦିନ ଭିତରେ ଫେରସ୍ତ କରାଯିବ।

ସମ୍ପତ୍ତିର ବିବରଣୀ-

| | | ନିବିଦାପତ୍ର ଟଙ୍କା | ଅମାନତ ଟଙ୍କା | ପରିଷଦ ଧାର୍ଯ୍ୟ ମୂଲ୍ୟ |
|---|---|---|---|---|
| ୧. | ଦୈନିକ ବଜାର ପାନ୍ଥ (ଏକ ବର୍ଷ ପାଇଁ) | ଟ.୫୦୦.୦୦ | ଟ. ୧୨୦୦୦୦.୦୦ | ଟ. ୪,୦୦,୦୦୦.୦୦ |
| ୨. | ପାର୍କିଂ ଫି (ଏକ ବର୍ଷ ପାଇଁ) | ଟ.୫୦୦.୦୦ | ଟ. ୭୫୦୦୦.୦୦ | ଟ. ୨,୫୦,୦୦୦.୦୦ |
| ୩. | କପିଳପୁର ପୋଖରୀ (ଦୁଇ ବର୍ଷ ପାଇଁ) | ଟ.୫୦୦.୦୦ | ଟ. ୫୦୦୦.୦୦ | ଟ. ୩୮,୫୦୦.୦୦ |
| ୪. | ପୁରୁଣା ଗୁଣପୁର ପୋଖରୀ (ଦୁଇ ବର୍ଷ ପାଇଁ) | ଟ.୫୦୦.୦୦ | ଟ. ୫୦୦୦.୦୦ | ଟ. ୩୮,୫୦୦.୦୦ |
| ୫. | ବିକ୍ରମପୁର ପୋଖରୀ (ଦୁଇ ବର୍ଷ ପାଇଁ) | ଟ.୫୦୦.୦୦ | ଟ. ୫୦୦୦.୦୦ | ଟ. ୩୮,୫୦୦.୦୦ |

ପ୍ରକାଶଥାଉ କି ନିଲାମର ସର୍ବୋଚ୍ଚ ଡାକଧାରୀ ବ୍ୟକ୍ତି ଯାହାଙ୍କ ନାମରେ ନିଲାମ ସ୍ଥିରୀକୃତ ହେବ ସେ ସର୍ବୋଚ୍ଚ ଡାକର ୫୦ ପ୍ରତିଶତ ଅର୍ଥ ଏକାଥରକେ ନିଲାମ ଦିନର ୭ ଦିନ ମଧ୍ୟରେ ପରିଷଦରେ ପେଠ କରିବେ। ବଳକା ଅର୍ଥ ୨ ମାସ ମଧ୍ୟରେ ପେଠ କରିବେ। ଏଥିରେ ଖିଲାପ କରିଲେ ପରିଷଦ ନିଲାମ ରଦ୍ଦ କରିବା ପାଇଁ ବାଧ୍ୟ ହେବେ ଏବଂ ଅମାନତ ଟଙ୍କା ବାଜ୍ୟାପ୍ତ କରାଯିବ।

ସ୍ୱା./- ନିର୍ବାହୀ ଅଧିକାରୀ, ପୌର ପରିଷଦ, ଗୁଣପୁର

## OFFICE OF THE COLLECTOR & DISTRICT MAGISTRATE, ANGUL
(ST & SC Development Section)
Ph/Fax: 06764-231173, E-mail: angdwo@gmail.com

Tender Call Notice No: 1414
Date: 02.08.19

Tender for Selection of Service Provider

Tender are hereby invited from reputed Recruitment Agencies for Selection of HR Service Providers for hiring manpower under ANWESHA- An Urban Education Programme for ST/ SC children being implemented by ST & SC Development Department, Govt. of Odisha.

The tender document can be obtained during office hours from the Office of the District Welfare Officer, Angul or can be downloaded from the Website www.angul.nic.in commencing 01.08.2019 11.00 AM IST. The last date and time for submission of Bid-document is 30.08.2019 04.00 PM IST.

For eligibility criteria, scope of work, timeline and other relevant details please refer the Tender Documents.

Sd./- Collector, Angul

Important Dates

| Sl. No. | Particular | Date |
|---|---|---|
| 1 | Issuance of Tender Documents | 01.08.2019 |
| 2 | Last Date & Time for receipt Bid (Regd & Speed Post only) | 30.08.2019 |
| 3 | Technical Bid Opening | 31.08.2019 |
| 4 | Financial Bid Opening | 31.08.2019 |

# ସିଙ୍କ୍ ସଫା କରିବାର ସରଳ ଉପାୟ

ସିଙ୍କ୍‌ର ଉପଯୁକ୍ତ ଯତ୍ନ ନ ନେଲେ ସେଥିରେ ଖାଦ୍ୟ ପଦାର୍ଥର ଅବଶିଷ୍ଟାଂଶ ଜମା ହୋଇ ଦୁର୍ଗନ୍ଧ ସୃଷ୍ଟି ହୋଇଥାଏ। ତେବେ ଏହାକୁ ଦୂର କରିବାକୁ ନିମ୍ନୋକ୍ତ ଟିପ୍ସ ଆପଣେଇ ପାରନ୍ତି...



**ନ୍ୟାପଥାଲିନ୍ ଗୋଲି :** ଦୁର୍ଗନ୍ଧ ଦୂର କରିବାକୁ ହେଲେ ଏହା ଭଲ କାମ ଦେଇଥାଏ। ଆପଣ ସବୁବେଳେ ସିଙ୍କରେ ନ୍ୟାପଥାଲିନ୍ ଗୋଟିଏ ଗୋଲି ପକାନ୍ତୁ। ଏହାଫଳରେ ଏପରି କେବେ ଦୁର୍ଗନ୍ଧ ହେବନି।

**ସିର୍କା :** ଆପଣ ଚାହିଁଲେ ସିର୍କାର ବ୍ୟବହାର କରିପାରିବେ। ସିଙ୍କରେ ସିର୍କା ପକାଇ ଛାଡି ଦିଅନ୍ତୁ। ପରେ ସ୍କ୍ରବ୍ ଓ ପାଣି ସାହାଯ୍ୟରେ ରଗଡ଼ି ଭଲଭାବେ ସଫା କରନ୍ତୁ। ଏହାଦ୍ୱାରା ସିଙ୍କ ସଫା ହୋଇଯିବ ଓ ଦୁର୍ଗନ୍ଧ ହେବନି। ସିଙ୍କ ଉପରେ ହ୍ୱାଇଟ୍ ସ୍ପଟ୍ ପଡ଼ିଥାଏ। ଏହା ମଧ୍ୟ ଦୂର ହୋଇଥାଏ।

**ବେକିଂ ସୋଡା :** ଷ୍ଟେନଲେସ୍ ଷ୍ଟିଲ ସିଙ୍କ୍‌କୁ ସଫା କରିବା ପାଇଁ ବେକିଂ ସୋଡାର ବ୍ୟବହାର କରନ୍ତୁ। ଏହାଦ୍ୱାରା ଦୁର୍ଗନ୍ଧ ଦୂର ହେବା ସହ ଏହାର ଚମକ ବଜାୟ ରହିଥାଏ। ଏଥିପାଇଁ ଆବଶ୍ୟକ ମୁତାବକ ବେକିଂ ସୋଡାକୁ ସିଙ୍କ୍‌ରେ ଛିଞ୍ଚି ଦିଅନ୍ତୁ। ପାଞ୍ଚମିନିଟ୍ ପରେ ସ୍କ୍ରବ୍ ସାହାଯ୍ୟରେ ଭଲ ଭାବେ ସଫା କରନ୍ତୁ।

**କମଳାଚୋପା :** ସିଙ୍କକୁ ଦୁର୍ଗନ୍ଧମୁକ୍ତ କରିବାକୁ ହେଲେ କମଳା ଚୋପା ସାହାଯ୍ୟରେ ଏହାକୁ ରଗଡ଼ନ୍ତୁ। ପୁଣି ଉଷୁମ ପାଣିରେ ସିଙ୍କକୁ ସଫା କରନ୍ତୁ। ଏହାଦ୍ୱାରା ସିଙ୍କ ଦୁର୍ଗନ୍ଧ ଦୂର ହେବ।

# ଗର୍ଭାବସ୍ଥାରେ ସମସ୍ୟା ଓ ଥାଇରଏଡ୍



ଡା. ସସ୍ମିତା ନାୟକ

"ଯେତେବେଳେ ଥାଇରଏଡ୍ ଗ୍ରନ୍ଥିରୁ ଯଥେଷ୍ଟ ପରିମାଣର ହରମୋନ୍ ଉତ୍ପନ୍ନ ହୋଇ ନ ଥାଏ ସେତେବେଳେ ଏହା ଓଭ୍ୟୁଲେଶନ ସମୟରେ ଡିମ୍ବାଶୟରୁ ଡିମ୍ବାଣୁର ନିଷ୍କାସନ ଏବଂ ପ୍ରଜନନତାକୁ ହ୍ରାସ କରାଇଥାଏ। ସାଧାରଣ ଲକ୍ଷଣ ଯାହାକି ଆପଣଙ୍କର ହାଇପୋଥାଇରୋଡିଜିମ୍ ଗୁଡ଼ିକ ଅବସନ୍ନତା କିମ୍ବା ଶକ୍ତିର ଅଭାବ, ଶୁଖିଲା, ଖଦଡ଼ା ଚମଡ଼ା ଏବଂ କେଶ, ଥଣ୍ଡା ପାଣିପାଗରେ ସମ୍ବେଦନଶୀଳତା, ଅଧିକ କିମ୍ବା ଅନିୟମିତ ରତୁସ୍ରାବ ଆଦି ଦେଖାଯାଇଥାଏ।"

ଆଜିକାଲି ମହିଳାଙ୍କଠାରେ ଦେଖାଯାଉଥିବା ସମସ୍ୟାଗୁଡ଼ିକ ମଧ୍ୟରେ ଥାଇରଏଡ୍ ଅନ୍ୟତମ। ଏପରି ସମସ୍ୟା ପ୍ରତି ସଚେତନ ନ ରହିଲେ ତାହା ପରବର୍ତ୍ତୀ ସମୟରେ ଜଟିଳ ଆକାର ଧାରଣ କରିଥାଏ ଏବଂ ସେଥିପାଇଁ ଦୀର୍ଘକାଳୀନ ଚିକିତ୍ସା ଅନୁସରଣ କରିବାକୁ ପଡ଼େ। ଥାଇରଏଡ୍ ସମ୍ବନ୍ଧିତ କେତେକ ଛୋଟ ଅସୁବିଧା ପରବର୍ତ୍ତୀ ସମୟରେ ସାଂଘାତିକ ରୋଗ ଯେପରିକି ଓଜନ ବୃଦ୍ଧି, ଗ୍ରେଭସ ରୋଗ, ଓଜନ ହ୍ରାସ ଏପରି କି ଥାଇରଏଡ୍ କର୍କଟ ହେବାରେ ମଧ୍ୟ ଆଶଙ୍କା ରହିଥାଏ। ଅଧିକାଂଶ ସାଧାରଣ ଥାଇରଏଡ୍ ଅସୁବିଧା ମଧ୍ୟରେ ଥାଇରଏଡ୍ ହର୍ମୋନର ଅସାଧାରଣ ଉତ୍ପତ୍ତି ହୋଇଥାଏ। ଅଧିକ ମାତ୍ରାର ଥାଇରଏଡ୍ ହର୍ମୋନର ଉତ୍ପନ୍ନ ହେଲେ ତାହା ହାଇପୋଥାଇରୋଡିଜିମ୍‌ର କାରଣ ସାଜିଥାଏ। ଯଦିଓ ଏହାର ପ୍ରଭାବ ଅସୁବିଧା ଏବଂ ଅସୁଖକର ହୋଇପାରେ, ଅଧିକାଂଶ ଥାଇରଏଡ୍ ସମସ୍ୟାରୁ ଉପଯୁକ୍ତ ଚିକିତ୍ସା ଦ୍ୱାରା ଉପଶମ ମିଳିଥାଏ।



**ହାଇପୋଥାଇରୋଡିଜିମ୍**

ହାଇପୋଥାଇରୋଡିଜିମ୍ ହେଉଛି ପ୍ରଜନନତା କ୍ଷେତ୍ରରେ ଏକ ସାଧାରଣ ଘଟଣା ଏବଂ ସେମାନଙ୍କ ମଧ୍ୟରେ ଅଧିକାଂଶ ମହିଳାଙ୍କ କ୍ଷେତ୍ରରେ ଗର୍ଭପାତ ଦେଖାଯାଇଥାଏ। କମ୍ ଥାଇରଏଡ୍ ପ୍ରଭାବ ମହିଳାଙ୍କଠାରେ ପ୍ରଜନନ କ୍ଷେତ୍ରରେ ପ୍ରତ୍ୟକ୍ଷଭାବରେ ନକାରାତ୍ମକ ରୂପେ ପ୍ରଭାବ ପକାଇପାରେ। ଯେତେବେଳେ ଥାଇରଏଡ୍ ଗ୍ରନ୍ଥିରୁ ଯଥେଷ୍ଟ ପରିମାଣର ହର୍ମୋନ ଉତ୍ପନ୍ନ ହୋଇ ନ ଥାଏ ସେତେବେଳେ ଏହା ଓଭ୍ୟୁଲେଶନ ସମୟରେ ଡିମ୍ବାଶୟରୁ ଡିମ୍ବାଣୁର ନିଷ୍କାସନ ଏବଂ ପ୍ରଜନନତାକୁ ହ୍ରାସ କରାଇଥାଏ। ସାଧାରଣ ଲକ୍ଷଣ ଯାହାକି, ଆପଣଙ୍କର ହାଇପୋଥାଇରୋଡ଼ିଜିମ୍ ଗୁଡ଼ିକ ଅବସନ୍ନତା କିମ୍ବା ଶକ୍ତିର ଅଭାବ, ଶୁଖିଲା, ଖଦଡ଼ା ଚମଡ଼ା ଏବଂ କେଶ, ଥଣ୍ଡା ପାଣିପାଗରେ ସମ୍ବେଦନଶୀଳତା, ଅଧିକ କିମ୍ବା ଅନିୟମିତ ରତୁସ୍ରାବ ଆଦି ଦେଖାଯାଇଥାଏ। ପଫି ଟିସୁ, ଅବର୍ଣ୍ଣନୀୟ ଓଜନ ବୃଦ୍ଧି, ମାନସିକ ଅବସାଦ, ମାଂସପେଶୀରେ ଯନ୍ତ୍ରଣାଦାୟକ କୁଞ୍ଚନ, ମାଂସପେଶୀରେ ଯନ୍ତ୍ରଣା ଏବଂ ଟେଣ୍ଡରନେଓ, ସାଧାରଣ ହୃତସ୍ପନ୍ଦନ ହାରଠାରୁ କମ୍, କୋଷ୍ଠକାଠିନ୍ୟ, ବନ୍ଧ୍ୟାତ୍ୱ, ମାନସିକ ଆଳସ୍ୟ, ଗଳଗଣ୍ଡ ରୋଗ (ଥାଇରଏଡ୍‌ରେ ଅସନ୍ତୁଳନତା, ଆଡ଼ାମ ଆପଲର ତଳେ ଅବସ୍ଥିତ) ଏବଂ ଲିବିଡ଼ୋକୁ ହ୍ରାସ କରିଥାଏ।





**ଗର୍ଭାବସ୍ଥା ସମୟରେ କ'ଣ କରିବା ଆବଶ୍ୟକ:** ଗର୍ଭାବସ୍ଥା ସମୟରେ ଥାଇରଏଡ୍ ଅନିୟମିତତା ହେଉଛି ଅତି ସାଧାରଣ। ୨୫%ରୁ ଅଧିକ ମହିଳାମାନଙ୍କ କ୍ଷେତ୍ରରେ ୬ଷ୍ଠ ସପ୍ତାହ ସମୟରେ ହାଇପୋଥାଇରୋଡ଼ିଜିମ୍ ବୃଦ୍ଧି ପାଇଥାଏ। ପ୍ଲେସମେଣ୍ଟାଲ ଏବଂ ଫେଟାଲ ବୃଦ୍ଧି ପାଇଁ ଥାଇରଏଡ ହର୍ମୋନ୍ ନିର୍ଗମନ ହେଉଛି ଅଧିକ ଗୁରୁତ୍ୱପୂର୍ଣ୍ଣ ଏବଂ ଉଭୟ ମା' ଏବଂ ଗର୍ଭସ୍ଥ ଶିଶୁର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଗର୍ଭାବସ୍ଥା ସମୟରେ ମୁକ୍ତ ସ୍ତର ୫୦% ପର୍ଯ୍ୟନ୍ତ ବୃଦ୍ଧି ଆବଶ୍ୟକ କରିଥାଏ। ଯେତେବେଳେ ମା'ର ଶରୀର ଆବଶ୍ୟକତା ଅନୁସାରେ ଯଥେଷ୍ଟ ପରିମାଣର ଗୋପନୀୟତାଭାବେ ହ୍ରାସ ପାଇଥାଏ, ଗର୍ଭପାତ, ସମୟ ପୂର୍ବରୁ ଶିଶୁ ଜନ୍ମ, କମ୍ ଓଜନ ବିଶିଷ୍ଟ ନବଜାତକ ଏବଂ ପ୍ରସବ ପରବର୍ତ୍ତୀ ଅସୁବିଧା ଆଶଙ୍କା ବୃଦ୍ଧି ପାଇଥାଏ।

ଓଭାରିଆନ ଏବଂ ଥାଇରଏଡ୍ ହର୍ମୋନ ମଧ୍ୟରେ ଏକ ନକାରାତ୍ମକ ପ୍ରଭାବ ରହିଛି, ଯାହାକି ଡିମ୍ବର ବିକାଶ ପାଇଁ ଆବଶ୍ୟକ ହୋଇଥାଏ ଏବଂ ଇଷ୍ଟ୍ରୋଜେନ୍ ଏବଂ ପ୍ରୋଜେଷ୍ଟେରୋନ୍‌ର ଉତ୍ପନ୍ନ ସମ୍ପର୍କିତ ହୋଇଥାଏ। ହାଇପୋଥାଲାମସ୍, ପିଟ୍ୟୁଟାରୀ, ଥାଇରଏଡ୍, ଓଭାରି ଏବଂ ଆଡ୍ରେନାଲସ – ଏହି ସମସ୍ତ ଗ୍ରନ୍ଥିଗୁଡ଼ିକ ନିଜ ନିଜ ଭିତରେ ଯୋଡ଼ି ହୋଇରହିଛି ଏକ ସ୍ପାଇଡ଼ର ୱେବ ସଦୃଶ। ଯେତେବେଳେ ୱେବର ଗୋଟିଏ ପାର୍ଶ୍ୱରେ ଅସନ୍ତୁଳନତା ଦେଖାଯାଇଥାଏ ଏହା ସେତେବେଳେ ଅନ୍ୟ ଗ୍ରନ୍ଥି ଏବଂ ସିଷ୍ଟମଗୁଡ଼ିକରେ ଥିବା ହର୍ମୋନ୍ ଉପରେ ପ୍ରଭାବ ପକାଇଥାଏ। ଗର୍ଭଧାରଣ ପୂର୍ବରୁ ଜଣେ ମହିଳା ହାଇପୋଥାଇରୋଡ଼ିଜିମ୍ ପରୀକ୍ଷା କରାଇନେବା ଉଚିତ୍। ହାଇପୋଥାଇରଏଡ୍ ସମସ୍ୟା ଥିବା ମହିଳାଙ୍କ ପାଇଁ ସେମାନଙ୍କ ଡିମ୍ବାଶୟର କମ୍ କାର୍ଯ୍ୟକଳାପ ପାଇଁ ଗର୍ଭସଞ୍ଚାର ହେବା ଅଧିକ ବିପଦପୂର୍ଣ୍ଣ। ଯେଉଁ ମହିଳାଙ୍କ ଥାଇରଏଡ୍ ଅନିୟମିତତା ରହିଥାଏ ସେମାନଙ୍କର ମାସିକ ରତୁସ୍ରାବରେ ବିଭିନ୍ନ ପ୍ରକାର ଅସୁବିଧା ଯେପରିକି ଜୋରରେ ରକ୍ତସ୍ରାବ ହେବା ଏବଂ ଅନିୟମିତ ରୂପେ ରତୁସ୍ରାବ ଦେଖାଯାଇଥାଏ। ଗର୍ଭାବସ୍ଥା ସମୟରେ ଥାଇରଏଡ୍ ହରମୋନ୍ ସ୍ତରକୁ ଅତିନିକଟରୁ ପରୀକ୍ଷଣ କରିବା ଅତ୍ୟନ୍ତ ଆବଶ୍ୟକ, ଯାହାକି ଏକ ସାଧାରଣ ନବଜାତକରେ ଉନ୍ନତି କରିବା ସହିତ ଗର୍ଭପାତର ଆଶଙ୍କାକୁ ହ୍ରାସ କରିଥାଏ।

**ହାଇପୋଥାଇରୋଡିଜିମର କାରଣ**

ହାଇପୋଥାଇରୋଡିଜିମର ଏକ ସାଧାରଣ କାରଣ ହେଉଛି ଅଟୋଇମ୍ୟୁନି ରୋଗ କିମ୍ବା ଅନୁଚିତ୍ ମେଡିକେଶନ ଏବଂ ଲିଥିୟମର ବ୍ୟବହାର। ହାଇପୋଥାଇରୋଡିଜିମ ବୃଦ୍ଧି ପରେ ମହିଳାମାନେ ଲିବିଡ଼ୋ, ରତୁସ୍ରାବ ଜନିତ ଅନିୟମିତା ବୃଦ୍ଧି ପାଇବା ସହ ଗର୍ଭସଞ୍ଚାରରେ ମଧ୍ୟ ଅସୁବିଧା ଦେଖାଯାଇଥାଏ। ଗର୍ଭାବସ୍ଥା ସମୟରେ ଫେଟାଲ ବୃଦ୍ଧି ଏବଂ ଉନ୍ନତି ମାତୃତ୍ୱ ଥାଇରଏଡ୍ ହର୍ମୋନ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ, ଯାହାକି ପରବର୍ତ୍ତୀ ଗର୍ଭାବସ୍ଥା ସମୟରେ ଫେଟାଲ ଅଭିବୃଦ୍ଧି ଥାଇରଏଡ ହର୍ମୋନ ସହାୟତାରେ ହୋଇଥାଏ। ଥାଇରଏଡ୍ ପୋଷ୍ଟପର୍ଟମ ଦ୍ୱାରା ଉନ୍ନତି ଏବଂ ବୃଦ୍ଧି ବଳବତ୍ତର ରହିଥାଏ।

**ହାଇପୋ ଥାଇରୋଡିଜିମର ଚିକିତ୍ସା ପ୍ରଣାଳୀ:** ପ୍ରଥମେ ନିଶାଦ୍ରବ୍ୟ ସେବନ କରୁଥିଲେ ତାହାକୁ ବର୍ଜନ କରନ୍ତୁ। କାରଣ ଏପରି ଅଭ୍ୟାସ ଥାଇରଏଡକୁ ନଷ୍ଟ କରିଦେଇପାରେ ଏବଂ କେତେକ ଉପସ୍ଥିତ ଥିବା ଥାଇରଏଡ ପରିସ୍ଥିତିକୁ ମଧ୍ୟ ଖରାପ କରିଦେଇପାରେ, ଯାହାକି ପରେ ହର୍ମୋନ ନିର୍ଗମନକୁ ବନ୍ଦ କରିଦେଇଥାଏ। ଏହା ହେଉଛି ବନ୍ଧ୍ୟାତ୍ୱ ପାଇଁ ଏକ ପ୍ରମୁଖ କାରଣ। ପରିମିତ ଆୟୋଡିନ ବ୍ୟବହାର କରନ୍ତୁ। ଯେତେବେଳେ ଆୟୋଡିନର କଥା ଆସିଥାଏ, ସଞ୍ଜମତା ବିଷୟରେ ଭାବନ୍ତୁ। ଚାପଠାରୁ ଦୂରେଇ ରୁହନ୍ତୁ। ପ୍ରଭାବଶାଳୀ ମାଇଣ୍ଡ ବଡ଼ି ଟେକ୍ନିକ୍ ବ୍ୟବହାର କରି ଚାପ ହ୍ରାସ କରିବା ଦ୍ୱାରା କେତେ ମାତ୍ରାରେ ଥାଇରଏଡ଼ ରୋଗଠାରୁ ଦୂରେଇ ରହିପାରିବେ। ଅଧିକ ମାତ୍ରାରେ ସୋୟାଠାରୁ ଦୂରେଇ ରୁହନ୍ତୁ। ଅଧିକ ସୋୟା ଆଇସୋଫ୍ଲେବନ ରୋଗ ବୃଦ୍ଧିର କାରଣ ହେବା ସହିତ ହାଇପୋଥାଇରୋଡିଜିମ, ଗଏଟରକୁ ବୃଦ୍ଧି କରିଥାଏ। କେତେକ ଡାକ୍ତରମାନେ ସୋୟା ସପ୍ଲିମେଣ୍ଟ ଏବଂ ପାଉଡ଼ରଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥାନ୍ତି ଏବଂ ପ୍ରତ୍ୟେକ ଦିନ ଗୋଟିଏ ଛୋଟିଆ ମାତ୍ରାଠାରୁ ଅଧିକ ଗ୍ରହଣ କରିବା ଉଚିତ ନୁହେଁ।

*–ଆଇଭିଏଫ୍ ଏକ୍ସପର୍ଟ, ଇନ୍ଦିରା ଆଇଭିଏଫ୍ ହସ୍ପିଟାଲ, ଭୁବନେଶ୍ୱର*

ଫ୍ୟାଶନ୍

## ନିଜ ପର୍ସନାଲିଟି ଅନୁଯାୟୀ କିପରି ଚୟନ କରିବେ ଡ୍ରେସ୍

ଫ୍ୟାସନେବୁଲ ଏବଂ ଷ୍ଟାଇଲିଶ ହେବାକୁ କାହାର ବା ଇଚ୍ଛା ନ ଥାଏ ? ଆଜିକାଲିର ଆଧୁନିକ ଯୁଗରେ ଯୁବତୀ ହୁଅନ୍ତୁ ଅବା ଗୃହିଣୀ ନିଜର ପର୍ସନାଲିଟି ବଢ଼ାଇବାକୁ ନିଜ ଡ୍ରେସ୍‌କୁ ଅଗ୍ରାଧିକାର ଦେଉଛନ୍ତି। ତେବେ ଏହି ସମୟରେ କେତୋଟି ବିଷୟ ପ୍ରତି ଧ୍ୟାନ ଦେବାକୁ ପଡ଼ିଥାଏ। ଜାଣନ୍ତୁ ସେ ସମ୍ପର୍କରେ..

❖କମ୍ ହାଇଟ୍ ଓ ଫ୍ୟାଟି ଯୁବତୀ ଥିବା ମହିଳା ବଡି ହ୍ୟାଙ୍ଗିଙ୍ଗ ଡ୍ରେସ ଚୟନ କରନ୍ତୁ। ଏହାଦ୍ୱାରା ସେମାନେ ଅନେକାଂଶରେ ସ୍ଲିମ୍ ଏବଂ ସୁନ୍ଦର ଦେଖାଯାଇଥାଆନ୍ତି।

❖ଡେଙ୍ଗା ଓ ପତଳା ଯୁବତୀ ଯଦି ଟାଇଟ୍ କପଡା କିମ୍ବା ପ୍ରିଣ୍ଟସ୍ ପିନ୍ଧିବେ ତେବେ ସେ ଆହୁରି ପତଳା ଦେଖାଯିବ। ଗାଢ଼ ରଙ୍ଗ



କେବଳ ଗୋରା ଝିଅଙ୍କୁ ମାନି ନ ଥାଏ ଏହା ଶ୍ୟାମଳ ବର୍ଣ୍ଣ ଝିଅଙ୍କୁ ମଧ୍ୟ ଭଲ ମାନିଥାଏ।

❖ପତଳା ଝିଅଙ୍କୁ ସବୁ ଜିନିଷ ସୁଟ୍ କରିବ ଏମିତି କିଛି ମାନେ ନାହିଁ। କାହିଁକି ନା ଏମିତି ଯୁବତୀଙ୍କୁ ହଟ୍ ପ୍ୟାଣ୍ଟ ଜମା ବି ମାନି ନ ଥାଏ। ଏହା ବ୍ୟତୀତ ଶର୍ଟ୍ସ ମାଇକ୍ରୋ ସ୍କର୍ଟସ ବି ପିନ୍ଧିବା ଉଚିତ୍ ନୁହେଁ। ଏହାଦ୍ୱାରା ସେମାନଙ୍କ ଗୋଡ ଆହୁରି ପତଳା ଲାଗିବ।

❖କମ୍ ହାଇଟ୍ ଥିବା ଯୁବତୀ ଯଦି ଲଙ୍ଗ ସ୍କର୍ଟ ଓ ଲଙ୍ଗ ଟପ୍ ପିନ୍ଧିବେ ତେବେ ସେ ଡେଙ୍ଗା ଦେଖାଯିବେ।

❖ଲୋ ୱେଷ୍ଟ ପ୍ୟାଣ୍ଟ ଏବେ ଫ୍ୟାଶନ୍‌ରେ ଚାଲିଛି। ଏହି ପ୍ୟାଣ୍ଟ ସ୍ଲିମ୍ ଝିଅଙ୍କୁ ଭଲ ମାନିଥାଏ। କିନ୍ତୁ ଏହାକୁ ଠିକ୍ ସେ ପିନ୍ଧିବା ମଧ୍ୟ ଜରୁରୀ।

ସୌନ୍ଦର୍ଯ୍ୟ



## ତ୍ୱଚାରେ ଆସିବ ଚମକ

ତ୍ୱଚାରେ କିପରି ଗ୍ଲୋ ଆସିବ ଏବଂ ତାହା ଆକର୍ଷଣୀୟ ଦେଖାଯିବ ସେ ସମ୍ପର୍କରେ ଟିପ୍ସ...

- ବୟସ ବଢ଼ିବା ସାଙ୍ଗକୁ ତ୍ୱଚା ପ୍ରତି ଅଧିକ ଧ୍ୟାନ ଦେବା ଦରକାର। ଏଥିପାଇଁ ଟ୍ୟାନିଂ, ପିଗ୍‌ମେଣ୍ଟେଶନ୍ ଆଦି ଅଣଦେଖା କରିବା ଉଚିତ୍ ନୁହେଁ। ମୁହଁରେ କୌଣସି ସମସ୍ୟା ବଢ଼ିବା ଆଗରୁ ଡର୍ମାଲୋଜିଷ୍ଟ ବା କସ୍ମୋଟୋଲୋଜିଷ୍ଟଙ୍କ ସହିତ ସମ୍ପର୍କ କରନ୍ତୁ।
- ରାତିରେ ଶୋଇବା ପୂର୍ବରୁ ଆଣ୍ଟି ଏଜିଂ ମଶ୍ଚରାଇଜର ଦ୍ୱାରା ମୁହଁକୁ ମସାଜ୍ କରନ୍ତୁ। ଏହାକୁ ମସାଜ୍ କରିବା ଦ୍ୱାରା ସ୍କିନ୍ ଢ଼ିଲା ହୁଏ ନାହିଁ। ଏହାଦ୍ୱାରା ଅକ୍ସିଜେନ୍‌ର ସନ୍ତୁଳନ ରହିଥାଏ।
- ବଜାରରେ ସନ୍‌ସ୍କ୍ରିନ୍ ଯୁକ୍ତ ମେକଅପ୍ ପ୍ରଡକ୍ଟ ଭଳି କମ୍ପାକ୍ଟ, ଫାଉଣ୍ଡେଶନ୍ ଆଦି ଅଧିକ ପ୍ରଭାବଶାଳୀ ହୋଇ ନ ଥାଏ। ଏଥିପାଇଁ ଏହା ଉପରେ ଅଧିକ ନିର୍ଭରଶୀଳ ନ ହୋଇ ଅଧିକ ଖରାରେ ବାହାରକୁ ବାହାରନ୍ତୁ ନାହିଁ।
- ବୟସ ବଢ଼ିବା ସାଙ୍ଗକୁ ସନ୍‌ସ୍କ୍ରିନ୍ ଲୋଶନ୍ ଚୟନ କରିବା ସମୟରେ ସେଥିରେ ଥିବା କେତେ ପ୍ରକାର ଚେଞ୍ଜ୍‌ସ ଦେଖିବାକୁ ମିଳିଥାଏ। ସେଥିରେ ରହୁଥିବା ଏସ୍‌ପିଏଫ୍ ପ୍ରତି ଅଧିକ ଧ୍ୟାନ ରଖନ୍ତୁ। ଯଦି ଅଧିକ ସମୟ ଆପଣ ଖରାରେ ରହୁଥାନ୍ତି ତେବେ ଅଧିକ ଏସ୍‌ପିଏଫ୍ ଥିବା ସନ୍‌ସ୍କ୍ରିନ୍ ଲୋଶନ୍ ଲଗାନ୍ତୁ।

## ଗୃହିଣୀଙ୍କ ପାଇଁ..



❖ଆଳୁକୁ ରୋଷେଇ କରିବା ପୂର୍ବରୁ ଚୋପା ଛଡାଇ ୧୫-୨୦ ମିନିଟ୍ ପର୍ଯ୍ୟନ୍ତ ପାଣିରେ ବୁଡାଇ ରଖିଲେ ତାହା ଜଲ୍‌ଦି ସିଝିଯାଏ।

❖ସିଝା ଆଳୁ ଯଦି ପୁରୁଣା ହୋଇଯାଇଛି ତେବେ ଲୁଣ ପାଣିରେ ପକାଇ ଫୁଟାଇ ଦେଲେ ବାସିପଣ ଦୂର ହୋଇଯାଇଥାଏ।

❖ଆଳୁ ଜଲ୍‌ଦି ସିଝିବା ପାଇଁ ଚାହୁଁଥିଲେ ଏହାକୁ ଲମ୍ବା ଆକାରରେ କାଟନ୍ତୁ।

❖ପୁରୁଣା ବାସି ଆଳୁ ସ୍ୱାଦିଷ୍ଟ କରିବାକୁ ହେଲେ ଗରମ କରିବା ସମୟରେ ସେଥିରେ ଟିକେ ଲେମ୍ବୁ ରସ ଓ ଅଳ୍ପ ଚିନି ପକାଇ ଦିଅନ୍ତୁ। ଏହାଦ୍ୱାରା ଆଳୁ ରଙ୍ଗ ଅପରିବର୍ତ୍ତିତ ରହିବ ଏବଂ ଚଟାପଟ୍ ହେବ।



❖ଆଳୁ ପରଟା ପ୍ରସ୍ତୁତ କରିବା ସମୟରେ ଆଳୁ ମିଶ୍ରଣରେ କସ୍ତୁରୀ ମେଥି ଓ ଆମଚୁର ମିଶାଇ ଦିଅନ୍ତୁ, ଦେଖିବେ ପରଟାର ସ୍ୱାଦ ବଢ଼ିଯିବ।

❖ଆଳୁ ସିଝାଇବା ସମୟରେ ଅଳ୍ପ ଲୁଣ ପକାଇ ଦିଅନ୍ତୁ, ଏପରି କରିବା ଦ୍ୱାରା ଆଳୁ ଫାଟିବନି ଓ ଏଥିରୁ ସହଜରେ ଚୋପା ଛାଡ଼ିଯିବ।

❖ଆଳୁ କଚୋଡି ପ୍ରସ୍ତୁତ କରିବା ସମୟରେ ମସଲାରେ ଅଳ୍ପ ବେସନ ଭାଜିକି ପକାଇ ଦିଅନ୍ତୁ ଏହାଦ୍ୱାରା କଚୋଡିର ସ୍ୱାଦ ବଢ଼ିଯିବ।

| Dollar | Sensex | Nifty | Gold | Silver |
|---|---|---|---|---|
| 113 ↑ 70.73 | ↓ 418.38 36,699.84 | ↓ 134.75 10,862.60 | ↑ ₹800 36,970.00 | ↑ ₹1000 43,100.00 |

## ସଂକ୍ଷେପରେ

### ୩୭ ହଜାର ନିକଟତର ସୁନା



**ନୂଆଦିଲ୍ଲୀ,୫-୮:** ଆମେରିକା-ଚାଇନା ମଧରେ ବାଣିଜ୍ୟ ଯୁଦ୍ଧ ଅଧିକ ଘନୀଭୂତ ହେବାକୁ ଯାଉଥିବା ବେଳେ ଆମେରିକା ଫେଡେରାଲ ରିଜର୍ଭ ସୁଧ ହାର ୦.୨୫% ହ୍ରାସ କରିବା କାରଣରୁ ନିବେଶକମାନେ ସୁନା ଓ ରୁପାରେ ନିବେଶ ବୃଦ୍ଧି କରିବାକୁ ଶ୍ରେୟସ୍କର ମଣିଛନ୍ତି। ଫଳରେ ସୋମବାର ସୁନା ୮୦୦ ଟଙ୍କା ବୃଦ୍ଧି ପାଇ ପ୍ରତି ୧୦ ଗ୍ରାମ୍ ୩୭ ହଜାର ଟଙ୍କାର ନିକଟବର୍ତ୍ତୀ ହୋଇ ୩୬,୯୭୦ ଟଙ୍କାରେ ବନ୍ଦ ହୋଇଛି। ସେହିପରି ଔଦ୍ୟୋଗିକ ସଂସ୍ଥା, ମୁଦ୍ରା ନିର୍ମାତାଙ୍କ ଚାହିଦା ବୃଦ୍ଧି କାରଣରୁ ରୁପା କେଜି ପ୍ରତି ୧୦୦୦ ଟଙ୍କା ବୃଦ୍ଧି ପାଇ ୪୩,୧୦୦ ଟଙ୍କାରେ ବନ୍ଦ ହୋଇଛି। ମେ ୨୦୧୩ ପରେ ଦେଶରେ ସୁନା ମୂଲ୍ୟ ସର୍ବାଧିକ ସ୍ତରରେ ପହଞ୍ଚିଥିବା ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ଏହାଛଡ଼ା ଡଲାର ତୁଳନାରେ ଭାରତୀୟ ମୁଦ୍ରା ଟଙ୍କା ଦୁର୍ବଳ ହେବା ମଧ ନିବେଶକଙ୍କୁ ସୁନାରେ ନିବେଶ ପ୍ରତି ଆଗ୍ରହ ସୃଷ୍ଟି କରିଛି ବୋଲି ଅଲ୍ ଇଣ୍ଡିଆ ସର୍ରାଫା ଆସୋସିଏଶନ ଭାଇସ୍ ପ୍ରେସିଡେଣ୍ଟ ସୁରେନ୍ଦ୍ର ଜୈନ ପ୍ରକାଶ କରିଛନ୍ତି। ବିଶ୍ୱ ବଜାରରେ ସୁନା ପ୍ରତି ଆଉନ୍ସ ୧.୧୩% ବୃଦ୍ଧି ପାଇ ୧,୪୫୭.୩୦ ଡଲାରରେ କାରବାର ହୋଇଥିବା ବେଳେ ରୁପା ୧.୫୧ ପ୍ରତିଶତ ବଢ଼ି ପ୍ରତି ଆଉନ୍ସ ୧୬.୫୩ ଡଲାର ହୋଇଛି।

### ଗୋଟିଏ ଦିନରେ ଟଙ୍କା ଟ.୧.୧୩ ଖସିଲା



**ମୁମ୍ବାଇ,୫-୮:** ଜମ୍ମୁ-କଶ୍ମୀରରୁ ସ୍ୱତନ୍ତ୍ର ସୁବିଧା ପ୍ରତ୍ୟାହାର ପ୍ରଭାବ ଦେଶର ମୁଦ୍ରା ବଜାରରେ ପଡିଛି। ସୋମବାର ଡଲାର ବିନିମୟରେ ଟଙ୍କାର ମୂଲ୍ୟ ଟ.୧.୧୩ ହ୍ରାସ ପାଇଛି, ଯାହା କି ଗୋଟିଏ ଦିନରେ ୬ବର୍ଷର ସର୍ବନିମ୍ନ। ସୋମବାର ଟଙ୍କାର ମୂଲ୍ୟ ୭୦.୭୩ରେ ବନ୍ଦ ହୋଇଛି। ଆମେରିକା-ଚାଇନା ବାଣିଜ୍ୟ ଯୁଦ୍ଧ, ଚାଇନାର ମୁଦ୍ରା ୟୁଆନର ଅବମୂଲ୍ୟାୟନ ଏବଂ କଶ୍ମୀରକୁ ନେଇ ଅନିଶ୍ଚିତତାର ପ୍ରଭାବ ଟଙ୍କାର ମୂଲ୍ୟ ଉପରେ ପଡିଥିଲା। କ୍ରମାଗତ ୩ ଦିନରେ ଭାରତୀୟ ମୁଦ୍ରାର ମୂଲ୍ୟ ୧୯୪ ପଇସା ହ୍ରାସ ପାଇଛି।

### ବନ୍ଦେ ଭାରତରେ ନିଯୁକ୍ତ ହେଲେ ଟ୍ରେନ ହୋଷ୍ଟେସ

**ନୂଆଦିଲ୍ଲୀ,୫-୮:** ଦିଲ୍ଲୀରୁ ବାରଣସୀକୁ ଚାଲୁଥିବା ସେମି ହାଇସ୍ପିଡ୍ ଟ୍ରେନ ବନ୍ଦେ ଭାରତ ଏକ୍ସପ୍ରେସରେ ଏଣିକି ଏୟାର ହୋଷ୍ଟେସ୍‌ଙ୍କ ଭଳି ଟ୍ରେନ ହୋଷ୍ଟେସ ଯାତ୍ରୀଙ୍କୁ ସେବା ଯୋଗାଇବେ। ଏହି ପାଇଲଟ ପ୍ରକଳ୍ପ ପାଇଁ ଇଣ୍ଡିଆନ ରେଲୱେ କ୍ୟାଟରିଂ ଆଣ୍ଡ ଟୁରିଜିମ୍ କର୍ପୋରେଶନ(ଆଇଆର୍‌ସିଟିସି)କୁ ଦାୟିତ୍ୱ ଦିଆଯାଇଛି। ଇତିମଧରେ ୩୪ ଜଣ ପ୍ରଶିକ୍ଷିତ ଟ୍ରେନ ହୋଷ୍ଟେସ ଓ ଫ୍ଲାଇଟ୍ ଷ୍ଟିୱାର୍ଡଙ୍କୁ ଦିଲ୍ଲୀ-ବାରାଣସୀ ବନ୍ଦେ ଭାରତ ଏକ୍ସପ୍ରେସରେ ନିଯୁକ୍ତି ଦିଆସରିଛି ବୋଲି



ମିଡିଆ ରିପୋର୍ଟରୁ ପ୍ରକାଶ। ଆଇଆର୍‌ସିଟିସି ମୁଖପାତ୍ରଙ୍କ କହିବାନୁଯାୟୀ, ଭାରତୀୟ ରେଳବାଇ ପକ୍ଷରୁ ଯାତ୍ରୀଙ୍କୁ ପ୍ରିମିୟମ ସେବା ଯୋଗାଇ ଦେବା ଲାଗି ପ୍ରୟାସ କରାଯାଉଛି। ସାଧାରଣତଃ ଲାଇସେନ୍ସ ପାଇଥିବା କ୍ୟାଟେରର୍‌ଙ୍କ ମାଧମରେ ଟ୍ରେନରେ ଖାଦ୍ୟପଦାର୍ଥ ଯୋଗାଉଥିବା ବ୍ୟକ୍ତିଙ୍କୁ ମାସିକ ୮ରୁ ୧୦ ହଜାର ଟଙ୍କା ପାରିଶ୍ରମିକ ମିଳିଥାଏ। କିନ୍ତୁ ବନ୍ଦେ ଭାରତ ଏକ୍ସପ୍ରେସରେ ନିଯୁକ୍ତ ଟ୍ରେନ ହୋଷ୍ଟେସଙ୍କୁ ମାସିକ ୨୫ ହଜାର ଟଙ୍କା ଦରମା ମିଳିବ। ଆସନ୍ତା ୬ ମାସ ପାଇଁ ଟ୍ରାୟାଲ ସେବା ଆରମ୍ଭ କରାଯାଇଛି। ଏହା ସଫଳ ହେଲେ ଏହାକୁ ଅନ୍ୟ ଏକ୍ସପ୍ରେସ୍‌ରେ ସମ୍ପ୍ରସାରଣ କରାଯିବ। ସୂଚନାଥାଉ କି, ଟ୍ରେନ ୧୮ର ନାମକୁ ପରିବର୍ତ୍ତନ କରାଯାଇ ବନ୍ଦେ ଭାରତ ଏକ୍ସପ୍ରେସ ରଖାଯାଇଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ପ୍ରଥମ ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଟ୍ରେନରେ ବିମାନ ଭଳି ଅତ୍ୟାଧୁନିକ ସୁବିଧା ଯୋଗାଇ ଦିଆଯାଇଛି।



> ବିଶ୍ୱ ସଫ୍ଟୱେର ସେବା ପ୍ରଦାନ କ୍ଷେତ୍ରରେ ଅଗ୍ରଣୀ ଭୂମିକା ନେବାକୁ ହେଲେ ଭାରତରେ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ହେବ।
> – ଏନ୍.ଆର୍. ନାରାୟଣମୂର୍ତ୍ତି, ଇନ୍‌ଫୋସିସ୍ ସହ ପ୍ରତିଷ୍ଠାତା



> ଇଣ୍ଡୋନେସିଆ ଓ ଭିଏତନାମରୁ ଶସ୍ତାରେ ଷ୍ଟେନଲେସ୍ ଷ୍ଟିଲ ଆମଦାନୀ ହେଉଛି। କଡା ପ୍ରତିଯୋଗିତାର ମୁକାବିଲା ଲାଗି ପଦକ୍ଷେପ ନେଇଛୁ।
> – ଅଭ୍ୟୁଦୟ ଜିନ୍ଦଲ, ଏମ୍‌ଡି, ଜିନ୍ଦଲ ଷ୍ଟେନଲେସ ଷ୍ଟିଲ୍ ଲିମିଟେଡ୍

### ■ ଏଫ୍‌ପିଆଇ ଉଠାଇନେଲେ ୧୫ ଲକ୍ଷ କୋଟି

# ନିବେଶକଙ୍କ ଉପରେ ଚଡ଼କ

**ମୁମ୍ବାଇ,୫-୮**



କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଜୁଲାଇ ୫ରେ ବଜେଟ ଓ ଫାଇନାନ୍ସିଆଲ ବିଲ୍ ଉପସ୍ଥାପନ କରିଥିଲେ। ଏଥିରେ ଅତି ଧନୀ ଓ ବିଦେଶୀ ପୋର୍ଟଫୋଲିଓ ନିବେଶକ(ଏଫ୍‌ପିଆଇ)ଙ୍କ ଉପରେ ସରଚାର୍ଜ ଆଦାୟ ପାଇଁ ବ୍ୟବସ୍ଥା ରହିଛି। ସରକାରଙ୍କ ଏଭଳି ନିଷ୍ପତ୍ତି ଯୋଗୁ ଏଫ୍‌ପିଆଇ ବଜେଟ ପରେ ୩୦ ଦିନ ମଧରେ ପ୍ରାୟ ୧୫ ଲକ୍ଷ କୋଟି ଟଙ୍କା ବଜାରରୁ ପ୍ରତ୍ୟାହାର କରିନେଇଛନ୍ତି। ଏହା ବଡ଼, ଛୋଟ ନିବେଶକଙ୍କ ଉପରେ ବଜ୍ରପାତ ସଦୃଶ ହୋଇଛି।

ଡାଟା ବିଶ୍ଳେଷଣରୁ ଜଣାପଡୁଛି ଯେ, ବଜେଟର ଦିନକ ପୂର୍ବରୁ ଆରମ୍ଭ କରି ଆଜି ଯାଏ ସେନ୍‌ସେକ୍ସ ୬.୯୯ ଓ ନିଫ୍ଟି ୮ ପ୍ରତିଶତ ହ୍ରାସ ଘଟିଛି। ଏହାର ସବୁଠାରୁ ଅଧିକ ପ୍ରଭାବ ମିଡ୍ ଓ ସ୍ମଲ କ୍ୟାପ୍ ସେଗମେଣ୍ଟ ଶେୟାର ଉପରେ ପଡିଛି। ତେବେ ଲାର୍ଜ କ୍ୟାପ୍ ଶେୟାରରେ ମଧ ବଡ଼ ଧରଣର ହ୍ରାସ ପରିଲକ୍ଷିତ ହୋଇଛି। ବିଏସ୍‌ଇ ସ୍ମଲ୍‌କ୍ୟାପ୍ ଇଣ୍ଡେକ୍ସ ଇତିମଧରେ ୧୩ ପ୍ରତିଶତ ଏବଂ ମିଡ୍ କ୍ୟାପ୍ ଇଣ୍ଡେକ୍ସ ୯.୨୫ ପ୍ରତିଶତ କମିଥିବା ଦେଖାଯାଇଛି। ସରକାରଙ୍କ ନିଷ୍ପତ୍ତି, କମ୍ପାନୀଙ୍କ ଅଭିବୃଦ୍ଧି ଧିମା ହେବା, ମୌସୁମୀର ଲୁଚକାଳି, ଚାହିଦା ହ୍ରାସ ପାଇବା ଓ ଆମେରିକା-ଚାଇନା ମଧରେ ବାଣିଜ୍ୟ ଯୁଦ୍ଧ ବିଦେଶୀ ନିବେଶକଙ୍କ ମନ ଭାଙ୍ଗିଦେଇଛି। ବିଶେଷ କରି ବଜେଟ ଘୋଷଣା ସେମାନଙ୍କୁ ଭାରତରୁ ଚାଲିଯିବା ପାଇଁ ବାଧ କରୁଛି।

- ■ ଏଫ୍‌ପିଆଇଙ୍କ ଭରସା ତୁଟିଲା
- ■ ୩୦ ଦିନ ଭିତରେ ସେନସେକ୍ସ ୬.୯୯, ନିଫ୍ଟି ୮% ହ୍ରାସ
- ■ ସ୍ମଲ କ୍ୟାପ୍,ମିଡ୍ କ୍ୟାପ୍ ଶେୟାର ସର୍ବାଧିକ କମିଲା

### ବଜେଟ ପରେ ଶେୟାର ବିକ୍ରି ଆରମ୍ଭ

ଜାନୁୟାରୀ-ମାର୍ଚ୍ଚ ତ୍ରୈମାସିକରେ ଆର୍ଥିକ ବିକାଶ ହାର ୫.୮ ପ୍ରତିଶତ ସହିତ ୫ ବର୍ଷର ସର୍ବନିମ୍ନ ସ୍ତରରେ ପହଞ୍ଚିଯାଇଛି। ବିଶେଷକରି ଚାହିଦା ଅଭିବୃଦ୍ଧି ହ୍ରାସ ପାଇବା ନିବେଶକଙ୍କୁ ବିଚଳିତ କରିଛି। ସେମାନେ ମନେ କରୁଥିଲେ ଯେ, ସରକାର ବଜେଟରେ ଏଭଳି କିଛି ଉପାୟ ଘୋଷଣା କରିବେ, ଯାହାଦ୍ୱାରା ଦେଶର ଆର୍ଥିକ ବିକାଶ ଗତିଶୀଳ ହେବ। ତେବେ ସବୁ ଆଶା ପାଣିଫୋଟକା ପରି ମିଳାଇଗଲା। ଅତି ଧନୀଙ୍କ ଉପରେ ସରଚାର୍ଜ ବୃଦ୍ଧି ଯୋଗୁ ଦେଶରେ ଟ୍ରଷ୍ଟ ରୂପେ କାର୍ଯ୍ୟ କରୁଥିବା ଏଫ୍‌ପିଆଇ ଟିକସ ଦେବାକୁ ବାଧ ହେବେ। ପୂର୍ବରୁ ସେମାନଙ୍କୁ ଏଥିରୁ ଛାଡ଼ ମିଳିଥିଲା। ଏହା ନକାରାତ୍ମକ ହେଉଥିବା ମନେକରି ବିଦେଶୀ ନିବେଶକ ବଜେଟ ପରେ ଶେୟାର ବିକ୍ରି କରିବା ଆରମ୍ଭ କରିଦେଇଛନ୍ତି। ଏଫ୍‌ପିଆଇଙ୍କ ଏଭଳି ମନୋଭାବ ସମ୍ପର୍କରେ ଜାଣିପାରି କେନ୍ଦ୍ର ସରକାର ଏବେ ସେମାନଙ୍କ ଚିନ୍ତା ଦୂର କରିବେ ବୋଲି ସଙ୍କେତ ଦେଲେଣି। ସରକାରଙ୍କ ଆଶ୍ୱାସନାରେ ବିଦେଶୀ ନିବେଶକ ବିଶେଷ ପ୍ରଭାବିତ ହୋଇଥିବା ମନେହେଉ ନାହିଁ। ନିକଟ ଭବିଷ୍ୟତରେ ଷ୍ଟକ୍ ବଜାର ପୁଣି ବୃଦ୍ଧି ପାଇବ ବୋଲି ଆଶା କରାଯାଉନି।

### ବିକାଶ ଅଭିବୃଦ୍ଧି ଜରୁରୀ

ବିଶେଷଜ୍ଞଙ୍କ କହିବାନୁଯାୟୀ, କେବଳ ଏଫ୍‌ପିଆଇଙ୍କ ଚିନ୍ତା ଦୂର କରିଦେଲେ ଯେ, ଷ୍ଟକ୍ ବଜାରରେ ନିବେଶ ବଢ଼ିବ, ଏହା ଭାବିବା ଭୁଲ୍। ଦେଶର ଅର୍ଥନୀତିର ଅଭିବୃଦ୍ଧି ଏଥିପାଇଁ ଜରୁରୀ ହୋଇପଡିଛି। ଅନ୍ତଃରାଷ୍ଟ୍ରୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ନିକଟରେ ଚଳିତ ବର୍ଷ ପାଇଁ ଭାରତର ଜିଡିପି ଅଭିବୃଦ୍ଧି ଅନୁମାନକୁ ୭ ପ୍ରତିଶତକୁ ହ୍ରାସ କରିଛି। ସରକାର ଓ ରିଜର୍ଭ ବ୍ୟାଙ୍କ ୨୦୨୦ ଆର୍ଥିକ ବର୍ଷ ଲାଗି ସମାନ ଅନୁମାନ ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ରେଟିଂ ଏଜେନ୍ସି କ୍ରିସିଲ୍ ଦେଶର ବିକାଶ ହାର ୬.୯ ପ୍ରତିଶତ ରହିବ ବୋଲି ଦର୍ଶାଇଛି। ଦେଶର ଗତ ୧୪ ବର୍ଷର ହାରାହାରି ବିକାଶ ହାର ୭ ପ୍ରତିଶତ ରହିଛି। ଉଦ୍ୟୋଗ ଜଗତର ଭବିଷ୍ୟବାଣୀକୁ ହିସାବକୁ ଧରିଲେ ଆର୍ଥିକ ବର୍ଷ ୨୦୨୦ରେ ଦେଶର ଜିଡିପି ଅଭିବୃଦ୍ଧି ଏହାଠାରୁ ତଳକୁ ଖସିଯିବ। ଏଲ୍‌ଆଣ୍ଡଟିର ନନ୍ ଏକ୍‌ଜିକ୍ୟୁଟିଭ ଚେୟାରମ୍ୟାନ୍ କହିଛନ୍ତି ଯେ, ଦେଶର ବିକାଶ ହାର ଯଦି ୬.୫% ରହେ ତେବେ ଦେଶକୁ ଭାଗ୍ୟଶାଳୀ ମନେ କରିବା ଉଚିତ୍।

### ଉଦ୍ୟୋଗ ଜଗତର ପ୍ରଦର୍ଶନ

ଜୁନ୍‌ରେ ଶେଷ ହୋଇଥିବା ତ୍ରୈମାସରେ ଗତ ସପ୍ତାହ ଶେଷ ସୁଦ୍ଧା ୬୫୬ କମ୍ପାନୀର ଫଳାଫଳ ପ୍ରକାଶ ପାଇଛି। ସେମାନଙ୍କ ମଧ୍ୟରୁ ୫୮୩ କମ୍ପାନୀଙ୍କ ଆୟ ୯.୨ ପ୍ରତିଶତ ବଢ଼ିଥିବା ବେଳେ ଲାଭ ଏହି ତ୍ରୈମାସରେ ୩% ହ୍ରାସ ପାଇଛି। ଅର୍ଥନୀତି ଧିମା ହେବା କାରଣରୁ ସେମାନଙ୍କ ଆର୍ଥିକ ସ୍ଥିତିରେ ସୁଧାର ହେବାର ଆଶା କମିଛି। ଚଳିତ ବର୍ଷ ଭାରତୀୟ କମ୍ପାନୀଙ୍କ ଅଭିବୃଦ୍ଧି ୧୦ ପ୍ରତିଶତରୁ କମ୍ ରହିବ ବୋଲି କ୍ରିସିଲ୍ କହିଛି।

### ଷ୍ଟକ୍ ବଜାରରେ ଛାଇଗଲା ୩୭୦ ଧାରା ପ୍ରଭାବ

**ମୁମ୍ବାଇ,୫-୮**

ଦେଶର ଷ୍ଟକ୍ ବଜାର ପାଇଁ ଅନେକ ନକାରାତ୍ମକ ସୂଚନା ରହିଥିଲେ ସୁଦ୍ଧା ସୋମବାର ଜମ୍ମୁ-କଶ୍ମୀରରେ ୩୭୦, ୩୫ଏ ଧାରା ଉଚ୍ଛେଦ ସୂଚନା ଛାଇ ରହିଥିଲା। ଏଥିଯୋଗୁ ଦେଶରେ ବିଶୃଙ୍ଖଳା ସୃଷ୍ଟି ହେବାର ଆଶଙ୍କା କରି ନିବେଶକମାନେ ଶେୟାର ବିକ୍ରି କରିବାକୁ ଶ୍ରେୟସ୍କର ମଣିଥିଲେ। ଫଳରେ ବିଏସ୍‌ଇ ସେନ୍‌ସେକ୍ସ ୪୧୮.୩୮ (୧.୧୩%) ହ୍ରାସ ସହ ୩୬,୬୯୯.୮୪ରେ ବନ୍ଦ ହୋଇଥିଲା। ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟିରେ ମଧ ସମାନ ଅବସ୍ଥା ଦେଖିବାକୁ ମିଳିଥିଲା। ନିଫ୍ଟି ୧୩୪.୭୫ ପଏଣ୍ଟ (୧.୨୩%) କମି ୧୦,୮୬୨.୬୦ରେ ବନ୍ଦ ହୋଇଛି। ଦିନର କାରବାର ମଧରେ ସେନ୍‌ସେକ୍ସରେ ୭୦୦ ପଏଣ୍ଟ ହ୍ରାସ ପାଇଥିଲା। ଜମ୍ମୁ-କଶ୍ମୀରକୁ ମିଳୁଥିବା ସମସ୍ତ ପ୍ରକାର ସ୍ୱତନ୍ତ୍ର ଅଧିକାରକୁ ପ୍ରତ୍ୟାହାର କରିବା ସଂକ୍ରାନ୍ତରେ ଧାରା ୩୭୦ ଓ ୩୫ଏକୁ ପ୍ରତ୍ୟାହାର କରିନିଆଯାଇଛି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏ ସଂକ୍ରାନ୍ତରେ ସୋମବାର ରାଜ୍ୟ ସଭାରେ ବିଲ୍ ଆଗତ କରିଥିଲେ। ଜମ୍ମୁ-କଶ୍ମୀରକୁ ଦୁଇଭାଗ କରିଦେବା ଲାଗି ବିଲ୍‌ରେ ପ୍ରସ୍ତାବ ଦିଆଯାଇଛି। ରାଜ୍ୟର ମାନ୍ୟତା ପ୍ରତ୍ୟାହାର କରି ଜମ୍ମୁ-କଶ୍ମୀର ଓ ଲଦାଖ ଭାବେ ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳ ଗଠନ କରିବାକୁ ବିଲ୍‌ରେ ପ୍ରସ୍ତାବ ଦିଆଯାଇଥିଲା, ଯାହା ଗୃହରେ ଅନୁମୋଦନ ଲାଭ କରିଛି।

### ବାଣିଜ୍ୟ ଯୁଦ୍ଧର ପ୍ରଭାବ

ଚାଇନା-ଆମେରିକା ମଧରେ ବାଣିଜ୍ୟ ଯୁଦ୍ଧ ବନ୍ଦ କରିବା ଲାଗି ଗତ ସପ୍ତାହରେ ଆରମ୍ଭ ହୋଇଥିବା ଆଲୋଚନା ବିଫଳ ହୋଇଛି। ସେପ୍ଟେମ୍ବର ପହିଲାରୁ ଚାଇନାରୁ ଆମଦାନୀ ହେଉଥିବା ୩୦୦ ବିଲିୟନ ଡଲାର ମୂଲ୍ୟର ସାମଗ୍ରୀ ଉପରେ ଅଧିକ ୧୦ ପ୍ରତିଶତ ଟାରିଫ ବୃଦ୍ଧି କରିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଧମକ ଦେବା ପରେ ଏହି ଯୁଦ୍ଧ ଯେ ଆହୁରି ଘନୀଭୂତ ହେବ ଏହା ସହଜେ ଅନୁମେୟ। ଏହାର ପ୍ରଭାବ ବିଶ୍ୱ ଅର୍ଥନୀତି ଉପରେ ପଡୁଥିବାରୁ ତୁରନ୍ତ ଏହାର ସମାଧାନ ଜରୁରୀ। ଆଇଏମ୍‌ଏଫ୍ ପକ୍ଷରୁ କୁହାଯାଇଛି ଯେ, ବାଣିଜ୍ୟ ଯୁଦ୍ଧ କାରଣରୁ ବିଶ୍ୱ ଅର୍ଥନୀତି ଅଭିବୃଦ୍ଧି କମିବାରେ ଲାଗିଛି। ବିଶ୍ୱ ଓ ଘରୋଇ ବଜାରରେ ଆର୍ଥିକ ଅଭିବୃଦ୍ଧି ହ୍ରାସ ପାଉଥିବା ବେଳେ ଏବେ ନିବେଶକଙ୍କ ଦୃଷ୍ଟି ଦେଶର ମୁଦ୍ରାନୀତି ଉପରେ ରହିଛି। ଇତିମଧରେ ଭାରତୀୟ ରିଜର୍ଭ ବ୍ୟାଙ୍କ ତିନିଥରରେ ୦.୨୫%ରେ ରେପୋ ରେଟ୍ ହ୍ରାସ କରିଛନ୍ତି। ତଥାପି ଏହା ଅର୍ଥନୀତିକୁ ଗତିଶୀଳ କରିପାରି ନାହିଁ।

## ଧାରା ୩୭୦ ଉଚ୍ଛେଦକୁ ଶିଳ୍ପ ଜଗତର ସ୍ୱାଗତ

**ନୂଆଦିଲ୍ଲୀ,୫-୮**

**ସମ୍ବିଧାନର ଧାରା ୩୭୦ ଦ୍ୱାରା ଜମ୍ମୁ କଶ୍ମୀରକୁ ପ୍ରଦାନ କରାଯାଇଥିବା ସ୍ୱତନ୍ତ୍ର ମାନ୍ୟତା ଉଚ୍ଛେଦ ନେଇ କେନ୍ଦ୍ର ସରକାର ସୋମବାର ଘୋଷଣା କରିଥିବା ବେଳେ ଏହାକୁ ଦେଶର ଶିଳ୍ପ ଜଗତ ପକ୍ଷରୁ ସ୍ୱାଗତ କରାଯାଇଛି। ଏହା ରାଜ୍ୟର ବିକାଶ ତଥା ବାଣିଜ୍ୟିକ ପରିବେଶକୁ ଉନ୍ନତ କରିବ ବୋଲି ଶିଳ୍ପ ଆଶାବାଦୀ ରହିଛି। ଦେଶର ବିଭିନ୍ନ ଶିଳ୍ପପତି କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ନେଇ ପ୍ରତିକ୍ରିୟା ରଖିଛନ୍ତି...**

### ସାମଗ୍ରିକ ବିକାଶର ଅଂଶ ହୋଇପାରିବ



ଜମ୍ମୁ କଶ୍ମୀରକୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଲାଗି ଏହା ରାସ୍ତା ସୁନିଶ୍ଚିତ କରିବ। ବର୍ତ୍ତମାନର ନିୟମ ମୁତାବକ ଉକ୍ତ ରାଜ୍ୟରେ ନିବେଶ ବାଧାପ୍ରାପ୍ତ ହେଉଛି। ନରେନ୍ଦ୍ର ମୋଦି ଏବଂ ଅମିତ ଶାହଙ୍କର ଏହା ଏକ ବଳିଷ୍ଠ ପଦକ୍ଷେପ। ନୂଆ ନିଷ୍ପତ୍ତି ଦ୍ୱାରା ଉକ୍ତ ରାଜ୍ୟ ଦେଶର ସାମଗ୍ରିକ ବିକାଶରେ ଅଂଶୀଦାର ହୋଇପାରିବ। ଏହି ପ୍ରସଙ୍ଗ ରାଜନୀତୀକରଣ ଯୋଗୁ ଲୋକଙ୍କର ବିକାଶ ବାଧାପ୍ରାପ୍ତ ହେଉଥିଲା। ଲୋକଙ୍କ ହିତ ଲାଗି ନୂଆ ନିଷ୍ପତ୍ତିକୁ ସେମାନେ ସକାରାତ୍ମକ ଭାବେ ଗ୍ରହଣ କରିବେ ବୋଲି ଆଶାବାଦୀ।

**– ସଜ୍ଜନ ଜିନ୍ଦଲ, ଅଧକ୍ଷ, ଜେଏସ୍‌ଡବ୍ଲ୍ୟୁ ଗ୍ରୁପ**

### ଭାରତ ପାଇଁ ଐତିହାସିକ ଦିନ



ଗତ ୧୫ ଦିନର ସମୟ ଭାରତ ଲାଗି ବେଶ୍ ସ୍ମରଣୀୟ। ଏହା ମଧରେ ଚନ୍ଦ୍ରାୟନ-୨ ଉତକ୍ଷେପଣ, ତିନ୍ ତଲାକ ଉଚ୍ଛେଦ ଏବଂ ଧାରା ୩୭୦ ଉଚ୍ଛେଦ ହୋଇଛି। ଭାରତ ପାଇଁ ଏହା ଐତିହାସିକ ଦିନ। ଗୋଟିଏ ପତାକା, ଗୋଟିଏ ଦେଶ ଏବଂ ଗୋଟିଏ ସମ୍ବିଧାନ ଲାଗୁ କରିବାରେ ନୂଆ ନିଷ୍ପତ୍ତି ସହାୟକ ହେବ।

**– ହର୍ଷ ଗୋଏଙ୍କା, ଆର୍‌ପିଜି ଏଣ୍ଟର ପ୍ରାଇଜେସ୍ ଅଧକ୍ଷ**

### ସମସ୍ତଙ୍କ ନିରାପତ୍ତା ପାଇଁ ପ୍ରାର୍ଥନା



କଶ୍ମୀରକୁ ନେଇ କ'ଣ ଗୋଟିଏ ବଡ ନିଷ୍ପତ୍ତି ହେବ ସେ ନେଇ ସମସ୍ତେ ଏକ ସଂଶୟରେ ଥିଲେ। ମାତ୍ର ସରକାର ଆଗାମୀ କାର୍ଯ୍ୟପନ୍ଥା ଘୋଷଣା କରିଛନ୍ତି। କାଶ୍ମୀରରେ ଶାନ୍ତି ଶୃଙ୍ଖଳା ବଜାୟ ପାଇଁ ପ୍ରାର୍ଥନା କରୁଛି। ଏହି ନିଷ୍ପତ୍ତି ଦେଶକୁ ଶକ୍ତିଶାଳୀ କରିବା ସହ ଆଗାମୀ ଦିନରେ ସକାରାତ୍ମକ ଫଳ ପ୍ରଦାନ କରିବ।

**– ଆନନ୍ଦ ମହିନ୍ଦ୍ରା, ଅଧକ୍ଷ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଗ୍ରୁପ**

### ନିବେଶ ଆକୃଷ୍ଟ କରିବ



ସରକାରଙ୍କ ଏଭଳି ନିଷ୍ପତ୍ତି ପ୍ରଶଂସାଯୋଗ୍ୟ। ଏହା ଦ୍ୱାରା ଜମ୍ମୁ ଏବଂ କଶ୍ମୀର ବୃହତ୍ ନିବେଶ ଆକୃଷ୍ଟ କରିବାକୁ ସକ୍ଷମ ହେବ।

**– ରାଜୀବ ତଲୱାର, ସଭାପତି, ପିଏଚ୍‌ଡି ଚାମ୍ବର ଅଫ୍ କମର୍ସ**

### ଲୋକଙ୍କୁ ସଶକ୍ତ କରିବ



ଜମ୍ମୁ କଶ୍ମୀରରେ ଉନ୍ନତିକରଣ ଏବଂ ଶାନ୍ତି ଲାଗି ନୂଆ ନିଷ୍ପତ୍ତି ବାଟ ଖୋଲିବ। ଏହା ସେଠାକାର ଲୋକଙ୍କୁ ସଶକ୍ତ କରିବା ସହ ଭାରତକୁ ଆହୁରି ଶକ୍ତିଶାଳୀ କରିବ।

**– ଗୌତମ ଆଦାନୀ, ଅଧକ୍ଷ, ଆଦାନୀ ଗ୍ରୁପ**




ଯାଜପୁରସ୍ଥିତ କଳିଙ୍ଗ ନଗର ପ୍ଲାଣ୍ଟରୁ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟର ପ୍ରଥମ ସିମେଣ୍ଟ ଟ୍ରକକୁ ଜଗନ୍ନାଥଙ୍କ ସେବାରେ ସମର୍ପିତ କରାଯାଇଛି। ଏହି ଅବସରରେ କମ୍ପାନୀର ବରିଷ୍ଠ ଅଧିକାରୀ, କର୍ମଚାରୀ, ସେଲ୍‌ସ ପାର୍ଟନର ଏବଂ ଡିଲରମାନେ ଉପସ୍ଥିତ ଥିଲେ।

## ଅଭିବୃଦ୍ଧି ପାଇଁ ତ୍ୱରିତ ପଦକ୍ଷେପ ନିଆଯିବ: ନିର୍ମଳା

**ନୂଆଦିଲ୍ଲୀ,୫-୮**

ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ଉନ୍ନତି ଲାଗି ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ କରିବେ। ଏହାକୁ ଧାନରେ ରଖି ଦେଶର ବାଣିଜ୍ୟ ଲିଡରଙ୍କଠାରୁ ମତାମତ ଗ୍ରହଣ କରାଯିବ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସୋମବାର ସୂଚନା ଦେଇଛନ୍ତି। ଦେଶର ଜିଡିପି ଅଭିବୃଦ୍ଧି ଧିମା ରହିଥିବା ବେଳେ ନିଯୁକ୍ତି ସୃଷ୍ଟି ହେଉ ନ ଥିବାରୁ ଏହା ସରକାରଙ୍କ ଲାଗି ଏକ ଚ୍ୟାଲେଞ୍ଜ ହୋଇଛି। ଗତ ବର୍ଷ ଜୁଲାଇ ତୁଳନାରେ ଚଳିତ ବର୍ଷ ବେକାରି ହାର ୨% ଊର୍ଦ୍ଧ୍ୱରେ ରହିଥିବା ଘରୋଇ ଡାଟା ଗ୍ରୁପ ସିଏମ୍‌ଆଇଇ ସୂଚନା ଦେଇଛି। ସରକାର ଚଳିତ



ସପ୍ତାହରେ ଶିଳ୍ପ କ୍ଷେତ୍ର ପ୍ରତିନିଧିଙ୍କୁ ସିରିଜ୍ ବୈଠକରେ ଭେଟୁଥିବା ନିର୍ମଳା କହିଛନ୍ତି।

### ବ୍ୟାଙ୍କ ମୁଖ୍ୟଙ୍କ ସହ ଆଲୋଚନା

ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ପରଫରମାନ୍ସ ସମୀକ୍ଷା ଲାଗି ନିର୍ମଳା ସୋମବାର ଏହାର ମୁଖ୍ୟଙ୍କୁ ଭେଟିଥିଲେ। ଏହି ବୈଠକରେ ପ୍ରମୁଖ ଘରୋଇ କ୍ଷେତ୍ର ବ୍ୟାଙ୍କଗୁଡିକର ପ୍ରତିନିଧିମାନେ ମଧ ଉପସ୍ଥିତ ଥିଲେ। ସରକାରୀ କ୍ଷେତ୍ରରେ ବର୍ତ୍ତମାନ ଅଧିକ ନିବେଶ ହେଉଥିବା ବେଳେ ଘରୋଇ କ୍ଷେତ୍ର ନିବେଶରୁ ଦୂରରେ ରହିଥିବାରୁ ଋଣ ଅଭିବୃଦ୍ଧି ଉପରେ ଏହାର ପ୍ରଭାବ ପଡିଥିବା ବ୍ୟାଙ୍କ ମୁଖ୍ୟମାନେ ବୈଠକରେ ସୂଚନା ଦେଇଛନ୍ତି। ଏହାକୁ ବିଚାରକୁ ନେଇ ବ୍ୟାଙ୍କଗୁଡିକ ବର୍ତ୍ତମାନ ରିଟେଲ୍ ବାଟ ଦେଇ ଅଧିକ ଋଣ ପ୍ରଦାନ କରିବାକୁ ଇଚ୍ଛୁକ ଥିବା କହିଛନ୍ତି। ବ୍ୟାଙ୍କଗୁଡିକ ସେମାନଙ୍କ ସୁଧହାର ଉପରେ ପୁଣିଥରେ ତର୍ଜମା କରିବେ ବୋଲି କହିଛନ୍ତି। ସେହିଭଳି ଆଇବିସିର ରିଜଲ୍ୟୁଶନ ଧାରାକୁ ନେଇ ବ୍ୟାଙ୍କଗୁଡିକ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବୈଠକରେ ଅନ୍ୟ ପ୍ରମୁଖ ପ୍ରସଙ୍ଗରେ ଆଲୋଚନା ହୋଇଥିଲା।

### ଏଫ୍‌ପିଆଇଙ୍କୁ ଭେଟିବେ ଅର୍ଥନୈତିକ ବ୍ୟାପାର ସଚିବ

ବିଦେଶୀ ନିବେଶକଙ୍କ ଉପରେ ସରକାର ବଜେଟରେ ସରଚାର୍ଜ ଲାଗୁ କରିଥିବାରୁ ଏହାର ପ୍ରଭାବ ପୁଞ୍ଜି ବଜାର ଉପରେ ପଡିଛି। ବିଦେଶୀ ନିବେଶକମାନେ ପୁଞ୍ଜି ବଜାରରୁ ଏବେ ମୁହଁ ଫେରାଉ ଥିବା ବେଳେ ସେମାନଙ୍କ ନିବେଶ ଅର୍ଥକୁ ପ୍ରତ୍ୟାହାର କରି ନେଉଛନ୍ତି। ଏଭଳି ପ୍ରସଙ୍ଗକୁ ଧାନରେ ରଖି କେନ୍ଦ୍ର ଅର୍ଥନୈତିକ ବ୍ୟାପାର ସଚିବ ଅତନୁ ଚକ୍ରବର୍ତ୍ତୀ ବିଦେଶୀ ନିବେଶକଙ୍କ ପ୍ରତିନିଧିଙ୍କୁ ଭେଟିବେ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସୋମବାର ସୂଚନା ଦେଇଛନ୍ତି।

### ■ ଆରମ୍ଭ ହେଲା ଏମ୍‌ପିସି ବୈଠକ

## ରେପୋ ହାର ହ୍ରାସ ଆଶାରେ ଶିଳ୍ପ ଜଗତ

**ନୂଆଦିଲ୍ଲୀ,୫-୮**

ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସଙ୍କ ଅଧକ୍ଷତାରେ ମୁଦ୍ରା ନୀତି କମିଟି (ଏମ୍‌ପିସି) ବୈଠକ ସୋମବାରଠାରୁ ଆରମ୍ଭ ହୋଇଛି। ଏହା ଚଳିତ ଆର୍ଥିକ ବର୍ଷର ତୃତୀୟ ଦ୍ୱିମାସିକ ସମୀକ୍ଷା ବୈଠକ। ଦେଶର ଅର୍ଥନୀତି ମାନ୍ଦାବସ୍ଥା ଦେଇ ଗତି କରୁଥିବା ବେଳେ ଏହାର ଅଭିବୃଦ୍ଧି ଲାଗି ରିଜର୍ଭ ବ୍ୟାଙ୍କ ରେପୋ ହାରକୁ ୨୫ ବେସିସ୍ ପଏଣ୍ଟ କମାଇବା ନେଇ ବଜାରର ଆଶା ରହିଛି। ପୂର୍ବର ୩ ଏମ୍‌ପିସି ବୈଠକରେ କେନ୍ଦ୍ରୀୟ ବ୍ୟାଙ୍କ ରେପୋ ହାରକୁ କମାଇଛି। ଚଳିତ ମାସ ୫ରୁ ୭ ତାରିଖ ଯାଏ ଏହି ବୈଠକ ବସୁଥିବା ବେଳେ ଅର୍ଥନୀତିର ବିଭିନ୍ନ ଦିଗ ଉପରେ ତର୍ଜମା ହେବ। ଅଗଷ୍ଟ ୭ ପୂର୍ବାହ୍ନ ୧୧.୪୫ ସମୟରେ ରିଜର୍ଭ ବ୍ୟାଙ୍କ ୱେବସାଇଟରେ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ସୂଚନା ଦିଆଯିବ ବୋଲି କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି।

ଘରୋଇ ବଜାରରେ ନଗଦ ସମସ୍ୟା ଲାଗି ରହିଛି। ରେପୋ ହାର ହ୍ରାସ ବାଦ ନଗଦ ସମସ୍ୟା ସମାଧାନ ଦିଗରେ ଏମ୍‌ପିସି ସଦସ୍ୟମାନେ ବିଚାର କରିବେ ବୋଲି ଶିଳ୍ପ ଜଗତ ଆଶା ରଖିଛି। ସେହିଭଳି ସୁଧହାର ହ୍ରାସର ଲାଭ ବ୍ୟାଙ୍କଗୁଡିକ ଗ୍ରାହକଙ୍କୁ ପ୍ରଦାନ କରିବା ଉପରେ ଶିଳ୍ପ ମତ ରଖିଛି। ରେପୋ ହାର ହ୍ରାସ ସମ୍ପର୍କରେ ନିଜର ମତ ରଖି ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏମ୍‌ଡି ତଥା ସିଇଓ ରାଜକିରଣ ରାୟ ଜି କହିଛନ୍ତି, ଏମ୍‌ପିସି ୨୫ ବେସିସ ପଏଣ୍ଟ ସୁଧହାର ହ୍ରାସ କରିପାରେ। ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲାଗି ଏଭଳି ନିଷ୍ପତ୍ତି ନେବାର ଆବଶ୍ୟକତା ରହିଛି। ସୁଧହାର ହ୍ରାସ ଦିଗରେ ଏମ୍‌ପିସି ପଦକ୍ଷେପ ନେବ ବୋଲି ଆଶାବାଦୀ ଥିବା ସେ ପ୍ରକାଶ କରିଛନ୍ତି।

ଶିଳ୍ପ ସଂଘ କନଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି(ସିଆଇଆଇ)



ଏକ ବିବୃତ୍ତିରେ କହିଛି, ଅଭିବୃଦ୍ଧି ଏବଂ ମୁଦ୍ରାସ୍ଫୀତିକୁ ନଜରରେ ରଖି ରିଜର୍ଭ ବ୍ୟାଙ୍କ ବିଭିନ୍ନ ପଦକ୍ଷେପ ନେଉଛି। ମୁଦ୍ରାସ୍ଫୀତିକୁ ୪%ରୁ ନିମ୍ନରେ ରଖିବା ଆର୍‌ବିଆଇର ଲକ୍ଷ୍ୟ। ସୁଧହାର ହ୍ରାସ କରାଯାଉଥିଲେ ମଧ ଏଣ୍ଡ କଞ୍ଜ୍ୟୁମରଙ୍କୁ ଠିକ୍ ଭାବେ ଏହାର ଲାଭ ମିଳୁ ନାହିଁ। ଏଭଳି ପ୍ରସଙ୍ଗକୁ ଧାନରେ ରଖାଯିବା ଆବଶ୍ୟକ। ସେହିଭଳି ରିଜର୍ଭ ବ୍ୟାଙ୍କ କ୍ୟାଶ ରିଜର୍ଭ ରେସିଓ(ସିଆର୍‌ଆର୍) ୫୦ ବେସିସ ପଏଣ୍ଟ କମ୍ କରିବା ଆବଶ୍ୟକ।

## ସଂକ୍ଷେପରେ

### ଝେଙ୍ଗ୍‌ଙ୍କୁ ପ୍ରଥମ ଡବ୍ଲ୍ୟୁଟିଏ ଟାଇଟଲ

**ଲସ୍‌ଆଞ୍ଜେଲ୍ସ, ୫।୮ (ଏଏଫ୍‌ପି):** ଚାଇନାର ଝେଙ୍ଗ୍ ସାଇସାଇ ତାଙ୍କ ଟେନିସ କ୍ୟାରିୟରର ପ୍ରଥମ ଡବ୍ଲ୍ୟୁଟିଏ ଟାଇଟଲ ହାସଲ କରିଛନ୍ତି। ଏଠାରେ ଚାଲିଥିବା ସାନ୍‌ଜୋସ ଡବ୍ଲ୍ୟୁଟିଏ ଟୁର୍ନାମେଣ୍ଟର ମହିଳା ସିଙ୍ଗଲ୍ସ ଫାଇନାଲରେ ସେ ଚତୁର୍ଥ ସିଡ୍ ତଥା ବେଲରୁଷର ଆରିନା ସାବାଲେଙ୍କାଙ୍କୁ ୬-୩, ୭-୬ (୭/୩) ସେଟ୍‌ରେ ହରାଇ ଦେଇଛନ୍ତି। ଟ୍ରଫି ପ୍ରଦାନ ଉତ୍ସବରେ ଉଦ୍‌ବୋଧନ ଦେଇ ଝେଙ୍ଗ୍ କହିଥିଲେ ମୋର ଯଥେଷ୍ଟ ଅଭିଜ୍ଞତା ନାହିଁ। ଏକ ସପ୍ତାହ ଧରି କିପରି ଖେଳି ପାରିଲି ଭାବିଲେ ମୋତେ ଖୁସି ଲାଗୁଛି।

### ସନରାଇଜକୁ ହରାଇଲା ସ୍ପୋର୍ଟ୍ସ ହଷ୍ଟେଲ

**କଟକ ଅଫିସ,୫।୮:** କଟକରେ ଚାଲିଥିବା ପ୍ରଥମ ଡିଭିଜନ ଫୁଟବଲ ଲିଗର ସୋମବାର ଅନୁଷ୍ଠିତ ମ୍ୟାଚ୍‌ରେ ଗତ ସିଜନର ଚାମ୍ପିୟନ ସନରାଇଜ କ୍ଲବ ପରାସ୍ତ ହୋଇଛି । ସନରାଇଜକୁ ସ୍ପୋର୍ଟ୍ସ ହଷ୍ଟେଲ ଦଳ ୩-୦ ଗୋଲରେ ହରାଇଛି। ବିଜୟୀ ଦଳ ପକ୍ଷରୁ ଫ୍ରାନସିସ ଲାକ୍ରା ହ୍ୟାଟ୍ରିକ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧର ୨୭ତମ, ୩୫ତମ ଓ ୪୧ତମ ମିନିଟରେ ଫ୍ରାନସିସ ଉକ୍ତ ୩ଟି ଗୋଲ ଦେଇଥିଲେ।

### ଭାରତୀୟ ଟ୍ରେନିଂ କ୍ୟାମ୍ପ୍‌ରେ ୩୪ ଖେଳାଳି

**ନୂଆଦିଲ୍ଲୀ, ୫।୮ (ପି.ଟି.):** ୨୦୨୨ ଫିଫା ବିଶ୍ୱକପ୍ ଲାଗି ଏସିଆନ୍ ଯୋଗ୍ୟତା ପର୍ଯ୍ୟାୟ ୨ୟ ରାଉଣ୍ଡର ଏକ ମ୍ୟାଚ୍‌ରେ ଭାରତ ସେପ୍ଟେମ୍ବର ୫ରେ ଓମାନକୁ ଭେଟିବ। ଗ୍ରୁପ୍-ଇ’ରେ ସ୍ଥାନ ପାଇଥିବା ଭାରତୀୟ ଦଳ ଏହାପରେ ସେପ୍ଟେମ୍ବର ୧୦ରେ ଏକ କଷ୍ଟସାଧ ମୁକାବିଲାରେ ଏସିଆନ ଚାମ୍ପିୟନ କାତାର ବିପକ୍ଷରେ ଖେଳିବାର କାର୍ଯ୍ୟସୂଚୀ ରହିଛି। ଏହି ଦୁଇଟି ମ୍ୟାଚ୍ ଯଥାକ୍ରମେ ଗୁଆହାଟୀ ଓ କାତାରରେ ଅନୁଷ୍ଠିତ ହେବ। ଉଭୟ ମ୍ୟାଚ୍ ପାଇଁ ଅନୁଷ୍ଠିତ ହେବାକୁ ଥିବା ଭାରତୀୟ ଫୁଟ୍‌ବଲ ଦଳର ଟ୍ରେନିଂ ଶିବିର ଲାଗି କୋଚ୍ ଇଗର୍ ଷ୍ଟିମାକ ୩୪ ଜଣ ସମ୍ଭାବ୍ୟ ଖେଳାଳି ତାଲିକା ଘୋଷଣା କରିଛନ୍ତି। ଶିବିରରେ ସୁନୀଲ ଛେତ୍ରୀ, ଉଦାନ୍ତ ସିଂ, ରାହୁଲ ବେକେ, ଶୁଭାଶିଷ ବୋଷ, ଗୋଲରକ୍ଷକ ଗୁରପ୍ରୀତ୍ ସିଂ ସାନ୍ଧୁଙ୍କ ପରି ପ୍ରମୁଖ ଖେଳାଳି ସ୍ଥାନ ପାଇଛନ୍ତି। ଗ୍ରୁପ୍-ଇ’ରେ ଭାରତ ସମେତ କାତାର, ଓମାନ, ଆଫଗାନିସ୍ତାନ ଓ ବାଂଲାଦେଶ ସ୍ଥାନ ପାଇଛି। ଏସିଆ ମହାଦେଶର ୪୦ ଦେଶକୁ ୮ ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ପ୍ରତି ଗ୍ରୁପ୍‌ରେ ୫ ଟିମ୍ ସ୍ଥାନ ପାଇଛନ୍ତି। ହୋମ୍ ଓ ବାହାର ମ୍ୟାଚ୍‌ଭିତ୍ତିରେ ପ୍ରତ୍ୟେକ ଦଳ ପରସ୍ପର ବିପକ୍ଷରେ ୨ଟି ମ୍ୟାଚ୍ ଖେଳିବେ।

### ୱାଶିଂଟନ ଓପନ ଜିତିଲେ କିର୍ଗିଓସ

**ୱାଶିଂଟନ,୫।୮(ପି.ଟି.):** ଏଠାରେ ଚାଲିଥିବା ଏଟିପି ସିଟି ଓପନ ଟୁର୍ନାମେଣ୍ଟରେ ନିକି କିର୍ଗିଓସ ଟାଇଟଲ ହାସଲ କରିଛନ୍ତି। ସେ ଫାଇନାଲରେ ରୁଷିଆର ଡାନିଲ ମେଦଭେଦେଭ୍‌ଙ୍କୁ ୭-୬(୮/୬), ୭-୬ (୭/୪) ସେଟ୍‌ରେ ହରାଇ ଏହି ସଫଳତା ପାଇଛନ୍ତି। ଏହା ଅଷ୍ଟ୍ରେଲିଆନ ଖେଳାଳିଙ୍କ କ୍ୟାରିୟରର ୬ଷ୍ଠ ଏଟିପି ଟାଇଟଲ। ଚଳିତ ସପ୍ତାହ ସମ୍ଭବତଃ ମୋ ଜୀବନର ସବୁଠୁ ସ୍ମରଣୀୟ ସପ୍ତାହ ବୋଲି ମ୍ୟାଚ୍ ଜିତିବା ପରେ ୨୪ ବର୍ଷୀୟ ଖେଳାଳି କହିଛନ୍ତି।

---



> ଟେନିସ୍‌ରେ ଆମ ଦେଶ ତୁଳନାରେ ଭାରତ ଉନ୍ନତ, କିନ୍ତୁ ଆସନ୍ତା ଡେଭିସ୍ କପ୍ ମ୍ୟାଚରେ ଆମେ ବିପର୍ଯ୍ୟୟ ସୃଷ୍ଟି କରିପାରିବୁ ।
> —ଅକିଲ ଖାଁ, ପାକିସ୍ତାନର ଭେଟେରାନ ସିଙ୍ଗଲ୍ସ ଖେଳାଳି



> ଭାରତ ବିପକ୍ଷ ଦ୍ୱିପାକ୍ଷିକ ସିରିଜ ଆୟୋଜନ ହୋଇପାରିଲେ ପାକିସ୍ତାନ ହକି ମହାସଂଘର ଆର୍ଥିକ ସଂକଟ ଦୂର ହୋଇପାରିବ ।
> —ଅସିଫ୍ ବାଜୱା
> ପାକିସ୍ତାନ ହକି ମହାସଂଘର ଜେନେରାଲ ସେକ୍ରେଟାରି



ଖବରଦାତା ସମ୍ମିଳନୀରେ ଅତିଥିଙ୍କ ଗହଣରେ ଭାରତୀୟ ମହିଳା ରଗ୍‌ବୀ ଦଳ।



ଏସିଆ ରଗ୍‌ବୀ ସେଭେନ୍ସ ଟ୍ରଫି ପାଇଁ ମନୋନୀତ ଭାରତୀୟ ପୁରୁଷ ଦଳ।

## ଏସିଆ ରଗ୍‌ବୀ ସେଭେନ୍ସ ଟ୍ରଫି

# ଭାରତୀୟ ମହିଳା ଦଳରେ ଓଡ଼ିଶାରୁ ୪

**ଭୁବନେଶ୍ୱର, ୫।୮ (ସ୍ପୋର୍ଟ୍ସ ବ୍ୟୁରୋ)**

ଏସିଆ ରଗ୍‌ବୀ ସେଭେନ୍ସ ଟ୍ରଫି ଅଗଷ୍ଟ ୧୦ ଓ ୧୧ ଦୁଇ ଦିନ ଧରି ଇଣ୍ଡୋନେସିଆର ଜାକର୍ତ୍ତାସ୍ଥିତ ଜି.ବି.କେ. କମ୍ପ୍ଲେକ୍ସଠାରେ ଅନୁଷ୍ଠିତ ହେବ । ଏଥିଲାଗି ସୋମବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ପରିସରରେ ରଗ୍‌ବୀ ଇଣ୍ଡିଆ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉଭୟ ଭାରତୀୟ ମହିଳା ଓ ପୁରୁଷ ଦଳ ଘୋଷଣା କରାଯାଇଛି। ଉଭୟ ଦଳରେ ୧୨ ଜଣ ଲେଖାଏ ଖେଳାଳି ସ୍ଥାନ ପାଇଥିବାବେଳେ ବିକାଶ ଖତ୍ରି ଓ ବାବିଜ୍ ବାରୁଚାଙ୍କୁ ଯଥାକ୍ରମେ ପୁରୁଷ ଓ ମହିଳା ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ଘୋଷିତ ଭାରତୀୟ ମହିଳା ଦଳରେ ଓଡ଼ିଶାର ୪ ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ସୁମିତ୍ରା ନାୟକ, ହୁପି ମାଝି, ଶୁଭଲକ୍ଷ୍ମୀ ବାରିକ ଓ ମୀରାରାଣୀ ହେମ୍ବ୍ରମ। ଉଭୟ ଭାରତୀୟ ମହିଳା ଓ ପୁରୁଷ ଦଳର ଖେଳାଳିଙ୍କୁ ନେଇ ଗତ ୨୩ରୁ କିଟ୍ ପରିସରରେ ୧୫ ଦିନିଆ ଜାତୀୟ ଶିବିର ଅନୁଷ୍ଠିତ ହେଉଛି। ଗତ ମାସରେ ବିହାରର ପାଟନାଠାରେ ଅନୁଷ୍ଠିତ ହୋଇଥିବା ସୋସାଇଟ୍ ଜେନେରାଲ ସିନିୟର ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍‌ରୁ ସମ୍ଭାବ୍ୟ ଖେଳାଳି ଏହି ଶିବିର ପାଇଁ ଚୟନ କରାଯାଇଥିଲା।



ଭାରତୀୟ ମହିଳା ଦଳରେ ସ୍ଥାନ ପାଇଥିବା ୪ ଓଡ଼ିଆ ଖେଳାଳି।

୧୫ ଦିନ ଧରି ଚାଲିଥିବା ଏହି ଜାତୀୟ ଶିବିରକୁ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବ୍ୟାପାର ବିଭାଗ ସମେତ କିଟ୍ ଓ କିସ୍ ତରଫରୁ ସମ୍ପୂର୍ଣ୍ଣ ସହଯୋଗ କରାଯାଇଥିଲା। ଭାରତୀୟ ଦଳ ବୁଧବାର ଜାକର୍ତ୍ତା ଅଭିମୁଖେ ଗସ୍ତ କରିବ ବୋଲି ଜଣାପଡ଼ିଛି।

ରଗ୍‌ବୀ ଇଣ୍ଡିଆ ପକ୍ଷରୁ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିବା ଏହି ଖବରଦାତା ସମ୍ମିଳନୀରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ସମେତ କ୍ରୀଡ଼ା ସଚିବ ବିଶାଳ କୁମାର ଦେବ, ପୂର୍ବତନ ଭାରତୀୟ ରଗ୍‌ବୀ ଖେଳାଳି ତଥା ଅଭିନେତା ରାହୁଲ ବୋଷ, କୋଚ୍ ଲୁଡ୍‌ୱିଚେ, ଓଡ଼ିଶା ରଗ୍‌ବୀ ଆସୋସିଏଶନ ସଭାପତି ଉପେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ। କ୍ରୀଡ଼ାମନ୍ତ୍ରୀ ଏହି ଅବସରରେ ଉଭୟ ଭାରତୀୟ ମହିଳା ଓ ପୁରୁଷ ଦଳକୁ ଆଗାମୀ ଟୁର୍ନାମେଣ୍ଟ ଲାଗି ଅଭିନନ୍ଦନ ଜଣାଇବା ସହ ସେମାନେ ସଫଳତା ହାସଲ କରିବେ ବୋଲି କାମନା କରିଥିଲେ। ସେହିଭଳି କ୍ରୀଡ଼ା ସଚିବ ବିଶାଳ ଦେବ ଭାରତୀୟ ଦଳ ପାଇଁ ମନୋନୀତ ହୋଇଥିବା ମହିଳା ଓ ପୁରୁଷ ଦଳର ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଥିଲେ। ରାଜ୍ୟ ସରକାର ରଗ୍‌ବୀ କ୍ରୀଡ଼ାକୁ ସହାୟତା କରୁଥିବାରୁ ଏହା ଆମ ପାଇଁ ଖୁସିର ଖବର। ଆଗାମୀ ଦେଢ଼ରୁ ୨ ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ସହାୟତାରେ ଓଡ଼ିଶାରେ ରଗ୍‌ବୀ ହାଇପରଫର୍ମାନ୍ସ ସେଣ୍ଟର ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖିଥିବା କ୍ରୀଡ଼ା ସଚିବ ଏହି ଅବସରରେ ସୂଚନା ଦେଇଛନ୍ତି। ଭାରତୀୟ ଦଳରେ ସ୍ଥାନ ପାଇଥିବା ୪ ଓଡ଼ିଶା ଖେଳାଳିଙ୍କୁ ସେ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ପୁରୁଷ ଦଳରେ କିଭଳି ଭାବେ ଓଡ଼ିଆ ଖେଳାଳିଙ୍କ ପ୍ରତିନିଧିତ୍ୱ ରହିବ ସେଥିପ୍ରତି ଦୃଷ୍ଟି ଦେବାକୁ ସେ ରାହୁଲ ବୋଷ ଓ କୋଚ୍‌ଙ୍କୁ ଅନୁରୋଧ କରିଥିଲେ। ଭାରତୀୟ ଖେଳାଳିଙ୍କ ଶିବିର ଆୟୋଜନ କରିବାରେ ରାଜ୍ୟ ସରକାର ଏବଂ କିଟ୍ ଯେଉଁ ସମର୍ଥନ ଓ ସହାୟତା ପ୍ରଦାନ କରିଛନ୍ତି ସେଥିଲାଗି ପୂର୍ବତନ ଖେଳାଳି ରାହୁଲ ବେଶ୍ ପ୍ରଶଂସା କରିଛନ୍ତି।

**■ ଭାରତୀୟ ପୁରୁଷ ଦଳ:** ବିକାଶ ଖତ୍ରି (ଅଧିନାୟକ), ନୀରଜ ଖତ୍ରି, ଦୀପକ ପୁନିଆ, ପ୍ରିନ୍ସ ଖତ୍ରି, ମୋହିତ୍ ଖତ୍ରି (ସମସ୍ତେ ହରିୟାଣା), ସୁରିନ୍ଦର ସିଂ, ଜୋଶାଙ୍ଗଜୁଆଲ, ପାଉଲସାମି ଉଥୟ ଶଙ୍କର (ସର୍ଭିସେସ), ସୁକୁମାର ହେମ୍ବ୍ରମ, ରାଜଦୀପ ଶାହ (ଉଭୟ ପଶ୍ଚିମବଙ୍ଗ), ଜାକିର ହୁସେନ (ଦିଲ୍ଲୀ)।

**■ ଭାରତୀୟ ମହିଳା ଦଳ:** ବାବିଜ୍ ଭରୁଚା (ଅଧିନାୟିକା, ମହାରାଷ୍ଟ୍ର), ଶ୍ୱେତା ଶାହି, ସୁଇଟି କୁମାରୀ (ଉଭୟ ବିହାର), ସୁମିତ୍ରା ନାୟକ, ହୁପି ମାଝି, ଶୁଭଲକ୍ଷ୍ମୀ ବାରିକ, ମୀରାରାଣୀ ହେମ୍ବ୍ରମ (ସମସ୍ତେ ଓଡ଼ିଶା), ଶୀତଲ ଶର୍ମା, ନେହା, ପ୍ରିୟା ବଂଶଲ, ଶିଖା ଯାଦବ (ଦିଲ୍ଲୀ), ସନ୍ଧ୍ୟାରାଣୀ (ପଶ୍ଚିମବଙ୍ଗ)। କୋଚ୍- ଲୁଡ୍‌ୱିଚେ ଭାନ୍ ଡେଭେଣ୍ଟର ଓ ଲୁଇସ୍ ବୋଶୋଫ୍, ମ୍ୟାନେଜର- ମାନସ କୁମାର ଜେନା ଓ ଧୀରେନ କୁମାର ରାଉତ। ଫିଜିଓ- ରାଜେଶ ମାଳି ଓ ଅବଦୁଲ୍ଲ ୱାହିଦ୍ ଖାଁ ପଠାନ।

### ଭିଟୋରିଙ୍କ ୧୧ ନଂ ଜର୍ସିକୁ ଅବସର



**ୱେଲିଂଟନ,୫।୮(ପି.ଟି.):** ନ୍ୟୁଜିଲାଣ୍ଡ କ୍ରିକେଟ (ଏନ୍‌ଜେଡ୍‌ସି) ସୋମବାର କିମ୍ବଦନ୍ତୀ ସ୍ପିନର ଡାନିଏଲ ଭିଟୋରିଙ୍କୁ ସମ୍ମାନ ଜଣାଇ ତାଙ୍କ ୧୧ ନଂ ଜର୍ସିକୁ ଅବସର ଦେଇଛି। ଫଳରେ ଦେଶର ଆଉ କୌଣସି କ୍ରିକେଟର ୧୧ ନଂ ଜର୍ସି ପରିଧାନ କରିପାରିବେ ନାହିଁ। କେବଳ ଭିଟୋରି ନୁହନ୍ତି, ଦେଶ ପାଇଁ ୨୦୦ରୁ ଅଧିକ ଅନ୍ତର୍ଜାତୀୟ ଦିନିକିଆ ଖେଳିଥିବା ଅନ୍ୟ କ୍ରିକେଟରଙ୍କ ଜର୍ସିକୁ ମଧ୍ୟ ଅବସର ଦିଆଯିବ ବୋଲି ଏନ୍‌ଜେଡ୍‌ସି ପକ୍ଷରୁ ଟୁଇଟର ଜରିଆରେ ଘୋଷଣା କରାଯାଇଛି। ଦେଶ ପକ୍ଷରୁ ସର୍ବାଧିକ ୨୯୧ ଦିନିକିଆ ଖେଳିଥିବା ଭେଟୋରି ୩୦୫ ଉଇକେଟ ଅକ୍ତିଆର କରିଛନ୍ତି। ଏଥିସହ ୫ ଅର୍ଦ୍ଧଶତକ ସହ ସେ ୨୨୫୩ ରନ୍ କରିଛନ୍ତି। ୪୦ ବର୍ଷୀୟ ପୂର୍ବତନ ବାମହାତୀ ସ୍ପିନର ୧୧୩ ଟେଷ୍ଟ ଖେଳି ୩୬୨ ଉଇକେଟ ହାତେଇଛନ୍ତି। ଲମ୍ବା ଫର୍ମାଟରେ ୪,୫୩୧ ରନ୍ କରିଥିଲେ, ଯେଉଁଥିରେ ୬ ଶତକ ଓ ୨୩ ଅର୍ଦ୍ଧଶତକ ସାମିଲ ରହିଛି। ସେ ୨୦୦୭ରୁ ୨୦୧୧ ପର୍ଯ୍ୟନ୍ତ ଦଳର ନେତୃତ୍ୱ ନେଇଥିଲେ। ଏତଦବ୍ୟତୀତ ନ୍ୟୁଜିଲାଣ୍ଡ ଖେଳାଳିଙ୍କ ପାଇଁ ନୂଆ ଟେଷ୍ଟ ଜର୍ସି ଉନ୍ମୋଚନ କରାଯାଇଛି।

---



ଭୁବନେଶ୍ୱର ସାଇକ୍ଲିଂ ଆଣ୍ଡ ଆଡଭେଞ୍ଚର କ୍ଲବର ସଦସ୍ୟମାନେ।

## ସାଇକେଲ ଚାଳନା ମାଧ୍ୟମରେ ସ୍ୱାସ୍ଥ୍ୟ ଓ ପରିବେଶ ସଚେତନତା

**ଭୁବନେଶ୍ୱର, ୫।୮(କ୍ରୀଡ଼ା ପ୍ରତିନିଧି)**

ସାମ୍ପ୍ରତିକ ସମାଜରେ ଅତ୍ୟଧିକ ଯାନର ବ୍ୟବହାର ଯୋଗୁ ପରିବେଶ ଦୂଷିତ ହେଉଛି ଏବଂ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ପରିବେଶ ଦୂଷିତ ହେବାଦ୍ୱାରା ଜଳବାୟୁରେ ମଧ୍ୟ ଅନିୟମିତତା ଦେଖାଦେଉଛି। ତେଣୁ ସ୍ୱାସ୍ଥ୍ୟ ଓ ପରିବେଶ ସଚେତନତା ବାର୍ତ୍ତା ନେଇ ଭୁବନେଶ୍ୱର ସାଇକ୍ଲିଂ ଆଣ୍ଡ ଆଡଭେଞ୍ଚର କ୍ଲବ(ବିସିଏସି) ପକ୍ଷରୁ ସାଇକେଲ ଯୋଗେ ଚିଲିକା ପରିକ୍ରମା କରାଯାଇଛି। କ୍ଲବର ମୋଟ ୨୦ ସଦସ୍ୟ ଏହି ପରିକ୍ରମାରେ ସାମିଲ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ଥିଲେ ୧୧ ବର୍ଷର ବାଳକ ଅଚିନ୍ତ୍ୟ ଅନୁଭବ। ସେହିପରି ସବୁଠାରୁ ବରିଷ୍ଠ ସଦସ୍ୟ ଥିଲେ ରମେଶ(୬୦ ବର୍ଷରୁ ଊର୍ଦ୍ଧ୍ୱ)। ୩ ତାରିଖରେ ଭୁବନେଶ୍ୱରରୁ ବାହାରିଥିବା ଏହି ସାଇକେଲ ଯାତ୍ରାରେ ସଦସ୍ୟମାନେ ପ୍ରଥମ ଦିବସରେ ଡେଲାଙ୍ଗ, ବ୍ରହ୍ମଗିରି, ସାତପଡ଼ା ପର୍ଯ୍ୟନ୍ତ ଯାଇ ସେଠାରୁ ବୋଟ୍ ଯୋଗେ କୃଷ୍ଣପ୍ରସାଦ ପର୍ଯ୍ୟନ୍ତ ଯାଇଥିଲେ। ସେଠାରୁ ପୁଣି ସାଇକେଲ ଯାତ୍ରାରେ ଆସି ରମ୍ଭାରେ ରାତ୍ରିଯାପନ କରିଥିଲେ। ତେଣୁ ପ୍ରଥମ ଦିବସରେ ମୋଟ ୧୭୫ କିଲୋମିଟର ଯାତ୍ରା ହୋଇଥିଲା। ୪ ତାରିଖ ଦ୍ୱିତୀୟ ଦିବସରେ ରମ୍ଭାରୁ ସିଧା ଭୁବନେଶ୍ୱର ପାଖାପାଖି ୧୩୦ କିଲୋମିଟର ଯାତ୍ରା କରିଥିଲେ। ଏହି ଯାତ୍ରାରେ ୩୦୦ କିଲୋମିଟରରୁ ଊର୍ଦ୍ଧ୍ୱ ପଥ ପରିକ୍ରମା ହୋଇଥିଲା। ସାଇକେଲ ଯୋଗେ ଚିଲିକା ପରିକ୍ରମା ଅବସରରେ କ୍ଲବର ସଦସ୍ୟମାନେ ବିଭିନ୍ନ ଲୋକଙ୍କ ସହ ମିଶି ଭାବର ଆଦାନପ୍ରଦାନ କରିଥିଲେ ଏବଂ ସାଇକେଲର ଉପାଦେୟତା ସମ୍ପର୍କରେ ସଚେତନ କରାଇଥିଲେ। କ୍ଲବର କନିଷ୍ଠ ସଦସ୍ୟ ଅଚିନ୍ତ୍ୟଙ୍କ ସାହସ ଓ ଉତ୍ସାହକୁ ସମସ୍ତେ ପ୍ରଶଂସା କରିଥିଲେ।

---

## ପାକିସ୍ତାନ ବିପକ୍ଷ ମ୍ୟାଚ ପାଇଁ ଭାରତୀୟ ଦଳ ଘୋଷିତ

**ନୂଆଦିଲ୍ଲୀ, ୫।୮(ପି.ଟି.)**

ପାକିସ୍ତାନ ବିପକ୍ଷ ଡେଭିସ କପ୍ ମ୍ୟାଚ ପାଇଁ ସୋମବାର ପ୍ରଜନେଶ ଗୁଣେଶ୍ୱରନଙ୍କ ନେତୃତ୍ୱରେ ଭାରତୀୟ ଟେନିସ ଦଳ ଘୋଷଣା କରାଯାଇଛି। ସୁମିତ ନାଗପାଲଙ୍କ ବ୍ୟତୀତ ଅନ୍ୟ ସମସ୍ତ ଟପ୍ ଖେଳାଳି ଉପଲବ୍ଧ ଥିବା ସର୍ବଭାରତୀୟ ଟେନିସ ଆସୋସିଏଶନ (ଏଆଇଏଟିଏ) ସିଲେକ୍ସନ କମିଟି ଚେୟାରମ୍ୟାନ ରୋହିତ ରାଜପାଲ ପ୍ରକାଶ କରିଛନ୍ତି। ଗ୍ରାସ୍‌କୋର୍ଟରେ ହେବାକୁଥିବା ଏହି ମୁକାବିଲାରେ ଗୁଣେଶ୍ୱରନ ଏବଂ ରାମକୁମାର ରାମନାଥନ ସିଙ୍ଗଲ୍ସ ଚ୍ୟାଲେଞ୍ଜ ସମ୍ଭାଳିବେ। ରୋହନ ବୋପାନ୍ନା ଏବଂ ଡିଭିଜ ଶରଣ ଡବଲ୍ସ ଯୋଡ଼ି ଭାବେ ଖେଳିବେ। ମ୍ୟାଚ ସେପ୍ଟେମ୍ବର ୧୪-୧୫ରେ ଇସ୍‌ଲାମାବାଦ୍‌ଠାରେ ଖେଳାଯିବ। ଆହତଜନିତ ସମସ୍ୟା ଯୋଗୁ ନାଗାଲ ଉପଲବ୍ଧ ହେଉ ନ ଥିବାରୁ ୫ଜଣିଆ ସିଲେକ୍ସନ କମିଟି ଦଳରେ ସାକେତ ମାଇନେନିଙ୍କୁ ରଖିଛନ୍ତି, ଯିଏକି ର୍‌ୟାଙ୍କିଂ ତାଲିକାରେ ପରବର୍ତ୍ତୀ ଶ୍ରେଷ୍ଠ ଖେଳାଳି। ସେ ଉଭୟ ସିଙ୍ଗଲ୍ସ ଏବଂ ଡବଲ୍ସ ଖେଳିପାରିବେ। ଯୁବ ପ୍ରତିଭା ଶଶୀ କୁମାର ମୁକୁନ୍ଦଙ୍କୁ ରିଜର୍ଭ ଖେଳାଳି ଭାବେ ନିଆଯାଇଛି। ବୈଠକରେ ରାଜପାଲ ଓ ବଳରାମ ସିଂ ଉପସ୍ଥିତ ଥିବାବେଳେ ଜିଶାନ ଅଲୀ, ନନ୍ଦନ ବଳ ଓ ଅଙ୍କିତା ଭାମ୍ବ୍ରୀ ଟେଲିକନଫରେନ୍ସିଂ ଜରିଆରେ ଦଳ ଚୟନ ପ୍ରକ୍ରିୟାରେ ଭାଗ ନେଇଥିଲେ। ପାକିସ୍ତାନ ବିପକ୍ଷରେ ଭାରତ ୬ଥର ଡେଭିସ କପ୍ ମ୍ୟାଚ ଖେଳିଛି। ଭାରତ ସମସ୍ତ ମ୍ୟାଚରେ ବିଜୟ ହାସଲ କରିଛି। ପାକିସ୍ତାନର ଜଣେ ହେଲେ ସିଙ୍ଗଲ୍ସ ଖେଳାଳି ଏଟିପି ର୍‌ୟାଙ୍କିଂ ତାଲିକାରେ ନାହାନ୍ତି। ଭାରତର ପ୍ରଜନେଶ ବିଶ୍ୱ ର୍‌ୟାଙ୍କିଂରେ ୯୦ ତମ ସ୍ଥାନରେ ରହିଥିବା ବେଳେ ରାମକୁମାର ୧୮୪ ଏବଂ ମାଇନେନି ୨୭୧ତମ ସ୍ଥାନରେ ରହିଛନ୍ତି। ପାକିସ୍ତାନର ଆଇଜାମ ଉଲ୍ ହକ୍ କୁରେଶି ହେଉଛନ୍ତି ବିଶ୍ୱର ୫୫ ନମ୍ବର ମାନ୍ୟତାପ୍ରାପ୍ତ ଡବଲ୍ସ ଖେଳାଳି। ବୋପାନ୍ନା ଓ ଆଇଜାମ ଏକ ଡବଲ୍ସ ଯୋଡ଼ି ହୋଇ ଖେଳୁଥିଲେ।

### ଡେଭିସ୍ କପ୍

**■ ଭାରତୀୟ ଦଳ:** ପ୍ରଜନେଶ ଗୁଣେଶ୍ୱରନ, ରାମକୁମାର ରାମନାଥନ, ସାକେତ ମାଇନେନି, ରୋହନ ବୋପାନ୍ନା, ଡିଭିଜ ଶରନ
**ଅଧିନାୟକ:** ମହେଶ ଭୂପତି,
**କୋଚ୍:** ଜିଶାନ ଅଲି।

## ଭୁବନେଶ୍ୱର ଆନ୍ତଃସ୍କୁଲ ଫୁଟ୍‌ବଲ ଆରମ୍ଭ

**ଭୁବନେଶ୍ୱର, ୫।୮(କ୍ରୀଡ଼ା ପ୍ରତନିଧି)**

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୩୦ତମ ଭୁବନେଶ୍ୱର ଆନ୍ତଃସ୍କୁଲ ଫୁଟବଲ ପ୍ରତିଯୋଗିତା ସୋମବାର ଆରମ୍ଭ ହୋଇଛି। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ୟୁନିଟ-୬ ବାଳକ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଅନୁଗୋଳ-ସୁକିନ୍ଦା ରେଲୱେର ପରିଚାଳନା ନିର୍ଦ୍ଦେଶକ ଦିଲୀପ ସାମନ୍ତରାୟ ଓ ୬ ନମ୍ବର ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମଧୁସୂଦନ ମଲିକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଆୟୋଜକ ଆସୋସିଏଶନର ସଭାପତି ତପନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ପାଦକ ଦିଲୀପ ଦାସ ଏହି ଟୁର୍ନାମେଣ୍ଟର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସ୍କୁଲ ସ୍ତରର ଫୁଟବଲ ପ୍ରତିଭାର ବିକାଶ ନିମନ୍ତେ ଏହି ଟୁର୍ନାମେଣ୍ଟ ଉଦ୍ଦିଷ୍ଟ ବୋଲି ସେ କହିଥିଲେ। ୟୁନିଟ-୬ ବାଳକ ଉଚ୍ଚ ବିଦ୍ୟାଳୟ ଓ ପଳାଶୁଣୀ ଉନ୍ନୀତ ବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚ ଗୋଲଶୂନ୍ୟ ଡ୍ର ରହିଥିଲା। ଆକର୍ଷଣୀୟ ପ୍ରଦର୍ଶନ ପାଇଁ ୟୁନିଟ-୬ ବାଳକ ଉଚ୍ଚ ବିଦ୍ୟାଳୟ ଗୋଲକିପର ଶିବ ବେହେରା ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ମଙ୍ଗଳବାର କିସ୍ ଓ ୟୁନିଟ-୨ ସରକାରୀ ହାଇସ୍କୁଲ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।



ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ଗହଣରେ ଦୁଇ ଦଳର ଖେଳାଳି।

## ସଂକ୍ଷେପରେ

### ସଇନି ଦଣ୍ଡିତ

**ନୂଆଦିଲ୍ଲୀ,୫।୮(ପି.ଟି.):** ୱେଷ୍ଟଇଣ୍ଡିଜ ବିପକ୍ଷ ଟି୨୦ ସିରିଜ୍‌ରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିବା ଭାରତୀୟ ପେସର ନବଦୀପ ସଇନିଙ୍କୁ ଦଣ୍ଡିତ କରାଯାଇଛି। ଆମେରିକାର ଫ୍ଲୋରିଡାଠାରେ ଖେଳାଯାଇଥିବା ପ୍ରଥମ ଟି୨୦ ମ୍ୟାଚ୍‌ରେ ସେ ଖେଳାଳିଙ୍କ ଲାଗି ଉଦ୍ଦିଷ୍ଟ ନିୟମ ଭଙ୍ଗ କରିଛନ୍ତି। ଏହି ଘଟଣା ୱେଷ୍ଟଇଣ୍ଡିଜ ଇନିଂସର ୫ମ ଓଭରରେ ଘଟିଥିଲା। ବୋଲର ସଇନି ୱେଷ୍ଟଇଣ୍ଡିଆନ ବ୍ୟାଟ୍ସମ୍ୟାନ ନିକୋଲାସ ପୁରନଙ୍କ ଉଇକେଟ ନେବା ପରେ ତାଙ୍କୁ ପ୍ୟାଭିଲିୟନ ବାଟ ଦେଖାଇଥିଲେ। ନିଜ ଭୁଲ ସ୍ୱୀକାର କରି ନେଇଥିବାରୁ ଏହି ଘଟଣାର କୌଣସି ଶୁଣାଣି ହେବ ନାହିଁ। ଆକ୍ଷେପମୂଳକ ଭଙ୍ଗୀ ପାଇଁ ସଇନିଙ୍କୁ ଏକ ନେଗେଟିଭ୍ ପଏଣ୍ଟରେ ଦଣ୍ଡିତ କରାଯାଇଛି।

### ଜାହିରଙ୍କ ଭଳି ଖେଳିବାକୁ ଚାହେଁ: ଖଲିଲ

**ନୂଆଦିଲ୍ଲୀ,୫।୮(ପି.ଟି.):** ବର୍ଷ ବର୍ଷ ଧରି ଭାରତୀୟ ଦଳ ପାଇଁ ପ୍ରତିଭାସମ୍ପନ୍ନ ବାମହାତୀ ପେସରମାନେ ଲମ୍ବା ସମୟ ଧରି ପ୍ରତିନିଧିତ୍ୱ କରିଆସିଛନ୍ତି। ଜାହିର ଖାଁ, ଆଶିଷ ନେହେରା ଓ ଇର୍ଫାନ ପଠାନ ଭାରତକୁ ବହୁତ ମ୍ୟାଚ୍ ଜିତାଇଛନ୍ତି। ବରିନ୍ଦର ସ୍ରନ ଓ ଜୟଦେବ ଉନାଡକଟ ଦଳରେ ନିଜ ସ୍ଥାନ ପକ୍କା କରିପାରି ନ ଥିଲେ। ହେଲେ ୨୧ ବର୍ଷୀୟ ଖଲିଲ ଅହମ୍ମଦ ୨୦୧୮ ସେପ୍ଟେମ୍ବରରେ ଅନ୍ତର୍ଜାତୀୟ ପଦାର୍ପଣ କରିବା ପରେ ନିୟମିତ ଭାବେ ଭାରତୀୟ ଦଳର ସଦସ୍ୟ ହୋଇ ରହିଛନ୍ତି। ଜାହିରଭାଇଙ୍କ ଭଳି ମୁଁ ଦୀର୍ଘ ସମୟ ଧରି ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଚାହେଁ। ସେ ଯେଉଁଭଳି ଖେଳୁଥିଲେ, ମୁଁ ତାହା କରିବାକୁ ଉଦ୍ୟମ କରିବି।

> ପାକିସ୍ତାନ ଟିମ୍ ସହିତ ଆଉ ଦୁଇବର୍ଷ ରହିବାକୁ ଚାହୁଁଛି। ଦଳର ପ୍ରଦର୍ଶନରେ ନିଶ୍ଚିତ ଉନ୍ନତି ଘଟିବ ବୋଲି ମୋର ବିଶ୍ୱାସ ।
> –ମିକି ଆର୍ଥର, ପାକିସ୍ତାନ କ୍ରିକେଟ ମୁଖ୍ୟ କୋଚ୍



> ବଲ୍ ଟ୍ୟାମ୍ପରିଂ ମାମଲାରେ ବାସନ୍ଦ ସତ୍ତ୍ୱେ ଟେଷ୍ଟ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିପାରିବି ବୋଲି ମୋର ଦୃଢ଼ ବିଶ୍ୱାସ ଥିଲା ।
> –ଷ୍ଟିଭ୍ ସ୍ମିଥ୍, ଅଷ୍ଟ୍ରେଲୀୟ କ୍ରିକେଟର



## ପ୍ରଥମ ଆଶେସ ଟେଷ୍ଟ

# ଅଷ୍ଟ୍ରେଲିଆର ବୃହତ୍ ବିଜୟ

**ବର୍ମିଂହାମ, ୫।୮**

ଷ୍ଟିଭ ସ୍ମିଥଙ୍କ ଡବଲ ଶତକ ଏବଂ ନାଥାନ ଲିୟନଙ୍କ ଚମତ୍କାର ବୋଲିଂ ବଳରେ ଅଷ୍ଟ୍ରେଲିଆ ଏଠାରେ ଅନୁଷ୍ଠିତ ପ୍ରଥମ ଆଶେସ କ୍ରିକେଟ ଟେଷ୍ଟରେ ବୃହତ୍ ବିଜୟ ହାସଲ କରିଛି। ସୋମବାର ଶେଷ ହୋଇଥିବା ମ୍ୟାଚରେ ଏହି ଦଳ ୨୫୧ ରନରେ ଘରୋଇ ଇଂଲଣ୍ଡକୁ ପରାସ୍ତ କରିଛି। ୩୯୮ ରନ ବିଜୟ

V-GUARD
WAKE UP TO INDIA'S NO.1* WATER HEATERS
*Ranked No. 1 in the storage water heater category by the Market Pulse report for calendar year Jan – Dec '18
Water Heater
Contact : 9937038335

ଲକ୍ଷ୍ୟର ପିଛା କରିଥିବା ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୧୪୬ ରନରେ ଅଲଆଉଟ ହୋଇଯାଇଥିଲା। ଫଳରେ ଟିମ୍ ପେନ୍‌ଙ୍କ ଦଳ ୫ ମ୍ୟାଚ ବିଶିଷ୍ଟ ସିରିଜରେ ୧–୦ରେ ଅଗ୍ରଣୀ ଲାଭ କରିଛି। ଉଭୟ ଇନିଂସରେ ଶତକ ହାସଲ କରିଥିବା ଷ୍ଟିଭ୍ ସ୍ମିଥ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

### ଇଂଲଣ୍ଡର ବ୍ୟାଟିଂ ବିପର୍ଯ୍ୟୟ

ଚତୁର୍ଥ ଦିବସର ଅସମାପ୍ତ ସ୍କୋର ୧୩/୦ରୁ ଖେଳ ଆରମ୍ଭ କରିଥିବା ଇଂଲଣ୍ଡ ମଧ୍ୟାହ୍ନ ଭୋଜନ ବିରତି ବେଳକୁ ୮୫ ରନରେ ୪ଟି ଉଇକେଟ ହରାଇ ବିପଦରେ ପଡ଼ିଥିଲା। ପ୍ରଥମ ଇନିଂସରେ ଶତକ ହାସଲକାରୀ ରୋରି ବର୍ନ୍ସ ୧୧, ନିର୍ଭରଯୋଗ୍ୟ ଜାସନ ରୟ ୨୮, ଜୋ ଡେନ୍‌ଲି ୧୧ ଓ ଜୋ ରୁଟ୍ ୨୮ ରନ କରି ଆଉଟ ହୋଇସାରିଥିବାରୁ ଇଂଲଣ୍ଡ ପରାଜୟ ଆଶଙ୍କାରେ ପଡ଼ିଥିଲା। ବିରତି ପରେ ଇଂଲଣ୍ଡ ଇନିଂସ ଭୁଶୁଡ଼ି ପଡ଼ିଥିଲା। କେବଳ କ୍ରିସ୍ ୱକ୍ସ (୩୭ ରନ)ଙ୍କୁ ଛାଡ଼ିଦେଲେ ମିଡଲ ଏବଂ ଲୋୟର ଅର୍ଡରର କୌଣସି ବ୍ୟାଟ୍ସମ୍ୟାନ ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ଫଳରେ ଘରୋଇ ଦଳର ଦ୍ୱିତୀୟ ଇନିଂସ ମାତ୍ର ୫୨.୩ ଓଭରରେ ଶେଷ ହୋଇ ଯାଇଥିଲା।



୬ ଉଇକେଟ ନେଇଥିବା ନାଥାନ ଲିୟନଙ୍କୁ ସାଥୀ ଖେଳାଳିଙ୍କ ବଧାଇ।

**୯୦ରୁ ଊର୍ଦ୍ଧ୍ୱ ରନ ପ୍ରଥମ ଇନିଂସ ପଛୁଆ ପରେ ବୃହତ୍ ବିଜୟ**

- ୨୫୧: ଅଷ୍ଟ୍ରେଲିଆ ବନାମ ଇଂଲଣ୍ଡ, ଏଜବାଷ୍ଟନ, ୨୦୧୯
- ୨୩୩: ଦକ୍ଷିଣ ଆଫ୍ରିକା ବନାମ ଅଷ୍ଟ୍ରେଲିଆ, ଜୋହାନ୍ସବର୍ଗ, ୧୯୬୬–୬୭
- ୧୯୭: ଅଷ୍ଟ୍ରେଲିଆ ବନାମ ଶ୍ରୀଲଙ୍କା, ଗାଲେ, ୨୦୦୩–୦୪
- ୧୯୩: ନ୍ୟୁଜିଲାଣ୍ଡ ବନାମ ଶ୍ରୀଲଙ୍କା, ୱେଲିଂଟନ, ୨୦୧୪–୧୫

### ଲିୟନଙ୍କୁ ୬ ଉଇକେଟ

ଇଂଲଣ୍ଡ ବ୍ୟାଟିଂ ବିପର୍ଯ୍ୟୟର ମୁଖ୍ୟ ନାୟକ ସାଜିଥିଲେ ଅଷ୍ଟ୍ରେଲିଆ ଅଫ୍ ସ୍ପିନର ନାଥାନ ଲିୟନ। ପ୍ରଥମ ଇନିଂସରେ ୩ଟି ଉଇକେଟ ନେଇଥିବା ଲିୟନ ଦ୍ୱିତୀୟ ଇନିଂସରେ ୬ ଉଇକେଟ ହାସଲ କରି ଇଂଲଣ୍ଡକୁ ପରାଜୟ ମୁହଁକୁ ଠେଲି ଦେଇଥିଲେ। ଏହି ଅବସରରେ ସେ ନିଜର ୩୫୦ତମ ଟେଷ୍ଟ ଉଇକେଟ ମଧ୍ୟ ପୂରଣ କରିଥିଲେ। ଏହାକୁ ମିଶାଇ ଲିୟନ ୧୫ଥର ଟେଷ୍ଟରେ ୫ କିମ୍ବା ତଦୂର୍ଦ୍ଧ୍ୱ ଉଇକେଟ ନେଇଛନ୍ତି। ଅନ୍ୟ ଅଷ୍ଟ୍ରେଲୀୟ ବୋଲରଙ୍କ ମଧ୍ୟରେ ପ୍ୟାଟ୍ କୁମିନ୍ସ ୪ଟି ଉଇକେଟ ନେଇଥିଲେ। ସେ ଏଠାରେ କ୍ୟାରିୟରର ୧୦୦ତମ ଟେଷ୍ଟ ଉଇକେଟ ପୂରଣ କରିଥିଲେ। ଏଜବାଷ୍ଟନ ଗ୍ରାଉଣ୍ଡରେ ୨୦୦୧ ପରେ ଅଷ୍ଟ୍ରେଲିଆର ଏହା ଥିଲା ପ୍ରଥମ ବିଜୟ। ୨୦୦୧ରେ ଶେଷଥର ପାଇଁ ଆଶେସ ସିରିଜର ଏକ ମ୍ୟାଚରେ ଅଷ୍ଟ୍ରେଲିଆ ବିଜୟୀ ହୋଇଥିଲା। ଏହାପରେ ଏହି ଗ୍ରାଉଣ୍ଡରେ ଇଂଲଣ୍ଡ ଖେଳିଥିବା ୧୧ଟି ଅନ୍ତର୍ଜାତୀୟ ମ୍ୟାଚରେ ଅପରାଜେୟ ରହିଥିଲା।

**ସଂକ୍ଷିପ୍ତ ସ୍କୋର**

- ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୨୮୪
- ଇଂଲଣ୍ଡ ପ୍ରଥମ ଇନିଂସ: ୩୭୪
- ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୪୮୭/୭(ଘୋଷଣା)
- ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୧୪୬/ଅଲଆଉଟ(କ୍ରିସ୍ ୱକ୍ସ-୩୭, ଜାସନ ରୟ-୨୮, ଜୋ ରୁଟ୍-୨୮, ନାଥାନ ଲିୟନ-୬/୪୯, ପ୍ୟାଟ୍ କୁମିନ୍ସ-୪/୩୨)

**ମ୍ୟାନ ଅଫ ଦି ମ୍ୟାଚ: ଷ୍ଟିଭ୍ ସ୍ମିଥ**

### ଟେଷ୍ଟ କ୍ରିକେଟରୁ ଷ୍ଟେଇନଙ୍କ ଅବସର



**ଜୋହାନ୍ସବର୍ଗ, ୫।୮ (ଏଏଫ୍‌ପି):** ଆଧୁନିକ ଯୁଗର ଅନ୍ୟତମ ମହାନ ଫାଷ୍ଟ ବୋଲର ଦକ୍ଷିଣ ଆଫ୍ରିକାର ଡେଲ୍ ଷ୍ଟେଇନ୍ ସୋମବାର ଟେଷ୍ଟ କ୍ରିକେଟରୁ ତାଙ୍କ ଅବସର ଘୋଷଣା କରିଛନ୍ତି। ସୀମିତ ଓଭର ବିଶିଷ୍ଟ ଫର୍ମାଟରେ ଅଧିକ ଦିନ ଧରି ତିଷ୍ଠି ରହିବା ଅଭିପ୍ରାୟ ନେଇ ସେ ଏହି ପଦକ୍ଷେପ ନେଇଛନ୍ତି। ୨୦୦୪ରେ ଇଂଲଣ୍ଡ ବିପକ୍ଷରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ଷ୍ଟେଇନ୍ ତାଙ୍କ ଅନ୍ତିମ ଟେଷ୍ଟ ମ୍ୟାଚ ଗତ ଫେବୃୟାରୀରେ ଶ୍ରୀଲଙ୍କା ବିପକ୍ଷରେ ଖେଳିଥିଲେ। ଏଣିକି ସେ ଦକ୍ଷିଣ ଆଫ୍ରିକା ତରଫରୁ ଅନ୍ତର୍ଜାତୀୟ ଦିନିକିଆ ଓ ଟି୨୦ ପାଇଁ ଉପଲବ୍ଧ ହେବେ। ୩୬ ବର୍ଷୀୟ ଷ୍ଟେଇନ୍ କହିଛନ୍ତି, କ୍ରିକେଟର ଏହି ଫର୍ମାଟକୁ ମୁଁ ସବୁଠାରୁ ଭଲ ପାଏ। ସୋମବାର ଏହାଠାରୁ ଦୂରେଇ ଯାଉଛି। ସୂଚନାଯୋଗ୍ୟ, ଷ୍ଟେଇନ୍ ହେଉଛନ୍ତି ଦକ୍ଷିଣ ଆଫ୍ରିକାର ସର୍ବକାଳୀନ ଅଗ୍ରଣୀ ଟେଷ୍ଟ ଉଇକେଟ ହାସଲକାରୀ ବୋଲର। ଖେଳର ଇତିହାସରେ ଶ୍ରେଷ୍ଠ ୧୦ ବୋଲରଙ୍କ ମଧ୍ୟରେ ସେ ଅନ୍ୟତମ। ଟେଷ୍ଟ କ୍ୟାରିୟର୍‌ରେ ଷ୍ଟେଇନ ମୋଟ୍ ୯୩ ମ୍ୟାଚ୍ ଖେଳି ୪୩୯ ଉଇକେଟ ହାସଲ କରିଛନ୍ତି।

# ଅଗଷ୍ଟ ମଧ୍ୟଭାଗରେ କୋଚ୍ ଚୟନ

**ନୂଆଦିଲ୍ଲୀ, ୫।୮ (ପି.ଟି.):** ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ପୂର୍ବତନ ଅଧିନାୟକ କପିଳ ଦେବଙ୍କ ନେତୃତ୍ୱରେ ନୂତନ ଭାବେ ଗଠିତ ହୋଇଥିବା କ୍ରିକେଟ୍ ପରାମର୍ଶଦାତା କମିଟି (ସିଏସି)କୁ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ କ୍ରିକେଟ୍ ପ୍ରଶାସକ ସମିତି (ସିଓଏ)ମୁଖ୍ୟ ବିନୋଦ ରାଇ ସୋମବାର ଗ୍ରୀନ୍ ସିଗ୍‌ନାଲ ପ୍ରଦାନ କରିଛନ୍ତି। ଫଳରେ କପିଳଙ୍କ ନେତୃତ୍ୱାଧୀନ ସିଏସି ଭାରତୀୟ କ୍ରିକେଟ୍ ଦଳର ପରବର୍ତ୍ତୀ ମୁଖ୍ୟ କୋଚ୍ ଚୟନ କରିବା ସ୍ପଷ୍ଟ ହୋଇଛି। କପିଳଙ୍କ ବ୍ୟତୀତ କ୍ରିକେଟର୍ ଅଂଶୁମାନ ଗାଏକ୍ୱାଡ ଓ ମହିଳା ଦଳର ପୂର୍ବତନ ଅଧିନାୟିକା ଶାନ୍ତା ରଙ୍ଗାସ୍ୱାମୀ ସିଏସି ପ୍ୟାନେଲ୍‌ର ସଦସ୍ୟ ରହିଛନ୍ତି। ଅଗଷ୍ଟ ମଧ୍ୟଭାଗରେ ସିନିୟର ଦଳର କୋଚ୍ ଚୟନ କରାଯିବ ବୋଲି ଜଣାପଡ଼ିଛି। 'ଆମେ ନିରୀକ୍ଷଣ କରିସାରିଛୁ। ସବୁ ଠିକ୍‌ଠାକ୍ ଏବଂ କ୍ଲିୟର ରହିଛି। ସିଏସିକୁ ପରବର୍ତ୍ତୀ ନୂତନ କୋଚ୍ ନିଯୁକ୍ତି ପାଇଁ ଅନୁମତି ଦିଆଯାଇଛି। ଶର୍ଟ୍‌ଲିଷ୍ଟ ପାର୍ଥୀଙ୍କ ସାକ୍ଷାତ୍‌କାର ଅଗଷ୍ଟ ମଧ୍ୟଭାଗରେ ନିଆଯିବ ଏବଂ ସିଏସିର ନିଷ୍ପତ୍ତି ଫାଇନାଲ' ବୋଲି ସୋମବାର ନୂଆଦିଲ୍ଲୀରେ ଅନୁଷ୍ଠିତ ସିଓଏ ବୈଠକ ପରେ ରାଇ କହିଛନ୍ତି। ଏଠାରେ ପ୍ରକାଶଯୋଗ୍ୟ, ଭାରତୀୟ ଦଳର ବର୍ତ୍ତମାନର ମୁଖ୍ୟକୋଚ୍ ରବି ଶାସ୍ତ୍ରୀ, ବୋଲିଂ କୋଚ୍ ଭରତ ଅରୁଣ, ବ୍ୟାଟିଂ କୋଚ୍ ସଞ୍ଜୟ ବାଙ୍ଗର ଓ ଫିଲ୍ଡିଂ କୋଚ୍ ଆର୍. ଶ୍ରୀଧରଙ୍କ କାର୍ଯ୍ୟକାଳ ବିଶ୍ୱକପ୍ ପରେ ଶେଷ ହୋଇଯାଇଥିଲେ ମଧ୍ୟ ୱେଷ୍ଟଇଣ୍ଡିଜ ଗସ୍ତକୁ ନଜରରେ ରଖାଯାଇ ଏହାକୁ ଆଉ ୪୫ ଦିନ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା।

ଅପରପକ୍ଷରେ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନିର୍ବାଚନ ଅକ୍ଟୋବର ୨୨ରେ ହେବାକୁ ଥିବାବେଳେ ୨୬ ରାଜ୍ୟ ଆସୋସିଏଶନ ନିର୍ବାଚନ ପାଇଁ ଲୋଧା ଆଦେଶ ପାଳନ କରି ସେମାନଙ୍କ ନିର୍ବାଚନ ଅଧିକାରୀ ନିଯୁକ୍ତି କରିସାରିଛନ୍ତି। ୪ଟି ଆସୋସିଏଶନ ନିର୍ବାଚନ ଅଧିକାରୀ ନିଯୁକ୍ତ କରିନାହାନ୍ତି। ତେଣୁ ଯେଉଁମାନେ ଲୋଧା ଆଦେଶ ପାଳନ କରିଛନ୍ତି ସେମାନେ ବିସିସିଆଇ ନିର୍ବାଚନରେ ଭୋଟ୍ ଦେବାର ଅଧିକାର ପାଇବେ ବୋଲି ରାଇ ଏହି ଅବସରରେ କହିଛନ୍ତି।

# ବେଞ୍ଚଷ୍ଟ୍ରେନ୍ଥ ପରୀକ୍ଷା କରିବ ଭାରତ

**ଗୁୟାନା, ୫।୮(ପି.ଟି.)**

ଭାରତ–ୱେଷ୍ଟଇଣ୍ଡିଜ ଚଳିତ ଟି୨୦ ସିରିଜର ୩ୟ ତଥା ଅନ୍ତିମ ମ୍ୟାଚ ମଙ୍ଗଳବାର ଏଠାରେ ଅନୁଷ୍ଠିତ ହେବ। ଫ୍ଲୋରିଡ଼ାର ଲଡରହିଲରେ ଅନୁଷ୍ଠିତ ପ୍ରଥମ ୨ଟି ଦିନିକିଆ ଜିତି ଭାରତ ସିରିଜ ଜିତିସାରିଛି। ତେଣୁ ତୃତୀୟ ଦିନିକିଆରେ ଭାରତ ଏହାର ବେଞ୍ଚଷ୍ଟ୍ରେନ୍ଥ ପରୀକ୍ଷା କରିବା ସମ୍ଭାବନା ରହିଛି।

ପ୍ରଥମ ମ୍ୟାଚରେ ବିଜୟୀ ହୋଇଥିଲେ ହେଁ ଭାରତ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲା। ଦ୍ୱିତୀୟ ଟି୨୦ରେ କିନ୍ତୁ ବିରାଟ କୋହଲିଙ୍କ ଦଳ ଭଲ ବ୍ୟାଟିଂ ଓ ବୋଲିଂ କରିଥିଲା। ବର୍ଷା ବାଧା ଯୋଗୁ ଡକ୍‌ୱର୍ଥ ଲିୱିସ ନିୟମରେ ଦଳ ୨୨ ରନରେ ଏହି ମ୍ୟାଚ ଜିତିଥିଲା। ଆଗାମୀ ମ୍ୟାଚ ପାଇଁ ଭାରତୀୟ ଦଳର ବ୍ୟାଟିଂ କମ୍ବିନେଶନ ପରିବର୍ତ୍ତନ ସମ୍ଭାବନା କମ୍ ରହିଛି, ତେବେ ବୋଲିଂରେ ନିଶ୍ଚିତ ପରିବର୍ତ୍ତନର ଆଭାସ ମିଳୁଛି। "ସିରିଜ ବିଜୟ ହୋଇ ସାରିଥିବାରୁ କେତେକ ନୂଆ ଖେଳାଳିଙ୍କୁ ସୁଯୋଗ ସମ୍ଭାବନା ସୃଷ୍ଟି ହୋଇଛି। ତେବେ ବିଜୟ ହାସଲ ଦଳର ମୁଖ୍ୟ ଲକ୍ଷ୍ୟ ହେବ" ବୋଲି ଅଧିନାୟକ ବିରାଟ କୋହଲି ପ୍ରକାଶ କରିଛନ୍ତି। ଯୁବ ଉଇକେଟକିପର ରିଷଭ ପନ୍ତ ୨ଟି ମ୍ୟାଚରେ ଯଥାକ୍ରମେ ୪ ଓ ୦ରେ ଆଉଟ ହୋଇଛନ୍ତି। ତେଣୁ ତାଙ୍କ ସ୍ଥାନରେ ଲୋକେଶ ରାହୁଲଙ୍କୁ ସୁଯୋଗ ମିଳିଲେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ତେବେ କୋହଲି କ୍ରମାଗତ ପନ୍ତଙ୍କୁ ସମର୍ଥନ କରି ଆସୁଥିବାରୁ ଆଗାମୀ ମ୍ୟାଚ ପାଇଁ ସେ ସୁଯୋଗ ପାଉଛନ୍ତି କି ନାହିଁ ତାହା ଦେଖିବାକୁ ବାକି ରହିଛି। ରୋହିତ ଶର୍ମା କିମ୍ବା ଶିଖର ଧାୱନ ବିଶ୍ରାମ ନେବା ସମ୍ଭାବନା ବହୁତ କମ୍। ଅଙ୍ଗୁଳିରେ ଆଘାତ ଯୋଗୁ ବିଶ୍ୱକପ ଆରମ୍ଭରୁ ବିଦାୟ ନେଇଥିବା ଧାୱନ ପ୍ରଥମ ସିରିଜ ଖେଳିବା ସୁଯୋଗ ପାଇଛନ୍ତି। ପ୍ରଥମ ୨ଟି ମ୍ୟାଚରେ ବଡ଼ ସ୍କୋର କରିପାରି ନ ଥିବାରୁ ତୃତୀୟ ମ୍ୟାଚକୁ ସେ ଅପେକ୍ଷା କରି ରହିବା ସ୍ୱାଭାବିକ। ଆଗକୁ ଦିନିକିଆ ଏବଂ ଟେଷ୍ଟ ସିରିଜ ଆସୁଥିବାରୁ ଲୟକୁ ଫେରିବା ଜରୁରୀ ହୋଇପଡ଼ିଛି।



ଦୁଇ ଭାଇ ରାହୁଲ ଓ ଦୀପକ ଚହର।

**ତୃତୀୟ ଟି୨୦ ଆଜି**

- ଭାରତୀୟ ଦଳ:ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଶିଖର ଧାୱନ, ଲୋକେଶ ରାହୁଲ, ଶ୍ରେୟାସ ଆୟାର, ମନୀଷ ପାଣ୍ଡେ, ରିଷଭ ପନ୍ତ, କ୍ରୁନାଲ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, ରାହୁଲ ଚହର, ଭୁବନେଶ୍ୱର କୁମାର, ଖଲିଲ ଅହମ୍ମଦ, ଦୀପକ ଚହର ଓ ନଭଦୀପ ସଇନି।
- ୱେଷ୍ଟଇଣ୍ଡିଜ ଦଳ: କାର୍ଲୋସ ବ୍ରାଥୱେଟ (ଅଧିନାୟକ), ଜନ୍ କ୍ୟାମ୍ପବେଲ, ଇଭିନ ଲୁଇସ୍, ସିମରନ ହେଟମେର, ନିକୋଲାସ ପୁରନ, କେରନ ପୋଲାର୍ଡ, ରୋଭମାନ ପାୱେଲ, କିମୋ ପଲ, ସୁନୀଲ ନାରିନ, ଶେଲଡନ କୋଟ୍ରେଲ, ଓଶାନେ ଥୋମାସ୍, ଆଣ୍ଟୋନୀ ବ୍ରାମ୍ବଲେ, ଜାସନ ମହମ୍ମଦ, ଖାରୀ ପିଏର।

**ମ୍ୟାଚ ଆରମ୍ଭ: ରାତି ୮ଟା**

# ଲଡରହିଲ୍ ଅନ୍‌ଫିଟ୍

**ଗୌତମ ଗମ୍ଭୀର**

କ୍ରିକେଟ ହେଉଛି ଏକ ଅନିଶ୍ଚିତ ଖେଳ। ନିକଟରେ ଇଂଲଣ୍ଡ ଭଳି ଶକ୍ତିଶାଳୀ ଦଳକୁ ଆୟର୍ଲାଣ୍ଡ କଡ଼ା ଟକ୍କର ଦେଇଥିଲା। ଏଜବାଷ୍ଟନଠାରେ ପ୍ରଥମ ଆଶେସ ଟେଷ୍ଟ ମ୍ୟାଚର ଗତିପଥରୁ ମଧ୍ୟ ଏହା ସ୍ପଷ୍ଟ ସୂଚିତ ହେଉଛି। ଭାରତ ଓ ୱେଷ୍ଟଇଣ୍ଡିଜ ମୁକାବିଲା ଏହି କାଟେଗୋରିରେ ଯିବ ସେ ନେଇ ମୁଁ ଦୃଢ ନିଶ୍ଚିତ ନୁହେଁ। ଯୁକ୍ତରାଷ୍ଟ୍ର ଆମେରିକାର ଲଡରହିଲଠାରେ ଟପ୍ କ୍ଲାସ ମ୍ୟାଚ ଖେଳାଯିବା ସପକ୍ଷରେ ମୁଁ ନୁହେଁ। ସେଠାକାର ଜଳବାୟୁ ଏବଂ ପିଚ୍ କଣ୍ଡିଶନ ସମ୍ପୂର୍ଣ୍ଣ ଭିନ୍ନ। ବର୍ଷା ସାଙ୍ଗକୁ ଘଡ଼ଘଡ଼ି ଓ ବଜ୍ରପାତର ଆଶଙ୍କା ରହିଥାଏ। ଏଭଳି ପରିସ୍ଥିତିରେ ଉଭୟ ଦର୍ଶକ ଏବଂ ଖେଳାଳିମାନଙ୍କୁ ପଡ଼ିଆ ଛାଡ଼ିବା ଲାଗି କୁହାଯାଇଥାଏ। ଷ୍ଟାଡିୟମର ଷ୍ଟାଣ୍ଡ୍ ଉପରେ କଭର ନ ଥାଏ। ତେଣୁ ବଜ୍ରାଘାତର ବିପଦ ଥାଏ। ଡ୍ରେନେଜ ସିଷ୍ଟମ ଏବଂ ମ୍ୟାଚ ପ୍ରସାରଣ ବ୍ୟବସ୍ଥା କାର୍ଯ୍ୟ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇ ନାହିଁ। ମୋଟ ଉପରେ କହିବାକୁ ଗଲେ ଏହା 'ଏ' ଗ୍ରେଡ୍ ଭେନ୍ୟୁ ନୁହେଁ। ହ୍ୱାଇଟ୍ ବଲ୍ କ୍ରିକେଟରେ ରୋହିତ ଶର୍ମାଙ୍କ ଖେଳ ସେତେଟା ଆକର୍ଷଣୀୟ ହୋଇ ପାରୁନାହିଁ। ସେ ବ୍ୟାଟିଂ କଲାବେଳେ ମନେ ହୁଏ ସତେ ଯେମିତି ତାଙ୍କ ବ୍ୟାଟ୍‌ରେ ଲୋକେଶନ ସେଟିଂ ସହ ଏକ ଜିପିଏସ୍ ଲାଗିଛି। ବେଳେ ବେଳେ ଟେଷ୍ଟ କ୍ରିକେଟରେ ରୋହିତଙ୍କ ବ୍ୟାଟିଂ ବୋରିଂ ଅନୁଭବ ହୁଏ। ମୁଁ ଭାବୁଛି ରାହୁଲ ଦ୍ରାବିଡ କିମ୍ବା ସଚିନ ତେନ୍ଦୁଲକରଙ୍କ ଭଳି ଜଣେ କେହି କିଛି ଦିନ ଧରି ପରାମର୍ଶଦାତା ଭାବେ କାର୍ଯ୍ୟ କଲେ ରୋହିତ ଆହୁରି ମାର୍ଜିତ ହୋଇପାରନ୍ତେ। ଯଦି ଏପରି ହୁଅନ୍ତା ତେବେ ଭାରତୀୟ ଟେଷ୍ଟ ବ୍ୟାଟିଂ ଲାଇନ୍ ଅପ୍ ଆହୁରି ଶକ୍ତିଶାଳୀ ହୋଇପାରନ୍ତା। ପୂଜାରା ୩ ନମ୍ବରରେ, ବିରାଟ ୪ ନମ୍ବରରେ ଏବଂ ରୋହିତ ୫ ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଆସନ୍ତେ। ୱେଷ୍ଟଇଣ୍ଡିଜ ବିପକ୍ଷ ଚଳିତ ଟି୨୦ ସିରିଜରେ ଭାରତ ୨–୦ରେ ଅଗ୍ରଣୀ ରହିଛି। ଗୁୟାନାଠାରେ ମଙ୍ଗଳବାର ସିରିଜର ତୃତୀୟ ତଥା ଅନ୍ତିମ ମ୍ୟାଚ ଖେଳାଯିବ। କେତେଜଣ ଖେଳାଳିଙ୍କୁ ସୁଯୋଗ ଦେବା ପରିପ୍ରେକ୍ଷୀରେ ଭାରତୀୟ ଦଳରେ କିଛି ପରିବର୍ତ୍ତନ ହୋଇପାରେ। ମୋର ବିଶେଷ ନଜର କିନ୍ତୁ ରିଷଭ ପନ୍ତଙ୍କ ଉପରେ ରହିବ। ଏମ୍.ଏସ୍. ଧୋନୀଙ୍କ ସହିତ ଯଦିଓ ସେ ତୁଳନୀୟ ନୁହେଁ ତାଙ୍କୁ ପରବର୍ତ୍ତୀ ଉତ୍ତରାଧିକାରୀ କେତେକ ବିଚାରୁଛନ୍ତି। ଦକ୍ଷତା ପ୍ରତିପାଦନ ପାଇଁ ପନ୍ତଙ୍କୁ ଏହା ଏକ ଉତ୍ତମ ସୁଯୋଗ। ନବଦୀପ ସଇନିଙ୍କ ହ୍ୱାଇଟ୍ ବଲ୍ କ୍ୟାରିୟରର ଆରମ୍ଭ ଉତ୍ସାହଜନକ ରହିଛି। ନବାଗତଙ୍କ ମଧ୍ୟରେ ସେ ଜଣେ ବିରଳ ବୋଲର ଯିଏକି ଘଣ୍ଟା ପ୍ରତି ୧୫୦ କିଲୋମିଟର ବେଗରେ ବୋଲିଂ କରିପାରୁଛନ୍ତି। ଟେଷ୍ଟ ମ୍ୟାଚ ପାଇଁ ସେ ଅଧିକ ଉପଯୋଗୀ ସାବ୍ୟସ୍ତ ହେବେ ବୋଲି ମୁଁ ଭାବୁଛି। ହେଲେ ପ୍ରଦର୍ଶନରେ ସେ ସ୍ଥିରତା ବଜାୟ ରଖିବାରେ ସମର୍ଥ ହୋଇ ପାରିଲେ ହେଲା।

*–(ଗେମ୍‌ପ୍ଲାନ/ ଦୀନେଶ ଚୋପ୍ରା ମିଡିଆ)*

THE ULTIMATE INVERTER BATTERY
EXIDE INVATUBULAR

## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ହୃଷିକେଶ ମାଝୀ
ଆବିର୍ଭାବ: ୩୦।୦୭।୧୯୪୬
ତିରୋଧାନ: ୨୭।୦୭।୨୦୧୯
ଗ୍ରାମ: ବିଶିପାଲି, କିଶୋରନଗର, ଅନୁଗୋଳ
ଆଜିର ଏହି ପୁଣ୍ୟ ତିଥିରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ:
ପୁଅ: ଡିଲେଶ୍ୱର, ବୋହୂ: ସୁଜାତା, ଝିଅ: ବିନୋଦିନୀ, ବନଲତା, ବିଜୟଲକ୍ଷ୍ମୀ, ନାତି, ନାତୁଣୀ ଓ ଆତ୍ମୀୟସ୍ୱଜନ।
ଧ-୧୩୭୮୨

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତ ଦେବେନ୍ଦ୍ରନାଥ ଷଡଙ୍ଗୀ
ଆର୍ବିଭାବ– ୧.୪.୧୯୩୭
ତିରୋଧାନ – ୨୭.୭.୨୦୧୯
ପ୍ଲଟ ନଂ. ୬୨/୫୧୨, ଦିବ୍ୟବିହାର, ଲେନ–୨, ସାମନ୍ତରାପୁର, ଭୁବନେଶ୍ୱର
ଜାତସ୍ୟ ହି ଧ୍ରୁବୋ ମୃତ୍ୟୁ ର୍ଧ୍ରୁବଂ ଜନ୍ମ ମୃତସ୍ୟଚ ।
ତସ୍ମାଦପରିହାର୍ଯ୍ୟେ ଥେଁ ନ ତ୍ୱଂ ଶୋଚିତୁମର୍ହସି ।।
ମହାପ୍ରଭୁ ଶ୍ରୀ ଜଗନ୍ନାଥ ତୁମର ଅମର ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ ।
–: ଶୋକସନ୍ତପ୍ତ :–
ପରିବାର ବର୍ଗ ।
ଧ-୧୩୭୮୪

**ଦଶାହ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ପ୍ରଦୀପ୍ତ କୁମାର ଦାଶ
ଆବିର୍ଭାବ: ୦୬।୦୬।୧୯୪୬
ତିରୋଧାନ: ୨୮।୦୭।୨୦୧୯
ଗୋପାଳ ବଲ୍ଲଭ ରୋଡ଼ (ଅପର୍ଣ୍ଣା ଗେଷ୍ଟ ହାଉସ), ମୋଚିସାହି, ପୁରୀ
ସଭାପତି: ଆଷ୍ଟି କରସ୍ପନ(କଂଗ୍ରେସ)
ସଭାପତି: ସିନିୟର ସିଟିଜେନ୍ ଫୋରମ୍
ଆପଣଙ୍କ ତ୍ୟାଗ, ନିଷ୍ଠା, ସ୍ନେହ, ଶ୍ରଦ୍ଧା, ପରୋପକାରିତା ଆମପାଇଁ ଦିଗଦର୍ଶନ। ଆଜି ଦଶାହ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା କରୁଛୁ।
ହତଭାଗ୍ୟ ଶୋକସନ୍ତପ୍ତ:
ସ୍ତ୍ରୀ (ମଞ୍ଜୁଶ୍ରୀ ଦାଶ), ପୁତ୍ର: ଚିନ୍ମୟ କୁମାର ଦାଶ, ରିତୁପର୍ଣ୍ଣା ଦାଶ (ବୋହୂ), କନିଷ୍ଠ ପୁତ୍ର: ସନ୍ମୟ କୁମର ଦାଶ, ଶ୍ରୀପର୍ଣ୍ଣା ଦାଶ, କନ୍ୟା: ଅନିନ୍ଦିତା ମହାପାତ୍ର, ଜ୍ୱାଇଁ: ମାନସ କୁମାର ମହାପାତ୍ର, ନାତି: ମୋହିତ ମହାପାତ୍ର, ନାତୁଣୀ: ଦ୍ରୀଶାନା ଦାଶ, ଭ୍ରାତା: ଶ୍ରୀ ପ୍ରବୀର କୁମାର ଦାଶ, ଶ୍ରୀ ପ୍ରସନ୍ନ କୁମାର ଦାଶ, ଭଗ୍ନି: କଲ୍ୟାଣି ତ୍ରିପାଠୀ
ଧ-୬୩୭୮୮

**ଏକାଦଶାହ ଉପଲକ୍ଷେ**



୰ ପାର୍ବତୀ ଦେବୀ
(ଏରଞ୍ଚ, କସର୍ଦା, କଟକ)
ତିରୋଧାନ – ୨୭.୦୭.୨୦୧୯
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ : ଶ୍ରୀଯୁକ୍ତ ପ୍ରମୋଦ ଆଚାର୍ଯ୍ୟ (ନାତି) ଓ ପରିବାର ବର୍ଗ ।
ଧ-୬୭୩୪୨

**ଶ୍ରଦ୍ଧାଞ୍ଜଳୀ**



୰ଆରାଧନା ନନ୍ଦ
ତିରୋଧାନ: ୨୮.୦୭.୨୦୧୯
ଜାତସ୍ୟ ହି ଧ୍ରୁବୋ ମୃତ୍ୟୁ ର୍ଧ୍ରୁବଂ ଜନ୍ମ ମୃତସ୍ୟଚ ।
ତସ୍ମାଦପରିହାର୍ଯ୍ୟେଽର୍ଥେ ନ ତ୍ୱଂ ସୋଚିତୁମର୍ହସି ।।
ଶୋକ ସନ୍ତପ୍ତ
ସହକର୍ମୀ, ବନ୍ଧୁ ଓ ପରିବାରବର୍ଗ
ଧ-୧୩୭୮୯

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ଅଗଷ୍ଟ ୬/୨୦୧୯ Sambalpur, Tuesday, August 6 / 2019



ଦେବେନ୍ଦ୍ର ବେହେରା ସାପ ଉଦ୍ଧାର କରୁଛନ୍ତି।

## ନାଗସାପ ଉଦ୍ଧାର

ରାଉରକେଲା ଅଫିସ,୫।୮

ସୋମବାର ଅପରାହ୍ନ ପ୍ରାୟ ୨ଟାରେ ସେକ୍ଟର-୯ ଅଞ୍ଚଳରେ ରହୁଥିବା ସଞ୍ଜୟ ମହାନ୍ତିଙ୍କ ଘର ଅଗଣାରୁ ଏକ ନାଗସାପ ଉଦ୍ଧାର କରାଯାଇଛି। ସାପକୁ ଦେଖି ସଞ୍ଜୟ ସହରର ସାପଧରାଳି ଦେବେନ୍ଦ୍ର ବେହେରାଙ୍କୁ ଡକାଇଥିଲେ। ଦେବେନ୍ଦ୍ର ସାପକୁ ଉଦ୍ଧାର କରି ବନବିଭାଗକୁ ହସ୍ତାନ୍ତର କରିଛନ୍ତି।

# କେରଳରେ ଦାଦନ ଶ୍ରମିକ ମୃତ

ଲାଞ୍ଜିଗଡ,୫।୮(ଡି.ଏନ.ଏ.)

- ମୃତଦେହ ଆଣିବାକୁ ଗୁହାରି କଲେ ଗ୍ରାମବାସୀ
- ଶ୍ରମ ବିଭାଗ କହିଲା ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବ

କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଛୋରିଆଗଡ଼ ପଞ୍ଚାୟତ ସାନଫୁର୍ଲା ଗ୍ରାମର ମୋହନ ନାଏକ (୨୬) ଦାଦନ ଖଟିବାକୁ ଯାଇ ଶନିବାର ତାମିଲନାଡୁରେ ପ୍ରାଣ ହରାଇଥିଲେ। ଏହି ଖବର ମନରୁ ନ ଲିଭୁଣୁ ପୁଣି ଜଣେ ଦାଦନ ଶ୍ରମିକଙ୍କ କେରଳରେ ମୃତ୍ୟୁ ଘଟିଥିବା ଖବର ମିଳିଛି । ମୃତକ ହେଲେ ଲାଞ୍ଜିଗଡ଼ ବ୍ଲକ ପାହାଡପଦର ପଞ୍ଚାୟତ ବୋରପଦର ଗାଁର ଲଚ୍ଛମନ ମାଝି (୨୬)। ଗତ ୩ ତାରିଖରେ ତାଙ୍କର କେରଳରେ ମୃତ୍ୟୁ ଘଟିଥିବା ଖବର ଗାଁରେ ପହଞ୍ଚିଛି । ଏହି ଖବର ଜଣାପଡିବା ପରେ ଲଚ୍ଛମନଙ୍କ ସ୍ତ୍ରୀ ସୂର୍ଯ୍ୟକାନ୍ତି କାନ୍ଦି କାନ୍ଦି ଅଚେତ ହୋଇପଡୁଛନ୍ତି । ଏପରି ଅବସ୍ଥାରେ ଲଚ୍ଛମନଙ୍କ ମୃତଦେହ କିପରି ଗାଁକୁ ଫେରିବ ସେହି ଚିନ୍ତା ସମସ୍ତଙ୍କୁ ଘାରିଛି । ସୋମବାର ଗ୍ରାମବାସୀ ମୃତଦେହ ଫେରାଇ ଆଣିବା ପାଇଁ ଭବାନୀପାଟଣାସ୍ଥିତ ଶ୍ରମ ବିଭାଗ କାର୍ଯ୍ୟାଳୟରେ ପହଞ୍ଚି ଗୁହାରି କରିଛନ୍ତି। ଏ ସମ୍ପର୍କରେ ଶ୍ରମ ବିଭାଗର ଅତିରିକ୍ତ ଶ୍ରମ ଆୟୁକ୍ତ ପି.କେ.ମହାନ୍ତିଙ୍କୁ ପଚାରିବାରୁ ଲଚ୍ଛମନଙ୍କ ମୃତଦେହ ଅଣାଯିବା ବ୍ୟବସ୍ଥା କରାଯାଇଛି । ତାଙ୍କ ପରିବାର ଲୋକେ କ୍ଷତିପୂରଣ ରାଶି କିଭଳି ପାଇବେ ସେ ଦିଗରେ ମଧ୍ୟ ଚେଷ୍ଟା କରାଯିବ ବୋଲି ସେ କହିଛନ୍ତି ।



ଲଚ୍ଛମନ ମାଝି (ଫାଇଲ୍ ଫଟୋ)।

ମିଳିଥିବା ସୂଚନା ଅନୁଯାୟୀ, ଲଚ୍ଛମନ ଏକ ଅନ୍ୟଜାତିର ଝିଅ ସୂର୍ଯ୍ୟକାନ୍ତିଙ୍କୁ ଭଲ ପାଇ ବିବାହ କରିଥିଲେ। ହେଲେ ତାଙ୍କ ସମାଜ ଏହି ବିବାହକୁ ଗ୍ରହଣ କରି ନ ଥିଲା । ଫଳରେ ଲଚ୍ଛମନ ଦୁଃଖକଷ୍ଟରେ ଏକ କୁଡିଆ ନିର୍ମାଣ କରି ସ୍ତ୍ରୀଙ୍କ ସହ ରହୁଥିଲେ। ବିବାହର କିଛି ବର୍ଷ ପରେ ସୂର୍ଯ୍ୟକାନ୍ତି ପୁଅ ଓ ଝିଅକୁ ଜନ୍ମ ଦେଇଥିଲେ । ଫଳରେ ପରିବାରର ବୋଝ ବଢ଼ିଯାଇଥିଲା । ଫଳରେ ଲଚ୍ଛମନ କାମ ଅନ୍ୱେଷଣରେ ସାଙ୍ଗମାନଙ୍କ ସହିତ କେରଳକୁ ଯାଇଥିଲେ। ସେଠାରେ ପାଲ୍ଲାକାଡା ଜିଲା ରାମସେରିଠାରେ ଥିବା ଏକ ପଥର କ୍ରଶରରେ ଦିନ ମଜୁରିଆ ଭାବେ କାମ କରୁଥିଲେ । ମାସେ ନ ପୂରୁଣୁ ତାଙ୍କ ଛାତିରେ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ଗତ ୩ ତାରିଖରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ହଠାତ୍ ଗୁରୁତର ହୋଇପଡିଥିଲା । ସାଙ୍ଗମାନେ ଏ ନେଇ କ୍ରଶର ମାଲିକଙ୍କୁ ଖବର ଦେଇଥିଲେ। କ୍ରଶର ମାଲିକ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଲଚ୍ଛମନଙ୍କ ମୃତ୍ୟୁ ଘଟିଥିଲା। ସାଙ୍ଗମାନେ ଗାଁ ଲୋକଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ଲଚ୍ଛମନଙ୍କ ସ୍ତ୍ରୀ ସୂର୍ଯ୍ୟକାନ୍ତି ଅନେକ ସ୍ୱପ୍ନ ଦେଖିଥିଲେ। ସ୍ୱାମୀ କେରଳରୁ ବହୁ ଟଙ୍କା ରୋଜଗାର କରି ଆଣିବେ, ଆମେ ଏଠି ଘର ତିଆରି କରିବୁ । ପିଲାଛୁଆ ପାଠ ପଢ଼ିବେ, ଏକ ଛୋଟ ବ୍ୟବସାୟ ଆରମ୍ଭ କରି ନିଜ ଗୁଜୁରାଣ ମେଣ୍ଟେଇବୁ ଓ ସୁଖର ସଂସାର ଗଢ଼ିବୁ। ହେଲେ ସୂର୍ଯ୍ୟକାନ୍ତିର ସେହି ସ୍ୱପ୍ନ ଆଜି ଧୂଳିସାତ୍ ହୋଇଯାଇଛି । ସେହି ଚିନ୍ତାରେ ସେ ଏବେ ଭାଙ୍ଗି ପଡିଛନ୍ତି ।

# ଶିଁକ୍‌ଲା ବଁଧା ଜୀବନ୍ ବିତଉଛନ୍ ସନିକଟ୍

ରାଜେଶ୍ୱର ବେହେରା
ବିଜେପୁର, ୫।୮ (ଡି.ଏନ୍.ଏ)

ବରଗଡ଼ ଜିଲା ବିଜେପୁର ବ୍ଲକ ଟି.ଗଣ୍ଡପାଲି ପଁଚେତ୍ ସଦର ଗାଁର ସନିକଟ୍ ସାହୁ(୪୮)। ଦିନ୍‌ଥିଲା ସେ ବାହାଜାଂଗଲ୍ ମାଜି ମା'ବାପ୍, ସିଆନି ସଂଗେ ତିନ୍ ତିନଟା ଛୁଆପିଲାକୁ ପୁଷୁଥିଲେ। ଜମିବାଡ଼ି ବଲି କିଛି ନାଇଁ, ପରିବାରଟା ସୁଖବାସୀ ଆନ୍। ହେଲେ ସୁଖେ ଦୁଖେ ତାକର ସମିଆ ଚକା ଗଡି ଯାଉଥିଲା। ଆଏଜ୍‌କେ ୧୫ ବଛର୍ ତଲେ ସନିକଟ୍‌ର ଦିହିପା ବନେ ବିଗଡି ଗଲା। ଏନ୍‌ତାଥି କମିହା ପୁଓକେ ଭଲ କରବାକେ ବାପ୍ ମୂରଲି ସାହୁ ମାଗିଯାଚି ତାହାକୁ ବୁର୍ଲା ଡାକ୍‌ତରଖାନା ନେଲେ। ଡାକ୍‌ତର କହେବାର ହିସାବେ ସନିକଟ୍ ମାନସିକ୍ ରୋଗ୍‌ରେ ପୀଡ଼ିତ ଅଛନ୍। ଉଷୋକଷା କରି ଭଲ କରବାକେ ହେଲେ ଉଚ ଧରନ୍‌ର ଚିକିଛା ଦରକାର। ହେଲେ ଟଁକା ପଏସା ଅଭାବୁ ମୂରଲି ମୁଡ଼କାନ ସୁଆଁଲି ପୁଓକେ ଧରି ଘରକେ ଫିରିଆଏଲେ। ଗାଁରେ ଚେରମୂଲି, ବଇଦ୍ ଗୁନିଆଁ, ଫୁକାଝରା କଲେ। ହେଲେ ସନିକଟ୍‌ର ରୋଗ୍ କମ୍‌ବାର ଜାଗାରେ ଦିନୁଦିନ୍‌କେ ବଢ଼ତେଲ ଗଲା। ବେଭାର ଆଚାର ବଦଲି ଗଲା, ଘରୁ ଯହିଁତହିଁ ପଲେଇ ବସଲେ। ପରିବାର ଲୋକ୍ ଇ ସବୁରୁ ମୁକ୍‌ତି ପାଏବାର ଲାଗି ସନିକଟ୍‌ର ଗୁଟେ ଲୁହା ଶିଁକ୍‌ଲା ବାଁଧିଦେଲେ। ଆଏଜ୍‌କେ ୪ ବଛର ହେଲା ଶନିକଟ୍ ଶିଁକ୍‌ଲା ବଁଧା ଜୀବନ୍ ବିତଉଛନ୍। ଗାଁର ଦୁର୍ଗା ମଡ଼ପ ପାସେ ତାକର ଘର। ପରଛିରେ ଗୁଟେ ଗଁଧୁଆ ଖଟେ ଖୁଁଟ ଲେଖେଁ ବସି ସନିକଟ୍ ଦିନ ବିତଉଛନ୍। ଇଆଡ଼େ ମା'ବାପ୍ ଅପାରୁ ହେଲେନ। ଏହେଦେ ରାଶନ କାର୍ଡରେ ମିଲୁଥିବାର ସରକାରୀ ଚାଉଲ ଦୁରା ଆର ବୁଢ଼ାବୁଢ଼ି ପାଉଥିବାର ଭତା ପରିବାରର ସାହାଭରସା ପାଲଟିଛେ। ବଡ଼ାକଷ୍‌ଟେ ପୁଓ ଆର ନାତି ନାତେନକକର ଲାଗି ମୂରଲି ଥିରପାଏନ୍ ଯୁଗାଡ଼ କରୁଛନ୍। ଏନ୍‌ତାଥି ଉପେ ଶୂଇନ୍ ହେଇ ଅସାହା ମୂରଲି ଗଣମାଧ୍ୟମ ଜରିଆରେ ପୁଓର ଲାଗି ସରକାରୀ, ବେସରକାରୀ ଚିକିଛା ସାହାଯ୍ ଲାଗି ବିନ୍‌ତି କରିଛନ୍। ଯେ ମୋର ପୁଓକେ ନୁକୋ କରିଦେବା ମୁଇଁ ତାରଠାନେ ଯୁଗ ଯୁଗ ତକ୍ ଲଗ୍‌ତିଆ ହେଇ ରହିମି ବଲି ସେ କଁଦ୍‌କଁଦ୍‌ନିଆଁ ହେଇ କହିଛନ୍। ଇ ବାବ୍‌ଦେ ସରପଁଚ୍ ପ୍ରଭାତୀ ମେହେରକୁଁ ପଚରାଲାରୁ ସରକାରୀ ନିୟମ କାଣା ଅଛେ ମୁଇଁ ନାଇଁ ଜାନି। ବ୍ଲକ ପରଶାସନକେ ବୁଝି ଯେନ୍‌ଟା ହେବା ନିହାତି ଭାବେ ସାହାଯ୍ ଯୁଗେଇ ଦିଆଯିବା ବଲି ସେ କହିଥିଲେ।



ଘର ଆଘେ ଶିଁକ୍‌ଲା ବଁଧା ଅବସ୍‌ତାରେ ସନିକଟ୍ ବସିଛନ୍।

## ଇଚ୍ଛା ଶକ୍ତି ଆଗରେ ହାର ମାନିଛି ବୟସ

# ୭୮ ବର୍ଷରେ ସଚେତନତା ବାର୍ତ୍ତା ବାଣ୍ଟୁଛନ୍ତି ଘାସିରାମ

ଭବାନୀପାଟଣା/କୋକସରା, ୫।୮ (ସ୍ୱ.ପ୍ର./ଡି.ଏନ.ଏ.)

ଇଚ୍ଛା ଶକ୍ତି ଆଗରେ ହାରମାନେ ସମସ୍ତ ପ୍ରକାର ବାଧାବିଘ୍ନ ପରିଣତ ବୟସ। ଏହାକୁ ବାସ୍ତବତାରେ ପରିଣତ କରି ଦେଖାଇଛନ୍ତି ଜଣେ ସାମାଜିକ କର୍ମୀ। ବୟସର ଅପରାହ୍ନରେ ହାର ନ ମାନି ଲୋକମାନଙ୍କ ମଧ୍ୟରେ ସଚେତନତା ବାର୍ତ୍ତା ବାଣ୍ଟି ଚାଲିଛନ୍ତି। ଏପରି ଜଣେ ସାମାଜିକ କର୍ମୀ ହେଉଛନ୍ତି କଳାହାଣ୍ଡି ଜିଲା କୋକସରା ଗ୍ରାମର ଘାସିରାମ ପାଢଯୋଷୀ (୭୮)। ଶିକ୍ଷକତା ଜୀବନରୁ ଅବସର ନେବା ପରେ ସେ ସମାଜ ସେବାକୁ ବ୍ରତ ଭାବରେ ଗ୍ରହଣ କରିଛନ୍ତି। ସମାଜ ସେବା ଦ୍ୱାରା ଲୋକମାନଙ୍କ ମଧ୍ୟରେ ସ୍ୱଚ୍ଛତାର ବାର୍ତ୍ତା ବାଣ୍ଟି ନିଜର ମନରେ ଖୋଜନ୍ତି ଆନନ୍ଦ । ସକାଳୁ ସକାଳୁ ନିଜର ସାଇକେଲରେ ବାହାରି ପଡ଼ିଥାନ୍ତି। ସାଇକଲ ଆଗ ପଟରେ ଅରଟ ଚିହ୍ନ ଥିବା ଭାରତର ଜାତୀୟ ପତାକା ସାଙ୍ଗକୁ ଅଣ୍ଟାରେ ଡ଼ାକବାଜି ଯନ୍ତ୍ର ଝୁଲାଇ ଦୋକାନ ବଜାର ସହ ଗାଁ ଗାଁ ବୁଲି ସ୍ୱଚ୍ଛ ଭାରତର ବାର୍ତ୍ତା ପରିବେଶ ସଫା ରଖିବା ସହ ମା' ଭଉଣୀଙ୍କୁ ସମ୍ମାନ ଦିଅ, ଘରେ ଘରେ ପାଇଖାନା କରି ଘରର ସମ୍ମାନ ରଖ ବୋଲି ପ୍ରଚାର କରୁଛନ୍ତି । ଏଥି ସହ ଦୋକାନ ବଜାରରେ ନିୟମ ଖିଲାଫ କରୁଥିବା ବ୍ୟକ୍ତିମାନଙ୍କୁ ତାଗିଦ ମଧ୍ୟ କରନ୍ତି । ତାଙ୍କର ଏହି ସବୁ କାମକୁ ସମସ୍ତେ ଆଦରର ସହ ଗ୍ରହଣ କରୁଥିବାବେଳେ ବିଭିନ୍ନ ସରକାରୀ ସଚେତନତା କାର୍ଯ୍ୟକ୍ରମରେ ତାଙ୍କର ବରିଷ୍ଠ ଭୂମିକା ରହିଛି । ଯେକୌଣସି ସରକାରୀ କାର୍ଯ୍ୟାଳୟର ସଚେତନତାରେ ତାଙ୍କର ଉପସ୍ଥିତିକୁ ଅଧିକାରୀମାନେ ମଧ୍ୟ ପ୍ରାଧାନ୍ୟ ଦେଇଥାନ୍ତି । ତାଙ୍କର ଏହି ଜନସଚେତନତାରେ ବଳିଷ୍ଠ ଯୋଗଦାନ ପାଇଁ କଳାହାଣ୍ଡି ଉତ୍ସବ ସହ ବିଭିନ୍ନ ଅନୁଷ୍ଠାନରୁ ତାଙ୍କୁ ସମ୍ମାନିତ କରାଯାଇଛି। ଏ ସମ୍ପର୍କରେ ଘାସିରାମ କହନ୍ତି ମୋତେ ପୁରସ୍କାର ନୁହେଁ, ଜନମାନସର ହୃଦୟରେ ଟିକିଏ ଜାଗା ଦରକାର । ଏହା ମୋ ପାଇଁ ଜୀବନର ଉପଲବ୍ଧି ହେବ ବୋଲି କହନ୍ତି । ଆଜିର ଏହି ସ୍ୱାର୍ଥପର ଦୁନିଆରେ ନିଜର ସ୍ୱାର୍ଥକୁ ଜଳାଳି ଦେଇ ସମାଜ ସେବାରେ ବ୍ରତି ହେବା ମଣିଷ ଘାସିରାମ ସତରେ ଜଣେ ନିଆରା ବ୍ୟକ୍ତିତ୍ୱ ।



ଘାସିରାମ ପାଢଯାଷୀ ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଭୁଲ୍ କର ପଛେ ଚିନ୍ତା ନାହିଁ, କିନ୍ତୁ ପର ବୁଦ୍ଧିରେ ନ କରି ନିଜ ବୁଦ୍ଧିରେ କର ।

- ଏଡୱାର୍ଡ୍

## ସଂକ୍ଷେପରେ

### ଦୁର୍ଘଟଣାରେ ୪ ଗୁରୁତର

**ଉଲୁଣ୍ଡା, ୫।୮(ଡି.ଏନ.ଏ.):** ସୋନପୁର-ସମ୍ବଲପୁର ମୁଖ୍ୟରାସ୍ତାର ଉଲୁଣ୍ଡା ମେନକା ଯୋର ପୋଲ ଉପରେ ଦୁର୍ଘଟଣା ଘଟି ଗୋଟିଏ ପରିବାରର ୪ଜଣ ଗୁରୁତର ହୋଇଛନ୍ତି। ଗୁରୁତରଙ୍କ ମଧ୍ୟରେ ରାମପୁର ଥାନା ଅଞ୍ଚଳର ଜଗନ୍ନାଥ ବେହେରା(୪୦), ତାଙ୍କ ସ୍ତ୍ରୀ ରେଣୁକା ବେହେରା(୩୫)ଙ୍କ ସମେତ ଦୁଇ ଝିଅ ପ୍ରାଚୀ (୧୪) ଏବଂ ନିୟତୀ (୮) ଥିବା ଜଣାପଡିଛି। ସୂଚନାମତେ ଏହି ପରିବାର ଏକ ବାଇକ ଯୋଗେ ସୋନପୁର ପଟରୁ ନିଜ ଘରକୁ ଫେରୁଥିବା ବେଳେ ପଛପଟୁ ଏକ କାର ଉକ୍ତ ସ୍ଥାନରେ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଡ୍ରାଇଭର ଗାଡିକୁ ନେଇ ଫେରାର ହୋଇ ଯାଇଥିଲେ। ପରେ ସ୍ଥାନୀୟ ଲୋକେ ସମସ୍ତ ଗୁରୁତରଙ୍କୁ ଉଦ୍ଧାର କରି ଉଲୁଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ସମସ୍ତଙ୍କ ଅବସ୍ଥା ଗୁରୁତର ଥିବାରୁ ପରେ ଜିଲା ମୁଖ୍ୟଚିକିତ୍ସାଳୟକୁ ପଠାଯାଇଥିଲା। ତେବେ ଧକ୍କା ଦେଇ ଫେରାର ମାରୁଥିବା କାର ଚାଳକ ରାଜୁ ଚନ୍ଦନ (୩୨)ଙ୍କୁ ଧମା ପୋଲିସ ଅଟକ ରଖି ପରେ ଉଲୁଣ୍ଡା ପୋଲିସକୁ ହସ୍ତାନ୍ତର କରିଛି। ଦୁର୍ଘଟଣା ଘଟାଇଥିବା ଗାଡିକୁ ଜବତ କରାଯିବା ସହ ଚାଳକଙ୍କୁ ଅଟକ ରଖାଯାଇଥିବା ଆଇଆଇସି ବିଧୁଭୂଷଣ ପୁଟା ସୂଚନା ଦେଇଛନ୍ତି।

### ବୀରମହାରାଜପୁର ତହସିଲ ଜମି ଜାଲିଆତି, ଠକେଇ ଘଟଣା

# ୭ ଫାଇଲ ଜବତ କଲା ପୋଲିସ

ଅମରପାଲି, ୫।୮(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲରେ ହୋଇଥିବା ଜମି ଜାଲିଆତି ଓ ଠକେଇ ଘଟଣାରେ ପୋଲିସ ତହସିଲ କାର୍ଯ୍ୟାଳୟରୁ ୭ଟି ଗୁରୁତ୍ୱପୂର୍ଣ୍ଣ ଫାଇଲ ଜବତ କରିଛି । ଫାଇଲ ଜବତ ପରେ ତଦନ୍ତକୁ ଆହୁରି ଜୋରଦାର କରାଯାଇଛି । ସୂଚନା ଅନୁସାରେ ବୀରମହାରାଜପୁର ତହସିଲରେ ଜମି ଜାଲିଆତି ସହ ବ୍ୟାପକ ଦୁର୍ନୀତି ହୋଇଥିବା ପୂର୍ବରୁ ଦୁଇଥର ଥାନାରେ ଅଭିଯୋଗ ହୋଇଛି । ସରକାରୀ ଜମି ବନ୍ଦୋବସ୍ତ ବ୍ୟାପାରରେ ଚଞ୍ଚକତା କରି ବହୁ ଆପତ୍ତିଜନକ କିସମ ଜମି ବ୍ୟକ୍ତିଗତ ମାଲିକାନାର ସ୍ୱତ୍ୱ ଦିଆଯାଇଛି । ଜାଲ କାଗଜପତ୍ର ପ୍ରସ୍ତୁତ କରି ପିଛିଲା ଭାବରେ ୨୯୦ରୁ ଉର୍ଦ୍ଧ୍ୱ (କେସ ନଂ. ୫୪୭/୦୮ ରୁ ୮୪୨/୦୮ ପର୍ଯ୍ୟନ୍ତ) ମ୍ୟୁଟେସନ୍ କେସ ରେକର୍ଡ ପ୍ରସ୍ତୁତ କରାଯାଇ ପ୍ରଜାଙ୍କ ରୟତି ଜମିର ଫାଇଲ ପରିବର୍ତ୍ତନ କରାଯାଇଥିବା ଆନନ୍ଦ କୁମାର ପରମଗୁରୁ ଅଭିଯୋଗ କରିଛନ୍ତି। ବୀରମହାରାଜପୁର ତହସିଲ କାର୍ଯ୍ୟାଳୟ ଅନ୍ତର୍ଗତ ନାଏକପାଲି ମୌଜାର ଖାତା ନଂ. ୪୦ (୫ମ ବନ୍ଦୋବସ୍ତ) ମୈଥିଲି ପରମଗୁରୁଙ୍କ ନାମରେ ୧୧.୮୮୫ ଏକର ରେକର୍ଡ ଥିଲା। ଦାଖଲ ଖାରଜ କେସ ନଂ. ୯୦୮/୧୨ ତା. ୩୦ ନଭେମ୍ବର, ୨୦୧୨ ଆଦେଶ ମୁତାବକ ୨୫ ଅକ୍ଟୋବର, ୨୦୧୩ରେ ତହସିଲଦାର ଦୁଇଖାନା ସଂଶୋଧନ କରି ସମସ୍ତ ଜମିର ମାଲିକାନା ଆନନ୍ଦ କୁମାର ପରମଗୁରୁ, ସନ୍ତୋଷ କୁମାର ପରମଗୁରୁ, ତପସ୍ୱିନୀ ପରମଗୁରୁ ଓ ଶୁଭାସିନୀ ପରମଗୁରୁଙ୍କ ନାମରେ ପରିବର୍ତ୍ତନ କରାଯାଇଛି । ୨୨ ଜୁଲାଇ, ୨୦୧୪ ରେ ଉକ୍ତ ଜମିର ଖଜଣା ବି ପୈଠ ହୋଇଛି । ୨୦୧୫ ମସିହା ଡିସେମ୍ବର ୯ ତାରିଖରେ ଆନନ୍ଦ କୁମାର ପରମଗୁରୁ ଖଜଣା ପୈଠ ପାଇଁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଯାଇଥିବା ବେଳେ ଜାଣିବାକୁ ପାଇଲେ ଯେ, ତାଙ୍କ ଖାତାର ସମସ୍ତ ରେକର୍ଡ ୫୩/୧୬ ଖାତାକୁ ରେକର୍ଡ କରାଯାଇଛି। ଏନେଇ ଆନନ୍ଦ କୁମାର ପରମଗୁରୁ ବୀରମହାରାଜପୁର ଥାନାରେ ଏତଲା ଦେଇଛନ୍ତି । ଏତଲାକୁ ଭିତ୍ତିକରି ଧାରା ୪୧୭, ୪୧୮, ୪୬୬, ୪୬୮ ଓ ୩୪ରେ ପୂର୍ବତନ ତହସିଲଦାର ରବୀନ୍ଦ୍ରନାଥ ମଲ୍ଲଙ୍କ ସମେତ ୭ଜଣଙ୍କ ନାମରେ ଏକ ମାମଲା (ନଂ ନଂ. ୮୭/୧୯୦ ମଧ୍ୟ ରୁଜୁ ହୋଇଛି । ଏହାର ତଦନ୍ତ ସୁବର୍ଣ୍ଣପୁର ଉପଆରକ୍ଷୀ ଅଧୀକ୍ଷକ ହେମସାଗର ନନ୍ଦ କରୁଥିବା ବେଳେ ସେ ବୀରମହାରାଜପୁର ତହସିଲ କାର୍ଯ୍ୟାଳୟକୁ ଗତ ୩୧ ଜୁଲାଇ, ୨୦୧୯ରେ ଯାଇ ୭ଟି ଗୁରୁତ୍ୱପୂର୍ଣ୍ଣ ରେକର୍ଡ ଜବତ କରିଥିବା ପ୍ରକାଶ କରିଛନ୍ତି। ତଦନ୍ତରେ ବ୍ୟାଘାତ ନହେବା ପାଇଁ ଅଧିକ ତଥ୍ୟ ଦିଆଯାଇ ପାରିବ ନାହିଁ ବୋଲି କହିଛନ୍ତି । ତଦନ୍ତ ପରେ ଦୋଷୀଙ୍କୁ ଗିରଫ କରାଯିବ ବୋଲି କହିଛନ୍ତି ।



ବୀରମହାରାଜପୁର ତହସିଲ କାର୍ଯ୍ୟାଳୟ ।


୧୪ ନଂ ୱାର୍ଡର ବସ୍ତିବାସିନ୍ଦା ଜିଲାପାଳଙ୍କୁ ଭେଟିବାକୁ ଆସିଛନ୍ତି ।

# ବସ୍ତିବାସିନ୍ଦାଙ୍କୁ ଘରଡିହ ପଟ୍ଟା ପ୍ରଦାନ ଦାବି

**ସୋନପୁର,୫।୮(ନି.ପ୍ର)**

ଓଡିଶା ଭୂଅଧିକାର ଆଇନ ୨୦୧୭ ଅନୁଯାୟୀ ସହରର ବସ୍ତିବାସିନ୍ଦାଙ୍କୁ ଘରଡିହ ପଟ୍ଟା ପ୍ରଦାନ ପାଇଁ ଶତାଧିକ ମହିଳା ଓ ପୁରୁଷ ସୋମବାର ଜିଲାପାଳଙ୍କ ନିକଟରେ ଅନୁରୋଧ କରିଛନ୍ତି। ମ୍ୟୁନିସିପାଲିଟିର ୧୪ନଂ ୱାର୍ଡର ଭଗବତୀ ମନ୍ଦିର ସମ୍ମୁଖରେ ସରକାରୀ ପତିତ ଅନାବାଦୀ ଜମିରେ ଦୀର୍ଘଦିନରୁ ବସବାସ କରୁଥିବା ସେମାନେ ଦର୍ଶାଇଛନ୍ତି। ଏହି ଗରିବ ଶ୍ରେଣୀର ଲୋକମାନେ ଭୂମିହୀନ। କଚ୍ଚା ଘରେ ଓ ଅଜବେଷ୍ଟସ୍ ଘରେ ସେମାନେ ରହୁଛନ୍ତି। ଘରଡିହ ପଟ୍ଟା ନ ଥିବାରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସେମାନଙ୍କୁ ଘର ମିଳୁନି। ତେଣୁ ଘରଡିହ ପଟ୍ଟା ପ୍ରଦାନ ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବାକୁ ବସ୍ତିର ଅଜିତ କୁମାର ମିଶ୍ର, ନିମାଇ ଭୋଇ, ସୀତା ନାଏକ, ମାଳତୀ ମେହେର, ପ୍ରଣତି ସାହୁ, ସୌଦାମିନୀ ସାହୁ, ଅଞ୍ଜଳି ସାହୁ, ଶାନ୍ତିଲତା ମେହେର, ହେମଲତା ପଧାନ ଓ ଯଶୋବନ୍ତି ସାହୁ ପ୍ରମୁଖ ଜିଲାପାଳଙ୍କୁ ନିବେଦନ କରିଛନ୍ତି ।

# ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

**ସୋନପୁର,୫।୮(ନି.ପ୍ର.)**

- **୮୫ ଅଭିଯୋଗରୁ ୭୩ ବ୍ୟକ୍ତିଗତ**
- **୧୫ ତତ୍କ୍ଷଣାତ ସମାଧାନ ହେଲା**

ସୁବର୍ଣ୍ଣପୁର ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ତାଙ୍କ ପ୍ରକୋଷ୍ଠରେ ସୋମବାର ଅନୁଷ୍ଠିତ ହୋଇଥିଲା। ଶିବିରରେ ଜିଲାପାଳ ମୋନିଷା ବାନାର୍ଜୀ ଲୋକଙ୍କ ବିଭିନ୍ନ ଅଭିଯୋଗ ଶୁଣି ତାର ସମାଧାନ କରିଥିଲେ। ଏଥିରେ ଏସ୍‌ପି ଦେବୀ ପ୍ରସାଦ ଦାଶ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ସୋନପୁର ଉପଜିଲାପାଳ ବଳରାମ ମଲ୍ଲିକ, ସୋନପୁର ବିଡିଓ ରବିନ୍ଦ୍ର କୁମାର ପଟେଲ, ଜିଲା ଉପକୃଷି ନିର୍ଦ୍ଦେଶକ ସନ୍ତୋଷ କୁମାର ଜେନା, ଏଲଡିଏମ ସରୋଜ ଦାଶ, ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ. ଅସିତ କୁମାର ବଡପଣ୍ଡା, ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ ସତ୍ୟବ୍ରତ ବେହେରା, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ମିଶନର ନିର୍ବାହୀଯନ୍ତ୍ରୀ ଇଂ. ବିପିନ ବିହାରୀ ଦାଶ, କ୍ଷୁଦ୍ର ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ କିଶୋର ଆଚାର୍ଯ୍ୟ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରପ୍ରାପ୍ତ ସିଡିଏମପିଏଚଓ ଡାକ୍ତର ପ୍ରଦୀପ କୁମାର ଗୁରୁ, ଜିଲା ସମାଜ ମଙ୍ଗଳ ଅଧିକାରୀ ଅଷ୍ଟ୍ରେରିଆ କେର୍କେଟା, ଜିଲା ନିୟୋଜନ ଅଧିକାରିଣୀ ଶର୍ମିଷ୍ଠା ଧଳ, ଜିଲା ଶ୍ରମ ଅଧିକାରୀ ଦିଲେଶ୍ୱର ଖାଖା, ସୋନପୁରର ତହସିଲଦାର ଅରବିନ୍ଦ ବେହେରା ଓ ଜିଲା ମତ୍ସ୍ୟ ଅଧିକାରୀ ପ୍ରଦୀପ କୁମାର ଦେ ପ୍ରମୁଖ ଉପସ୍ଥିତ ଥିଲେ। ମୋଟ ୮୫ଟି ଅଭିଯୋଗ ଆସିଥିବା ବେଳେ ୭୩ଟି ବ୍ୟକ୍ତିଗତ ଥିଲା। ୧୨ଟି ଗ୍ରାମ୍ୟ ସମସ୍ୟା ଓ ଗୋଟିଏ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ଆବେଦନ ଆସିଥିଲା। ୧୫ଟି ସମସ୍ୟାକୁ ଜିଲାପାଳ ବାନାର୍ଜୀ ତତ୍କ୍ଷଣାତ ସମାଧାନ କରିଥିଲେ ।


ଜିଲାପାଳ, ଏସ୍‌ପି ଓ ଅତିରିକ୍ତ ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ।



ଅତିଥି ଓ ବିଚାରପତିଙ୍କ ଗହଣରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀମାନେ ।

### ଜିଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା

# ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଥମ

**ସୋନପୁର,୫।୮(ନି.ପ୍ର)**

ସୁବର୍ଣ୍ଣପୁର ଜିଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ସୋନପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ତରଭା ବ୍ଲକ ଜାମକାନୀସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ, ଉଲୁଣ୍ଡା ବ୍ଲକ ଝାରବାହାଲିସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ, ଡୁଙ୍ଗୁରିପାଲି ବ୍ଲକର ଉନ୍ନୀତ ଉଚ୍ଚ ବିଦ୍ୟାଳୟ ସୁନାପାଲି, ବିନିକା ବାଳିକା ଉଚ୍ଚ ବିଦ୍ୟାଳୟ ଓ ବୀରମହାରାଜପୁର ବ୍ଲକ ଖଣ୍ଡହତା ଇନ୍ଦିରା ଗାନ୍ଧୀ ହାଇସ୍କୁଲର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସୋନପୁର ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ହୁସିଆର ଯମ ଆସୁଛି ଶୀର୍ଷକ ନାଟକ ପରିବେଷଣ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହି ନାଟକଟି ଏଡ୍‌ସ ସଚେତନତା ଉପରେ ପର୍ଯ୍ୟବେସିତ ଥିଲା। ନାଟକର ନିର୍ଦ୍ଦେଶନା ଦେଇଥିଲେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶାନ୍ତନୁ କୁମ୍ଭକାର। ଡୁଙ୍ଗୁରିପାଲିର ସୁନାପାଲି ହାଇସ୍କୁଲ ଦ୍ୱିତୀୟ ଓ ବିନିକା ସରକାରୀ ବାଳିକା ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲା। ଏଥି ସହ ଆସନ୍ତା ୮ ତାରିଖରେ ସୋନପୁର ମହାରାଜା ହାଇସ୍କୁଲଠାରେ ଅନୁଷ୍ଠିତ ହେବାକୁ ଥିବା ଜୋନାଲସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ସୋନପୁର ବାଳିକା ଉଚ୍ଚ ବିଦ୍ୟାଳୟ ଯୋଗ୍ୟତା ଅର୍ଜନ କରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲା ବିଜ୍ଞାନ ନିରୀକ୍ଷକ ହିମାଂଶୁ କର ଓ ସାହାରା ଟ୍ରଷ୍ଟ ହାଇସ୍କୁଲର ପ୍ରଧାନଶିକ୍ଷକ ଗତିକୃଷ୍ଣ ମିଶ୍ର ଯୋଗ ଦେଇଥିଲେ। ନାଟ୍ୟକାର ତଥା ଧର୍ମଶାଳା କଲେଜର ଅଧାପକ ପୁରୁଷୋତ୍ତମ ମିଶ୍ର, ପଞ୍ଚମହଲା ହାଇସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀଧର ବାଗ ଓ ପଏଁରୀର ସାଧାରଣ ସମ୍ପାଦକ ଚୌଧୁରୀ ବିଭାର ବିଚାରପତି ଦାୟିତ୍ୱ ନିର୍ବାହ କରିଥିଲେ ।

### ମହିଳାଙ୍କ ତଣ୍ଟିକାଟି ହତ୍ୟା ଘଟଣା

# ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ, ୨ ସନ୍ଦିଗ୍ଧ ଅଟକ

**ସୋନପୁର,୫।୮(ନି.ପ୍ର)**

- **ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ବର୍ଗଙ୍କୁ ହସ୍ତାନ୍ତର**
- **ବୁର୍ଲାରେ ଚିକିତ୍ସିତ ହେଉଛନ୍ତି ସ୍ୱାମୀ, ପୁଅ**

ସୁବର୍ଣ୍ଣପୁର ଜିଲା ବିନିକା ଥାନା ଘୋଡାଧାରରେ ଜମି ବିବାଦକୁ କେନ୍ଦ୍ର କରି ରବିବାର ରାତିରେ ବିଭତ୍ସ ହତ୍ୟାକାଣ୍ଡ ଘଟିଥିଲା। ହରିଜନବସ୍ତିର ପାଞ୍ଚେଶ୍ୱରୀ ଲୁହା(୫୦)ଙ୍କୁ ପୂର୍ବ ଶତ୍ରୁତା କାରଣରୁ ତାଙ୍କ ପଡୋଶୀ ତଣ୍ଟିକାଟି ହତ୍ୟା କରିଥିଲେ। ଦୁର୍ବୃତ୍ତଙ୍କ ସଂଘବଦ୍ଧ ଆକ୍ରମଣରେ ମୃତ ମହିଳାଙ୍କ ସ୍ୱାମୀ କଣ୍ଟିଆ ଲୁହା(୫୫) ଓ ପୁଅ ବାଲେଶ୍ୱର ଲୁହା(୨୩) ଗୁରୁତର ଆହତ ହୋଇଥିଲେ । ସେମାନେ ଏବେ ବୁର୍ଲା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। କଣ୍ଟିଆଙ୍କ ମୁଣ୍ଡ ଓ ବାଲେଶ୍ୱରଙ୍କ ଶରୀରର ବିଭିନ୍ନ ସ୍ଥାନରେ ଚୋଟ ଲାଗିଛି। ବିନିକା ପୋଲିସ ଏକ ମାମଲା (ନଂ. ୧୨୭/୧୯୦ରୁଜୁ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଜାରି ରଖିଛି । ପୋଲିସ ସେହି ଗ୍ରାମର ୨ ସନ୍ଦିଗ୍ଧଙ୍କୁ ଅଟକ ରଖି ପଚରାଉଚୁରା କରୁଛି । ଗ୍ରାମରେ ପୋଲିସ ମୁତୟନ ହୋଇଛନ୍ତି। ସୋମବାର ବଲାଙ୍ଗୀରରୁ ସାଇଣ୍ଟିଫିକ୍ ଟିମ୍ ଆସି ତଦନ୍ତ କରିଛନ୍ତି। ପ୍ରକାଶ ଯେ, ସରକାରୀ ଜମିକୁ ନେଇ ବସ୍ତିର ଲୁହା ଓ ଭୁଏ ପରିବାର ମଧ୍ୟରେ ଦୀର୍ଘବର୍ଷ ଧରି ବିବାଦ ଲାଗି ରହିଥିଲା। ପୋଲିସ ନିକଟରେ ଅଭିଯୋଗ ହୋଇଥିଲା। ବିବାଦର ସମାଧାନ ପାଇଁ ମହାଦେବପାଲି ଫାଣ୍ଡି ପୋଲିସ ରବିବାର ସନ୍ଧ୍ୟାରେ ଉଭୟ ପକ୍ଷଙ୍କୁ ଡାକି ଆଲୋଚନା କରିଥିଲେ । ରାତିରେ କଣ୍ଟିଆ ଲୁହା, ସ୍ତ୍ରୀ ପାଞ୍ଚେଶ୍ୱରୀ ଓ ପୁଅ ବାଲେଶ୍ୱର ବାଇକ୍‌ରେ ଘରକୁ ଫେରୁଥିବା ବେଳେ ଘୋଡାଧାର ପ୍ରାଥମିକ ବିଦ୍ୟାଳୟ ନିକଟରେ ପୂର୍ବରୁ ଲୁଚି ରହିଥିବା ଭୁଏ ପରିବାରର ସଦସ୍ୟମାନେ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ପାଞ୍ଚେଶ୍ୱରୀଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା ।

### ଫେରାର ଦୁଇ ଲୁଟେରାଙ୍କୁ ଧରିଲା ପୋଲିସ

ତରଭା, ୫।୮ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ବ୍ରାହ୍ମଣୀ ଓ ବେହେରାମୁହାଣ ରାସ୍ତାରେ କିଛି ଦିନ ହେଲା ଲୁଟେରାମାନଙ୍କ ପ୍ରାଦୁର୍ଭାବ ଲାଗି ରହିଛି। ବିଭିନ୍ନ ସମୟରେ ସେମାନେ ରାହାଜାନୀ ଓ ଲୁଟତରାଜ ଚଳାଇଛନ୍ତି। ଏହିକ୍ରମରେ ତରଭା ଥାନା ପୋଲିସ ସୋମବାର ୨ଲୁଟେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଦେଓଗାଁ ଥାନା ଅନ୍ତର୍ଗତ କଟାପାଲି ଗ୍ରାମର ଉତ୍ତମ ବାରିକ ଓ ସୁବାଷ ବାରିକ। ସେମାନଙ୍କଠାରୁ ଗୋଟିଏ ଛୁରି, ବାୟୋମେଟ୍ରିକ ଡିଭାଇସ ଏବଂ ଏକ ମୋବାଇଲ ଫୋନ ଜବତ କରାଯାଇଥିବା ଆଇଆଇସି ଡୋଲାମଣି ଭୋଇ ପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଗତ ୩୦ ତାରିଖ ବ୍ରାହ୍ମଣୀ ରାସ୍ତାରେ ଚାରି ଜଣ ଲୁଟେରା ଇଣ୍ଡୋସିନ ବ୍ୟାଙ୍କ ତରଭା ଶାଖା ମ୍ୟାନେଜର ପ୍ରଭଞ୍ଜନ ସାହୁଙ୍କଠାରୁ ଚାରିଶହ ଟଙ୍କା ସହିତ ସାମସଙ୍ଗ ଟ୍ୟାବଲେଟ ଓ ବାୟୋମେଟ୍ରିକ ଡିଭାଇସ ଲୁଟ କରି ଫେରାର ହୋଇଯାଇଥିଲେ । ପ୍ରଭଞ୍ଜନଙ୍କ ଅଭିଯୋଗ କ୍ରମେ ତରଭା ପୋଲିସ ଏକ ଦଳ ଗଠନ କରି ତୁରନ୍ତ ଚଢାଉ କରି ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ଫେରାର ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି।

# ଓଏସ୍‌ସିପିସିଆର୍ ଜନଶୁଣାଣି ୬ ଓ ୭ରେ

**ସୋନପୁର,୫।୮(ନି.ପ୍ର)**

ଶିଶୁଙ୍କ ଅଧିକାରକୁ ସୁନିଶ୍ଚିତ କରିବା ପାଇଁ ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ(ଓଏସସିପିସିଆର) ସବୁ ଜିଲାରେ ଜନଶୁଣାଣି କରିବ। ସେହିଭଳି ଶିକ୍ଷା ଅଧିକାର ଆଇନ-୨୦୦୯ ସମ୍ପର୍କରେ ସଚେତନତା କର୍ମଶାଳା ଆୟୋଜିତ ହେବ। ଏହିକ୍ରମରେ ସୁବର୍ଣ୍ଣପୁର ଜିଲାରେ ଆୟୋଗଙ୍କ ପ୍ରଥମ ଜନଶୁଣାଣି ହେବ ବୋଲି ଓଏସସିପିସିଆରର ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ ସୋମବାର ସର୍କିଟ୍ ହାଉସଠାରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଲୋକଙ୍କ ସମସ୍ୟା ଜାଣିବା ପାଇଁ କମିଶନ ଲୋକଙ୍କ ନିକଟତର ହେବ। ବିଦ୍ୟାଳୟର ସୁରକ୍ଷା, ଶିଶୁଙ୍କ ନିରାପତ୍ତା ଓ ଶିଶୁଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କମିଶନଙ୍କ ପ୍ରାଥମିକତା ରହିଛି । ତୃଣମୂଳସ୍ତରରେ ତ୍ରୁଟି ବିଚ୍ୟୁତି ଦେଖିଲେ ଏହାର ସୁଧାର ପାଇଁ କମିଶନ ସରକାରଙ୍କୁ ସୁପାରିଶ କରିବ ବୋଲି ପ୍ରଧାନ କହିଛନ୍ତି। ଆସନ୍ତା ମଙ୍ଗଳବାର ଓ ବୁଧବାର ଜନଶୁଣାଣି ଓ ସଚେତନତା କର୍ମଶାଳା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ। ଏଥରେ ଶିକ୍ଷା ବିଭାଗର ଅଧିକାରୀ, ଶିକ୍ଷକ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି, ସଭ୍ୟା ସଭ୍ୟ ଯୋଗ ଦେବେ। ଜନସାଧାରଣ କମିଶନଙ୍କ ନିକଟରେ ନିଜର ଅଭିଯୋଗ ଜଣାଇପାରିବେ। ଏହି ସମ୍ମିଳନୀରେ ଆୟୋଗ ସଦସ୍ୟ ଦିବ୍ୟା ଶାଶ୍ୱତୀ, ହରିହର ନାୟକ, ରେଜିଷ୍ଟ୍ରାର ସତ୍ୟଜିତ୍ ସେଠ୍ ଓ ରାଜ୍ୟ ଶିକ୍ଷା ଅଧିକାର ଆୟୋଗର ଉପଦେଷ୍ଟା ଘାସିରାମ ପଣ୍ଡା ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ସୂଚନା ଦେଉଛନ୍ତି ।

# ୧୪ମାସ ବିତିଲା, ଜିଆର୍‌ଏସ୍ ନିଯୁକ୍ତି ମିଳିଲାନି

## ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ କୃତକାର୍ଯ୍ୟ ହୋଇଥିବା ଆଶାୟୀ ପ୍ରାର୍ଥୀ

**ସୋନପୁର,୫।୮(ନି.ପ୍ର)**

ଜିଆରଏସ୍(ଗ୍ରାମ ରୋଜଗାର ସେବକ) ଚାକିରି ପାଇଁ ସରକାରଙ୍କ ଚୟନ ପ୍ରକ୍ରିୟାରେ କୃତକାର୍ଯ୍ୟ ହୋଇଥିବା ଆଶୟୀ ପ୍ରାର୍ଥୀଙ୍କୁ ନିଯୁକ୍ତି ମିଳୁନି। ୧ ବର୍ଷ ୨ମାସ ହେଲା ନିଯୁକ୍ତି ଅପେକ୍ଷାରେ ଥିବା ୧୯ଜଣ ଆଶାୟୀ ଜିଲାର ପ୍ରଶାସନିକ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଦୌଡୁଛନ୍ତି। କିନ୍ତୁ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଏହି ଯୁବତୀ ଯୁବକଙ୍କୁ ନିଯୁକ୍ତି ପ୍ରଦାନରେ ବିଳମ୍ବ ହେଉଛି। ସୋମବାର ଏହି ଶିକ୍ଷିତ ଯୁବତୀଯୁବକମାନେ ଜିଲାପାଳଙ୍କୁ ଭେଟି ସେମାନଙ୍କ ସମସ୍ୟା ଜଣାଇଛନ୍ତି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ବିଜ୍ଞାପନ ନଂ ୨୯୪୪/୩୦।୦୬।୧୮ ଅନୁଯାୟୀ ୧୯ ଗୋଟି ଜିଆରଏସ ପଦବିରେ ନିଯୁକ୍ତିପାଇଁ ଅନୁସୂଜିତ ଜାତି ଓ ଜନଜାତି ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଆଶାୟୀ ପ୍ରାର୍ଥୀନୀ/ପ୍ରାର୍ଥୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ଯୋଗ୍ୟତାଭିତ୍ତିରେ ପ୍ରଶାସନ ପକ୍ଷରୁ ପ୍ରାଥୀଙ୍କୁ ଚୟନ କରାଯାଇ କାଗଜପତ୍ର ତଖି କରାଯାଇଥିଲା। ଚୂଡାନ୍ତ ମେରିଟ୍ ତାଲିକା ମଧ୍ୟ ପ୍ରକାଶ ପାଇଥିଲା। ମାତ୍ର ଏ ପର୍ଯ୍ୟନ୍ତ ନିଯୁକ୍ତି ମିଳି ନ ଥିବାରୁ ଚୟନ ହୋଇଥିବା ପୂର୍ଣ୍ଣିମା ତାଣ୍ଡି, ସଙ୍ଗୀତା ସେଠୀ, ସରୋଜ ଧରୁଆ, ରମାକାନ୍ତ ବରିହା, ଅମିତ କୁମାର ଭୁଏ, ଚିତ୍ତରଞ୍ଜନ ଭୁଏ, ଅନନ୍ତ ଧରୁଆ, ସୁରଥ ସୁନା ଓ ଲକ୍ଷ୍ମଣ ସରଭଙ୍ଗ ପ୍ରମୁଖ ଜିଲାପାଳଙ୍କୁ ଭେଟିଥିଲେ । ନିଯୁକ୍ତ ପ୍ରଦାନରେ ବିଳମ୍ବ ହେଲେ ସେମାନେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି ।


ଚୟନ ହୋଇଥିବା ପ୍ରାର୍ଥୀନୀ ଓ ପ୍ରାର୍ଥୀ ଜିଲାପାଳଙ୍କୁ ଭେଟିବାକୁ ଆସିଛନ୍ତି ।



ପିତାମାତା ସାନ ହୋଇଛନ୍ତି ବୋଲି ଯେ ସନ୍ତାନଟି ବଡ଼ ହେବ ନାହିଁ, ଏଭଳି ଭାବିବାରେ କୌଣସି କାରଣ ନାହିଁ ।
- ହୋରେସ୍

## ସଂକ୍ଷେପରେ

### ଶିଶୁ ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

ଘଣ୍ଟାପଡା, ୫।୮ (ଡି.ଏନ.ଏ)
କନ୍ଧମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତ ମସିଣାଗୋରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନଆଚାର୍ଯ୍ୟ ସୁଶାନ୍ତ ସାହୁଙ୍କ ଅଧକ୍ଷତାରେ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବଂଶୀଧର ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ମେଳାରେ ମୋଟ ୩୫ଟି ବିଜ୍ଞାନ ପ୍ରକଳ୍ପ ସ୍ଥାନ ପାଇଥିଲା । ବିଜ୍ଞାନ ଶିକ୍ଷକ କୃଷ୍ଣଚନ୍ଦ୍ର ପଧାନ ବିଚାରକ ଭାବେ ଯୋଗଦେଇ ପ୍ରକଳ୍ପର ସମୀକ୍ଷା କରିଥିଲେ । ଏହାପରେ ବିଜ୍ଞାନ ଓ ଗଣିତ ପ୍ରଶ୍ନମଞ୍ଚ ଆୟୋଜିତ ହୋଇଥିଲା । ଏଥିରେ ମୋଟ ୬୦ଜଣ ଭାଗ ନେଇଥିଲେ । ପ୍ରଧାନଆଚାର୍ଯ୍ୟ ସୁଶାନ୍ତ ସାହୁ ଅତିଥି ପରିଚୟ ଓ ଗୁରୁମା ବେଦମତୀ ଭୋଇ ଉଦ୍ଦେଶ୍ୟଜ୍ଞାପନ କରିଥିଲେ । ଗୁରୁମା ସଂଯୁକ୍ତା ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପରିଚାଳନା ସମିତ ସଭାପତି ଦେବାଧି ମଲିକ, ସମ୍ପାଦକ ଧର୍ମାନନ୍ଦ ସାହୁ ଉପସ୍ଥିତ ଥିଲେ। ଗୁରୁଜୀ ନେପାଳ ରଣା, ଗୁରୁମା ମମିତା ରଣା କାର୍ଯ୍ୟକ୍ରମ ପରିଚାଳନା ଓ ସେବିକା ସୁରୁସୁତା ଭୋଇ ସହଯୋଗ କରିଥିଲେ। ଶେଷରେ ନେପାଳ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

### ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ ପ୍ରାକ୍ତନ ଛାତ୍ରଙ୍କ ବୈଠକ

ବୌଦ୍ଧ, ୫।୮ (ସ୍ୱ.ପ୍ର)
ବୌଦ୍ଧ ଜିଲାର ସର୍ବପୁରାତନ ବିଦ୍ୟାଳୟ ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟକୁ ୧୦୮ବର୍ଷ ହୋଇଥିବା ବେଳେ ଗତ ୨୦୧୧ ମସିହାରେ ବିଦ୍ୟାଳୟ ପକ୍ଷରୁ ଶତବାର୍ଷିକୀ ଉତ୍ସବ ପାଳନ କରାଯାଇଥିଲା। ଏହି ଶତବାର୍ଷିକ ଉତ୍ସବ ପାଳନ ପରେ ସୋମବାର ବିଦ୍ୟାଳୟ ପକ୍ଷରୁ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ଘୁଟାଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଆଇନଜୀବୀ ଅଚ୍ୟୁତାନନ୍ଦ ମିଶ୍ର ଓ ବରିଷ୍ଠ ନାଗରିକ ଅଖିଳଚାନ୍ଦ ମହାପାତ୍ର ସ୍କୁଲର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ଏହି ବୈଠକରେ ପ୍ରଭାସ ମିଶ୍ର, ମନୋରଞ୍ଜନ ମିଶ୍ର, ଗୌରୀଶଙ୍କର ଅଗ୍ରୱାଲା, ନିବାସଚନ୍ଦ୍ର ଦାନୀ, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହଲତା ପୁରୋହିତ, ଶିବପ୍ରସାଦ ମିଶ୍ର, ନବ କୁମାର ମିଶ୍ର, ତାରେଣୀ ମହାପାତ୍ର, ପ୍ରଦ୍ୟୁମ୍ନ ମହାପାତ୍ର, ସଜ୍ଜନ କୁମାର ଅଗ୍ରୱାଲା ଓ ଦେବାଶିଷ ପୁରୋହିତ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

### ବାଇକ ଧକ୍କାରେ ମହିଳା ଗୁରୁତର

ଗଣ୍ଡତୁରୁମ, ୫।୮ (ଡି.ଏନ.ଏ)
ଗୋଡଭଗା-ସୋନପୁର ୫୪ ନମ୍ବର ରାଜ୍ୟ ରାଜପଥର କେଶିପାଲି ପେଟ୍ରୋଲ ପମ୍ପ ନିକଟରେ ସୋମବାର ସନ୍ଧ୍ୟାରେ ଏକ ବାଇକ ଧକ୍କାରେ ଗଣ୍ଡତୁରୁମ ଗ୍ରାମର ପୂର୍ଣ୍ଣିମା ନାଗ (୩୮) ଗୁରୁତର ଆହତ ହୋଇଛନ୍ତି । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପ୍ରଥମେ ଭେଡେନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ପୂର୍ଣ୍ଣିମା ନିଜ ଚାଷ ଜମିରେ ତଳି ରୁଆ ସାରି ଘରକୁ ଫେରୁଥିବା ବେଳେ ବିନିକା ପଟରୁ ଦ୍ରୁତଗତିରେ ଆସୁଥିବା ଟିଭିଏସ ସୁଜୁକି ବାଇକ (ନଂ.ଓଆର୦୬ଡି/୪୧୧୧) ତାକୁ ସାମନା ପଟୁ ଧକ୍କା ଦେଇଥିଲା । ବାଇକ ଆରୋହୀ ବୌଦ୍ଧ ଜିଲା ବାଉଁଶୁଣୀ ଗ୍ରାମର ସଞ୍ଜୟ ସାହୁ (୨୭) ମଧ ପଡିଯାଇ ଗୁରୁତର ଆହତ ହୋଇଥିଲେ । ଉଭୟେ ବୁର୍ଲାରେ ଚିକିତ୍ସାଧୀନ ଥିବା ଜଣାଯାଇଛି ।

■ ବୌଦ୍ଧ ଜିଲା ପ୍ରବେଶ ଦ୍ୱାର

# ଲୋକଙ୍କୁ ସ୍ୱାଗତ କରୁଛି ଭଙ୍ଗା ଫଳକ

ମନମୁଣ୍ଡା, ୫।୮ (ଡି.ଏନ.ଏ)

ପଶ୍ଚିମ ଦିଗ ମନମୁଣ୍ଡା ତେଲନଦୀ କୂଳରେ ଥିବା ବୌଦ୍ଧ ଜିଲା ପ୍ରବେଶ ଦ୍ୱାର ଫଳକ ଭାଙ୍ଗିଗଲାଣି । ଜିଲାପାଳ, ବିଧାୟକ ଓ ଅନ୍ୟାନ୍ୟ ସରକାରୀ ଅଫିସରମାନେ ଏହି ରାସ୍ତା ଦେଇ ଯା'ଆସ କରୁଥିବା ବେଳେ ଜିଲାର ଏହି ଗୌରବ ଓ ସମ୍ମାନ ବହନ କରୁଥିବା ଫଳକକୁ କେହି ଧ୍ୟାନ ଦେଉନାହାନ୍ତି । ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

ପ୍ରକାଶ ଥାଉକି, ଉକ୍ତ ଗେଟର ଦୁଇ ସିମେଣ୍ଟ ପିଲର ନିର୍ମାଣ ହେବାର ପ୍ରାୟ ୨୦ ବର୍ଷ ପରେ ଶେଷ ହୋଇଥିଲା ଓ ଐତିହାସିକ ବୌଦ୍ଧ ଜିଲାକୁ ସ୍ୱାଗତର ଫଳକ ଲାଗିଥିଲା । ଫଳକଟି ନିମ୍ନମାନର ଥିବାରୁ ୨ ବର୍ଷ ପରେ ସମ୍ପୂର୍ଣ୍ଣ ଧଳା ହୋଇଯାଇଥିବା ଦେଖିବାକୁ ମିଳିଥିଲା । ଏପରିକି ଉଭୟ ପିଲରରେ ରଙ୍ଗ ଟିକିଏ ମଧ ଅଦ୍ୟାବଧି ଲଗାଯାଇ ନ ଥିବାରୁ କ୍ଷୋଭ ପ୍ରକାଶ ପାଇଛି । କାମ ସରିଗଲା ପଛେ ସେଥିରେ ବ୍ୟୟ ଅଟକଳ ଫଳକ ଲାଗି ପାରିଲା ନାହିଁ । ତେବେ ଭାଙ୍ଗି ଯାଇଥିବା ଗେଟକୁ ତୁରନ୍ତ ନିର୍ମାଣ କରି ଫଳକ ଲଗାଇବା ସହ ଉଭୟ ସାଇଡ୍ ପିଲର୍ ରଙ୍ଗ କରାଇବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଲୋକନାଥ ମେହେର, ଶିବ ନାରାୟଣ ଚୌଲିଆ, ସୁଧାଂଶୁ ମେହେର, ଅନୁଅର ଖାନ୍, ଅଜିତ ମେହେର ପ୍ରମୁଖ ଦାବି ଜଣାଇଛନ୍ତି ।



ଭାଙ୍ଗି ଯାଇଥିବା ପିଲର ।

ହରଭଙ୍ଗା ବ୍ଲକରେ ଜିଲାପାଳଙ୍କ ଜନଶୁଣାଣି ଶିବିର

# ୩୦୮ ଅଭିଯୋଗ ପଞ୍ଜୀକୃତ

ପୁରୁଣାକଟକ/ତଳଗାଁ, ୫।୮ (ଡି.ଏନ.ଏ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକରେ ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଜନଶୁଣାଣିରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ବିଭିନ୍ନ ସମସ୍ୟା ନେଇ ୩୦୮ଟି ଅଭିଯୋଗ ପହଞ୍ଚିଥିଲା। ତନ୍ମଧ୍ୟରୁ ବ୍ୟକ୍ତିଗତ ୨୯୮ଟି, ଗୋଷ୍ଠୀଗତ ୧୦ଟି ଅଭିଯୋଗରୁ ଅଧିକାଂଶ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାସନକାର୍ଡ ଓ କିଡ୍‌ନୀ ରୋଗ ଚିକିତ୍ସା ସହାୟତା ପାଇଁ ଅଭିଯୋଗ ଥିଲା। ୪୧ ଜଣ କିଡ୍‌ନୀ ରୋଗୀଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ଲକ୍ଷ ୭୫ ହଜାର ଟଙ୍କା ସାହାଯ୍ୟ ଯୋଗାଇ ଦିଆଯାଇଥିବା ବେଳେ ୧୬ ଜଣଙ୍କୁ ମଧୁବାବୁ ପେନସନ ଓ ୪ଜଣଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା। ବହୁ ହିତାଧିକାରୀ ଜିଲାପାଳଙ୍କୁ ଦରଖାସ୍ତ କରିଥିଲେ। କିନ୍ତୁ ସମୟ ଅତିକ୍ରାନ୍ତ ହୋଇଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ହୋଇଯାଇଥିଲା। କିଛି ଲୋକ ମାଇକ୍ ଶବ୍ଦର ତ୍ରୁଟି ଯୋଗୁ ଶୁଣି ନ ପାରି ଜିଲାପାଳଙ୍କୁ ଭେଟି ପାରି ନ ଥିଲେ ଏବଂ ନିରାଶ ହୋଇ ଫେରି ଯାଇଥିଲେ। ଅଭିଯୋଗ ଶୁଣାଣିରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ଦାସ, ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିଜନ କୁମାର ମହାନ୍ତି, ବିଡିଓ ରବିନ୍ଦ୍ର କୁମାର ଶତପଥିଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

# ପୌରକେଲାରେ ମହିଳା ସିଲେଇ ତାଲିମ ଶିବିର

ରିଷିଡ଼ା, ୫।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପୌରକେଲାଠାରେ ପ୍ରଫେସର ଭୁବନେଶ୍ୱର ମେମୋରିଆଲ ଯୁବ ସଂଗଠନ ତଥା ସେବା ସଂଗଠନ ସହାୟତାରେ ମହିଳା ସିଲେଇ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ଦୟାନିଧି ସାହୁଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ସରପଞ୍ଚ କେତକୀ ରଣା ଯୋଗ ଦେଇଥିଲେ ।

# ମନ୍ଦିରରେ ଭକ୍ତଙ୍କ ସେବାକଲେ ସ୍ୱେଚ୍ଛାସେବୀ

ବରଗଡ଼ ଅଫିସ୍, ୫।୮
ଶ୍ରାବଣ ମାସର ଦ୍ୱିତୀୟ ସୋମବାର ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ କେଦାରନାଥ ମନ୍ଦିରରେ ବହୁ ଭକ୍ତଙ୍କ ଭିଡ଼ ଜମିଥିଲା । ବରଗଡ଼ ସହରଠାରୁ ପ୍ରାୟ ୩୫ କି.ମି ଦୂର ଏହି ମନ୍ଦିରକୁ ଜିଲା ସମେତ ଜିଲା ବାହାର ବଲାଙ୍ଗୀର, ସମ୍ବଲପୁର, କୋରାପୁଟ ତଥା ପଡ଼ୋଶୀ ଛତିଶଗଡ଼ ଅଞ୍ଚଳରୁ ବୋଲବମ ଭକ୍ତମାନେ ଆସିଥିଲେ । ଏଠାକୁ ଆସିଥିବା ସେହି ଭକ୍ତମାନଙ୍କୁ ବରଗଡ଼ର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜୀବନଜ୍ୟୋତି ସେବାଦଳ ପକ୍ଷରୁ ସେବା ଯୋଗାଇ ଦିଆଯାଇଥିଲା । ମନ୍ଦିର ପାଖ ମେଣ୍ଡାପାଲି ନିକଟରେ ଭକ୍ତଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା ହୋଇଥିଲା । ସେହିପରି ସୁଦୂର ଅଞ୍ଚଳରୁ ଚାଲି ଆସିଥିବା ଭକ୍ତମାନଙ୍କୁ ସ୍ୱେଚ୍ଛାସେବୀମାନେ ଉଷୁମ ପାଣିରେ ଗୋଡ଼ ଧୋଇଥିବାବେଳେ ଫାଷ୍ଟ ରିଲିଫ୍ ଯୋଗାଇ ଦେଇଥିଲେ । ତେବେ ମୁସଲିମ ସମ୍ପ୍ରଦାୟର ଦୁଇ ସ୍ୱେଚ୍ଛାସେବୀ ମୌସିନ ଖାଁ ଓ ସଲମାନ ଖାଁ ଭକ୍ତଙ୍କ ପଦଧୌତ ସହିତ ସେମାନଙ୍କୁ ସେଭଳି ସେବା ଯୋଗାଇବା ପ୍ରଶଂସନୀୟ ହୋଇ ପାରିଥିଲା । ସେବାଦଳର ଚେୟାରମ୍ୟାନ ବିକି ମଟାରୀ, ସଭାପତି ବିବେକ ପତି, ନନ୍ଦୁ ଲିଖମନିଆ, ଅମିତ ପଣ୍ଡା ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

# କୃତୀ ଚିତ୍ରଶିଳ୍ପୀଙ୍କୁ ସମ୍ବର୍ଦ୍ଧନା

ବରଗଡ଼ ଅଫିସ୍, ୫।୮

ବରଗଡ଼ର ଚିତ୍ରକଳା ଅନୁଷ୍ଠାନ କଳା କଳ୍ପନାର ଛାତ୍ରୀ ସୁଶ୍ରୀ ସୋନାଲିକା ଭୋଇଙ୍କୁ ଚିତ୍ରକଳା କ୍ଷେତ୍ରରେ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଯୋଗୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଓଡ଼ିଶା ଲଳିତ କଳା ଏକାଡ଼େମୀ, ଭୁବନେଶ୍ୱର ତରଫରୁ ହୋଇଥିବା ଜନଜାତି ସମ୍ପ୍ରଦାୟର ଚିତ୍ରକଳା ପ୍ରତିଯୋଗିତାରେ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଉକ୍ତ ସମାରୋହରେ ଚିତ୍ରଶିଳ୍ପୀ ଶଶଧର ପତି, ଅଧ୍ୟାପିକା ସୁଷମା ଦାଶ, ଅନୁଷ୍ଠାନର ପ୍ରତିଷ୍ଠାତା ଅଶୋକ କୁମାର ଦାଶ ପ୍ରମୁଖ ଉପସ୍ଥିତ ରହି ମାନପତ୍ର, ଟ୍ରଫି ସହିତ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ବୃନ୍ଦାବନ ବିଶି, ମନୋଜ ପଧାନ, ଚୁଡ଼ାମଣି ସିଂ, ସୁଜିତ ବେହେରା, ଅଂଶୁମାନ ଦାଶ ଏବଂ ଅନୁଷ୍ଠାନର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।



କୃତୀ ଚିତ୍ରଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

# ପ୍ରେମ ବିବାହ ପରେ ପ୍ରତାରଣା

■ ସ୍ତ୍ରୀଙ୍କୁ ଛାଡ଼ି ଖସିଗଲେ ସ୍ୱାମୀ
■ ଶିଶୁପୁତ୍ରଙ୍କୁ ଉଦ୍ଧାର ନିବେଦନ

ବରଗଡ଼ ଅଫିସ୍, ୫।୮

ବରଗଡ଼ ଜିଲାରେ ଗତ କିଛିଦିନ ତଳେ ପ୍ରାଥମିକ ସ୍କୁଲର ଜଣେ ଶିକ୍ଷକ ବିବାହ ପ୍ରତିଶ୍ରୁତି ଦେଇ ଅନ୍ୟ ଜଣେ ଶିକ୍ଷୟିତ୍ରୀଙ୍କ ସହିତ ଶାରୀରିକ ସମ୍ପର୍କ ରଖି ଗର୍ଭବତୀ କରିବା ଏବଂ ପରେ ବିବାହ କରିବାକୁ ମନା କରିଦେବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଥିଲା । ସେ ନେଇ ଚର୍ଚ୍ଚା ଥମି ନ ଥିବାବେଳେ ଜିଲାର ଏକ ହାଇସ୍କୁଲରେ କାର୍ଯ୍ୟରତ ଆଉ ଜଣେ କର୍ମଚାରୀ ପ୍ରେମ ବିବାହ କରି ଏକ ସନ୍ତାନ ଜନ୍ମ ହେବା ପରେ ସ୍ତ୍ରୀଙ୍କୁ ପ୍ରତାରଣା କରିବା ଏବଂ ମାସେ ହେଲା ୮ମାସର ଶିଶୁ ସନ୍ତାନଙ୍କୁ ମା' ପାଖରୁ ନେଇ ନିଜ ହେପାଜତରେ ରଖିବା ଘଟଣା ଘଟିଛି । ଏଭଳି ସ୍ଥିତିରେ ମହିଳା ଜଣକ ନିଜ ଶିଶୁ ସନ୍ତାନଙ୍କୁ ଉଦ୍ଧାର କରିବାକୁ ବାର ଶୁଣ୍ଢିପିଣ୍ଡା ହେଉଛନ୍ତି । ସୂଚନା ଅନୁଯାୟୀ, ଗତ ପ୍ରାୟ ୨ବର୍ଷ ତଳେ ସମ୍ପୃକ୍ତ ମହିଳା ଜଣକ ଏକ ସିଲେଇ ତାଲିମ କେନ୍ଦ୍ରରେ ତାଲିମ ନେଉଥିବାବେଳେ ସେଠାରେ ସମ୍ପୃକ୍ତ କର୍ମଚାରୀ କାମ କରୁଥିଲେ । ସେତେବେଳେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା ଏବଂ ପରେ ଉଭୟେ କୋର୍ଟ ମ୍ୟାରେଜ କରି ବରଗଡ଼ ସହରରେ ସ୍ୱାମୀ, ସ୍ତ୍ରୀ ଭାବେ ରହୁଥିଲେ । ଇତିମଧ୍ୟରେ ଏକ ଶିଶୁ ସନ୍ତାନ ଜନ୍ମ ନେଇଥିବା ବେଳେ ଯୁବକ ଜଣକ ଏକ ହାଇସ୍କୁଲରେ କାର୍ଯ୍ୟରତ ଅଛନ୍ତି ।

# ସ୍ୱାଧୀନତା ଦିବସ ଉପଲକ୍ଷେ ବାର୍ଷିକ ପ୍ରତିଯୋଗିତା


ବାର୍ଷିକ ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥି।

ବାଉଁଶୁଣୀ, ୫।୮ (ଡି.ଏନ.ଏ)

ବୌଦ୍ଧ ବ୍ଲକ ଅନ୍ତର୍ଗତ ବାଉଁଶୁଣୀ ଉଚ୍ଚ ବିଦ୍ୟାଳୟ ପରିସରରେ ୬ଟି ପଞ୍ଚାୟତରୁ ୨୩ଟି ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ସ୍ୱାଧିନତା ଦିବସ ଉପଲକ୍ଷେ ବାର୍ଷିକ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଗୋକୁଳାନନ୍ଦ ଚାନ୍ଦଙ୍କ ସଭାପତିତ୍ୱରେ ଏହି ପ୍ରତିଯୋଗୀତାଟି ହୋଇଥିଲା । ଏଥିରେ କଣ୍ଟାଲ ବିଇଓ ଦଶରଥ ମେହେର ମୁଖ୍ୟଅତିଥି, ପ୍ରାଣି ଚିକିତ୍ସକ ଡା. ପ୍ରିୟବ୍ରତ ବେହେରା ସମ୍ମାନୀତ ଅତିଥି, ଏବିଓ ବୌଦ୍ଧର ଅଚ୍ୟୁତା ନନ୍ଦ ସାହୁ, ବାଉଁଶୁଣୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଧନେଶ୍ୱର ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରବୀଣ କୁମାର ମିଶ୍ର ବିବରଣୀ ପାଠ କରିଥିଲେ । ଜାତୀୟ ପରିଚାଳନା କମିଟିର ଆବାହକ ସୁନୀଲ କୁମାର ବାରିକ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରମାନଙ୍କୁ ନେଇ ବକ୍ତୃତା, ସୃଜନଶୀଳ ଲିଖନ, କୁଇଜ, ସଂଗୀତ ଓ ନୃତ୍ୟ ପ୍ରତିଯୋଗୀତା କରିଥିଲେ । ଶେଷରେ ପ୍ରବୀଣ କୁମାର ମିଶ୍ର ଧନ୍ୟବାଦ ଦେଇ ସଭାସାଙ୍ଗ କରିଥିଲେ ।

# ଅଗଷ୍ଟ ୯କୁ ଛୁଟି ଘୋଷଣା ଦାବି

ବରଗଡ଼ ଅଫିସ୍, ୫।୮

ପ୍ରତିବର୍ଷ ଅଗଷ୍ଟ ୯ତାରିଖ ବିଶ୍ୱ ଆଦିବାସୀ ଦିବସକୁ ଛୁଟି ଘୋଷଣା କରିବା ପାଇଁ ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭାର ବରଗଡ଼ ଜିଲା ଆୟୋଜନ ସଭାପତି ଦାବି କରିଛି । ଏହି ପରିପ୍ରେକ୍ଷୀରେ ସୋମବାର ଜିଲାପାଳଙ୍କ ଜରିଆରେ ସମିତି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଏକ ସ୍ମାରକପତ୍ର ପଠାଯାଇଛି । ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅନୁପସ୍ଥିତିରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ତଥା ଅତିରିକ୍ତ ଜିଲାପାଳ କୃତ୍ତିବାସ ରାଉତ ସ୍ମାରକପତ୍ର ଗ୍ରହଣ କରିଥିଲେ । ସ୍ମାରକପତ୍ର ପ୍ରଦାନ ସମୟରେ ସମିତିର ମହାସଚିବ ଧନେଶ୍ୱର ସିଂ ଏବଂ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।


ଛୁଟି ଘୋଷଣା ଦାବିକରି ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି ।

# ଜାଗୃତି ଶାଖାର ତିଜ୍ ଉତ୍ସବ

ବରଗଡ଼ ଅଫିସ୍, ୫।୮

ବରଗଡ଼ ମାରୱାଡ଼ି ଯୁବାମଞ୍ଚ ଜାଗୃତି ଶାଖା ପକ୍ଷରୁ ତିଜ୍ ଉତ୍ସବ ପାଳନ କରାଯାଇଥିଲା। ସହର ଉପକଣ୍ଠ ହଲଦୀପାଲିସ୍ଥିତ ଫୁଲୋଦେବୀ ଆପାର୍ଟମେଣ୍ଟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏହା ଅନୁଷ୍ଠିତ ହୋଇଥିଲା । ଏଥିରେ ଜାଗୃତି ଶାଖା ସଭାନେତ୍ରୀ ଅନୁରାଧା ଅଗ୍ରୱାଲ, ସମ୍ପାଦିକା ପ୍ରୀତି ଅଗ୍ରୱାଲ ଏବଂ ଅନ୍ୟ ସଭ୍ୟାମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମହିଳାମାନେ ପାରମ୍ପରିକ ବେଶଭୂଷାରେ ଶିବ, ପାର୍ବତୀଙ୍କ ପୂଜା କରିବା ସହିତ ଦୋଳି ଖେଳିଥିଲେ । ସେହିପରି ନୃତ୍ୟଗୀତର ଆସର ମଧ୍ୟ ଜମିଥିଲା ।



ଜାଗୃତି ଶାଖାର ସଭ୍ୟାମାନେ ତିଜ୍ ଉତ୍ସବ ପାଳନ କରୁଛନ୍ତି ।

# ୫ ଗ୍ରାମ୍ୟ ରାସ୍ତାକୁ କଂକ୍ରିଟକରଣ ଦାବି

ମନମୁଣ୍ଡା, ୫।୮ (ଡି.ଏନ.ଏ)

ମନମୁଣ୍ଡା ପଞ୍ଚାୟତ କଲତାପାଲି, ସାହୁପଡା, ଖଇରମାଲ, ଯୋଗୀପଦର ଏବଂ ଗୁଡଭେଲିପଦର ପଞ୍ଚାୟତର ଡାଙ୍ଗମୁଣ୍ଡାରୁ କୁର୍ତ୍ତିପାଲି ରାସ୍ତା ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି । ସାମାନ୍ୟ ବର୍ଷାରେ ରାସ୍ତା କର୍ଦ୍ଦମାକ୍ତ ହୋଇ ଯାତାୟାତରେ ଘୋର ଅସୁବିଧା ସୃଷ୍ଟି କରୁଛି । ରାସ୍ତାର ଏମୁଣ୍ଡରୁ ସେମୁଣ୍ଡ ଖାଲ ଢ଼ିପ ହୋଇ ରହିଛି ଏବଂ ଜମିଠାରୁ ଉଚ୍ଚରେ ନ ଥିବାରୁ ଏପରି ଅବସ୍ଥା ହେଉଥିବା ଅଭିଯୋଗ ହେଉଛି । ମନମୁଣ୍ଡା ଏନଏଚ- ୫୭ରୁ ମହୁଲବାହାଲି ଭାୟା ନୂର୍ପା ରାସ୍ତା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ଚଳିତ ବର୍ଷ ପିଚୁ ହୋଇଥିବା ବେଳେ ମହୁଲବାହାଲିର ଉପଗ୍ରାମ କଲତାପାଲିକୁ ଏଥିରୁ ବାଦ୍ ଦିଆଯାଇଛି । ଫଳରେ ଉକ୍ତ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଉକ୍ତ ଗ୍ରାମର ଶିବରାତ୍ର ସିଂ କହିଛନ୍ତି । ସେହପରି ଏନଏଚ-୫୭ରୁ ଭୁର୍କିପଡା ରାସ୍ତା ଉକ୍ତ ଯୋଜନାରେ ପିଚୁ କରାଯାଇଥିବା ବେଳେ ନିକଟସ୍ଥ ଗ୍ରାମ ଭୁର୍କିପଡା, ଖଇରମାଲ, ଯୋଗୀପଦର ଗ୍ରାମର ରାସ୍ତା ଅତି କେଚକେଚା ହୋଇଥିବା ସତ୍ତ୍ୱେ ସେସବୁ ଗ୍ରାମକୁ ଅଣଦେଖା କରାଯାଇଛି । ଏହାଠାରୁ ଆହୁରି ଅତି ଖରାପ ହୋଇଛି ଗୁଡଭେଲିପଦର ଡାଙ୍ଗମୁଣ୍ଡାରୁ କୁର୍ତ୍ତିପାଲି ରାସ୍ତା । ନୂର୍ପାଠାରୁ ଆରମ୍ଭ କରି ଡାଙ୍ଗମୁଣ୍ଡା ଭାୟା ଦେଇ କୁର୍ତ୍ତିପାଲିକୁ ପିଚୁ କରାଗଲେ ଅଞ୍ଚଳବାସୀ ସୁବିଧାରେ ଯା'ଆସ କରିପାରନ୍ତେ । ଉକ୍ତ ରାସ୍ତାରେ ଆଣ୍ଠୁଏ ପାଣି ଜମା ରହି କେନାଲର ଭ୍ରମ ସୃଷ୍ଟି କରୁଛି । ଏଣୁ ସାହୁପଡା, ଖଇରମାଲ, ଯୋଗୀପଦର, ନୂର୍ପାରୁ ଭାୟା ଡାଙ୍ଗମୁଣ୍ଡା ଦେଇ କୁର୍ତ୍ତିପାଲି ରାସ୍ତା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ସାମିଲ କରି ପିଚୁ କରାଯିବାକୁ ଅଗ୍ନିକ ନାୟକ, ସୁବାଷ ମହାଲିକ, ଗୋବର୍ଦ୍ଧନ ସାହୁ, ସଞ୍ଜିବ ନାୟକ, ଶିବ ନାରାୟଣ ଚୋଲିଆ, କୃଷ୍ଣ ଚନ୍ଦ୍ର ମହଲା ଏବଂ ମନମୁଣ୍ଡା ମଣ୍ଡଳ ଭାଜପା ସଭାପତି ନିରଞ୍ଜନ କର୍ଣ୍ଣ ପ୍ରମୁଖ ଦାବି ଜଣାଇଛନ୍ତି ।


ରାସ୍ତାରେ ପାଣି ବହି କେନାଲର ଭ୍ରମ ସୃଷ୍ଟି କରୁଛି ।



ଭୁଲ୍ କର ପଛେ ଚିନ୍ତା ନାହିଁ, କିନ୍ତୁ ପର ବୁଦ୍ଧିରେ ନ କରି ନିଜ ବୁଦ୍ଧିରେ କର ।

- ଏଡ୍‌ୱର୍ଥ

## ସଂକ୍ଷେପରେ

### ବିଡିଓଙ୍କୁ ଭେଟିଲେ ଶ୍ରମିକ

**ଦେଓଗାଁ,୫।୮ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଡୁମେରପିଟା ପଞ୍ଚାୟତ ଅନ୍ତର୍ଗତ ଚିପାକାନୀ ଗାଁର ଶ୍ରମିକ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କାମ କରି ଆଜକୁ ୪ବର୍ଷରୁ ଉର୍ଦ୍ଧ୍ୱ ହେଲା ପାଉଣାରୁ ବଞ୍ଚିତ ରହିଛନ୍ତି। ଏ ନେଇ ସେମାନେ ସୋମବାର ବିଡିଓ ବେର୍ଣ୍ଣାଦେତ ଲାକ୍ରାଙ୍କ ନିକଟରେ ଅଭିଯୋଗ କରିଛନ୍ତି । ବାରମ୍ବାର ପ୍ରଶାସନକୁ ଅଭିଯୋଗ କରିଆସୁଥିଲେ ମଧ୍ୟ କେହି ଏଦିଗରେ କୌଣସି ପଦକ୍ଷେପ ନେଉ ନ ଥିବାରୁ ଗାଁର ୨୭ଜଣ ଶ୍ରମିକ କାମକରି ପାଉଣା ପାଇବାରୁ ବଞ୍ଚିତ ରହିଥିବା ଅଭିଯୋଗ କରିଛନ୍ତି । ଗାଁର ଗୋକୁଳ ମଲ୍ଲିକ, ଲବ ମିର୍ଦ୍ଧା, ମକରଧ୍ୱଜ ଦଳପତି, ଝସକେତନ ଛତ୍ରିଆ, ଶଙ୍କର ପଧାନ, ମଧୁ ମଲ୍ଲିକ, ରମେଶ ଷାଣ୍ଢ ପ୍ରମୁଖ ୨୭ଜଣ ଶ୍ରମିକଙ୍କ ଅଭିଯୋଗ ଅନୁସାରେ ରାମଚନ୍ଦ୍ରପୁର ପଞ୍ଚାୟତ ଅଧିନରେ ଥିବା ସମୟରେ ଚିପାକାନୀ ଗାଁ ସ୍କୁଲଠାରୁ ଦେବତାଗୁଡି, ଗାଁମୁଣ୍ଡରୁ ସତିଘାଟ ରାସ୍ତା ଓ ସାଗଯୋର ନାଳରେ ଚେକଡ୍ୟାମ ନିର୍ମାଣ କାମରେ ସେମାନେ ନିୟୋଜିତ ହୋଇଥିଲେ। ଗାଁ ସାଥିଙ୍କ ଅସହଯୋଗ ମନୋବୃତ୍ତି ଯୋଗୁଁ ଏହି ପ୍ରକଳ୍ପରେ କରିଥିବା କାମର ଅର୍ଦ୍ଧାଧିକ ପାଉଣା ଶ୍ରମିକଙ୍କୁ ଅଦ୍ୟାବଧି ମିଳିନାହିଁ । ଏ ଦିଗରେ ତଦନ୍ତ କରି ପାଉଣା ପ୍ରଦାନ କରିବାକୁ ଶ୍ରମିକମାନେ ଦାବି କରିଛନ୍ତି । ଏନେଇ ବିଡିଓ ଲାକ୍ରାଙ୍କୁ ପଚାରିବାରୁ ଏହି ଘଟଣା ୪/୫ ବର୍ଷ ତଳର। ଏଣୁ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବୁ ବୋଲି କହିଥିଲେ ।

### ଡଙ୍ଗରୀଗୁଡ଼ା- କେନ୍ଦୁମୁଣ୍ଡା ରାସ୍ତା ଶୋଚନୀୟ

**ସିନାପାଲି,୫।୮ (ଡି.ଏନ.ଏ.):** ସିନାପାଲିସ୍ଥିତ ଡଙ୍ଗରୀଗୁଡା-କେନ୍ଦୁମୁଣ୍ଡା ରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇପଡ଼ିଛି। ଏଥିଯୋଗୁ ଯାତାୟାତରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ପ୍ରଶାସନ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି । ଡଙ୍ଗରୀଗୁଡା ପ୍ରଧାନମନ୍ତ୍ରୀ ସଡକଠାରୁ କେନ୍ଦୁମୁଣ୍ଡା ଦେଇ ଯାଇଥିବା ଏହି ରାସ୍ତା ଉପରେ ଅଞ୍ଚଳର ଜନସାଧାରଣ ନିର୍ଭର କରନ୍ତି । ଏହି ରାସ୍ତା ଦେଇ ସିଙ୍ଗଝର, ଝାରବନ୍ଧ, କୁସୁମଯୋର, କରଣବାହାଲି, କେନ୍ଦୁମୁଣ୍ଡା ଗ୍ରାମପଞ୍ଚାୟତ ଜନସାଧାରଣ ନିର୍ଭର କରୁଛନ୍ତି। ଏହି ରାସ୍ତା ନଙ୍ଗଲବୋର୍ଡ ଓ ଘାଟମାଲ ସମେତ ପଡୋଶୀ ଛତିଶଗଡ ରାଜ୍ୟକୁ ଯୋଗାଯୋଗ ହୋଇଥାଏ। ଏପରିକି ସାପ୍ତାହିକ ହାଟ (ବୁଧବାର) କେନ୍ଦୁମୁଣ୍ଡାଠାରେ ଥିବା ବେଳେ ଉତ୍କଳ ଗ୍ରାମୀଣ ବ୍ୟାଙ୍କ, ହାଇସ୍କୁଲ, ପ୍ରାଥମିକ ଚିକିତ୍ସାଳୟ, ପଶୁ ଡାକ୍ତରଖାନା, ସମବାୟ ସମିତି, ରାଜସ୍ୱ କାର୍ଯ୍ୟାଳୟ ରହିଛି । ଏହି ରାସ୍ତା ଗୁରୁତ୍ୱପୂର୍ଣ୍ଣ ଥିବା ସତ୍ତ୍ୱେ ପ୍ରଶାସନ ଏହି ରାସ୍ତା ପ୍ରତି ଦୃଷ୍ଟି ନ ଦେବା ଅଞ୍ଚଳର ଜନସାଧାରଣ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି । ଡଙ୍ଗରୀଗୁଡାଠାରୁ କେନ୍ଦୁମୁଣ୍ଡା ପ୍ରାୟ ୫ କି.ମି. ଦୂରବର୍ତ୍ତୀ ଥିବା ବେଳେ ରାସ୍ତାରେ ଖାଲଖମା ଓ କାଦୁଅରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସ୍ଥାନୀୟ ସରପଞ୍ଚଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନକୁ ସ୍ଥାନୀୟ ଲୋକେ ହାରିଗୁହାରି କଲେ ମଧ୍ୟ କେହି ଶୁଣୁ ନ ଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି । ସରକାର ଗ୍ରାମାଞ୍ଚଳ ରାସ୍ତା ଉନ୍ନତିକରଣ ନାମରେ କୋଟି ଏହି ରାସ୍ତା ପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି ।

ମେଗା ଉଠା ଜଳସେଚନ ପ୍ରକଳ୍ପ ଥାଇ ମରୁଡି ଚିନ୍ତା

# ଜିଲାପାଳଙ୍କୁ ଫେରାଦ ହେଲେ ଚାଷୀ

**ବଲାଙ୍ଗୀର ଅଫିସ, ୫।୮**



ମେଗା ଉଠା ଜଳସେଚନ ପ୍ରକଳ୍ପ ପାଣି ଦାବିରେ ବଡବାହାଲ ଅଞ୍ଚଳର ଚାଷୀ ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟକୁ ଆସିଛନ୍ତି ।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ କେନ୍ଦୁଘାଟ ମୌଜାର ତେଲନଦୀ କଡରେ ଶାସନପାଲି ମେଗା ଉଠା ଜଳସେଚନ ପ୍ରକଳ୍ପ ରହିଛି । ମେଗା ଉଠା ଜଳସେଚନ ପ୍ରକଳ୍ପ ଥିଲେ ବି କେନ୍ଦୁଘାଟ ମୌଜାର ଚାଷ ଜମିରେ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି । ଏହାକୁ ନେଇ ଏହି ଅଞ୍ଚଳର ବହୁ ଚାଷୀ ସୋମବାର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସି ଦାବିପତ୍ର ପ୍ରଦାନ କରିଥିଲେ । ତେଲନଦୀର ବ୍ରାହ୍ମଣୀ ନିକଟରେ ମେଗା ଉଠା ଜଳସେଚନ ପ୍ରକଳ୍ପ କରାଯିବାକୁ ପ୍ରଥମେ ପ୍ରସ୍ତାବ ଦିଆଯାଇଥିଲା । ଏହିଠାରେ ପ୍ରକଳ୍ପ ହେଲେ ପାଣି ସମସ୍ୟା ଦେଖାଯିବ ନାହିଁ ବୋଲି ଚାଷୀମାନେ ସେତେବେଳେ ପ୍ରସ୍ତାବ ଦେଇଥିଲେ । ମାତ୍ର ସ୍ଥାନୀୟ ଚାଷୀଙ୍କ ପ୍ରସ୍ତାବକୁ ଅଣଦେଖା କରି କାମ କରୁଥିବା ଏଲଏଣ୍ଡଟି କମ୍ପାନୀ ପ୍ରସ୍ତାବିତ ସ୍ଥାନରୁ ୩୦୦ ମିଟର ଦୂରରେ ମେଗା ଉଠା ଜଳସେଚିନ ପ୍ରକଳ୍ପ ବସାଇଲା। ଏବେ ଏହି ପ୍ରକଳ୍ପରୁ କେନ୍ଦୁଘାଟ ମୌଜାକୁ ପାଣି ମିଳୁ ନ ଥିବାରୁ ପାଖରେ ପ୍ରକଳ୍ପ ଥିଲେ ମଧ୍ୟ ବଡବାହାଲ ଗ୍ରାମ ପଞ୍ଚାୟତର ଚାଷୀମାନେ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି । ଫଳରେ ଏବେ ଏହି ଅଞ୍ଚଳରେ ମରୁଡି ପରିସ୍ଥିତି ଦେଖାଦେଇଛି । ମେଗା ପ୍ରକଳ୍ପର ପାଇପ୍ କେନ୍ଦୁଘାଟ ଓ ବଡବାହାଲ ଗ୍ରାମର ଚାଷୀଙ୍କ ଜମି ତଳ ଦେଇ ଗୁଡଭେଲା ବ୍ଲକ୍‌ର ଚିଞ୍ଚେଡ ଅଞ୍ଚଳକୁ ନିଆ ଯାଇଥିଲେ ମଧ୍ୟ ବଡବାହାଲ ଓ କେନ୍ଦୁଘାଟ ଅଞ୍ଚଳରେ ପାଣି ଟ୍ୟାପ୍ ଦିଆଯାଇ ନାହିଁ। ଫଳରେ ଏଠାକାର ଚାଷୀ ପାଣି ନ ପାଇ ଘୋର ଅସୁବିଧା ସମ୍ମୁଖୀନ ହେଉଛନ୍ତି । ଏବେ ବର୍ଷାଭାବରୁ ମରୁଡି ପରିସ୍ଥିତି ଦେଖାଦେଇଥିବାବେଳେ ତେଲଦନୀର ପାଣିକୁ ମେଗା ଉଠା ଜଳସେଚନ ପ୍ରକଳ୍ପ ଜରିଆରେ ବଡବହାଲ ଓ କେନ୍ଦୁଘାଟ ଅଞ୍ଚଳର ଚାଷୀଙ୍କ କ୍ଷେତକୁ ପହଞ୍ଚାଯାଇ ପାରୁନାହିଁ । ଏନେଇ ଚାଷୀମାନେ ବାରମ୍ବାର ଏଲଏଣ୍ଡଟି କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ବ୍ଲକ୍ ପ୍ରଶାସନକୁ ବାରମ୍ବାର ଅବଗତ କରିଥିଲେ ମଧ୍ୟ କେହି ଶୁଣୁନାହାନ୍ତି । ଫଳରେ ବଡବାହାଲ ଅଞ୍ଚଳର ବହୁ ଚାଷୀ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ବର୍ତ୍ତମାନର ମରୁଡି ପରିସ୍ଥିତି ଓ ଏହାର ସମାଧାନ ନେଇ ଦାବିପତ୍ର ପ୍ରଦାନ କରିଥିଲେ । ଚାଷୀମାନେ ଦାବି କରିଛନ୍ତି ଯେ, କେନ୍ଦୁଘାଟ ମୌଜାରେ ପାଣି ଟ୍ୟାପ୍ ଦିଆଯାଉ । ଏହା ସହିତ କେନ୍ଦୁଘାଟ-ବଡବାହାଲ ଓ ଚନ୍ଦନପାଲି ରାସ୍ତାର ଉଭୟ କଡରେ ମେଗା ଉଠା ଜଳସେଚନ ପ୍ରକଳ୍ପ ପାଇପ୍ ଟ୍ୟାପ୍ ଦିଆଯିବାକୁ ଦାବି କରିଛନ୍ତି । ତୁରନ୍ତ ପାଣି ନ ଯୋଗାଇଲେ ମରୁଡି ପରିସ୍ଥିତି ସାଂଘାତିକ ହୋଇପଡିବ ବୋଲି ଚାଷୀମାନେ ଜିଲାପାଳ ଅରିନ୍ଦମ ଡାକୁଆଙ୍କୁ ଅବଗତ କରିଥିଲେ। ଏଦିଗରେ ବିହିତ ପଦକ୍ଷେପ ନେବେ ବୋଲି ଜିଲାପାଳ ଡାକୁଆ ପ୍ରତିଶ୍ରୁତି ଦେଇଥିବା ଜଣାଇଛନ୍ତି ।

### ଗୋଳାବାରୁଦ କାରଖାନା ନିଲାମୀକରଣ ବିରୋଧରେ ସ୍ମାରକପତ୍ର

**ସଇଁତଲା, ୫।୮ (ଡି.ଏନ.ଏ.)**

କେନ୍ଦ୍ର ସରକାର ସର୍ବଭାରତୀୟସ୍ତରରେ ଥିବା ୪୧ଟି ଗୋଳାବାରୁଦ କାରଖାନାକୁ ନିଲାମୀକରଣ ପ୍ରସ୍ତାବ ରହିଛି। ଏହିକ୍ରମରେ ବଡ଼ମାଳ ଗୋଳାବାରୁଦ କାରଖାନାର ସମସ୍ତ ଶ୍ରମିକ ସଂଗଠନ, ଅଧିକାରୀମାନଙ୍କ ଆସୋସିଏଶନ ତରଫରୁ ସୋମବାର ରାଜ୍ୟ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତିମନ୍ତ୍ରୀ ଟୁକୁନୀ ସାହୁଙ୍କୁ ଭେଟି ଏକ ଦାବିପତ୍ର ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଜରିଆରେ ଏହି ପ୍ରସ୍ତାବକୁ ପ୍ରତ୍ୟାହାର କରିବା ପାଇଁ କୁହାଯାଇଛି। ସୋମବାର ଅପରାହ୍ନରେ ମନ୍ତ୍ରୀ ସାହୁ ବଡ଼ମାଳ ଗୋଳାବାରୁଦ କାରଖାନା ଅଞ୍ଚଳକୁ ଆସିଥିବାବେଳେ ନିଲମୀକରଣକୁ ବିରୋଧ କରି ଗଠନ କରାଯାଇଥିବା ସଂଘର୍ଷ ସମିତି ସଭାପତି ପ୍ରମୋଦ କିଶୋର ଦାସ, ଉପସଭାପତି ସନାତନ ନାଗ, ସମ୍ପାଦକ ରବିନ୍ଦ୍ର ମିଶ୍ର, ସହସମ୍ପାଦକ ସଞ୍ଜୀବ ବଗର୍ତ୍ତୀ, କୋଷାଧ୍ୟକ୍ଷ ସତ୍ୟପ୍ରେମ ମାଝୀ ପ୍ରମୁଖ ଭେଟିଥିଲେ । ମନ୍ତ୍ରୀ ସାହୁ ଖୁବ୍ ଶୀଘ୍ର ମୁଖ୍ୟମନ୍ତ୍ରୀଙ୍କୁ ଏ ସମ୍ପର୍କରେ ଅବଗତ କରି ପଦକ୍ଷେପ ନେବା ପାଇଁ ଜଣାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

■ ଜମ୍ମୁ-କଶ୍ମୀରରେ ଧାରା ୩୭୦ ଉଚ୍ଛେଦ ପ୍ରସଙ୍ଗ

# ଉପତ୍ୟକାର ଯୁବପିଢ଼ିଙ୍କ ଆସ୍ଥା ଜିଣିବା ଗୁରୁତ୍ୱପୂର୍ଣ୍ଣ

ଦେଶ ସ୍ୱାଧୀନ ହେବା ପରଠାରୁ ଜମ୍ମୁ-କଶ୍ମୀରର ଯେଉଁ ଧାରାକୁ ନେଇ ସବୁଠୁ ଅଧିକ ଆଲୋଚନା ହେଉଥିଲା ତାକୁ ସରକାର ଆଜି ସଂସଦରେ ଉଚ୍ଛେଦ କରିଦେଇଛନ୍ତି । ଏହାକୁ ନେଇ ଦେଶବ୍ୟାପୀ ସରଗରମ ଆଲୋଚନା ଆରମ୍ଭ ହୋଇଛି। ଏହି ଚର୍ଚ୍ଚିତ ପ୍ରସଙ୍ଗକୁ ନେଇ ବଲାଙ୍ଗୀରରେ ମଧ୍ୟ ବେଶ୍ ଉତ୍ସୁକତା ଦେଖାଦେଇଛି । ଏହାକୁ ନେଇ ଏକ ଉପସ୍ଥାପନା ।



“ସବୁ ଦିଗରୁ ବିଚାର କଲେ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ବହୁ ପୂର୍ବରୁ ଏହା କରିବାର ଥିଲା । ଯେଉଁ ସକରାତ୍ମକ ଉଦ୍ଦେଶ୍ୟ ନେଇ ସରକାର ଏହି ପଦକ୍ଷେପ ନେଇଥିବା କହୁଛନ୍ତି ତାହା କିଭଳି କାର୍ଯ୍ୟକାରୀ ହୋଇପାରିବ ସେଦିଗରେ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଛି । ଉପତ୍ୟକାର ଯୁବପିଢ଼ିଙ୍କ ଆସ୍ଥା ଓ ବିଶ୍ୱାସ ଜିଣିବା ହିଁ ଏବେ ଗୁରୁତ୍ୱପୂର୍ଣ୍ଣ। ଉପତ୍ୟକାର ଦ୍ରୁତ ଉନ୍ନତି, ମହିଳାଙ୍କ ଅଧିକାର, ଶିକ୍ଷା, ସ୍ୱାସ୍ଥ୍ୟ ଓ ଭିତ୍ତିଭୂମିର ବିକାଶ ହେଲେ ସେଠାକାର ଲୋକେ ଉପକୃତ ହେବେ । ସେଦିଗରେ ସରକାର ଦାୟିତ୍ୱର ସହ କାର୍ଯ୍ୟ କରିବା ଉଚିତ୍ । ଏହାକୁ ବିଜୟ ବୋଲି ନ ଭାବି ଗଠନମୂଳକ ପଦକ୍ଷେପ ଭାବେ ଗ୍ରହଣ କଲେ ସମସ୍ତଙ୍କ ମଙ୍ଗଳ ହେବ ।

**-ପ୍ରଫେସର ମଧୁସୂଦନ ପତି, ଶିକ୍ଷାବିତ୍, ବଲାଙ୍ଗୀର**



“ଜମ୍ମୁ ଓ କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ହେବା ଭାରତବାସୀ ଦୀର୍ଘଦିନରୁ ଚାହୁଁଥିଲେ । ସମୟକ୍ରମେ ଏହି ଧାରା କ୍ଷୟପ୍ରାପ୍ତ ହୋଇ ଉଚ୍ଛେଦ ହେବ ବୋଲି ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ସଂସଦରେ ପ୍ରକାଶ ମଧ୍ୟ କରିଥିଲେ । ୩୭୦ ଧାରାର ୨ ଓ ୩ ଅନୁଚ୍ଛେଦକୁ ବର୍ତ୍ତମାନ ଉଚ୍ଛେଦ କରାଯାଇଛି । ଏହାକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରାଯାଇ ଦେଶରେ ୟୁନିଫର୍ମ ସିଭିଲ କୋଡ ଲାଗୁ କରିବା ସମଗ୍ର ଦେଶବାସୀ ଚାହାଁନ୍ତି ।

**- ହେମନ୍ତ କୁମାର ପଣ୍ଡା, ସୂଚନା ଅଧିକାର କର୍ମୀ**



“ଆଜି ସ୍ୱାଧୀନ ଭାରତ ପାଇଁ ଏକ ସ୍ୱର୍ଣ୍ଣିମ ଦିବସ । ଜମ୍ମୁ ଓ କଶ୍ମୀରରେ ଯେଉଁ ୩୭୦ ଓ ୩୫କ ଧାରା ଭାରତରେ ସମ୍ପୂର୍ଣ୍ଣ ସମ୍ମିଶ୍ରଣ ପାଇଁ ବାଧକ ହେଉଥିଲା ଏବଂ ହିଂସା ଓ ଆତଙ୍କବାଦ ସୃଷ୍ଟି କରିବାରେ ସହାୟକ ହେଉଥିଲା ତାହାର ଏବେ ବିଲୋପ ହେବାକୁ ଯାଉଛି । ଏହି ଐତିହାସିକ ତ୍ରୁଟିକୁ ସଂଶୋଧନ କରିବାରେ ପ୍ରଧାନମନ୍ତ୍ରୀ ମୋଦି ଓ ଗୃହମନ୍ତ୍ରୀ ଶାହା ଯେଉଁ ରାଜନୈତିକ ଉଚ୍ଛାଶକ୍ତି ତଥା ସାହସ ପ୍ରଦର୍ଶିତ କରିଛନ୍ତି ତାହା ବାସ୍ତବରେ ଅଦ୍ୱିତୀୟ ଓ ପ୍ରଶଂସନୀୟ । ଜମ୍ମୁ-କଶ୍ମୀର ଓ ଲଦାଖ ପାଇଁ ଏକ ଶାନ୍ତ ତଥା ସମୃଦ୍ଧଶାଳୀ ଭବିଷ୍ୟତ ଯେ ଅପେକ୍ଷାରତ- ଏହା ନିଃସନ୍ଦେହ ।

**- ଜୟକୃଷ୍ଣ ସାହୁ, ଆଇନଜୀବୀ, ବଲାଙ୍ଗୀର**

**ରିପୋର୍ଟ: ବୀରେନ୍ଦ୍ର ଝାଙ୍କର**

ଶିଶୁ ବିକାଶ ମନ୍ତ୍ରୀଙ୍କ ଗୁଡଭେଲା ଗସ୍ତ

# ଅଞ୍ଚଳର ବିକାଶ ଉପରେ ଗୁରୁତ୍ୱ

**ଗୁଡଭେଲା, ୫।୮ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଗମ୍ଭାରୀଗୁଡା ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ସୋମବାର ରାଜ୍ୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ ପରିଦର୍ଶନ କରିଥିଲେ। ସରକାରୀ ସୁବିଧା ଯେପରି ଲୋକଙ୍କ ପାଖରେ ପହଞ୍ଚିପାରିବ ଏବଂ ଅଞ୍ଚଳର ବିକାଶ ଅଧିକରୁ ଅଧିକ ହୋଇ ପାରିବ ତାହା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ସିକେର ପାହାଡ ଉପରେ ଥିବା ଗଭାରସା ଗ୍ରାମରେ ୭ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଅଙ୍ଗନୱାଡି ଗୃହ ସେ ବୁଲି ଦେଖିବା ସହ ମହିଳାମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ବର୍ଷା ଦିନରେ ପାହାଡରୁ ବୋହି ଆସୁଥିବା ପାଣିର ନିଷ୍କାସନ ବ୍ୟବସ୍ଥା ନଥିବାରୁ ପ୍ରାୟ ସମୟରେ ଗ୍ରାମ ଭିତରକୁ ପାଣି ଆସୁଛି । ଗ୍ରାମବାସୀଙ୍କଠାରୁ ଏହି ସମସ୍ୟା ଜାଣିବା ପରେ ପାଣି ନିଷ୍କାସନ ବ୍ୟବସ୍ଥା କରିବା ପାଇଁ ପ୍ଲାନ ତିଆରି କରିବାକୁ ଉପସ୍ଥିତ ଯନ୍ତ୍ରୀ ଦେବେନ୍ଦ୍ର ମହାନନ୍ଦକୁ ନିର୍ଦ୍ଦେଶ ଦେଇଥିଲେ ମନ୍ତ୍ରୀ। ପରେ ମନ୍ତ୍ରୀ ସେଠିକାର ପ୍ରାଥମିକ ବିଦ୍ୟାଳୟକୁ ଯାଇ ପିଲାଙ୍କ ପାଠପଢାର ସ୍ଥିତି ପରଖି ଥିଲେ। ଏହାପରେ ଠେଲକୋଭେଲା ଗ୍ରାମକୁ ଯାଇ ଲୋକଙ୍କ ବିଭିନ୍ନ ସୁବିଧା ଅସୁବିଧା ପଚାରି ବୁଝିଥିଲେ ଶିଶୁ ବିକାଶ ମନ୍ତ୍ରୀ । ଗାଁ ରାସ୍ତାର ଉନ୍ନତିକରଣ ପାଇଁ ସେ ବିଡିଓ ରାମବିଲାସ ମଙ୍ଗରାଜଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଗାଁକୁ ସ୍ୱାସ୍ଥ୍ୟ ସେବା ଯେପରି ପହଞ୍ଚି ପାରିବ ସେ ନେଇ ଧ୍ୟାନ ଦେବାକୁ ଉପସ୍ଥିତ ଥିବା ଡାକ୍ତର ଲଲାଟେନ୍ଦୁ ନାୟକଙ୍କୁ ମନ୍ତ୍ରୀ ସାହୁ ନିର୍ଦ୍ଦେଶ ଦେଇଥିଲେ । ସିକେଲପଦର ଗ୍ରାମ ଗସ୍ତବେଳେ ଲୋକେ ଆଜି ପର୍ଯ୍ୟନ୍ତ କାଳିଆ ଟଙ୍କା ପାଇ ନଥିବା ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବେଲଗାଁ ଓ ବଡ ତରଙ୍ଗମୁଣ୍ଡା ଗ୍ରାମବାସୀ ବୃହତ ଉଠା ଜଳ ପ୍ରକଳ୍ପଗୁଡିକ କାମରେ ଆସୁ ନ ଥିବା ମନ୍ତ୍ରୀଙ୍କ ନିକଟରେ ଫେରାଦ ହୋଇଥିଲେ । ଏହି ଗସ୍ତ ସମୟରେ ଜିଲା ସମାଜ ମଙ୍ଗଳ ଅଧିକାରୀ ବିନୋଦିନୀ ପ୍ରଧାନ, ମମତା ଯୋଜନା ଜିଲା କୋଅର୍ଡିନେଟର ଶିବାନୀ ଠାକୁର, ମିଶନ ଶକ୍ତିର ସୁମନ ଦ୍ୱିବେଦୀ, ବ୍ଲକ ସମନ୍ୱିତ ଶିଶୁ କାର୍ଯ୍ୟାଳୟ ଅଧିକାରିଣୀ ସୌଦାମିନୀ ପ୍ରଧାନ, ତୁଷୁରା ଏନଏସି ଅଧକ୍ଷା ଭାଗ୍ୟଶ୍ରୀ ନାଗ, ବଡଙ୍ଗୋମୁଣ୍ଡା ସରପଞ୍ଚ ପ୍ରଭାସିନୀ ପ୍ରଧାନ, ବିଜେଡି ନେତା ନୀରୋଦ ନାଗ, ନଗର ବିଜେଡି ସଭାପତି ଅଜୟ ଜୟସ୍ୱାଲ ପ୍ରମୁଖ ଉପସ୍ଥିତ ଥିଲେ ।

# ଉଚ୍ଚ ବିଦ୍ୟାଳୟରେ ସାମୂହିକ ବୃକ୍ଷରୋପଣ କାର୍ଯ୍ୟକ୍ରମ

**ଡୁଙ୍ଗୁରିପାଲି, ୫।୮ (ଡି.ଏନ୍.ଏ.)**

ଡୁଙ୍ଗୁରିପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋମବାର ମୋ ସ୍କୁଲ ଅଭିଯାନ ଆନୁକୂଲ୍ୟରେ ସାମୂହିକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଏକ ସଭା ଆୟୋଜିତ ହୋଇଥିଲା। ଏହି ସଭାରେ ଡୁଙ୍ଗୁରିପାଲି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କରମ ଚନ୍ଦ୍ର ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ । ସଭାରେ ଡୁଙ୍ଗୁରିପାଲି ବିଇଓ ରାଧାକାନ୍ତ ଗଡତ୍ୟା, ଆରଏମ୍‌ସି ସମ୍ପାଦକ ଉଦିତ କୁମାର ବାବୁ, ଅଗ୍ନିସେବା ଅଧିକାରୀ ପ୍ରଭାକର ପ୍ରଧାନ, ଚାଷୀ ନେତା ବିପ୍ର ସାହୁ, ଏବି. ସନ୍ତୋଷ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ମୋ ସ୍କୁଲ ଅଭିଯାନର ସଭାପତି ମକରଧ୍ୱଜ ବିଶ୍ୱାଳ ସଭା ପରିଚାଳନା କରିଥିଲେ । ସଭା ପରେ ସ୍କୁଲ ପରିସରରେ ୧୬୦ଟି ଚାରା ରୋପଣ କରାଯାଇଥିଲା। ଶେଷରେ ପ୍ରଧାନଶିକ୍ଷକ କରମ ଚନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଚାଷୀ ପଞ୍ଜୀକରଣ ତାଲିମ ଶିବିର

**ଡୁଙ୍ଗୁରିପାଲି, ୫।୮ (ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଆର୍‌ଏମ୍.ସି ମୁଖ୍ୟ ବଜାର ପ୍ରାଙ୍ଗଣରେ ସୋମବାର ଜିଲା ପ୍ରଶାସନ ଅନୁକୂଲ୍ୟରେ ଖରିଫ ଧାନ ସଂଗ୍ରହ ନିମନ୍ତେ ଚାଷୀ ପଞ୍ଜିକରଣ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ସୋନପୁର ଏସିଏସ୍‌ଓ ସୁବୋଧ ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରରେ ସୋନପୁର ସିଏସ୍‌ଓ ବିବେକାନନ୍ଦ କର୍କରା, ଏଆର୍‌ସିଏସ୍ ଭୀମସେନ ସାହୁ, ଏସିଏସ୍‌ଓ ସଦର ତ୍ରିନାଥ ଭୋଇ, ଡୁଙ୍ଗୁରିପାଲି ବ୍ଲକ ଯୋଗାଣ ଅଧିକାରୀ ଜଗନ୍ନାଥ ଭୋଇ, ଏସ୍‌ଏଆର୍‌ସିଏସ୍ ସୋନପୁର ଆଶିଷ କୁମାର ରାଓ, ଡିଇଓ ପ୍ରଦୀପ ପଣ୍ଡା ମଞ୍ଚାସୀନ ଥିଲେ। ଶିବିରକୁ ଡୁଙ୍ଗୁରିପାଲି ଆର୍‌ଏମ୍‌ସି ସମ୍ପାଦକ ଉଦିତ କୁମାର ବାବୁ ପରିଚାଳନା କରିଥିଲେ । ଏଥିରେ ବୀରମହାରାଜପୁର ଓ ଡୁଙ୍ଗୁରିପାଲି ଆର୍‌ଏମ୍‌ସି ଅଧିନରେ ଥିବା ସମସ୍ତ ପ୍ୟାକ୍ସର ସମ୍ପାଦକ, ଡିଇଓ ଓ ବ୍ଲକ ଯୋଗାଣ ସହାୟକମାନେ ଯୋଗ ଦେଇଥିଲେ । ମଙ୍ଗଳବାରଠାରୁ ସରକାରଙ୍କ ଧାର୍ଯ୍ୟ ନିୟମ ଅନୁଯାୟୀ ଚାଷୀମାନେ ପଞ୍ଜୀକରଣ ଫର୍ମ ସୋସାଇଟିରୁ ସଂଗ୍ରହ କରି ଆସନ୍ତା ୩୧ତାରିଖ ମଧ୍ୟରେ ଦାଖଲ କରିବାର ଶେଷ ତାରିଖ ରହିଥିବା ଚାଷୀମାନଙ୍କୁ ସୂଚନା ଦିଆଯାଇଥିଲା ।




ଚାଷୀ ପଞ୍ଜୀକରଣ ତାଲିମ ଶିବିରରେ ମଞ୍ଚାସୀନ ଅତିଥିମାନେ।

# ୟୁଜିବିରେ ତାଲାଦେଇ ଯୁବକ ଗିରଫ

## ଅଢ଼େଇ ଘଣ୍ଟା ପରେ କର୍ମଚାରୀଙ୍କୁ ଉଦ୍ଧାର କଲା ପୋଲିସ

**ଦେଓଗାଁ, ୫।୮ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମହଲାଇ ଉତ୍କଳ ଗ୍ରାମୀଣ ବ୍ୟାଙ୍କ(ୟୁଜିବି), ପଞ୍ଚାୟତ କାର୍ଯ୍ୟାଳୟ ଓ ପ୍ରାଥମିକ କୃଷି ସେବା ସମବାୟ ସମିତି ଗୋଦାମ ଗୃହ ନିର୍ମାଣ ହୋଇଥିବା ସ୍ଥାନକୁ ଗାଁର ମୋତିଲାଲ ମାଝୀ ଅନେକ ଦିନହେଲା ପୈତୃକ ସମ୍ପତ୍ତି ବୋଲି ଦାବି କରି ଆସୁଛନ୍ତି । ଏ ନେଇ ସୋମବାର ଅପରାହ୍ନ ପ୍ରାୟ ୨ଟା୩୦ରେ ସେ ବ୍ୟାଙ୍କକୁ ଆସି କର୍ମଚାରୀଙ୍କୁ ବାହାରକୁ ଆସିବାକୁ କହିଥିଲେ। ପରେ ବ୍ୟାଙ୍କ ଭିତରେ ମ୍ୟାନେଜର ଅରୁଣ ଦୀପ, କ୍ୟାଶିୟର ଅଭିଜିତ ଗଡତ୍ୟା ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ରାଜେନ୍ଦ୍ର ପଧାନଙ୍କୁ ବାହାର ପଟରୁ ତାଲା ପକାଇ ଦେଇଥିଲେ । ଏଥିସହ ପଞ୍ଚାୟତ ରାଜୀବ ସେବାକେନ୍ଦ୍ରରେ ମଧ୍ୟ ତାଲା ପକାଇ ଦେଇଥିଲେ । ଏ ସଂକ୍ରାନ୍ତରେ ଅଭିଯୋଗ ପାଇ ଦେଓଗାଁ ଥାନା ପୋଲିସ ଟିମ ଘଟଣାସ୍ଥଳରେ ପହଞ୍ଚି ଥିଲେ। ସନ୍ଧ୍ୟା ପ୍ରାୟ ୫ଟାରେ ବ୍ୟାଙ୍କ ମ୍ୟାନେଜର, କ୍ୟାଶିୟର ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ତାଲା ଖୋଲି ଉଦ୍ଧାର କରିଥିଲେ। ପରେ ମୋତିଲାଲ ମାଝୀଙ୍କୁ ଥାନାକୁ ଅଣାଯାଇଥିଲା । ବ୍ୟାଙ୍କ ମ୍ୟାନେଜର ଦୀପଙ୍କ ଅଭିଯୋଗକୁ ଭିତ୍ତି କରି ଅଧିକ ତଦନ୍ତ ଜାରି ରହିଥିବା କହିଛନ୍ତି ଥାନା ଅଧିକାରୀ ଲୋକନାଥ ଭୋଇ । ଘଟଣାକୁ କେନ୍ଦ୍ରକରି ପଞ୍ଚାୟତ ତରଫରୁ ମଧ୍ୟ ମୋତିଲାଲଙ୍କ ବିରୋଧରେ ଥାନାରେ ଅଭିଯୋଗ ହୋଇଛି । ପ୍ରକାଶ ଯେ, ଗତ ୨୦୧୭ ମସିହାରେ ମହଲାଇର ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ, ପଞ୍ଚାୟତ କାର୍ଯ୍ୟାଳୟ ଓ ପ୍ରାଥମିକ କୃଷିସେବା ସମବାୟ ସମିତି ଗୋଦାମ ଗୃହ ନିର୍ମାଣ ହୋଇଥିବା ସ୍ଥାନକୁ ନିଜର ପୈତୃକ ସମ୍ପତ୍ତି ଓ ଏହାକୁ ମୋର ପୂର୍ବଜ ଦାନ ସୂତ୍ରରେ ଦେଇଥିଲେ ବୋଲି କହିଥିଲେ। ଏବେ ଏହା ମୋର ଦଖଲରେ ରହିଥିବାରୁ ଉକ୍ତ ସ୍ଥାନକୁ ଛାଡିବାକୁ ଦାବି କରି ଚାରିପଟେ ତାରବାଡ ପକାଇ ଥିଲେ ମୋତିଲାଲ । କିଛିମାସ ଧରି ବ୍ୟାଙ୍କ, ପ୍ୟାକ୍ସ ଓ ପଞ୍ଚାୟତ ସେବାରେ ବ୍ୟାଘାତ ସୃଷ୍ଟି ହୋଇଥିଲା। ପରେ ବୁଝାମଣା ସୂତ୍ରରେ ପୁନଶ୍ଚ ବ୍ୟାଙ୍କ ଓ ପ୍ୟାକ୍ସ କାର୍ଯ୍ୟ ସ୍ୱାଭାବିକ ଭାବେ ଚାଲିଥିଲା । କିନ୍ତୁ ପଞ୍ଚାୟତକୁ ରାସ୍ତା ନ ଦେବାରୁ ପଞ୍ଚାୟତ କାର୍ଯ୍ୟାଳୟ ନିକଟସ୍ଥ ରାଜୀବ ସେବାକେନ୍ଦ୍ରରେ ଚାଲୁ ରହିଛି । ଏ ଦିଗରେ ପ୍ରଶାସନ ଏକ ସ୍ଥାୟୀ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ମହଲାଇ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରେ ବନ୍ଦ ଥିବା କର୍ମଚାରୀଙ୍କୁ ପୋଲିସ ଉପସ୍ଥିତିରେ ଉଦ୍ଧାର କରାଯାଉଛି ।

ଚାରି ବର୍ଷ ବାଳକ ଅଣ୍ଟାରେ ବଥ

# ଚିକିତ୍ସା ପାଇଁ ଜିଲାପାଳଙ୍କୁ ନିବେଦନ

**ବଲାଙ୍ଗୀର ଅଫିସ, ୫।୮**

ବଲାଙ୍ଗୀର ଜିଲା ଝରନିପାଲି ଗ୍ରାମ ପଞ୍ଚାୟତର ପଥରମୁଣ୍ଡା ଗାଁରେ ଗୋପ ତାଣ୍ଡିଙ୍କ ପୁଅ ସମ୍ରାଟ(୪)ଙ୍କ ଅସୁସ୍ଥତାକୁ ନେଇ ପରିବାର ଲୋକେ ଚିନ୍ତାରେ ପଡିଛନ୍ତି । ଜନ୍ମରୁ ସମ୍ରାଟ ଠିକ୍‌ଠାକ୍ ଥିଲେ । ପ୍ରାୟ ଅଢ଼େଇ ବର୍ଷ ତଳେ ତାଙ୍କ ଅଣ୍ଟାରେ ଏକ ବଥ ଭଳି ବାହାରିବା ଆରମ୍ଭ କରିଥିଲା । ଏହାପରେ ସମ୍ରାଟ୍ ଅସୁସ୍ଥ ହୋଇପଡିଥିଲେ । ଗୋପ ତାଣ୍ଡି ସମ୍ରାଟଙ୍କୁ ନେଇ ବିଭିନ୍ନ ହସପିଟାଲରେ ଦେଖାଇ ହଜାର ହଜାର ଟଙ୍କାର ଔଷଧ କରିଥିଲେ ମଧ୍ୟ ଆରୋଗ୍ୟ ଲାଭ କରିନଥିଲେ । ଅଣ୍ଟାରେ ବଥ ଯୋଗୁଁ ସେ ଠିକ୍ ଭାବେ ବସିପାରୁନାହାନ୍ତି କି ଶୋଇ ପାରୁନାହାନ୍ତି । ସମ୍ରାଟ୍‌ଙ୍କ ଉଚ୍ଚତର ଚିକିତ୍ସା ଆବଶ୍ୟକ ପଡୁଥିବାବେଳେ ଦିନ ମଜୁରିଆ କାର୍ଯ୍ୟ କରୁଥିବା ଗୋପ ତାଣ୍ଡି ଚିନ୍ତାରେ ପଡିଛନ୍ତି । ସମ୍ରାଟଙ୍କୁ ଧରି ସୋମବାର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସି ଚିକିତ୍ସା ସହାୟତା ପାଇଁ ଜିଲାପାଳଙ୍କୁ ଅନୁରୋଧ କରିଥିଲେ । ଜିଲା ପ୍ରଶାସନ ତରଫରୁ ଆର୍ଥିକ ସହାୟତା ଯୋଗାଇଲେ ସମ୍ରାଟ୍‌ଙ୍କୁ ନେଇ ବଡ ମେଡିକାଲରେ ଚିକିତ୍ସା କରିପାରିବେ ବୋଲି ଗୋପ କହିଛନ୍ତି । ଗୋପଙ୍କ ପରିବାରରେ ସ୍ତ୍ରୀ, ଦୁଇ ଝିଅ ଓ ପୁଅ ସମ୍ରାଟ୍ ଅଛନ୍ତି । ପୁଅର ଅସୁସ୍ଥତା କାରଣରୁ ସେମାନେ କୌଣସି କାର୍ଯ୍ୟ କରି ନ ପାରି ଆର୍ଥିକ ସଙ୍କଟରେ ପଡିଥିବା ଗୋପ କହିଛନ୍ତି ।



ଜିଲାପାଳ କାର୍ଯ୍ୟାଳୟକୁ ଚିକିତ୍ସା ସହାୟତା ପାଇଁ ଆସିଥିବା ଗୋପ ତାଣ୍ଡି ଓ ସମ୍ରାଟ୍ ।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୬ ଅଗଷ୍ଟ, ୨୦୧୯



ଥରେ ଖ୍ୟାତି ଅର୍ଜନ କରିଗଲେ ତାକୁ ଜୀବନ ତମାମ ଧରି ରଖିବା ଭାରି କଷ୍ଟ। -ଭଲ୍‌ଟାୟର



## ସଂକ୍ଷେପରେ

### ଉଚ୍ଚ ବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

**ସଇଁତଲା, ୫।୮ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଡୁଙ୍ଗୁରିପାଲି ପଞ୍ଚାୟତ ଅନ୍ତର୍ଗତ ତେଣ୍ଡିପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ଜୟକୃଷ୍ଣ ପୁଟେଲଙ୍କ ଅଧ୍ୟକ୍ଷତାରେ ଏକ ସଭାର ଆୟୋଜନ କରାଯାଇଥିଲା। ଜିଲା ପରିଷଦ ଉପାଧ୍ୟକ୍ଷ ପାଣ୍ଡବ ସାହୁ ମୁଖ୍ୟ ଅତିଥି, ପ୍ରକୃତିବନ୍ଧୁ କବିରାଜ ସୁରେନ୍ଦ୍ର ଭୋଇ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷକ ଲିଙ୍ଗରାଜ ନାଏକ ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ । ଅତିଥିମାନେ ବୃକ୍ଷ ରୋପଣର ଉପକାରିତା ସମ୍ବନ୍ଧରେ ଉପସ୍ଥିତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ । ପରେ ବିଦ୍ୟାଳୟ ପରିସରରେ ବିଭିନ୍ନ ବୃକ୍ଷ ରୋପଣ କରାଯାଇଥିଲା । ବିଦ୍ୟାଳୟ କମିଟିର ପର୍ଶୁରାମ ସାହୁ, ଶିକ୍ଷକ ଶରତ ଚନ୍ଦ୍ର ରଣା, ହିମାଞ୍ଚଳ ଛତ୍ରିଆ, ପଦ୍ମଲୋଚନ ମାଝୀ, ଡଲି ସାହୁ, ଫକୀର କୁମ୍ଭାର ପ୍ରମୁଖ ବୃକ୍ଷରୋପଣ ସମୟରେ ଉପସ୍ଥିତ ଥିଲେ । ଶିକ୍ଷୟିତ୍ରୀ ଅନାମିକା କର ଧନ୍ୟବାଦ ଅର୍ପଣ କରିଥିଲେ ।

### ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି

**ସଇଁତଲା, ୫।୮ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଗ୍ରାମ ପଞ୍ଚାୟତ ସଭାଗୃହରେ ଆଗାମୀ ସ୍ୱାଧୀନତା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୋଧରାମ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ୭୩ତମ ସ୍ୱାଧୀନତା ଦିବସକୁ କିପରି ସଫଳତାର ସହ ପାଳନ କରାଯିବ ସେ ବିଷୟରେ ଆଲୋଚନା କରାଯାଇଥିଲା । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସ୍ଥାନୀୟ ରମେଶ ଚନ୍ଦ୍ର ସିଂ ଭୋଇ ମିନି ଷ୍ଟାଡ଼ିୟମରେ ସ୍ୱାଧୀନତା ଦିବସ ପାଳନ କରାଯିବା ପାଇଁ ସ୍ଥିରୀକୃତ କରାଯାଇଥିଲା। ଏଥିପାଇଁ ବିଭିନ୍ନ ଅଧିକାରୀ ତଥା ବ୍ୟକ୍ତିଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଆସନ୍ତା ୯ ତାରିଖ ଦିନ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ବିଭିନ୍ନ ପ୍ରତିଯୋଗିତାମାନ ଆୟୋଜନ କରାଯିବ। କୃତୀ ପ୍ରତିଯୋଗୀମାନଙ୍କୁ ସ୍ୱାଧୀନତା ଦିବସ ପାଳନ ଅବସରରେ ପୁରସ୍କୃତ କରାଯିବ। ଏହି ବୈଠକରେ ପ୍ରଗତି ସହାୟକ ରାଜେନ୍ଦ୍ର ଖମାରୀ, ସ୍ଥାନୀୟ ସରପଞ୍ଚ, କନିଷ୍ଠ ଯନ୍ତ୍ରୀ ବଳରାମ ଶବର, କୃଷି ଅଧିକାରୀ ନିଶାନ୍ତ ଦାସ, କନିଷ୍ଠ କିରାଣୀ ସଂଗ୍ରାମ ମିଶ୍ର, ଏବିଇଓ ନାରାୟଣ ଭୋଇଙ୍କ ସମେତ ଜନସାଧାରଣ, ପୋଲିସ ପ୍ରଶାସନ, ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

---

କେଜିବିଭି ହଷ୍ଟେଲରେ ପାଣି ସମସ୍ୟା, ଛାତ୍ରୀଙ୍କୁ ଧମକଚମକ

# ରାସ୍ତାକୁ ଓହ୍ଲାଇଲେ ଅନ୍ତେବାସିନୀ

ଲୋଇସିଂହା,୫।୮(ଡି.ଏନ.ଏ.)

- ପ୍ରଶାସନ ପ୍ରତିଶ୍ରୁତି ପରେ ରାସ୍ତାରୋକୋ ହଟିଲା
- ସମସ୍ୟା ସମାଧାନ ପାଇଁ ତ୍ରିପାକ୍ଷିକ ଆଲୋଚନା
- ସମାଧାନ ନ ହେବା ଯାଏ ଟ୍ୟାଙ୍କର ଯୋଗେ ଜଳ ଯୋଗାଯିବ
- ଅବ୍ୟବସ୍ଥାର ଯାଞ୍ଚ ପାଇଁ ୯ ଜଣିଆ କମିଟିକୁ ଦାୟିତ୍ୱ



ନିର୍ଯାତନା ଏବଂ ପାଣି ସମସ୍ୟା ନେଇ ଅନ୍ତେବାସିନୀମାନେ ସ୍କୁଲ ସମ୍ମୁଖ ୨୬ନଂ ଜାତୀୟ ରାଜପଥ ଅବରୋଧ କରିଛନ୍ତି।

ବଲାଙ୍ଗୀର ଜିଲା ଲୋଇସିଂହା କସ୍ତୁରବା ଗାନ୍ଧୀ ଆବାସିକ ବାଳିକା ବିଦ୍ୟାଳୟ(କେଜିବିଭି)ର ଅନ୍ତେବାସିନୀମାନେ ନାନା ସମସ୍ୟା ଦେଇ ଗତି କରୁଛନ୍ତି। ଏହାର ପ୍ରତିବାଦ କଲେ ସେମାନଙ୍କୁ ନାଲିଆଖି ଦେଖାଯାଉଛି। ଟିସି ନେଇ ଯିବାକୁ ଧମକଚମକ ଦିଆଯାଉଛି । ପ୍ରତିବାଦ କରିଥିବା ସୁଜିଆ ଗ୍ରାମର ୪ ଅନ୍ତେବାସିନୀଙ୍କୁ ହଷ୍ଟେଲରୁ ତଡି ଦିଆଯାଇଥିବା ଅଭିଯୋଗ ହୋଇଛି । ଏସବୁ ଘଟଣା ଅସହ୍ୟ ହେଲା ପରେ ଅନ୍ତେବାସିନୀମାନେ ସୋମବାର ରାଜରାସ୍ତାକୁ ଓହ୍ଲାଇଥିଲେ । ସ୍କୁଲ ସମ୍ମୁଖ ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥକୁ ସେମାନେ ପ୍ରାୟ ଅଢେଇ ଘଣ୍ଟା ଧରି ଅବରୋଧ କରି କର୍ତ୍ତୃପକ୍ଷଙ୍କ ବିରୋଧରେ ବିକ୍ଷୋଦ୍‌ଗାର କରିଥିଲେ। ପରେ ଶିକ୍ଷା ବିଭାଗ, ବ୍ଲକ ପ୍ରଶାସନ ଏବଂ ସ୍ଥାନୀୟ ବୁଦ୍ଧିଜୀବୀଙ୍କୁ ନେଇ ତ୍ରିପାକ୍ଷିକ ଆଲୋଚନା କରାଯାଇଥିଲା। ଜନସାଧାରଣଙ୍କ ପକ୍ଷରୁ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ସମସ୍ୟା ସମାଧାନ ପାଇଁ ଦାବି କରାଯାଇଥିଲା ।

୨୦୦୬ ମସିହାରେ ପ୍ରତିଷ୍ଠା ଲାଭ କରିଥିବା ଲୋଇସିଂହା କେଜିବିଭି ଆରମ୍ଭ ସମୟରେ ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ କାର୍ଯ୍ୟ କରିଥିଲା। ପିଲାମାନେ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଛାତ୍ରୀ ନିବାସରେ ରହୁଛନ୍ତି। ୨୦୧୮-୧୯ ଶିକ୍ଷା ବର୍ଷ ପର୍ଯ୍ୟନ୍ତ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଯାଏ ଏକଶହ ଅନ୍ତେବାସୀ ରହୁଛନ୍ତି । ଚଳିତ ଶିକ୍ଷା ବର୍ଷରୁ ଏଠାରେ ନବମ ଶ୍ରେଣୀର ୩୨ଜଣ ଛାତ୍ରୀ ଅଧିକ ରହୁଛନ୍ତି। ଷଷ୍ଠରୁ ଅଷ୍ଟମ ପର୍ଯ୍ୟନ୍ତ ପିଲାମାନେ ବାଳକ ଉଚ୍ଚ ବିଦ୍ୟାଳୟ ଓ ନବମ ଶ୍ରେଣୀର ପିଲାମାନେ ବାଳିକା ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ତେବେ ଛାତ୍ରୀ ନିବାସରେ ଲାଗି ରହିଥିବା ଅବ୍ୟବସ୍ଥାକୁ ନେଇ ପିଲାମାନେ ଅସନ୍ତୋଷ ପ୍ରକାଶ କରି ଆସୁଛନ୍ତି। ଏଠାରେ ଆରମ୍ଭରୁ ପାଣି ସମସ୍ୟା ଲାଗି ରହିଛି । ଗୋଟିଏ ନଳକୂପରେ ଶତାଧିକ ଅନ୍ତେବାସୀ ସ୍ନାନଶୌଚ କରିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବିଭିନ୍ନ ସମୟରେ ଦାବି କରାଯାଇ ଆସୁଥିଲେ ବି ସମସ୍ୟାର କୌଣସି ସମାଧାନ ହୋଇ ପାରିନାହିଁ। ଚଳିତବର୍ଷ ଅଧିକ ୩୨ଜଣ ଛାତ୍ରୀ ଆସିଥିବାରୁ ଏହି ସମସ୍ୟା ଅଧିକ ଜଟିଳ ହୋଇ ପଡିଛି। ଅପରପକ୍ଷରେ ରବିବାରଠାରୁ ଛାତ୍ରୀ ନିବାସକୁ ଜଳଯୋଗଣ ବନ୍ଦ ଥିବାରୁ ସ୍ଥିତି ସଙ୍ଗିନ ହୋଇଛି। ସୋମବାର ସକାଳୁ ଅନ୍ତେବାସିନୀମାନେ ଏହାର ପ୍ରତିବାଦ କରି ସ୍କୁଲଗେଟ ଆଗରେ ଧାରଣା ଦେଇଥିଲେ । ସେଠାରେ ଲୋକେ ରୁଣ୍ଡ ହେବାରେ ଛାତ୍ରୀମାନେ ସେମାନଙ୍କ ଦୁଃଖ ବଖାଣିଥିଲେ। ହଷ୍ଟେଲରେ ନିମ୍ନମାନର ଖାଦ୍ୟ ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଣ ହେଉଛି। ଏପରିକି ଦିଆଯାଉଥିବା ଖାଦ୍ୟରେ ପେଟ ପୁରୁ ନାହିଁ। ରୋଗବ୍ୟାଧି ହେଲେ ଚିକିତ୍ସା କରାଯାଉ ନ ଥିବା ଛାତ୍ରୀମାନେ ଅଭିଯୋଗ କରିଥିଲେ। ଏସବୁର ପ୍ରତିବାଦ କଲେ ହଷ୍ଟେଲ କର୍ତ୍ତୃପକ୍ଷ ଧମକଚମକ ଦେଉଥିବା ଅନ୍ତେବାସିନୀମାନେ ଅଭିଯୋଗ କରିଥିଲେ । ଏହା ଶୁଣିବା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ବିଇଓ ରୀନା ବେହେରା, ଆଇଆଇସି ଲଳିତା ଲେକ୍ରା, ବିଡିଓ ରାମଚନ୍ଦ୍ର ଖାଡିଆ, ଛାତ୍ରୀ ନିବାସ ସଂଯୋଜିକା ପୁଷ୍ପାଞ୍ଜଳି ଯୋଷୀ ପ୍ରମୁଖ ଘଟଣାସ୍ଥଳକୁ ଆସି ଆନ୍ଦୋଳନରତ ଛାତ୍ରୀମାନଙ୍କୁ ବୁଝାଶୁଝା କରି ରାସ୍ତାରୁ ଉଠାଇଥିଲେ। ପରେ ସ୍ଥାନୀୟ ବୁଦ୍ଧିଜୀବୀ, ବିଡିଓ, ବିଇଓ, ଆରଡବ୍ଲୁଏସଏସ ଯନ୍ତ୍ରୀ, ସରପଞ୍ଚ ସୁନୀଲ ଅଗ୍ରୱାଲ, ଛାତ୍ରୀ ନିବାସ ଇନଚାର୍ଜ ତଥା ଏମଇ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ କନକ ମଞ୍ଜରୀ ପାଣିଗ୍ରାହୀଙ୍କୁ ନେଇ ଏକ ବୈଠକ ହୋଇଥିଲା। ପ୍ରଧାନଶିକ୍ଷୟିତ୍ରୀ ପାଣିଗ୍ରାହୀ ପାଣି ସମସ୍ୟା ଏବଂ ସକାଳ ବେଳା କମ୍ ଖାଦ୍ୟ ଦିଆଯିବାକୁ ସ୍ୱୀକାର କରିଥିଲେ। ସ୍କୁଲର ଜମି ସମସ୍ୟା ଯୋଗୁ ଅନେକ ଅନୁଦାନ ଫେରିଯାଉଥିବାରୁ ସେ ଉଦ୍‌ବେଗ ପ୍ରକାଶ କରିଥିଲେ । ସ୍ଥାନୀୟ ସରପଞ୍ଚ ପାଣିର ସ୍ଥାୟୀ ସମାଧାନ ନହେବା ଯାଏ ଟ୍ୟାଙ୍କରରେ ପାଣି ଯୋଗାଇବାକୁ ପ୍ରତିଶ୍ରୁତି ଦେଇଥିଲେ।। ସ୍ଥାନୀୟ ବୁଦ୍ଧିଜୀବୀମାନେ ପାଣି ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ ପଦକ୍ଷେପ ନେବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ କହଥିଲେ। ଏଥିସହ ଅନ୍ତେବାସିନୀଙ୍କୁ ନିର୍ଯାତନା ଦେଇଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲାପାଳଙ୍କୁ ଅବଗତ ପାଇଁ ବିଇଓ ଏବଂ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହ ଛାତ୍ରୀ ନିବାସ ଅବ୍ୟବସ୍ଥାର ନିୟମିତ ଯାଞ୍ଚ ପାଇଁ ଏକ ୯ ଜଣିଆ କମିଟିକୁ ଦାୟିତ୍ୱ ଦିଆଯାଇଥିଲା । ଦିଲୀପ ବେହେରା, ବିଭୂତିଭୂଷଣ ସାହାଣୀ, କାହ୍ନୁ ପଧାନ, ଶ୍ୟାମସୁନ୍ଦର ଭୋଇ, ଲାଲମନ ନାଗଙ୍କ ସମେତ ବହୁ ବୁଦ୍ଧିଜୀବୀ ଏହି ଅବସରରେ ଉପସ୍ଥିତ ଥିଲେ ।

---





ବଲାଙ୍ଗୀର କଚେରୀ ଛକରେ ଭାଜପା ନେତା, କର୍ମୀମାନେ ଖୁସି ମନାଉଛନ୍ତି (ବାମ) । ଟିକ୍ରାପଡା ବିକ୍ରମ ଛକରେ ବଜରଙ୍ଗଦଳ ସଦସ୍ୟମାନେ ନାରାବାଜି କରୁଛନ୍ତି ।

ଜମ୍ମୁ ଓ କଶ୍ମୀରରେ ଧାରା ୩୭୦ ଉଚ୍ଛେଦ

# ଖୁସି ମନାଇଲେ ଭାଜପା ସମର୍ଥକ, ବଜରଙ୍ଗ ଦଳ ସଦସ୍ୟ

**ବଲାଙ୍ଗୀର ଅଫିସ, ୫।୮**

ଜାମ୍ମୁ ଓ କଶ୍ମୀରରୁ ୩୭୦ ଓ ୩୫ ଏ' ଧାରାକୁ ସୋମବାର ସଂସଦରେ ଉଚ୍ଛେଦ କରାଯିବା ନେଇ ଘୋଷଣା ପରେ ଏହା ଦେଶବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି । ଏହାକୁ ନେଇ ବିଭିନ୍ନ ମହଲରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି । ବଲାଙ୍ଗୀରରେ ଭାଜପା ଯୁବ ମୋର୍ଚ୍ଚା ତରଫରୁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ କଚେରୀ ଛକରେ ଫଟ୍‌କା ଫୁଟାଯାଇ ଖୁସି ପ୍ରକାଶ କରାଯାଇଛି। ବହୁ ଭାଜପା ନେତା ଓ ସମର୍ଥକ ଏଥିରେ ଯୋଗଦେଇ ପରସ୍ପର ଦେହରେ ରଙ୍ଗ ଲଗାଇ ଖୁସି ପ୍ରକାଶ କରିଥିଲେ । ବହୁ ପ୍ରତୀକ୍ଷିତ ଏହି ୩୭୦ ଓ ୩୫ ଏ ଧାରା ଉଚ୍ଛେଦ ଘୋଷଣା ପରେ ଆଜି ହିଁ ଜାମ୍ମୁ ଓ କାଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଲା ବୋଲି ଭାଜପା ନେତାମାନେ କହିଥିଲେ । ଭାଜପା ନେତା ଅନନ୍ତ ଦାଶ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା ଆଜି ଏହି ଐତିହାସିକ ନିଷ୍ପତ୍ତି ମାଧ୍ୟମରେ ଭାରତୀୟ ସାର୍ବଭୌମକୁ ଆହୁରି ମଜଭୂତ କରିଛନ୍ତି ଓ ଏହାଦ୍ୱାରା ଜାମ୍ମୁ କଶ୍ମୀରବାସୀଙ୍କ ମଧ୍ୟ ମଙ୍ଗଳ ହେବ ବୋଲି କହିଥିଲେ ।

ଭାଜପା ନେତା ପ୍ରଭାସ ପାଣିଗ୍ରାହୀ ମଧ୍ୟ ଏହି ନିଷ୍ପତ୍ତିକୁ ଐତିହାସିକ ବୋଲି କହିବା ସହ ଏହାଦ୍ୱାରା ଭାରତୀୟ ଅଖଣ୍ଡତା ଓ ଗଣତନ୍ତ୍ରୀ ଆହୁରି ମଜଭୂତ ହେବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନାରୀନେତ୍ର ପଙ୍କଜିନୀ ପଣ୍ଡା, ଯୁବନେତା ସୁରଜ ଗୁରୁ, ଦିନେଶ ଶର୍ମା, ସରୋଜ ତ୍ରିପାଠୀ, ପିତାମ୍ବର ଖମାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ପରେ ବିକ୍ରମ ଛକ ସ୍ଥିତ ଗାନ୍ଧୀ ପାଠାଗାର ସମ୍ମୁଖରେ ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତାଙ୍କ ସହ ବହୁ ଯୁବକ ସରକାରଙ୍କ ଐତିହାସିକ ନିଷ୍ପତ୍ତିକୁ ସ୍ୱାଗତ କରି ଖୁସି ପ୍ରକାଶ କରିଥିଲେ । ଏଠାରେ ଭାରତମାତା କି ଜୟ ଧ୍ୱନିରେ ପରିବେଶ ସରଗରମ ହୋଇଯାଇଥିଲା ।

---

ନୋଡାଲ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ପଦବୀ ଖାଲି

# ଅଭିଭାବକଙ୍କ ଆନ୍ଦୋଳନ ଚେତାବନୀ

**ଖପ୍ରାଖୋଲ, ୫।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସଦର ମହକୁମାଠାରେ ଥିବା ପୁରାତନ ନୋଡାଲ ଉଚ୍ଚ ବିଦ୍ୟାଳୟରେ ବିଭିନ୍ନ ଶିକ୍ଷକ ପଦବୀ ଖାଲି ପଡିଛି। ଆବଶ୍ୟକ କୋଠରି ମଧ୍ୟ ନାହିଁ। ଏଥିଯୋଗୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅବିଳମ୍ବେ ଏହିସବୁ ସମସ୍ୟାର ସମାଧାନ ନ ହେଲେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ୧୯୬୫ ମସିହାରେ ଉଚ୍ଚ ବିଦ୍ୟାଳୟ ଆରମ୍ଭ ହୋଇଥିଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ବିଦ୍ୟାଳୟକୁ ଉଦ୍‌ଘାଟନ କରିଥିଲେ । ଏହି ବିଦ୍ୟାଳୟରେ ଅଷ୍ଟମରୁ ଦଶମ ଶ୍ରେଣୀ ଯାଏଁ ଥିବାବେଳେ ୨ବର୍ଷ ତଳେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏହି ବିଦ୍ୟାଳୟରେ ମିଶ୍ରଣ କରି ନୋଡାଲ ଉଚ୍ଚ ବିଦ୍ୟାଳୟ ହୋଇଛି । ବିଦ୍ୟାଳୟରେ ଷଷ୍ଠରୁ ଦଶମ ଶ୍ରେଣୀ ଯାଏ ଥିବାବେଳେ ଚଳିତ ବର୍ଷ ୫୭୯ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟରେ ୯ ଜଣ ଶିକ୍ଷକ ଥିଲେ ବି ୮ ମାସ ହେଲା ପ୍ରଧାନ ଶିକ୍ଷକ ପଦବୀ ଖାଲି ରହିଛି । ଏଠାରେ ଥିବା ପ୍ରଧାନଶିକ୍ଷକ ଅବସର ନେଲା ପରେ ଏହି ପଦବୀ ପୂରଣ ହୋଇ ନାହିଁ । ସେହିପରି ଦୀର୍ଘ ଦିନ ହେଲା ହିନ୍ଦୀ ଏବଂ ବିଜ୍ଞାନ (ସିବିଜେଡ) ଶିକ୍ଷକ ପଦବୀ ଖାଲି ରହିଛି । ଗୁରୁତ୍ୱପୂର୍ଣ୍ଣ ଶିକ୍ଷକ ପଦବୀ ସବୁ ଖାଲି ରହିଥିଲେ ବି ଶିକ୍ଷା ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନାହାନ୍ତି। ପିଲାଙ୍କ ସଂଖ୍ୟାକୁ ଦେଖି ଆବଶ୍ୟକ କୋଠରି ମଧ୍ୟ ନାହିଁ। ତୁରନ୍ତ ସମସ୍ୟାର ସମାଧାନ ନହେଲେ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରିବାକୁ ସରୋଜ କୁମାର ସାହୁ, ଅରୁଣ ଗଡତିଆ, ଭୁବନେଶ୍ୱର ପଧାନ, ସୀତାରାମ ବାଗ, କଲାକାହ୍ନୁ ବନଛୋର, ନେତ୍ରା ବରିହା, ତୁଷାରକାନ୍ତ ଦାଶ ପ୍ରମୁଖ ଅଭିଭାବକ ଓ ଶିକ୍ଷାପ୍ରେମୀ ଚେତାବନୀ ଦେଇଛନ୍ତି। ଏ ନେଇ ଏକ ଦାବିପତ୍ର ଜିଲା ଶିକ୍ଷା ଅଧିକାରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ଏ ନେଇ ବ୍ଲକ ଶିକ୍ଷା ଅଧିକାରୀ ଷଷ୍ଠି ପ୍ରସାଦ ଝାଙ୍କରଙ୍କୁ ପଚାରିବାରୁ ପ୍ରଧାନଶିକ୍ଷକ ଗ୍ରେଡ ଥ୍ରୀ ପଦବୀ ହୋଇଥିବାରୁ ତାହା ପୂରଣ ହୋଇପାରି ନାହିଁ। ଖାଲି ପଡିଥିବା ଅନ୍ୟ ପଦବୀଗୁଡିକ ପୂରଣ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି ବୋଲି ପ୍ରକାଶ କରିଛନ୍ତି।

---

ସଇଁତଲା ବ୍ଲକକୁ ସମ୍ପୂର୍ଣ୍ଣ ମରୁଡି ଅଞ୍ଚଳ ଘୋଷଣା ଦାବି

# ତହସିଲଦାରଙ୍କୁ କୃଷକ ସଂଘର ଦାବିପତ୍ର ପ୍ରଦାନ

**ସଇଁତଲା, ୫।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କୃଷକ ମହାସଂଘ ସଇଁତଲା ବ୍ଲକଶାଖା ତରଫରୁ ସୋମବାର ଶତାଧିକ ଚାଷୀ ସ୍ଥାନୀୟ ତହସିଲଦାର ସୁମନ କିଶୋର ଡୁଙ୍ଗଡୁଙ୍ଗଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ରରେ ଚଳିତ ବର୍ଷ ବ୍ଲକ ଅନ୍ତର୍ଗତ ୨୨ଟି ପଞ୍ଚାୟତକୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା କରିବାକୁ ଦାବି କରାଯାଇଛି। ଏଥିସହ ଚାଷୀଙ୍କୁ ଉଚିତ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରାଯାଇଛି। ଚାଷୀଙ୍କ ଦାବି ଅନୁସାରେ ଗତ ପାଞ୍ଚବର୍ଷ ହେଲା ବ୍ଲକ ଅଞ୍ଚଳରେ ଠିକ୍ ସମୟରେ ବର୍ଷା ହେଉନାହିଁ। ଏଥିଯୋଗୁ ଚାଷୀକୁଳ ବାରମ୍ବାର ମରୁଡ଼ିର ଶିକାର ହେଉଛି। ଚଳିତ ବର୍ଷ ମଧ୍ୟ ଚାଷୀ ବର୍ଷା ଉପରେ ନିର୍ଭର କରି ଧାନ ବୁଣା ଓ ତଳି ପକା କାର୍ଯ୍ୟ ସମାପନ କରିଥିଲା। ହେଲେ ଶ୍ରାବଣ ସରିବାକୁ ବସିଥିଲେ ବି ବର୍ଷାର ଦେଖା ନ ଥିବାରୁ କ୍ଷେତରେ ଧାନ ଗଛ ମରିଗଲାଣି। ସେହପରି ତଳି ପକାଇଯାଇଥିବା ବିଲରେ ଧାନ ତଳି ସବୁ ପୋଡ଼ି ଲାଲ ହୋଇଗଲାଣି। ଏପରିକି କେତେକ ସ୍ଥାନରେ ଚାଷୀ ନିଜ କ୍ଷେତକୁ ଗୋରୁ ଛାଡ଼ି ସାରିଲେଣି । ବର୍ଷାର ଲୁଚକାଳି ଖେଳ ଯୋଗୁ ଚାଷୀକୁଳ ଚିନ୍ତିତ ଥିବାବେଳେ ମୁଗ, ବିରି, ହରଡ଼, ରାଶି, ମକା, ବାଦାମ, ସାର, ଔଷଧ ଓ ପାଣିପମ୍ପ ମାଗଣାରେ ଯୋଗାଇ ଦେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସେହପରି କେତେକ ସ୍ଥାନରେ ଉଠା ଜଳସେଚନ ପଏଣ୍ଟ ଥିବାବେଳେ ତାହା ଅଚଳ ଥିବାରୁ ତାକୁ ତୁରନ୍ତ ମରାମତି କରିବାକୁ ଚାଷୀମାନେ ଦାବି କରିଛନ୍ତି। ଏଥିସହ ବିଭାଗୀୟ ଅଧିକାରୀ ତଦନ୍ତ କରି କ୍ଷୟକ୍ଷତି ରିପୋର୍ଟ ଯଥାଶୀଘ୍ର ସରକାରଙ୍କୁ ପ୍ରଦାନ କରିବା ସହ ଫସଲ ବୀମା କରିଥିବା ଚାଷୀଙ୍କୁ ଅତିଶୀଘ୍ର ସହାୟତା ପ୍ରଦାନ କରିବାକୁ ଚାଷୀ ସଂଘ ଦାବି କରିଛି। ଦାବିପତ୍ର ପ୍ରଦାନ ସମୟରେ ସଇଁତଲା ବ୍ଲକ ଚାଷୀ ସଂଘ ସଭାପତି ସତ୍ୟନାରାୟଣ ପଣ୍ଡା, ବଲାଙ୍ଗୀର ଜିଲା କୃଷକ ମହାସଂଘ ଉପସଭାପତି ଗୋପାଳ ଚନ୍ଦ୍ର ମନହୀରା, ଚାଷୀ କାଳିଆ ଭାଟି, ଉତ୍ତମ ପଟେଲ, ଗଦାଧର ସାହୁ, ଗୁଣସାଗର ମାଝୀ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସତ୍ୟ ସାହୁ, ନିରେନ ସାହୁ, କିଶୋର ନାଗ, ସତ୍ୟନାରାୟଣ ସାହୁ, ଫିରୋଜ କୁମାର ବଗର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ ।



ତହସିଲଦାର ସୁମନ କିଶୋର ଡୁଙ୍ଗଡୁଙ୍ଗଙ୍କୁ ଚାଷୀମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

---

ଲୋଇସିଂହା ବ୍ଲକରେ ସ୍ୱଚ୍ଛ ଭାରତ ଯୋଜନା ବାଟବଣା

# କାମରେ ଆସୁନି ପାଇଖାନା

**ଲୋଇସିଂହା, ୫।୮(ଡି.ଏନ.ଏ.)**

- ନିର୍ମାଣ ପରେ ଭାଙ୍ଗି ଦେଉଛନ୍ତି ହିତାଧିକାରୀ
- ମୃତକଙ୍କ ନାମରେ ମିଥ୍ୟା ବିଲ୍ କରି ଆତ୍ମସାତ୍ ଅଭିଯୋଗ
- ନିମ୍ନମାନର କାମ ଅଭିଯୋଗକୁ ବିଭାଗୀୟ ଯନ୍ତ୍ରୀଙ୍କ ଖଣ୍ଡନ



ଠିକା ସଂସ୍ଥା ବିଲ ଉଠାଣ ପରେ ହିତାଧିକାରୀ ପାଇଖାନାକୁ ଭାଙ୍ଗି ଦେଇଛନ୍ତି।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ସ୍ୱଚ୍ଛ ଭାରତ ଯୋଜନାରେ ନିର୍ମାଣ କରାଯାଉଥିବା ପାଇଖାନା ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ଜିଲାରେ ଲୋଇସିଂହା ବ୍ଲକ ପାଇଖାନା ନିର୍ମାଣ ଲକ୍ଷ୍ୟ ଧାର୍ଯ୍ୟରେ ତୃତୀୟ ସ୍ଥାନରେ ରହିଛି । ବ୍ଲକର ୨୦ ପଞ୍ଚାୟତରେ ୨୧ହଜାର ୭୧୪ ପାଇଖାନା ନିର୍ମାଣ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ତନ୍ମଧ୍ୟରୁ ୨୧ହଜାର ୭୦୮ ପାଇଖାନା ନିର୍ମାଣ ସରିଯାଇଛି। ଶତପ୍ରତିଶତ ଲକ୍ଷ୍ୟ ହାସଲ ପାଇଁ ୬ଟି ପାଇଖାନ ବାକି ରହିଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ । ହେଲେ ବ୍ଲକ ଅନ୍ତର୍ଗତ ବୁର୍ଡା ଗ୍ରାମ ସମେତ କେତେକ ସ୍ଥାନରେ ପାଇଖାନା ନିର୍ମାଣ ଏବେ ମଧ୍ୟ ଚାଲିଛି । ଜିଲା ପ୍ରଶାସନଠାରୁ ବାହାବା ନେବା ଉଦ୍ଦେଶ୍ୟରେ କାଗଜକଲମରେ ଲକ୍ଷ୍ୟ ହାସଲ କରି ମିଥ୍ୟା ଏଣ୍ଟ୍ରି କରିଥିବା ଅଭିଯୋଗ ହେଉଛି । ସ୍ୱଚ୍ଛ ଭାରତ ଗଠନ ଲକ୍ଷ୍ୟରେ ଅକ୍ଟୋବର ୨୦୧୪ରେ ସ୍ୱଚ୍ଛ ଭାରତ ମିଶନର ଶୁଭାରମ୍ଭ ହୋଇଥିଲା । ବ୍ୟକ୍ତିଗତ ଭାବେ ତିଆରି କରାଯାଇଥିବା ପାଇଖାନା ବିଲ ପାଇଁ ହିତାଧିକାରୀଙ୍କୁ ହଇରାଣ ହରକତ କରାଯାଉଥିଲା । ଏହାଫଳରେ ୨୦୧୮ ସୁଦ୍ଧା ବ୍ଲକରେ ପାଇଖାନା ନିର୍ମାଣ ଲକ୍ଷ୍ୟ ନୈରାଶ୍ୟଜନକ ଥିଲା । ଗତ ବର୍ଷଠାରୁ ରାଜ୍ୟ ତଥା ରାଜ୍ୟ ବାହାରର କେତେକ ଠିକାଦାର ବ୍ଲକରେ ପାଇଖାନା ନିର୍ମାଣ ଦାୟିତ୍ୱ ନେଇଛନ୍ତି। ୧୨ ହଜାର ଟଙ୍କାରେ ନିର୍ମାଣ କରାଯାଉଥିବା ପାଇଖାନାରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରି ଯେନତେନ ପ୍ରକାରେ କାମ ସାରି ଦିଆଯାଉଛି । ପାଇଖାନା ବ୍ୟବହାର ଅନୁପଯୋଗୀ ହେଉଥିବାରୁ ନିର୍ମାଣ ପରେ ଲୋକେ ଭାଙ୍ଗି ଦେଉଥିବା ଦୃଷ୍ଟିଗୋଚର ହେଉଛି । ବୁର୍ଡା ଗାଁର ଜଣେ ହିତାଧିକାରୀ ଲକ୍ଷ୍ମୀ ସାହୁଙ୍କ କହିବା ଅନୁସାରେ ପାଇଖାନା ନିର୍ମାଣ ଦିନରୁ ଗୋଟିଏ ଦିନ ବି ଆମେ ବ୍ୟବହାର କରିନାହୁଁ। ଠିକାଦାର ନିମ୍ନମାନର କାମ କରିଥିବାରୁ ମାଙ୍କଡମାନେ ଡିଆଁ ଡେଇଁ କରିବା ପରେ ଏହା ଭାଙ୍ଗି ପଡିଛି। ସେହିପରି ପ୍ରଶାନ୍ତ ପ୍ରଧାନ ନାମକ ଅନ୍ୟ ଜଣେ ହିତାଧିକାରୀଙ୍କ କହିବା ଅନୁସାରେ ବାହାର ରାଏଜର ଠିକାଦାର ଆସି ଯାହାପାରି ତାହା ବନେଇ ଦେଉଛନ୍। ହଲକା ସାମାନ ଲଗଉଛନ। ଝନେ ପାଇଖାନାଥି ବସିଉଠି ନାଇଁ ପାରବାର। ଯେନଥି ଲାଗି ବନାଲା ଦିନୁ ସେନ୍‌ଥେଇ ପଡିରହିଛେ। ଅପରପକ୍ଷେ ଠିକା ସଂସ୍ଥା ପକ୍ଷରୁ ଲୋଇସିଂହା ପଞ୍ଚାୟତ ଅଧୀନ ସୁଜିଆ ଗ୍ରାମର କେତେକ ମୃତ ଏବଂ ଗାଁରେ ନ ଥିବା ବ୍ୟକ୍ତିଙ୍କ ନାମରେ ମିଥ୍ୟା ବିଲ କରି ଆତ୍ମସାତ କରିଥିବା ଭଳି ଅଭିଯୋଗ ହୋଇଥିଲା। ପାଇଖାନା ନିର୍ମାଣରେ ନିମ୍ନମାନର ସାମଗ୍ରୀ ବ୍ୟବହାର ଯୋଗୁ ସାମଗ୍ରୀ ଯୋଗାଉଥିବା ବ୍ୟବସାୟୀ, କାମ କରୁଥିବା ଠିକାଦାର ଏବଂ ତଦାରଖ କରୁଥିବା ବିଭାଗୀୟ ଅଧିକାରୀ ଲାଭାନ୍ୱିତ ହେଉଥିବା ବେଳେ ଯୋଜନା ପ୍ରହସନ ମନେ ହେଉଛି ବୋଲି ସାମାଜିକ କର୍ମୀ ସରୋଜ ବିଶ୍ୱାଳ ଅଭିଯୋଗ କରିଛନ୍ତି। ବ୍ଲକରେ ଚାଲିଥିବା ପାଇଖାନା ଦୁର୍ନୀତିର ତଦନ୍ତସାପେକ୍ଷ ବୋଲି ସାଧାରଣରେ ଦାବି ହେଉଛି । ଏ ସମ୍ପର୍କରେ ଯନ୍ତ୍ରୀ ପ୍ରସାଦ ସାମନ୍ତରାୟ କହିଛନ୍ତି ଯେ, ମୋ ଆସିଲା ପୂର୍ବରୁ ଏହି ବ୍ଲକରେ ପାଇଖାନା ନିର୍ମାଣ ନୈରାଶ୍ୟଜନକ ଥିଲା । ଏବେ ଶତପ୍ରତିଶତ ଲକ୍ଷ୍ୟ ହାସଲ ନେଇ ଜୋରଦେଇ କାମ ଆଗେଇଛି। ନିମ୍ନମାନର କାମ ହେଉଥିବା ଅଭିଯୋଗକୁ ସେ ଖଣ୍ଡନ କରିଥିଲେ ।



ଧନ ସଂଗ୍ରହ କରିବାର ପ୍ରତିଯୋଗିତା ଜୀବନର ଧର୍ମ ହେବା ଉଚିତ ନୁହେଁ। ସମସ୍ତଙ୍କ ମଙ୍ଗଳ ପାଇଁ ସହଯୋଗ ହେଉଛି ଜୀବନର ଧର୍ମ।
- ଜବାହରଲାଲ ନେହେରୁ



## ସଂକ୍ଷେପରେ

### ବୋଡେନ ବସ୍‌ଷ୍ଟାଣ୍ଡ ରାସ୍ତାରେ ବର୍ଷା ପାଣି ଜମୁଛି

ନୂଆପଡା ଅଫିସ/ବୋଡେନ,୫।୮- ନୂଆପଡା ଜିଲା ବୋଡେନ ବସଷ୍ଟାଣ୍ଡ ସମ୍ମୁଖ ରାସ୍ତାରେ ବର୍ଷା ପାଣି ନିଷ୍କାସନ ହୋଇ ନ ପାରୁଥିବା ଯୋଗୁ ଜମି ରହୁଛି। ବୋଡେନକୁ ଆସିବାକୁ ହେଲେ ସେହି ରାସ୍ତା ଦେଇ ବ୍ଲକର ୧୫ଟି ପଞ୍ଚାୟତ ଲୋକମାନେ ବିଭିନ୍ନ କାର୍ଯ୍ୟ ପାଇଁ ଆସିଥାନ୍ତି। ସେହି ମୁଖ୍ୟ ରାସ୍ତା ଦେଇ କାଦୁଅ ପାଣିରେ ଲୋକେ ଯାତାୟାତ କରନ୍ତି। ବିଭିନ୍ନ ସମୟରେ ବର୍ଷା ପାଣି ଜମି ରହୁଥିବାରୁ ଦୁର୍ଘଟଣା ଶିକାର ହେଉଛନ୍ତି। ଏହି ବସଷ୍ଟାଣ୍ଡ ପାଖକୁ ଲାଗି ବୋଡେନ ପ୍ରାଥମିକ ବିଦ୍ୟାଳୟ ଏବଂ ବିଭିନ୍ନ ଦୋକାନବଜାର ରହିଛି। ସେହି ରାସ୍ତା ଦେଇ କୋମଳମତି ଶିଶୁମାନେ ପାଣିରେ ଚାଲି ସ୍କୁଲକୁ ଯାଉଛନ୍ତି ଏବଂ ଏହି ରାସ୍ତା ଦେଇ ସିନାପଲିଠାରୁ ବୋଡେନକୁ ଯାତାୟାତ କରୁଥିବା ଯାତ୍ରୀମାନେ ଅସୁବିଧା ଭୋଗ କରୁଛନ୍ତି । ଏହାର ସୁବନ୍ଦୋବସ୍ତ ପାଇଁ ଉପରିସ୍ତ ବିଭାଗ ବିଚାର କରି ପାଣି ନିଷ୍କାସନ ପାଇଁ ଡ୍ରେନ ନିର୍ମାଣ କରିବାକୁ ସାଧାରଣରେ ଦାବି ହୋଇଛି ।



### ଗଜଲକ୍ଷ୍ମୀ ପୂଜା କମିଟିର ଭୂମି ପୂଜନ

ଖଡିଆଲ,୫।୮(ଡି.ଏନ.ଏ.)- ନୂଆପଡା ଜିଲା ଖଡିଆଲ ୱାର୍ଡ ନଂ. ୧୦ରେ ଆଜକୁ ୩୫ ବର୍ଷ ହେଲା ଗଜଲକ୍ଷ୍ମୀ ପୂଜା ପାଳନ ହୋଇଆସୁଛି । ଏହି ପୂଜା ପ୍ରତ୍ୟେକ ବର୍ଷ ଖଡିଆଲ-ସିନାପାଲି ମୁଖ୍ୟ ରାସ୍ତା ପାର୍ଶ୍ୱରେ ପାଳନ କରାଯାଉଥିଲା । ହେଲେ ବର୍ତ୍ତମାନ ଦୁଇ ଜଣ ଧାର୍ମିକ ମହିଳା ଅର୍ଚ୍ଚନା ଗୋୟଲ ଏବଂ ମମତା ଅଗ୍ରୱାଲ ଗଜଲକ୍ଷ୍ମୀ ପୂଜା କମିଟିକୁ ଜମି ଦାନ କରିଥିବାରୁ ପୂଜା କମିଟି ୨ଜଣଙ୍କୁ ଧନ୍ୟବାଦ ଜଣାଇଥିଲେ। ଗଜଲକ୍ଷ୍ମୀ ପୂଜା କମିଟି ସୋମବାର ଏହି ଜମି ଭୂମୀ ପୂଜନ ଉତ୍ସବ କରାଯାଇଥିଲା । ପୂଜାରେ କର୍ତ୍ତା ପ୍ରଦୀପ କୁମାର ମହାରଣା, ପୂଜକ ପ୍ରଦୀପ କୁମାର ମିଶ୍ର କାର୍ଯ୍ୟ ତୁଲାଇଥିଲେ । ଗଜଲକ୍ଷ୍ମୀ ପୂଜା କମିଟି ସଦସ୍ୟ ନିର୍ମଳ ଦଣ୍ଡସେନା, ସୁମନ ମହାଉତି, ଶେଷଦେବ ବୈଠାରୁ, ଚନ୍ଦନ କୁମାର ସାହୁ, ଉତ୍ତମ ମହାଉତି, ଶୈଳେନ୍ଦ୍ର ମୋହନ ପାଣିଗ୍ରାହୀ, ସୁଜନ ନାଗ, ଆଶୁତୋଷ ଯୋଷୀ, ମିନା ମୁଣ୍ଡ, ଆଶିଷ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ସାହୁ, ପୂର୍ଣ୍ଣ ଚନ୍ଦ୍ର ମହାଉତି, ସରୋଜ ମହାପାତ୍ର, ହରେକୃଷ୍ଣ ପାଣିଗ୍ରାହୀ, ଦୁର୍ବା ରଞ୍ଜନ ଖମାରୀ, ମନ ଦଣ୍ଡସେନା, ଆହ୍ୱାନ ଯୋଷୀ, ତୁଲୁ ଯୋଷୀ, ଜୟଦେବ କାଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ । କମିଟି ପୂର୍ବତନ କୋଷାଧକ୍ଷ ନିର୍ମଳ ଦଣ୍ଡସେନା ଧନ୍ୟବାଦ ଜଣାଇଥିଲେ ।

## କ୍ଲଷ୍ଟର ବୋର୍‌ୱେଲରେ ବିଜୁଳି, ମୋଟର ଲାଗୁନି

# ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କଲେ ଚାଷୀ

ନୂଆପଡା ଅଫିସ,୫।୮

ଆଜକୁ ଲାଗ ଲାଗ ୪ରୁ ୫ ବର୍ଷଧରି ମରୁଡି ପରିସ୍ଥିତି ଯୋଗୁ ଜିଲାର ଚାଷୀମାନେ ଘାଇଲା ହୋଇଗଲେଣି। ଅନ୍ୟପଟେ ଏଥିରୁ ରକ୍ଷା ପାଇବାକୁ ସରକାର ଚାଷୀଙ୍କୁ କ୍ଲଷ୍ଟର ଜରିଆରେ ବୋରୱେଲ ମାଧ୍ୟମରେ ଜଳ ସେଚନର ସୁବିଧା କରିବାକୁ ବ୍ୟବସ୍ଥା କରୁଛନ୍ତି । ହେଲେ ଏହି ବ୍ୟବସ୍ଥାକୁ ବିଭାଗୀୟ ଅଧିକାରୀମାନେ ଅବହେଳା କରୁଥିବାରୁ ଚାଷୀମାନେ ସୁଫଳ ପାଇପାରୁ ନ ଥିବା ଦେଖାଯାଇଛି। ସଦର ବ୍ଲକ ଗୋଡଫୁଲା ଗ୍ରାମପଞ୍ଚାୟତର ହଂସପୁରୀ ଗାଁ ଏହାର ଉଦାହରଣ ହୋଇଛି । ଏହି ଗାଁରେ ଆଜକୁ ବର୍ଷକ ତଳେ ଉଠା ଜଳସେଚନ ବିଭାଗ ତରଫରୁ କ୍ଲଷ୍ଟର ବୋରୱେଲ ଖୋଲାଯାଇଥିଲା । ହେଲେ ବର୍ତ୍ତମାନ



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ଛିଡ଼ା ହୋଇଛନ୍ତି ।

**ଗୋଡ଼ଫୁଲା ପଞ୍ଚାୟତ**

ସୁଦ୍ଧା ଏଥିରେ ବିଜୁଳି ସଂଯୋଗ କି ମୋଟର ବ୍ୟବସ୍ଥା କରାଯାଇ ନ ଥିବାରୁ ଚାଷୀମାନେ ବାର ଦୁଆର ହେଉଛନ୍ତି । ଠିକ ସମୟରେ ଏହା କରା ନ ଗଲେ ଏବର୍ଷ ମଧ୍ୟ ଏଥିରୁ ସୁଫଳ ମିଳିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଚାଷୀମାନେ ସୋମବାର ନୂଆପଡା ଆସି ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଚାଷୀ ଚନ୍ଦ୍ରଭାନୁ ସାହୁ, ମୀନାଲାଲ ସାହୁ, ଭୋଲାନାଥ ସାହୁ, କୌଶିକ ସାହୁ ପ୍ରମୁଖ ପୂର୍ବାହ୍ନ ୧୧ଟାବେଳେ ଆସି ଜିଲାପାଳ ମଧୁସ୍ମିତା ସାହୁଙ୍କୁ ଭେଟି ବିଭିନ୍ନ ସମସ୍ୟା ସମ୍ପର୍କରେ ଜଣାଇଛନ୍ତି । ଏମାନଙ୍କ ସକାଶେ ବିଭାଗ ତରଫରୁ ବୋରୱେଲ ଖନନ କରାଯାଇଥିଲା । ହେଲେ ଆଜକୁ ବର୍ଷେ ବିତିଯାଇଥିଲେ ହେଁ ବିଜୁଳି ସଂଯୋଗ କରାଯାଇ ନ ଥିବାବେଳେ ମୋଟର ମଧ୍ୟ ଯୋଗାଇ ଦିଆଯାଉନାହିଁ। ଏହାକୁ ନେଇ ଚାଷୀମାନେ ବାରମ୍ବାର ବିଭାଗକୁ ଦୌଡୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ଅଭିଯୋଗ କରିଛନ୍ତି । ଏହା ଉପରେ ତୁରନ୍ତ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ କରିବାକୁ ଜଣାଇଛନ୍ତି । ଏହା କଲେ ବର୍ତ୍ତମାନର ମରୁଡି ପରିସ୍ଥିତିରେ ଜଳ ସେଚନର ସୁବିଧା ପାଇପାରିବେ ବୋଲି ଆଶା ବ୍ୟକ୍ତ କରିଛନ୍ତି ।

# ଖୋଲା ଆକାଶ ତଳେ ଅଭିଯୋଗକାରୀ

ନୂଆପଡା ଅଫିସ,୫।୮

- ବିଶ୍ରାମ ଘରେ ତାଲା ପଡିଛି
- ଜିଲାପାଳଙ୍କ ଅଭିଯୋଗ ଶିବିର

ଜିଲାର ଉପାନ୍ତ ଅଞ୍ଚଳରୁ ସବୁବେଳେ ଲୋକେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଦୌଡୁ ଥିବାବେଳେ ଏହାକୁ ଦୃଷ୍ଟିରେରଖି ପ୍ରତି ସୋମବାର ଜିଲାବ୍ୟାପି ଅଭିଯୋଗ ଶୁଣାଣି ଶିବିର କରି ଅଭିଯୋଗସବୁ ଗ୍ରହଣ କରାଯାଇଥାଏ। ସେଠାରେ ପୁଣି ଅଭିଯୋଗ କରିବାକୁ ଆସୁଥିବା ହିତାଧିକାରୀଙ୍କ ସକାଶେ ବିଶ୍ରାମସ୍ଥଳି କରାଯିବା ସହ ପାନୀୟ ଜଳ ଆଦିର ବ୍ୟବସ୍ଥା କରାଯିବା ନିୟମ ରହିଛି । ହେଲେ ଖୋଦ ଜିଲା ସଦର ମହକୁମାରେ ହିତାଧିକାରୀମାନେ ହଇରାଣ ହେଉଥିବା ଦେଖାଯାଉଛି। ଖୋଲା ଆକାଶ ତଳେ ଘଣ୍ଟା ଘଣ୍ଟା ଧରି ଛିଡା ହୋଇ ରହୁଛନ୍ତି। ଏପଟେ ନିକଟରେ ଏକ ବିଶ୍ରାମ କକ୍ଷ ତିଆରି କରାଯାଇଥିଲେ ହେଁ ତାକୁ ବନ୍ଦ କରି ରଖାଯାଇଛି । ଏଥିରେ ମଇଳା କୁଢକୁଢ ଥିବାବେଳେ ଏହା ଗୋଦାମ ଗୃହ ଭାବେ ବ୍ୟବହୃତ ହେଉଥିବା ଦେଖାଯାଇଛି । ପୁଣି ହିତାଧିକାରୀଙ୍କ ସକାଶେ କୌଣସି ପାନୀୟ ଜଳର ବ୍ୟବସ୍ଥା କରାଯାଇ ନ ଥିବାରୁ ଶିଶୁଠାରୁ ବୃଦ୍ଧାବୃଦ୍ଧ ହଇରାଣ ହେଉଥିବା ଦେଖାଯାଇଥାଏ । ତେବେ ଏହା ଉପରେ ଜିଲା କତୃପକ୍ଷ ତୁରନ୍ତ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି ହୋଇଛି।




ଅଭିଯୋଗ ଶୁଣାଣି ଶିବିରର ବାହାର ଦୃଶ୍ୟ।

# ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଜିଲାସ୍ତରୀୟ ବୈଠକ

ନୂଆପଡା ଅଫିସ,୫।୮

ନିଖିଳ ଓଡିଶା ପଞ୍ଚୟତ ନିର୍ବାହୀ ଅଧିକାରୀ ସଂଘ ନିର୍ଦ୍ଦେଶକ୍ରମେ ଜିଲା ସାନମହେଶ୍ୱର ରାଜୀବ ସେବା କେନ୍ଦ୍ରଠାରେ ନୂଆପଡା ଜିଲା ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଏଥିରେ ଜିଲାର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲାବେଳେ ବିଭିନ୍ନ କାର୍ଯ୍ୟପନ୍ଥା ଚୂଡାନ୍ତ ହୋଇଛି ।

ରବିବାର ପୂର୍ବାହ୍ନ ୧୦ଟାରେ ଜିଲା ସଭାପତି ସହଶ୍ରାଂଶୁ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲାର ୫ଟି ବ୍ଲକର ସମସ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଗଦେଇଥିଲେ। ବୈଠକରେ ବିଭିନ୍ନ ଗ୍ରାମପଞ୍ଚାୟତର ସମସ୍ୟାଗୁଡିକ ସମ୍ପର୍କରେ ବିଷଦ ଭାବେ ଆଲୋଚନା ହୋଇଥିଲା । ଏହିକ୍ରମରେ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ସ୍ୱଳ୍ପ ବେତନରେ ଦୁର୍ଗମ ଅଞ୍ଚଳକୁ ଯାଇ ସରକାରଙ୍କ ସମସ୍ତ ପ୍ରକାର ଯୋଜନାକୁ କାର୍ଯ୍ୟକାରୀ କରୁଛନ୍ତି । ବିଭିନ୍ନ ସମୟରେ ସଂଘ ତରଫରୁ ବେତନ ବୃଦ୍ଧି, କ୍ୟାଡର ଭୁକ୍ତକରିବା, ଗ୍ରାଜୁଏଟଙ୍କୁ ମାନ୍ୟତା ଦେବା ଆଦି ଦାବି କରାଯାଇଛି । ହେଲେ ସରକାର ସବୁବେଳେ ମିଛ ପ୍ରତିଶ୍ରୁତି ଦେଇ ଟାଳି ଚାଲିଛନ୍ତି । ଏହାକୁ ରାଜ୍ୟ ସଂଘ ଜରିଆରେ ସରକାରଙ୍କୁ ପୁଣି ଥରେ ଆଗକୁ ଚାପ ପକାଇବାକୁ ପଦକ୍ଷେପ ନିଆଯିବାକୁ ଚୂଡାନ୍ତ ହୋଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ଆଗାମୀ ଦିନ ପାଇଁ ସଂଘ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ଏଥିରେ ଭୁପ୍ରତାପ ସିଂ ଦଣ୍ଡସେନାଙ୍କୁ ସଭାପତି ଭାବେ ଚୟନ କରାଯାଇଥିବାବେଳେ ନରେଶ ସାହୁଙ୍କୁ ସମ୍ପାଦକ, ଭୀଷ୍ମ ମେହେର କୋଷାଧ୍ୟକ୍ଷ, ଦେବୀ ପ୍ରସାଦ ମେହେର ଉପସଭାପତି, ଡିକେନ୍ଦ୍ର ମାଝି ସହ ସଙ୍ପାଦକ ଭାବେ ମନୋନୀତ ହୋଇଛନ୍ତି । ଉପଦେଷ୍ଟା କମିଟିରେ ସହଶ୍ରାଂସୁ ମିଶ୍ର, ତାମେଶ୍ୱର ଠାକୁର, କାର୍ତ୍ତିକ ରଥ, ସନାତନ ପଣ୍ଡା, ପ୍ରଫୁଲ୍ଲ ନାୟକ ପ୍ରମୁଖ ରହିଛନ୍ତ। ଏହିକ୍ରମରେ ପୂର୍ବତନ ସଭାପତି ମିଶ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ନୂତନ ଭାବେ ସଭାପତି ଦାୟିତ୍ୱ ନେଇ ଦଣ୍ଡସେନା କହିଥିଲେ ଯେ ଆମେ ସରକାରଙ୍କ ଦୂତ ଭଳି କାମ କରୁଛୁ । ପଞ୍ଚୟତର ସାମଗ୍ରୀକ ବିକାଶ କରିବା ଆମର ପରମ କର୍ତ୍ତବ୍ୟ। ପଞ୍ଚାୟତିରାଜ ବ୍ୟବସ୍ଥାକୁ ଆମେ ସୁଦୃଢ କରିବୁ ବୋଲି ବକ୍ତବ୍ୟରେ କହିଥିଲେ। ବୈଠକ ପରିଚାଳନାରେ ଅନ୍ୟମାନଙ୍କ ମଧ୍ୟରେ ନାରାୟଣ ବେହରା, ଗିରି ହରିଜନ, ତାପସ ଅଗସ୍ତୀ, ବିଜୟ ମାଝି, ଘନେଶ୍ୱର ତାଣ୍ଡି ପ୍ରମୁଖ ସହଯୋଗ କରିଥିଲେ।



ପଞ୍ଚୟତ ନିର୍ବାହୀ ଅଧିକାରୀଙ୍କ ବୈଠକରେ ମଞ୍ଚାସୀନ ଅଧିକାରୀଗଣ ।

## ବରିଷ୍ଠ ନାଗରିକଙ୍କ ଚାରାରୋପଣ

କୋମନା,୫।୮(ଡି.ଏନ.ଏ.)

ନୂଆପଡା ଜିଲା କୋମନା ଥାନା ପରିସରରେ ସୋମବାର ଆମ ପୋଲିସ ସମିତି ପକ୍ଷରୁ ବରିଷ୍ଠ ନାଗରିକଙ୍କ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କୋମନା ଥାନା ଅଧିକାରୀ ନିର୍ମଳ ଚନ୍ଦ୍ର ପାଣିଗ୍ରାହିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ଥିବା ସମ୍ପର୍କକୁ ନିବିଡ କଲେ ଆଇନ ଶୃଙ୍ଖଳାର ପ୍ରତି ସମସ୍ତେ ସଚେତନ ହୋଇ ପାରିବେ ବୋଲି ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମ ଦ୍ୱିତୀୟ ପର୍ଯ୍ୟାୟରେ ଥାନା ପରିସରରେ ଚାରା ରୋପଣ ହୋଇଥିଲା। ଏଥିରେ ବନ ବିଭାଗ ରେଞ୍ଜର ଜଗଦିଶ ଦୁରିଆଙ୍କ ସମେତ କୋମନା ଅଞ୍ଚଳର ବରିଷ୍ଠ ନାଗରିକ ତଥା ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ଶରତ ପାଣିଗ୍ରାହୀ, କୃଷ୍ଣରାଜ ମହାପାତ୍ର, ମଙ୍ଗଳା ପ୍ରସାଦ ବର୍ଗେ, ସାମାଜିକ କର୍ମୀ ଭୁବନେଶ୍ୱର ନାଏକ, ଅଶୋକ ପାଣିଗ୍ରାହୀ, ଅସାଡୁ ଦୁରିଆ, ଅର୍ଜ୍ଜୁନ ଜଗତ, ପୋଲିସ ସବଇନ୍ସପେକ୍ଟର ପରମାନନ୍ଦ ସୁନାନି, ଏସଆଇ ବିନୋଦ ବିହାରୀ ସେଠୀ ଓ କ୍ଷମାମଣି ସାହୁ ପ୍ରମୁଖ ସାମିଲ ହୋଇଥିଲେ।

# ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ

ନୂଆପଡା ଅଫିସ, ୫।୮

- ୨ ଆଖିରେ ଦେଖିପାରୁନାହାନ୍ତି ଡୁଲେଶ୍ୱର
- ୬ ମାସ ହେଲା ସ୍କୁଲ ଯାଇପାରୁନାହାନ୍ତି

ଶୈଶବରେ ସାଙ୍ଗ ସାଥୀ ମେଳରେ ଖେଳିବା ବୁଲିବା ବୟସ । ହେଲେ ରୋଗ ଯନ୍ତ୍ରଣାରେ ଛଟପଟ ହେଉଥିବାବେଳେ ଦୁଇ ଆଖି ଦେଖିପାରୁ ନ ଥିବା ଡୁଲେଶ୍ୱର କାଳେତ (୮) ବର୍ତ୍ତମାନ ବିଦ୍ୟାଳୟ ଯାଇପାରୁନାହାନ୍ତି । ନୂଆପଡ଼ା ଜିଲା କୋମନା ବ୍ଲକ ଗଣ୍ଡାମେର ଗ୍ରାମପଞ୍ଚାୟତ ସେମେଲପାଲି ଗାଁର ମା' ଭଗିନୀ ଏବଂ ବାପା ସୁରୁ କାଳେତଙ୍କ ଗୋଟିଏ ବୋଲି ପୁଅ ଡୁଲେଶ୍ୱର । ଅର୍ଥାଭାବରୁ ଚିକିତ୍ସିତ ହୋଇପାରୁ ନ ଥିବାରୁ ଦିନକୁ ଦିନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାକୁ ଲାଗିଛି ।

ଗାଁ ସ୍କୁଲରେ ଦ୍ୱିତୀୟ ଶ୍ରେଣୀରେ ପାଠ ପଢୁଛନ୍ତି । ଜନ୍ମରୁ ଠିକଠାକ ଥିଲେ । ଆଜିକୁ ୬ ମାସ ତଳେ ଆଖି ଦୁଇଟିକୁ ଝାପସା ଦେଖାଗଲା । ଏହାକୁ ନେଇ ବିଭିନ୍ନ ହସ୍ପିଟାଲ ବୁଲିବା ପରେ ମଧ୍ୟ ଠିକ ହୋଇ ନ ଥିଲା । ଶେଷରେ ତାଙ୍କୁ ରାୟପୁରକୁ ନେଇ ଏମ୍ସ ହସ୍ପିଟାଲରେ ଭର୍ତ୍ତି କରି ଅପରେସନ କରାଗଲା । ହେଲେ ସେହି ଦିନଠାରୁ କୁଆଡେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇପଡିଲା । ଆଖି ଦୁଇଟିକୁ ଆଉ ଆଦୌ ଦେଖାଗଲା ନାହିଁ । କିଛି ବି ଦେଖି ନ ପାରି ମା'ବାପାଙ୍କ ଆଶ୍ରୟ ବିନା କୁଆଡେ ବି ଯାଇପାରୁନାହାନ୍ତି । ତେଣୁକରି ସେହି ଦିନଠାରୁ ସେ ଆଉ ସ୍କୁଲକୁ ଯାଇପାରୁନାହାନ୍ତି । ବାପା ସୁରୁଙ୍କର ଜମିବାଡି ବୋଲି କିଛି ନ ଥିବାବେଳେ ଘରେ ରୋଜଗାର କରିବାକୁ ଆଉ କେହି ନାହିଁ । ଛୁଆର ଚିକିତ୍ସା ପାଇଁ ସବୁ କିଛି ବିକ୍ରି କରିସାରିଛନ୍ତି । ବର୍ତ୍ତମାନ ନିରାଶ୍ରୟ ହୋଇ ସୋମବାର ନୂଆପଡାକୁ ଆସି ଜିଲାପାଳ ମଧୁସ୍ମିତା ସାହୁଙ୍କୁ ଭେଟିଥିଲେ । ତାଙ୍କର ଚିକିତ୍ସା ପାଇଁ ଗୁହାରି କରିଥିବାବେଳେ ଆର୍ଥିକ ସହାୟତା ଯୋଗାଇଦେବାକୁ ନିବେଦନ କରିଛନ୍ତି । ଅନ୍ୟପକ୍ଷେ ଏହା ଉପରେ କାର୍ଯ୍ୟାନୁଷ୍ଠାନ ସକାଶେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ସେ ଯା ହେଉ ଡୁଲେଶ୍ୱର ନିଜର ସୁଖଦ ବାଲ୍ୟକାଳ ଫେରି ପାଇବେ ବୋଲି ଆଶା ବାନ୍ଧିଛନ୍ତି ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନିଜର ପୁଅ ଡୁଲେଶ୍ୱରଙ୍କ ସହ ବାପା ସୁରୁ କାଳେତ।

# ବିଧବାଙ୍କୁ ସରକାରୀ ସହାୟତା ଦାବି

ନୂଆପଡା ଅଫିସ/ବୋଡେନ,୫।୮

ସରକାର ରାଜ୍ୟରେ ବିଧବା ମହିଳାମାନଙ୍କୁ ଭତ୍ତା, ଆବାସ ଆଦି ସାମାଜିକ ସୁରକ୍ଷା ଯୋଜନାରେ ସହାୟତା ଯୋଗାଇ ଦେଉଥିବାବେଳେ ବୋଡେନ ବ୍ଲକ ବଣପାହାଡ଼ ଘେରା ଭଇଁସାଦାନି ପଞ୍ଚାୟତର ସିନ୍ଦୁରପେନ ଗାଁର ସେଫୁଲ ରାଉତ ସ୍ୱାମୀଙ୍କୁ ହରାଇ ଏକାକି ଭୋକ ଉପାସରେ ଦିନ କାଟୁଛନ୍ତି । ଗତ କିଛି ବର୍ଷ ତଳେ ସ୍ୱାମି ମାନସିଂ ରାଉତ କୌଣସି ରୋଗରେ ପଡ଼ି ମୃତ୍ୟୁ ବରଣ କରିଥିଲେ। ବର୍ତ୍ତମାନ ବିଧବା ସେଫୁଲ ଏହି ପଞ୍ଚାୟତର କୋଟଗାଁରେ ଚାରି ପୁଅଝିଅଙ୍କ ସହିତ ଚାଳଛପର ଘରେ ରହୁଛନ୍ତି । ମା'ଙ୍କ ସହ ବଡପୁଅ ଫକିର (୮), କାଳିଆ (୪ ), କାନ୍ତି, ( ୬), ସରୋଜିନୀ( ୨ ) ଅସୁରକ୍ଷିତ ଭାବେ ରହୁଛନ୍ତି । ସ୍ୱାମୀଙ୍କ ମୃତ୍ୟୁ ଦିନଠାରୁ ଆଜିପର୍ଯ୍ୟନ୍ତ ଜାତୀୟ ପରିବାର କଲ୍ୟାଣ ୟୋଜନା, ଆବାସ ଗୃହ, ଭତ୍ତା ମିଳିପାରି ନ ଥିବାରୁ ବିଧବା ମହିଳା କ୍ଷୋଭ ପ୍ରକାଶ କରିଛନ୍ତି। ବର୍ତ୍ତମାନ ବିଧବା ମହିଳା ଜଣକ ଦିନ ମଜୁରିଆ ଭାବେ ଖଟି ଛୁଆମାନଙ୍କୁ ଚଳାଇବାରେ ଅସୁବିଧା ଭୋଗୁଛନ୍ତି । ସୂଚନାଯୋଗ୍ୟ ଯେ, ବିଧବା ମହିଳାଙ୍କୁ ସରକାରୀ ସହାୟତା ଶୀଘ୍ର ଯୋଗାଇଦେବାକୁ ସ୍ଥାନୀୟ ଅତିରିକ୍ତ ତହସିଲଦାର ନବକିଶୋର ସାହୁ ଏବଂ ବୋଡେନ ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇଙ୍କୁ ଦୃଷ୍ଟିଆକର୍ଷଣ କରିବା ପରେ ଏହି ପରିବାରକୁ ପଲିଥିନ ଦେଇଥିଲେ। ଏହା ଉପରେ ତଦନ୍ତ କରି ଉକ୍ତ ପରିବାରକୁ ସହାୟତା ପ୍ରଦାନ କରାଯିବ ବୋଲି ବିଡିଓ ପ୍ରକାଶ କରିଛନ୍ତି ।

# ଜଳ ସଂରକ୍ଷଣ ଦିବସ ପାଳିତ

ନୂଆପଡା ଅଫିସ,୫।୮

ସ୍ଥାନୀୟ ସିଆରପିଏଫ ୨୧୬ ବାଟାଲିୟନର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ବିଶ୍ୱଜଳ ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଅଧିକାରୀଙ୍କ ସମେତ ସମସ୍ତ ଯବାନମାନେ ଚାରା ରୋପଣ କରି ଜଳ ସଂରକ୍ଷଣର ବାର୍ତ୍ତା ଦେଇଛନ୍ତି । ସୋମବାର ସକାଳ ୭ଟା ବେଳେ କାର୍ଯ୍ୟାଳୟ ପରିସରରେ ସିଆରପିଏଫ କମାଣ୍ଡାଣ୍ଟ ରାଜେଶ ବାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜଳ ସଂରକ୍ଷଣ ଦିବସ ପାଳିତ ହୋଇଥିଲା । ଏଥିରେ ଅନ୍ୟାନ୍ୟ ଅଧିକାରୀଙ୍କ ମଧ୍ୟରେ ଦ୍ୱିତୀୟ କମାଣ୍ଡ ଅଧିକାରୀ ଉଷା ସିଂ, ଡେପୁଟି କମାଣ୍ଡାଣ୍ଟ ଏସ.ଏ.ଏ.ନକବୀ, ଡେପୁଟି କମାଣ୍ଡାଣ୍ଟ ବି. ବିକ୍ରମ, ଡା.ଶ୍ରୀନିବାସ ରେଡ୍ଡି ମଧ୍ୟ ଯୋଗଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ମୂଲ୍ୟବାନ ଚାରା ରୋପଣ କରିଥିବାବେଳେ ସମସ୍ତେ ଜଣ ଜଣ କରି ବୃକ୍ଷରୋପଣ କରି ସେଥିରେ ପାଣି ଦେଇଥିଲେ । କାର୍ଯ୍ୟକ୍ରମକୁ ସିଆରପିଏଫର ସୂଚନା ବିଭାଗର ବିଶ୍ୱନାଥ ପଣ୍ଡା, ଏସ.ଏମ.ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।



ସିଆରପିଏଫ ଅଧିକାରୀମାନେ ବୃକ୍ଷରୋପଣ କରୁଛି।

## କାଣିଗୁମାଠାରେ ସ୍ୱାସ୍ଥ୍ୟସେବା ଯୋଗାଇବ

# ସ୍ୱାସ୍ଥ୍ୟ ସ୍ୱରାଜକୁ ମିଳିଲା ପୁଣି ଅନୁମତି

ଭବାନୀପାଟଣା,୫।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ କାଣିଗୁମାଠାରେ ଥିବା ସ୍ୱାସ୍ଥ୍ୟ ସ୍ୱରାଜ ନାମକ ଅନୁଷ୍ଠାନକୁ ସ୍ଥାନୀୟ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ଯୋଗାଇବାକୁ ପୁଣି ଜିଲା ପ୍ରଶାସନର ନିର୍ଦ୍ଦେଶରେ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ ଦେଇଛି । ପୁନଃ କାଣିଗୁମା ଅଞ୍ଚଳରେ ୩୦।୬।୨୦୨୪ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ସ୍ୱାସ୍ଥ୍ୟ ସ୍ୱରାଜ ପଞ୍ଜୀକରଣକୁ ନବିକରଣ କରିଛି । ଏହି ନବିକରଣ ପରେ ପ୍ରଶାସନ ତରଫରୁ ସ୍ୱାସ୍ଥ୍ୟ କେନ୍ଦ୍ରର ସିଲ ଖୋଲାଯାଇଛି। ଏହି ସ୍ୱାସ୍ଥ୍ୟ କେନ୍ଦ୍ର ସିଲ ଖୋଲିବା ପରେ ଅଞ୍ଚଳବାସୀ ଖୁସିବ୍ୟକ୍ତ କରିଛନ୍ତି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ କଳାହାଣ୍ଡି ଜିଲା ଆଦିବାସୀ ଅଧୁଷିତ ତଥା ବଣପାହାଡ ଘେରା ଅଞ୍ଚଳ ଭାବେ ପରିଚିତ ଥୁଆମୂଳ ରାମପୁର ବ୍ଲକ କାଣିଗୁମା ସମେତ ଏହି ଅଞ୍ଚଳର ପ୍ରାୟ ୧୦ଟି ପଞ୍ଚାୟତ ତଥା ସଦର ବ୍ଲକର ଶଗଡା ଓ ରାୟଗଡା ଜିଲାର କାଶିପୁର ବ୍ଲକର ବହୁ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଏହି ଅନୁଷ୍ଠାନ ପଞ୍ଜୀକୃତ ହେଇଥିଲା। ଦୀର୍ଘ ଦିନ ଧରି ଏହି ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଆସୁଥିବା ବେଳେ ଗତ ଜୁଲାଇ ୧୫ ତାରିଖରେ ଝାଡାବାନ୍ତରେ ଆକ୍ରାନ୍ତ ହୋଇଥିବା ବାଲିସରାର ଜଣେ ବୃଦ୍ଧ ନିଗିଡି ମାଝିଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହେଇଥିଲା । ମୃତଦେହ ଘରକୁ ନେବା ପାଇଁ କୌଣସି ମହାପାରାୟଣ ଗାଡି ମିଳି ନ ଥିବା ବେଳେ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ କୌଣସି ସହାୟତା କରାଯାଇ ନ ଥିଲା। ଫଳରେ ଏକ ଦୋଳାରେ ବୋହି ପରିବାର ଲୋକ ମୃତଦେହ ଘରକୁ ନେଇଥିଲେ। ଏହି ଘଟଣାକୁ କେନ୍ଦ୍ର କରି ସ୍ୱାସ୍ଥ୍ୟ ସ୍ୱରାଜ ବିବାଦିୟ ହେଇପଡିଥିଲା । ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ସ୍ୱାସ୍ଥ୍ୟ ବିଭାଗ ସ୍ୱାସ୍ଥ୍ୟ କେନ୍ଦ୍ରର କାର୍ଯ୍ୟ ଓ ତାର ପଞ୍ଜୀକରଣ ନେଇ ଯାଞ୍ଚ କରାଯାଇଥିଲା।



ଅନୁମତି ମିଳିଲା ପରେ ସ୍ୱାସ୍ଥ୍ୟ ସ୍ୱରାଜ କେନ୍ଦ୍ର ଖୋଲାଯାଉଛି।

ଏହି ସମୟରେ ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରର ପଞ୍ଜୀକରଣ ଅବଧି ଶେଷ ହେଇଥିବା ବେଳେ ନବିକରଣ କରାଯାଇ ନ ଥିବା ନେଇ ରିପୋର୍ଟ ଦିଆଯାଇଥିଲା। ଉକ୍ତ ରିପୋର୍ଟକୁ ଆଧରକରି ଗତ ଜୁଲାଇ ୨୩ ତାରିଖରେ ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ସ୍ୱାସ୍ଥ୍ୟ ସ୍ୱରାଜର ଏହି କେନ୍ଦ୍ରକୁ କାର୍ଯ୍ୟକାରୀ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଥୁଆମୂଳ ରାମପୁର ତହସିଲଦାର ବିନୟ କୁମାର ଭୋଇ, ଥୁ. ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଅବିନାଶ ରଥଙ୍କ ଉପସ୍ଥିତିରେ ଥୁଆମୂଳ ରାମପୁର ପୋଲିସ ତରଫରୁ ସିଲ କରାଯାଇଥିଲା । ସରକାର ଏହି ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ଯୋଗାଇବା ନେଇ କୌଣସି ବିକଳ୍ପ ବ୍ୟବସ୍ଥା ନ କରି ସ୍ୱାସ୍ଥ୍ୟ କେନ୍ଦ୍ରକୁ ବନ୍ଦ କରି ଦେଇଥିଲେ। ଏଥିପାଇଁ ଅଞ୍ଚଳବାସୀଙ୍କ ମଧରେ ଅସନ୍ତୋଷ ଦେଖାଦେଇଥିଲା। ଏହି ଅଞ୍ଚଳଠାରୁ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଦୂରତ୍ୱ ପ୍ରାୟ ୩୦ କି.ମି. । ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଅଚଳରୁ ସ୍ଥାନୀୟ ଲୋକଙ୍କ ମଧରେ ଭାଳେଣି ପଡିଯାଇଥିଲା । କାଣିଗୁମା ସମିତି ସଭ୍ୟ ତଥା ଥୁଆମୂଳ ରାମପୁର ସମିତି ଉପାଧକ୍ଷ ଗୋବିନ୍ଦ ପ୍ରଧାନୀଙ୍କ ନେତୃତ୍ୱରେ ଅଞ୍ଚଳବାସୀଙ୍କ ଏକ ପ୍ରତିନିଧି ଦଳ ଜିଲାପାଳ ଗାଭିଲ ପରାଗ ହର୍ସଦ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ବନଲତା ଦେବୀଙ୍କୁ ସାକ୍ଷାତ କରିବା ସହ କାଣିଗୁମା ଅଞ୍ଚଳରେ ତୁରନ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ବ୍ୟବସ୍ଥା କରିବା ପାଇଁ ଦାବି କରିଥିଲେ। ସ୍ୱାସ୍ଥ୍ୟ ସେବା ଯୋଗାଇ ନ ଦେଲେ ଅଞ୍ଚଳବାସୀ ଆନ୍ଦୋଳନ କରିବେ ବୋଲି ପ୍ରତିନିଧିଦଳ ଚେତାବନୀ ଦେଇଥିଲେ।



"ଗତକାଲି ଏକ ଅଚଳ ଚେକ୍ ଆସନ୍ତାକାଲି ପ୍ରୋମିସରି ନୋଟ୍ ଆଜି ହିଁ ନଗଦ ଧନ, ଏହାକୁ ବ୍ୟବହାର କର।
- ହିଟ୍ଲର



## ସଂକ୍ଷେପରେ

### ପୌରକେଲାରେ ମହିଳା ସିଲେଇ ତାଲିମ ଶିବିର

ରିଷିଡ଼ା,୫।୮(ଡି.ଏନ.ଏ.)- କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପୌରକେଲାଠାରେ ପ୍ରଫେସର ଭୁବନେଶ୍ୱର ମେମୋରିଆଲ ଯୁବ ସଂଗଠନ ତଥା ସେବା ସଂଗଠନ ସହାୟତାରେ ମହିଳା ସିଲେଇ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ସମାଜସେବୀ ଦୟାନିଧି ସାହୁଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ସରପଞ୍ଚ କେତକୀ ରଣା, ସମ୍ମାନିତ ଅତିଥି ଭାବେ ଶ୍ରୀକାନ୍ତ ହୋତା, ପ୍ରତାପ ବାଗ, ପ୍ରେମାନିଧି ଦୋରା, ସଞ୍ଜିବ ଠାକୁର ପ୍ରମୁଖ ଯୋଗଦେଇଥିଲେ ।

### ସାମାଜିକ ସମୀକ୍ଷା ବୈଠକ

ରିଷିଡା,୫।୮(ଡି.ଏନ.ଏ.)- କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲଠାରେ ଏମ୍‌ଜିଏନ୍‌ଆରଇଜିଏସ୍‌ର ସାମାଜିକ ସମୀକ୍ଷା ବୈଠକ ଦେବକୀ ଧରୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସରପଞ୍ଚ ପୂଜା ସାହୁ, ଗ୍ରାମ ସମ୍ବଳ କର୍ମୀ ସଙ୍ଗୀତା ସାହୁ ମଞ୍ଚ ପରିଚାଳନା କରିଥିଲେ । ଲଳିତା ରଣା ଧନ୍ୟବାଦ ଦେଇଥିଲେ । ସେହିପରି ରାଜପୁର ଓ ରିଞ୍ଜା ପଞ୍ଚାୟତରେ ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ।

### ସର୍ଟ ଫିଲ୍ମ ରକତ୍‌ର ପୋଷ୍ଟର ରିଲିଜ୍

ରିଷିଡା,୫।୮(ଡି.ଏନ.ଏ.)- କଳାହାଣ୍ଡି ଜିଲା ରିଷିଡା ପ୍ରିୟମ ଡିଜିଟାଲର ନୂଆଁ ସର୍ଟ ଫିଲ୍ମ ରକତର ପୋଷ୍ଟର ରିଲିଜ୍ ଶୁକ୍ରବାର ଅନୁଷ୍ଠିତ ହୋଇଛି । ଏହି ସର୍ଟ ଫିଲ୍ମର କାହାଣୀ ମାନସରଞ୍ଜନ ବାଗ, ନିର୍ଦ୍ଦେଶନା ନରୋତ୍ତମ ସେଲମା, ପ୍ରଯୋଜକ ଆଶୁତୋଷ ଦାସ ରହିଛନ୍ତି ।

### କଲେଜ ଛକରେ ସୂଚନା ନାହିଁ

ରିଷିଡା,୫।୮(ଡି.ଏନ.ଏ.)- କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା କଲେଜ ଏକ ବ୍ୟସ୍ତ ବହୁଳ ଛକ । ଏହି ଛକରେ ୫ଟି ରାସ୍ତା ରହିଛି । ଗୋଟିଏ ରାସ୍ତା ଅମାଠ ଛକ, ଅନ୍ୟ ରାସ୍ତା ମ.ରାମପୁର, ବଲାଙ୍ଗୀର ରାସ୍ତା, ପୌରକେଲା ରାସ୍ତା ଓ ଅନ୍ୟ ଏକ ରାସ୍ତା ବାଞ୍ଜିପଦରକୁ ରହିଛି। ଅଥଚ ଏହି ରାସ୍ତାକୁ ଆସିଲେ ଅନେକ ଯାତ୍ରୀ ବିପଥଗାମୀ ହୋଇଯାନ୍ତି । ଏହି ଛକରେ ପୂର୍ତ୍ତ ବିଭାଗ ତରଫରୁ କୌଣସି ସୂଚନା ଫଳକ ଲଗାଯାଇ ନ ଥିବାରୁ ଯାତ୍ରୀମାନେ ହଇରାଣ ହେଉଛନ୍ତି । ଏଠାରୁ ୩ କି.ମି. ଦୂର ଗଜବାହାଲ ଛକରେ ବିରାଟ ହୋର୍ଡିଂ ଏବଂ ଛୋଟ ସୂଚନା ଫଳକ ରହିଥିବା ବେଳେ ଏଠାରେ ବି ଅନୁରୂପ ସୂଚନା ପ୍ରଦାନ କରିବା ପାଇଁ ସାଧାରଣରେ ଦାବି ହେଉଛି ।

# ବର୍ଷା ସାଜିଛି ବାଧକ, ଚାଷ ଆଗେଇ ପାରୁନି

## ■ ୨ ମାସରେ ୪୦୫ ମି.ମି. ବର୍ଷା ହୋଇଛି

କର୍ଲାମୁଣ୍ଡା,୫।୮ (ଡି.ଏନ.ଏ.)

ଦିନକୁ ଦିନ ଗଡି ଚାଲିଥିଲେ ହେଁ ବର୍ଷା ହେଉ ନ ଥିବାରୁ ଚାଷୀଙ୍କ ଚାଷ କାର୍ଯ୍ୟ ଏବେ ଠପ୍ ହୋଇଯାଇଛି । କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ଏଭଳି ପରିସ୍ଥିତି ଦେଖିବାକୁ ମିଳିଛି । କର୍ଲାମୁଣ୍ଡା ବ୍ଲକ କୃଷି ବିଭାଗଠାରୁ ମିଳିଥିବା ତଥ୍ୟ ମୁତାବକ ଏହି ବ୍ଲକରେ ମୋଟ ୭୮୦୦ ହେକ୍ଟର ଧାନ ଚାଷ ଜମି ରହିଛି । ଏଥି ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୪୬୫୦ ହେକ୍ଟର ବୁଣା ଓ ୩୦୦ ହେକ୍ଟର ଧାନ ତଳି (ନର୍ସରି) ପଡିଛି । ତେବେ ଆବଶ୍ୟକ ସମୟରେ ବର୍ଷା ହେଉ ନ ଥିବାରୁ ଚାଷୀଙ୍କ ଚାଷ କାର୍ଯ୍ୟ ଆଗେଇ ପାରୁ ନ ଥିବା ଚାଷୀ ରାମ ପ୍ରସାଦ ସାହୁ କହିଛନ୍ତି। ଅନ୍ୟପଟେ ପାଣିପାଗ ରିପୋର୍ଟ ଅନୁଯାୟୀ ଗତ ଜୁନରେ ୧୨୬ ମି.ମି., ଜୁଲାଇ ମାସରେ ୨୭୫.୪୦ ମି.ମି. ଓ ଅଗଷ୍ଟ ମାସ ପ୍ରଥମ ସପ୍ତାହ ସୋମବାର ସୁଦ୍ଧା ମାତ୍ର ୪ ମି.ମି. ବର୍ଷା ହୋଇଛି । ଫଳରେ ଚାଷୀଙ୍କ ପାଇଁ ଜୁଲାଇ ଶେଷ ସପ୍ତାହ ଓ ଅଗଷ୍ଟ ପ୍ରଥମ ସପ୍ତାହରେ ଦରକାର ପଡୁଥିବା ବର୍ଷା ପାଣି ଚାଷୀଙ୍କ ମୁଣ୍ଡ ବ୍ୟଥାର କାରଣ ସାଜିଛି । ବିଶେଷ ଭାବେ ଏହି ବ୍ଲକର ରିଞ୍ଜା, କର୍ଲାମୁଣ୍ଡା, ସ-ମାଲପଡା, ଯୋରାବେରା, ରେଗଡା, ସାପଲହରା, ଗଜବାହାଲ, ପୌରକେଲା, ତେରେସିଙ୍ଗା, ରିଷିଡା ପଞ୍ଚାୟତ ଗୁଡିକର ଅଧିକାଂଶ ଗାଁରେ ଚାଷୀଙ୍କ ଚାଷ କାର୍ଯ୍ୟ ହୋଇ ପାରି ନ ଥିବା ଦେଖିବାକୁ ମିଳିଛି । ଉତେଇ ଜଳସେଚନ ବ୍ୟବସ୍ଥା ରହିଥିଲେ ହେଁ କମ ବର୍ଷା ହେତୁ କେନାଲଗୁଡିକରେ ଆବଶ୍ୟକ ମୁତାବକ ପାଣି ଆସି ପାରୁନାହିଁ। ଏବେଠୁ ବର୍ଷା ଜଳ ସଂରକ୍ଷଣ ଦିଗରେ ବ୍ଲକ ପ୍ରଶାସନ ପଞ୍ଚାୟତଗୁଡିକରେ ଯୋଜନାମାନ ପ୍ରସ୍ତୁତ କରାଯାଇ କାର୍ଯ୍ୟକ୍ଷମ କରାଯାଇ ପାରିଲେ ମରୁଡିର ମୁକାବିଲା କରାଯାଇ ପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।



ବର୍ଷା ଅଭାବରୁ ଚାଷୀ ପକାଇଥିବା ତଳି ଜମି ମାଟି ଫାଟି ଆଁ କରିଛି ।

**କର୍ଲାମୁଣ୍ଡା ବ୍ଲକ**



ଡାକ୍ତର ଭଗବାନ ପଣ୍ଡା ପ୍ରମୋଦଙ୍କ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରୁଛନ୍ତି ।

# ଲିଭର ରୋଗରେ ଆକ୍ରାନ୍ତ ପ୍ରମୋଦଙ୍କ ପାଖରେ ପହଞ୍ଚିଲା ସ୍ୱାସ୍ଥ୍ୟ ବିଭାଗ

ଜୁନାଗଡ,୫।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କଲେଇଗାଁର ପ୍ରମୋଦ କୁମାର ପଣ୍ଡା (୫୨) ଗତ କିଛି ମାସ ହେଲା ଲିଭର (କଲିଜା) ରୋଗରେ ଆକ୍ରାନ୍ତ ହୋଇ ବିଛଣାରେ ପଡିରହିଛନ୍ତି। ଏହାକୁ ନେଇ ପରିବାରବର୍ଗଙ୍କ ମଧ୍ୟରେ ଏବେ ଚିନ୍ତାର କାରଣ ପାଲଟିଛି। ପରିବାରର ଏକମାତ୍ର ରୋଜଗାରକ୍ଷମ ପ୍ରମୋଦ ବିଛଣାରେ ପଡିରହିଥିବାରୁ ତାଙ୍କ ପରିବାର ଚଳିବା ଏବେ କଷ୍ଟକର ହୋଇପଡିଛି। ଏହି କ୍ଷେତ୍ରରେ ତାଙ୍କର ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି। ଏପରି ଦୁଃଖଦ ଖବର ଶୁଣିବା ପରେ ସୋମବାର ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଭଗବାନ ପଣ୍ଡା, ଗୋଷ୍ଠୀ କାର୍ଯ୍ୟକ୍ରମ ପ୍ରବନ୍ଧକ ସୁମେଶ୍ୱର ନାଏକ ପ୍ରମୋଦଙ୍କ ଘରେ ପହଞ୍ଚିଥିଲେ। ସେଠାରେ ଡାକ୍ତର ପଣ୍ଡା ପ୍ରମୋଦଙ୍କ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରିବା ସହ ସରକାରୀସ୍ତରରେ ଯାହାକିଛି ଚିକିତ୍ସା ହୋଇ ପାରିବ ସେ ନେଇ ଚେଷ୍ଟା କରିବେ ବୋଲି କହିଥିଲେ।




କାର୍ଯ୍ୟକାରୀ ବୈଠକରେ ଯୋଗଦେଇଥିବା ଅତିଥି।

# ପ୍ରାଥମିକ ଶିକ୍ଷକ ସଂଘ କାର୍ଯ୍ୟକାରିଣୀ ବୈଠକ

ଭବାନୀପାଟଣା, ୫।୮ (ଡି.ଏନ.ଏ.)

ସ୍ଥାନୀୟ ପ୍ରାଥମିକ ଶିକ୍ଷ କଭବନ ପରିସରରେ କଳାହାଣ୍ଡି ଜିଲା ପ୍ରାଥମିକ ଶିକ୍ଷକ ସଂଘର ଜିଲା କାର୍ଯ୍ୟକାରିଣୀ ବୈଠକ ମନୋଜ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସାଧାରଣ ସମ୍ପାଦକ ଧିରେନ୍ଦ୍ର କୁମାର ପଟ୍ଟନାୟକ ସଭାର ଉଦ୍ଦେଶ୍ୟ ଏବଂ ସ୍ୱାଗତ ଭାଷଣ ଜ୍ଞାପନ କରିଥିଲେ। ଏଥିରେ ଜିଲାର ୧୩ଟି ବ୍ଲକର କର୍ମକର୍ତ୍ତା ଯୋଗଦାନ କରି ଆସନ୍ତା ଦିନରେ ହେବାକୁ ଥିବା ଗୁରୁ ଦିବସ ପାଳନ ଏବଂ ସମାପ୍ତି ସୂଚକ ଆକଳନ ୧ ପ୍ରଶ୍ନପତ୍ରର ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜିଲାସ୍ତରୀୟ ଗୁରୁ ଦିବସ ପାଳନ କର୍ଲାମୁଣ୍ଡା ବ୍ଲକଠାରେ ପାଳନ କରାଯିବା ସକାଶେ ବ୍ଲକ କର୍ମକର୍ତ୍ତାମାନେ ସହମତି ପ୍ରକାଶ କରିଥିଲେ। ଏହା ପରେ ବିଭିନ୍ନ ବ୍ଲକ ସମସ୍ୟା ମଧ୍ୟରେ ଏମ୍‌ଏସିପି ବକେୟା ରାଶି ଶୀଘ୍ର ପ୍ରଦାନ, ବିଦ୍ୟାଳୟରେ ମଧ୍ୟାହ୍ନଭୋଜନର ସୁପରିଚାଳନା, ଏକକ ଶିକ୍ଷକ ବିଶିଷ୍ଟ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି, ବିଭିନ୍ନ ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଖାଲି ପଡିଥିବା ବିଭିନ୍ନ ପଦବୀ ଶୀଘ୍ର ପୂରଣ, ବିଭିନ୍ନ ବ୍ଲକରେ ଅବସରଗ୍ରହଣ କରିଥିବା ଶିକ୍ଷକମାନଙ୍କ ବକେୟା ପ୍ରାପ୍ୟ ଶୀଘ୍ର ପ୍ରଦାନ କରାଯିବା ଉପରେ ବୈଠକରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା। ଜିଲା ଉପସଭାପତି ପ୍ରମୋଦ କୁମାର ବିଶି, ଅର୍ଚ୍ଚନା ମିଶ୍ର, ଯୁଗ୍ମସମ୍ପାଦକ ବିରେନ୍ଦ୍ର କୁମାର ବାଗ, ଶିବ ପ୍ରସାଦ ଦାସ,ପ୍ରେମଚାନ୍ଦ ମହାପାତ୍ର, ଜିଲା ସଙ୍ଗଠନ ସମ୍ପାଦକ ଅଚ୍ଚୁତାନନ୍ଦ ନାଏକ, କୋଷାଧ୍ୟକ୍ଷ ଅମରେନ୍ଦ୍ର ପଟ୍ଟନାୟକ, ଉପଦେଷ୍ଟା ବିଭୁତି ମିଶ୍ର, କବିରାଜ ଦୁର୍ଗା, କାର୍ଯ୍ୟକାରିଣୀ ସଭ୍ୟ ଜଗଦିଶଚନ୍ଦ୍ର ପାଣି, ଯୋଗେଶ୍ୱର ମିଶ୍ର, ଅକ୍ଷୟ କୁମାର ପଟ୍ଟନାୟକ ଯୋଗଦାନ କରିଥିବା ବେଳେ ଦୁର୍ଯ୍ୟୋଧନ ମାଝି, ଶ୍ରୀନିବାସ ଆଚାରି, ସୂର୍ଯ୍ୟ ନାରାୟଣ ଦାସ ବୈଠକ ପରିଚାଳନାରେ ସହଯୋଗ କରିଥିଲେ। ଜିଲା ଉପସଭାପତି ପ୍ରମୋଦ କୁମାର ବିଶି ଧନ୍ୟବାଦ ଅର୍ପଣ କରିଥିଲେ।

**କଳାହାଣ୍ଡି ଜିଲା**

# ମାରୱାଡି ମହିଳା ସମିତି ପକ୍ଷରୁ ତିଜ ମେଳା

ଭବାନୀପାଟଣା,୫।୮ (ଡି.ଏନ.ଏ.)

ଭବାନୀପାଟଣା ମାରୱାଡି ମହିଳା ସମିତି ପକ୍ଷରୁ ସ୍ଥାନୀୟ ଅଗ୍ରସେନ ଭବନଠାରେ ତିଜ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଭଗବାନଙ୍କ ପାଇଁ ଉପହାର, ରାକ୍ଷୀ ଓ ବିଭିନ୍ନ ବ୍ୟଞ୍ଜନ ଭୋଜନ ନିମନ୍ତେ ୧୫ଟି ଷ୍ଟଲ କରାଯାଇଥିଲା। ଏଥିରେ ସମସ୍ତଙ୍କ ପାଇଁ ଝୁଲଣା ତଥା ସମସ୍ତ ମହିଳାମାନଙ୍କ ପାଇଁ ଚୁଡି ଓ ସିନ୍ଦୁର ପିନ୍ଧା ଯାଇ ସମ୍ମାନ ପ୍ରଦର୍ଶନ କରାଯାଇଥିଲା। ମେଳା ଉପଲକ୍ଷେ ସେଲଫି କର୍ଣ୍ଣର କରାଯାଇଥିଲା। ମାରୱାଡି ମହିଳା ସମିତି ସଭାନେତ୍ରୀ କିରଣ ଅଗ୍ରୱାଲ, ସମ୍ପାଦକା ଅନିତା ଅଗ୍ରୱାଲ, କୋଷାଧ୍ୟକ୍ଷ ରେଖା ଚୌଧୁରୀ, ଭାମା ଅଗ୍ରୱାଲ, ମେମବାଇ ଅଗ୍ରୱାଲ, ଗଙ୍ଗା ଅଗ୍ରୱାଲ, ରିଙ୍କୁ ଅଗ୍ରୱାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସଂସ୍କାର ଭାରତୀ ନଗର ସମିତିର ନୂତନ କର୍ମକର୍ତ୍ତା

ଭବାନୀପାଟଣା,୫।୮ (ଡି.ଏନ.ଏ.)

ଭବାନୀପାଟଣା ସହରସ୍ଥିତ ଲେଖକ କଳା ପରିଷଦ ପରିସରରେ ସଂସ୍କାର ଭାରତୀ ନଗର ସମିତି ପକ୍ଷରୁ ଏକ ସଭା ଶାନ୍ତନୁ କୁମାର ମୁଣ୍ଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୧୮-୧୯ ବାର୍ଷିକ ବିବରଣୀ, ଆୟବ୍ୟୟ ହିସାବ ଉପରେ ଆଲୋଚନା ହୋଇଥିଲା। ଉତ୍କଳ ପଶ୍ଚିମ ପ୍ରାନ୍ତ ସଙ୍ଗୀତ ବିଧା ସଂଯୋଜକ ପ୍ରମୋଦ କୁମାର ପରିଡା, ପଶ୍ଚିମପ୍ରାନ୍ତ ସଭାପତି ପ୍ରଭାସ ଚନ୍ଦ୍ର ମିଶ୍ର, ସାଧାରଣ ସମ୍ପାଦକ ହରେକୃଷ୍ଣ ଭୋଇ ପ୍ରମୁଖ ଉଦବୋଧନ ଦେଇଥିଲେ। ପ୍ରମୋଦ କୁମାର ପରିଡା ନିର୍ବାଚନ ପରିଚାଳନା କରିଥିଲେ। ପରେ ଭବନୀପାଟଣା ସଂସ୍କାର ଭାରତୀ ନଗର ସମିତି କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ସଭାପତି ଜ୍ୟୋତିରାଣୀ ଦାସ, ଉପସଭାପତି ବିଶ୍ୱମୋହନ ରଥ ଓ ଇନ୍ଦ୍ରଜିତ ମହାଖୁଡ, ସଙ୍ଗଠନ ସମ୍ପାଦକ ରଘୁନାଥ ଠାକୁର, ସମ୍ପାଦକ ନରେନ୍ଦ୍ର କୁମାର ପଣ୍ଡା, ସହସମ୍ପାଦକ ସଂଗ୍ରାମ କେଶରୀ ସରାଫ, କୋଷାଧ୍ୟକ୍ଷ ମନୋଜ କୁମାର ରାଉତ ପ୍ରମୁଖ ନିର୍ବାଚିତ ହୋଇଛନ୍ତି । ସେହିପରି ମାତୃଶକ୍ତି ସ୍ୱର୍ଣ୍ଣକାନ୍ତୀ ବୈକାର, ସଙ୍ଗୀତ ବିଧା ପ୍ରମୁଖ ତାପସ ରଞ୍ଜନ ପଟେଲ, ସାହିତ୍ୟ ବିଧା ପ୍ରମୁଖ ବିଶ୍ୱରଞ୍ଜନ ପଣ୍ଡା, ନାଟକ ବିଧା ପ୍ରମୁଖ ବିରଞ୍ଚି ନାରାୟଣ ମୁଣ୍ଡ, ଚିତ୍ରକଳା ବିଧା ପ୍ରମୁଖ ଚିଣ୍ଟୁପ୍ରସାଦ ନାଏକ ନିର୍ବାଚିତ ହୋଇଥିଲେ। ସଙ୍ଗଠନ ସମ୍ପାଦକ ରଘୁନାଥ ଠାକୁର ଧନ୍ୟବାଦ ଦେଇଥିଲେ।

### ସମସ୍ୟାରେ ବୋରଭଟା ଶିବପ୍ରସାଦ ହାଇସ୍କୁଲ

# ଶିକ୍ଷକ ଅଭାବରୁ ପାଠପଢ଼ା ଠପ୍

ଭବାନୀପାଟଣା,୫।୮ (ଡି.ଏନ.ଏ.)

ଭବାନୀପାଟଣା ସଦର ବ୍ଲକ ବୋରଭଟା ଶିବପ୍ରସାଦ ହାଇସ୍କୁଲରେ ଶିକ୍ଷକ ଓ କର୍ମଚାରୀ ଅଭାବ ଯୋଗୁ ଶିକ୍ଷାଦାନ ବିପର୍ଯ୍ୟସ୍ତ ହୋଇପଡିଛି। ଏଠାରେ ୩ ଜଣ ଟିଜିଟି ଶିକ୍ଷକ ବଦଳରେ ଜଣେ ଶିକ୍ଷକ ରହିଛନ୍ତି। ଦୀର୍ଘ ଦିନ ହେଲା ଖେଳ ଶିକ୍ଷକ ପଦ ଖାଲି ପଡିଛି। ଏଠାରେ କାର୍ଯ୍ୟରତ ବିଜ୍ଞାନ ଶିକ୍ଷୟିତ୍ରୀ ସ୍ୱାଗତିକା ସାହୁ ୨ ମାସ ହେଲା କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ସ୍କୁଲରେ ଅନୁପସ୍ଥିତ ରହୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗତ ମାର୍ଚ୍ଚରୁ କମ୍ପ୍ୟୁଟର ଶିକ୍ଷକଙ୍କୁ ଛଟେଇ ପରେ ଏଠାରେ ଲାବ୍ ଭିତରେ କମ୍ପ୍ୟୁଟର ସବୁ ଖତ ଖାଉଛି। ଫଳରେ ଏଠାରେ ପାଠପଢା ବ୍ୟାହତ ହେଉଛି। ଏଠାରେ ୪ ଜଣ ପିଅନ ରହିବା ବଦଳରେ ଜଣେ ମାତ୍ର ବପିଅନରେ ସମସ୍ତ କାର୍ଯ୍ୟ ଚାଲିଛି। ରାତ୍ର ଜଗୁଆଳି ଅଭାବ ଯୋଗୁ ମୂଲ୍ୟବାନ ଜିନିଷର ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ସାହୁଙ୍କୁ ପଚାରିବାରୁ ଶିକ୍ଷକ ଓ କର୍ମଚାରୀ ଅଭାବ ଯୋଗୁ ସ୍କୁଲରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଡିଇଓଙ୍କୁ ଜଣାଇଲେ ମଧ୍ୟ କିଛି ଫଳ ମିଳୁ ନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଇଓ ଜଗନ୍ନାଥ ପୁରୋହିତଙ୍କୁ ପଚାରିବାରୁ ସମ୍ପୃକ୍ତ ସ୍କୁଲର ଶିକ୍ଷକ ସମସ୍ୟାର ଖୁବଶୀଘ୍ର ସମାଧାନ କରାଯିବ ବୋଲି କହିଥିଲେ।



ବୋରଭଟା ଶିବପ୍ରସାଦ ହାଇସ୍କୁଲ।

### କଳାହାଣ୍ଡି, ନୂଆପଡ଼ା ଜିଲାର ରେଳୱେ ସମସ୍ୟା

# ରେଳମନ୍ତ୍ରୀଙ୍କୁ ଭେଟି ଜଣାଇଲେ ଏମ୍‌ପି ବସନ୍ତ ପଣ୍ଡା

ଭବାନୀପାଟଣା,୫।୮ (ଡି.ଏନ.ଏ.)

ଦେଶର ପଛୁଆ କଳାହାଣ୍ଡି ଓ ନୂଆପଡା ଜିଲାରେ ରେଳୱେ ଯୋଗାଯୋଗର ବହୁ ସମସ୍ୟା ରହିଛି। ଉଭୟ ଜିଲାରେ ଉପଯୁକ୍ତ ରେଳୱେ ଯୋଗାଯୋଗର ସୁବିଧା ନ ଥିବାରୁ ସର୍ବାଙ୍ଗୀନ ବିକାଶ ହୋଇପାରୁ ନାହିଁ। ଏଭଳି ସ୍ଥିତିରେ କଳାହାଣ୍ଡି ଲୋକ ସଭା ସଦସ୍ୟ ବସନ୍ତ ପଣ୍ଡା କେନ୍ଦ୍ର ରେଳୱେ ମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ଭେଟି କଳାହାଣ୍ଡି ଲୋକ ସଭା କ୍ଷେତ୍ରରେ ରେଳୱେ ସମସ୍ୟାରେ ସମାଧାନ କରିବାକୁ ୧୦ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ନୂଆପଡା ଜିଲା ମୁଖ୍ୟାଳୟ ହୋଇଥିଲେ ବି କୌଣସି ସୁପରଫାଷ୍ଟ ଏକ୍ସପ୍ରେସ ଟ୍ରେନର ରହଣି ସୁବିଦା ନାହିଁ। ଏହା ନୂଆପଡା, ବରଗଡ ଓ ବଲାଙ୍ଗୀର ଜିଲାର କେନ୍ଦ୍ରସ୍ଥଳ। ଏହି ଷ୍ଟେଶନରୁ ପଶ୍ଚିମ ଓଡିଶାର ୩ଟି ପ୍ରମୁଖ ପର୍ଯ୍ୟଟନସ୍ଥଳି ପଟୋରା, ନୃସିଂନାଥ ଓ ହରିଶଙ୍କରକୁ ସଂଯୋଗ ରହିଛି। ୨୦୧୨ରେ ନୂଆପଡା ଷ୍ଟେଶନକୁ ରେଳୱେ ବିଭାଗ ତରଫରୁ 'ବି' ଗ୍ରେଡର ମାନ୍ୟତା ମିଳିଥିବା ବେଳେ ଏବେ ବିଭାଗୀୟ ଉଦାସୀନତା ଯୋଗୁ ଅବନତି ହୋଇ 'ଡି' ଗ୍ରେଡର ମାନ୍ୟତା ମିଳିଛି। ଏବେ ଷ୍ଟେଶନରେ ପୁରୀ-ଅହମ୍ମଦାବାଦ ଓ ସମତା ଏକ୍ସପ୍ରେସ ଟ୍ରେନ ରହଣି କରିବାକୁ ଅନୁରୋଧ କରିଥିଲେ। ଖରିଆର-ଆମପାଣି-ନବରଙ୍ଗପୁର-ଜୟପୁର ପ୍ରସ୍ତାବିତ ୨୨୦ କି.ମି. ରେଳୱେ ଲାଇନ ପାଇଁ ସର୍ଭେ କାମ ଚାଲିଛି। ଏହି ରେଳ ଲାଇନ କାମ ଶୀଘ୍ର ସମ୍ପୂର୍ଣ୍ଣ ହେଲେ ଅବିଭକ୍ତ କଳାହାଣ୍ଡି, ବଲାଙ୍ଗୀର ଓ କୋରାପୁଟ ଜିଲାକୁ ଯୋଗାଯୋଗ ହୋଇପାରିବ। ଏଥିରେ ବହୁ ସଂଖ୍ୟାର ଆଦିବାସୀ ଓ ଦାଦନ ଶ୍ରମିକ ଉପକୃତ ହେବେ। ଏହାଦ୍ୱାରା ମାଓବାଦୀ ଦମନ ପାଇଁ ମଧ୍ୟ ସହାୟକ ହେବ। ପର୍ଯ୍ୟଟନ କ୍ଷେତ୍ରର ବିକାଶ ସମ୍ଭବ ହେବ। କଳାହାଣ୍ଡି ଜିଲାରେ ମେଡିକାଲ ସୁବିଧା ଉପଲବ୍ଧ ନ ଥିବାରୁ ବିଶାଖାପାଟଣା ଯିବା ଆସିବା କରିବା ପାଇଁ ଜୁନାଗଡରୁ ବିଶାଖାପାଟଣା ଓ ବିଶାଖାପାଟଣାରୁ ଜୁନାଗଡକୁ ୨ ଟି ଇଣ୍ଟରସିଟି ଏକ୍ସପ୍ରେସ ଟ୍ରେନ ଚଳାଚଳ ହେଲେ ଲୋକେ ସ୍ୱାସ୍ଥ୍ୟ ସେବା ପାଇବେ। ନର୍ଲାରୋଡରେ ୱାଗନ ଫ୍ୟାକ୍ଟ୍ରି ନିର୍ମାଣ ହେଲେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ମିଳିବ। ଏକ୍ସପ୍ରେସକୁ ଖରିଆରରୋଡ କିମ୍ବା କେସିଙ୍ଗାକୁ ସମ୍ପ୍ରସାରଣ କଲେ ବରଗଡ, ବଲାଙ୍ଗୀର, କଳାହାଣ୍ଡି ଓ ନୂଆପଡା ଜିଲାବାସୀ ଉପକୃତ ହୋଇପାରିବେ। ପ୍ରୟାଗରାଜ ଟ୍ରେନକୁ ସମ୍ବଲପୁର ଭାୟା ଟିଟିଲାଗଡ ଦେଇ ରାୟପୁରକୁ ସଂଯୋଗ କଲେ ସମ୍ବଲପୁର, ବରଗଡ, ବଲାଙ୍ଗୀର, କଳାହାଣ୍ଡି ଓ ନୂଆପଡା ଜିଲାବାସୀ ସୁବିଧା ପାଇପାରିବେ। ପୁରୀ-ଦୁର୍ଗ ଇଣ୍ଟରସିଟି ଏକ୍ସପ୍ରେସକୁ କେସିଙ୍ଗା ରୋଡ ପର୍ଯ୍ୟନ୍ତ କଲେ କଳାହାଣ୍ଡି ଜିଲାବାସୀ ଉପକୃତ ହେବେ। ନୂଆପଡାରୁ ବରଗଡ ପ୍ରସ୍ତାବିତ ରେଳୱେ ଲାଇନ ନିର୍ମାଣ ହେଲେ ପାଇକମାଳ, ପଦ୍ମପୁର ଓ ସୋହେଲା ଅଞ୍ଚଳର ଲୋକେ ସୁବିଦା ପାଇବେ ବୋଲି କେନ୍ଦ୍ର ରେଳମନ୍ତ୍ରୀଙ୍କ ନିକଟରେ ଲୋକ ସଭା ଏମ୍‌ପି ପଣ୍ଡା ଦାବି ଉପସ୍ଥାପନ କରିଥିଲେ।



ଏମ୍‌ପି ବସନ୍ତ ପଣ୍ଡା କେନ୍ଦ୍ର ରେଳୱେ ମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

### ସମସ୍ୟାରେ ଚାଞ୍ଚେର ସରକାରୀ ଉଚ୍ଚ ବିଦ୍ୟାଳୟ

# ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ଶେଷ ହୋଇନି

କେସିଙ୍ଗା,୫।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ଚାଞ୍ଚେର ଗ୍ରାମସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଭିନ୍ନ ସମସ୍ୟା ରହିଛି । ୧୯୫୬ରେ ସ୍ଥାପିତ ଏହି ବିଦ୍ୟାଳୟରେ ପ୍ରଥମରୁ ୫ ଶ୍ରେଣୀ ଯାଏ ୧୩୨ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ୬ଷ୍ଠରୁ ୮ମ ଶ୍ରେଣୀରେ ୧୫୮ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ୯ ଓ ୧୦ମ ଶ୍ରେଣୀରେ ୭୬ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ସ୍କୁଲ ସମ୍ମୁଖରେ ଥିବା ୬୩ ବର୍ଷର ପୁରୁଣା ଶ୍ରେଣୀ ଗୃହ ଭାଙ୍ଗି ଯିବା ପରେ ଛାତ୍ରୀଛାତ୍ରମାନେ ଅଧ୍ୟୟନରେ ସମସ୍ୟା ଦେଖାଯାଉଛି। ୨୦୧୮-୧୯ ଆର୍ଥିକ ବର୍ଷରେ ଶ୍ୟାମ ପ୍ରସାଦ ମୁଖାର୍ଜି ଜାତୀୟ ରୁର୍ବାନ ମିଶନ, ଗ୍ରାମ୍ୟ ଉନ୍ନୟନ ସଂସ୍ଥା କଳାହାଣ୍ଡି ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ପାଇଁ କେସିଙ୍ଗା ବ୍ଲକ ମାଧ୍ୟମରେ ୧୨ ଲକ୍ଷ ୫୦ ହଜାର ୫୯୯ ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ବ୍ରାହ୍ମା କୁମାର ଗୋଏଲଙ୍କୁ ଗୃହ କାର୍ଯ୍ୟ ନିର୍ମାଣ ଦାୟିତ୍ୱ ଦିଆଯାଇଥିଲା। ସମ୍ପୃକ୍ତ ଠିକାଦାର ୨୦୧୯ ଫେବୃୟାରୀ ୨୧ ତାରିଖରୁ କାର୍ଯ୍ୟ ଆରମ୍ଭ କରି ଅଗଷ୍ଟ ୨୦ ତାରିଖରେ ଶ୍ରେଣୀ ଗୃହ ସମ୍ପୂର୍ଣ୍ଣ କରିବାକୁ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ଶ୍ରେଣୀ ଗୃହ ନିର୍ମାଣ ପାଇଁ କିଛି ଗାତ ଖୋଳି ଚୁପ୍ ହୋଇପଡିଛନ୍ତି । ଅତିରିକ୍ତ ଶ୍ରେଣୀ ଗୃହ ଧାର୍ଯ୍ୟ ୬ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ଥିବା ବେଳେ ଠିକାଦାର ଓ ବ୍ଲକ ପ୍ରଶାସନଙ୍କ ଖାମଖିଆଲି ମନୋଭାବ ଯୋଗୁ ସେହିପରି ପଡିରହିଛି । ଏହି ବିଦ୍ୟାଳୟର ପଶ୍ଚିମ ଓ ଉତ୍ତର ଦିଗରେ ବାଡା ନ ଥିବାରୁ ଗୋରୁ, ଗାଈ, ମଇଷୀ, ଛେଳି, ମେଣ୍ଢା ବିଦ୍ୟାଳୟ ଭିତରକୁ ପସି ଆସୁଛନ୍ତି। ବିଦ୍ୟାଳୟରେ ଥିବା ନଳକୂଅ ଖୋଳିବା ଦିନଠାରୁ ଅଚଳ ହୋଇ ପଡିରହିଛି। ଫଳରେ ମଧ୍ୟାହ୍ନଭୋଜନ ଖାଦ୍ୟ ରୋଷେଇ ବେଳେ ପାଣି ପାଇଁ ବହୁତ ଅସୁବିଧା ହେଉଛି । ନୂତନ ଶ୍ରେଣୀ ଗୃହ ଧାର୍ଯ୍ୟ ତାରିଖ ଶେଷ ହେବାକୁ ବସିଲାଣି କିନ୍ତୁ ଆଜିଯାଏ କାମ ଆରମ୍ଭ ହୋଇ ନ ଥିବାରୁ ସ୍କୁଲ ସଭାପତି ରାଜ କୁମାର ମାଝି ଓ ଅଭିଭାବକ ବୃନ୍ଦ ବହୁବାର ସ୍ଥାନୀୟ ସରପଞ୍ଚ, ବିଡିଓ ଏବଂ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ। ଆଜିଯାଏ ନୂତନ ଶ୍ରେଣୀ ଗୃହ କିମ୍ବା ବାଡ ମଧ୍ୟ ନିର୍ମାଣ ହୋଇ ନ ଥିବା ଜଣାପଡିଛି । ଏ ସଂକ୍ରାନ୍ତରେ ପ୍ରଧାନଶିକ୍ଷକ ରତ୍ନାକର ଶତପଥୀଙ୍କୁ ପଚାରିବାରୁ ବ୍ଲକ ଓ ଜିଲା ପ୍ରଶାସନକୁ ଅଭିଯୋଗ କଲେ ସୁଦ୍ଧା କେହି ମୋ କଥାକୁ କର୍ଣ୍ଣପାତ କରୁ ନ ଥିବା ପ୍ରକାଶ କରିଥିଲେ। ଏ ନେଇ କେସିଙ୍ଗା ବିଡିଓ ଭୀମସେନ ଶବରଙ୍କୁ ପଚାରିବାରୁ ମୁଁ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ନେବି ବୋଲି ପ୍ରକାଶ କରିଥିଲେ ।

**କେସିଙ୍ଗା ବ୍ଲକ**

- ■ ଧାର୍ଯ୍ୟ ସମୟ ସରିବାକୁ ବସିଲା
- ■ ଛାତ୍ରୀଛାତ୍ରଙ୍କ ଅଧ୍ୟୟନରେ ସମସ୍ୟା
- ■ ନଳକୂଅ ଖୋଳିବା ଦିନଠାରୁ ଅଚଳ






ଚାଞ୍ଚେର ସରକାରୀ ଉଚ୍ଚ ବିଦ୍ୟାଳୟ (ବାମ)। ଅତିରିକ୍ତ ନୂତନ ଶ୍ରେଣୀ ଗୃହ ନିର୍ମାଣ ଲାଗି ଖୋଳାଯାଇ ଛାଡ଼ି ଦିଆଯାଇଛି।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୬ ଅଗଷ୍ଟ, ୨୦୧୯



ଭୁଲ୍ କର ପଛେ ଚିନ୍ତା ନାହିଁ, କିନ୍ତୁ ପର ବୁଦ୍ଧିରେ ନ କରି ନିଜ ବୁଦ୍ଧିରେ କର ।

- ଏଡ୍ୱର୍ଥ



**ସଂକ୍ଷେପରେ**

## ବିଡିଓଙ୍କୁ ଫେରାଦ ହେଲେ ଶ୍ରମିକ

**ଦେଓଗାଁ,୫।୮ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଡୁମେରପିଟା ପଞ୍ଚାୟତ ଅନ୍ତର୍ଗତ ଚିପାକାନୀ ଗାଁର ଶ୍ରମିକ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କାମ କରି ଆଜକୁ ୪ବର୍ଷରୁ ଉର୍ଦ୍ଧ୍ୱ ହେଲା ପାଉଣାରୁ ବଞ୍ଚିତ ରହିଛନ୍ତି। ଏ ନେଇ ସେମାନେ ସୋମବାର ବିଡିଓ ବେର୍ଣ୍ଣାଦେତ ଲାକ୍ରାଙ୍କ ନିକଟରେ ଅଭିଯୋଗ କରିଛନ୍ତି । ବାରମ୍ବାର ପ୍ରଶାସନକୁ ଅଭିଯୋଗ କରିଆସୁଥିଲେ ମଧ କେହି ଏଦିଗରେ କୌଣସି ପଦକ୍ଷେପ ନେଉ ନ ଥିବାରୁ ଗାଁର ୨୭ଜଣ ଶ୍ରମିକ କାମକରି ପାଉଣା ପାଇବାରୁ ବଞ୍ଚିର ରହିଥିବା ଅଭିଯୋଗ କରିଛନ୍ତି । ଗାଁର ଗୋକୁଳ ମଲ୍ଲିକ, ଲବ ମିର୍ଦ୍ଧା, ମକରଧ୍ୱଜ ଦଳପତି, ଝସକେତନ ଛତ୍ରିୟା, ଶଙ୍କର ପଧାନ, ମଧୁ ମଲ୍ଲିକ, ରମେଶ ଷାଣ୍ଡ ପ୍ରମୁଖ ୨୭ଜଣ ଶ୍ରମିକଙ୍କ ଅଭିଯୋଗ ଅନୁସାରେ ରାମଚନ୍ଦ୍ରପୁର ପଞ୍ଚାୟତ ଅଧିନରେ ଥିବା ସମୟରେ ଚିପାକାନୀ ଗାଁ ସ୍କୁଲଠାରୁ ଦେବତାଗୁଡି, ଗାଁମୁଣ୍ଡରୁ ସତିଘାଟ ରାସ୍ତା ଓ ସାଗଯୋର ନାଳରେ ଚେକଡ୍ୟାମ ନିର୍ମାଣ କାମରେ ସେମାନେ ନିୟୋଜିତ ହୋଇଥିଲେ। ଗାଁ ସାଥିଙ୍କ ଅସହଯୋଗ ମନୋବୃତ୍ତି ଯୋଗୁଁ ଏହି ପ୍ରକଳ୍ପରେ କରିଥିବା କାମର ଅର୍ଦ୍ଧାଧିକ ପାଉଣା ଶ୍ରମିକଙ୍କୁ ଅଦ୍ୟାବଧି ମିଳିନାହିଁ । ଏ ଦିଗରେ ତଦନ୍ତ କରି ପାଉଣା ପ୍ରଦାନ କରିବାକୁ ଶ୍ରମିକମାନେ ଦାବି କରିଛନ୍ତି । ଏନେଇ ବିଡିଓ ଲାକ୍ରାଙ୍କୁ ପଚାରିବାରୁ ଏହି ଘଟଣା ୪/୫ ବର୍ଷ ତଳର। ଏଣୁ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବୁ ବୋଲି କହିଥିଲେ ।

## ଡଙ୍ଗରୀଗୁଡ଼ା- କେନ୍ଦୁମୁଣ୍ଡା ରାସ୍ତା ଶୋଚନୀୟ

**ସିନାପାଲି,୫।୮ (ଡି.ଏନ.ଏ.):** ସିନାପାଲିସ୍ଥିତ ଡଙ୍ଗରୀଗୁଡା-କେନ୍ଦୁମୁଣ୍ଡା ରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇପଡ଼ିଛି। ଏଥିଯୋଗୁ ଯାତାୟାତରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ପ୍ରଶାସନ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି । ଡଙ୍ଗରୀଗୁଡା ପ୍ରଧାନମନ୍ତ୍ରୀ ସଡକଠାରୁ କେନ୍ଦୁମୁଣ୍ଡା ଦେଇ ଯାଇଥିବା ଏହି ରାସ୍ତା ଉପରେ ଅଞ୍ଚଳର ଜନସାଧାରଣ ନିର୍ଭର କରନ୍ତି । ଏହି ରାସ୍ତା ଦେଇ ସିଙ୍ଗଝର, ଝାରବନ୍ଧ, କୁସୁମଯୋର, କରଣବାହାଲି, କେନ୍ଦୁମୁଣ୍ଡା ଗ୍ରାମପଞ୍ଚାୟତ ଜନସାଧାରଣ ନିର୍ଭର କରୁଛନ୍ତି। ଏହି ରାସ୍ତା ନଙ୍ଗଲବୋର୍ଡ ଓ ଘାଟମାଲ ସମେତ ପଡୋଶୀ ଛତିଶଗଡ ରାଜ୍ୟକୁ ଯୋଗାଯୋଗ ହୋଇଥାଏ। ଏପରିକି ସାପ୍ତାହିକ ହାଟ (ବୁଧବାର) କେନ୍ଦୁମୁଣ୍ଡାଠାରେ ଥିବା ବେଳେ ଉତ୍କଳ ଗ୍ରାମୀଣ ବ୍ୟାଙ୍କ, ହାଇସ୍କୁଲ, ପ୍ରାଥମିକ ଚିକିତ୍ସାଳୟ, ପଶୁ ଡାକ୍ତରଖାନା, ସମବାୟ ସମିତି, ରାଜସ୍ୱ କାର୍ଯ୍ୟାଳୟ ରହିଛି । ଏହି ରାସ୍ତା ଗୁରୁତ୍ୱପୂର୍ଣ୍ଣ ଥିବା ସତ୍ତ୍ୱେ ପ୍ରଶାସନ ଏହି ରାସ୍ତା ପ୍ରତି ଦୃଷ୍ଟି ନ ଦେବା ଅଞ୍ଚଳର ଜନସାଧାରଣ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଡଙ୍ଗରୀଗୁଡାଠାରୁ କେନ୍ଦୁମୁଣ୍ଡା ପ୍ରାୟ ୫ କି.ମି. ଦୂରବର୍ତ୍ତି ଥିବା ବେଳେ ରାସ୍ତାରେ ଖାଲଖମା ଓ କାଦୁଅରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସ୍ଥାନୀୟ ସରପଞ୍ଚଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନକୁ ସ୍ଥାନୀୟ ଲୋକେ ହାରିଗୁହାରି କଲେ ମଧ କେହି ଶୁଣୁ ନ ଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି । ସରକାର ଗ୍ରାମାଞ୍ଚଳ ରାସ୍ତା ଉନ୍ନତିକରଣ ନାମରେ କୋଟି ଏହି ରାସ୍ତା ପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି ।

### ମେଗା ଉଠା ଜଳସେଚନ ପ୍ରକଳ୍ପ ଥାଇ ମରୁଡି ଚିନ୍ତା

# ଜିଲାପାଳଙ୍କୁ ଫେରାଦ ହେଲେ ଚାଷୀ

**ବଲାଙ୍ଗୀର ଅଫିସ, ୫।୮**



ମେଗା ଉଠା ଜଳସେଚନ ପ୍ରକଳ୍ପ ପାଣି ଦାବିରେ ବଡବାହାଲ ଅଞ୍ଚଳର ଚାଷୀ ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟକୁ ଆସିଛନ୍ତି ।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ କେନ୍ଦୁଘାଟ ମୌଜାର ତେଲନଦୀ କଡରେ ଶାସନପାଲି ମେଗା ଉଠା ଜଳସେଚନ ପ୍ରକଳ୍ପ ରହିଛି । ମେଗା ଉଠା ଜଳସେଚନ ପ୍ରକଳ୍ପ ଥିଲେ ବି କେନ୍ଦୁଘାଟ ମୌଜାର ଚାଷ ଜମିରେ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି । ଏହାକୁ ନେଇ ଏହି ଅଞ୍ଚଳର ବହୁ ଚାଷୀ ସୋମବାର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସି ଦାବିପତ୍ର ପ୍ରଦାନ କରିଥିଲେ । ତେଲନଦୀର ବ୍ରାହ୍ମଣୀ ନିକଟରେ ମେଗା ଉଠା ଜଳସେଚନ ପ୍ରକଳ୍ପ କରାଯିବାକୁ ପ୍ରଥମେ ପ୍ରସ୍ତାବ ଦିଆଯାଇଥିଲା । ଏହିଠାରେ ପ୍ରକଳ୍ପ ହେଲେ ପାଣି ସମସ୍ୟା ଦେଖାଯିବ ନାହିଁ ବୋଲି ଚାଷୀମାନେ ସେତେବେଳେ ପ୍ରସ୍ତାବ ଦେଇଥିଲେ । ମାତ୍ର ସ୍ଥାନୀୟ ଚାଷୀଙ୍କ ପ୍ରସ୍ତାବକୁ ଅଣଦେଖା କରି କାମ କରୁଥିବା ଏଲଏଣ୍ଡଟି କମ୍ପାନୀ ପ୍ରସ୍ତାବିତ ସ୍ଥାନରୁ ୩୦୦ ମିଟର ଦୂରରେ ମେଗା ଉଠା ଜଳସେଚିନ ପ୍ରକଳ୍ପ ବସାଇଲା । ଏବେ ଏହି ପ୍ରକଳ୍ପରୁ କେନ୍ଦୁଘାଟ ମୌଜାକୁ ପାଣି ମିଳୁ ନ ଥିବାରୁ ପାଖରେ ପ୍ରକଳ୍ପ ଥିଲେ ମଧ ବଡବାହାଲ ଗ୍ରାମ ପଞ୍ଚାୟତର ଚାଷୀମାନେ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି । ଫଳରେ ଏବେ ଏହି ଅଞ୍ଚଳରେ ମରୁଡି ପରିସ୍ଥିତି ଦେଖାଦେଇଛି । ମେଗା ପ୍ରକଳ୍ପର ପାଇପ୍ କେନ୍ଦୁଘାଟ ଓ ବଡବାହାଲ ଗ୍ରାମର ଚାଷୀଙ୍କ ଜମି ତଳ ଦେଇ ଗୁଡଭେଲା ବ୍ଲକ୍‌ର ଚିଞ୍ଚେଡ ଅଞ୍ଚଳକୁ ନିଆ ଯାଇଥିଲେ ମଧ ବଡବାହାଲ ଓ କେନ୍ଦୁଘାଟ ଅଞ୍ଚଳରେ ପାଣି ଟ୍ୟାପ୍ ଦିଆଯାଇ ନାହିଁ। ଫଳରେ ଏଠାକାର ଚାଷୀ ପାଣି ନ ପାଇ ଘୋର ଅସୁବିଧା ସମ୍ମୁଖୀନ ହେଉଛନ୍ତି । ଏବେ ବର୍ଷାଭାବରୁ ମରୁଡି ପରିସ୍ଥିତି ଦେଖାଦେଇଥିବାବେଳେ ତେଲଦନୀର ପାଣିକୁ ମେଗା ଉଠା ଜଳସେଚନ ପ୍ରକଳ୍ପ ଜରିଆରେ ବଡବହାଲ ଓ କେନ୍ଦୁଘାଟ ଅଞ୍ଚଳର ଚାଷୀଙ୍କ କ୍ଷେତକୁ ପହଞ୍ଚାଯାଇ ପାରୁନାହିଁ । ଏନେଇ ଚାଷୀମାନେ ବାରମ୍ବାର ଏଲଏଣ୍ଡଟି କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ବ୍ଲକ୍ ପ୍ରଶାସନକୁ ବାରମ୍ବାର ଅବଗତ କରିଥିଲେ ମଧ କେହି ଶୁଣୁନାହାନ୍ତି । ଫଳରେ ବଡବାହାଲ ଅଞ୍ଚଳର ବହୁ ଚାଷୀ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ବର୍ତ୍ତମାନର ମରୁଡି ପରିସ୍ଥିତି ଓ ଏହାର ସମାଧାନ ନେଇ ଦାବିପତ୍ର ପ୍ରଦାନ କରିଥିଲେ । ଚାଷୀମାନେ ଦାବି କରିଛନ୍ତି ଯେ, କେନ୍ଦୁଘାଟ ମୌଜାରେ ପାଣି ଟ୍ୟାପ୍ ଦିଆଯାଉ । ଏହା ସହିତ କେନ୍ଦୁଘାଟ-ବଡବାହାଲ ଓ ଚନ୍ଦନପାଲି ରାସ୍ତାର ଉଭୟ କଡରେ ମେଗା ଉଠା ଜଳସେଚନ ପ୍ରକଳ୍ପ ପାଇପ୍ ଟ୍ୟାପ୍ ଦିଆଯିବାକୁ ଦାବି କରିଛନ୍ତି । ତୁରନ୍ତ ପାଣି ନ ଯୋଗାଇଲେ ମରୁଡି ପରିସ୍ଥିତି ସାଂଘାତିକ ହୋଇପଡିବ ବୋଲି ଚାଷୀମାନେ ଜିଲାପାଳ ଅରିନ୍ଦମ ଡାକୁଆଙ୍କୁ ଅବଗତ କରିଥିଲେ। ଏଦିଗରେ ବିହିତ ପଦକ୍ଷେପ ନେବେ ବୋଲି ଜିଲାପାଳ ଡାକୁଆ ପ୍ରତିଶ୍ରୁତି ଦେଇଥିବା ଜଣାଇଛନ୍ତି ।

## ଗୋଳାବାରୁଦ କାରଖାନା ନିଲାମୀକରଣ ବିରୋଧରେ ସ୍ମାରକପତ୍ର

**ସଇଁତଲା, ୫।୮ (ଡି.ଏନ.ଏ.)**

କେନ୍ଦ୍ର ସରକାର ସର୍ବଭାରତୀୟସ୍ତରରେ ଥିବା ୪୧ଟି ଗୋଳାବାରୁଦ କାରଖାନାକୁ ନିଲାମୀକରଣ ପ୍ରସ୍ତାବ ରହିଛି। ଏହିକ୍ରମରେ ବଡ଼ମାଲ ଗୋଳାବାରୁଦ କାରଖାନାର ସମସ୍ତ ଶ୍ରମିକ ସଂଗଠନ, ଅଧିକାରୀମାନଙ୍କ ଆସୋସିଏଶନ ତରଫରୁ ସୋମବାର ରାଜ୍ୟ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତିମନ୍ତ୍ରୀ ଟୁକୁନି ସାହୁଙ୍କୁ ଭେଟି ଏକ ଦାବିପତ୍ର ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଜରିଆରେ ଏହି ପ୍ରସ୍ତାବକୁ ପ୍ରତ୍ୟାହାର କରିବା ପାଇଁ କୁହାଯାଇଛି। ସୋମବାର ଅପରାହ୍ନରେ ମନ୍ତ୍ରୀ ସାହୁ ବଡ଼ମାଲ ଗୋଳାବାରୁଦ କାରଖାନା ଅଞ୍ଚଳକୁ ଆସିଥିବାବେଳେ ନିଲମୀକରଣକୁ ବିରୋଧ କରି ଗଠନ କରାଯାଇଥିବା ସଂଘର୍ଷ ସମିତି ସଭାପତି ପ୍ରମୋଦ କିଶୋର ଦାସ, ଉପସଭାପତି ସନାତନ ନାଗ, ସମ୍ପାଦକ ରବିନ୍ଦ୍ର ମିଶ୍ର, ସହସମ୍ପାଦକ ସଞ୍ଜୀବ ବଗର୍ତ୍ତୀ, କୋଷାଧ୍ୟକ୍ଷ ସତ୍ୟପ୍ରେମ ମାଝୀ ପ୍ରମୁଖ ଭେଟିଥିଲେ । ମନ୍ତ୍ରୀ ସାହୁ ଖୁବ୍ ଶୀଘ୍ର ମୁଖ୍ୟମନ୍ତ୍ରୀଙ୍କୁ ଏ ସମ୍ପର୍କରେ ଅବଗତ କରି ପଦକ୍ଷେପ ନେବା ପାଇଁ ଜଣାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

### ଜମ୍ମୁ-କଶ୍ମୀରରେ ଧାରା ୩୭୦ ଉଚ୍ଛେଦ ପ୍ରସଙ୍ଗ

# ଉପତ୍ୟକାର ଯୁବପିଢ଼ିଙ୍କ ଆସ୍ଥା ଜିଣିବା ଗୁରୁତ୍ୱପୂର୍ଣ୍ଣ

ଦେଶ ସ୍ୱାଧୀନ ହେବା ପରଠାରୁ ଜମ୍ମୁ-କଶ୍ମୀରର ଯେଉଁ ଧାରାକୁ ନେଇ ସବୁଠୁ ଅଧିକ ଆଲୋଚନା ହେଉଥିଲା ତାକୁ ସରକାର ଆଜି ସଂସଦରେ ଉଚ୍ଛେଦ କରିଦେଇଛନ୍ତି । ଏହାକୁ ନେଇ ଦେଶବ୍ୟାପୀ ସରଗରମ ଆଲୋଚନା ଆରମ୍ଭ ହୋଇଛି। ଏହି ଚର୍ଚ୍ଚିତ ପ୍ରସଙ୍ଗକୁ ନେଇ ବଲାଙ୍ଗୀରରେ ମଧ ବେଶ୍ ଉତ୍ସୁକତା ଦେଖାଦେଇଛି । ଏହାକୁ ନେଇ ଏକ ଉପସ୍ଥାପନା ।



ସବୁ ଦିଗରୁ ବିଚାର କଲେ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ବହୁ ପୂର୍ବରୁ ଏହା କରିବାର ଥିଲା । ଯେଉଁ ସକରାତ୍ମକ ଉଦ୍ଦେଶ୍ୟ ନେଇ ସରକାର ଏହି ପଦକ୍ଷେପ ନେଇଥିବା କହୁଛନ୍ତି ତାହା କିଭଳି କାର୍ଯ୍ୟକାରୀ ହୋଇପାରିବ ସେଦିଗରେ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଛି । ଉପତ୍ୟକାର ଯୁବପିଢ଼ିଙ୍କ ଆସ୍ଥା ଓ ବିଶ୍ୱାସ ଜିଣିବା ହିଁ ଏବେ ଗୁରୁତ୍ୱପୂର୍ଣ୍ଣ। ଉପତ୍ୟକାର ଦ୍ରୁତ ଉନ୍ନତି, ମହିଳାଙ୍କ ଅଧିକାର, ଶିକ୍ଷା, ସ୍ୱାସ୍ଥ୍ୟ ଓ ଭିତ୍ତିଭୂମିର ବିକାଶ ହେଲେ ସେଠାକାର ଲୋକେ ଉପକୃତ ହେବେ । ସେଦିଗରେ ସରକାର ଦାୟିତ୍ୱର ସହ କାର୍ଯ୍ୟ କରିବା ଉଚିତ୍ । ଏହାକୁ ବିଜୟ ବୋଲି ନ ଭାବି ଗଠନମୂଳକ ପଦକ୍ଷେପ ଭାବେ ଗ୍ରହଣ କଲେ ସମସ୍ତଙ୍କ ମଙ୍ଗଳ ହେବ ।

**-ପ୍ରଫେସର ମଧୁସୂଦନ ପତି, ଶିକ୍ଷାବିତ୍, ବଲାଙ୍ଗୀର**



ଜମ୍ମୁ ଓ କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ହେବା ଭାରତବାସୀ ଦୀର୍ଘଦିନରୁ ଚାହୁଁଥିଲେ । ସମୟକ୍ରମେ ଏହି ଧାରା କ୍ଷୟପ୍ରାପ୍ତ ହୋଇ ଉଚ୍ଛେଦ ହେବ ବୋଲି ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ସଂସଦରେ ପ୍ରକାଶ ମଧ କରିଥିଲେ । ୩୭୦ ଧାରାର ୨ ଓ ୩ ଅନୁଚ୍ଛେଦକୁ ବର୍ତ୍ତମାନ ଉଚ୍ଛେଦ କରାଯାଇଛି । ଏହାକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରାଯାଇ ଦେଶରେ ୟୁନିଫର୍ମ ସିଭିଲ କୋଡ ଲାଗୁ କରିବା ସମଗ୍ର ଦେଶବାସୀ ଚାହାଁନ୍ତି । **- ହେମନ୍ତ କୁମାର ପଣ୍ଡା, ସୂଚନା ଅଧିକାର କର୍ମୀ**



ଆଜି ସ୍ୱାଧୀନ ଭାରତ ପାଇଁ ଏକ ସ୍ୱର୍ଣ୍ଣିମ ଦିବସ । ଜମ୍ମୁ ଓ କଶ୍ମୀରରେ ଯେଉଁ ୩୭୦ ଓ ୩୫କ ଧାରା ଭାରତରେ ସମ୍ପୂର୍ଣ୍ଣ ସମ୍ମିଶ୍ରଣ ପାଇଁ ବାଧକ ହେଉଥିଲା ଏବଂ ହିଂସା ଓ ଆତଙ୍କବାଦ ସୃଷ୍ଟି କରିବାରେ ସହାୟକ ହେଉଥିଲା ତାହାର ଏବେ ବିଲୋପ ହେବାକୁ ଯାଉଛି । ଏହି ଐତିହାସିକ ତ୍ରୁଟିକୁ ସଂଶୋଧନ କରିବାରେ ପ୍ରଧାନମନ୍ତ୍ରୀ ମୋଦି ଓ ଗୃହମନ୍ତ୍ରୀ ଶାହା ଯେଉଁ ରାଜନୈତିକ ଇଚ୍ଛାଶକ୍ତି ତଥା ସାହସ ପ୍ରଦର୍ଶିତ କରିଛନ୍ତି ତାହା ବାସ୍ତବରେ ଅଦ୍ୱିତୀୟ ଓ ପ୍ରଶଂସନୀୟ । ଜମ୍ମୁ-କଶ୍ମୀର ଓ ଲଦାଖ ପାଇଁ ଏକ ଶାନ୍ତ ତଥା ସମୃଦ୍ଧଶାଳୀ ଭବିଷ୍ୟତ ଯେ ଅପେକ୍ଷାରତ- ଏହା ନିଃସନ୍ଦେହ ।

**- ଜୟକୃଷ୍ଣ ସାହୁ, ଆଇନଜୀବୀ, ବଲାଙ୍ଗୀର**

**ରିପୋର୍ଟ: ବୀରେନ୍ଦ୍ର ଝାଙ୍କର**

### ଶିଶୁ ବିକାଶ ମନ୍ତ୍ରୀଙ୍କ ଗୁଡଭେଲା ଗସ୍ତ

# ଅଞ୍ଚଳର ବିକାଶ ଉପରେ ଗୁରୁତ୍ୱ

**ଗୁଡଭେଲା, ୫।୮ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଗମ୍ଭାରୀଗୁଡା ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ସୋମବାର ରାଜ୍ୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ ପରିଦର୍ଶନ କରିଥିଲେ। ସରକାରୀ ସୁବିଧା ଯେପରି ଲୋକଙ୍କ ପାଖରେ ପହଞ୍ଚିପାରିବ ଏବଂ ଅଞ୍ଚଳର ବିକାଶ ଅଧିକରୁ ଅଧିକ ହୋଇ ପାରିବ ତାହା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ସିକେର ପାହାଡ ଉପରେ ଥିବା ଗଭାରସା ଗ୍ରାମରେ ୭ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଅଙ୍ଗନୱାଡି ଗୃହ ସେ ବୁଲି ଦେଖିବା ସହ ମହିଳାମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ବର୍ଷା ଦିନରେ ପାହାଡରୁ ବୋହି ଆସୁଥିବା ପାଣିର ନିଷ୍କାସନ ବ୍ୟବସ୍ଥା ନଥିବାରୁ ପ୍ରାୟ ସମୟରେ ଗ୍ରାମ ଭିତରକୁ ପାଣି ଆସୁଛି । ଗ୍ରାମବାସୀଙ୍କଠାରୁ ଏହି ସମସ୍ୟା ଜାଣିବା ପରେ ପାଣି ନିଷ୍କାସନ ବ୍ୟବସ୍ଥା କରିବା ପାଇଁ ପ୍ଲାନ ତିଆରି କରିବାକୁ ଉପସ୍ଥିତ ଯନ୍ତ୍ରୀ ଦେବେନ୍ଦ୍ର ମହାନନ୍ଦକୁ ନିର୍ଦ୍ଦେଶ ଦେଇଥିଲେ ମନ୍ତ୍ରୀ। ପରେ ମନ୍ତ୍ରୀ ସେଠିକାର ପ୍ରାଥମିକ ବିଦ୍ୟାଳୟକୁ ଯାଇ ପିଲାଙ୍କ ପାଠପଢାର ସ୍ଥିତି ପରଖିଥିଲେ। ଏହାପରେ ଠେଲକୋଭେଲା ଗ୍ରାମକୁ ଯାଇ ଲୋକଙ୍କ ବିଭିନ୍ନ ସୁବିଧା ଅସୁବିଧା ପଚାରି ବୁଝିଥିଲେ ଶିଶୁ ବିକାଶ ମନ୍ତ୍ରୀ। ଗାଁ ରାସ୍ତାର ଉନ୍ନତିକରଣ ପାଇଁ ସେ ବିଡିଓ ରାମବିଲାସ ମଙ୍ଗରାଜଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଗାଁକୁ ସ୍ୱାସ୍ଥ୍ୟ ସେବା ଯେପରି ପହଞ୍ଚି ପାରିବ ସେ ନେଇ ଧ୍ୟାନ ଦେବାକୁ ଉପସ୍ଥିତ ଥିବା ଡାକ୍ତର ଲଲାଟେନ୍ଦୁ ନାୟକଙ୍କୁ ମନ୍ତ୍ରୀ ସାହୁ ନିର୍ଦ୍ଦେଶ ଦେଇଥିଲେ । ସିକେଲପଦର ଗ୍ରାମ ଗସ୍ତବେଳେ ଲୋକେ ଆଜି ପର୍ଯ୍ୟନ୍ତ କାଳିଆ ଟଙ୍କା ପାଇ ନଥିବା ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବେଲଗାଁ ଓ ବଡ ତରଙ୍ଗମୁଣ୍ଡା ଗ୍ରାମବାସୀ ବୃହତ ଉଠା ଜଳ ପ୍ରକଳ୍ପଗୁଡିକ କାମରେ ଆସୁ ନ ଥିବା ମନ୍ତ୍ରୀଙ୍କ ନିକଟରେ ଫେରାଦ ହୋଇଥିଲେ । ଏହି ଗସ୍ତ ସମୟରେ ଜିଲା ସମାଜ ମଙ୍ଗଳ ଅଧିକାରୀ ବିନୋଦିନୀ ପ୍ରଧାନ, ମମତା ଯୋଜନା ଜିଲା କୋଅର୍ଡିନେଟର ଶିବାନୀ ଠାକୁର, ମିଶନ ଶକ୍ତିର ସୁମନ ଦ୍ୱିବେଦୀ, ବ୍ଲକ ସମନ୍ୱିତ ଶିଶୁ କାର୍ଯ୍ୟାଳୟ ଅଧିକାରିଣୀ ସୌଦାମିନୀ ପ୍ରଧାନ, ରୁଷୁରା ଏନଏସି ଅଧକ୍ଷା ଭାଗ୍ୟଶ୍ରୀ ନାଗ, ବଡଙ୍ଗୋମୁଣ୍ଡା ସରପଞ୍ଚ ପ୍ରଭାସିନୀ ପ୍ରଧାନ, ବିଜେଡି ନେତା ନୀରୋଦ ନାଗ, ନଗର ବିଜେଡି ସଭାପତି ଅଜୟ ଜୟସ୍ୱାଲ ପ୍ରମୁଖ ଉପସ୍ଥିତ ଥିଲେ ।

## ଚିଞ୍ଚେଡ, ରୁଷୁଡା ପଞ୍ଚାୟତକୁ ନେଇ ଚାଷୀ ସଙ୍ଗଠନ ଗଠିତ

**ଗୁଡଭେଲା, ୫।୮ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଅନ୍ତର୍ଗତ ଚିଞ୍ଚେଡ ଓ ରୁଷୁଡା ଗ୍ରାମ ଗ୍ରାମ ପଞ୍ଚାୟତର ଚାଷୀଙ୍କୁ ନେଇ ଏକ ଚାଷୀ ସଂଗଠନ ଗଠିତ ହୋଇଛି। ରୁଷୁଡା ଗ୍ରାମରେ ସରପଞ୍ଚ ଗୋପାଳ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଚାଷୀମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏଥିସହ ଆଗାମୀ ଦିନରେ କିପରି ସରକାରୀ ସୁବିଧା ମିଳିପାରିବ ସେ ନେଇ ପଦକ୍ଷେପ ନେବାକୁ ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଏହି ଅବସରରେ ସର୍ବସମ୍ମତି କ୍ରମେ ଏକ କମିଟି ଗଠିତ ହୋଇଥିଲା। ସଭାପତିଭାବେ ପୃଥିରାଜ ନନ୍ଦ, ଉପସଭାପତି କୈଳାସ ବେହେରା, ସମ୍ପାଦକ ମହୋ ନାଗ, ସହ ସମ୍ପାଦକ ଟୁକୁଜାନୀ ଓ ଦେବରାଜ ସାହୁ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ । ଋଷିରାମ ଚନ୍ଦନ, ପ୍ରକାଶ ଚନ୍ଦନ, ରବିନ୍ଦ୍ର ସେଠ, ଦୈତାରୀ ଆଚାର୍ଯ୍ୟ, ବେଦବ୍ୟାସ ସାହୁ, ତରୁଣ ପୁଟେଲ ପ୍ରମୁଖ କାର୍ଯ୍ୟକାରିଣୀ କମିଟିରେ ରହିଛନ୍ତି।

## ୭୫ଜଣଙ୍କୁ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ

**ଗୁଡଭେଲା, ୫।୮ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତର ୭୫ଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ସୋମବାର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ ବଣ୍ଟନ କରିଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏହି ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକମରେ ବିଡିଓ ରାମ ବିଲାସ ମଙ୍ଗରାଜ, ସରପଞ୍ଚ ହେମ ମାଝୀ, କନିଷ୍ଠ ଯନ୍ତ୍ରୀ ଦେବେନ୍ଦ୍ର ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଧାର୍ଯ୍ୟ ସମୟ ମଧ୍ୟରେ ଗୃହ ନିର୍ମାଣ କାର୍ଯ୍ୟ ଶେଷ କରି ସରକାରୀ ଘୋଷିତ ପ୍ରୋତ୍ସାହନ ରାଶି ହାସଲ କରିବାକୁ ହିତାଧିକାରୀମାନଙ୍କୁ ଅଧିକାରୀମାନେ ପରାମର୍ଶ ଦେଇଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜକିଶୋର ସାହୁ ଧନ୍ୟବାଦ ଦେଇଥିଲେ।



ଜଣେ ହିତାଧିକାରୀଙ୍କୁ ମନ୍ତ୍ରୀ ଟୁକୁନୀ ସାହୁ କାର୍ଯ୍ୟାଦେଶ ବଣ୍ଟନ କରୁଛନ୍ତି ।

# ୟୁଜିବିରେ ତାଲାଦେଇ ଯୁବକ ଗିରଫ

## ଅଢ଼େଇ ଘଣ୍ଟା ପରେ କର୍ମଚାରୀଙ୍କୁ ଉଦ୍ଧାର କଲା ପୋଲିସ

**ଦେଓଗାଁ, ୫।୮ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମହଲାଇ ଉତ୍କଳ ଗ୍ରାମୀଣ ବ୍ୟାଙ୍କ(ୟୁଜିବି), ପଞ୍ଚାୟତ କାର୍ଯ୍ୟାଳୟ ଓ ପ୍ରାଥମିକ କୃଷି ସେବା ସମବାୟ ସମିତି ଗୋଦାମ ଗୃହ ନିର୍ମାଣ ହୋଇଥିବା ସ୍ଥାନକୁ ଗାଁର ମୋତିଲାଲ ମାଝୀ ଅନେକ ଦିନହେଲା ପୈତୃକ ସମ୍ପତ୍ତି ବୋଲି ଦାବି କରି ଆସୁଛନ୍ତି । ଏ ନେଇ ସୋମବାର ଅପରାହ୍ନ ପ୍ରାୟ ୨ଟା୩୦ରେ ସେ ବ୍ୟାଙ୍କକୁ ଆସି କର୍ମଚାରୀଙ୍କୁ ବାହାରକୁ ଆସିବାକୁ କହିଥିଲେ। ପରେ ବ୍ୟାଙ୍କ ଭିତରେ ମ୍ୟାନେଜର ଅରୁଣ ଦୀପ, କ୍ୟାଶିୟର ଅଭିଜିତ ଗଡତ୍ୟା ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ରାଜେନ୍ଦ୍ର ପଧାନଙ୍କୁ ବାହାର ପଟରୁ ତାଲା ପକାଇ ଦେଇଥିଲେ । ଏଥିସହ ପଞ୍ଚାୟତ ରାଜୀବ ସେବାକେନ୍ଦ୍ରରେ ମଧ ତାଲା ପକାଇ ଦେଇଥିଲେ । ଏ ସଂକ୍ରାନ୍ତରେ ଅଭିଯୋଗ ପାଇ ଦେଓଗାଁ ଥାନା ପୋଲିସ ଟିମ ଘଟଣାସ୍ଥଳରେ ପହଞ୍ଚି ଥିଲେ । ସନ୍ଧ୍ୟା ପ୍ରାୟ ୫ଟାରେ ବ୍ୟାଙ୍କ ମ୍ୟାନେଜର, କ୍ୟାଶିୟର ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ତାଲା ଖୋଲି ଉଦ୍ଧାର କରିଥିଲେ। ପରେ ମୋତିଲାଲ ମାଝୀଙ୍କୁ ଥାନାକୁ ଅଣାଯାଇଥିଲା । ବ୍ୟାଙ୍କ ମ୍ୟାନେଜର ଦୀପଙ୍କ ଅଭିଯୋଗକୁ ଭିତ୍ତି କରି ଅଧିକ ତଦନ୍ତ ଜାରି ରହିଥିବା କହିଛନ୍ତି ଥାନା ଅଧିକାରୀ ଲୋକନାଥ ଭୋଇ । ଘଟଣାକୁ କେନ୍ଦ୍ରକରି ପଞ୍ଚାୟତ ତରଫରୁ ମଧ ମୋତିଲାଲଙ୍କ ବିରୋଧରେ ଥାନାରେ ଅଭିଯୋଗ ହୋଇଛି । ପ୍ରକାଶ ଯେ, ଗତ ୨୦୧୭ ମସିହାରେ ମହଲାଇର ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ, ପଞ୍ଚାୟତ କାର୍ଯ୍ୟାଳୟ ଓ ପ୍ରାଥମିକ କୃଷିସେବା ସମବାୟ ସମିତି ଗୋଦାମ ଗୃହ ନିର୍ମାଣ ହୋଇଥିବା ସ୍ଥାନକୁ ନିଜର ପୈତୃକ ସମ୍ପତ୍ତି ଓ ଏହାକୁ ମୋର ପୂର୍ବଜ ଦାନ ସୂତ୍ରରେ ଦେଇଥିଲେ ବୋଲି କହିଥିଲେ। ଏବେ ଏହା ମୋର ଦଖଲରେ ରହିଥିବାରୁ ଉକ୍ତ ସ୍ଥାନକୁ ଛାଡିବାକୁ ଦାବି କରି ଚାରିପଟେ ତାରବାଡ ପକାଇ ଥିଲେ ମୋତିଲାଲ । କିଛିମାସ ଧରି ବ୍ୟାଙ୍କ, ପ୍ୟାକ୍ସ ଓ ପଞ୍ଚାୟତ ସେବାରେ ବ୍ୟାଘାତ ସୃଷ୍ଟି ହୋଇଥିଲା। ପରେ ବୁଝାମଣା ସୂତ୍ରରେ ପୁନଶ୍ଚ ବ୍ୟାଙ୍କ ଓ ପ୍ୟାକ୍ସ କାର୍ଯ୍ୟ ସ୍ୱାଭାବିକ ଭାବେ ଚାଲିଥିଲା । କିନ୍ତୁ ପଞ୍ଚାୟତକୁ ରାସ୍ତା ନ ଦେବାରୁ ପଞ୍ଚାୟତ କାର୍ଯ୍ୟାଳୟ ନିକଟସ୍ଥ ରାଜୀବ ସେବାକେନ୍ଦ୍ରରେ ଚାଲୁ ରହିଛି । ଏ ଦିଗରେ ପ୍ରଶାସନ ଏକ ସ୍ଥାୟୀ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ମହଲାଇ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରେ ବନ୍ଦ ଥିବା କର୍ମଚାରୀଙ୍କୁ ପୋଲିସ ଉପସ୍ଥିତିରେ ଉଦ୍ଧାର କରାଯାଉଛି ।

### ଚାରି ବର୍ଷ ବାଳକ ଅଣ୍ଟାରେ ବଥ

# ଚିକିତ୍ସା ପାଇଁ ଜିଲାପାଳଙ୍କୁ ନିବେଦନ

**ବଲାଙ୍ଗୀର ଅଫିସ, ୫।୮**

ବଲାଙ୍ଗୀର ଜିଲା ଝରନିପାଲି ଗ୍ରାମ ପଞ୍ଚାୟତର ପଥରମୁଣ୍ଡା ଗାଁରେ ଗୋପ ତାଣ୍ଡିଙ୍କ ପୁଅ ସମ୍ରାଟ(୪)ଙ୍କ ଅସୁସ୍ଥତାକୁ ନେଇ ପରିବାର ଲୋକେ ଚିନ୍ତାରେ ପଡିଛନ୍ତି । ଜନ୍ମରୁ ସମ୍ରାଟ ଠିକ୍‌ଠାକ୍ ଥିଲେ । ପ୍ରାୟ ଅଢ଼େଇ ବର୍ଷ ତଳେ ତାଙ୍କ ଅଣ୍ଟାରେ ଏକ ବଥ ଭଳି ବାହାରିବା ଆରମ୍ଭ କରିଥିଲା । ଏହାପରେ ସମ୍ରାଟ୍ ଅସୁସ୍ଥ ହୋଇପଡିଥିଲେ । ଗୋପ ତାଣ୍ଡି ସମ୍ରାଟଙ୍କୁ ନେଇ ବିଭିନ୍ନ ହସପିଟାଲରେ ଦେଖାଇ ହଜାର ହଜାର ଟଙ୍କାର ଔଷଧ କରିଥିଲେ ମଧ ଆରୋଗ୍ୟ ଲାଭ କରିନଥିଲେ । ଅଣ୍ଟାରେ ବଥ ଯୋଗୁଁ ସେ ଠିକ୍ ଭାବେ ବସିପାରୁନାହାନ୍ତି କି ଶୋଇ ପାରୁନାହାନ୍ତି । ସମ୍ରାଟ୍‌ଙ୍କ ଉଚ୍ଚତର ଚିକିତ୍ସା ଆବଶ୍ୟକ ପଡୁଥିବାବେଳେ ଦିନ ମଜୁରିଆ କାର୍ଯ୍ୟ କରୁଥିବା ଗୋପ ତାଣ୍ଡି ଚିନ୍ତାରେ ପଡିଛନ୍ତି । ସମ୍ରାଟଙ୍କୁ ଧରି ସୋମବାର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସି ଚିକିତ୍ସା ସହାୟତା ପାଇଁ ଜିଲାପାଳଙ୍କୁ ଅନୁରୋଧ କରିଥିଲେ । ଜିଲା ପ୍ରଶାସନ ତରଫରୁ ଆର୍ଥିକ ସହାୟତା ଯୋଗାଇଲେ ସମ୍ରାଟ୍‌ଙ୍କୁ ନେଇ ବଡ ମେଡିକାଲରେ ଚିକିତ୍ସା କରିପାରିବେ ବୋଲି ଗୋପ କହିଛନ୍ତି । ଗୋପଙ୍କ ପରିବାରରେ ସ୍ତ୍ରୀ, ଦୁଇ ଝିଅ ଓ ପୁଅ ସମ୍ରାଟ୍ ଅଛନ୍ତି । ପୁଅର ଅସୁସ୍ଥତା କାରଣରୁ ସେମାନେ କୌଣସି କାର୍ଯ୍ୟ କରି ନ ପାରି ଆର୍ଥିକ ସଙ୍କଟରେ ପଡିଥିବା ଗୋପ କହିଛନ୍ତି ।



ଜିଲାପାଳ କାର୍ଯ୍ୟାଳୟକୁ ଚିକିତ୍ସା ସହାୟତା ପାଇଁ ଆସିଥିବା ଗୋପ ତାଣ୍ଡି ଓ ସମ୍ରାଟ୍ ।



"ଗତକାଲି ଏକ ଅଚଳ ଚେକ୍। ଆସନ୍ତାକାଲି ପ୍ରୋମିସରି ନୋଟ୍। ଆଜି ହିଁ ନଗଦ ଧନ, ଏହାକୁ ବ୍ୟବହାର କର।
- ହିଟ୍‌ଲର



■ ରାଉରକେଲା ମହାନଗର ନିଗମ ନିର୍ବାଚନ ନେଇ ଅନିଶ୍ଚିତତା

# ରହିତାଦେଶ ଉଠାଇବାକୁ ବିଭାଗୀୟ ସଚିବଙ୍କୁ ଚିଠି

ରାଉରକେଲା ଅଫିସ,୫।୮

ରାଉରକେଲା ମହାନଗର ନିଗମ ନିର୍ବାଚନ ନେଇ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ପରସ୍ପର ଦୋଷାରୋପ ଜାରି ରହିଥିବାବେଳେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର ଏ ନେଇ ବିଭାଗୀୟ ସଚିବ ତଥା କମିଶନର ଜି. ମାଥିଭାଥନନଙ୍କୁ ସୋମବାର ପତ୍ର ଲେଖିଛନ୍ତି। ହାଇକୋର୍ଟରୁ ରହିତାଦେଶ ଉଠାଇବା ଦିଗରେ ପଦକ୍ଷେପ ନେବାକୁ ସେ ପତ୍ରରେ ନିବେଦନ କରିଛନ୍ତି। ଏଥିରେ ମହାପାତ୍ର କହିଛନ୍ତି ଯେ ୨୦୧୪ରୁ ଆର୍‌ଏମ୍‌ସି ଗଠନ ସତ୍ତ୍ୱେ ଆଜିପର୍ଯ୍ୟନ୍ତ ନିର୍ବାଚନ ହୋଇପାରୁନି। ହାଇକୋର୍ଟଙ୍କ ରହିତାଦେଶ ନିର୍ବାଚନରେ ବାଧକ ସାଜିଛି। କେବେ ସୁଦ୍ଧା ହାଇକୋର୍ଟ ରହିତାଦେଶ ଉଠାଇବେ ସେ ନେଇ ସରକାରଙ୍କ ପାଖରେ ନିର୍ଦ୍ଦିଷ୍ଟ ସୂଚନା ନାହିଁ। ଏପରି ଅବସ୍ଥାରେ ୪୦ ୱାର୍ଡ ବିଶିଷ୍ଟ ରାଉରକେଲା ମହାନଗର ନିଗମ ଅଞ୍ଚଳବାସୀ ନିର୍ବାଚିତ ଲୋକ ପ୍ରତିନିଧି ପାଇବାରୁ ବଞ୍ଚିତ ରହିଛନ୍ତି। ଏହାଦ୍ୱାରା ଉନ୍ନୟନ କାମରେ ବାଧା ଲାଗି ରହିଛି। ରାସ୍ତା, ବିଜୁଳି, ପାନୀୟ ଜଳ, ସ୍ୱାସ୍ଥ୍ୟସେବା ଆଦି କ୍ଷେତ୍ରରେ ବିକାଶ ସମ୍ଭବ ହୋଇପାରୁନି। ୨୦୧୫ରୁ ଆର୍‌ଏମ୍‌ସି ନିର୍ବାଚନ ନେଇ ଅଚଳାବସ୍ଥା ଲାଗି ରହିଛି। ଏଠାରେ କମିଶନରେଟ ପୋଲିସ ବ୍ୟବସ୍ଥା ଲାଗୁ ହୋଇପାରୁନି। କେବଳ ନାଁକୁ ମାତ୍ର ମହାନଗର ଘୋଷଣା କରି ସରକାର ଚୁପ୍ ବସିଛନ୍ତି। ନିର୍ବାଚନ ନେଇ ଯେଉଁ ରହିତାଦେଶ ଜାରି କରାଯାଇଛି ସେଥିରେ ସରକାର ମୁଣ୍ଡ ଖେଳାଉନାହାନ୍ତି। ଲକ୍ଷାଧିକ ଲୋକଙ୍କ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଆଜି ବିଜେଡି ପାଇଁ ଗୌଣ ହୋଇପଡ଼ିଛି। ନିର୍ବାଚିତ ଲୋକ ପ୍ରତିନିଧି ନ ଥିବାରୁ ସ୍ୱେରେଜ୍ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ିରହିଛି। ସହରସାରା ଖାଲଖମାପୂର୍ଣ୍ଣ ଅବସ୍ଥା। ଏହା ଲୋକଙ୍କ ଯାତାୟାତରେ ଗମ୍ଭୀର ପରିସ୍ଥିତି ସୃଷ୍ଟି କରିଛି। ଏବେ ବର୍ଷା ଆରମ୍ଭ ହୋଇଯାଇଥିବା ବେଳେ ଅଧିକାଂଶ ସ୍ଥାନରେ ଡ୍ରେନ୍ କାମ କରୁନି। ବର୍ଷା ଜଳ ନାଳ ବାଟେ ନ ଯାଇ ରାସ୍ତା ଉପରେ ଭାସୁଛି। ସରକାରୀ କର୍ମଚାରୀଙ୍କୁ ନେଇ ଉନ୍ନୟନ ଚିନ୍ତା କରୁଥିବା ରାଜ୍ୟ ସରକାର କେବେ ସୁଦ୍ଧା ଏଠାରେ ନିର୍ବାଚନ କରାଇବେ ସେ ଦିଗରେ ନୀରବ ରହିଛନ୍ତି। ଏବେ ୩ୟ ରେଳ ଲାଇନ ନେଇ ୯ ବସ୍ତି ଉଚ୍ଛେଦ କରାଯିବାକୁ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏଠାରେ ବସବାସ କରୁଥିବା ଲୋକେ ଯିବେ କୁଆଡ଼େ ସେ ନେଇ କାହା ପାଖରେ ଉତ୍ତର ନାହିଁ। ଉଭୟ କେନ୍ଦ୍ର ଓ ରାଜ୍ୟ କ୍ଷମତାରେ ଥିବା ସରକାର ଏନେଇ ଚିନ୍ତିତ ନୁହନ୍ତି। ଥଇଥାନ ବିନା ବସ୍ତିବାସିନ୍ଦାଙ୍କ ଜୀବନ ଦୁର୍ବିସହ ହୋଇପଡ଼ିବ। ରେଲୱେକୁ ୨୫ ଫୁଟ ଜମି ଆବଶ୍ୟକ ଥିବାବେଳେ କାହିଁକି ୭୦ଫୁଟ ଜମି ଅଧିଗ୍ରହଣ କରାଯିବ ସେ ନେଇ ମହାପାତ୍ର ପ୍ରଶ୍ନ ଉଠାଇଛନ୍ତି। ବାସ ହରାଇବାକୁ ଯାଉଥିବା ବସ୍ତିବାସୀଙ୍କ ପାଇଁ ଚିନ୍ତା କରାଯିବା ଆବଶ୍ୟକ। ଆର୍‌ଏମ୍‌ସିରେ ଲୋକ ପ୍ରତିନିଧି ନ ଥିବାରୁ ଏମିତି ଅନେକ ସମସ୍ୟାରେ ଘାଣ୍ଟି ହେଉଛନ୍ତି ସହରବାସୀ। ବିଭାଗୀୟ ସଚିବ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବେ ବୋଲି ମହାପାତ୍ର ଆଶା ବ୍ୟକ୍ତ କରିଛନ୍ତି।



ସିଆଇଏସ୍‌ଏଫ୍ ପକ୍ଷରୁ ଆୟୋଜିତ ଜଳଶକ୍ତି ଅଭିଯାନରେ ଶୋଭାଯାତ୍ରା।

# ସିଆଇଏସ୍‌ଏଫ୍ ପକ୍ଷରୁ ଜଳଶକ୍ତି ଅଭିଯାନ

ରାଉରକେଲା ଅଫିସ,୫।୮

ଗୃହ ବିଭାଗ ଓ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ସିଆଇଏସ୍‌ଏଫ୍) ମୁଖ୍ୟାଳୟ ନିର୍ଦ୍ଦେଶ ଅନୁଯାୟୀ ଜୁଲାଇ ୨୬ରୁ ଅଗଷ୍ଟ ୫ ଯାଏ ରାଉରକେଲା ଷ୍ଟିଲ ପ୍ଲାଣ୍ଟରେ କାର୍ଯ୍ୟରତ ସିଆଇଏସ୍‌ଏଫ୍ ପକ୍ଷରୁ ଜଳ ସଂରକ୍ଷଣ ଦିବସ ପାଳିତ ହୋଇଛି। ଏହି ଅବସରରେ ୨୬ ତାରିଖରେ ସୁରକ୍ଷା ବଳ ରହୁଥିବା ସ୍ଥାନରେ ରିଚାର୍ଜ ପିଟ୍ ସ୍ଥାପନ ଓ ବୃକ୍ଷରୋପଣ କରିଥିଲେ। ୩୧ ତାରିଖରେ ଜଳ ସଂରକ୍ଷଣ ଲାଗି ଜନସେଚତନା ସୃଷ୍ଟି କରାଯାଇଥିଲା। ୨ ତାରିଖରେ ସୁରକ୍ଷା ବଳ ରହୁଥିବା ଅଞ୍ଚଳରେ ଥିବା ଅଙ୍କୁର ବିଦ୍ୟାଳୟରେ ଜଳ ସଂରକ୍ଷଣ ପାଇଁ ଏକ ନାଟକ ଆୟୋଜନ କରାଯିବା ସହ ସ୍କୁଲ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ୫ ତାରିଖରେ ଶପଥଗ୍ରହଣ ଉତ୍ସବ ପାଳନ ସହ ସର୍ବସାଧାରଣ ସ୍ଥାନରେ ସଚେନତତା ରାଲି କରାଯାଇ ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା।

# ବିଜୁଳି ଦର ହ୍ରାସ ନେଇ ଏଏପି ପକ୍ଷରୁ ଦାବିପତ୍ର



ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଦାବିପତ୍ର ପ୍ରଦାନ ଅବସରରେ ଉପସ୍ଥିତ ଦଳୀୟ କର୍ମକର୍ତ୍ତା।

ରାଉରକେଲା ଅଫିସ,୫।୮

ଦିଲ୍ଲୀ ଭଳି ଓଡ଼ିଶା ବିଜୁଳି ଉପଭୋକ୍ତାଙ୍କୁ ୨୦୦ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଜୁଳି ପ୍ରଦାନ, ୪୦୦ ୟୁନିଟ ପର୍ଯ୍ୟନ୍ତ ୧.୨୫ ଟଙ୍କା କରିବା ସହ ସମଗ୍ର ରାଜ୍ୟରେ ୨୪ଘଣ୍ଟା ବିଜୁଳି ଯୋଗାଣ ଦାବି ନେଇ ସୋମବାର ଆମ୍ ଆଦମୀ ପାର୍ଟି (ଏଏପି) ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସହକାରୀ ଜିଲାପାଳ ଯଶସ୍ୱିନୀ ପୃଥାଳଙ୍କ ଜରିଆରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ଓଡ଼ିଶାରେ ବିଦ୍ୟୁତ ଉତ୍ପାଦନ ପାଇଁ ପ୍ରଚୁର କୋଇଲା ଓ ପାଣି ଥିବା ସ୍ଥଳେ ରାଜ୍ୟବାସୀ ଉଚ୍ଚ ଦରରେ ବିଜୁଳି ଉପଭୋଗ କରୁଛନ୍ତି। ଏହାସହ ବଳକା ବିଜୁଳିକୁ ଅନ୍ୟ ରାଜ୍ୟକୁ ବିକ୍ରି କରାଯାଉଛି। ତେବେ ବିଦ୍ୟୁତ ବିତରଣ ସଂସ୍ଥାରେ ଦୁର୍ନୀତି ଯୋଗୁ ଲୋକେ ମହଙ୍ଗା ଦରରେ ବିଜୁଳି ଉପଭୋଗ କରିବା ସହ ନିରନ୍ତର ବିଜୁଳି ସେବା ପାଇପାରୁନାହାନ୍ତି। ରାଜ୍ୟରେ ପ୍ରଚୁର ବିଜୁଳି ଉତ୍ପାଦନ ହେଉଥିଲେ ମଧ୍ୟ ସରକାର ୫୦ ୟୁନିଟକୁ ୨.୫୦ଟଙ୍କା, ୫୦ରୁ ୧୦୦ ୟୁନିଟ ପର୍ଯ୍ୟନ୍ତ ୪.୩୦ଟଙ୍କା, ୧୫୦ରୁ ୨୦୦ ୟୁନିଟ ପର୍ଯ୍ୟନ୍ତ ୫.୩୦ଟଙ୍କା ଏବଂ ୨୦୦ରୁ ୪୦୦ ୟୁନିଟ ପର୍ଯ୍ୟନ୍ତ ୫.୭୦ଟଙ୍କା ଦରରେ ଉପଭୋକ୍ତଙ୍କଠାରୁ କାହିଁକି ଆଦାୟ କରୁଛନ୍ତି ବୋଲି ଦଳର ରାଜ୍ୟ ସମ୍ପାଦକ ବିନୟ ତିୱାରୀ ପ୍ରଶ୍ନ କରିଛନ୍ତି। ଉପଭୋକ୍ତାଙ୍କୁ ମାଗଣାରେ ୨୦୦ ୟୁନିଟ ବିଜୁଳି ମିଳିଲେ ସେମାନେ ମିଟରକୁ ନଜରରେ ରଖି ବିଜୁଳି ବ୍ୟବହାର କରନ୍ତେ। ଫଳରେ ରାଜ୍ୟରେ ବିଜୁଳି ସଞ୍ଚୟ ହୋଇପାରିବା ସହ ନିରନ୍ତର ବିଜୁଳି ସେବା ମିଳିପାରନ୍ତା ବୋଲି ତିୱାରୀ ଯୁକ୍ତି କରିଛନ୍ତି। ଏଣୁ ଦିଲ୍ଲୀ ଭଳି ଓଡ଼ିଶାରେ ବିଜୁଳି ଦର ଲାଗୁ କରାଯାଉ ବୋଲି ପାର୍ଟି ପକ୍ଷରୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଭରତଚନ୍ଦ୍ର ବାଇ, ରୀତା ତନ୍ତୀ, ରମାକାନ୍ତ ନାଏକ, ଜେରୋମ ଟେଟେ, ପଟେଲ ଏକ୍କା, ଚମନଦୀପ ସିଂ, ତବରେଜ ଅହମଦ, ଅନିଲ କିଷାନ ପ୍ରମୁଖଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

# ପତଞ୍ଜଳି ଯୋଗ ସମିତି ପକ୍ଷରୁ ଜଡ଼ିବୁଟି ଦିବସ

ରାଉରକେଲା ଅଫିସ,୫।୮

ଭାରତର ଆଧାତ୍ମିକ ଯୋଗ ଏବଂ ଆୟୁର୍ବେଦ ପରମ୍ପରା ବହୁ ପ୍ରାଚୀନ। ବିଦ୍ୱାନ ଆଚାର୍ଯ୍ୟ ବାଳକୃଷ୍ଣ ବିଶ୍ୱସ୍ତରୀୟ ଆୟୁର୍ବେଦର ପୁନରୁଦ୍ଧାର, ପ୍ରଚାର ପ୍ରସାର ଓ ତା'ର ପ୍ରାମାଣିକତାକୁ ସିଦ୍ଧ କରିବାକୁ ଯେଉଁ ଉଦ୍ୟମ ଚଳାଇଛନ୍ତି ତାହା ବାସ୍ତବରେ ପ୍ରଶଂସାଯୋଗ୍ୟ ବୋଲି ପତଞ୍ଜଳି ଯୋଗ ସମିତି ପକ୍ଷରୁ ଆୟୋଜିତ ଜଡ଼ିବୁଟି ଦିବସରେ ମତ ପ୍ରକାଶ ପାଇଛି। ଜଡ଼ିବୁଟି ରହସ୍ୟ, ଆୟୁର୍ବେଦ ଚିକିତ୍ସା ପଦ୍ଧତି ସହ ବିଶ୍ୱ ଭେଷଜ ସଂହିତା ରଚନା କରି ବିଶ୍ୱବାସୀଙ୍କୁ ନିରୋଗ ରଖିବା ପାଇଁ ବାଳକୃଷ୍ଣଙ୍କ ଉଦ୍ୟମ ଜାରି ରହିଛି। ଆୟୁର୍ବେଦ ପଦ୍ଧତିକୁ ଆପଣାଇବାକୁ ସେ ଦିନରାତି ଏକାକାର କରି ଶ୍ରମ ଓ ସାଧନାରେ ବ୍ରତୀ ବୋଲି ଏଥିରେ କୁହାଯାଇଥିଲା। ସ୍ୱଳ୍ପ ଖର୍ଚ୍ଚରେ କିପରି ଜଣେ ସୁସ୍ଥ ରହିପାରିବ ତାହା ହିଁ ଆୟୁର୍ବେଦ ଚିକିତ୍ସାର ମୂଳମନ୍ତ୍ର। ବିଷାକ୍ତ ରାସାୟନିକ ମିଶ୍ରଣରେ ନିର୍ମିତ ଔଷଧ ଆମକୁ ସୁସ୍ଥ କରିବା ପରିବର୍ତ୍ତେ କିପରି ମରଣ ମୁହଁକୁ ଠେଲିନେଉଛି ସେ ନେଇ ଏଥିରେ ଆଲୋକପାତ କରାଯାଇଥିଲା। ସମଗ୍ର ଦେଶରେ ପତଞ୍ଜଳି ଯୋଗ ସମିତି ପକ୍ଷରୁ ଜଡ଼ିବୁଟି ଦିବସ ପାଳନ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଉଛି।



ପତଞ୍ଜଳି ଯୋଗ ସମିତି ପକ୍ଷରୁ ଆୟୋଜିତ ଜଡ଼ିବୁଟି ଦିବସ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତା।

ଖୋଲା ସ୍ଥାନରେ ଜଡ଼ିବୁଟି ବୃକ୍ଷରୋପଣ ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି। ଏହି ଅବସରରେ ସମିତି ପକ୍ଷରୁ ଦାଣ୍ଡିଆପାଲି ଅଞ୍ଚଳରେ ଜଡ଼ିବୁଟି ବୃକ୍ଷରୋପଣ କରାଯାଇଥିଲା। ସ୍ଥାନୀୟ ଯୋଗ କେନ୍ଦ୍ର ପକ୍ଷରୁ ଯୋଗ ଶିକ୍ଷକ ସଞ୍ଜୟ ବେହେରା, ଜିଲା ଯୁବ ପ୍ରଭାରୀ ରତନ ପ୍ରସାଦଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଜିଲା କିଷାନ ପ୍ରଭାରୀ ପୀତବାସ ପ୍ରଧାନ ଏଥିରେ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ମହିଳା ପ୍ରଭାରୀ ନିତମ୍ବିନୀ ସ୍ୱାଇଁ, ସୋସିଆଲ ମିଡିଆ ପ୍ରଭାରୀ ଗଙ୍ଗାଧର ଦାସ, ବିଶ୍ରା ତସହିଲ ପ୍ରଭାରୀ ହେମନ୍ତ ଜେନା ପ୍ରମୁଖ ଯୋଗଦେଇ ଜଡ଼ିବୁଟି ଦିବସ ପାଳନ ପଛରେ ରହିଥିବା ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସୁରେଶ ଅଗ୍ରୱାଲ, ସନ୍ତୋଷ ପାତ୍ର, ପି. ରାଉତ, ଟି. ସନ୍ତୋଷ, ପୁଷ୍ପାଞ୍ଜଳି ନାୟକ, କଳ୍ପନା ପଣ୍ଡା, ବିଷ୍ଣୁପ୍ରିୟା ଦାସ, ନିବେଦିତା ସାହୁ, ରଞ୍ଜିତା ପାଣିଗ୍ରାହୀ, ଶ୍ରୀକର ତନ୍ତୀ, ବିଭୂତି ଭୁଜବଳ ଓ ସବିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ମାପ, ଓଜନ ବିଭାଗର ଚଢ଼ାଉ



ଏକ ଅଳଙ୍କାର ଦୋକାନରେ ମାପ, ଓଜନ ବିଭାଗ ପକ୍ଷରୁ ଯାଞ୍ଚ କରାଯାଉଛି।

ରାଉରକେଲା ଅଫିସ,୫।୮

ମାପ, ଓଜନ ବିଭାଗ ପକ୍ଷରୁ ସୋମବାର ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। କେତେଜଣ ବ୍ୟବସାୟୀ ମାପ, ଓଜନରେ ଗ୍ରାହକଙ୍କୁ ଠକୁଥିବା ନେଇ ପୂର୍ବରୁ ଅଭିଯୋଗ ହୋଇଆସୁଥିଲା। ସେହି ଅନୁସାରେ ବିଭାଗୀୟ ଅଧିକାରୀ ପ୍ରିୟବ୍ରତ ଜେନା ଓ ହେମଲତା କିଷାନଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରିଥିଲେ। ପ୍ରଥମେ ମଧୁସୂଦନ ମାର୍ଗ ଅଞ୍ଚଳରେ ଥିବା କେତେକ ବ୍ୟବସାୟ ପ୍ରତିଷ୍ଠାନରେ ଚଢ଼ାଉ କରାଯାଇ ଅନିୟମିତତା ସମ୍ପର୍କରେ ଯାଞ୍ଚ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହି ଟିମ୍ ସେକ୍ଟର ଅଞ୍ଚଳର କେତେକ ସ୍ଥାନରେ ଚଢ଼ାଉ କରି ଅସାଧୁ ବ୍ୟବସାୟୀଙ୍କୁ ଚେତାବନୀ ଦେଇଥିଲେ। ଅନିୟମିତା ଅଭିଯୋଗରେ କେତେଜଣ ବ୍ୟବସାୟୀଙ୍କ ଓଜନ କଣ୍ଟା ଜବତ କରାଯିବା ସହ ଜରିମାନା ଆଦାୟ କରାଯାଇଥିଲା। ଚଢ଼ାଉ ଖବର ପ୍ରଚାରିତ ହେବା ପରେ କିଛି ଅସାଧୁ ବ୍ୟବସାୟୀ ଦୋକାନ ବନ୍ଦ କରି ଚାଲିଯାଇଥିବା ଲକ୍ଷ୍ୟ କରାଯାଇଥିଲା। ଏହି ଅବସରରେ ରେଷ୍ଟୁରାଣ୍ଟଠୁ ନେଇ ଅଳଙ୍କାର ବ୍ୟବସାୟ ପ୍ରତିଷ୍ଠାନ ଉପରେ ଚଢ଼ାଉ କରାଯାଇଥିବା ଖବର ମିଳିଛି। ଭବିଷ୍ୟତରେ ଏହି ଚଢ଼ାଉ ଜାରି ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଜନ୍ମଦିନରେ ମନେପଡ଼ିଲେ କିଶୋର କୁମାର



ସୁହାନା ସମା ସଂଗଠନ ପକ୍ଷରୁ ଆୟୋଜିତ ସଙ୍ଗୀତ କାର୍ଯ୍ୟକ୍ରମରେ ଅତିଥି ଓ କର୍ମକର୍ତ୍ତା।

ରାଉରକେଲା ଅଫିସ,୫।୮

ହିନ୍ଦୀ ସଙ୍ଗୀତ ଜଗତର ଯାଦୁଗର ତଥା ପ୍ରଖ୍ୟାତ ଗାୟକ କିଶୋର କୁମାରଙ୍କ ୯୦ତମ ଜୟନ୍ତୀ ଅବସରରେ ରବିବାର ସୁହାନା ସମା ସଙ୍ଗୀତ ଅନୁଷ୍ଠାନ ପକ୍ଷରୁ ରାଉରକେଲା କ୍ଲବରେ ଏକ ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଆର୍‌ଏସ୍‌ପିର ବରିଷ୍ଠ ଅଧିକାରୀ ଦିଲୀପ ମହାପାତ୍ର ମୁଖ୍ୟଅତିଥି ଓ ଅଫିସର ଆସୋସିଏଶନ କର୍ମକର୍ତ୍ତା ବିମଳ ବିଶି ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଅନ୍ୟତମ ଅତିଥି ରୂପେ ସାମାଜିକ କର୍ମୀ କମଳ ଅଗ୍ରୱାଲ, ପଦ୍ମିନୀ ପାଣିଗ୍ରାହୀ, ଚନ୍ଦ୍ରଶେଖର ଶତପଥୀ, ଅଜିତ ପୂଜାରୀ, କଳ୍ପନା ଶତପଥୀ, ରାମ ନାୟକ, ଡ. ମିନତୀ ପଣ୍ଡା ଓ ଅସୀମ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ କିଶୋର କୁମାରଙ୍କ କର୍ମମୟ ଜୀବନ ଓ ତାଙ୍କ ପ୍ରତିଭା ଚିର ଅମର ହୋଇ ରହିବ ବୋଲି ମତ ପ୍ରକାଶ କରିଥିଲେ। ସ୍ନେହଲତା ପାତ୍ରଙ୍କ ସଂଯୋଜନାରେ ଆକର୍ଷଣୀୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ରଞ୍ଜିତ ପଟ୍ଟନାୟକ, ରଜତ ସାହୁ, ଅଜିତ ପୂଜାରୀ, ସୁଧାଂଶୁଶେଖର ପ୍ରଧାନ, ଶୁଭଶ୍ରୀ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

# ୩୭୦ ଧାରା ଉଚ୍ଛେଦ ନେଇ ଉତ୍ସବ

ରାଉରକେଲା ଅଫିସ,୫।୮

ମୋଦି ସରକାରଙ୍କ ଦ୍ୱାରା ସୋମବାର କଶ୍ମୀରରେ ଧାରା ୩୭୦ ଓ ୩୫(କ) ଉଚ୍ଛେଦ ପରେ ଷ୍ଟିଲ ସିଟିରେ ବିଭିନ୍ନ ସଂଗଠନ ପକ୍ଷରୁ ଉତ୍ସବ ପାଳନ କରାଯାଇଛି। ପାନପୋଷ ସାଙ୍ଗଠନିକ ଜିଲା ଯୁବମୋର୍ଚ୍ଚା ସଭାପତି ଅଙ୍କୁଶ ବର୍ମାଙ୍କ ନେତୃତ୍ୱରେ ପାନପୋଷ ଗାନ୍ଧୀ ଛକଠାରେ ଭାଜପା କର୍ମୀ ବାଣ ଫୁଟାଇ, ବାଜା ବଜାଇ ଉତ୍ସବ ମନାଇଥିଲେ। ଏହି ଅବସରରେ ସେମାନେ ଲୋକଙ୍କୁ ଲଡ୍ଡୁ ବଣ୍ଟନ କରିଥିଲେ। ଦୀର୍ଘ ୭୦ ବର୍ଷ ଧରି ପ୍ରଚଳିତ ୩୭୦ ଧାରା ଉଚ୍ଛେଦ କରି ପ୍ରଧାନମନ୍ତ୍ରୀ ସାହସିକତାର ପରିଚୟ ଦେଇଛନ୍ତି ବୋଲି ଭାଜପା ନେତା ମତ ପ୍ରକାଶ କରିଥିଲେ। ଏହା ଏକ ଐତିହାସିକ ପଦକ୍ଷେପ। ଏକ ରାଷ୍ଟ୍ର, ଏକ ନାଗରିକତା, ଏକ ଜାତୀୟତାକୁ ମୋଦି ତାଙ୍କ ଦୃଢ଼ ନିଷ୍ପତ୍ତି ଦ୍ୱାରା ପ୍ରତିପାଦିତ କରିପାରିଛନ୍ତି। ଏହା ଦ୍ୱାରା କଶ୍ମୀରରେ ବାସ୍ତବ ଗଣତନ୍ତ୍ର ରୂପାୟନ ହୋଇପାରିବ। ଆତଙ୍କବାଦର ବିଲୋପ ଘଟିବ। କଶ୍ମୀରବାସୀ ଶାନ୍ତିରେ ବସବାସ କରିପାରିବେ ବୋଲି ଭାଜପା ନେତା ଆଶା ବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ଜଗବନ୍ଧୁ ବେହେରା, ପୂର୍ବତନ ନଗରପାଳ ନିହାର ରାୟ, ମୁଖପାତ୍ର ଭଗବାନ ରାଉତ, ରମେଶ ଅଗୱାଲ, ବସନ୍ତ ସାମଲ, ଭଗବାନ ମହାପାତ୍ର, ଅମରେନ୍ଦ୍ର ଶର୍ମା, ଭବାନୀ କବି, ବାବୁ ବିଶ୍ୱାଳ, ରମେଶ ମୁଣ୍ଡାରୀ, ଶେଖ ମୁଜାହିଦ, ଦୀପକ ତିୱାରୀ, ଅମୀୟ ଦାସ, ମହମ୍ମଦ ସକିଲ, ସର୍ଦ୍ଦାର ସିଂ ଓ କେଦାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।



ଧାରା ୩୭୦ ଉଚ୍ଛେଦ ନେଇ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ପାନପୋଷଠାରେ ଉତ୍ସବ ପାଳନ କରାଯାଉଛି।

# ଧାରା ୩୭୦ ଉଚ୍ଛେଦ ଐତିହାସିକ ପଦକ୍ଷେପ

ରାଉରକେଲା ଅଫିସ,୫।୮

ସୋମବାର ଭାରତ ସରକାର କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ କରିବା ଏକ ଐତିହାସିକ ପଦକ୍ଷେପ ଓ ବିଜୟ ବୋଲି କହିଛନ୍ତି ବିଶ୍ୱ ହିନ୍ଦୁ ପରିଷଦର ପଶ୍ଚିମ ଓଡ଼ିଶା ଧର୍ମ ପ୍ରସାର ସମ୍ପାଦକ ଶାନ୍ତନୁ କୁସୁମ। ସେ ଏକ ବିବୃତି ଦେଇ କହିଛନ୍ତି ଧାରା ୩୭୦ ଯୋଗୁ କଶ୍ମୀର ପଣ୍ଡିତମାନଙ୍କ ଧନଜୀବନ ବିପନ୍ନ ହୋଇଥିଲା। ଲକ୍ଷାଧିକ ପଣ୍ଡିତ କଶ୍ମୀର ଛାଡ଼ି ଅନ୍ୟତ୍ର ପଳାୟନ କରିଥିଲେ। ଅତୀତରେ ହିନ୍ଦୁ ରକ୍ତରେ ସେଠାରେ ଯେଉଁ ହୋଲି ଖେଳାଯାଇଥିଲା ତାକୁ କେବେ ଭୁଲିହେବ ନାହିଁ। ଗତ ୨୦ ବର୍ଷ ମଧ୍ୟରେ କେବଳ କଶ୍ମୀରରେ ୨୩୫୬ ଜଣ ହିନ୍ଦୁ ପ୍ରାଣ ହରାଇଛନ୍ତି। ୩୦ ହଜାରରୁ ଊର୍ଦ୍ଧ୍ୱ ହିନ୍ଦୁ ପଣ୍ଡିତଙ୍କୁ ଶରଣାର୍ଥୀ ହେବାକୁ ପଡ଼ିଛି। ଧାରା ୩୭୦ ହିନ୍ଦୁ ଅତ୍ୟାଚାରର ଏକ ମାରଣାସ୍ତ୍ର ଭାବେ କାର୍ଯ୍ୟ କରୁଥିଲା। ଏହା ଦ୍ୱାରା କଶ୍ମୀର ହିନ୍ଦୁଶୂନ୍ୟ ହୋଇଥିଲା। ଏତିକି ନୁହେଁ, ଏହି ଧରା ଯୋଗୁ କଶ୍ମୀର ଆତଙ୍କବାଦୀଙ୍କ ଭୂସ୍ୱର୍ଗ ପାଲଟିଥିଲା। ଏହା ଅନ୍ତରାଷ୍ଟ୍ରୀୟ ଶକ୍ତି ତଥା ରାଷ୍ଟ୍ର ବିରୋଧୀଙ୍କ ଆଖଡ଼ାଶାଳରେ ପରିଣତ ହୋଇଥିଲା। ଏପରି ଅବସ୍ଥାରେ ଧାରା ୩୭୦ ଉଚ୍ଛେଦ ଏକ ସମୟୋପଯୋଗୀ ଓ ଐତିହାସିକ ପଦକ୍ଷେପ ବୋଲି କୁସୁମ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।



ଇହ ଜନ୍ମରେ ଯେତେଦୂର ସାଧନ କରାଯାଇଥାଏ, ତାହା ପରଜନ୍ମରେ ସଂସ୍କାର ଭାବରେ ପରିଣତ ହୋଇ ଉନ୍ନତିର ମାର୍ଗ ଉନ୍ମୁକ୍ତ କରିଦିଏ।

-ଗୀତା



## ସଂକ୍ଷେପରେ

### ଟ୍ରକ୍‌ରେ ପିଟିହୋଇ ବାଇକ୍ ଆରୋହୀ ଗୁରୁତର

ଲହୁଣୀପଡ଼ା,୫।୮(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅଧୀନ ଲହୁଣୀପଡ଼ା- କଲେଇପୋଷ ରାସ୍ତା କେନ୍ଦୁଡିହିଠାରେ ସୋମବାର ସନ୍ଧ୍ୟା ପ୍ରାୟ ୭ଟା ବେଳେ ଏକ ଟ୍ରକ୍ ପଛପଟେ ପିଟି ହୋଇ ଜଣେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେ କୁମୁଣ୍ଡି ଗ୍ରାମର ତପନ କୁମାର ନାଏକ (୩୨)। ମିଳିଥିବା ସୂଚନା ମୁତାବକ, ତପନ ଲହୁଣୀପଡ଼ାରୁ ଏକ ବାଇକ୍ ଯୋଗ ଗାଁକୁ ଯାଉଥିବା ବେଳେ କେନ୍ଦୁଡିହିଠାରେ ଛିଡା ହୋଇଥିବା ଏକ ଟ୍ରକ (ନଂ.ସିଜି ୧୪ ଏଲ୍‌କେ- ୭୦୬୫) ପଛପଟେ ପିଟି ହୋଇଯାଇଥିଲେ। ଫଳରେ ତପନଙ୍କ ମୁଣ୍ଡ ଓ ଗୋଡରେ ଗଭୀର ଆଘାତ ଲାଗିଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ପୋଲିସ ତାଙ୍କୁ ଉଦ୍ଧାର କରି ଲହୁଣୀପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ଏନେଇ ପୋଲିସ ବାଇକ୍ ଜବତ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

### ୱେ ବ୍ରିଜ୍‌ରୁ ପଡ଼ି ଯୁବକଙ୍କ ମୃତ୍ୟୁ

ବେଦବ୍ୟାସ, ୫।୮(ଡି.ଏନ.ଏ.): ବ୍ରାହ୍ମଣୀତରଙ୍ଗ ଥାନା ଅଧୀନ ଗୋପପାଲିସ୍ଥିତ ୱେ ବ୍ରିଜରୁ ପଡି ସୋମବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରାଉରକେଲାରେ ରହୁଥିବା ଅଶୋକ ସାହୁ (୩୫)। ପୋଲିସ ସୂଚନା ମୁତାବକ, ସୋମବାର ଅପରାହ୍ନ ସାଢ଼େ ୪ଟା ବେଳେ ଅଶୋକ ପ୍ରତ୍ୟେକ ଦିନ ଭଳି ସୋମବାର ଏକ ଘରୋଇ କାରଖାନାକୁ କାମ କରିବାକୁ ଯାଇଥିଲେ । କାମ ସାରି ଫେରୁଥିବା ବେଳେ ୱେ ବ୍ରିଜ୍‌ରୁ ପଡି ଯାଇଥିଲେ। ଖବର ପାଇ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଆର୍‌ଜିଏଚ୍‌ରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣ କରିଥିଲେ। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି ।

# ସ୍ୱଳ୍ପ ବୃଷ୍ଟିପାତ : ବଡ଼ଗାଁରେ ମରୁଡ଼ି ପରିସ୍ଥିତି

**ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ**

ବଡଗାଁ,୫।୮(ଡି.ଏନ.ଏ.)

ସ୍ୱଳ୍ପ ବୃଷ୍ଟି ପାତ ଯୋଗୁ ସୁନ୍ଦରଗଡ଼ ଜିଲା ବଡଗାଁ ବ୍ଲକ ଅଞ୍ଚଳରେ ମରୁଡି ପରିସ୍ଥିତି ଦେଖାଦେଇଛି। ଫଳରେ ଚାଷୀଙ୍କ ଚିନ୍ତା ବଢିଯାଇଛି। ଏନେଇ ସୋମବାର ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ମିଞ୍ଜଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସରପଞ୍ଚ ଏବଂ ସମିତିସଭ୍ୟ ଯୋଗଦେଇ ଚାଷୀଙ୍କ ସମସ୍ୟା ଏବଂ ଏହାର ସମାଧାନ ନେଇ ଆଲୋଚନା କରିଥିଲେ। ପରେ ଅଧ୍ୟକ୍ଷାଙ୍କ ସହ ଜନପ୍ରତିନିଧିମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓ କ୍ଷମାନିଧି ଭୋଇଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

ଦାବିପତ୍ରରେ ଅଧ୍ୟକ୍ଷା ମିଞ୍ଜ, ଉପାଧ୍ୟକ୍ଷା ସାରଥି ପାଣ୍ଡେ, ସମିତି ସଭ୍ୟ ଶିଶିର ରାଉତରାୟ, ପଞ୍ଚାନନ ନାଏକ, ସରପଞ୍ଚ ବିକ୍ରମ ଟପ୍ପୋ, ଅହଲ୍ୟା ଲାକ୍ରା, ମନ୍ଦାକିନୀ ବରିହା, ନାଏବ ସରପଞ୍ଚ କେଶବ କର୍ସେଲ, ଚନ୍ଦ୍ରଭାନୁ ପରୁଆ, ଜୀବର୍ଦ୍ଧନ ସାହୁ, ପୂର୍ବତନ ସରପଞ୍ଚ ବସନ୍ତ ଡନସନା, ମହେଶ୍ୱର ବରିହାଙ୍କ ଦସ୍ତଖତ ରହିଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଏକମାସ ହେଲା ଅଞ୍ଚଳରେ ବଡଧରଣର ବର୍ଷା ହୋଇନାହିଁ । ଫଳରେ ଚାଷ କାର୍ଯ୍ୟ ପ୍ରଭାବିତ ହୋଇଛି। ବଡଗାଁ ବ୍ଲକରେ ଜଳସେଚନର କୌଣସି ସୁବିଧା ନାହିଁ । ଯଦ୍ୱାରା କେତେକ ଚାଷୀ ବହୁ କଷ୍ଟରେ ପାଣି ପମ୍ପ ଲଗାଇ କେତେକ ଚାଷୀ ଚାଷ କାର୍ଯ୍ୟ କରିଛନ୍ତି। ହେଲେ ବର୍ଷା ଅଭାବରୁ ବ୍ଲକର ୭୦ରୁ ୮୦ ପ୍ରତିଶତ ଧାନ ଗଛ ମରିବାକୁ ବସିଲାଣି । ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରାଯାଇଛି। ନଚେତ୍ ଚାଷୀ ଆତ୍ମହତ୍ୟା ଭଳି ଘଟଣାକୁ ଏଡାଯାଇ ନ ପାରେ ବୋଲି ଦାବିପତ୍ରରେ ଦର୍ଶାଯାଇଛି ।



ଅଧ୍ୟକ୍ଷାଙ୍କ ସହିତ ଜନପ୍ରତିନିଧିମାନେ ବିଡିଓ କ୍ଷମାନିଧି ଭୋଇଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

# ଟ୍ରକ୍ ପଛରେ ପିଟିହୋଇ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ

ବଡଗାଁ, ୫।୮(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବଡଗାଁ ଥାନା ଅଧୀନ ଗରିଆମାଲ ଏକ ଢ଼ାବା ସମ୍ମୁଖରେ ସୋମବାର ସନ୍ଧ୍ୟା ପ୍ରାୟ ସାଢ଼େ ୭ଟା ବେଳେ ଏକ ଟ୍ରକ ପଛପଟେ ପିଟି ହୋଇ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ କୁତ୍ରା ଥାନା ପଞ୍ଚରା ଗ୍ରାମର ରିଙ୍କୁ ରଣା(୨୯) ଓ ସିପ୍ ରଣା (୩୫)।

ମିଳିଥିବା ସୂଚନା ମୁତାବକ, ରିଙ୍କୁ ଏବଂ ସିପ୍ ଏକ ବାଇକ୍(ନଂ. ଓଡି ୧୪ କ୍ୟୁ- ୬୯୭୨) ଯୋଗେ ବେଲସରା ଶିବ ମନ୍ଦିର ଦର୍ଶନ କରିବାକୁ ଯାଇଥିଲେ। ଦର୍ଶନ ସାରି ସେମାନେ ଫେରୁଥିବା ବେଳେ ବାଇକ୍‌ଟି ଭାରସାମ୍ୟ ହରାଇ ଗରିଆମାଲ ଏକ ଢ଼ାବା ସମ୍ମୁଖରେ ଅଟକି ରହିଥିବା ଟ୍ରକ(ନଂ.ଓଆର୍ ୧୬ ଏ- ୮୭୭୭) ପଛପଟେ ପିଟି ହୋଇଯାଇଥିଲା। ଘଟଣାସ୍ଥଳରେ ରିଙ୍କୁଙ୍କ ମୃତ୍ୟୁ ଘଟିଥିବା ବେଳେ ସିପଙ୍କୁ ବଡଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବଡଗାଁ ଥାନା ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

# ରେଲୱେ କାମରେ ବଳି ପଡିଲା ରାସ୍ତା



କିର୍ମିରା ବ୍ଲକ ବନ୍ଧପାଲି ପଞ୍ଚାୟତ ଠାକୁରପଡାରୁ ଗୌଡପାନପାଲି ପଞ୍ଚାୟତକୁ ଯାଇଥିବା ରାସ୍ତା ଖାଲଖମାରେ ଭର୍ତ୍ତି କର୍ଦ୍ଦମାକ୍ତ ହୋଇଛି।

କିର୍ମିରା,୫।୮(ଡି.ଏନ.ଏ.)

କିର୍ମିରା ବ୍ଲକ ବନ୍ଧପାଲି ପଞ୍ଚାୟତ ଠାକୁରପଡାରୁ ଗୌଡପାନପାଲି ପଞ୍ଚାୟତକୁ ଯାଇଥିବା ରାସ୍ତା ରେଳବାଇ ବ୍ୟବହାର ଯୋଗୁ ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ରାଉରକେଲା–ଝାରସୁଗୁଡାକୁ ତୃତୀୟ ରେଳ ଧାରଣା ବିଛାଇବା କାର୍ଯ୍ୟ ଯୋରସୋରରେ ଚାଲିଛି । ଏଥିପାଇଁ ରେଳ ବିଭାଗ ତରଫରୁ ବିଭିନ୍ନ ଠିକା ସଂସ୍ଥା ମାଧ୍ୟମରେ କାର୍ଯ୍ୟ କରାଯାଉଛି। ମାଲ୍ ପରିବହନ ପାଇଁ ରାସ୍ତା ବ୍ୟବହାର କରାଯାଉଛି। ୧୦ଟନ ମାଲ୍ ପରିବହନ କ୍ଷମତା ଥିବା ରାସ୍ତାରେ ୪୦ରୁ ୫୦ ଟନର ମାଲ୍ ଟ୍ରକ୍ ଯୋଗେ ନିଆଯାଉଛି। ଏଣୁ ରାସ୍ତାରେ ଗାତ ସୃଷ୍ଟି ହୋଇ ଗମନାଗମନରେ ବାଧା ସୃଷ୍ଟି ହେଉଛି । ଏଣୁ ରେଳ ବିଭାଗ ଏହି ରାସ୍ତା ନିର୍ମାଣ କରୁ ବୋଲି ଗ୍ରାମବାସୀ ଦାବି କରିଛନ୍ତି ।

# ବିଜ୍ଞାନ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ସୁନ୍ଦରଗଡ଼,୫।୮(ଡି.ଏନ୍.ଏ.)

ସ୍ଥାନୀୟ ଭବାନୀଶଙ୍କର ଉଚ୍ଚ ବିଦ୍ୟାଳୟ ସଭାଗୃହଠାରେ ସୋମବାର ବିଜ୍ଞାନ ଶିକ୍ଷକଙ୍କ ଏକ ଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ଡ.ଅରୁଣ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପରିବେଶ ସମ୍ବନ୍ଧୀୟ ବିଭିନ୍ନ ପ୍ରକଳ୍ପ ପ୍ରସ୍ତୁତି ଓ ଜୈବ ବିବିଧତାର ଆବଶ୍ୟକତା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ବିଜ୍ଞାନ ନିରୀକ୍ଷକ ଶରତଚନ୍ଦ୍ର ମହାପାତ୍ର ବିଜ୍ଞାନ ସହ ପୌରାଣିକ ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜ୍ଞାନ ଶିକ୍ଷୟିତ୍ରୀ ଡ.ସରୋଜିନୀ ସାହୁ, ସଂଗୀତା ମିଶ୍ର ପ୍ରକଳ୍ପ ପ୍ରସ୍ତୁତି ସମ୍ପର୍କରେ ଅବଗତ କରାଇଥିଲେ। ବିଜ୍ଞାନ କଂଗ୍ରେସ ଜିଲା ସଂଯୋଜକ ସୁଧାଂଶୁ ଚୌଧୁରୀ କମ୍ ଖର୍ଚ୍ଚରେ କିଭଳି ଉପାଦେୟ ପ୍ରକଳ୍ପ ପ୍ରସ୍ତୁତ ହୋଇପାରିବ ସେହି ସମ୍ପର୍କରେ ଅବଗତ କରାଇଥିଲେ। ଚନ୍ଦନ ଶପଥୀ, ଅଶୋକ ପରଡ଼ା ତାଙ୍କ ଅନୁଭୂତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ୯୫ଜଣ ବିଜ୍ଞାନ ଶିକ୍ଷକ, ଶିକ୍ଷୟିତ୍ରୀ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ବିଧୁଭୂଷଣ ନାୟକ, ବନମାଳୀ ସେଠ, ଦୀପକ ଗୋଖରା, ସୁରଜ ଚୌଧୁରୀ, ପ୍ରଶାନ୍ତ ନାଏକ ପ୍ରମୁଖ ସହଯୋଗ କରିଥିଲେ।




ବିଜ୍ଞାନ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ଏକ ପ୍ରଶିକ୍ଷଣ ପୁସ୍ତକା ଉନ୍ମୋଚନ କରୁଛନ୍ତି।

# କୁକୁଡ଼ା ପାଳନ ପ୍ରଶିକ୍ଷଣ ଶିବିର




କୁକୁଡା ପାଳନ ପ୍ରଶିକ୍ଷଣ ଶିବିରରେ ବିଭାଗୀୟ ଅଧିକାରୀ ଓ ମହିଳା ଗୋଷ୍ଠୀ।

କିର୍ମିରା,୫।୮(ଡି.ଏନ.ଏ)

ଝାରସୁଗୁଡା ଜିଲା କିର୍ମିରା ବ୍ଲକରେ ପ୍ରାଣୀଧନ ନିରୀକ୍ଷକ, ଗୋମିତ୍ର, ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟାଙ୍କୁ ନେଇ ଦୁଇ ଦିନିଆ ଅଣ୍ଡାଦିଆ କୁକୁଡା ପାଳନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ପଶୁ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଜିଲା କୃଷି ବିଜ୍ଞାନ କେନ୍ଦ୍ରରେ ଏହି ଶିବିରର ଆୟୋଜନ କରାଯାଇଥିଲା। ଏଥିରେ କିର୍ମିରା ଏବଂ ଲଖନପୁର ବ୍ଲକରୁ ୪୦ ଜଣ ସଭ୍ୟା ସଭ୍ୟ ଯୋଗ ଦେଇଥିଲେ । ଜିଲା ମୁଖ୍ୟ ପ୍ରାଣିଚିକିତ୍ସା ଅଧିକାରୀ ଗୋପାଳ ଚନ୍ଦ୍ର ମହାପାତ୍ର ଏହାକୁ ଉଦ୍‌ଘାଟନ କରିଥିବା ବେଳେ ଅତିରିକ୍ତ ସିଡିଭିଓ ହରିଶଚନ୍ଦ୍ର ବିଶ୍ୱାଳ କୁକୁଡା ପାଳନ କିପରି କରାଯିବ ତାହା ଉପରେ ସୂଚନା ଦେଇଥିଲେ । ପ୍ରଶିକ୍ଷଣର ଦ୍ୱିତୀୟ ଦିବସରେ ଚାଷୀଙ୍କୁ ଚିପିଲିମାସ୍ଥିତ ସରକାରୀ କୁକୁଡା ଫାର୍ମ ପରିଦର୍ଶନ କରାଇ ପ୍ରଶିକ୍ଷଣ ଦିଆଯାଇଥିଲା। ଶିଶିର ନାଏକ, ବାସୁଦେବ ବାଗ, ଦୀନବନ୍ଧୁ ମୁଣ୍ଡା, ସୁରେନ୍ଦ୍ର ନେତୀ, ତପସ୍ୱିନୀ ଦାସ, ଶିଳା ପ୍ରଧାନ, ସୁପ୍ରଭା ପାଣ୍ଡେ, ଡା. ତାପସ ପ୍ରଧାନ ଶିବିର ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

## ଧାରା ୩୭୦ ଉଚ୍ଛେଦ
# ସୁନ୍ଦରଗଡ଼ରେ ଭାଜପାର ଆନନ୍ଦ ଉତ୍ସବ

ସୁନ୍ଦରଗଡ଼,୫।୮(ଡି.ଏନ୍.ଏ.)

ଭାରତ ସରକାର ଜମ୍ମୁ କଶ୍ମୀରରେ ଲାଗୁ ହୋଇଥିବା ଧାରା ୩୭୦ ଉଚ୍ଛେଦ ଏକ ଐତିହାସିକ ପଦକ୍ଷେପ ନେଇ ସୁନ୍ଦରଗଡ଼ରେ ଭାଜପା କର୍ମୀମାନେ ଆନନ୍ଦ ଉତ୍ସବ ପାଳନ କରିଥିଲେ। ସ୍ଥାନୀୟ ଡିଆର୍‌ଡିଏ ଛକରୁ ଶତାଧିକ ଭାଜପା କର୍ମୀ ଏକ ଶୋଭାଯାତ୍ରାରେ ବାହାରି ହାତରେ ତ୍ରିରଙ୍ଗା ପତକା ଧରି ଭାରତ ମାତା କି ଜୟ ନାରା ଦେଇ ସହର ପରିକ୍ରମା କରିଥିଲେ। ଭାଜପାର ପ୍ରତିଷ୍ଠାତା ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଦେଶର ଅଖଣ୍ଡତା ପାଇଁ ଦେଇଥିବା ବଳିଦାନ ଆଜି ସଫଳ ହୋଇଛି ବୋଲି ଭାଜପା ନେତୃବୃନ୍ଦ ଆୟୋଜିତ ସଭାରେ ମତପ୍ରକାଶ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଗୃହମନ୍ତ୍ରୀ ଅମିତ ଶାହଙ୍କ ବଳିଷ୍ଠ ନିଷ୍ପତ୍ତି ଯୋଗୁ କଶ୍ମୀର ପ୍ରକୃତ ସ୍ୱାଧୀନତା ପାଇଛି ବୋଲି ଜିଲା ସଭାପତି ବଟକିଶୋର ମିଶ୍ର ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଆଡଭୋକେଟ ଗିରୀଶ ଚନ୍ଦ୍ର ସାହୁ, ବିଶ୍ୱଜିତ ତନ୍ତୀନ୍, ଯଶୋବନ୍ତ ନାଏକ, ଅମୀୟ ପଟ୍ଟନାୟକ, କାନନବାଳା ବେହେରା ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ଭାଜପା କର୍ମୀମାନେ ବାଣ ଫୁଟାଇ ମିଠା ବଣ୍ଟନ କରିଥିଲେ ।



ଆନନ୍ଦ ଉତ୍ସବରେ ସାମିଲ ହୋଇଥିବା ଭାଜପା କର୍ମକର୍ତ୍ତା।

# ୩ ମାସ ହେଲା ସୂଚନା ମିଳୁନି

କିର୍ମିରା, ୫।୮ (ଡି.ଏନ.ଏ)

ଝାରସୁଗୁଡା ଜିଲା କିର୍ମିରା ବ୍ଲକରେ ସୂଚନା ଅଧିକାର ଆଇନ ସଂପୂର୍ଣ୍ଣ ବାଟବଣା ହୋଇଯାଇଥିବା ଅଭିଯୋଗ ହୋଇଛି । ଝାରମୁଣ୍ଡା ପଞ୍ଚାୟତ ବାଗଡିହି ଗ୍ରାମର ରିଙ୍କୁ ଅଗ୍ରୱାଲ ସୂଚନା ଅଧିକାର ଆଇନ ବଳରେ ଦୁଇଟି ବିଷୟରେ ସୂଚନା ମାଗିଥିଲେ। ହେଲେ ତାଙ୍କୁ ଗୋଟିଏ ବିଷୟ ସୂଚନା ମିଳିଛି। ଅନ୍ୟ ଏକ ସୂଚନା ପାଇବାକୁ ଆବେଦନର ତିନି ମାସ ବିତିବାକୁ ବସିଛି । ହେଲେ ସୂଚନା ମିଳି ନ ଥିବା ସେ ଅଭିଯୋଗ କରିଛନ୍ତି । ରିଙ୍କୁ ଦେଇଥିବା ସୂଚନା ମୁତାବକ ସେ କିର୍ମିରା ସୂଚନା ଅଧିକାର ତଥା ପ୍ରଗତି ସହାୟକଙ୍କୁ ଗତ ମେ ୬ ତାରିଖରେ ଝାରମୁଣ୍ଡା ପଞ୍ଚାୟତରେ ୨୦୧୪ରୁ ୨୦୦୯ ମଧ୍ୟରେ କରାଯାଇଥିବା ଉନ୍ନତିମୂଳକ କାମ ବିଷୟରେ ଜାଣିବାକୁ ଆବେଦନ କରିଥିଲେ। ପ୍ରଥମ ଆବେଦନରେ ଝାରମୁଣ୍ଡା ହଗରିଗୁଡାର ତଥ୍ୟ ମାଗିଥିବା ବେଳେ ଦ୍ୱିତୀୟ ଆବେଦନରେ ଝାରମୁଣ୍ଡାରେ ହୋଇଯାଇଥିବା ପ୍ରକଳ୍ପ ଗୁଡିକର ନାମ, ଅନୁଦାନର ନାମ, କାର୍ଯ୍ୟସ୍ଥଳର ବିବରଣୀ (ପଟ୍ଟା ଓ ଖାତା ନମ୍ବର, ପ୍ଲଟ ନମ୍ବର) କାର୍ଯ୍ୟର ବର୍ତ୍ତମାନ ସ୍ଥିତି, କଣ୍ଟ୍ରାକ୍ଟର ଏବଂ ଏଜେନ୍ସିର ନାମ ଜାଣିବାକୁ ତଥ୍ୟ ମାଗିଥିଲେ । ଏହି ତଥ୍ୟ ପାଇଁ ୯୪୮ ପେଜ ଦରକାର ପଡୁଥିବାରୁ ଏହାର ଜେରକ୍ସ ବାବଦକୁ ସେ ୧୮୯୬ ଟଙ୍କା ପ୍ରଗତି ସହାୟକଙ୍କ ନିକଟରେ ସେ ଜମା ମଧ୍ୟ କରିଥିଲେ। ତେବେ ପ୍ରଥମ ଆବେଦନ (ହଗରିଗୁଡା)ର ବିବରଣୀ ୧ମାସ ମଧ୍ୟରେ ପ୍ରଦାନ କରାଯାଇଥିଲା। ହେଲେ ଦ୍ୱିତୀୟ ଆବେଦନର ବିବରଣୀ ଏ ପର୍ଯ୍ୟନ୍ତ ମିଳିପାରିନି। ରିଙ୍କୁ ଏ ନେଇ ଜୁଲାଇ ୨୦ ତାରିଖ ବ୍ଲକର ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ, ଯାହା ୨୨ ତାରିଖରେ ବ୍ଲକରେ ଗ୍ରହଣ କରାଯାଇଥିଲା । ତେବେ ଅଭିଯୋଗ ଗ୍ରହଣ କରିବାର ଏକ ସପ୍ତାହ ବିତିଯାଇଥିଲେ ମଧ୍ୟ ରିଙ୍କୁଙ୍କୁ ସୂଚନା ମିଳିପାରି ନାହିଁ । ଯଦି ଜଣେ ସୂଚନା ପାଇବାକୁ ତିନି ମାସ ଅପେକ୍ଷା କଲେ ମଧ୍ୟ ସୂଚନା ମିଳିପାରୁ ନାହିଁ ତେବେ ସୂଚନା ଅଧିକାର ଆଇନ କେଉଁ କାମକୁ ବୋଲି ଚର୍ଚ୍ଚା ହେଉଛି । ଏ ନେଇ ଆରଟିଆଇ ଦାୟିତ୍ୱରେ ଥିବା ରାଜେଶ ରୋଶନ ଗୁଡିଆଙ୍କୁ ପଚରାଯିବାରୁ ସୂଚନା ଦେବା ପାଇଁ ଝାରମୁଣ୍ଡା ଇଓଙ୍କୁ କୁହାଯାଇଛି। ସେ ତଥ୍ୟ ପ୍ରଦାନରେ ବିଳମ୍ବ କରୁଥିବାରୁ ସୂଚନା ପ୍ରଦାନ କରାଯାଇ ପାରିନାହିଁ ବୋଲି କହିଛନ୍ତି।

# ରାଜ୍ୟସ୍ତରୀୟ ସୁବ୍ରତ ମୁଖାର୍ଜୀ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ

ବଣାଇଁ,୫।୮(ସ୍ୱ.ପ୍ର.)

ସ୍ଥାନୀୟ ରାଜାଧରଣୀଧର ବହୁମୁଖୀ ଖେଳ ପଡ଼ିଆ ସୋମବାର ଅପରାହ୍ନରେ ରାଜ୍ୟସ୍ତରୀୟ ସୁବ୍ରତ ମୁଖାର୍ଜୀ ଫୁଟବଲ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ସ୍କୁଲ ଏବଂ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ସୁନ୍ଦରଗଡ଼ ଶିକ୍ଷା ମଣ୍ଡଳ ପକ୍ଷରୁ ପ୍ରତିଯୋଗିତା ଆୟୋଜନ କରାଯାଇଛି।

ଉଦ୍‌ଘାଟନୀ ଉତ୍ସବରେ ରାଜା ଧରଣୀଧର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଜୟ କୁମାର ସଏ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବଣାଇଁ ରାଜା ବୀରକେଶରୀ ଇନ୍ଦ୍ର ଦେଓଦେବ ଯୋଗଦେଇ ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ। ପରେ ପ୍ରତିଯୋଗିତାରେ ଭାଗନେଇଥିବା ନୟାଗଡ଼, ଭଦ୍ରକ, କଳାହାଣ୍ଡି, କନ୍ଧମାଳ, ବାଲେଶ୍ୱର, ବଲାଙ୍ଗୀର ଏବଂ ସମ୍ବଲପୁର ଦଳକୁ ପଡ଼ିଆରେ ପହଞ୍ଚି ମାର୍ଚ୍ଚପାଷ୍ଟ ପ୍ରଦର୍ଶନ କରିଥିଲେ।

ସୁନ୍ଦରଗଡ଼ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ବିଦ୍ୟାଧର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୋଗୁଆ ଉଚ୍ଚବିଦ୍ୟାଳୟ ଶାରୀରିକ ଶିକ୍ଷକ ପ୍ରଫୁଲ କୁମାର ସାହୁ ସଂଯୋଜନା କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ରାଜ୍ୟ ସ୍କୁଲ ଓ ଗଣ ଶିକ୍ଷା ଶାରୀରିକ ଶିକ୍ଷା ବିଭାଗର ସହକାରୀ ନିର୍ଦ୍ଦେଶକ ଲକ୍ଷ୍ମୀପ୍ରିୟା ଦେଇ, ଜିଲା ସ୍କୁଲ ସମୂହ କ୍ରୀଡ଼ା ସଂସଦ ଉପସଭାପତି ଶୁଭେନ୍ଦ୍ର ନାଥ ମଲ୍ଲିକ, ବଣାଇଁ ତହସିଲଦାର ସମ୍ପଦ ଦଳେଇ, ବଣାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିନୟ ପ୍ରକାଶ ସଏ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହା ଦର୍ଶକଙ୍କ ମନମୋହିଥିଲା। ଶେଷରେ ଗୋଗୁଆ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଝସକେତନ ପ୍ରଧାନ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ଅବସରରେ ଆୟୋଜକ ସୁନ୍ଦରଗଡ଼ ଏବଂ ବଲାଙ୍ଗୀର ଦଳ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହୋଇଥିଲା।




ରାଜ୍ୟସ୍ତରୀୟ ସୁବ୍ରତ ମୁଖାର୍ଜୀ ଫୁଟବଲ ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।